# ମିଶ୍ରସ୍ୱାଦ



କାନନ ମିଶ୍ର

Digitized by srujanika@gmail.com

# ନିଷ୍ଠଶ୍ରାଦ୍ଧ

କାନନ ମିଶ୍ର

**ବିଦ୍ୟାଭାରତୀ**

ସିନେମା ବଜାର, ବାଲେଶ୍ୱର-୭୫୬୦୦୩

*Digitized by srujanika@gmail.com*

# ମିଶ୍ରସ୍ୱାଦ

(ଓଡ଼ିଆ କ୍ଷୁଦ୍ରଗଳ୍ପ ସଂକଳନ)


ଲେଖିକା :

**କାନନ ମିଶ୍ର**



ପ୍ରକାଶକ :

**ବିଦ୍ୟାଭାରତୀ**

ସିନେମା ବଜାର, ବାଲେଶ୍ୱର - ୭୫୬୦୦୩

ଫୋନ୍ - ୨୬୪୬୮୮

ମୁଦ୍ରଣ :

**ପୃଥ୍ୱୀ ପ୍ରିଣ୍ଟର**

ସିନେମା ବଜାର, ବାଲେଶ୍ୱର-୭୫୬୦୦୩

ପ୍ରଥମ ସଂସ୍କରଣ :

**ଜୁନ, ୨୦୦୩**

ମୂଲ୍ୟ :

**୮୦ଟଙ୍କା ମାତ୍ର**


# MISHRASWADA

(A Collection of Oriya Short Stories)


AUTHOR :

**Kanan Mishra**



PUBLISHED BY :

**BIDYA BHARATI**

Cinema Bazar, Baleshwar - 756003

Tele - 264688

PRINTED AT :

**PRITHVI PRINTER**

Cinema Bazar

Baleshwar - 756003

FIRST EDITION :

**June, 2003**

PRICE :

**Rs. 80/- Only**

**ISBN-81-87574-08-9**



*Digitized by srujanika@gmail.com*

# ଉତ୍ସର୍ଗ

ମୋର

ପୂର୍ବ ପୁରୁଷ

ଏବଂ

ଉତ୍ତର ପୁରୁଷ

ମାନଙ୍କ ହାତରେ...

Digitized by srujanika@gmail.com

# କିଛି ନିଜକଥା

ଏଇ ସଂକଳନରେ ସନ୍ନିବେଶିତ ପ୍ରାୟ ସମସ୍ତ ଲେଖା ବିଗତ ଦୁଇବର୍ଷ ଭିତରେ ବିଭିନ୍ନ ପତ୍ରପତ୍ରିକାରେ ସ୍ଥାନ ପାଇ ସାରିଛି । ମୋର ଅଗଣିତ ସ୍ନେହଶୀଳ ପାଠକ-ପାଠିକାମାନଙ୍କ ଦ୍ୱାରା ସଶ୍ରଦ୍ଧ ସ୍ୱୀକୃତ ହୋଇଛି ମଧ୍ୟ । ଅନେକ ପାଠକ ମତେ ଜଣାଇଛନ୍ତି, ଗପଗୁଡ଼ିକ ଭିତରେ କୁଆଡ଼େ ଉଭୟ କାହାଣୀ ଓ ଆତ୍ମକାହାଣୀର ମିଶ୍ରସ୍ୱାଦ ଅନୁଭବ କରିଛନ୍ତି ସେମାନେ । ବହିଟିର ନାମକରଣର ପରିକଳ୍ପନା ସେଇସବୁ ରସଗ୍ରାହୀ ପାଠକମାନଙ୍କର ପ୍ରତିକ୍ରିୟାରୁ ।

ବହିଟିର ଜନ୍ମଦିନର ଏଇ ଶୁଭ ଅବସରରେ ଏହାର ପ୍ରକାଶନର ଗୁରୁଦାୟିତ୍ୱ ବହନ କରିଥିବା ବିଦ୍ୟାଭାରତୀ ସଂସ୍ଥାକୁ ମୋର ଆନ୍ତରିକ ଧନ୍ୟବାଦ । ଧନ୍ୟବାଦ ମଧ୍ୟ ବିନୟଙ୍କୁ - ବାକି ସବୁ କିଛି ପାଇଁ ।

କାନନ ମିଶ୍ର

Digitized by srujanika@gmail.com

## : ସୂଚୀ :


| | | |
|---|---|---|
| ଗୋଟିଏ ସୁନ୍ଦର ମଣିଷ ପାଇଁ | | ୭ |
| ମାନସକନ୍ୟା | | ୧୫ |
| ମହାପୁରୁଷ | | ୨୨ |
| ପରମ୍ପରା | | ୩୧ |
| ଆତ୍ମସମ୍ମାନ | | ୩୮ |
| ଶିମ | | ୪୬ |
| ମୂଲ୍ୟବୋଧ | | ୫୨ |
| ପୁତ୍ର | | ୫୮ |
| ନିରାପତ୍ତା | | ୬୬ |
| ଦାରିଦ୍ର୍ୟ | | ୭୧ |
| ବୋଉର ଶାଢ଼ୀ | | ୭୯ |
| ବିଶ୍ୱାସ | | ୮୪ |
| ଜହ୍ନ | | ୯୧ |
| ଆମେରିକାନ୍ ପୁତ୍ରଟି ପାଇଁ | | ୯୫ |
| ପରଦେଶୀ ବନ୍ଧୁ ମୋର | : | ୧୦୪ |
| ପାର୍କ | | ୧୧୪ |
| ଦୁଇଟି କିଶୋରୀ କନ୍ୟା | : | ୧୨୩ |
| ଗୋଟିଏ ସାନ ପୃଥିବୀର କାହାଣୀ | : | ୧୨୯ |
| ଗୋଟିଏ ପୁଅ ଏବଂ ଗୋଟିଏ ଝିଅ ସମ୍ପର୍କରେ | | ୧୩୪ |
| ଶୈଶବ | | ୧୩୮ |
| ନନ୍ଦନକାନନ | : | ୧୪୫ |


□□□

Digitized by srujanika@gmail.com

# ଗୋଟିଏ ସୁନ୍ଦର ମଣିଷ ପାଇଁ

ଉଚ୍ଚତାରେ ଆଉ ମାତ୍ର ଦୁଇ, ତିନିଇଞ୍ଚ ସାନ ହେଇଥିଲେ, ମୂରଲୀରାମଙ୍କୁ ନିର୍ଦ୍ୱନ୍ଦରେ ଗୋଟିଏ ବାମନର ଆଖ୍ୟା ଦିଆ ଯାଇପାରିଥାନ୍ତା । ଗୋଡ ହାତ ଧନୁପରି ବଙ୍କା ବଙ୍କା । ଉଚ୍ଚ ହନୁହାଡ଼ ତଳେ କୋରଡିଆ ଗାଲ । ଅସ୍ଥିସର୍ବସ୍ୱ ଚେହେରା । ସାରା ଦେହ କୋରି ଆଣିଲେ ପଳେ ମାଂସ ବାହାରିବ କି ନାହିଁ ସନ୍ଦେହ । କୁରୂପ ଓ ହାସ୍ୟାସ୍ପଦ ଚେହେରାର ମଧ୍ୟବୟସ୍କ ମଣିଷଟିଏ ।

ଚାମେଲୀ ଥିଲା କିନ୍ତୁ ଏହାର ସଂପୂର୍ଣ୍ଣ ବିପରୀତ । ପୂରାପୂରି ହସ୍ତିନୀ ଜାତୀୟା ସ୍ତ୍ରୀ । ପୃଥୁଳାଙ୍ଗୀ । ଚର୍ବିଳ ଚକା ମୁହଁ ଏବଂ ସଶକ୍ତ ଶରୀର । ଗୋଟିଏ ବାହୁରେ ମୂର୍‌ଲୀରାମଙ୍କୁ ଶୂନ୍ୟରେ ଟେକି, ତଳେ କଚାଡି ଦେବାର ସାମର୍ଥ୍ୟ ଥିଲା ସେ ଶରୀରରେ । ଏ ଭଳି ଅସମଞ୍ଜସ ଚେହେରାର ପତିପତ୍ନୀ ଯୋଡିଏ ଖୁବ୍ କମ୍ ଦେଖିଛି ମୁଁ ଜୀବନରେ ।

ଶାରୀରିକ ଅକ୍ଷମତା ସତ୍ୱେ, ମୂର୍‌ଲୀରାମ୍‌ର ବ୍ୟକ୍ତିତ୍ୱ ଥିଲା କିନ୍ତୁ ଜୋର୍‌ଦାର । ଲୋକଟି ଥିଲା ସାକ୍ଷର ଏବଂ ଗ୍ରାମୀଣ ମଣିଷଙ୍କ ତୁଳନାରେ, କଥା କହୁଥିଲା ବେଶ୍ ମାର୍ଜିତ ଭାଷାରେ । କଥା ଅବଶ୍ୟ କହୁଥିଲା ବହୁତ କମ୍ । ମୁହଁରେ ସଦାସର୍ବଦା ଗାମ୍ଭୀର୍ଯ୍ୟର ମୁଖାଟିଏ ପିନ୍ଧା । ମୂର୍‌ଲୀରାମଙ୍କୁ କେବେ ଭୁଲ୍‌ରେ ଥରଟେ ବି ହସିବାର ଦେଖିଛି ବୋଲି ମନେପଡୁନି । ଲୋକଟି ଥିଲା କିନ୍ତୁ ସତ୍ୟବାଦୀ ଓ ସଚ୍ଚୋଟ୍ । ସତକଥାରେ ନିଡ଼ର୍ ହୋଇ ରୋକ୍‌ଠୋକ୍ କଥା କହିଲାବାଲା ଏବଂ ଏତାଦୃଶ ନ୍ୟାୟବନ୍ତ ମଣିଷଟି ପାଖରେ ମୁଖରା ଓ ବଳଶାଳିନୀ ଚାମେଲୀର ତେଜ ଅନେକ ସମୟରେ ନିଷ୍ପ୍ରଭ ପଡ଼ିଯାଉଥିଲା ।

ମୂର୍‌ଲୀରାମ୍ ଓ ଚାମେଲୀର ମାଣିକ ଯୋଡିଟି ମୁଁ ପ୍ରାପ୍ତ ହୋଇଥିଲି ଶ୍ରୀଯୁକ୍ତ ଭାଟିଆଙ୍କ ଦୟାରୁ । ଦିଲ୍ଲୀର କାକାନଗରରେ ରହୁଥିଲି । ପାଖ କ୍ୱାର୍ଟରଟି ଥିଲା ଶ୍ରୀଯୁକ୍ତ ରବି ଭାଟିଆଙ୍କର । ଶ୍ରୀ ଭାଟିଆ ଥିଲେ ଇଣ୍ଡିଆନ୍ ନେଭିର ବରିଷ୍ଠ ଅଧିକାରୀ । ଶ୍ରୀମତୀ ଭାଟିଆ କାମ କରୁଥିଲେ ଇନ୍‌କମଟାକ୍ସ ବିଭାଗରେ । ପତିପତ୍ନୀ ଦିହେଁ ଅଫିସ୍ ଯାଉଥିଲେ- ଦଶଟାରୁ ପାଞ୍ଚଟା । ସର୍ଭାଣ୍ଟସ୍ କ୍ୱାର୍ଟର୍‌ରେ ରହୁଥିବା ମୂରଲୀରାମ୍ ଓ ଚାମେଲୀ ଉପରେ ନ୍ୟସ୍ତ ଥିଲା ସେମାନଙ୍କର ଅନୁପସ୍ଥିତିରେ ସେମାନଙ୍କର ଘରକରଣା ସମ୍ଭାଳିବା । କାକାନଗରର ପ୍ରତ୍ୟେକ କ୍ୱାର୍ଟର ସହିତ ସର୍ଭାଣ୍ଟସ୍ କ୍ୱାର୍ଟରଟିଏ ସଂଯୁକ୍ତ ଥିଲା । କୌଣସି ଦରିଦ୍ର ପରିବାରକୁ



Digitized by srujanika@gmail.com

ମାଗଣାରେ ରହିବାକୁ ଦେଲେ, ସ୍ୱତଃପ୍ରବୃତ୍ତ ହୋଇ ଘର କାମରେ ସାହାଯ୍ୟ କରିଦେଉଥିଲେ ସେମାନେ ।

ମୂରଲୀରାମ୍‌ର ଅସୁବିଧା ଉପୁଜିଲା ଶ୍ରୀ ଭାଟିଆ ବଦଳି ହୋଇ ଜର୍ମାନୀ ଚାଲିଯିବା ପରେ । ଶ୍ରୀମତୀ ଭାଟିଆ ବି ଛୁଟି ନେଇ ଚାଲିଗଲେ ତାଙ୍କ ସହିତ । ମୂରଲୀରାମ୍ ହେଇଗଲା ବାସଗୃହହୀନ । ଆମ ସର୍ଭାଣ୍ଟସ୍ କ୍ୱାର୍ଟରଟି ଖାଲି ଥିବାରୁ ଆସି ଅନୁରୋଧ କଲା ସେଠି ରହିବା ପାଇଁ । ଲୋକ ଦୁଇଟିଙ୍କୁ ଆଗରୁ ଜାଣିଥିଲି । ରାଜି ହୋଇଗଲି ତତ୍‌କ୍ଷଣାତ୍ । ଏବଂ ମୂରଲୀରାମ୍ ଓ ଚାମେଲୀ ଆସି ଆସ୍ଥାନ ଜମେଇଲେ ମୋ ପାଖରେ- ଯୁବକପୁତ୍ର ରାଜକୁମାର ଓ କିଶୋରୀକନ୍ୟା ଗୁଡ୍‌ଡୁକୁ ସାଥିରେ ଧରି ।

ମୂରଲୀରାମ୍‌ର ଘର ଚଳୁଥିଲା ମୁଖ୍ୟତଃ ଚାମେଲୀର ଉପାର୍ଜନରେ । ଚାମେଲୀ ଥିଲା ବେଶ୍ କର୍ମଠ । ଘର ଘର ବୁଲି ଲୁଗାକାଚି ଓ ବାସନମାଜି ପଇସା ରୋଜଗାର କରୁଥିଲା । ପୁତ୍ର ରାଜକୁମାର କାମ କରୁଥିଲା ଗୋଟିଏ ସିମେଣ୍ଟ ଗୋଦାମରେ । କିଛି କିଛି ସାହାଯ୍ୟ କରୁଥିଲା । ମୂରଲୀରାମ୍ ଶରୀର ଦୃଷ୍ଟିରୁ ଥିଲା ଅପାରଗ ମଣିଷଟିଏ । ଚାକିରିଟିଏ ପାଇଁ ଏଠି ସେଠି ଘୂରି ବୁଲୁଥିଲେ ସୁଦ୍ଧା ଚାକିରିଟିଏ ମିଳୁନଥିଲା । ବାଦ ସାଧୁଥିଲା ହାସ୍ୟାସ୍ପଦ ଚେହେରା । ବହୁତ ଚେଷ୍ଟା ଚରିତ୍ର କରି ଶେଷ ପର୍ଯ୍ୟନ୍ତ ଚାମେଲୀ କାମଟିଏ ଯୋଗାଡ କରିଦେଲା ମୂରଲୀରାମ୍ ପାଇଁ । ଆମ କଲୋନୀକୁ ଲାଗିକରି ଥିଲା ସୁନ୍ଦର ନଗର କଲୋନୀ । ସେଇଠି ଜଣେ ବ୍ୟବସାୟୀଙ୍କ ଘରେ ଚାକିରି । କାମଟି ସହଜ । ଦିନଯାକ ଗେଟ ସାମ୍‌ନାରେ ଟୁଲ୍‌ଟିଏ ପକାଇ ବସିବା ଓ ଗାଡି ଆସିଲେ ଗେଟ୍ ଖୋଲିବା ଓ ବନ୍ଦ କରିବା । ଏଇ ସାଧାରଣ ଝଂଝାଳବିହୀନ କାମଟି ମଧ ତୁଲେଇ ପାରିଲାନି ମୂରଲୀରାମ୍ । ହେଲା ଦୁର୍ଘଟଣାଗ୍ରସ୍ତ । ଦୁର୍ଘଟଣାଟି ଘଟିଥିଲା ଏଇଭଳି ।

ପୌଷ ମାସ । ଦିଲ୍ଲୀର ପ୍ରଚଣ୍ଡ ଶୀତ । ଗେଟ୍ ପାଖରେ ଥିଲା ନିଘଞ୍ଚ କୃଷ୍ଣ ଚୂଡାଟିର ଛାଇ । ଖରାର ତାପ ନେବା ପାଇଁ ମୂରଲୀରାମ୍ ଯାଇ ବସିଥିଲା ରାସ୍ତାର ସେ ପଟେ ଥିବା ଖୋଲାଜମିରେ । କାର୍‌ଟିଏ ଦୂରରୁ ଆସୁଥିବାର ଦେଖି ଗେଟ୍ ଖୋଲିବା ପାଇଁ ବ୍ୟଗ୍ର ପାଦରେ ରାସ୍ତାପାର ହେଲା ବେଳକୁ କାର୍‌ସହିତ ଧକ୍‌କା । କାରଟି ଯାଉଥିଲା ସିଧା ସଳଖ ଅନ୍ୟଆଡେ । ବିବ୍ରତ କାରଚାଳକ ଇ ଗାଡିରେ ବୋହି ନେଇଗଲେ ଅଲ୍ ଇଣ୍ଡିଆ ଇନଷ୍ଟିଚ୍ୟୁଟ୍ । ଖବର ପାଇ ଚାମେଲୀ ଓ ରାଜକୁମାର ଦୌଡିଲେ ହସ୍‌ପିଟାଲ । ମୂରଲୀରାମ୍‌ର ବାମ ହସ୍ତର ହାଡ଼ଟି ଭାଙ୍ଗିଯାଇଥିଲା । ମୁଣ୍ଡଫାଟି ରକ୍ତକ୍ଷରଣ ହୋଇଥିଲା ପ୍ରଚୁର ।

ହସ୍‌ପିଟାଲ୍‌ରେ ପାଞ୍ଚଦିନ ରହି ମୂରଲୀରାମ୍ ଫେରିଆସିଲା ଘରକୁ । ହାତଟି ପ୍ଲାଷ୍ଟରରେ ବନ୍ଧା ହୋଇ ବେକରେ ଓହଳା । ମୁଣ୍ଡରେ ସିଲେଇ । ଚାମେଲୀକୁ ପଚାରିଲି-



Digitized by srujanika@gmail.com

ଏବେ କେମିତି ଅଛି ମୂରଲୀରାମ୍ ? ଆଉ କିଛି ଅସୁବିଧା ନାହିଁତ ?

- ନାଇଁ ମା଼ । ଆଉ କିଛି ଅସୁବିଧା ନାହିଁ । କୌଣସି ମତେ ବଞ୍ଚିଗଲେ ଏଥରକ । ଆଉ ବଞ୍ଚିଲେ ବି ଖାସ୍ ରାଜକୁମାର ପାଇଁ । ସେଇ ତ ରକ୍ତ ଦେଇ ବଞ୍ଚେଇଲା, ଦେଖନ୍ତୁ ତ ! ଅନ୍ୟବାପର ପୁଅ । ହେଲେ ତା଼ ରକ୍ତ ଠିକ୍ ମେଳ ଖାଇଲା ଯାଙ୍କ ରକ୍ତ ସହିତ ।

ଅନ୍ୟ ବାପର ପୁଅମାନେ ? କଥାଟି ଠିକ୍ ବୁଝି ନପାରି ଚାମେଲୀକୁ ପଚାରିଲି ଏବଂ ଚାମେଲୀ ଯେଉଁ କାହାଣୀଟି ଉପସ୍ଥାପନା କଲା, ସେଥିରେ ବେଶ୍ ଆଚମ୍ବିତ ହେଲି ।

ରାଜକୁମାର ହେଉଛି ଚାମେଲୀର ପ୍ରଥମ ସ୍ୱାମୀର ସନ୍ତାନ । ରାଜକୁମାର ଦୁଇମାସର ଶିଶୁ ଥିଲାବେଳେ ତା ପିତାଙ୍କର ମୃତ୍ୟୁହୁଏ- ସର୍ପାଘାତରେ । ଚାମେଲୀକୁ ସେତେବେଳେ ଷୋଳବର୍ଷ ବୟସ । ଦରିଦ୍ର ପିତା କୁଆଡେ ଦୁର୍ଦ୍ଦଶାଗ୍ରସ୍ତ ତରୁଣୀ କନ୍ୟାଟିର ପୁନର୍ବିବାହ ପାଇଁ ବହୁତ ଚେଷ୍ଟା କରିଥିଲେ ସେତେବେଳେ । ସ୍ୱଜାତିଗୋତ୍ରର ଅନେକ ଉପଯୁକ୍ତ ବରପାତ୍ର ପାଇଥିଲେ ମଧ୍ୟ । କିନ୍ତୁ ସଭିଏଁ ରାଜିଥିଲେ କେବଳ ଚାମେଲୀର ପାଣିଗ୍ରହଣ କରିବାକୁ, ଶିଶୁଟିର ଦାୟିତ୍ୱ ନେବାକୁ ଥିଲେ ନାରାଜ । ଶିଶୁପୁତ୍ର ସହିତ ଚାମେଲୀକୁ ଗ୍ରହଣ କରିବାକୁ କେବଳ ରାଜି ହୋଇଥିଲା ମୂର୍‌ଲୀରାମ୍ । ଚାମେଲୀର ପିତାଙ୍କୁ କଥା ଦେଇଥିଲା- ଶିଶୁଟିକୁ ସ୍ୱସନ୍ତାନର ସ୍ନେହ ଦେଇ ମଣିଷ କରିବ ସିଏ । ମୂର୍‌ଲୀରାମ୍ ସହିତ କଥା କହି ଫେରିଆସି ଚାମେଲୀର ବୃଦ୍ଧପିତା ସଜଳ ଆଖିରେ କନ୍ୟାର ମୁଣ୍ଡ ଆଉଁଷି କହିଥିଲେ- ବାହାର ଚେହେରାରେ ଯିବୁ ନେଇଁ ମା ! ତା଼ ଭିତରଟା ନିରେଖି ଦେଖିବୁ । ତେବେ ଯାଇ ବୁଝିବୁ ଯେ ପୃଥିବୀର ସୁନ୍ଦରତମ ମଣିଷଟି ହାତରେ ମୁଁ ସମର୍ପଣ କରୁଛି ତତେ ।

ଚାମେଲୀଠାରୁ ଏ ଉପାଖ୍ୟାନଟି ଶୁଣିବାପରେ ମୂର୍‌ଲୀରାମ୍ ପ୍ରତି ହୃଦୟ ମନକୁ ମନ ଶ୍ରଦ୍ଧାମୟ ହେଇଉଠିଲା । ନିଜେ ଇ ଦେଖୁଥିଲି । ଉଭୟ ଗୁଡ୍‌ଡୁ ଓ ରାଜକୁମାର ପ୍ରତି ମୂର୍‌ଲୀରାମ ଥିଲା ସମଭାବରେ ସ୍ନେହଶୀଳ ।

ଯାହାହେଉ, ଦୁର୍ଘଟଣାର ପ୍ରାୟ ମାସକ ପରେ ଅନେକଟା ସୁସ୍ଥ ହୋଇ ଉଠିଲା ମୂର୍‌ଲୀରାମ ଏବଂ ଏଥରକ ଚାକିରି ନକରି ବ୍ୟବସାୟ ଆଡେ ମନ ବଳେଇଲା । ପାଇକାରି ଦରରେ ପାଖ ବଜାରରୁ ଯାଇ କିଣି ଆଣୁଥିଲା ବିଭିନ୍ନ ପ୍ରକାରର ଲଜେନ୍ସ, ଲଲିପପ୍, ରାଶିଲଡୁ, ବାଦାମପଟି ଓ ମୁଡ଼କି । କିଣା ମୂଲ୍ୟ ଉପରେ ସାମାନ୍ୟ ଲାଭ ରଖି ପିଲାମାନଙ୍କୁ ଗୋଟିଗୋଟି କରି ବିକୁଥିଲା ସେ ସବୁ ଜିନିଷ ପାର୍କରେ ।

ଆମ ଘର ସାମ୍‌ନାରେ ଥିଲା କଲୋନୀର ପାର୍କଟି । ପାର୍କର ଗୋଟିଏ କଡରେ ମଦର ଡାଇରୀର ବୁଥ । ଚାରିଟାବେଳେ ଦଳଦଳ ହୋଇ କ୍ଷୀର ଆଣିବାକୁ ଯାଉଥିଲେ



Digitized by srujanika@gmail.com

ଲୋକମାନେ । ଆଉ ସେମାନଙ୍କ ହାତଧରି ପାର୍କରେ ଖେଳିବା ପାଇଁ ଇଚ୍ଛୁକ ସାନସାନ ପିଲାସବୁ । ପାର୍କରେ ବେଶ୍ ଭିଡ ଜମୁଥିଲା କୁନି ଛୁଆଙ୍କର । ପ୍ରତ୍ୟେହ ଅପରାହ୍ନରେ ପୁଅର ପୁରୁଣା, ଅପର୍ଯ୍ୟାପ୍ତ ଦୈର୍ଘ୍ୟ ବିଶିଷ୍ଟ ଜାମାଟି ଦେହରେ ଗଳାଇ ଓ ମସ୍ତକରେ ଗୁମ୍ଫିତ ବିରାଟକାୟ ଠେକା ଉପରେ ମିଠେଇ ଝୁଡିଟି ସଜାଡି, ବଙ୍କାଗୋଡରେ ବତକ ପରି ଖୋଜ ପକାଇ ପକାଇ କ୍ଷିପ୍ର ପଦପାତରେ ପାର୍କଆଡେ ପଳାଉଥିଲା ମୂର୍‌ଲୀରାମ । କାଳକ୍ରମେ ବେଶ ଦୁଇପଇସା ରୋଜଗାର ହେବାକୁ ଲାଗିଲା । ସଂସାରଟି ଚାଲିଲା ସୁରୁଖୁରୁରେ ଏବଂ ଠିକ୍ ଏତିକି ବେଳକୁ ପୁତ୍ର ରାଜକୁମାର ପଡିଲା ପ୍ରେମରେ ।

ଖବରଟି ପାଇଥିଲି ଚାମେଲୀଠାରୁ । ପାଖ କଲୋନୀ ସୁନ୍ଦରନଗରରେ କୁଆଡେ ରହୁଥିଲା ପିତୃମାତୃହୀନା କିଶୋରୀ ଝିଅଟିଏ । ତା ଭାଇଭାଉଜଙ୍କ ପାଖରେ । ମିର୍ଜାପୁରର ଲୋକ, ମୂରଲୀରାମ୍‌ର ପାଖ ଗାଁ ର ବାସିନ୍ଦା । ଝିଅଟିର ଭାଇଭାଉଜ ଇ ରାଜକୁମାରକୁ ସାଗ୍ରହରେ ଡାକିନେଇଥିଲେ ଘରକୁ । ସୁଯୋଗ ଦେଇଥିଲେ ଭଉଣୀ ଗୀତା ସହିତ ମିଳାମିଶା କରିବାର । ସ୍ୱାଭାବିକ୍ ଭାବରେ ଯୁବକ ରାଜକୁମାର ମନରେ ରଂଗ ଧରିବାକୁ ଆରମ୍ଭ କରିଥିଲା । ଚାମେଲୀ କହିଲା, ରାଜକୁମାର ଝିଅଟିକୁ ପସନ୍ଦ କରିଛି ଜାଣିପାରି ଏବେ ଆସି ଅତି ଶୀଘ୍ର ବାହାଘର କରି ଦେବାପାଇଁ ଏକ ପ୍ରକାର ଜୋରଜବରଦସ୍ତି କରୁଛନ୍ତି ଗୀତାର ଭାଇଭାଉଜ । ପାଖ ମନ୍ଦିରର ପୁରୋହିତଙ୍କୁ କହି ବାହାଘରର ସବୁ ଯୋଗାଡ କରି ରଖିଛନ୍ତି ମଧ୍ୟ । ସପ୍ତାହକ ଭିତରେ ବାହାଘର ନକଲେ କୁଆଡେ ବର୍ଷକଯାଏ ଆଉ ଶୁଭ ମୁହୂର୍ତ୍ତ ନାହିଁ । ରାଜକୁମାର ବି ଅଡିବସିଛି ସେଇଠି ବାହା ହେବ ବୋଲି ।

ଏତେ କଥା ହୋଇଗଲାଣି ଯାଁ ରି ଭିତରେ ? ମୋତେ କାହିଁ କେବେ କିଛି କହିନୁ ତ, ମୁଁ ଚାମେଲୀକୁ କହିଲି । ବେଶୀଦିନ ହୋଇନି ମା । ରାଜକୁମାର କହୁଛି ଏଇ ମାସେ ହେଲା ସେଠିକି ଯା ଆସ କରୁଛି । ଅସଲକଥା ହେଲା ଭାଇଭାଉଜ ତ ! କୌଣସିମତେ କାହାବେକରେ ଭଉଣୀକୁ ବାନ୍ଧିଦେଲେ ତାଙ୍କର ଛୁଟି । ଚାମେଲୀ କହିଲା ।

ମୂର୍‌ଲୀରାମ କଣ କହୁଛି ? ମୁଁ ପଚାରିଲି ।

କଣ ଆଉ କହିବେ ? କହୁଛନ୍ତି ନିଜ ଜାତିର ଲୋକ । ପୁଅକୁ ତ ଦିନେନା ଦିନେ ବାହା କରାଇବାକୁ ହେବ । ଏଇଠି ଯଦି ତା ମନ ମାନିଛି ଏଇଠି ନହେଲେ କରିଦେବା । ତା ଖୁସିରେ ଆମ ଖୁସି । ଆମେ ବି ଗରୀବ ଲୋକ । ମନ୍ଦିରରେ ଅଳ୍ପ ଖର୍ଚ୍ଚରେ ବାହାଘର ହେବ, ଆମକୁ ସୁବିଧା । ଚାମେଲୀ ରୁଟି ବନାଉ ବନାଉ ଉତ୍ତର ଦେଲା ।

ଏବଂ ସତକୁ ସତ ତା' ପର ସପ୍ତାହରେ ମନ୍ଦିରରେ ପୁଅକୁ ବାହା କରେଇ ଘରକୁ ବୋହୂ ନେଇ ଆସିଲେ ଚାମେଲୀ ଓ ମୂର୍‌ଲୀରାମ । ବେକରେ ଫୁଲମାଳ ପିନ୍ଧି ଓ କପାଳରେ ସିନ୍ଦୂରଟୀକା ମାରି ଆମଘର ସାମ୍‌ନାରେ ଟାକ୍ସିରୁ ଓହ୍ଲାଇଲେ ରାଜକୁମାର ଓ ଗୀତା ।



Digitized by srujanika@gmail.com

ନୂଆବୋହୂଟି ଟାକ୍ସିରୁ ଓହ୍ଲାଇ ଓଳଗି ହେଲା ମତେ । ଓଢ଼ଣାଟେକି ମୁହଁ ଦେଖିଲି । ଶ୍ୟାମଳୀ, ଭୀରୁ, ଗ୍ରାମ୍ୟ କିଶୋରୀଟିଏ । ମଥାରେ ମୋତିଲଗା ଟିକ୍‌ଲି । ହାତରେ ଗୋଛାଏ ହବ ଲାଲଚୁଡୀ, ଆଖିର ବହଳ କଜଳଗାର ମୁହଁରେ ଲେସି ହେଇଯାଇଛି ଲୁହ ଧାରରେ ।

ଆଉ ପରଦିନଠାରୁ ଚାମେଲୀଘରେ ଛୁଟିବାକୁ ଲାଗିଲା ଉଲ୍ଲାସର ପ୍ଲାବନ । ନୂଆବୋହୂଟି ତା ପାଉଁଜିର ନିକ୍ୱଣରେ ସାରା ଘରକୁ ମୁଖରିତ କରି ତାର ପାରଙ୍ଗମ ହାତରେ ଘରପାଇଟି କରି ଲାଗିଲା । ଚାମେଲୀ ଶାଶୁପଣିଆ ଜାହିର୍‌କରି ଓ ତୋଳା ମିଟ୍‌ମିଟ୍‌କରି ବୋହୂକୁ ସଞ୍ଜଣା ଶିଖେଇବାକୁ ଲାଗିଲା । ରାଜକୁମାର ଖଟରେ ବସି ଓଢ଼ଣାତଳୁ ଜଦବା କେମିତି ଦିଶି ଯାଉଥିବା କାର୍ଯ୍ୟରତା ପତ୍ନୀର ପୂରନ୍ତ ଗାଲକୁ ଲୋଭାତୁର ଆଖିରେ ଅନାଇଁ ରହିଲା ଏବଂ ମୂରଲୀରାମ୍ ପୁଅବୋହୂଙ୍କୁ ଘର ବଖରାଟି ଛାଡିଦେଇ ଅଧିକାଂଶ ସମୟରେ ଅଗଣାର ପିଜୁଳିଗଛ ତଳେ ବସି ନୀଳାକାଶକୁ କିମ୍ବା ଦୂରଦିଗ୍‌ବଳୟର ବନବୀଥିକୁ ଆଶ୍ୱସ୍ତ ଆଖିରେ ଚାହିଁ ରହିଲା । ସଂସାର ଚାଲିଥିଲା ରୁଣୁଝୁଣୁ ତାନରେ, ଠିକ୍ ଛନ୍ଦରେ ଏବଂ ଏତିକିବେଳେ ଘଟିଲା ଛନ୍ଦପତନ ।

ଦିନେ ସନ୍ଧ୍ୟାବେଳେ ନିହାତି ଅସ୍ତବ୍ୟସ୍ତ ଭାବରେ ଚାମେଲୀ ମୋ ପାଖକୁ ଆସି ଉତ୍ତେଜନାର ସହ କହିବାକୁ ଆରମ୍ଭ କଲା - ମା, ମୋ କଥା ସରିଗଲା । ମୋ ମୁଣ୍ଡ ଆଉ ମୋଟେ କାମକରୁନି, ମତେ ଏବେ ବାଟ ବତାଅ ମୁଁ କଅଣ କରିବି ।

- କଅଣ ହେଲା ? ମୂର୍‌ଲୀରାମର କିଛି ହେଲା କି ? ମୁଁ ପଚାରିଲି ।

- ନାଇଁ, ତାଙ୍କର କିଛି ହେଇନି । ତାଙ୍କ ଦିଁ ଭାଇ କଅଣ ମାଡଗୋଳ ଲାଗି ମୁଣ୍ଡ ଫଟାଫଟି ହେଇଛନ୍ତି ଯେ ଚିଠି ପାଇ ସିଏ ମିର୍‌ଜାପୁର ଯାଇଛନ୍ତି ଆଜି ସକାଳେ ।

- ଆଉ ତା ହେଲେ ?

- ମାଆ, ମୁଁ ଯାହା କହିବି ତାହା ଯେ ତମେ ବିଶ୍ୱାସ ଇ କରିବନି ।

- କଅଣ ହେଇଚି ଆଗ କହତ ? ନକହିଲେ ଜାଣିବି କେମିତି ? ମୁଁ ଚାମେଲୀକୁ ଉତ୍ତର ଦେଲି ଏବଂ ତା ପରେ ସତକୁ ସତ ଚାମେଲୀଠାରୁ ଯେଉଁ କାହାଣୀଟି ଶୁଣିଲି ତାହା ଥିଲା ଏକାନ୍ତ ଭାବରେ ଅବିଶ୍ୱସନୀୟ ।

ସେଦିନ ସନ୍ଧ୍ୟାରେ କୁଆଡେ ଗୀତାର ଭାଇଭାଉଜ ଚାମେଲୀ ପାଖକୁ ଆସିଥିଲେ । ଚାମେଲୀର ହାତଗୋଡ ଧରି ସେମାନେ କରିଥିବା ଏକ ଜଘନ୍ୟ ଅପରାଧ ସ୍ୱୀକାର କରିଯାଇଛନ୍ତି ସ୍ୱତଃସ୍ଫୂର୍ତ୍ତଭାବେ । ଗୀତା କୁଆଡେ ଏବେ ଗର୍ଭବତୀ । ଚାମେଲୀ ନିଜେ ଏହା ଆବିଷ୍କାର କରିବା ପୂର୍ବରୁ ସେମାନେ ଆସି କଥାଟି ଜଣାଇ ଦେବା ଶ୍ରେୟସ୍କର ମଣିଛନ୍ତି । ଏକଥା ମଧ୍ୟ ସ୍ୱୀକାର କରିଛନ୍ତି ଯେ ପ୍ରିୟ ବୋକୀ ଭଉଣୀଟିର ଇଜ୍ଜତ ସୁରକ୍ଷିତ



Digitized by srujanika@gmail.com

ରଖିବା ପାଇଁ ତାକୁ ଶୀଘ୍ର ବାହା କରିଦେବା ବ୍ୟତୀତ ଅନ୍ୟ କୌଣସି ସଙ୍ଗତ ଉପାୟ ତାକୁ ଦିଶି ନଥିଲା । ସେମାନେ ଦୋଷୀ, ଯାହା ଦଣ୍ଡ ଦେଲେ ନେବାକୁ ପ୍ରସ୍ତୁତ । କିନ୍ତୁ ଗୀତାକୁ ଯେମିତି ଚାମେଲୀ ଓ ମୂରଲୀରାମ ନିଜ ପାଦତଳେ ଠାଇଁ ଦିଅନ୍ତି । ବୋହୂ ନହେଲେ ବି ପୋଇଲି ହେଇ ରହିବ ସିଏ ସାରା ଜୀବନ ।

କାହାଣୀଟି ଶୁଣିସାରି ଚାମେଲୀକୁ ପଚାରିଲି- ରାଜକୁମାର କଅଣ କହୁଛି ?

- କଅଣ ଆଉ କହିବ ? ଚୁପ୍ ହେଇ ବସିଛି । ଗୀତା କାନ୍ଦୁଛି ତା ପାଖରେ ବସି । ବୋଧହୁଏ ଦ୍ୱିଧାରେ ପଡିଯାଇଛି ରାଜକୁମାର । ଠିକ୍ କରି ଜାଣିପାରୁନି କଅଣ କରିବ । ହେଲେ ରାଜକୁମାର ଯାହା କହୁପଛେ, କାଲି ସକାଳୁ ତାକୁ ବିଦା କରୁଛି ମୁଁ ଏ ଘରୁ । ପୁଅ ମୋର ଆଉଥରେ ବାହାହବ । ଚାମେଲୀ ଉତ୍ୟକ୍ତ ଗଳାରେ ଜାହିର୍ କରିଗଲା ମୋ ସାମ୍‌ନାରେ ।

ଏବଂ ସତକୁ ସତ ତା' ପରଦିନ ଚାମେଲୀ ଘରେ ଗୀତାର ଅନୁପସ୍ଥିତି ଲକ୍ଷ୍ୟ କଲି । ଦୁଇଦିନ ପରେ ମୂରଲୀରାମ ଗାଁରୁ ଫେରିଆସିଲା । ଚାମେଲୀଠାରୁ ଘଟଣାବଳୀର ପୁଙ୍ଖାନୁପୁଙ୍ଖ ବିବରଣୀ ଶୁଣି ଯାଇଥିଲା ଗୀତାର ଭାଇଭାଉଜଙ୍କ ଘରକୁ ବୋହୂର ଖବର କରି । ଫେରିଆସି ଜଣାଇଲା ଗୀତା ସେମାନଙ୍କ ଘରୁ ମଧ୍ୟ ବିତାଡିତା । ଭାଇଭାଉଜ ସ୍ପଷ୍ଟଭାଷାରେ ତାକୁ ଜଣାଇ ଦେଇଛନ୍ତି ଯେ ତାର କିମ୍ବା ତା ସନ୍ତାନର ଦାୟିତ୍ୱ ସେମାନଙ୍କ ପକ୍ଷରେ ନେବା ଅସମ୍ଭବ । ଅନନ୍ୟୋପାୟ ହୋଇ ଗୀତା ଶେଷପର୍ଯ୍ୟନ୍ତ ଗାଁକୁ ଚାଲିଯାଇଛି, ଏକାଏକା ।

ଦିନ ଗଡି ଚାଲିଲା । ଚାମେଲୀ ଓ ମୂରଲୀରାମର ଜୀବନକାହାଣୀରେ ଗୀତା ଅଧ୍ୟାୟଟିର ସମାପନ ହୋଇଯାଇଛି ବୋଲି ମୁଁ ଧରିନେଲି । କିନ୍ତୁ ଦିଲ୍ଲୀରେ ଗୀତାର ପୁନର୍ବାର ଅଭ୍ୟୁଦୟ ଘଟିଲା କେଇ ମାସପରେ ।

ଶୀତଋତୁର ସକାଳ । ଚାମେଲୀ ଓ ରାଜକୁମାର ଯାଇଛନ୍ତି କାମକୁ । ବାରିପଟ ଅଗଣାରେ ପିଜୁଳିଗଛ ମୂଳେ ସଡପ ପକାଇ ଖରାଆଡକୁ ଗୋଡ ବଢ଼େଇ ଚୁପ୍‌ଚାପ୍ ଶୋଇଛି ମୂରଲୀରାମ୍ । ଆସନ୍ନପ୍ରସବା, ଅବଗୁଣ୍ଠନବତୀ ଗୀତା ଗୋଟିଏ ରିକ୍ସାରୁ ଓହ୍ଲାଇଲା ଆମ ଗେଟ୍ ସାମ୍‌ନାରେ ଏବଂ ସିଧା ଚାମେଲୀର ଘରଭିତରେ ପଶି ଗିନାରେ ଗିନେ ସୋରିଷ ତେଲ ଆଣି ଶ୍ୱଶୁରପାଦରେ ମାଲିସ୍ କରିବାକୁ ଲାଗିଲା । ମୂରଲୀରାମ୍ ଥରଟିଏ ମୁଣ୍ଡଟେକି ବୋହୂକୁ ଚାହିଁଲା ମାତ୍ର ଏବଂ ତାପରେ ଆଖିବନ୍ଦ କରି ନିର୍ବିକାର ମୁଖଭଙ୍ଗୀ କରି ପୁନର୍ବାର ନିଦ୍ରାଗଲା ଏବଂ ଚାମେଲୀ ଫେରିଆସିଲା ପରେ ତା' ଘରେ ହେବାକୁ ଯାଉଥିବା ଖଣ୍ଡ ପ୍ରଳୟକୁ କଳ୍ପନା କରି ମୁଁ ବେଶ୍ ଆତଙ୍କିତ ହେଲି ।



Digitized by srujanika@gmail.com

ଖଣ୍ଡପ୍ରଳୟ ଆରମ୍ଭ ବି ହୋଇଗଲା ଚାମେଲୀ ଚାରିଟାବେଳେ କାମରୁ ଲେଉଟିବା ପରେ । ଚାମେଲୀ ଓ ମୂରଲୀରାମ୍ ମଧ୍ୟରେ ହେଉଥିବା ବାଦାନୁବାଦର ତୀବ୍ରତରଙ୍ଗ ତୁହାକୁତୁହା ଚହଟି ଆସି ବାଜିଲା ମୋ କର୍ଣ୍ଣ କୁହରରେ । ଚାମେଲୀର କଳହର ସ୍ୱର, ଷଡଜଠାରୁ ଆରମ୍ଭ ହୋଇଥିଲେ ସୁଦ୍ଧା ତ୍ୱରାନ୍ୱିତ ଗତିରେ ଯାଇ ନିଷାଦଠାରେ ପହଞ୍ଚ ଯାଇଥିଲା ଏବଂ ପାଖପଡିଶା ଘରମାନଙ୍କୁ ତାର ଅଶାଳୀନ ଝଙ୍କାରରେ ଅନୁରଣିତ କରିବାକୁ ଲାଗିଲା । ଅଗତ୍ୟା ତାକୁ ଚୁପ୍ କରାଇବାପାଇଁ ବାଧ ହୋଇ ମୁଁ ତା ଘରଆଡେ ମୁହାଁଇଲି ।

ମୂର୍‌ଲୀରାମ ଓ ରାଜକୁମାର ଦିହେଁ ଖଟ ଉପରେ ବସିଥିଲେ । ମୂର୍‌ଲୀରାମ ପାଦ ପାଖରେ ଲମ୍ବ ଓଢ଼ଣା ଟାଣି ନିଶ୍ଚଳଭଙ୍ଗୀରେ କାନ୍ଥକୁ ଆଉଜି ବସିରହିଥିଲା ଗୀତା । ଆଉ ଘରର ଦ୍ୱାରମୁହଁ ପାଖରେ ଅହଂକାରୀ ସୁଦୃଢ଼ ଖମ୍ବ ସଦୃଶ ଦର୍ପିତ ଭଙ୍ଗୀରେ ବିରାଜମାନ ହୋଇ କ୍ରନ୍ଦନଶୀଳା ଚାମେଲୀ ମୂରଲୀରାମ ସହିତ ତାର ସ୍ୱରରେ କଳି କରୁଥିଲା ।

ମତେ ଦେଖି ଚାମେଲୀ କାନ୍ଦ ବନ୍ଦ କରି କହିଲା- ମାଆ, ଆପଣ ଇ ବୁଝାନ୍ତୁ । ଆଜି ଗୀତାକୁ ଦେଖିଦେଇ ପୂରାପୂରି ବଦଳି ଯାଇଛନ୍ତି ଇଏ । କହୁଛନ୍ତି ସିଏ ଏଇଠି ରହିବ, ଏଇଟା ଇ ତା' ଘର ।

ଚାମେଲୀର କଥାକୁ ମଝିରେ କାଟି ମୂର୍‌ଲୀରାମ କହିଲା- ଆପଣଇ କହନ୍ତୁ ମାଆ, ଏ ଅବସ୍ଥାରେ ସିଏ ଯିବ କୁଆଡେ ? ଭାଇଭାଉଜଙ୍କ ସହିତ ସଂପର୍କ ନାହିଁ । ଗାଁରେ ଏଇ କେଇମାସ କେଉଁ କୁଟୁମ୍ବ ଘରେ ଥିଲା ଯେ ସେମାନେ ବିଦା କରି ଦେବାରୁ ହଇରାଣ ହୋଇ ଟ୍ରେନ ଚଢ଼ି ଏକାଏକା ଦିଲ୍ଲୀ ପଳେଇ ଆସିଛି । ଏବେ ମୁଁ ତାକୁ ଘରୁ ବାହାର କରିଦେଲେ କେଉଁଠି ରାସ୍ତାଘାଟରେ ପଡି ଉଭୟ ମା ଓ ଛୁଆଙ୍କର ପ୍ରାଣ ଯିବ ସିନା ।

- ତା' ବୋଲି ସେ ପାପୀ ସ୍ତ୍ରୀଲୋକଟାକୁ ମୁଁ ଘରେ ପୂରେଇବି ? ଚାମେଲୀ ରକ୍ତଚକ୍ଷୁ ଦେଖାଇ କହିଲା । ମୂରଲୀରାମ୍ କହିଲା- ତା ପାପର ଫଳ ସିଏ ପାଉଛି ଓ ପାଇବ । ଜୀବନଭର୍ ସଂସାରରେ ନିଜ କୃତକର୍ମର ଫଳ ତ ଭୋଗ କରିବାକୁ ଇ ହେବ ତାକୁ । ନିଜକୁ ନିଜେ ଘୃଣା କରି ବଞ୍ଚିରହିବ ସିଏ । ଆଉ ପୃଥିବୀରେ ପ୍ରତିଟି ଦଣ୍ଡ, ପଳ, ମୁହୂର୍ତ୍ତରେ ଟିକିଏ ଟିକିଏ କରି ମରିବାକୁ ଲାଗିବ । ଏବେ ତ ସିଏ ଏକରକମ ଅର୍ଦ୍ଧମୃତ । ସାଧାରଣ ମଣିଷଟିଏ ପରି ବଞ୍ଚିବାର ସାହାସ ଓ ଦମ୍ଭ ଯେ ସବୁଦିନ ପାଇଁ ଭାଙ୍ଗି ଯାଇଛି ତା' ର ।

-ତମ କଥା ମାଆ ବୁଝୁଥିଲେ- ବୁଝୁଥିବେ, ମୁଁ କିଛି ବୁଝିପାରୁନି । ଚାମେଲୀ କହିଲା ।

-ଠିକ୍ ଅଛି, ତୁ ବୁଝିଲାପରି କଥାଇ କହୁଛି । ମାନିଲି ସିଏ ମହାପାପୀ । କିନ୍ତୁ ତାକୁ ଘରୁ ତଡିଦେଇ, ତା' ର ଓ ଗୋଟିଏ ଅବୋଧ ଶିଶୁର ହତ୍ୟାକାରୀ ହେବାର ପାପ ମୁଁ ନିଜ ଉପରକୁ ଟାଣି ନେବି କାହିଁକି ?



Digitized by srujanika@gmail.com

- ଯାବୋଲି ଅନ୍ୟ କାହାର ଛୁଆର ଦାୟିତ୍ୱ ମୋ ପୁଅ ଉପରେ ଲଦି ଦବ ସିଏ ? ଚାମେଲୀ ଯୁକ୍ତି କାଢ଼ିଲା ।

ଚାମେଲୀ କଥା ଶୁଣି କିଛି ସମୟ ନୀରବରେ ବସି ରହିଲା ମୂରଲୀରାମ । ତା' ପରେ ସିଧାସଳଖ ଚାମେଲୀ ମୁହଁକୁ ଚାହିଁ କହିଲା- ଆଜିଠୁ ଚବିଶ୍‌ବର୍ଷ ଆଗେ, ଅନ୍ୟଜଣକର ଛୁଆକୁ ନିଜର ସନ୍ତାନ ରୂପରେ ମୁଁ ଆପଣେଇ ନେଇଥିଲି । ପୁତ୍ରର ସ୍ନେହ ଦେଇ ତାକୁ ମଣିଷ କଲି ମଧ । ମୁଁ ଅକ୍ଷମ, ଅପାରଗ ମଣିଷଟିଏ ହେଇ ଯାହା କରିପାରିଲି; ମୋର ସକ୍ଷମ, ସମର୍ଥ ପୁତ୍ରଟି ତାହା କରିପାରିବନି ?

ଆଶ୍ଚର୍ଯ୍ୟ ହେଇ ଦେଖିଲି, ମୂରଲୀରାମ୍‌ର ଏଇ କଥା ଶୁଣି ସାପ ଫଣାନତ କଲାପରି ଅଚାନକ ସଂକୁଚିତ ହେଇଗଲା ଚାମେଲୀ । ମୂରଲୀରାମ୍ ପୁଣି କହିଲା- କିଏ ଆପଣାର ଆଉ କିଏ ପର ମୁଁ ଆଜିଯାଏ ସଠିକ୍ ଜାଣିପାରିଲିନି । ଏଇତ ଦେଖିଆସିଲି ଗାଁରେ । ସାମାନ୍ୟ ଦି' ବଖରା ଘରପାଇଁ ଦୁଇଭାଇ ମୁଣ୍ଡ ଫଟାଫଟି ହେଉଛନ୍ତି । ରକ୍ତ ବୁହାଇ ଲାଗିଛନ୍ତି ପରସ୍ପର ଦେହରୁ । ଅଥଚ ଯାହାକୁ ମୁଁ ରକ୍ତ ମାଂସ ଦେଇ ଗଢ଼ିନି, ସେଇ ପୁତ୍ର ମୋର ତା ନିଜ ରକ୍ତ ମୋ ଦେହରେ ଢ଼ାଳି, ମତେ ବଞ୍ଚେଇ ଫେରେଇ ଆଣିଲା ହସ୍‌ପିଟାଲ୍‌ରୁ । କିଏ ଜାଣେ, ଆଗନ୍ତୁକ ଏଇ ସନ୍ତାନଟି ହୁଏତ ଭବିଷ୍ୟତରେ କେବେ ଦିନେ ଅନ୍ଧର ଲଉଡି ହେଇ ବାଟ କଢ଼େଇବ ମୋ ପୁଅକୁ, କିଏ ଜାଣେ ?

କଥା ଶେଷଆଡକୁ ମୂରଲୀରାମର ଗଳା ସାମାନ୍ୟ ଭାରି ହେଇ ଆସିଲା ଏବଂ ଅଚାନକ୍ ଆମ ସମସ୍ତଙ୍କୁ ବିସ୍ମିତ କରି, ରାଜକୁମାର ତା ବସିବା ସ୍ଥାନରୁ ଉଠିଆସି ମୂରଲୀରାମର ଶୀର୍ଣ୍ଣ ହାଡୁଆ ଛାତିରେ ମୁଣ୍ଡ ଗୁଞ୍ଜି ବାବା ବାବା କହି କାନ୍ଦିବାକୁ ଲାଗିଲା- ବେଶ୍ ଅଧୈର୍ଯ୍ୟ ଭାବରେ । ଦୁଇଟି ବକ୍ର, ଶିରାଳ ହାତରେ ତାକୁ ବେଷ୍ଟନ କରି ମୂରଲୀରାମ କହିଲା- କାନ୍ଦୁଛୁ କାହିଁକି ବେଟା ? କାନ୍ଦିବୁ କେବଳ ସେଇଦିନ ଯେଉଁଦିନ ମୁଁ ମରିଯିବି ଓ ତୁ ଅନାଥ ହେଇଯିବୁ । ମୁଁ ଯେ ଅଛି ଏବେ ତୋ ପାଖରେ । କାନ୍ଦନା, ସବୁ ଠିକ୍ ହୋଇଯିବ ।

ମୁଗ୍ଧ ଆଖିରେ ଦୃଶ୍ୟଟି ଉପଭୋଗ କରିବାକୁ ଲାଗିଲି । ବାତ୍ସଲ୍ୟରସରେ ଜୁଡୁବୁଡୁ ହେଇଥିବା ମୂରଲୀରାମର ମୁହଁଟି ଦିଶୁଥିଲା ଭାରି କୋମଳ, ଭାରି କମନୀୟ ।

ମନେପଡିଲା, ଚାମେଲୀର ବାପା ତାକୁ କହିଥିଲେ, ପୃଥିବୀର ସବୁଠୁ ସୁନ୍ଦର ମଣିଷଟି ହାତରେ ତାକୁ ସମର୍ପଣ କରୁଛନ୍ତି ବୋଲି ।

(ଅକ୍ଟୋବର, ୨୦୦୧)

❑❑❑



Digitized by srujanika@gmail.com

# ମାନସକନ୍ୟା

ମାନସଠାରୁ ମୁଁ ପ୍ରଥମ ଚିଠିଟି ପାଇଥିଲି ଏକ ଦୈନିକ ସମ୍ବାଦପତ୍ରର ସାହିତ୍ୟ ପୃଷ୍ଠାରେ ମୋର 'ପ୍ରେମ' ଶୀର୍ଷକ କବିତାଟି ପ୍ରକାଶ ପାଇଲା ପରେ । କବିତା ତଳେ ମୋ ଠିକଣାଟି ଛପା ହେଇଥିଲା । ତାକୁଇ ଦେଖି ଚିଠି ଲେଖିଥିଲା ମାନସ । ଦୀର୍ଘ ତିନିପୃଷ୍ଠାର ଚିଠି- ଧବ୍‌ଧବ୍ ସାଦା କାଗଜରେ ଲେଖା । ସେ ସାଦା କାଗଜତକ ତା ମନର ଗୋଲାପି ଆଭାରେ ରଂଗ ଧରିନେଇଥିଲା ଅବଶ୍ୟ ।

ମୋ' ରଚିତ କବିତାଟି ଥିଲା ପ୍ରେମ କବିତାଟିଏ ଏବଂ ମାନସ ସେ କବିତାଟି ପଢ଼ି ଧରିନେଇଥିଲା ଯେ ମୁଁ ତାଜା ତାଜା ପ୍ରେମର ସ୍ୱାଦ ଚାଖୁଥିବା କୁରଙ୍ଗୀନୟନା, ସ୍ୱପ୍ନବିଳାସୀ କିଶୋରୀଟିଏ । ଜଣେ ପ୍ରାପ୍ତବୟସ୍କା ଓ ଜେଜେମା' ହେଇସାରିଥିବା ମହିଳା ଯେ ପ୍ରେମ କବିତା ଲେଖିପାରନ୍ତି, ହୁଏତ ତାର ଧାରଣାର ବାହାରେ ଥିଲା । ହୁଏତ କଢ଼ରୁ ଫୁଲ ହୋଇ ସଦ୍ୟ ଆଖି ମେଲୁଥିବା ଗୋଟିଏ ଉତ୍ସୁକ ଓ ପ୍ରାଣୋଚ୍ଛଳ ଝିଅର ହୃଦୟର ସ୍ପନ୍ଦନ କେଉଁଠି କେମିତି ସେ କବିତା ଭିତରେ ଛପି ରହିଯାଇଥିଲା । ଏବଂ ସେ କବିତାଟି ପଢ଼ି ଆଦ୍ୟ ଯୌବନର ମହକରେ ମହକୁଥିବା ମାନସ ମୋ ବୟସ ସଂପର୍କରେ ଏକ ଭ୍ରାନ୍ତ ଧାରଣା କରି ବସିଥିଲା ।

ନୂଆ ନୂଆ କଲମ ଧରୁଥିଲି ସେତେବେଳେ । ସାରା ଜୀବନ କଟିଥିଲା ଓଡିଶା ବାହାରେ । ବିନୟଙ୍କର ଚାକିରିରୁ ଅବସର ଗ୍ରହଣ କଲାପରେ ଇ ଓଡିଶା ଫେରିଥିଲି । ନିଜମାଟିରେ ଥିଲି ଅପରିଚିତା, ଅଜଣା । ମୋର ପରିଚିତି ସଂପର୍କରେ ସ୍ୱଭାବତଃ ମୋର ପାଠକବର୍ଗଙ୍କର ଧାରଣା ଥିଲା ତିମିରାଚ୍ଛନ୍ନ । ସମ୍ଭବତଃ, ମାନସ ଥିଲା ଉକ୍ତ ପାଠକ ଗୋଷ୍ଠୀ ମଧ୍ୟରୁ ଜଣେ ।

ମାନସ ଲେଖିଥିଲା- କବିତାଟି ତାକୁ ଭାରି ଭଲ ଲାଗିଛି । ପ୍ରେମକୁ ମୁଁ ଅବାଟରେ ଫୁଟିଥିବା ଏକ ଖୁଶ୍‌ବୁଦାର୍ ଫୁଲ ବୋଲି ବର୍ଣ୍ଣନା କରିଥିଲି ଯାହାକୁ କି ତୋଳି ଆଣି ଗାଲରେ ଲଗାଇବାକୁ ମନ କରି ଦୌଡିଗଲା ବେଳକୁ, ବାଟସାରା ମିଳିଥାଏ ଖାଲି ଥାକ ଥାକ ନାଗଫେଣୀ କଣ୍ଟା । ମାନସ ଉତ୍ତରରେ ଲେଖିଥିଲା- ସିଏ କି ପ୍ରେମ, ଯାହାପାଇଁ ପାଦରେ କଣ୍ଟା ନବାଜିଲା, ରୁଧିର ନବହିଲା ବା ରଚନା ନହେଲା ?



Digitized by srujanika@gmail.com

ଏବଂ ସବୁଠୁ ଆଶ୍ଚର୍ଯ୍ୟ କଥା- ମାନସ ଲେଖିଥିଲା, କବିତାଟି ପଢ଼ି କେଜାଣି କାହିଁକି ତାର ଏକ ଅହେତୁକ ମୋହ ଆସିଯାଇଛି ମୋ ପ୍ରତି । ଚିଠିଟି ତାର ସେଇ ଅହେତୁକ ଭଲପାଇବାର ପରିଣାମ । ଲେଖିଥିଲା ସିଏ ଟେଲିପାଥିରେ ବିଶ୍ୱାସ କରେ ଏବଂ ଆଶାକରେ ଯେ ତା ଚିଠିଟି ପାଇସାରିଲା ପରେ ମୁଁ ମଧ୍ୟ ସମଭାବରେ ତା' ପ୍ରତି ଆକର୍ଷିତ ହେବି । ଏଭଳି କବିତାଟିଏ ଲେଖିଥିବା ଝିଅଟିର ମନ ଯେ ଅତ୍ୟନ୍ତ ସ୍ପର୍ଶକାତର ଏବଂ ସମ୍ବେଦନଶୀଳ ହୋଇଥିବ, ସେ ସଂପର୍କରେ ସିଏ ଥିଲା ନିଶ୍ଚିତ । ନିଜ ପରିବାରର ଟିକିନିଖି ବିବରଣୀ ଲେଖିଥିଲା ଚିଠିରେ । ପିତା ବ୍ୟବସାୟୀ । ବାଣୀବିହାରରୁ ଏମ୍.ଏ.ପାଶ୍ କରି ସିଏ ବର୍ତ୍ତମାନ ରାଉରକେଲାରେ ଗୋଟିଏ ବହିଦୋକାନ କରିଛି । ଯାହା ଆମଦାନୀ ହୁଏ, ତା'ର ସୁରୁଖୁରୁରେ ଗୁଜୁରାଣ ହୋଇଯାଏ ସେଥିରେ । ଅନୁରୋଧ କରିଥିଲା ମୋ ନିଜ ସଂପର୍କରେ ତାକୁ ଜଣାଇବା ପାଇଁ- ଜଣାଇବାପାଇଁ କେଉଁ ସ୍କୁଲ ବା କଲେଜରେ ମୁଁ ପାଠ ପଢ଼େ । ଚିଠି ଶେଷରେ ଚମତ୍କାର ମୁକ୍ତା ପରି ଅକ୍ଷରରେ ଠିକଣା ସହ ଦସ୍ତଖତ୍ କରିଥିଲା- ମାନସ ଦାସ ।

ଚିଠିଟି ଥିଲା ବେଶ୍ ଆବେଗପ୍ରବଣ ଏବଂ ମୋ' ପ୍ରତି ମାନସର ଉତ୍କଣ୍ଠାକୁ ଜାହିର୍ କରୁଥିଲା ଅତ୍ୟନ୍ତ ସ୍ୱଚ୍ଛ ଭାବରେ । ମନେହେଲା, କିଶୋରୀ ବୟସରେ ଏଭଳି ଚିଠିଟିଏ ପାଇଥିଲେ ହୁଏତ ଅବିମିଶ୍ର ପୁଲକରେ ପୁଲକିତ ହୋଇଥାଆନ୍ତି । ହୁଏତ ଆକାଶର ତାରା ଗଣି ଗଣି ବିତେଇଥାଆନ୍ତି କେତୋଟି ଅତନ୍ଦ୍ର ଶର୍ବରୀ । ଏ ବୟସରେ କିନ୍ତୁ ଚିଠିଟି ପଢ଼ି ହସ ଲାଗିଲା- କଥାସବୁ ଲାଗିଲା ପିଲାଳିଆ ।

ଚିଠିଟି, ଅସ୍ପଷ୍ଟ ହୋଇ ଆସିଥିବା ମୋ ତାରୁଣ୍ୟର କେତୋଟି ସ୍ୱର୍ଣ୍ଣାଭ ଦିନ ସ୍ୱତଃସ୍ଫୂର୍ତ୍ତ ଭାବରେ ମୋତେ ମନେ ପକାଇ ଦେଲା ମଧ୍ୟ । ସେଇ ସବୁ ଦିନ, ଯେବେ କେହିଜଣେ ଅଜଣା କବିଙ୍କ ଦ୍ୱାରା ଲିଖିତ କୌଣସି ଏକ ପଂକ୍ତି ଏକରକମ ବାତୁଳପ୍ରାୟ କରିଦେଉଥିଲା ମତେ । ବାତୁଳପ୍ରାୟ କରିଦେଉଥିଲା ଶରତ୍ ଆକାଶରେ ପାଖାପାଖି ପକ୍ଷ ମେଲି ନିବିଡ ଭଙ୍ଗୀରେ ଉଡିଯାଉଥିବା ବିହଙ୍ଗମର ଯୋଡିଟିଏ କିମ୍ବା ଶ୍ରେଣୀରେ ଦୁଇଥର ମୋ' ଆଡେ ଚୋରା ଚାହାଣୀ ନିକ୍ଷେପ କରୁଥିବା ସେଇ ଲାଜକୁଳା କିଶୋରଟିର ନୀଳଡୋଳା । ଏବେ ଚେଷ୍ଟା କଲେବି ସେ ମାନସିକ ସ୍ଥିତି ଆଉ ଆସେନି । ସଂସାରର ତୀବ୍ର କଷାଘାତରେ, ମନ ତାର ନମନୀୟତା ହରାଇବସିଛି- ହୋଇ ଯାଇଛି ସଂପୂର୍ଣ୍ଣ ରୂପେ ବାସ୍ତବବାଦୀ ଓ ହିସାବୀ । ବେହିସାବୀ ହୋଇ ଭଲପାଇବା ଉଜାଡି ଦେବା କଥା ସ୍ୱପ୍ନରେ ବି ଭାବିହୁଏନି ଆଜିକାଲି ।

ପଛରେ ଛାଡି ଆସିଥିବା ସ୍ୱଜୀବନର ଅନୁଭୂତିରୁ , ମାନସର ଚଂଚଳ ମନର ଯଥାଯଥ କାରଣ ଠାବ କରି ପାରିଥିଲେ ସୁଦ୍ଧା, ତାର ଭ୍ରାନ୍ତ ଧାରଣାର ଅବସାନ ପାଇଁ, ନିଜର ପ୍ରକୃତ ପରିଚୟ ଦେଇ ତାକୁ ଚିଠିଟିଏ ଲେଖିବା ପାଇଁ ସ୍ଥିର କଲି । ଚିଠିଟି ଲେଖିଲି ମଧ୍ୟ ।



Digitized by srujanika@gmail.com

କିନ୍ତୁ ଚିରିଦେଲି ଶେଷପର୍ଯ୍ୟନ୍ତ । ହଠାତ୍ ମନେହେଲା, ମାନସ ଚିଠିଟି ସ୍ୱାମୀପୁତ୍ର ନେଇ ଘରସଂସାର କରୁଥିବା ଜଣେ ପ୍ରାପ୍ତବୟସ୍କା ମହିଳାଙ୍କୁ ଲେଖିନି । ଲେଖିଛି କବିତା ପଢ଼ି ତା' ମନରେ ସିଏ ନିଜେ ଆଙ୍କିଥିବା ଏକ ମାନମୟୀ କିଶୋରୀ କନ୍ୟାକୁ- ଏକ ମାୟାବିନୀ ପ୍ରେମିକାକୁ । ସେଇ ପ୍ରେମିକାକୁ, ଯିଏ କି ଏ କଠୋର ପୃଥିବୀରୁ ଓଟାରି, ତା ହାତଧରି ଉଡ଼େଇ ନେଇ ତାକୁ ଦେଖାଇ ଦେଉଛି ଏକ ସ୍ୱପ୍ନର ଝିଲି ମିଲି ଦୁନିଆ । ଦେଖୁଥାଉ ନା ମାନସ ସେ ସ୍ୱପ୍ନର ଦୁନିଆ ? କଅଣ ବା ଯାଏ ଆସେ ମୋର ସେଥିରେ ? ତାର ଭ୍ରାନ୍ତ ଧାରଣା ଭାଙ୍ଗିବାକୁ ମୁଁ ତ ଚୁକ୍ତିବଦ୍ଧ ନୁହେଁ ।

ଭାବିଥିଲି, ମୋ ନୀରବତା ହୁଏତ ମାନସକୁ ଆଉ ଚିଠି ଲେଖିବାକୁ ପ୍ରବର୍ତ୍ତାଇବନି । କିନ୍ତୁ ପ୍ରାୟ ଦୁଇମାସ ପରେ ଦ୍ୱିତୀୟ ଚିଠିଟି ପାଇଲି ତା ଠାରୁ । ମୋ ଠାରୁ କୌଣସି ପତ୍ର ନପାଇ ବ୍ୟଥିତ ହେଇଥିଲା । ମୁଁ ଉତ୍ତର ଦେଇ ନଥିବାର କାରଣଟି ନିଜେ ନିଜେ ବିଶ୍ଳେଷଣ କରିଦେଇଥିଲା ଅବଶ୍ୟ । ଲେଖିଥିଲା- ଗୋଟିଏ ସାଧାରଣ ଓଡିଆ ଝିଅପକ୍ଷରେ , ଜଣେ ଅପରିଚିତ ଯୁବକକୁ ଚିଠି ଲେଖିବାରେ ଯେଉଁ ଶଙ୍କା ଓ ସଂକୋଚ, ତାହା ବୋଧହୁଏ ମୋର ଚିଠିଦେବାରେ ପ୍ରତିବନ୍ଧକ ହେଇଛି । ଯା' ଭିତରେ, ମୋର ପ୍ରକାଶ ପାଇଥିବା ଆଉ କେତୋଟି କବିତା ତାକୁ ମୁଗ୍ଧ କରିଛି ବୋଲି ଜଣାଇଥିଲା ମଧ୍ୟ । ଅନେକ ଅବାନ୍ତର କଥା ଭିତରେ ଚିଠିର ଶେଷ ଆଡ଼କୁ ଜଣାଇଥିଲା ଯେ ରାଜଧାନୀ ପୁସ୍ତକମେଳାରେ ଯୋଗଦେବା ପାଇଁ ସିଏ ନିକଟ ଭବିଷ୍ୟତରେ ଭୁବନେଶ୍ୱର ଆସୁଛି ଏବଂ ଆଗାମୀ ରବିବାର ସନ୍ଧ୍ୟା ସାତଟାରେ ମୁଁ ତା' ସହିତ ଯେମିତି ଯାଇ ମାଉସୀ ମା' ମନ୍ଦିର ବେଢ଼ାରେ ଦେଖାକରେ । ମତେ ଭେଟିବାକୁ ସେ ଉତ୍ସୁକ ଏବଂ ମୋ ସହିତ ସାମାନ୍ୟ କେଇପଦ ନିର୍ଦ୍ଦୋଷ ବାର୍ତ୍ତାଳାପ କରିବାର ତାର ଏଇ ଅଦମ୍ୟ ଆଗ୍ରହରେ ମୁଁ ଯେମିତି କୌଣସି ଅବଗୁଣ ଆବିଷ୍କାର ନକରେ । ଲେଖିଥିଲା ବିବେକାନନ୍ଦ ମାର୍ଗକୁ ମାଉସୀ ମା' ମନ୍ଦିରଟି ନିକଟ ହୋଇଥିବାରୁ ସିଏ ସେଇଠାରେ ହିଁ ମୋ ପାଇଁ ଅପେକ୍ଷା କରିବ । ପିନ୍ଧିଥିବ ଗାଢ଼ ନୀଳ ରଂଗର ଫୁଲ ସାର୍ଟ । ହାତରେ ସାନ ଭି.ଆଇ.ପି. ଆଟାଚିଟିଏ ଥିବ । ତେଣୁ ମୁଁ ତା' କୁ ଚିହ୍ନଟ କରିବାରେ କୌଣସି ଅସୁବିଧା ହେବନି ।

ବୁଝିପାରିଲି- ଭୁବନେଶ୍ୱରରେ ବିଦ୍ୟାର୍ଥୀ ଜୀବନ ବିତାଇଥିବା ହେତୁ, ମାନସ ଏଠାକାର ରାସ୍ତାଘାଟ ସହିତ ସୁପରିଚିତ । ତା ଚିଠିଟି ବାରମ୍ବାର ପଢ଼ିଲି ଏବଂ ତା ପାଇଁ ବିବ୍ରତ ହେଲି ମଧ୍ୟ । ମୁହୂର୍ତ୍ତକ ପାଇଁ ମନେହେଲା ଆହା ! ମୁଁ ମାନସର କଳ୍ପନାପ୍ରସୂତ କିଶୋରୀ କନ୍ୟାଟିରେ ରୂପାୟିତ ହୋଇଯାଆନ୍ତିକି ! ପିଲାଟିକୁ ତା ହେଲେ ବିଷଣ୍ଣ ଚିତ୍ତରେ ମନ୍ଦିରରୁ ଫେରିବାକୁ ପଡ଼ନ୍ତାନି ଅନ୍ତତଃ ।

ନିର୍ଦ୍ଦିଷ୍ଟ ରବିବାର ଦିନ ମୋର ଜଣେ ବାନ୍ଧବୀଙ୍କର ବହିଟିଏ ଉନ୍ମୋଚନ ହେବାର ଥିଲା । ତେଣୁ ତାଙ୍କର ଅନୁରୋଧକ୍ରମେ ବହିମେଳା ଯାଇଥିଲି । ଫେରୁ ଫେରୁ ରାତି



Digitized by srujanika@gmail.com

ଆଠ । ଚାଲି ଚାଲି ଆସିଲାବେଳେ ସାଉସୀମା ମନ୍ଦିର ସାମ୍ନାରେ ଆପେ ଆପେ ପାଦ ଅଟକିଗଲା । ମନ୍ଦିର ବେଢ଼ାକୁ ଯିବାର ଲୋଭ ସମ୍ବରଣ କରିପାରିଲିନି । ନିଛକ୍ କୌତୂହଳ ବଶତଃ ।

ଶୀତରାତି । ମନ୍ଦିର ସମ୍ମୁଖସ୍ଥ ଛାୟାଘନ ଉପବନଟି ଅନେକାଂଶରେ ନିର୍ଜନ । ଉଜ୍ଜ୍ୱଳ ବିଜୁଳିବତୀ ଆଲୋକରେ ଉଦ୍‌ଭାସିତ ମନ୍ଦିରର ପଥର ବେଦୀ ଉପରେ କେତେଜଣ ବୃଦ୍ଧବ୍ୟକ୍ତି ଓ ମହିଳା ବସି ଗପ କରୁଥିଲେ । ଆଉ କେଇଜଣ ମୁଦ୍ରିତ ଚକ୍ଷୁରେ ଧ୍ୟାନମଗ୍ନ । ସବାଉପର ପାହାଚର ଗାଢ଼ନୀଳ ଫୁଲ ସାର୍ଟ ପିନ୍ଧା ଚବିଶ ପଚିଶ ବର୍ଷର ଯୁବକଟିଏ । ଶ୍ୟାମଳ ଓ ସୁଶ୍ରୀ । ପାଖରେ ସାନ ଆଟାଚିଟିଏ । ଯୁବକଟି ଚୁପ୍‌ଚାପ୍ ବସି ମନ୍ଦିରର ପ୍ରବେଶଦ୍ୱାର ଆଡକୁ ଅନାଇଁ ରହିଥିଲା । ବୁଝିପାରିଲି, ଏଇ ନିଶ୍ଚୟ ମାନସ । ମୁଁ ଯାଇ ତା' ଠାରୁ ସାମାନ୍ୟ ଦୂରରେ ପଥର ଚଟାଣ ଉପରେ ବସିଲି ।

ମୋ ହାତରେ ଥିଲା ବହିମେଳାରୁ କିଣା ଶ୍ରୀ ସୁନୀଲ ଗଙ୍ଗୋପାଧ୍ୟାୟଙ୍କ ସଂପାଦିତ ' ଦୁଇ ବାଙ୍ଗଲାର ଭାଲୋବାସାର କବିତା ' ବହିଟି । ଯୁବକଟି ଦୁଇ ତିନିଥର ସେ ବହିଟିର ପ୍ରଚ୍ଛଦପଟ ଆଡେ ନଜର ପକାଇ ପାଖକୁ ଆସି ଇଂରାଜୀରେ ମତେ ପଚାରିଲା- ଆପଣ କ'ଣ ବଙ୍ଗାଳୀ ?

ବୁଝିପାରିଲି- ଅନେକ ସମୟ ଧରି ଅପେକ୍ଷାରତ ଥାଇ ପିଲାଟି ବେଶ୍ କ୍ଳାନ୍ତ ହୋଇ ପଡ଼ିଛି । କାହାସାଥିରେ ଆଳାପ କରି ସମୟ କଟାଇବାକୁ ଇଚ୍ଛୁକ ବୋଧହୁଏ । ମୁଁ କହିଲି -ନା, ମୁଁ ଓଡିଆ, କିନ୍ତୁ ବଙ୍ଗଳା ପଢ଼େ । ଏ ବହିଟି ଏବେ କିଣିକି ଆଣିଲି ।

ପିଲାଟି ମୃଦୁହସି ଓଡିଆରେ କହିଲା- କିଛି ଖରାପ ଭାବିବେନି । ଆପଣଙ୍କ ହାତରେ ବଙ୍ଗଳା ବହିଟିଏ ଦେଖିଲିତ ! ସେଥିପାଇଁ ପଚାରିଦେଲି । ମୁଁ ନିଜେ କିନ୍ତୁ ବଙ୍ଗାଳୀ । ମୋ ନାଁ ମାନସ ଦାସ୍ ।

ଦାସ୍ ବଙ୍ଗାଳୀ ଅଛନ୍ତି କି ?

ବାଃ ! ଆପଣ ଯେ ବଙ୍ଗଳା କବିତା ପଢ଼ନ୍ତି ! ଜୀବନାନନ୍ଦ ଦାସ୍‌ଙ୍କ ନାଁ ଶୁଣିନାହାନ୍ତି ?

ମୁଁ କହିଲି- ବନଲତା ସେନ୍‌ର ସୃଷ୍ଟିକର୍ତ୍ତାଙ୍କ ନାଁ ପୁଣି କେଉଁ କବିତାପ୍ରେମୀ ଶୁଣିନଥିବ ? କିନ୍ତୁ ତୁମେ ଯେ ଚମତ୍କାର ଓଡ଼ିଆ କହୁଛ । ବଙ୍ଗାଳୀ ବୋଲି ବୁଝା ଇ ପଡୁନ ।

-ଆପଣ ମତେ ଓଡ଼ିଆ ବୋଲି ଭାବିପାରନ୍ତି । ତିନିପୁରୁଷ ଧରି ଓଡିଶାରେ ବାସ । ଆମେ ଏକରକମ୍ ଓଡ଼ିଆ ଇ ହେଇଗଲୁଣି । ପିଲାଟି ମୋ ପାଖରେ ବସିଲା ଓ ମୋ ଠାରୁ ବହିଟି ମାଗି ତାର ପୃଷ୍ଠା ଓଲଟାଇବାକୁ ଲାଗିଲା । ପଚାରିଲା- ଆପଣ ବହୁତ କବିତା ପଢ଼ିବାକୁ ଭଲପାଆନ୍ତି, ନା ? ଓଡ଼ିଆ କବିତା ପଢ଼ନ୍ତି ? ଆଜିକାଲି କାନନ ମିଶ୍ର ବୋଲି



Digitized by srujanika@gmail.com

ଝିଅଟିଏ କବିତା ଲେଖୁଛି- ନୂଆ ନୂଆ । ବେଶ୍ ଭଲ ଲେଖୁଛି । ପଢ଼ିଛନ୍ତି ତା ଲେଖା ?

କାନନ ମିଶ୍ର ? କାଇଁ ନାଁଟି ଶୁଣିଲା ପରି ଲାଗୁନିତ ? ମୁଁ ଜବାବ ଦେଲି ।

ମାଡାମ, ଆପଣ ନିଶ୍ଚୟ ଏଇ ପାଖରେ କେଉଁଠି ରହୁଛନ୍ତି । ପିଲାଟି ମତେ ପଚାରିଲା ।

ଠିକ୍ ଧରିଚ । ମୋ ଘର ଏଇ ଇଲାକାରେ । ସେଥିପାଇଁ ତ ପାଖରେ ଥିବା ଏଇ ମନ୍ଦିରକୁ ଅନେକ ସମୟରେ ପଳାଇ ଆସେ । ଏଠି କିଛି ସମୟ ନୀରବରେ ବସିରହିଲେ ଭାରି ଶାନ୍ତି ମିଳେ ମନକୁ ।

କିନ୍ତୁ ଆପଣ କହିଲେନିତ ଆପଣ କେଉଁଠି ରହୁଛନ୍ତି ? ପିଲାଟି ପୁନର୍ବାର ପଚାରିଲା ।

ମୋ ଘର ବିବେକାନନ୍ଦ ମାର୍ଗରେ ।

ବିବେକାନନ୍ଦ ମାର୍ଗରେ ? କାନନ ମିଶ୍ରଙ୍କ ଘର ବି ତ ସେଇଠି । ଆପଣ କେବେ ତାଙ୍କୁ ଭେଟି ନାହାଁନ୍ତି କେମିତି ?

ମୁଁ କହିଲି, ବିବେକାନନ୍ଦ ମାର୍ଗରେ ଅଜସ୍ର ଘର । ସଭିଙ୍କୁ ଜାଣିବା କେବେ ସମ୍ଭବ ନୁହେଁ । ତା ଛଡା ମୁଁ ସାରା ଜୀବନ ଓଡିଶା ବାହାରେ ଥିଲି । ସ୍ୱାମୀଙ୍କ ରିଟାୟାରମେଣ୍ଟ ପରେ ଇ ଓଡିଶା ଆସିଛି । ଅଳ୍ପ କେଇ ମାସ ହେଲା । ବିଶେଷ କାହାରି ସହିତ ପରିଚୟ ହେଇଉଠିନି ଏପର୍ଯ୍ୟନ୍ତ ।

ଆପଣ କବିତା ପଢ଼ିବାକୁ ଏତେ ଭଲ ପାଆନ୍ତି । ନିଜେ ଲେଖାଲେଖି କରନ୍ତି କି ?

ଆଦୌ ନୁହେଁ । ମୁଁ ସାଧାରଣ ଓଡ଼ିଆ ଗୃହବଧୂଟିଏ ମାତ୍ର । ସ୍ୱାମୀ ଓ ସନ୍ତାନଙ୍କର ପରିଚର୍ଯ୍ୟା କରି ଜୀବନ ବିତିଛି । ମୁଁ ଉତ୍ତର ଦେଲି ।

ରାତି କ୍ରମଶଃ ବଢୁଥିଲା । ମାନସ ଟୁକ୍‌ଟାକ୍ ଗପ କରୁଥିଲା ମୋ ସହିତ । ରାଉରକେଲା କଥା, ତା ବହିଦୋକାନ କଥା, ତାର କବିତାପ୍ରୀତି କଥା ଏବଂ ବିଶେଷ କରି କାନନ ମିଶ୍ରଙ୍କ କବିତା କଥା ଏବଂ କଥା କହୁ କହୁ ମୁହଁ ବୁଲାଇ ବାରମ୍ବାର ମନ୍ଦିରର ପ୍ରବେଶଦ୍ୱାର ଆଡ଼େ ଅଧୈର୍ଯ୍ୟ ଦୃଷ୍ଟି ନିକ୍ଷେପ କରୁଥିଲା ।

ମୁଁ କହିଲି- ତୁମେ ଏତେ ଅସ୍ଥିର ଜଣାପଡୁଛ ଯେ ! ବାରମ୍ବାର ଗେଟ୍ ଆଡ଼େ ଚାହିଁ ଲାଗିଛ ? କାହାକୁ ଅପେକ୍ଷା କରିଛ କି ?

ମାନସ ସାମାନ୍ୟ ଲାଜକୁଳା ହସ ହସି କହିଲା- ଆରେ ! ଆପଣଙ୍କର ତ ଆଶ୍ଚର୍ଯ୍ୟ ନିରୀକ୍ଷଣ ଶକ୍ତି । ପ୍ରକୃତରେ ମୋର ଜଣେ ବନ୍ଧୁଙ୍କୁ ମୁଁ ଚିଠି ଲେଖିଥିଲି ଆଜି ସାତଟାରେ



Digitized by srujanika@gmail.com

ଏଇଠି ଆସି ମୋ ସହିତ ଦେଖା କରିବାପାଇଁ । ସାଢ଼େ ଆଠଟା ବାଜିବାକୁ ବସିଲା । ଏ ଯାଏ ଆସିଲେନି ।

ମୁଁ କହିଲି- ହୁଏତ କିଛି ଅସୁବିଧା ଥିବ ।

ବିଷଣ୍ଣ ସ୍ୱରରେ ମାନସ କହିଲା- ହୁଏତ ।

ମନ୍ଦିର ଚଟାଣରେ ବସିଥିବା ଭଦ୍ରବ୍ୟକ୍ତିମାନେ ଜଣ ଜଣ ହୋଇ ଗୃହାଭିମୁଖୀ ହେବାକୁ ଆରମ୍ଭ କରିଥିଲେ । ମୁଁ ମଧ୍ୟ ଘରକୁ ଫେରିବାକୁ ଉଦ୍ୟତ ହେଲି । ମତେ ଉଠି ଠିଆହେବାର ଦେଖି ମାନସ ପଚାରିଲା-ଆପଣ କଣ ଯିବାକୁ ବାହାରିଲେଣି ?

ମୁଁ କହିଲି- ହଁ, ଅନେକ ରାତି ହେଲାଣି । ଘରେ ମୋ ସ୍ୱାମୀ ଏକା । ରାତିର ରନ୍ଧାବଢ଼ା ବି ଅଛି । ଆଉ ବସି ରହିଲେ କାମ ଚଳିବନି ।

ମାନସ ମୋ ସହିତ ଉଠି ଠିଆ ହେଲା । କହିଲା- ଆପଣଙ୍କ ସାଥିରେ କଥା କହି ଭାରି ଖୁସି ଲାଗିଲା । ଏକା ଏକା ବସି ଏକପ୍ରକାର ଅବସାଦ ଘୋଟି ଆସିଥିଲା ଦେହରେ ଓ ମନରେ । ଭାଗ୍ୟକୁ ଆପଣ ମିଳିଗଲେ ।

- ତମେ କଅଣ ଆଉ କିଛି ସମୟ ବସିବ ଏଠି ? ମୁଁ ପଚାରିଲି

- ବିଷଣ୍ଣ ସ୍ୱରରେ ମାନସ କହିଲା- ଦେଖେ । କାଳେ ମୋ ବନ୍ଧୁଜଣକ ଆସି ପହଞ୍ଚିଯିବେ ଅଚାନକ୍, ଆଉ ଅଧ ଘଣ୍ଟାଏ ପର୍ଯ୍ୟନ୍ତ ଅପେକ୍ଷା କରିବି ନିଶ୍ଚୟ ।

ଆମେ ଦୁହେଁ ଚାଲି ଚାଲି ଗେଟ୍ ଆଡ଼କୁ ଆସିଲୁ । ଗେଟ୍ ପାଖରେ ମୋ ସାମ୍ନାରେ କୁଣ୍ଠିତ ଭଙ୍ଗୀରେ ଠିଆ ହୋଇ ସାମାନ୍ୟ ଦ୍ୱିଧାମିଶ୍ରିତ ଗଳାରେ ମାନସ କହିଲା- ମାଡାମ୍ । ଆପଣଙ୍କୁ ଗୋଟିଏ କଥା କହିବି । କିଛି ମନେ କରିବେନିତ ?

- ଆରେ ନା ନା, କିଛି ମନେ କରିବିନି । ତୁମେ ସଙ୍କୋଚ ବୋଧ କରିବା ମୋଟେ ଦରକାର ନାହିଁ । ଯାହା କହିବାର କୁହ ।

ମାନସ କହିଲା- ମାଡାମ୍ ! ଆପଣତ ବିବେକାନନ୍ଦ ମାର୍ଗରେ ରହୁଛନ୍ତି । ଯଦି କେବେ କାନନ ମିଶ୍ରଙ୍କ ସହିତ ଦେଖାହୁଏ, ତେବେ ତାଙ୍କୁ ଦୟାକରି କହିଦେବେ ଯେ ତାଙ୍କ କବିତା ପଢ଼ିବାକୁ ମୁଁ ବହୁତ ଭଲପାଏ । ମୁଁ କହିଲି- ନିଶ୍ଚୟ କହିବି । ତେବେ ଏଇ କଥାଟି କହିବାପାଇଁ ତୁମେ ଏତେ କୁଣ୍ଠାବୋଧ କରୁଥିଲ କାହିଁକି ? ମୁଁ ତ ଭାବୁଛି ତାଙ୍କ କବିତାର ଏଭଳି ଜଣେ ବିଦଗ୍ଧପାଠକ ଅଛନ୍ତି ଜାଣିଲେ କାନନ ମିଶ୍ର ବରଂ ଖୁସି ହେବେ ।

ମାନସ ପୁନର୍ବାର ଅଳି କଲା ଭଙ୍ଗୀରେ କହିଲା- ସତରେ କହିବେ ତ ? କେଜାଣି, ଭୁଲିଯିବେ ଅବା !



Digitized by srujanika@gmail.com

ମୁଁ କହିଲି- ଆଦୌ ଭୁଲିବିନି । ତୁମେ ନିଶ୍ଚିନ୍ତ ରହିପାର ଏ ସଂପର୍କରେ ।

ମାନସ ମଥା ନୁଆଁଇ ସଶ୍ରଦ୍ଧ ନମସ୍କାର କଲା ମତେ । ମୁଁ ତା' ମୁଣ୍ଡରେ ହାତ ରଖିଲି । କହିଲି - ମାନସ, ମୋ ପୁତ୍ରର ବୟସ ପୟଁତିରିଶ । ତୁମେ ତା ଠାରୁ ବୟସରେ ଅନେକ ସାନ । ମୁଁ ତୁମର ମାତୃସମା । ଆଶୀର୍ବାଦ କରୁଛି ତୁମ ଜୀବନ ସୁଖୀ ଓ ମଂଗଳମୟ ହେଉ । ମାନସ ନୀରବରେ ଠିଆହୋଇ ରହିଲା ମୋ ସାମ୍ନାରେ । ମୁଁ ମୁଖ୍ୟରାସ୍ତା ଆଡ଼େ ପାଦ ବଢ଼ାଇଲି ।

କିଛିବାଟ ଆସି ଫେରିଚାହିଁଲି ପଛକୁ । ଆଲୋକିତ ମନ୍ଦିର ବେଢ଼ାର ଶେଷ ପାହାଚଟିରେ ପୂର୍ବପରି ସ୍ଥାଣୁବତ୍ ବସିରହିଥିଲା ମାନସ । ମନ ଭିତରେ ହଠାତ୍ ଏକ ତୀବ୍ର ଓ ଅଦମ୍ୟ ଇଚ୍ଛା ହେଲା ଫେରିଯିବା ପାଇଁ ତା ପାଖକୁ । ଫେରିଯାଇ ତାକୁ କହିଦେବା ପାଇଁ ଯେ ମୁଁ ଇ କାନନ ମିଶ୍ର । କହିଦେବା ପାଇଁ ଯେ ଏ ପର୍ଯ୍ୟନ୍ତ ମୁଁ ତୁମ ସାମ୍ନାରେ ବଖାଣିଥିବା ସବୁତକ କଥା ମିଛ । କହିଦେବା ପାଇଁ ଯେ ମୋତେ ତୁମେ କ୍ଷମାକର । ମସ୍ତବଡ଼ ଅପରାଧୀ ମୁଁ ତମ ପାଖରେ । ପାରିବ ଯଦି କ୍ଷମା କରିଦିଅ ମତେ ।

କିନ୍ତୁ ଏ କଥାଟି ଫେରିଯାଇ ତାକୁ ମୁଁ କହିପାରିଲିନି ।

ଚାହିଁ ଦେଖିଲି । ମନ୍ଦିର ଚତ୍ୱରରେ ଥିବା ବିଜୁଳିବତୀର ସୁସ୍ପଷ୍ଟ ଆଲୋକ ତଳେ, ନିର୍ବେଦ ଓ ଧୈର୍ଯ୍ୟଶୀଳ ଭଙ୍ଗୀରେ ତଥାପି ମାନସ ବସିରହିଥିଲା । ବତୀର ହରିଦ୍ରାଭ ବିକିରଣରେ, ମୁହଁଟି ତାର ଦିଶୁଥିଲା ଭାରି ସୁକୁମାର, ଭାରି କୋମଳ । ହୁଏତ ସେଠି ବସି ବସି ସିଏ ସ୍ୱପ୍ନ ଦେଖୁଥିଲା ତା ମାନସ କନ୍ୟାକୁ । ସେଇ କନ୍ୟାକୁ, ଯାହାର ଓଠରେ ପକ୍ୱ ଚେରୀଫଳର ରଂଗ , ପ୍ରଶ୍ୱାସରେ ଗୋଲାପର ସୁଗନ୍ଧ ଏବଂ ଚାଲିରେ ବନ ହଂସୀର ଛନ୍ଦ । ହୁଏତ ଭାରି ମଧୁବନ୍ତୀ, ଭାରି ବାଗ୍ମୀବତୀ ଥିଲା ତା କଳ୍ପନାର ସେ ଝିଅଟି । ହୁଏତ ସେ ଝିଅଟି ତା ହାତଧରି ତାକୁ ଉଡ଼େଇ ନେଇଯାଉଥିଲା ଏ ଧୂସର ପୃଥିବୀର ବାହାରେ ଥିବା ଏକ ସ୍ୱପ୍ନମୟ, ଦ୍ୟୁତିମୟ ଇଲାକାକୁ, ତା' କଳକାକଳିରେ ତାକୁ ଭୁଲେଇ ଦେଉଥିଲା ଜାଗତିକ ଜୀବନର ବ୍ୟଥାତୁର ବିଫଳତାକୁ,ଏବଂ ତା ଆଳାପରେ ତାକୁ ପ୍ରବୁଦ୍ଧ କରୁଥିଲା ସାହସର ସହିତ ସାମ୍ନା କରିବାପାଇଁ ଆଗାମୀ ଦିନର ଅନୁପମ, ଆଶାବାଦୀ ସକାଳଟିକୁ ।

ବୁଝିପାରିଲି- ପିଲାଟି ଏକ ସ୍ୱପ୍ନ ଦେଖୁଛି । ନିର୍ଦ୍ଦୋଷ ଏବଂ ନିରୂପମ ଦିବାସ୍ୱପ୍ନଟିଏ । ମୋର ଅଜସ୍ର ପ୍ରୟାସ ସତ୍ତ୍ୱେ, ତାର ସେ ନିର୍ଦ୍ଦୋଷ ଦିବାସ୍ୱପ୍ନଟିକୁ ଭାଙ୍ଗିଦେବାର ନିଷ୍ଠୁର ସାହସ ମୁଁ କୌଣସିମତେ କରି ପାରିଲିନି ।

(ଏପ୍ରିଲ୍, ୨୦୦୨)

ଦଦଦ



Digitized by srujanika@gmail.com

# ମହାପୁରୁଷ

ଶ୍ୱେତାମ୍ବରଙ୍କ ପରିବର୍ତ୍ତିତ ଜୀବନଚର୍ଯ୍ୟା ସଂପର୍କରେ ମୁଁ ଅବଗତ ହୋଇଥିଲି ପ୍ରାୟ ପଚିଶବର୍ଷ ତଳେ । ଏକ ଟ୍ରେନ୍ ଯାତ୍ରା ସମୟରେ ।

କଟକରୁ ଫେରୁ ଯାଉଥିଲି ଦିଲ୍ଲୀ । ସେତେବେଳେ ଉତ୍କଳ ଏକ୍ସପ୍ରେସ୍‌ଇ ଥିଲା ସିଧାସଳଖ ଦିଲ୍ଲୀଗାମୀ ଏକମାତ୍ର ଟ୍ରେନ୍ । ଦୀର୍ଘଯାତ୍ରା, ପ୍ରାୟ ଛତିଶ ଘଣ୍ଟାର । ଫାଷ୍ଟକ୍ଲାସରେ ମୋର ସହଯାତ୍ରୀ ଥିବା ସୁଜିତ୍ ନାମଧାରୀ ଓଡ଼ିଆ ଯୁବକଟି ସହିତ ସମୟ କାଟିବା ପାଇଁ ମଝିରେ ମଝିରେ ବାର୍ତ୍ତାଳାପ କରିବା ଥିଲା ସ୍ୱାଭାବିକ୍ ।

ସୁଜିତ୍ ଥିଲେ ଷ୍ଟେଟ ବ୍ୟାଙ୍କ୍ ଅଫ ଇଣ୍ଡିଆର ଉଚ୍ଚପଦସ୍ଥ ଅଫିସର୍ । କୌଣସି ଏକ ଟ୍ରେନିଂରେ ଦିଲ୍ଲୀ ଯାଉଥିଲେ ।

ମୋ ସ୍ୱାମୀ ଦିଲ୍ଲୀ ପୋଲିସରେ କାର୍ଯ୍ୟରତ ଥିବାର ଶୁଣି ସୁଜିତ୍ କହିଲେ- ମୋ ସାନଭାଇ ମଧ୍ୟ ଆଇ. ପି. ଏସ୍. । ଏ ବର୍ଷ ଟ୍ରେନିଂ ସରିଲା । ପୋଷ୍ଟିଙ୍ଗ ହୋଇଛି ଦିଲ୍ଲୀ ।

- ସତରେ ? ମୁଁ କହିଲି ।

- ମୋର ଆଉ ଜଣେ ଭାଇ ବି ଦିଲ୍ଲୀରେ ରହନ୍ତି । ଡାକ୍ତର । ସଫ୍‌ଦର୍‌ଜଙ୍ଗ୍ ହସ୍‌ପିଟାଲ୍‌ରେ ସର୍ଜନ୍ । ଟା ପିଉ ପିଉ ମୃଦୁହସି ମତେ ସୁଜିତ୍ ଜଣେଇଲେ ।

ମୁଁ କହିଲି- ସବୁ ଭାଇମାନେ ବେଶ୍ ଉଚ୍ଚ ପଦବୀରେ ଅଧିଷ୍ଠିତ ଦେଖୁଛି । ତୁମ ମାଆଙ୍କର ବଡ଼ଭାଗ୍ୟ ।

- ଆମର ସବୁଠୁ ବୁଦ୍ଧିମାନ୍ ଭାଇଟି କିନ୍ତୁ ବେକାର୍ ।

ସୁଜିତ୍‌ଙ୍କ ମନ୍ତବ୍ୟଟି ମତେ ସାମାନ୍ୟ ଚକିତ କଲା । ଆଖିରେ ପ୍ରଶ୍ନବାଚୀ ଟୋଳି ତାଙ୍କୁ ଚାହିଁବାରୁ ସୁଜିତ୍ ପୁଣି କହିଲେ- ସେ ଭାଇ ମୋର ଆଇ.ଏ.ଏସ୍ ଥିଲେ । ସବାବଡ଼ ଭାଇ, ପାଞ୍ଚବର୍ଷ ଚାକିରି କଲାପରେ ଚାକିରି ଛାଡିଦେଲେ । ଥିଲେ ଅତ୍ୟନ୍ତ ମେଧାବୀ ଛାତ୍ର । ଅବିଶ୍ୱସନୀୟ ଭାବରେ ଧୀମାନ୍ । ଶ୍ୱେତାମ୍ବର ଆଚାର୍ଯ୍ୟ ନାଁଟି ଏବେ ଵି ହୁଏତ ସହପାଠୀ ଓ ଅଧ୍ୟାପକମାନେ ମନେରଖି ଥିବେ ।



Digitized by srujanika@gmail.com

ଶ୍ୱେତାମ୍ବର ଆଚାର୍ଯ୍ୟ ? ମନେପଡ଼ିଲା ଉକ୍ତ ନାମଧାରୀ ଏକଦା ମୋ ସହିତ ପାଠ ପଢୁଥିବା ଦୀର୍ଘକାୟ ଶ୍ୟାମଳରଂଗର ଏକ ବୁଦ୍ଧିଦୀପ୍ତ ଯୁବକର ଚେହେରା । ସୁଜିତ୍‌କୁ ନିରେଖି ଚାହିଁଲି । ଅନେକାଂଶରେ ଶ୍ୱେତାମ୍ବରଙ୍କ ମୁହଁର ଛାଞ୍ଚରେ ତିଆରି ।

- ଆଚ୍ଛା ସିଏ କଅଣ ବି.ଏ .ପାଶ୍ କଲାବର୍ଷ କଲେଜର ବେଷ୍ଟ ଗ୍ରାଜୁଏଟ୍ ହୋଇଥିଲେ ? ଗଣିତର ଛାତ୍ର ? କପାଳର ଠିକ୍ ମଝିରେ ଗୋଟିଏ ବଡ଼ କଳାଜାଇ ଥିଲା ?

ସୁଜିତ୍ ଆଶ୍ଚର୍ଯ୍ୟ ହୋଇ ମତେ ଚାହିଁଲେ । କହିଲେ- ଆପଣ କେମିତି ଜାଣିଲେ ? ସତରେ ଭାଇ ବେଷ୍ଟ ଗ୍ରାଜୁଏଟ ହୋଇଥିଲେ ବି.ଏ.ରେ । ଏମ୍.ଏ ରେ ଫାଷ୍ଟ କ୍ଲାସ ଫାଷ୍ଟ ବି ହେଇଥିଲେ । ଗଣିତର ଆଠଟି ଯାକ ପେପର୍‌ରେ ନବେ ଉପରକୁ ମାର୍କ ଥିଲା ।

- ଶ୍ୱେତାମ୍ବର ଯେ ମୋର କ୍ଲାସମେଟ୍ ଥିଲେ । କି ଆଶ୍ଚର୍ଯ୍ୟ ! ପୃଥିବୀଟା କେଡ଼େ ସାନ ସତେ ! କେଉଁଠି କେମିତି ଯେ ଚିହ୍ନାଲୋକଙ୍କର ଖବର ସବୁ ମିଳିଯାଏ ! ମୁଁ ହସିଲି ଏବଂ ତାପରେ କଥା ପ୍ରସଙ୍ଗରେ ସୁଜିତ୍‌ଙ୍କଠାରୁ ଶୁଣିଥିଲି ଶ୍ୱେତାମ୍ବରଙ୍କ ପରିବର୍ତ୍ତିତ ଜୀବନଚର୍ଯ୍ୟାର କାହାଣୀ ।

ଏମ୍.ଏ.ପାଶ୍‌କରି ଆଇ.ଏ.ଏସ୍ ପରୀକ୍ଷାରେ ବସିଥିଲେ ଶ୍ୱେତାମ୍ବର । ଜିଜ୍ଞାସୁ ଓ ତୀକ୍ଷ୍ଣମେଧାସଂପନ୍ନ ଯୁବକ । ଆତ୍ମବିଶ୍ୱାସ ପ୍ରଗାଢ଼ । ପ୍ରଥମଥର ସଫଳ ହେଇପାରିଲେନି ପରୀକ୍ଷାରେ । ମନମରା ହୋଇ ଘୂରିବୁଲିଲେ କେଇମାସ । ମନରେ ପ୍ରଶ୍ନବାଚୀ- ଶ୍ରେଣୀରେ ତାଙ୍କଠାରୁ କମ୍ ନମ୍ବର ପାଇଥିବା ଦୁଇ ତିନୋଟି ଛାତ୍ର ସଫଳତା ହାସଲ୍ କରିଥିବା ବେଳେ ସିଏ କାହିଁକି ବିଫଳ ହେଲେ ? ପିତାମାତା ଆଶ୍ୱାସନା ଦେଲେ । ପୁନର୍ବାର ପରୀକ୍ଷାରେ ବସିଲେ ଦ୍ୱିତୀୟ ବର୍ଷ । ସେ ବର୍ଷ ବି ଅସଫଳତା । ମନରେ ଆସିଲା ପ୍ରଚଣ୍ଡ ହତାଶା ଓ କ୍ରୋଧ । ଧୀରେ ଧୀରେ କିନ୍ତୁ ସେ କ୍ରୋଧ ହେଇଉଠିଲା ଆତ୍ମାଭିମୁଖୀ । ବିଶ୍ଳେଷଣ କରିବାକୁ ଲାଗିଲା ଜୀବନର ସଂଜ୍ଞା, ଜୀବନର ତଥାକଥିତ ପ୍ରାପ୍ତିର ସଂଜ୍ଞା । ଏବଂ ଠିକ୍ ଏହାରି ପରେପରେ ଇ ଆରମ୍ଭହେଲା ତାଙ୍କ ଜୀବନରେ ଏକ ଆଶ୍ଚର୍ଯ୍ୟ ପରିବର୍ତ୍ତନ । ପଢ଼ିବାକୁ ଆରମ୍ଭ କଲେ ବେଦ, ଗୀତା, ଉପନିଷଦ । ଗଦା ଗଦା ଆଧ୍ୟାତ୍ମିକ ପୁସ୍ତକ । ମନ ଚାଲିଗଲା ଅନ୍ୟ ଏକ ଅମୂର୍ତ୍ତ ସ୍ତରକୁ । ନୀରବିଗଲେ ପୂରାପୂରି, ଘରେ ରହି ବି, କାଟିଲେ ନିଃସଂଗ ଜୀବନ । ତୃତୀୟ ବର୍ଷ ବିଶେଷ କିଛି ପଢ଼ାପଢ଼ି କରିନଥିଲେ । ତଥାପି ବସିଲେ ପରୀକ୍ଷାରେ ଏବଂ ସଫଳତା ଲାଭ କଲେ ମଧ୍ୟ । ସ୍ଥାନ ରହିଥିଲା ପ୍ରଥମ ଦଶଜଣଙ୍କ ମଧ୍ୟରେ । କିନ୍ତୁ ସେତେବେଳକୁ ତାଙ୍କର ମାନସିକ ସ୍ଥିତିର ସଂପୂର୍ଣ୍ଣ ରୂପାନ୍ତର ଘଟିସାରିଥାଏ । ଚାକିରି ବା ଧନ ସଂପଦ ତାର ମାୟାଜାଲରେ ଆଉ ତାଙ୍କୁ ଆକର୍ଷଣ କରିପାରୁନି । ଠିକ୍ କଲେ ସ୍ୱାମୀ ଶିବାନନ୍ଦଙ୍କର ଶିଷ୍ୟ ହୋଇ ଚାଲିଯିବେ ଋଷିକେଶ୍ ।

ପିତାମାତାଙ୍କ ମୁଣ୍ଡରେ ପଡିଲା ଅକାଳଚଡକ । ଶେଷ ପର୍ଯ୍ୟନ୍ତ ଅବଶ୍ୟ କେବଳ



Digitized by srujanika@gmail.com

ସେଇମାନଙ୍କୁ ଖୁସିକରିବା ପାଇଁ ଓ ସେଇମାନଙ୍କ ମୁହଁକୁ ଚାହିଁ ଚାକିରିରେ ଯୋଗଦାନ କଲେ ଶ୍ୱେତାମ୍ବର । ଅଳ୍ପ କେଇଟା ବର୍ଷରେ ନିଜକୁ ଏକ ସଚ୍ଚୋଟ ଓ ନିଷ୍ଠାବାନ୍ ଅଫିସର ହିସାବରେ ପ୍ରମାଣିତ କଲେ ମଧ୍ୟ । କିନ୍ତୁ କେଉଁ ଏକ ଖୋଲା ଦିଗନ୍ତର ମୁହୁର୍ମୁହୁ ଡାକରାରେ ଅଧୀର ହେଇ, ଏ ପଞ୍ଜୁରି-ଆବଦ୍ଧ ଜୀବନ ଛାଡିବାକୁ ଇ ନିଷ୍ପତ୍ତି କରି ବସିଲେ ଦିନେ । ତାଙ୍କୁ ଲାଗିଲା ସତେ ଯେମିତି ଚାକିରିଟି ତାଙ୍କୁ ଅକର୍ମଣ୍ୟ ଓ ପଙ୍ଗୁ କରି ଦେଉଛି ଧୀରେ ଧୀରେ, ଛିନ୍ନ କରି ଦେଉଛି ତାଙ୍କ ସ୍ୱାଧୀନତାର ଡେଣା । ସିଏ କ୍ରମଶଃ ଭୀରୁ ଓ ବୁଦ୍ଧିହୀନ ହେବାକୁ ଆରମ୍ଭ କରିଦେଇଛନ୍ତି । ଅଶାନ୍ତିର ଜ୍ୱାଳାରେ ଅଣନିଃଶ୍ୱାସୀ ହୋଇ ଚାକିରିଟି ଛାଡି ଦେବାପାଇଁ ନିଷ୍ପତ୍ତି ନେଇ ନେଲେ ଯା ପରେ ।

- ଏବେ କଅଣ କରୁଛନ୍ତି ? ମୁଁ ଆଶ୍ଚର୍ଯ୍ୟ ହୋଇ ସୁଜିତ୍‌ଙ୍କୁ ପଚାରିଲି

- ଚାକିରି ଛାଡିଦେଲା ପରେ ଗୋଟିଏ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗଢ଼ିଛନ୍ତି- ସମର୍ପଣ । କିଛି ଅନୁଦାନ ଭାରତ ସରକାର ଦିଏ । କିଛି ବାହାରୁ ପାଆନ୍ତି ମଧ୍ୟ । କିନ୍ତୁ ବେଶି ପରିମାଣ ଅର୍ଥ ୟୁନିସେଫ ଇ ଦିଏ । ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଉନ୍ନତି ପାଇଁ କାମ କରନ୍ତି । ଲୋକମାନେ ଦେବତା ପରି ଭକ୍ତି କରନ୍ତି ତାଙ୍କୁ, ଏଭଳି ସମାଜସେବୀ ଏ ଯୁଗରେ ବିରଳ ।

- ରହୁଛନ୍ତି କେଉଁଠି ?

- ଭୁବନେଶ୍ୱରରେ ସାନ ଘରଟିଏ ଭଡ଼ା ନେଇଛନ୍ତି । ତେବେ ସେଠି ରହନ୍ତି ଖୁବ୍ କମ୍ । ସାରା ବର୍ଷ ତ କାମରେ ଘୂରିବୁଲନ୍ତି ଏଠି ସେଠି ।

-. ବାହା ହେଇ ନାହାନ୍ତି ?

- ନା । ସିଏ ଭାରି ମଜାର କଥା । ଆଇ.ଏ.ଏସ୍ ପାଇସାରିଲା ପରେ ଅଜସ୍ର ପ୍ରସ୍ତାବ ଆସିଲା ଘରକୁ । ମା ଥରେ-କାନ୍ଦି କାନ୍ଦି କହୁତ ଜିଦ୍ କଲେ ତାଙ୍କୁ ବାହା ହେଇଯିବା ପାଇଁ । ମନେ ଅଛି - ଭାଇ ସେ ଦିନ ମାଙ୍କୁ କହିଥିଲେ ତୁ ଯଦି ବାହାଘର ପାଇଁ ଏଭଳି ଜିଦ୍ କରିବୁ ତା ହେଲେ ମୁଁ ଘର ଛାଡି ସନ୍ୟାସୀ ହୋଇଯିବି । ଏବେ ଯାହା ମତେ ଦେଖିବାକୁ ପାଉଛୁ ତା ବି ପାଇବୁନି । ମା ସେଇ ଦିନଠୁ ଆଉ ଭୟରେ କିଛି କହିଲେନି । ହୁଏତ ଭାବିଲେ ସଚ୍ଚରିତ୍ର, ସାଧୁସ୍ୱଭାବର ପୁତ୍ରଟି ଆଖିଆଗରେ ଅନ୍ତତଃ ରହିଥାଉ ।

ସୁଜିତ୍‌ଙ୍କ ସହିତ ମୋର ହୋଇଥିବା ଏଇ ବାର୍ତ୍ତାଳାପ ଅନେକ ପୁରୁଣା- ପ୍ରାୟ ଅଢ଼େଇ ଦଶକ ପୂର୍ବର ଘଟଣା । ଶ୍ୱେତାମ୍ବରଙ୍କ ଅନନ୍ୟ ଉପାଖ୍ୟାନଟି ସେତେବେଳେ ମତେ ବେଶ୍ ଆଚମ୍ବିତ କରିଥିଲା । କିଛିଟା ପ୍ରଭାବିତ ଏବଂ ଭାବାନ୍ୱିତ ମଧ୍ୟ । କିନ୍ତୁ ଭବିଷ୍ୟତରେ ଯେ କେବେ ଦିନେ ତାଙ୍କ ସହିତ ମୋର ଭେଟ ହେବ, ତାହା ମୁଁ ସ୍ୱପ୍ନରେ ବି କଳ୍ପନା କରିପାରି ନଥିଲି ।



Digitized by srujanika@gmail.com

କିନ୍ତୁ ତାଙ୍କ ସହିତ ମୋର ଭେଟ ହେଲା । ମୋ ପରିଣତ ବୟସରେ । ବିନୟଙ୍କ ଅବସର ଗ୍ରହଣ ଉତ୍ତାରୁ ଦିଲ୍ଲୀରୁ ଆସି ଆମେ ଭୁବନେଶ୍ୱରରେ ଆସ୍ଥାନ ଜମେଇଲା ପରେ ।

ଏଠି ପହଞ୍ଚିବାର କେଇଦିନପରେ ଦିନେ ପ୍ରାତଃ ଭ୍ରମଣ କରି ଫେରୁଛି । ଆଖିରେ ପଡିଲା ମୋ ଘରଠାରୁ କିଞ୍ଚିତ୍ ଦୂରରେ ଥିବା ସାନପୁରୁଣା ପଥର ଘରଟିରେ । ଫାଟକରେ ଖଞ୍ଜା ହୋଇଥିବା ଟିଣ ଫଳକରେ ଶ୍ୱେତାମ୍ବର ଆଚାର୍ଯ୍ୟ ନାଁଟି ଲେଖା । ଘରଟିକୁ ନିରେଖି ଦେଖିଲି । ପଲସ୍ତରା ଉଲୁରି ଆସିଥିବା ଅତି ପ୍ରାଚୀନ ଜରାଜୀର୍ଣ୍ଣ କୋଠାଘରଟିଏ । ସାମ୍ନାରେ କିଛି ଘାସଜମି, ପାଚେରୀ କଡେକଡେ କିଛି ଜବା, ଟଗର ଓ ତରାଟର ବୁଦା । ଘରଟିର ଖିଡ୍‌କୀ, ଦରଜା କିନ୍ତୁ ସବୁ ବନ୍ଦ । ସନ୍ଦେହ ହେଲା, ଏଇ ବୋଧହୁଏ ଶ୍ୱେତାମ୍ବରଙ୍କ ଗୃହସ୍ଥଳୀ । ସୁଜିତ୍ କହୁଥିଲେ ନା ଶ୍ୱେତାମ୍ବର ଭୁବନେଶ୍ୱରରେ ରହନ୍ତି ବୋଲି ।

ଶ୍ୱେତାମ୍ବରଙ୍କୁ ଭେଟିବାକୁ ତୀବ୍ର ଇଚ୍ଛା ହେଲା ମନରେ । ଯେବେବି ସେଇବାଟରେ ଯିବା ଆସିବା କରୁଥିଲି, ଘରଟି ଆଡେ ନଜର ପକାଉଥିଲି ବାରମ୍ବାର । ଘରଟି କିନ୍ତୁ ବନ୍ଦ ରହିଥିଲା ଦିନ ଦିନ ଧରି । ବୁଝିପାରିଲି, ଶ୍ୱେତାମ୍ବର ଏବେ ଅନୁପସ୍ଥିତ ।

ପ୍ରାୟ ମାସକ ପରେ ପ୍ରାତଃଭ୍ରମଣରୁ ସେଇବାଟେ ଫେରୁଛି । ଦେଖିଲି ଘରର ଖିଡ୍‌କୀ ଦରଜା ଖୋଲା । ସାମ୍ନା ଘାସଜମିଟି ମଧ୍ୟ ପରିଚ୍ଛନ୍ନ । ଜଣାପଡୁଛି ଶୁଖିଲାପତ୍ର ଓ କାଠିକୁଟା ଝାଡୁଦିଆହେଇ ସଫା କରାହେଇଛି ଏବେ ଏବେ । ଜଣେ ଭଦ୍ରଲୋକ ଖୁରୁପି ଧରି ପାଚିରୀ ପାଖେପାଖେ ବଢ଼ିଥିବା ଫୁଲଗଛମାନଙ୍କ ମୂଳରୁ ବେଶ୍ ମନଯୋଗ ସହକାରେ ଅନାବନା ଘାସ ବାଛିବାରେ ବ୍ୟସ୍ତ । ପରିଧାନ ଖଦଡ ଧୋତି ଓ କୁର୍ତ୍ତା । ଶୁଭ୍ରକେଶଦାମ, ମେଦବର୍ଜିତ ଋଜୁଶରୀର । ନିରେଖି ଚାହିଁଲି । କପାଳ ମଝିର ବଡ କଳାଜାଇଟି ଚିହ୍ନେଇଦେଲା ଇଏ ଶ୍ୱେତାମ୍ବର ।

ଫାଟକ ଖୋଲି ମତେ ହତା ଭିତରେ ପ୍ରବେଶ କରିବାର ଦେଖି, ଭଦ୍ରବ୍ୟକ୍ତି ପାଖରେ ରଖା ହୋଇଥିବା ପ୍ଲାଷ୍ଟିକ ବାଲ୍‌ଟିର ପାଣିରେ ହାତଧୋଇ ଓ କାନ୍ଧରେ ପଡିଥିବା ସାନ ତଉଲିଆଟିରେ ହାତପୋଛି ସ୍ମିତହସି ମତେ କହିଲେ- ନମସ୍କାର । ମୁଁ ଶ୍ୱେତାମ୍ବର ଆଚାର୍ଯ୍ୟ । ଆପଣଙ୍କର କଅଣ ସେବା କରିପାରେ ? ଶାନ୍ତ, ନିରୁଦ୍‌ବେଗ କିନ୍ତୁ ଆତ୍ମୀୟତାଭରା କଣ୍ଠସ୍ୱର ।

ବୁଝିପାରିଲି, ଶ୍ୱେତାମ୍ବର ମୋତେ ଚିହ୍ନିପାରି ନାହାନ୍ତି । ମୁଁ କହିଲି ଶ୍ୱେତାମ୍ବର, ମୋତେ ଚିହ୍ନି ପାରିଲନି ? ମୁଁ କାନନ, ତମସାଥିରେ ବି.ଏ. ପଢୁଥିଲି ଏକଦା ।

ଶ୍ୱେତାମ୍ବର ଆଶ୍ଚର୍ଯ୍ୟ ହୋଇ ମୋତେ ଚାହିଁଲେ କିଛି ସମୟ ପର୍ଯ୍ୟନ୍ତ । ତାପରେ କହିଲେ- ଆରେ ସତେ ତ ! କାନନ ତ୍ରିପାଠୀ ନା ? ସେଇ ଯିଏ ଚମତ୍କାର କବିତା



Digitized by srujanika@gmail.com

ଲେଖୁଥିଲା । ମୁଁ କହିଲି- ଉଁ ହୁଁ । ତମ କଥାରେ ଦୁଇଟି ଭୁଲ୍ ରହିଗଲା । ପ୍ରଥମତଃ ମୁଁ ଏବେ କାନନ ତ୍ରିପାଠୀ ନୁହେଁ, କାନନ ମିଶ୍ର । ଆଉ ଦ୍ୱିତୀୟରେ ମୁଁ କବିତା ଲେଖୁଥିଲି । ଚମତ୍କାର କବିତା ନୁହେଁ ।

ଶ୍ୱେତାମ୍ବର ପରିହାସ ମିଶ୍ରିତ ଗଳାରେ କହିଲେ- ଅତିରିକ୍ତ ବିନୟ କିନ୍ତୁ ଦୋଷାବହ ।

ମୁଁ କହିଲି- ଦେଖୁଛି ବୃକ୍ଷସେବା ଚାଲିଛି ତମର ଆଜି ସକାଳୁ ସକାଳୁ ।

ମୁଁ ତ ରହୁନି ଏଠି । କେବେ କେମିତି ଆସେ- ଯେତେବେଳେ ଆସେ ଏଇ ଟଗର ଓ ମନ୍ଦାରବୁଦାକୁ ଆଉଁଷି ଦିଏ । କନସିରି ଓ ଗୁଗୁଚିଆ ବାଛି ଘାସଜମିକୁ ପରିଷ୍କାର କରେ । ଗଛଠାରୁ ଦୂରକୁ ଗଲେ ମଣିଷ ସ୍ୱାର୍ଥପର ହେଇଯାଏ ଯେ ! ନିଃସ୍ୱାର୍ଥ ଭାବରେ ପରୋପକାର କରିବା ପାଠଟି ଗଛ ଇ ତ ମଣିଷକୁ ଶିଖାଏ ।

ମୁଁ କହିଲି- ତମେ କଅଣ ମୋତେ ଏଇଠି ଠିଆ କରାଇ ତମ ଭାଷଣ ଦବ ? ଭିତରକୁ ଡାକିବନି ?

ଶ୍ୱେତାମ୍ବର ମୃଦୁହସି କହିଲେ- ଚାଲ ଚାଲ, ଭିତରକୁ ଚାଲ । କ୍ଷମା କରିବ । ବଣଜଙ୍ଗଲରେ ରହିରହି ସଭ୍ୟସମାଜର ଅନେକ ଆଦବକାୟଦା ବେଳେବେଳେ ଭୁଲି ହେଇଯାଏ ।

ଶ୍ୱେତାମ୍ବର ଘର ଭିତରକୁ ଡାକିନେଲେ ମତେ । ମଧ୍ୟମଧରଣର ବଖରାଟିଏ । ଗୋଟିଏ ପଟେ ଖଟ ଉପରେ ସାଦାଚାଦର ଢ଼ଙ୍କା ବିଛଣା । କଡ଼କୁ ଆଲଣାରେ କିଛି ଲୁଗାପଟା । ଥାକରେ କିଛି ବହି । ଖଟ ମୁଣ୍ଡ ଉପରକୁ ସାନ ଟେବୁଲଟିଏ । ପାଖରେ ଧଳାରଙ୍ଗକରା ବେତଚୌକୀ ଦୁଇଟି । ଅତି ପରିଚ୍ଛନ୍ନ ଆସବାବ୍ ଓ ଘର ।

ପ୍ରାରମ୍ଭିକ ବାର୍ତ୍ତାଳାପ ପରେ ବୁଝିଲି - ଏତେଦିନ କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲାରେ କାର୍ଯ୍ୟବ୍ୟସ୍ତ ଥିଲେ ଶ୍ୱେତାମ୍ବର । ଅନେକ ପରିଶ୍ରମ କରି ଖଣ୍ଡଗିରି ପାଖରେ ଏକ ଅନାଥାଶ୍ରମ ଖୋଲିବାପାଇଁ ଏବେ ସରକାରଙ୍କଠାରୁ କିଛି ଜମି ପାଇଛନ୍ତି । ସେଇଥିପାଇଁ କିଛିଦିନ ଏବେ ରହିବେ ଭୁବନେଶ୍ୱରରେ ।

କଥା ମଝିରେ ହଠାତ୍ ଶ୍ୱେତାମ୍ବର ପଚାରିଲେ- କାନନ, ମର୍ଣ୍ଣିଂ ୱାକ୍ ସାରି ଫେରିଛ ବୋଲି କହିଲ । ହାଲିଆ ଲାଗୁଥିବ । ଚା' ପିଇବ ?

ମୁଁ କହିଲି- ସନ୍ନ୍ୟାସୀମାନେ ଚା'ର ସରଞ୍ଜାମ ଘରେ ରଖନ୍ତି ତ ?

ଶ୍ୱେତାମ୍ବର ହସିଲେ । କହିଲେ - ମୁଁ କିନ୍ତୁ ଆଦୌ ସନ୍ନ୍ୟାସୀ ନୁହେଁ । ଆଉ ଚା' ଛଡ଼ା ଚା'ର ସରଞ୍ଜାମ ଅଛି ଘରେ । ଦୁଇ ତିନିଦିନ ହେଲା ଆସିଲିଣି ତ ! ଚଳିଲା ଭଳିଆ ସବୁ



Digitized by srujanika@gmail.com

ଜିନିଷ କିଣି ଆଣିଛି । ତମେ ଟିକିଏ ବସ । ମୁଁ ଚା' ବନେଇ ଆଣୁଛି ।

ମୁଁ କହିଲି- ନା, ନା, ମତେ ବରଂ ରୋଷେଇଘର ଦେଖେଇଦିଅ । ଚା' ମୁଁ ଇ କରିବି । ଆଜି ଦିନଟା ଅନ୍ତତଃ ମୋ ହାତ ତିଆରି ଚା' ପିଅ ।

ଶ୍ୱେତାମ୍ବର ପାଖରେ ଥିବା ସାନରୋଷେଇ ଘରଟିକୁ ମତେ ନେଇଗଲେ । ସାମାନ୍ୟ ବାସନକୁସନ । ଥାକଉପରେ କେତୋଟି ଟିଣ ଓ ବୋତଲ । କିନ୍ତୁ ସବୁ କିଛି ଭାରି ଶୃଙ୍ଖଳିତ । ଭାରି ଯତ୍ନରେ ରଖା । ଚା' ବନାଉ ବନାଉ ମୁଁ କହିଲି- ଶ୍ୱେତାମ୍ବର । ତମ ଚାକରାଣୀଟି ରୋଷେଇ ଘରଟିକୁ ଭାରି ଚକ୍‌ଚକ୍ କରି ରଖିଛି ତ !

ଶ୍ୱେତାମ୍ବର କହିଲେ- ଚାକରାଣୀ ? ଚାକରାଣୀ କାହିଁ ? ଘରର ସବୁକାମ ତ ମୁଁ କରେ । ରନ୍ଧାବଢ଼ା ମଧ । ଜଣେ ମଣିଷର କଅଣ ବା କାମ ? ତା ଛଡା ପ୍ରତିଟି କାମ ପାଇଁ ସଦାସର୍ବଦା ଅନ୍ୟଉପରେ ନିର୍ଭର କରିବାରେ ଅସୁବିଧା ବି ଅନେକ ।

- ତା' ଅବଶ୍ୟ ଠିକ୍ । ତେବେ ନିଜେନିଜେ କାମ କରି ଏତେ ନିର୍ମଳ ରଖିପାରିଛ ଘରଦ୍ୱାର ? ମୁଁ ତ ବିଶ୍ୱାସ କରିପାରୁନି । ଚା' କପ୍ ଧରି ବାହାରକୁ ଆସୁଆସୁ ମୁଁ କହିଲି ।

ଶ୍ୱେତାମ୍ବର କହିଲେ- ନିର୍ମଳତା ଯେ ଭଗବାନଙ୍କ ପାଖରେ ପହଞ୍ଚୁଥିବା ସିଡିଟିର ପ୍ରଥମ ପାହାଚ । କେବଳ ପାରିପାର୍ଶ୍ୱିକ ପରିଚ୍ଛନ୍ନତା ନୁହେଁ, ଉଭୟ ଦେହ ଓ ମନର ପରିଚ୍ଛନ୍ନତା ଓ ଶୁଦ୍ଧତା ମଣିଷକୁ ପବିତ୍ର କରି ଗଢ଼ିବାରେ ସହାୟକ ହୁଏ ।

ଚା' ପିଉପିଉ ଅନେକ ଗପସପ ହେଲା ସେଦିନ ଶ୍ୱେତାମ୍ବରଙ୍କ ସହିତ । ମିଷ୍ଟଭାଷୀ, ମୃଦୁସ୍ୱରରେ କଥା କହୁଥିବା ଶ୍ୱେତାମ୍ବରଙ୍କ ଗଳାରେ ଏଭଳି ଏକ କୁହୁକ ଥିଲା ଯାହାକି ଅପାର ପ୍ରଶାନ୍ତି ଓ ବିନୋଦନ ଆଣିଦେଲା ମନରେ । ଶ୍ୱେତାମ୍ବରଙ୍କୁ କହିଲି - ତୁମକୁ ଦେଖି ବେଶ୍ ହୀନମନ୍ୟତା ଭୋଗିବାକୁ ଆରମ୍ଭ କଲିଣି ମୁଁ । ଲାଗୁଛି ସତେ ଯେମିତି ଜୀବନଟା ବେକାର୍ ଗଲା । ଶ୍ୱେତାମ୍ବର କହିଲେ - ଆରେ ନା ନା, ପୃଥିବୀରେ ପ୍ରତ୍ୟେକ ମଣିଷର ଗୋଟିଏ ନିର୍ଦ୍ଦିଷ୍ଟ ଭୂମିକା ଅଛି । ତୁମେ ଏବେ ଯେଉଁ କାମଟି କରୁଛ, ଧରିନବ ସେଇ କାମଟି କରିବା ପାଇଁ ତୁମେ ଈଶ୍ୱରଙ୍କ ଦ୍ୱାରା ପ୍ରେରିତ । ସେହି କାମଟି ତୁମେ ନିଷ୍ଠାର ସହ କର । ଭଗବାନ ସେଇଥିରେ ସନ୍ତୁଷ୍ଟ ହେବେ ।

ବିଦାୟନେବା ଆଗରୁ କହିଲି - ଶ୍ୱେତାମ୍ବର, ଆସ କେବେ ଆମଘର ଆଡେ । ବିନୟଙ୍କ ସହିତ ଆଳାପ କରି ଆସିବ । ତମେ ତ ଘର ଦେଖିନ । ମୁଁ ନିଜେ ଆସି ନେଇଯିବି ତମକୁ । ଶ୍ୱେତାମ୍ବର କହିଲେ - ଯିବି ନିଶ୍ଚୟ । ତମେ ନିମନ୍ତ୍ରଣ କରିବା ଦରକାର ନାହିଁ । ତେବେ ଏଇ ଅନାଥାଶ୍ରମର ପ୍ରାରମ୍ଭିକ କାମତକ ଟିକିଏ ସରିଯାଉ ।

ଏଇଥିଲା ଶ୍ୱେତାମ୍ବରଙ୍କ ସହିତ ମୋର ପ୍ରଥମ ଆଳାପ । ଦ୍ୱିତୀୟ ଆଳାପ ହେଲା



Digitized by srujanika@gmail.com

ଏଇ ଘଟଣାର ପ୍ରାୟ ସପ୍ତାହକ ପରେ ।

ଦିନେ ମନ୍ଦିରରୁ ଫେରୁଛି । ବାଟରେ ଶ୍ରେତାମ୍ବରଙ୍କ ଘର । ଦେଖିଲି ଆମ ସାମ୍ନା ଆପାର୍ଟମେଣ୍ଟରେ ପରିଚାରିକା ରୂପେ କାମ କରୁଥିବା ପ୍ରମିଳା ନାମ୍ନୀ ଯୁବତୀଟି ଶ୍ରେତାମ୍ବରଙ୍କ ଫାଟକ ଖୋଲି ତରତର ହୋଇ ବାହାରି ଆସୁଛି । ମତେ ଦେଖି ସନ୍ତ୍ରସ୍ତ ଭଙ୍ଗୀରେ ବାଟଭାଙ୍ଗି ଚାଲିଗଲା ।

ପ୍ରମିଳା ସହିତ ମୋର ପରିଚୟ ହୋଇଥିଲା କେଇମାସ ତଳେ । ନୂଆନୂଆ ଦିଲ୍ଲୀରୁ ଆସି ଏଠାରେ ପହଞ୍ଚିବା ପରେ । ଯୁବତୀଟି ଯେ କି ନିଦାରୁଣ ଭାବରେ ଶଠ ଓ ମିଥ୍ୟାବାଦିନୀ ତା ର ପ୍ରମାଣ ପାଇଥିଲି ସେତେବେଳେ । ଘଟଣାଟି ଥିଲା ଏହିଭଳି-

ଶୀତରତୁର ସକାଳ । ମୁଁ ଲନ୍‌ରେ ବସି ଚା  ପିଉଛି । ପାଖରେ ଆସି ପହଞ୍ଚିଥିଲା ପ୍ରମିଳା । କେଶବାସ ବିପର୍ଯ୍ୟସ୍ତ, ଆଖି ସଜଳ । ମୋର ପାଦତଳେ ପଡି ବଖାଣିଥିଲା ତା ଦୁଃସ୍ଥ ଜୀବନର କରୁଣ କାହାଣୀ । ସ୍ୱାମୀ ରିକ୍ସା ଚଲାଏ । ଅତିମାତ୍ରାରେ ମଦ୍ୟପ । ଟଙ୍କା ପଇସା କିଛି ତାକୁ ଦିଏନି । ଗତରାତିରେ ମଦପିଇ ପ୍ରଚୁର ମାଡ ମାରିଛି ତାକୁ । କାଲିଠାରୁ ତାପେଟରେ ଅନ୍ନ ପଡିନି । କିଛି ଅର୍ଥ ଦେଲେ ସିଏ ଚାଉଳ କିଣି ଭାତ ମୁଠିଏ ଖାଇବ ଆଜି ।

ଯୁବତୀଟିର ମନୋବେଦନାରେ ମର୍ମାହତ ହେଇ ତାକୁ କୋଡିଏଟି ଟଙ୍କା ଦେଇଥିଲି । ଯଥେଷ୍ଟ ବିଚଳିତ ହୋଇଥିଲି ତା ଦୁର୍ଦ୍ଦଶାର କଥାରେ ।

ଯୁବତୀଟି ଟଙ୍କା ନେଇ ଠିକ୍ ବାହାରିଗଲାବେଳକୁ ଗେଟ୍ ଖୋଲି ପ୍ରବେଶ କଲା ଗୁରୁବାରୀ । ମୋ ଘରେ କାମକରୁଥିବା ସ୍ତ୍ରୀଲୋକଟି । ପଚାରିଲା - ପ୍ରମିଳାକୁ ଦେଖିଲି ଯେ ମା'  ଗେଟ୍ ପାଖରେ ! ତମଠୁ ଟଙ୍କା ନେଲା କି ?

ମୁଁ କହିଲି- ତୁ ତାକୁ ଚିହ୍ନିଛୁ କି ? ବିଚରା ଭାରି ଦୁଃଖୀ ଝିଅଟିଏ । ସ୍ୱାମୀଟା ନିହାତି ଅମଣିଷ । ଟଙ୍କାପଇସା କିଛି ଦେଉନି ତାକୁ । ବରଂ ମଦ ପିଇ ନିଇତି ରାତିରେ ନିର୍ଘୁମ୍ ପିଟୁଛି । ଘରେ ଚାଉଳ ନାହିଁ କହୁଥିଲା । ମୁଁ ତାକୁ କୋଡିଏଟା ଟଙ୍କା ଦେଇଛି ।

ଗୁରୁବାରୀ ହସିଲା- କହିଲା - ମା ! ସିଏ ବାହା ଇ ହେଇନି । ତାର ସ୍ୱାମୀ ଆସିବ କୁଆଡୁ ? ତମେ ନୂଆଲୋକ ତ । ଜାଣେ ତମକୁ ଠକେଇ ହେବ ସହଜରେ । ସେଇଥିପାଇଁ ଆସିଥିଲା ତମପାଖକୁ । ସେଇଟା ଭାରି ଚୋରଣୀ ମାଆ, ପକ୍‌କା ମିଛେଇ, ସ୍ୱଭାବ ଚରିତ୍ର ବି ଭଲ ନୁହେଁ । ଏଇ ପଛପଟ ଭୋଇସାହିରେ ରୁହେ । ଯେଉଁମାନଙ୍କ ଘରେ କାମକରେ ସେଠୁ ପଇସା, ଜିନିଷପତ୍ର ଚୋରାଏ । କେତେଥର ପୁଲିସ୍ ବାନ୍ଧିକି ନେଲାଣି ।

ଗୁରୁବାରୀ କଥା ଶୁଣି ବିଚଳିତ ହେଲି । ପ୍ରମିଳା ପ୍ରତି କ୍ରୋଧ ଆସିଲା ବି ମନରେ କି ଭଳି ଚାତୁର୍ଯ୍ୟର ସହିତ ମିଛକହି କୋଡିଏ ଟଙ୍କା ମାରିନେଇ ଚାଲିଗଲା ମୋଠାରୁ ।



Digitized by srujanika@gmail.com

ଏତାଦୃଶ ଧୂର୍ତ୍ତ ଓ ଦୁଷ୍ଟ ଚରିତ୍ରର ଯୁବତୀଟିକୁ ଶ୍ୱେତାମ୍ବରଙ୍କ ଘରୁ ବାହାରୁଥିବାର ଦେଖି ବୁଝିନେଲି, ମିଥ୍ୟାଭିନୟ କରି ଶ୍ୱେତାମ୍ବରଙ୍କଠାରୁ ମଧ୍ୟ କିଛି ଟଙ୍କା ସିଏ ଆଦାୟ କରିଛି ନିଶ୍ଚୟ । ଶ୍ୱେତାମ୍ବର ସାଧୁସନ୍ଥ ବ୍ୟକ୍ତି । ପ୍ରମିଳା ସମ୍ପର୍କରେ ତାଙ୍କୁ ସତର୍କ କରିଦେବା ମୋର କର୍ତ୍ତବ୍ୟ ବୋଲି ଭାବି ତାଙ୍କ ଘରଆଡେ ଅଗ୍ରସର ହେଲି ।

ଦରଜା ଖୋଲା ଥିଲା । ଖଟଉପରେ ବସି ଶ୍ୱେତାମ୍ବର ଖବରକାଗଜ ପଢୁଥିଲେ । ମତେଦେଖି ଚୌକୀ ବଢ଼ାଇଦେଇ କହିଲେ- ବସ ।

ମୁଁ ବେଶ୍ ଉତ୍ତେଜିତ ଭାବରେ କହିଲି - ଶ୍ୱେତାମ୍ବର, ଏବେ ଯେଉଁ ସ୍ତ୍ରୀଲୋକଟି ଏଠିକି ଆସିଥିଲା ତୁମେ ତାକୁ ଟଙ୍କା ଦେଲ କି ?

ହଁ, ହଁ, ତା ପୁଅଟିର ଅବସ୍ଥା ଭାରି ସାଙ୍ଘାତିକ । ଅନେକ ଦିନହେଲାଣି ଜଣ୍ଡିସ୍ ରୋଗରେ ପୀଡିତ । ଏବେ ଏକରକମର ମୃତ୍ୟୁଶଯ୍ୟାରେ । କ୍ୟାପିଟାଲ୍ ହସ୍ପିଟାଲରେ ପଡିଛି କାଲିଠୁ । ଔଷଧପତ୍ର ପାଇଁ ଝିଅଟି ହାତରେ ପଇସାପତ୍ର ନାହିଁ । ମୁଁ ତାକୁ ଶହେଟି ଟଙ୍କା ଦେଇଛି । ବେଶୀ ଦେଇଥାଆନ୍ତି କିନ୍ତୁ ଆଉ ଅଧିକା ଟଙ୍କା ବର୍ତ୍ତମାନ ମୋ ପାଖରେ ନାହିଁ ।

ମୁଁ କହିଲି - ଶ୍ୱେତାମ୍ବର, ସେ ସ୍ତ୍ରୀଲୋକଟି ଶହେଟଙ୍କା ଠକିନେଇଛି ତମଠୁ । ମିଛକହି ମୋଠୁ ବି କୋଡିଏ ଟଙ୍କା ନେଇଥିଲା ଥରଟେ । ସିଏ ବାହା ଇ ହେଇନି । ତାର ପୁଅ ଆସିବ କୁଆଡୁ ? କହିଲା କଅଣ ନା ପୁଅ ପଡିଛି ହସ୍ପିଟାଲରେ ।

ମୋକଥା ଶୁଣି ସଦାସର୍ବଦା ନିରୁଦ୍‌ବେଗ ରହୁଥିବା ଶ୍ୱେତାମ୍ବର ହଠାତ୍ ଉତ୍ତେଜିତ ହୋଇ ଚୌକୀରୁ ଉଠି ଠିଆହୋଇ ପଡିଲେ । ମୋ ହାତକୁ ତାଙ୍କ ହାତମୁଠାରେ ଧରି ବାରମ୍ବାର ପଚାରିଲାଗିଲେ- କାନନ୍, ତମେ ସତ କହୁଛ ? ସତ କହୁଛ ତାର ପୁଅ ନାହିଁ ? ସତ କହୁଛ ତା' ପୁଅ ମୃତ୍ୟୁ ଶଯ୍ୟାରେ ପଡିନି ?

ମୁଁ ବୁଝିପାରିଲି, ମିଛକହି ଶହେଟଙ୍କା ଠକି ନେଇଥିବାରୁ ପ୍ରମିଳାପ୍ରତି ମନେମନେ ବେଶ୍ ରୁଷ୍ଟ ହେଇପଡିଛନ୍ତି ଶ୍ୱେତାମ୍ବର । ତାଙ୍କର ମତେ ବାରମ୍ବାର ପଚାରୁଥିବା ପ୍ରଶ୍ନ ଏବଂ ତାଙ୍କର ସ୍ୱଭାବବିରୁଦ୍ଧ ଏଇ ଅହେତୁକ ଓ ଅନାବଶ୍ୟକ ଉତ୍ତେଜନା ତାଙ୍କ ମନ ଭିତରର ସେଇ ପ୍ରଚ୍ଛନ୍ନ ରୁଷ୍ଟତାକୁ ଇ ଜାହିର୍ କରୁଛି ନିଶ୍ଚୟ ।

ମୁଁ କହିଲି - ତୁଚ୍ଛାଟାରେ ତୁମକୁ ମିଛ କହିବି ବା କାହିଁକି ? ତୁମକୁ ସତ କଥା ଇ କହୁଛି । ସେ ଯୁବତୀଟି ଅବିବାହିତ । ତାର କୌଣସି ବି ସନ୍ତାନ ଏବେ କୌଣସି ହସ୍ପିଟାଲରେ ମରଣକୁ ଅପେକ୍ଷା କରି ବସି ରହିନି ।

ବାସ୍ ବାସ୍, ଆଉ କିଛି କହିବା ଦରକାର ନାହିଁ, ମୋ କଥାକୁ ମଝିରେ କାଟି



Digitized by srujanika@gmail.com

ଶ୍ୱେତାମ୍ବର ଉତ୍ତର ଦେଲେ । ଚାହିଁ ଦେଖିଲି ତାଙ୍କ ମୁହଁଟି ହଠାତ୍ କାହିଁକି ଭାରି ପ୍ରସନ୍ନ ଓ ଉଜ୍ଜ୍ୱଳ ଦିଶୁଥିଲା । ଆଖିର ମଣି ଦୁଇଟି ହେଇଯାଇଥିଲା ଖୁସି ଝଲମଲ୍ । ତାଙ୍କର ଏତାଦୃଶ ଆନନ୍ଦମୟ ଭାବାନ୍ତର ମତେ ବେଶ୍ ଚକିତ କଲା । କଅଣ ପାଇଁ ଶ୍ୱେତାମ୍ବରଙ୍କ ଚେହେରାରେ ଅଚାନକ ଏଇ ପ୍ରଫୁଲ୍ଲତାର ଛାପ ମୁଁ ଠିକ୍ ବୁଝିପାରିଲିନି ।

ଶ୍ୱେତାମ୍ବର ମୃଦୁହସି କହିଲେ - କାନନ୍, ଆଜିର ଦିନଟି ଭାରି ଶୁଭ । ସକାଳୁ ସକାଳୁ ଭାରି ଭଲ ଖବରଟିଏ ଦେଲ ମତେ ।

ମୁଁ କହିଲି - ଭଲ ଖବର ? କେଉଁଟା ଭଲ ଖବର ? ତମର ଏଇ ଶହେଟଙ୍କା ବେକାର ଭାବରେ ନଷ୍ଟ ହେବାର ଖବର ?

ଶ୍ୱେତାମ୍ବର କହିଲେ - ଆରେ ନା ନା, ସେ ଖବର ନୁହେଁ । ସେ କଥା ତ ମୁଁ ଭୁଲିଗଲିଣି ପୂରାପୂରି । ଆଜି, ଏଇ ମୁହୂର୍ତ୍ତରେ, ପୃଥିବୀର ଗୋଟିଏ ଶିଶୁ ଯେ ମୃତ୍ୟୁବରଣ କରିବାକୁ ଯାଉନି, ଯାଠାରୁ ଅଧିକ ଭଲ ଖବର ଆଉ କଅଣ ହୋଇପାରେ କହତ ! ତମେ ବୁଝିପାରୁଛ ଏଇ ଖବରଟି ଦେଇ କେତେ ବଡ ମଙ୍ଗଳ ବାର୍ତ୍ତାଟିଏ ତମେ ଦେଲ ମତେ ? କେତେ ବଡ ମାନସିକ ଦୁଶ୍ଚିନ୍ତାରୁ ମୁକ୍ତ କରିଗଲ ମତେ ? ମୁଁ କୃତଜ୍ଞ ତୁମ ପାଖରେ ।

ମୁଁ ନିର୍ବାକ୍ ଭଙ୍ଗୀରେ ଶ୍ୱେତାମ୍ବରଙ୍କ ମୁହଁକୁ ଚାହିଁ ରହିଲି । ତାଙ୍କର ଶ୍ୟାମଳ, ବୟସ୍କ ମୁହଁଟି ଏକ ଦିବ୍ୟଜ୍ୟୋତିରେ ଝଲସି ଉଠିଥିଲା । ଦେବସୁଲଭ ଏକ କିରଣ୍ମୟ ବଳୟର ଦୀପ୍ତି ସତେ ଯେମିତି ମୁଁ ଦେଖିବାକୁ ପାଇଲି ତାଙ୍କ ମସ୍ତକର ଚାରିପଟେ ।

ଶ୍ୱେତାମ୍ବର କହିଲେ - କାନନ, ଏଇ ଆନନ୍ଦମୟ ମୁହୂର୍ତ୍ତଟିକୁ ଚାଲ ସେଲିବ୍ରେଟ୍ କରିବା, ଏକା ସାଥିରେ ଚା' ପିଇ । ତମେ ବସ, ମୁଁ ଚା' କରିଆଣୁଛି ।

ଶ୍ୱେତାମ୍ବର ରୋଷେଇ ଘରକୁ ଗଲେ । ମୁଁ ନିଃସ୍ପନ୍ଦ ଭାବରେ ବସିରହିଲି ତାଙ୍କ ଦାଣ୍ଡଘରର ବେତଚୌକୀଟିରେ । ଶ୍ୱେତାମ୍ବରଙ୍କୁ ସାମ୍ନା କରିବା ପାଇଁ ସାହସ ମୋର ନଥିଲା । ହଠାତ୍ କେମିତି ନିଜକୁ ବଡ କାଙ୍ଗାଳ ମନେହେଲା ଶ୍ୱେତାମ୍ବରଙ୍କ ଆଗରେ । ମନେହେଲା, କେବଳ କୋଡିଏ କୋଡିଏ ଟଙ୍କାର ହିସାବ ଯୋଡିବା ବ୍ୟତୀତ ଅଧିକା କିଛି ବି ମୁଁ ଆଉ କରିପାରିଲିନି ଜୀବନରେ ।

(ସେପ୍ଟେମ୍ବର, ୨୦୦୨)

❑❑❑



Digitized by srujanika@gmail.com

# ପରଂପରା

ବର୍ଷକ ଆଗରୁ ରଂଜନାକୁ ଭେଟିଥିଲେ, ରେଡିଓ ଇଣ୍ଟରଭିଉରେ କହିଥିବା ମୋର ବକ୍ତବ୍ୟ, ଯେ ପୂର୍ବପେକ୍ଷା ନାରୀମାନଙ୍କର ମର୍ଯ୍ୟାଦା ଉଭୟ ସମାଜରେ ଏବଂ ପରିବାରରେ ବର୍ତ୍ତମାନ ବଳବତ୍ତର ହେଇଛି- ହୁଏତ ମୁଁ ଏତେଟା ଜୋର୍ ଦେଇ କହିନଥାନ୍ତି ।

ରଂଜନା ସହିତ ମୋର ସାକ୍ଷାତ ଟ୍ରେନ୍‌ରେ । ଭୁବନେଶ୍ୱରରୁ ରାଉର୍‌କେଲା ଯିବା ରାସ୍ତାରେ, ଏବଂ ଝିଅଟି ଯେ ବେଶ୍ ପାରଂଗମ ଓ ପରୋପକାରୀ, ତାର ନଜିର୍ ପାଇଥିଲି ଠିକ୍ ଟ୍ରେନ ଷ୍ଟେସନ ଛାଡିବା ପରେ ପରେ । ସିଟ୍ ଉପରୁ ଭାରି ସୁଟ୍‌କେଶ୍‌ଟି ଉଠାଇ ବର୍ଥତଳେ ସଜାଡି ରଖିବାର ପ୍ରୟାସରେ ମୋତେ ସାମାନ୍ୟ ଅସୁବିଧାର ସମ୍ମୁଖୀନ ହେଉଥିବାର ଦେଖି, ସାମ୍‌ନା ବର୍ଥରେ ବସିଥିବା ଝିଅଟି ଅଚାନକ ଉଠିଆସି ବେଶ୍ ଅନ୍ତରଂଗ ସ୍ୱରରେ ମୋତେ କହିଥିଲା- ଆପଣ ଉଠନ୍ତୁ ତ ମାଉସୀ ! ସୁଟ୍‌କେଶ୍‌ଟି ମୁଁ ସଜାଡି ରଖିଦେଉଛି । ଆପଣ ଅଯଥା ହଇରାଣ ହୁଅନ୍ତୁ ନି ।

ଏହା ଯେ କେବଳ କହିଥିଲା, ତାହା ନୁହେଁ । ଗୋଟିଏ ଝଟ୍‌କାରେ ସୁଟ୍‌କେଶ୍‌ଟି ଉଠାଇ ଯଥାସ୍ଥାନରେ ନିପୁଣ ଭାବରେ ରଖିଦେଲା ମଧ ଏବଂ ତା ପରେପରେ ମୋତେ ଅନାଇ ପଚାରିଲା- ତାଲା, ଚେନ୍ ଆଣିଛନ୍ତି ?

-ନା ତ ! ତାଲା, ଚେନ୍ କଅଣ ହେବ ?

-ସୁଟ୍‌କେଶ୍ ହାଣ୍ଡଲ୍‌ରେ ଚେନ୍‌ଟି ଗଳାଇ ସିଟ୍‌ର ଗୋଡ ସହିତ ବାନ୍ଧି ତାଲା ଲଗେଇଦେଲେ ଆଉ ଚୋରି ହୋଇ ପାରିବନି । ଝିଅଟି ବୁଝେଇଦେଲା । ସାମ୍‌ନାକୁ ଚାହିଁ ଦେଖିଲି ସମ୍ମୁଖ ସିଟ୍ ତଳେ ତାଲା, ଚେନ୍ ସୁଶୋଭିତ ସାନବଡ ସୁଟ୍‌କେଶ୍ ଯୋଡିଏ । ଝିଅଟିର ନିଶ୍ଚୟ ।

-ସତେ କି ? ଏକଥା ତ ମୁଁ ଜାଣେନି । ଅନେକ ବର୍ଷ ଦୂରଜାଗାକୁ ଟ୍ରେନ୍‌ରେ ଯାତାୟାତ କରିନାହିଁ ତ ! ମୁଁ ଉତ୍ତର ଦେଲି ।

-ରହନ୍ତୁ, ଆପଣଙ୍କ ତାଲା, ଚେନ୍‌ର ବନ୍ଦୋବସ୍ତ କରିଦେଉଛି । ବାପାଙ୍କ ସୁଟ୍‌କେଶ୍‌ଟି



Digitized by srujanika@gmail.com

ନିହାତି ସାନ । ମୁଁ ତାକୁ ମୁଣ୍ଡପାଖରେ ରଖି ଶୋଇପଡ଼ିବି । ତାଙ୍କ ଚେନ୍‌ଟି ଖୋଲି ଆପଣଙ୍କ ସୁଟ୍‌କେଶ୍‌ରେ ଲଗାଇ ଦେଉଛି ।

ମୋର ପ୍ରବଳ ପ୍ରତିରୋଧ ସତ୍ତ୍ୱେ ନିଜ ବର୍ଥତଳେ କଡ଼ିକିଆ ହୋଇ ରଖାହୋଇଥିବା ଛୋଟ ଭି.ଆଇ.ପି. ସୁଟ୍‌କେଶ୍‌ରୁ ଚେନ୍‌ଟି ଖୋଲି ଝିଅଟି ମୋ ସୁଟ୍‌କେଶ୍‌ରେ ବାନ୍ଧିଦେଲା, ବେଶ୍ ତତ୍ପରତାର ସହିତ । ତା' ପରେ ଚାବିଟିକୁ ମୋ ହାତକୁ ବଢ଼ାଇଦେଇ କହିଲା- ଏବେ ଆରାମ୍‌ରେ ରାତିଟା ଶୋଇପାରିବେ । ଚାବି ରଖନ୍ତୁ ସାଇତିକି । ସକାଳେ ମୋତେ ଦେଇଦେବେ ।

ଝିଅଟି ଏଥରକ ସାମ୍‌ନା ସିଟ୍‌ରେ ବସିଲା ଗୋଡ଼ତେକି । ମୃଦୁହସି ପଚାରିଲା-

ଆପଣ କେଉଁଠିକି ଯିବେ ?

ମୁଁ କହିଲି- ରାଉର୍‌କେଲା । ଆଉ ତମେ ?

-ମୁଁ ବି ରାଉର୍‌କେଲା ଯିବି । ପୁରୀ ଆସିଥିଲି ବାପଘରକୁ । ଆଜି ଫେରିଯାଉଛି । ଆଉ ତାପରେ ତାପାଖରେ ବସିଥିବା ଗୋଲ୍‌ଗାଲ୍ ଚେହେରାର ଛଅସାତ ବର୍ଷର ଶିଶୁକନ୍ୟାଟିକୁ ତଥା ପକ୍ୱକେଶ, ଅବସନ୍ନ ଚେହେରା ବିଶିଷ୍ଟ ବୃଦ୍ଧବ୍ୟକ୍ତି ଜଣଙ୍କୁ ଦେଖାଇ ଦେଇ କହିଲା- ଇଏ ମିନୁ, ମୋ ଝିଅ, ଆଉ ଇଏ ମୋ ବାପା ।

ଝିଅଟିକୁ ଏଥରକ ନିରେଖି ଦେଖିଲି । ସ୍ୱାସ୍ଥ୍ୟବତୀ ଓ ଗୌରାଙ୍ଗୀ । ଗୋଲ୍ ମୁହଁ ଓ ପୁଚ୍‌କା ଗାଲ । ବେକ ପାଖରେ ନାତିଦୀର୍ଘ କେଶତକ ରବରବ୍ୟାଣ୍ଡ ଦେଇ ବନ୍ଧା । କପାଳରେ ମୋତିଜଗା ଲାଲ୍‌ରଂଗର ବିନ୍ଦି । ଗହଳି ଭିତରେ ବାରି ନହେଲା ଭଳିଆ ସାଧାରଣ ମଧ୍ୟବିତ୍ତ ଓଡ଼ିଆ ଘରର ଛାପାଶାଢ଼ୀ ପିନ୍ଧା ସାଧାରଣ ଝିଅଟିଏ । ବୟସ ଖୁବ୍ ବେଶି ନୁହେଁ । ତିରିଶ ଟପିଥିବ ଅବା ।

ଝିଅଟିକୁ ପଚାରିଲି- ତୁମ ନାଁ କଅଣ ?

-ରଂଜନା । ଝିଅଟି ଉତ୍ତର ଦେଲା ।

ରଂଜନାର ଶିଶୁକନ୍ୟାଟି ସ୍ୱଭାବତଃ ଥିଲା ଚଞ୍ଚଳ, ଚପଳା କନ୍ୟାଟିକୁ ଶାନ୍ତ ଭାବରେ ସ୍ୱସ୍ଥାନରେ ବସାଇ ରଖିବା ଉଦ୍ଦେଶ୍ୟରେ ବ୍ୟାଗଭିତରୁ ସାନ ଲୁଡୁପଟାଟିଏ କାଢ଼ି ଅଜାଙ୍କ ସହିତ ଲୁଡୁ ଖେଳିବା ପାଇଁ ତାକୁ ଆଦେଶ ଦେଇଦେଲା ରଂଜନା । ଅଜା, ନାତୁଣୀ ଉଭୟ ମିଶି ମହାଆନନ୍ଦରେ ସାପସିଢ଼ି ଲୁଡୁ ଖେଳିବାକୁ ଲାଗିଲେ । ଆଉ ରଂଜନା ବସି ଟୁକ୍‌ତା ଟୁକ୍‌ତା ଗପ କରି ଲାଗିଲା ମୋ ସହିତ ।

ତାରି କଥାରୁ ହିଁ ଜାଣିଲି ରଂଜନାର ଶାଶୁଘର ରାଉର୍‌କେଲା । ସାନଭାଇର ବାହାଘର



Digitized by srujanika@gmail.com

ପାଇଁ ପୁରୀ ଯାଇଥିଲା । ଭାଇ ଆସି ସାଥିରେ ନେଇଯାଇଥିଲା । ବାପା ଆସିଛନ୍ତି ଛାଡିବାକୁ । ନିଜ କଥା କହିସାରି ରଂଜନା ମତେ ପଚାରିଲା - ମାଉସୀ, ଆପଣ ତ କହିଲେ ଭୁବନେଶ୍ୱରରେ ରହନ୍ତି ବୋଲି । ରାଉର୍କେଲା କାହା ଘରକୁ ଯାଉଛନ୍ତି ?

- ମୋ ଭଉଣୀ ଘରକୁ, ବୁଲିବା ପାଇଁ । ତା ଘରକୁ ଆଜିପର୍ଯ୍ୟନ୍ତ କେବେ ଯାଇନି - ବୋଲି ତାର ଭାରି ଅଭିମାନ ।

- ଭଉଣୀ ଜୋଇଁ କଅଣ କରନ୍ତି ?

- ଭଉଣୀ ଓ ଭଉଣୀ ଜୋଇଁ ଉଭୟ ସେଠି ଡାକ୍ତର ।

- ଆଚ୍ଛା ! ଉଭଣୀଙ୍କ ନାଁ କଅଣ କୁହନ୍ତୁତ ! ରଂଜନା ବେଶ୍ ଉତ୍ସୁକତାର ସହିତ ପଚାରିଲା ଏବଂ ମୋ ଭଉଣୀର ନାଁ ଟି ଶୁଣିସାରି ହସିହସି କହିଲା - ଦେଖନ୍ତୁ ତ ମାଉସୀ ! ପୃଥିବୀଟା କେତେ ସାନ ! ଆପଣଙ୍କ ଭଉଣୀ ଯେଉଁ ହସ୍‌ପିଟାଲ୍‌ରେ ଡାକ୍ତର, ମୁଁ ସେଇଠି ପାଥୋଲୋଜି ଲାବରେଟୋରୀରେ କାମ କରେ । ସାତଦିନ ଛୁଟି ନେଇ ପୁରୀ ଯାଇଥିଲି ।

- ତମେ ଚାକିରି କରୁଚ ?

ଝିଅଟି ମୁଣ୍ଡ ଟୁଙ୍ଗାରିଲା । କହିଲା ମୋର ଫାର୍ମାସିଷ୍ଟର ଡିଗ୍ରୀ ଅଛି ।

- ଆଉ ତୁମ ସ୍ୱାମୀ ?

- ସିଏ ମେଡିକାଲ୍ ରିପ୍ରେଜେନ୍‌ଟେଟିଭ୍ । ମାସକୁ ପଚିଶ ଦିନ ବାହାରେ ରହନ୍ତି ।

- ଇଆଡେ ସିଆଡ଼େ ବୁଲିବାକୁ ପଡ଼େ । ଘରର ସବୁ ଦାୟିତ୍ୱ ଏକ ପ୍ରକାର ମୋ ଉପରେ ।

- ପାଖରେ ଆଉ କିଏ କିଏ ଅଛନ୍ତି ?

- ମୋ ଶାଶୁ , ଶ୍ୱଶୁର ଥାଆନ୍ତି ମୋ ପାଖରେ ।

- ଆରେ ବାଃ ! ତମେ ଦେଖୁଛି ଭାରି ଦକ୍ଷ ଓ ଯୋଗ୍ୟ ଝିଅଟିଏ । ଶାଶୁ ଶ୍ୱଶୁରଙ୍କୁ ସମାଳି, ସାନଛୁଆକୁ ସମାଳି, ଚାକିରି କରି ଘରସଂସାର ଚଳାଉଛ ସୁରୁଖୁରୁରେ, ଏତେ କାମ କରିପାରୁଛ କେମିତି ? ଘରେ କେହି ସାହାଯ୍ୟ କରିବାକୁ ଲୋକ ଅଛନ୍ତି ?

- ନାଇଁ ମାଉସୀ, ଆଜିକାଲି କେଉଁଠି ଲୋକ ମିଳୁଛି ସୁବିଧାରେ ? ପାର୍ଟଟାଇମ୍ ସ୍ତ୍ରୀଲୋକଟିଏ ଅଛି । ଦି ଓଳି ଆସି ବାସନକୁସନ ମାଜି ଦିଏ । ବାକିସବୁ କାମ ମୁଁ କରେ । ମୋ ଘରଠୁ ହସପିଟାଲଟି ଅନେକଦୂର । ଯିବା ଆସିବାରେ ଆଗେ ବହୁତ ସମୟ ନଷ୍ଟ ହେଉଥିଲା । ବାଧ ହୋଇ ସ୍କୁଟର୍‌ଟିଏ କିଣିଲି ଗତବର୍ଷ । ତା ପରଠୁ ବାହାର କାମ କରିବା



Digitized by srujanika@gmail.com

ଅନେକଟା ସହଜ ହୋଇଯାଇଛି ମୋ ପାଇଁ ।

ଝିଅଟିର କଥା ଶୁଣି ଚମତ୍କୃତ ହେଲି । ସାଧାରଣ ଓଡିଆଘରର ଝିଅଟିଏ । କେତେ ବେଶି ସମର୍ଥ ଓ କାର୍ଯ୍ୟନିପୁଣା ! କେତେ ବେଶି ଭରସା ଓ ଆତ୍ମବିଶ୍ୱାସ ନିଜ ଉପରେ ! ଶାଶୁଘରେ ବଧୂଟିଏ ହୋଇଥିଲେ ସୁଦ୍ଧା ଗୋଟିଏ ପୁତ୍ରର କାର୍ଯ୍ୟ ସଂପାଦନକରୁଛି ନିଖୁଣ ଭାବରେ ।

କଥାରେ କଥାରେ ରାତି ବଢୁଥିଲା । ମିନୁକୁ ନିଦ ଲାଗି ଆସୁଥିଲା ମଧ୍ୟ । ଟିଫିନ କ୍ୟାରିୟରରୁ ପୁରୀ, ତରକାରୀ କାଢ଼ି ପିତା ଓ କନ୍ୟାଙ୍କୁ ପରଶି ସାରିଲାପରେ ନିଜେ ଚଟାପଟ୍ ଖାଇନେଲା ରଂଜନା । ମୁଁ ଘରେ ଖାଇକି ଆସିଛି ବୋଲି କହିବାସତ୍ତ୍ୱେ, ପ୍ୟାକେଟ୍ ଖୋଲି ଦୁଇଟି ମିଠା ମତେ ଜବରଦସ୍ତି ଖୁଆଇଲା । ତା ପରେ ତଳବର୍ଥରେ ପିତାଙ୍କ ପାଇଁ ବିଛଣା କରି ଉପରର ଗୋଟିଏ ବର୍ଥକୁ କୁନିଝିଅକୁ ଉଠାଇଦେଲା । ମୋ ସିଟ ଉପରେ ଥିବା ବର୍ଥଟିକୁ ନିଜେ ଚଢ଼ିଯାଇ ମୋତେ କହିଲା- ମାଉସୀ ! ବଡ଼ ଲାଇଟ୍‌ଟା ଲିଭେଇ ନିଶ୍ଚିନ୍ତରେ ଶୋଇଯାଆନ୍ତୁ ଏବେ, ରାଉର୍‌କେଲା ପହଞ୍ଚୁ ପହଞ୍ଚୁ ଦିନ ଆଠଟା ।

- ମତେ ତ ଏମ୍‌ତିରେ ରାତିରେ ନିଦ ହୁଏନି । ଆଜି ପୁଣି ଟ୍ରେନ୍‌ଯାତ୍ରା । ମୁଁ କହିଲି ।

- ସତେ ? ତା'ହେଲେ ଟିକିଏ ବାପାଙ୍କ ଉପରେ ନଜର୍ ରଖିବେ ତ ! ତାଙ୍କ ଦେହ ବିଶେଷ ଭଲ ରହୁନି ଆଜିକାଲି । ରାତିରେ ତାଙ୍କର କିଛି ଅସ୍ୱସ୍ତି ହେଲେ ମତେ ଡାକିଦେବେ । ବାହାଘର ତିନି ଚାରିଦିନ ଜମା ରାତିରେ ଶୁଆହୋଇନି । ମୁଁ ଜାଣେ ମୁଁ ଏବେ ନିଘୋଡ ନିଦରେ ଶୋଇପଡିବି । ରଂଜନା କହିଲା ।

-ଜମା ବ୍ୟସ୍ତ ହୁଅନା, ମୁଁ ତ ରହିଲି ତଳେ ବାପାଙ୍କ ପାଖରେ । ତା'ଛଡା ତମେ ଅଯଥା ବିବ୍ରତ ହେଉଛ ବାପାଙ୍କ ପାଇଁ । ନାତୁଣୀକୁ ଲଗାତାର୍ ଦୁଇଥର ଲୁଡୁଖେଳରେ ହରାଇ ବେଶ୍ ଉତ୍‌ଫୁଲ୍ଲ ମାନସିକ ଅବସ୍ଥାରେ ଅଛନ୍ତି ଏବେ ସିଏ । ମୁଁ ପରିହାସ କରି କହିଲି ଓ ବୃଦ୍ଧ ଭଦ୍ରବ୍ୟକ୍ତି ମୋ କଥା ଶୁଣି ମତେ ଚାହିଁ ମୃଦୁ ଭାବରେ ହସିଲେ ।

କିନ୍ତୁ ପିତାଙ୍କ ସଂପର୍କରେ ରଂଜନାର ଆଶଙ୍କା ଯେ ଅମୂଳକ ନ ଥିଲା, ତାହା ମୁଁ ବୁଝିଲି କେଇଘଣ୍ଟା ପରେ - ଭୋର୍ ସମୟକୁ । ଆଖିପତା ସାମାନ୍ୟ ଲାଗିଆସୁଛି । ହଠାତ୍ ନିଦ ଭାଙ୍ଗିଗଲା କୌଣସି ଏକ ଶବ୍ଦରେ । ଶବ୍ଦଟି ଥିଲା ଗୋଟିଏ ମଣିଷର ଧଇଁ ସଇଁ ହେବାର ମୃଦୁ ଶବ୍ଦ । ଆଖି ଖୋଲି ଦେଖେ, ରଂଜନାର ପିତା ବିଛଣାରୁ ଉଠି, ବାଡ଼କୁ ଆଉଜି ବେଶ୍ ଅସହାୟ ଭଙ୍ଗୀରେ ବସିଛନ୍ତି । ମଝିରେ ମଝିରେ କାଶୁଛନ୍ତି ଏବଂ ଜଣାପଡୁଛି ଯେମିତି ସ୍ୱାଭାବିକ ଭାବରେ ନିଃଶ୍ୱାସ ନେବା ତାଙ୍କ ପାଇଁ କଷ୍ଟକର ହେଇପଡିଛି ।

ବିବ୍ରତ ହୋଇ ରଂଜନାକୁ ଡାକିଲି । ରଂଜନାର ଅବଶ୍ୟ ନିଦ୍ରାଭଂଗ ହେଲା ଗୋଟିଏ



Digitized by srujanika@gmail.com

ଡାକରେ । ତରତର ହୋଇ ତଳକୁ ଓହ୍ଲାଇ ଆସି ଓ ଭଦ୍ରବ୍ୟକ୍ତିଙ୍କ ପ୍ୟାଣ୍ଟପକେଟରୁ ଇନ୍‌ହେଲରଟିଏ କାଢି, ସିଏ ତାହା ଘନ ଘନ ପମ୍ପ କରିଲାଗିଲା ତାଙ୍କ ଉନ୍ମୁକ୍ତ ମୁଖଗହ୍ୱରକୁ। ପ୍ରାୟ ପନ୍ଦର ମିନିଟ୍‌ପରେ ବୃଦ୍ଧ ବ୍ୟକ୍ତି ଜଣକ ଅନେକାଂଶରେ ସୁସ୍ଥ ଅନୁଭବ କରିଥିଲେ । ଶ୍ୱାସକ୍ରିୟା ମଧ୍ୟ ସ୍ୱାଭାବିକ୍ ଅବସ୍ଥାକୁ ଫେରିଆସିଥିଲା । ଅଧଘଣ୍ଟାଏ ପରେ ପାଣି ପିଇ ପୁନର୍ବାର ନିଦ୍ରାଗଲେ ମଧ୍ୟ ।

ରଂଜନା ଆଉ ଉପର ବର୍ଥକୁ ଗଲାନି । ବାହାରେ ପୂର୍ବଆକାଶରେ ପାହାନ୍ତିପ୍ରହରର ଗୋଲାପି ଆଭା ଉକୁଟି ଆସୁଥିଲା । ପିତାଙ୍କର ପାଦ ଯୋଡିକ ନିଜ କୋଳରେ ରଖି ଚୁପ୍‌ଚାପ୍ ଆଉଁଷି ଲାଗିଲା ରଂଜନା ।

ମୁଁ ପଚାରିଲି- ବାପାଙ୍କର କଅଣ ଆଜ୍‌ମା ଅଛି କି ?

-ଠିକ୍ ଧରିଛନ୍ତି । ବାପାଙ୍କର ଶ୍ୱାସ ବେମାରି ଅଛି । ଧୂଳିକୁ ବି ବହୁତ ବେଶୀ ଆଲର୍ଜି ତାଙ୍କର । ତାଁ ଛଡା ବୟସ ହେଲାଣି । ବାହାଘର ଝାମେଲା ଯୋଗୁ ହାଲିଆ ବି ହେଇପଡିଛନ୍ତି । କାଲି ମାତ୍ର ଭାଇର ଚତୁର୍ଥୀ ଗଲା । ସିଏତ ଆସିପାରିବନି । ବାଧହୋଇ ବାପା ଆସିଲେ । ମନା କରିଥିଲି ଅବଶ୍ୟ । ମାନିଲେନି, କହିଲେ ଇଏତ ମୋର ନିତିଦିନିଆ ବେମାରି । ୟା' ଯୋଗୁଁ କଅଣ ବାକି ସବୁ କାମ ବନ୍ଦ ହୋଇଯିବ ?

- ତମେ ନିଜେ ତ ଫାର୍ମାସିଷ୍ଟ । ଚିକିତ୍ସା କରି ବାପାଙ୍କୁ ଭଲ କରିପାରୁନ ?

ଝିଅଟି ହସିଲା । କହିଲା ମାଉସୀ, ଯେତେ ଔଷଧ ଖାଇଲେ ବି ଆଲର୍ଜି ଓ ଶ୍ୱାସ, ଦୁଇଟିଯାକ ବେମାରିରୁ ସଂପୂର୍ଣ୍ଣ ନିରାମୟ ଜଣେ କେବେହେଲେ ବି ହେଇପାରେନି । ତେବେ ବାପା ଧଇଁସଇଁ ହେଇପଡିଲେ ଏଇ ସାଲ୍‌ବୁଟାମଲ ଇନ୍‌ହେଲରଟି ବହୁତ କାମଦିଏ । ଏହାର ବାଷ୍ପ ଫୁସ୍‌ଫୁସ ଓ ଶ୍ୱାସନଳୀ ଭିତରକୁ ଯାଇ ଶ୍ୱାସକଷ୍ଟ ଅନେକାଂଶରେ ଦୂର କରିଦିଏ । ବାପା ଏମର୍ଜେନ୍‌ସି ପାଇଁ ସବୁବେଳେ ଇନ୍‌ହେଲରଟି ପାଖରେ ରଖିଥାଆନ୍ତି । ଦେଖିଲେନି ! ତାଙ୍କରି ପକେଟ୍‌ଭିତରେ ଇନ୍‌ହେଲ୍‌ରଟି ଥିଲା । କାଲି ନିଦବାଉଳାରେ ବୋଧହୁଏ ଭୁଲିଗଲେ, ନହେଲେ ଟିକିଏ କଷ୍ଟହେଲେ ନିଜେ ନିଜେଇ ଇନ୍‌ହେଲରଟି ବ୍ୟବହାର କରିନିଅନ୍ତି ।

- କିନ୍ତୁ ଏଭଳି ସ୍ୱାସ୍ଥ୍ୟନେଇ ସିଏ ରାଉର୍‌କେଲାରୁ ପୁରୀ ଏକାଏକା ଫେରିବାଟା ମତେ ବେଶ୍ ଉଦ୍‌ବେଗଜନକ ମନେହେଉଛି । ମୁଁ କହିଲି ।

ରଂଜନା କହିଲା- ସେଥିପାଇଁ ଅବଶ୍ୟ ବ୍ୟବସ୍ଥା ମୁଁ କରିଦେଇଛି । ରାଉର୍‌କେଲାରେ ଆମ ପଡୋଶୀ ଜଣକ ବହୁତ ଭଲ । ତାଙ୍କର ଗୋଟିଏ ପୁଅ ଅଛି । ବି.ଏ. ପାଶ୍‌କରି ଘରେ ବସିଛି । ଚାକିରିପାଇଁ ଚେଷ୍ଟା କରୁଛି ଏଠି ସେଠି । ପିଲାଟି ଏକପ୍ରକାର ମୋ



Digitized by srujanika@gmail.com

ସାନଭାଇ ପରି । ଗଲା ଆଗରୁ ତାକୁ କହିଥିଲି, କାଲି ଫୋନ୍‌ରେ ମଧ୍ୟ ତା ସହିତ କଥା ହେଇଛି । ସିଏ ବାପାଙ୍କ ସାଥିରେ ଆସିବ । ତାର ପୁରୀ ଦେଖିବାକୁ ଭାରି ଇଚ୍ଛା । ଏଯାଏ ଦେଖିନି । ବାପାଙ୍କ ସାଥିରେ ଆସି ଆମଘରେ ରହିଯିବ । ଦିଚାରିଦିନ ବୁଲାବୁଲି କରି ରାଉର୍‌କେଲା ଫେରିଆସିବ । ତାକୁ ବି ସୁବିଧା, ଆମକୁ ବି ସୁବିଧା । ତେବେ ଗୋଟିଏ କଥା, ଆଉ କେବେ ପୁରୀ ଗଲେ ବାପାଙ୍କୁ ମୁଁ ସାଥିରେ ନଆଣେ । ଭାଇଆସି ମୋତେ ଛାଡିଦେଇ ଯିବ । ଏଥରକ କେବଳ ବାହାଘର ଯୋଗୁ ଭାଇ ଆସିପାରିଲାନି ।

ଏକା ନିଃଶ୍ୱାସରେ ଅନେକଗୁଡିଏ କଥା କହି ହୁକରେ ଟଙ୍ଗା ହୋଇଥିବା ଫ୍ଲାସ୍‌କଟି କାଢ଼ି ତା' ପାଇଁ ଓ ମୋ ପାଇଁ ଚା' ଢ଼ାଳିବାକୁ ଲାଗିଲା ରଂଜନା ଏବଂ ଏଯାବତ୍ ମୋମନରେ ବାରମ୍ବାର ଖେଳୁଥିବା ସଂଶୟର କଥାଟି ମୁଁ ଅକପଟ ଭାବରେ କହିପକାଇଲି ତାକୁ ।

- କାହିଁକି ? ଭାଇ ଆସି ଛାଡିଦେବେ କାହିଁକି ? ତମେ କଅଣ ଏକାଏକା ଆସିପାରିବନି ? ମୁଁ ତ ଯାହା ଦେଖୁଛି ସବୁ ଦୃଷ୍ଟିରୁ ତୁମେ ଭାରି ପାରଂଗମ ଝିଅଟିଏ । ଏଥରକ ବି ପୁରୀରେ ଜଣେ କିଏ ଟ୍ରେନ୍‌ରେ ଉଠେଇଦେଇଥିଲେ ତୁମେ ସିଧା ଆସି ରାଉର୍‌କେଲାରେ ଓହ୍ଲେଇ ଯାଇ ପାରିଥାଆନ୍ତ । ତୁମେ ରାଉରକେଲାର ବାସିନ୍ଦା । ବାଟଘାଟ ତୁମକୁ ସବୁ ଜଣା । କାହିଁକି ଯେ ବାପାଙ୍କୁ ସାଥିରେ ଆଣିଲ ମୁଁ ଆଦୌ ବୁଝିପାରୁନି ।

ମୋ କଥା ଶୁଣି ରଂଜନା କିଛି ସମୟ ଚୁପ୍‌ହେଇ ବସିରହିଲା । ତାପରେ ତା' ପିଉପିଉ ମତେ ସିଧାସଳଖ ଚାହିଁ କହିଲା- ମାଉସୀ ! ଯେତେ ପାଠପଢୁ ବା ଯେତେ ବଡ ଚାକିରି କରୁ, ପରିବାରରେ ପୁରୁଷ ସହିତ ସମାନ ଅଧିକାର କେବେ ହେଲେ କେଉଁ ସ୍ତ୍ରୀକୁ ମିଳିଲାଣି ? ମୁଁ ଯେ ଘରର ବୋହୂ । ବାପା ଆସିନଥିଲେ ସାରାଜୀବନ ଶାଶୁଘରେ ଗଞ୍ଜଣା ଶୁଣିଥାଆନ୍ତି । ବାପଘର ତାକିକି ନେଇଥିଲେ ଯେ ଜଣେ କେହି ସାଥିରେ ଛାଡିବାକୁ ଆସିପାରିଲେନି, ଏକୁଟିଆ ପଠେଇଦେଲେ । ବାପାଙ୍କୁ ସେ ନିନ୍ଦା ସହିବାକୁ ପଡିଥାଆନ୍ତା ଜୀବନଭର୍ । ଅନେକ ପାପ କରି ଝିଅଜନ୍ମ କରିଛନ୍ତି ଯେ ସିଏ ।

ରଂଜନା ପୁନର୍ବାର କହିଲା- ମାଉସୀ ! ଏବେ ସିନା ଆପଣ ପରିଣତ ବୟସରେ ପହଞ୍ଚିଲେଣି, ନାତିନାତୁଣୀ ନେଇ ଘରସଂସାର କରୁଛନ୍ତି । କିନ୍ତୁ ଥରଟେ ନିଜର ବୋହୂପଣିଆର ଦିନଗୁଡିକ କଥା ଭାବନ୍ତୁନା । କେବେହେଲେ ଏକା ଏକା ବାପଘରୁ ଶାଶୁଘରକୁ ଆସିଛନ୍ତି ? ଏ ନିରର୍ଥକ ପରଂପରାକୁ ଭାଙ୍ଗିବାକୁ ଚେଷ୍ଟା କରିଛନ୍ତି କେବେ ?

ମୁଁ କହିଲି - ମୋ ବୋହୂପଣିଆତ ଅନେକ ପୁରୁଣା କଥା । ତମେମାନେ ଏଯୁଗର ମଣିଷ । ଏଇସବୁ ମୂଲ୍ୟହୀନ ପରଂପରାକୁ ତୁମେମାନେ ମାନିବ ବା କାହିଁକି ? ଏ ପରଂପରାକୁ ଜଣେ କିଏ କେବେ ଦିନେ ତ ଭାଙ୍ଗିବ । ଆଉ ସେ ଜଣକ ତମେ ବା ହବନି କାହିଁକି ?



Digitized by srujanika@gmail.com

ରଂଜନା ମୋ କଥା ଶୁଣି ସାମାନ୍ୟ ହସିଲା - ବିଷଣ୍ଣ ଭାବରେ । ତାପରେ ପିତାଙ୍କ ଉପରେ ସଯତ୍ନେ ଚାଦରଟି ଘୋଡାଇ ଦେଇ ଏବଂ ନିଦ୍ରିତା କନ୍ୟା ଆଡେ ସସ୍ନେହ ଚାହାଣୀ ନିକ୍ଷେପ କରି କହିଲା - ଗୋଟିଏ ପୁରୁଷ ପରି ଶାଶୁଘରର ସମସ୍ତ ଦାୟିତ୍ୱ ମୁଣ୍ଡ ଉପରେ ବୋହିପାରିବାର ଅଦମ୍ୟ ସାହସ କରିପାରିଲି ଜୀବନରେ । କିନ୍ତୁ ଏ ପରଂପରାକୁ ଭାଙ୍ଗିବାର ସାହସ କରି ପାରିଲିନି ଏ ଯାବତ୍ ।

ସାମାନ୍ୟ ଅଟକି ପୁନର୍ବାର କହିଲା- କେଜାଣି ? ଆଜିଠୁ ଅନେକ ଅନେକ ବର୍ଷପରେ, ହୁଏତ ମୋ ଝିଅ ଦିନେ ସେ ପରଂପରା ଭାଙ୍ଗିବ । ମୋ ଘରୁ ଯେତେବେଳେ ସିଏ ତା ଶାଶୁଘରକୁ ଫେରିଯାଉଥିବ, ହୁଏତ ମୋର ବୃଦ୍ଧ ଓ ଅସୁସ୍ଥ ସ୍ୱାମୀଙ୍କୁ ତାକୁ ଛାଡିବାପାଇଁ ଯିବାକୁ ପଡିବନି ତା ସହିତ । ହୁଏତ । ଆଜି ଏଇ ମୁହୂର୍ତ୍ତରେ ମୁଁ କେବଳ ସେତିକି ଇ ଆଶା କରିପାରେ ।

କଥା କହୁକହୁ ଆବେଗରେ ରଂଜନାର କଣ୍ଠ ବାଷ୍ପରୁଦ୍ଧ ହେଲା । ଗପୁଡି ଝିଅଟିର ସବୁତକ କଥାବାର୍ତ୍ତା ବନ୍ଦ ହେଇଗଲା ଅଚାନକ ।

ଟ୍ରେନ୍ ଛୁଟି ଚାଲିଥିଲା ତୀବ୍ର ବେଗରେ । ଅନ୍ଧାର କଟିଯାଇ ନବୋଦିତ ଶିଶୁସୂର୍ଯ୍ୟଙ୍କର ସୋରାସୋରା ସୁନେଲୀ କିରଣ ଅଜାଡି ହେବାକୁ ଆରମ୍ଭ କରିଥିଲା ପୃଥିବୀ ବୁକୁରେ ।

ମୁଁ ରଂଜନା ହାତ ଉପରେ ହାତ ରଖିଲି । ତା ଆଖିର ଦିଠୋପା ଉଷୁମ୍ ଲୁହ ଖସିପଡିଲା ମୋ ପାପୁଲି ଉପରେ ।

ଆଉ ମୋର ମନେପଡିଲା ଗତବର୍ଷ ମୁଁ ଦେଇଥିବା ରେଡିଓ ଇଣ୍ଟରଭିଉଟିର କଥା ।

ରଂଜନାକୁ ଆଗରୁ ଭେଟିଥିଲେ, ରେଡିଓ ଇଣ୍ଟରଭିଉରେ କହିଥିବା ମୋର ବକ୍ତବ୍ୟ- ଯେ ପୂର୍ବାପେକ୍ଷା ନାରୀମାନଙ୍କର ମର୍ଯ୍ୟାଦା ଉଭୟ ସମାଜରେ ଏବଂ ପରିବାରରେ ବର୍ତ୍ତମାନ ବଳବତ୍ତର ହୋଇଛି - ହୁଏତ ମୁଁ ଏତେଟା ଜୋର୍‌ଦେଇ କହିନଥାନ୍ତି ।

(ମାର୍ଚ୍ଚ, ୨୦୦୨)

❑❑❑



Digitized by srujanika@gmail.com

# ଆତ୍ମସମ୍ମାନ

ଏକଦା ସୁନାଭାଉଜଙ୍କ ସାମ୍‌ନାରେ କରିଥିବା ମୋର ସେଇ ଅଙ୍ଗୀକାରବଦ୍ଧତା ହିଁ ଏଯାବତ୍ ଏ କାହାଣୀଟି ନଲେଖିଥିବାର କାରଣ । ସୁନାଭାଉଜ ଏବେ ଆଉ ନାହାନ୍ତି । କାଲି ଖବର ପାଇଲି ଯେ ସନ୍ୟାସିନୀ ସୁନାଭାଉଜଙ୍କର ସ୍ୱର୍ଗବାସ ହୋଇଛି । ସେଇଲାଗି ଏ କାହାଣୀର ଅବତାରଣା । ଏ କାହାଣୀ ଲେଖିବାରେ ଏବେ ଆଉ କୌଣସି ପ୍ରତିବନ୍ଧକ ନାହିଁ ।

ପ୍ରକୃତ ନାଁ ତାଙ୍କର ଥିଲା ସୁବର୍ଣ୍ଣ । ମୁଁ କିନ୍ତୁ ଡାକୁଥିଲି ସୁନାଭାଉଜ ବୋଲି । ପଣ୍ଡିତ ପିତା, ଆଉଟାକନକ ପରି ଦାଉଦାଉ ଝଟକୁଥିବା ସଦ୍ୟଜାତ କନ୍ୟାସନ୍ତାନଟିର ନାମକରଣ କଲାବେଳେ, ବେଶ୍ ପ୍ରତ୍ୟୁତ୍ପନ୍ନମତିତାର ପରିଚୟ ଦେଇଥିଲେ । ଝିଅଟି ଜନ୍ମ ହେଲାବେଳେ ପ୍ରାୟାନ୍ଧକାର ଅନ୍ତୁଡିଶାଳଟି କୁଆଡେ ସେ ବର୍ଣ୍ଣର ହରିଦ୍ରାଭାରେ ହାଲୋଳ ହୋଇ ଉଠିଥିଲା ।

ସୁନାଭାଉଜ ଥିଲେ ମୋର ଦୂରସଂପର୍କର ଭାଇ ରଂଗନାଥଙ୍କର ପତ୍ନୀ ଏବଂ ତାଙ୍କୁ ପ୍ରଥମେ ଦେଖିଥିଲି ଆଜିଠୁ ଅର୍ଦ୍ଧଶତାବ୍ଦୀ ଆଗେ । କଲେଜର ଖରାଛୁଟିରେ ଗାଁକୁ ଗଲାବେଳେ ।

ରଂଗନାଥଭାଇନାଙ୍କ ସହିତ ପୂର୍ବରୁ ପରିଚୟ ଥିଲା । କେବେ କେମିତି କୌଣସି କାମରେ ଗାଁରୁ କଟକ ଆସିଲେ ଦିନେ ଓଳିଏ ରହୁଥିଲେ ଆମଘରେ । ଶ୍ୟାମଳ ଓ ସ୍ୱାସ୍ଥ୍ୟବାନ ଚେହେରା । ସୁନାଲବଙ୍ଗ ପିନ୍ଧା କାନଲତି ତଳେ ଲମ୍ବ କଲି । ଓଠ ଉପରେ କଳାମୁଚ୍‌ମୁଚ୍ ସମ୍ବାଳୁଆ ମାର୍କା ନିଶ । ପ୍ରଶସ୍ତ ଛାତିର ମାଂସପେଶୀବହୁଳ ପ୍ରକାଣ୍ଡ ମଣିଷଟିଏ ଥିଲେ ରଂଗଭାଇନା ।

ଗାଁ ସ୍କୁଲରୁ ତୃତୀୟ ଶ୍ରେଣୀରେ ମାଟ୍ରିକ କଲାପରେ, ଘରେ ରହି ଜମିଜମା ତଦାରଖ କରୁଥିଲେ । ଏମିତିରେ ପାଠପଢ଼ା ପ୍ରତି ଆଗ୍ରହ ବି ନଥିଲା ତାଙ୍କର । ଥିଲେ ବିତ୍ତବାନ୍ ପିତାଙ୍କର ପ୍ରୌଢ଼ବୟସର ସନ୍ତାନ, ଏକମାତ୍ର ଓ ଅଲ୍ୟାଳ । ଅଭାବ କଅଣ ଜଣାନଥିଲା ।



Digitized by srujanika@gmail.com

ଜୀବନ କଟୁଥିଲା ସୁରୁଖୁରୁରେ । ସଉକ୍ ଥିଲା ତାମ୍‌ସା, ରାମଲୀଳା ଓ ବାଦିପାଲାରେ । ତାଲବାଦ୍ୟ ଚମତ୍କାର ବଜାଉଥିଲେ ରଂଗଭାଇନା । ଗାଁ ପାଲାଦଳରେ ମୁଖ୍ୟ ଭୂମିକା ଗ୍ରହଣ କରୁଥିଲେ ଶିରୀପାଳିଆର ।

ତାମ୍‌ସା ବା ଥିଏଟର୍‌ରେ ଥିବା ତାଙ୍କର ଅହେତୁକ ସଉକ୍ ଅବଶ୍ୟ ଦୋଷାବହ ନଥିଲା, ଦୋଷ ଥିଲା ତାଙ୍କର ଚରିତ୍ରରେ । ପିଲାଦିନୁ ଥିଲେ ଅନମନୀୟ ଓ ଦୁର୍ଦ୍ଧାନ୍ତ ସ୍ୱଭାବର । ବ୍ୟକ୍ତିତ୍ୱ ଥିଲା ବନ୍ଧନହୀନ, ବେହିସାବୀ ଓ ଅପରିଣାମଦର୍ଶୀ ଏବଂ ସେଇ ଅପରିଣାମଦର୍ଶିତା ଇ ତାଙ୍କୁ ପକାଇଦେଇଥିଲା ଗାଁର ଉଦ୍ଦଣ୍ଡ ଓ ଉଚ୍ଛୃଙ୍ଖଳ ପ୍ରବୃତ୍ତିର ମାଲୁଣୀ ଝିଅଟିର ପ୍ରେମରେ ।

ଗାଁ ମୁଣ୍ଡେ ମହାନଦୀବନ୍ଧକୁ ଲାଗି ଥିଲା ଅଖଣ୍ଡେଶ୍ୱରଙ୍କ ମନ୍ଦିର । ମନ୍ଦିରକୁ ଲାଗି ବୈଷ୍ଣବମାଳିର କୁଡିଆଘର । ଠାକୁରଙ୍କ ନିତ୍ୟପୂଜା ଲାଗି ଫୁଲ ବେଲପତ୍ରୀ ସଂଗ୍ରହ କରିବା ଥିଲା ମାଳିଟିର କାମ । ବୃଦ୍ଧ ମାଳିଟି ଥିଲା ବିପତ୍ନିକ ଏବଂ ଅନ୍ଧ । ସ୍ୱାସ୍ଥ୍ୟ ଉପୁଚି ପଡୁଥିବା ଯୁବତୀଝିଅ ସୈରିନ୍ଧ୍ରୀ ଇ ମୁଖ୍ୟତଃ ମନ୍ଦିରର କାମ ତୁଲାଉଥିଲା । ମନ୍ଦିରବେଢ଼ା ଓଳାପୋଛା କରୁଥିଲା । ମନ୍ଦିର ପରିସରରେ ଥିବା ବଉଳ ଓ ଚମ୍ପାଗଛରୁ ଫୁଲ ତୋଳି ଗଜରା ହାର ତିଆରି କରୁଥିଲା ଅଖଣ୍ଡେଶ୍ୱରଙ୍କ ପାଇଁ ଏବଂ କେଉଁ ଏକ ବିଷାକ୍ତ ବେଳାରେ ରଂଗଭାଇନାଙ୍କୁ ବନ୍ଦୀ କରିଥିଲା ତାର ଭ୍ରୂପଲ୍ଲବର ଯୁଗଳଡେଣା ଭିତରେ ।

ପିତାମାତାଙ୍କର ଅଶ୍ରୁଳ ଅନୁନୟବିନୟ ତଥା ଗ୍ରାମବାସୀମାନଙ୍କର ନିରବିଚ୍ଛିନ୍ନ ତୁତ୍‌କାର ରଂଗଭାଇନାଙ୍କୁ ସେ ପ୍ରେମପ୍ରତି ବିମୁଖ କରିପାରିନଥିଲା । ଅଗତ୍ୟା ନିର୍ଦ୍ଧନ ପରିବାରର ରୂପସୀ କନ୍ୟାଟିଏ ଦେଖି ପୁତ୍ରର ବିବାହ କରାଇଦେଲେ ତାଙ୍କ ପିତାମାତା ।

ରଂଗଭାଇନାଙ୍କର ପିତାମାତାଙ୍କର ଧାରଣା ଥିଲା, ରୂପାମ୍ବିକା ତରୁଣୀ ପତ୍ନୀର ତନୁ ଲାବଣ୍ୟ ସାମନାରେ ଶ୍ୟାମାଙ୍ଗୀ ସୈରିନ୍ଧ୍ରୀର ଦେହସୌଷ୍ଠବ ପୁତ୍ରକୁ କିଛିଟା ଫିକା ଫିକା ମନେହେବ ନିଶ୍ଚୟ । ପୁଅ ବଦଳିଯିବ । ଏବଂ ସତକୁ ସତ ତାହା ହୋଇଥିଲା ମଧ । ସୁବର୍ଣ୍ଣର ଦ୍ୟୁତିରେ ସଦ୍ୟ ଝଲ୍‌ସି ଉଠିଥିବା ରଂଗଭାଇନାଙ୍କ ଆଖିରେ ମାଲୁଣୀ ଝିଅଟିର ବନ୍ୟଶୋଭା, ତାର ତୀକ୍ଷ୍ଣତା ହରାଇ ଧୀରେ ଧୀରେ ଅସ୍ପଷ୍ଟ ହେବାକୁ ଆରମ୍ଭ କରିଥିଲା, ଏବଂ ସୁନାଭାଉଜଙ୍କ ସହିତ ମୋର ଦେଖା ହେଇଥିଲା ଠିକ୍ ଏତିକିବେଳେ ।

ମୁଁ ଗାଁରେ ପହଞ୍ଚିବା ପରଦିନ ନିଜେ ଆସି ମତେ ତାଙ୍କ ଘରକୁ ଡାକି ନେଇଥିଲେ ସୁନାଭାଉଜ । ପଲଙ୍କରେ ବସାଇ ହାତଧରି କହିଥିଲେ - ତୁମ ଭାଇନାଙ୍କଠୁ ବହୁତ ଶୁଣିଛି ତମକଥା । କହନ୍ତି ତମେ କୁଆଡେ ମୋର ପାଠୋଇ ନଣନ୍ଦ ।

ସୁନାଭାଉଜଙ୍କୁ ନିରେଖି ଦେଖିଲି । ଅତ୍ୟୁଜ୍ଜ୍ୱଳ କାନ୍ତିର ତନୁପାତେଳୀ ଝିଅଟିଏ ।



Digitized by srujanika@gmail.com

ତାଙ୍କୁ ଦେଖିଲେ ମନେହେଉଥିଲା, ମଣିଷ ତ ନୁହେଁ, ସତେ ଅବା କ୍ଷଣଭଙ୍ଗୁର କାଚଡିଆରି କଣ୍ଢେଇଟିଏ । ଜୋର୍‌ରେ ଥରଟେ ହାତକୁ ଧରିପକାଇଲେ, କଚଟିର ହାଡଟି ଠୁକ୍ କରି ଭାଙ୍ଗିଯିବ ଅବା ।

ସୁନାଭାଉଜ ନାଲିଶାଢ଼ୀ ପିନ୍ଧିଥିଲେ । ହାତରେ ଥିଲା ନାଲିଚୂଡୀର ଝିଲିକ୍ । ପାଦ ଥିଲା ଅଳତାବୋଳା । ଜମିରେ ପାଦଥାପି ସିଏ ଚାଲିଲାବେଳକୁ ମନେହେଉଥିଲା ସତେ ଅବା ତାଙ୍କର ପ୍ରତିଟି ପଦପାତରେ ଗୋଟିଏ ଲେଖାଏଁ ରକ୍ତ କୋକନଦ ଫୁଟି ଉଠୁଥିଲା ସେ ସବୁଜରଂଗର ସରସୀରୂପୀ ଚଟାଣରେ । ତାଙ୍କ ସହିତ ପ୍ରାରମ୍ଭିକ ବାର୍ତ୍ତାଳାପ ସମାପ୍ତ ହେବାପରେ ମୁଁ କହିଲି- ଭାଉଜ ! ତମେ ଏତେ ଗୋରା ! ଗାଁ ଗହଳରେ ପୁଣି ଏମିତି ସୁନ୍ଦର ଝିଅ ଥାଆନ୍ତି ? ତମ ନାଁ କନକଚଂପା ହେଲାନି କାହିଁକି ?

ସୁନାଭାଉଜ ମୃଦୁ ହସି କହିଲେ- ଜାଣିଛ ? ତମଭାଇ ମତେ ଚଂପାଫୁଲ ବୋଲି ଡାକନ୍ତି ।

- ଡାକୁଥିବେ, ପାଲାକାର ତ । ଭଞ୍ଜୀୟ କାବ୍ୟକଳାର ପ୍ରଭାବ କଥାଭାଷାରେ କିଛିଟା ପଡିଥିବ ନିଶ୍ଚୟ । ତେବେ ଆଉ ସବୁ କଅଣ କଅଣ ମୋ ଭାଇ କହନ୍ତି ବତାଅ ତ ?

- ଏବେ ନୁହେଁ । ତୁମେ ବାହା ହେଇ ସାର ବତେଇବି । ତୋଳା ତଳକୁ କରି ଲାଜଲାଜ ହେଇ ଜବାବ୍ ଦେଲେ ସୁନାଭାଉଜ ।

- ରଂଗଭାଇନା କୁଆଡେ ଗଲେ ? ପଚାରିଲି ।

- ହାଟକୁ, ପ୍ରତ୍ୟେକଦିନ ସଂଜବେଳେ ଗାଁ ମୁଣ୍ଡ ହାଟକୁ ଯିବେ ଆଉ ମୋ ପାଇଁ ଖଜାମିଠେଇ କିଣି ଆଣିବେ । ତୁମେ କୁହତ, ବେକାର୍‌ରେ କେତେ ପଇସା ନଷ୍ଟ । ଯେତେ କହିଲେ ବି କଥା ମାନୁନାହାନ୍ତି ।

- ଯାହା ଦେଖୁଛି ରଂଗଭାଇନା ପୂରାପୂରି ସ୍ତ୍ରୈଣ ହେଇଗଲେଣି ଯା ଭିତରେ । ମୁଁ ଟିପଣୀ କାଟିଲି ଏବଂ ମୋର ସେ ଟିପଣୀ ସ୍ୱାମୀପ୍ରେମଗରବିଣୀ ନବୋଢ଼ା ସୁନାଭାଉଜଙ୍କ କପୋଳରେ ବେଶ୍ କିଛି ଫଗୁ ବୋଳି ଦେବାର ଲକ୍ଷ୍ୟ କଲି ମଧ୍ୟ । ମନରେ ସ୍ୱସ୍ତି ଆସିଲା । ରଂଗଭାଇନାଙ୍କ ଜୀବନରେ ମାଲୁଣୀ ଉପାଖ୍ୟାନର ଅନ୍ତ ହେଇଯାଇଛି ଦେଖି ।

ଏଇଥିଲା ସୁନାଭାଉଜଙ୍କ ସହିତ ମୋର ପ୍ରଥମ ଦେଖା । ଗାଁରେ ମାସଟିଏ ରହି କଟକ ଫେରିଆସିଲି ଓ ତାର କେଇମାସପରେ ମୋର ବିଭାଘର ସଂପନ୍ନ ହେଇଗଲା । ସ୍ୱାମୀଙ୍କ ସହିତ ଜୀବନ ବିତିଲା ଓଡିଶା ବାହାରେ । ମଝିରେ ମଝିରେ କେବେ କେମିତି ଘରକୁ ଆସୁଥିଲି ସତ, କିନ୍ତୁ ସେଇ ଅଳ୍ପଦିନ ଭିତରେ ଗାଁକୁ ଯିବା ସମ୍ଭବପର ନଥିଲା । ଗାଁକୁ ଯିବାର କଥା ଉଠିଲା ଅନେକ ଅନେକ ବର୍ଷପରେ, ଯେତେବେଳେ ଗ୍ରାମ୍ୟ ସଂସ୍କୃତି



Digitized by srujanika@gmail.com

ସହିତ ଅପରିଚିତ ମୋର ଦଶବର୍ଷର ପୁତ୍ରଟି କଟକ ଅବସ୍ଥାନ ସମୟରେ ଓଡ଼ିଶାର ଗାଁଟିଏ ଦେଖିବ ବୋଲି ଜିଦ୍ ଧରିଲା । ତା ଜିଦ୍ ଦେଖି ବୋଉ କହିଲା- ପୁଅ ତ ଏବେ ଗାଡ଼ି ଧରି ଗାଁକୁ ଯିବ ଚାଉଳ ଆଣିବା ପାଇଁ, ଯିବୁ ଯଦି ବବିକୁ ଧରି ତାରି ସାଥିରେ ଚାଲିଯା । ଗାଁରେ ତ ତୋ ଖୁଡ଼ୀ ଅଛି, କିଛି ଅସୁବିଧା ହେବନି ।

ବୋଉ କଥା ଶୁଣି ହଠାତ୍ ମନେପଡ଼ିଗଲା ସୁନାଭାଉଜଙ୍କ କଥା । ମନେପଡ଼ିଗଲା ଏକଦା ନିରୀକ୍ଷଣ କରିଥିବା ସୁନାଭାଉଜ ଓ ରଂଗଭାଇନାଙ୍କର ପହିଲି ପହିଲି ଦାମ୍ପତ୍ୟ ପ୍ରେମର ସେ ରଂଗଉକୁଟା ସୁଗନ୍ଧୀ ଦିନଗୁଡ଼ିକର କଥା । ପଚାରିଲି - ବୋଉ ସୁନାଭାଉଜଙ୍କ ଖବର କଅଣ ? ରଂଗଭାଇନା ଆଗପରି ଆସନ୍ତି ନା ଆମ ଘରକୁ ? - ଗଲା କେଇବର୍ଷ ହେଲା ରଂଗ ଆଉ ଅସୁନି ଏଠିକି । ମାଲୁଣୀଟୋକୀକୁ ଧରି ରହିଛି ତ । କାଳେ ମୁଁ କିଛି କହିଦେବି ବୋଲି ଡରରେ ଆସୁନି ବୋଧେ । ବୋଉ ଜବାବ୍ ଦେଲା ।

- ପୁଣି ସେ ସୈରିନ୍ଧ୍ରୀପାଖକୁ ଗଲେଣି ରଂଗଭାଇନା ? ସୁନାଭାଉଜଙ୍କ ପରି ସ୍ତ୍ରୀ ପାଇ ସୁଦ୍ଧା ? ମୁଁ ଆଶ୍ଚର୍ଯ୍ୟ ହେଇ ପଚାରିଲି ।

ବୋଉ କହିଲା- ସୁନା କଥା ତୁ ଆଉ କହନା ମତେ । ସବୁନାଟର ଗୋବର୍ଦ୍ଧନ ସିଏ । ଗଲା କେଇବର୍ଷ ହେଲା କଅଣ ଗୋଟେ ଦୀକ୍ଷା ନେଇ ସନ୍ନ୍ୟାସିନୀ ହେଇଛି । ପୁରୁଷ ସଙ୍ଗ ନିଷେଧ ବୋଲି କୁଆଡ଼େ ତା ଗୁରୁ ତାକୁ କହିଛନ୍ତି । ବାରିପଟେ ଖଳାବାରିକି ଲାଗିଥିବା ସେଇ ବଖରାଏ ଚାଳଘରେ ରହେ । ଦିନଯାକ ଜପତପ ପୂଜାପାଠ କରୁଥାଏ । ଗାଁଯାକ ଲୋକ ଛିଃ-ଛାକର କରୁଛନ୍ତି । ନିଜ ସ୍ତ୍ରୀ ତ ସଂସାରତ୍ୟାଗୀ ହେଲା । ରଂଗ ଆଉ ମାଲୁଣୀ ପାଖକୁ ଯାଆନ୍ତାନି କଅଣ କରନ୍ତା । ରଂଗର ବାପାମାଆ ତ ସେପୁରକୁ ଗଲେଣି କେଇବର୍ଷ ହେଲା । ତାକୁ ଶାସନ କରିବ ବା କିଏ ?

କଥାଟି ଶୁଣି ଅବାକ୍ ହେଲି । ଇଏକି ପାଗଳାମି ସୁନାଭାଉଜଙ୍କର ? ଏଭଳି ପାଗଳାମିର କୌଣସି ଲକ୍ଷଣ ତ ତାଙ୍କ ପାଖରେ ଦେଖୁନଥିଲି । ଏଭଳି ପୂରନ୍ତ ପ୍ରୀତିମୟ ଗୋଟିଏ ସଂସାରକୁ ଏମିତି କିଏ ନିଜ ହାତରେ ଉଜାଡ଼ି ଦିଏ ? ସାରା ଉପାଖ୍ୟାନଟି ଏକ ପ୍ରହେଳିକା ପରି ମନେହେଲା ମତେ ।

ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ଅନୁଯାୟୀ ମୁଁ ଗାଁକୁ ଗଲି ଦୁଇଦିନପରେ ଏବଂ ପହଞ୍ଚିବା ଦିନଇ ମନଭିତରେ ଅଜସ୍ର ଉତ୍କଣ୍ଠା ଓ ଉତ୍ସୁକତା ନେଇ ଯାଇଥିଲି ସୁନାଭାଉଜଙ୍କ ଘରକୁ ।

ସନ୍ଧ୍ୟା ସମୟ । ମୁଁ ପହଞ୍ଚିଲାବେଳକୁ ଘରକୋଣରେ ସ୍ଥାପନା ହୋଇଥିବା ରାଧାକୃଷ୍ଣଙ୍କ ଯୁଗଳମୂର୍ତ୍ତି ସାମ୍ନାରେ ସନ୍ଧ୍ୟାରତି ସାରି ଠିକ୍ ଉଠୁଥିଲେ ସୁନାଭାଉଜ । ମତେ ଦେଖି ମୁଦୁ ଭାବରେ ହସିଲେ । ବହଳ ବିଷଣ୍ଣତାର ହସ । ହାତଧରି ବସାଇଲେ ମଶିଣାରେ ।



Digitized by srujanika@gmail.com

କହିଲେ - ତମେ ଆସିଛ ବୋଲି ଖବର ପାଇଛି । ଯାଇପାରିନି, ଆଜିକାଲି ଆଉ ବେଶି କୁଆଡେ ଯାଏନି ତ ! କେତେ ବର୍ଷ ପରେ ଦେଖା ସତେ । ତମେ କିନ୍ତୁ ଖୁବ୍ ବେଶି ବଦଳିନ ଯା ଭିତରେ ।

ନିରେଖି ଦେଖିଲି ସୁନାଭାଉଜଙ୍କୁ । ଶୁଭ୍ର ଓ ଶୀର୍ଣ୍ଣ ଦେହଲତା । ଏତେ ବେଶି ଶୁଭ୍ର ଓ ଏତେ ବେଶି ଶୀର୍ଣ୍ଣ ଯେ ଗ୍ରୀବା ଓ ବାହୁର ନୀଳନୀଳ ଶିରାପ୍ରଶିରାସବୁ ତ୍ୱକ୍‌ଭିତର ଦେଇ ଫୁଟିବାହାରୁଛନ୍ତି ଉପରକୁ । ଶରୀର ଆଭରଣଶୂନ୍ୟ । ହାତରେ କେବଳ ମୋଟା ମୋଟା ରକ୍ତପ୍ରବାଳର ଶଙ୍ଖା ଦୁଇଟି । ପହରଣ ଗେରୁମଡା ଶାଢ଼ୀ । ସିନ୍ଥିରେ ବହଳକରି ସିନ୍ଦୂର ।

ଦିଅଁଙ୍କ ଖଟୁଲୀ ସାମ୍ନା ପିତ୍ତଳଥାଳିରୁ ଯୋଡିଏ ତିଳଲଡୁ ଆଣି ମୋ ହାତକୁ ବଢ଼େଇ ଦେଲେ ସୁନାଭାଉଜ । ସ୍ନେହବୋଳା କଣ୍ଠରେ କହିଲେ - ନିଅ, ପ୍ରସାଦ ପାଅ । ତୁମେ ତ ମୋ ହାତ ତିଆରି ତିଳଲଡୁ ଭାରି ସୁଖପାଅ । ମନେଅଛି ? କେତେଥର ଏ ଲଡୁ ବନେଇ ଖୁଆଇଛି ତମକୁ ?

ମୁଁ କହିଲି - ତମେ ଗୋଟିଏ ନିଅ ସୁନାଭାଉଜ । ମୁଁ ଏବେ ଜଳଖିଆ କରିକି ଆସିଛି । ସୁନାଭାଉଜ କହିଲେ- ମୁଁ ତ ରାତିରେ କିଛି ଖାଏନି । ଦିନରେ ବକ୍ତେ ଅରୁଆ ଖାଏ, ବେଳ ଗଡିଲେ । ତମେ ଖାଅ ।

ମୁଁ ସୁନାଭାଉଜଙ୍କ ହାତ ତିଆରି କର୍ପୂରବାସମିଶା ତିଳଲଡୁର ସ୍ୱାଦ ନେବାକୁ ଲାଗିଲି । ପାଖରେ ବସି ମୋ ସହିତ ଟୁକ୍‌ଟାକ୍ କଥା କହିଲାଗିଲେ ସୁନାଭାଉଜ । ବୁଝିପାରୁଥିଲି, ଗଳାରେ ଅନ୍ତରଂଗତାର ସ୍ୱର ଫୁଟାଇବାର ଆପ୍ରାଣ ପ୍ରୟାସ ସତ୍ତ୍ୱେ, ସୁନାଭାଉଜଙ୍କ କଥାସବୁ ହେଇ ଉଠୁଥିଲା ଅନେକାଂଶରେ ଅସ୍ୱଚ୍ଛନ୍ଦ ଓ ଖେଇହୀନ । କେଉଁଠି କେମିତି ଏକ ପ୍ରତିବନ୍ଧକ ଆସିଯାଉଥିଲା କଥାର ସ୍ରୋତରେ ।

ସୁନାଭାଉଜଙ୍କର ଏତାଦୃଶ ଜୀବନଚର୍ଯ୍ୟା ସଂପର୍କରେ ତାଙ୍କୁ ପ୍ରଶ୍ନ କରିବା ସମୀଚୀନ ହେବ ନା ନାହିଁ ଭାବିଲାବେଳକୁ ଅଚାନକ କଥାର ମୋଡ ଘୂରାଇ ସୁନାଭାଉଜ ପଚାରିଲେ- କାନନ, ତମେ ପରା କୁଆଡେ ଏବେ ଆସାମରେ ଅଛ ।

- ବିନୟଙ୍କର ଚାକିରି ଯେ ସେଇଠି । ମୁଁ ଉତ୍ତର ଦେଲି ।

- ଆଚ୍ଛା ! ଆସାମ କଅଣ ସତରେ କାଉଁରୀ କାମଚଣ୍ଡୀର ଦେଶ ? ସେଠି କୁଆଡେ ଝିଅମାନେ କାଉଁରୀକାଠି ବୁଲେଇ ପୁଅମାନଙ୍କୁ ବଶ କରିଦିଅନ୍ତି ଅକ୍ଳେଶରେ ? ସୁନାଭାଉଜ କିଛିତ୍ ଉତ୍ସୁକତାର ସହିତ ମତେ ପଚାରି ବସିଲେ ଏବଂ ମୁଁ ଅବାକ୍ ହେଇ ଚାହିଁ ରହିଲି ତାଙ୍କ ମୁହଁକୁ । ଇଏ କି ପ୍ରଶ୍ନ ମତେ ପଚାରୁଛନ୍ତି ସୁନାଭାଉଜ ? କାହିଁକି ବା ପଚାରୁଛନ୍ତି



Digitized by srujanika@gmail.com

ଏଭଳି ରହସ୍ୟାବୃତ୍ତ ପ୍ରଶ୍ନଟିଏ ?

ମୁଁ କିଛି ଉତ୍ତର ଦେବା ପୂର୍ବରୁ ହଠାତ୍ ମୋ ହାତଧରି ଥରଥର ଗଳାରେ ସୁନାଭାଉଜ କହିଲେ - ମତେ ସେ କାମାଖ୍ୟା ଦେଶର କାଉଁରୀ କାଠିଟିଏ ଆଣିଦେବ କାନନ ? ତମ ଭାଇନାଙ୍କୁ ବଶ କରିବା ପାଇଁ ? ମାଳୁଣୀ ଯେଁ କଳାଫୁଲ ଶୁଙ୍ଘେଇ ମେଣ୍ଢା କରିଦେଇଛି ତମ ଭାଇଙ୍କୁ । ଆଣିଦବ ମତେ ଧଳାଫୁଲଟିଏ ? ଯାହାକୁ କି ଶୁଙ୍ଘେଇ ତମ ଭାଇଙ୍କୁ ମୁଁ ପୁଣି ମଣିଷଟିଏ କରିଦେଇପାରିବି । ମତେ ଆଗଭଳି ଭଲପାଇଲା ପରି ମଣିଷଟିଏ ।

ଏଥରକ ପ୍ରାରମ୍ଭିକ ବିମୂଢ଼ତା କାଟି ଓ ସାହସ ସଂଗ୍ରହ କରି ମୁଁ କହିଲି - ଭାଉଜ ! ରଂଗଭାଇନା ସୈରିନ୍ଧ୍ରୀ ପାଖକୁ ଯିବା କଥା ମୁଁ ଜାଣେ । ହେଲେ ଏଥିପାଇଁ ତ ତୁମେ ନିଜେ ଇ ଦାୟୀ । ତୁମେ ଇ ତ ସନ୍ନ୍ୟାସିନୀ ହେଇ ସ୍ୱାମୀଙ୍କୁ ତ୍ୟାଗ କରିଛ । ରଂଗଭାଇନା ତ ତୁମକୁ ତ୍ୟାଗ କରିନାହାନ୍ତି । ତାଙ୍କୁ ଫେରାଇ ଆଣିବାର ପ୍ରଶ୍ନ ତାହେଲେ ଏବେ ଉଠୁଛି କେଉଁଠୁ ?

ମୋ କଥାଶୁଣି କିଛି ସମୟ ସ୍ଥାଣୁବଦ୍ ବସିରହିଲେ ସୁନାଭାଉଜ ! ତାପରେ ଆଖିର ଉଦ୍‌ଗତ ଅଶ୍ରୁକୁ ଚାପିରଖି କହିଲେ - ଅନ୍ୟମାନଙ୍କ ପରି ତୁମେ ବି ଏଇକଥା ବିଶ୍ୱାସ କଲ ଶେଷରେ ? ତମକୁ ଯେ ଭାରି ବୁଦ୍ଧିମତୀ ବୋଲି ଭାବିଥିଲି । ତୁମେ ଯେ ମୋର ପାଠୋଇ ନଣନ୍ଦ ।

ମୁଁ କହିଲି - ସତରେ ସୁନାଭାଉଜ, ତୁମର ଏଇ ଗୈରିକ ବସ୍ତ୍ର ଧାରଣ କରିବା ପ୍ରକ୍ରିୟାଟି ମୋ ପାଇଁ ଏକ ବିରାଟ ପ୍ରହେଳିକା । ଯେତେ ଭାବିଲେ ବି ମୁଁ ଯାର କିଛି କୂଳକିନାରା ପାଏନି ।

- ଠିକ୍ ଅଛି । ତୁମକୁ ତାହେଲେ ସତକଥାଟି କହିଦିଏ ଆଜି । ଏ ପଥରର ବୋଝ ଛାତି ଭିତରେ ଏକ୍‌ଲା ବୋହିବୋହି ଭାରି ଅସହ୍ୟ ଲାଗିଗଲାଣି ମତେ । ହୁଏତ ତୁମକୁ କହିଦେଲେ ମନ କିଛିଟା ହାଲୁକା ହେଇଯିବ । ଏ ଭାର ଯେ ସହି ହେଉନି ଆଉ । ସୁନାଭାଉଜ ଉତ୍ତର ଦେଲେ । କିଛି ସମୟ ପରେ ଦୀର୍ଘନିଶ୍ୱାସ ପକାଇ କହିଲେ - ଏକଥା ସତ ଯେ ବାହାଘରର ପ୍ରଥମ କେଇବର୍ଷ ତୁମ ଭାଇଙ୍କ ମନ ଘର ଧରିଥିଲା । ମାତ୍ର ତାହା ହାତଗଣତି କେଇଟାବର୍ଷ ପାଇଁ କେବଳ । ପରେପରେ ମନ ଛାଡିଗଲା ମୋଠୁ । ପୁଣି ଯିବାକୁ ଆରମ୍ଭ କଲେ ମାଳୁଣୀ ଝିଅ ପାଖକୁ । ହୁଏତ ଏଇଟା ଇ ପୁରୁଷ ଜାତିର ସହଜାତ ପ୍ରବୃତ୍ତି । ପତ୍ନୀସହିତ ଉପୁଜିଥିବା ସଂପର୍କର ପୌନଃପୁନିକତା ହୁଏତ କାଳକ୍ରମେ କିଛିମାତ୍ରାରେ ଅବସାଦ ଆଣିଦିଏ ତା ମନରେ । ସ୍ତ୍ରୀ ସହିତ ବିତାଉଥିବା ପ୍ରତିଟି ସନ୍ଧ୍ୟା ତା ପାଇଁ ଆଉ ଉତ୍ସବମୁଖର ସନ୍ଧ୍ୟା ହେଇ ରହେନି । ହୁଏତ ସିଏ ଖୋଜିବୁଲେ ଏକ ପ୍ରଶସ୍ତ ଚରାଚର, ଏକ ଅଭିନବ ଅନୁଭୂତି ତଥା ଉଦ୍ଦୀପନାର ଆକାଶ । କିଏ ସୁଯୋଗ



Digitized by srujanika@gmail.com

ପାଏ; କିଏ ବା ପାଏନି । ତୁମ ଭାଇନା ସୁଯୋଗ ପାଇଲେ, ଚାଲିଗଲେ ।

ସୁନାଭାଉଜଙ୍କ କଥାକୁ ମଝିରେ କାଟି ମୁଁ କହିଲି - କିନ୍ତୁ ଯା ସହିତ ତୁମର ସନ୍ନ୍ୟାସିନୀ ହେବାର ସଂପର୍କ କଅଣ ମୁଁ ଆଦୌ ଧରିପାରୁନି ।

ସୁନାଭାଉଜ କହିଲେ - ବାହାଘର ଆଗରୁ ତୁମ ଭାଇନାଙ୍କ ବଦ୍‌ନାମ ଶୁଣିଥିଲି । ଲୋକେ ମୋତେ କହୁଥିଲେ ରୂପବତୀ ବୋଲି । ପଣ କରିଥିଲି ମୋ ରୂପର ଅଗ୍ନିଶିଖାରେ ପୋଡିଜାଳି ଭସ୍ମ କରିଦେବି ତୁମ ଭାଇନାଙ୍କର କ୍ଳେଦମୟ ଅତୀତକୁ । କିନ୍ତୁ ତାହା ହେଲାନି । ସୈରିନ୍ଧ୍ରୀ ପ୍ରତି ତାଙ୍କର ଦୁର୍ବାର ଆକର୍ଷଣ ପ୍ରଚଣ୍ଡ ଏକ ଧକ୍‌କା ଦେଲା ମୋ ଅହଙ୍କାରକୁ । ବାଧ ହେଇ ଆଶ୍ରୟ ନେଲି ଏ କପଟତାର । ଲୋକେ ବରଂ ଜାଣନ୍ତୁ ସ୍ତ୍ରୀ ସଂସାରତ୍ୟାଗୀ ହେବାରୁ ମଣିଷଟି ଅନନ୍ୟୋପାୟ ହୋଇ ଘର ବାହାରକୁ ପାଦକାଢ଼ିଲା । ସେ ଅପବାଦ ମୁଁ ସହିଯିବି, କିନ୍ତୁ ମୁଁ ଘରେ ଥାଉ ଥାଉ ମତେ ଆଡେଇ ଦେଇ ମୋ ସ୍ୱାମୀ ଅନ୍ୟକାହା ପାଖରେ ଆତ୍ମସମର୍ପଣ କରିବାଟା ଯେ ଚରମ ଅପମାନଜନକ ମୋ ପାଇଁ । ପତ୍ନୀ ହିସାବରେ ତାହା ଯେ ମୋର ଚରମ ପରାଜୟ । ସେ ପରାଜୟର ଗ୍ଲାନି ମୁଁ ସହିଥାଆନ୍ତି କେମିତି ? କେମିତି ଆପଣେଇ ନେଇଥାଆନ୍ତି ସେ ଧକ୍‌କାରକୁ ? ସେ ଅବମାନନାକୁ ? ସେଇଥିପାଇଁ ମୋର ଏ ଛଳନା । ସେଇଥିପାଇଁ ମୋର ଏ ଆତ୍ମ ନିଗ୍ରହ ଓ କୃଚ୍ଛ୍ରସାଧନା । ମିଛ ମିଛ ଏଇ ସନ୍ନ୍ୟାସିନୀର ବେଶ ।

ଅନେକଥର ନିଜକୁ ନିଜେ ବୁଝାଇବାକୁ ଚେଷ୍ଟା କରିଛି । ପୃଥିବୀରେ ଏଭଳି ଅନେକ ସ୍ତ୍ରୀ ଅଛନ୍ତି, ଯେଉଁମାନଙ୍କ ସ୍ୱାମୀ ଅନ୍ୟପ୍ରତି ଆସକ୍ତ । ଜୀବନ ସହିତ ସାଲିସ୍ କରି ତେବେ ବି ସଂସାର କରୁଛନ୍ତି ସେମାନେ । କିନ୍ତୁ ବିଶ୍ୱାସ କର କାନନ, ସେ ସାଲିସ୍ ମୁଁ କୌଣସିମତେ କହିପାରିଲିନି । ଶତଚେଷ୍ଟା ସତ୍ତ୍ୱେ ବି କେଉଁଠି ଯେମିତି ବାଧିଲା ମୋର ମର୍ଯ୍ୟାଦାବୋଧକୁ, ମୋର ଆତ୍ମସମ୍ମାନକୁ ।

ଏକା ସାଥିରେ ଅନେକଗୁଡିଏ କଥା କହି ନୀରବ ରହିଲେ ସୁନାଭାଉଜ । ଏବଂ ତାଙ୍କ ଡାହାଣହାତଟିକୁ ମୋର ଦୁଇ ପାପୁଲି ଭିତରେ ଧରି ରଖି ଓ ଛାତିଭିତରେ ଏକ ଅକଥନୀୟ ଯନ୍ତ୍ରଣାକୁ ଉପଲବ୍ଧି କରି ମୁଁ ତାଙ୍କ ସାମ୍ନାରେ ପଥରମୂର୍ତ୍ତି ପରି ବସିରହିଲି ।

ବାହାରେ ରାତି ବଢୁଥିଲା । ମୁଁ ଉଠିବା ପାଇଁ ଉଦ୍ୟତ ହେଲି । କହିଲି - ଭାଉଜ, ମତେ କ୍ଷମା କରିବ, ଅନ୍ୟମାନଙ୍କ ପରି ମୁଁ ବି ତୁମକୁ ଭୁଲ୍ ବୁଝିଥିଲି । ଆଶ୍ଚର୍ଯ୍ୟ କଥା, ନିଜେ ନାରୀଟିଏ ହୋଇ ସୁଦ୍ଧା, ଗୋଟିଏ ନାରୀର ପରାଭବ ହୃଦୟଙ୍ଗମ କରିପାରିନଥିଲି । ମତେ କ୍ଷମା କରିଦବ ।

ମୋ କଥା ଶୁଣି ଅତ୍ୟନ୍ତ ମୃଦୁଭାବରେ ହସିଲେ ସୁନାଭାଉଜ । ମୋତେ ବାଟେଇ



Digitized by srujanika@gmail.com

ଦେବାପାଇଁ ମୋ ସହିତ ଦୁଆରବନ୍ଧ ପର୍ଯ୍ୟନ୍ତ ଆସୁ ଆସୁ କହିଲେ- ତୁମେ ତ କହୁଥିଲ କାଲି ଚାଲିଯିବ ବୋଲି । ଆଉ ବୋଧେ ତୁମ ସହିତ ଦେଖାହବନି । ତୁମେ ଯିବା ଆଗରୁ ତୁମକୁ ମୋର ଗୋଟିଏ ଅନୁରୋଧ-

ମୁଁ କହିଲି, ଅନୁରୋଧ ନୁହେଁ, ବରଂ ଆଦେଶ କୁହ ଭାଉଜ ।

ସୁନାଭାଉଜ କହିଲେ - କେଜାଣି କାହିଁକି ଆଜି ତୁମ ଆଗରେ ଏତେ ସବୁ କଥା କହୁକହୁ କହିପକାଇଲି । ହୁଏତ ଲାଗିଲା ତୁମେ ମୋ କଥା ବୁଝିବ କିମ୍ବା ହୁଏତ ବନ୍ଦ ମନର ଅର୍ଗଳିଟି ଥରଟେ କାହା ଆଗରେ ଖୋଲିବା ଦରକାର ଥିଲା । ଯାହାହେଉ ତୁମକୁ କିନ୍ତୁ ମୋ ରାଣ, ଏକଥା ଯେମିତି କେବେ ବି କାହା ଆଗରେ ନକୁହ । ଗାଁ ସାରା ଯାହା ଏପର୍ଯ୍ୟନ୍ତ ମୋ ସଂପର୍କରେ ଭାବି ଆସିଛନ୍ତି, ସେଇ ଧାରଣା ନେଇ ରହିଥାଆନ୍ତୁ ସେମାନେ । କଥାଟି ପ୍ରଘଟ ହେଲେ ଯେ ଲାଜ ଓ ଅପମାନରେ ମାଟିରେ ମିଶିଯିବାକୁ ପଡିବ ମତେ । ମୁଁ କହିଲି- ବିବ୍ରତ ହୁଅନା ଭାଉଜ, ତୁମେ ମୋ ଉପରେ ଅଜାଡି ଦେଇଥିବା ଅଖଣ୍ଡ ବିଶ୍ୱାସକୁ ମୁଁ ନିଶ୍ଚିତ ରୂପେ ସମ୍ମାନ କରିବି । ଏସବୁକଥା ଏ ଚୌକାଠ ବାହାରକୁ ଯିବନି ।

ଏ ଘଟଣା ଅନେକ ପୁରୁଣା । ପ୍ରାୟ ଚାରିଦଶକ ପୂର୍ବର କଥା । ମୋ ଜୀବନର ଅଜସ୍ର ସତ୍ୟଘଟଣା ଉପରେ ଆଧାର କରି ଅନେକ କାହାଣୀ ମୁଁ ଲେଖିଛି ଯା ଭିତରେ । କିନ୍ତୁ ଏ କାହାଣୀଟି ଲିପିବଦ୍ଧ କରିବାର ସାହସ ଏଯାବତ୍ ମୁଁ କରିପାରିନଥିଲି । ତାଙ୍କ ଜୀବଦ୍ଦଶା କାଳରେ ଏ କାହାଣୀ କାହାରି ଆଗରେ ନକହିବା ପାଇଁ ମୁଁ ଅଙ୍ଗୀକାରବଦ୍ଧ ଥିଲି ସୁନାଭାଉଜଙ୍କ ପାଖରେ ।

କାଲି ଖବର ପାଇଲି ସନ୍ନ୍ୟାସିନୀ ସୁନାଭାଉଜଙ୍କର ଏବେ ସ୍ୱର୍ଗବାସ ହେଇଛି । ସେଇଲାଗି ଏ କାହାଣୀର ଅବତାରଣା । ଏ କାହାଣୀ କହିବାରେ ଆଉ କୌଣସି ପ୍ରତିବନ୍ଧକ ନାହିଁ ।

(ଏପ୍ରିଲ, ୨୦୦୨)

❑❑❑



Digitized by srujanika@gmail.com

# ଶିମ

ଠିକ୍ ଆଷାଢ଼ମାସ ଶେଷ ଆଡକୁ ମଂଜି ଯୋଡିକ ପୋତି ଦେଉଥିଲା ବୋଉ, ସେଦ୍ ଘର କାନ୍ଥକୁ ଲଗେଇକି । ଅଗଣା ମଝିରେ ବଖରେ ଆଜ୍‌ବେଷ୍ଟସ୍ ଛାତର ଘର । କେଉଁକାଳେ ଗାଈଗୁହାଳ ଥିଲା । ଏବେ ଘରର ଅନାବଶ୍ୟକ ଆବର୍ଜନାରେ ଭର୍ତ୍ତି । ତାହାରି ସାମନାରେ ପୂର୍ବମୁହାଁ ଚାଖଣ୍ଡେ ହବ ଗାତ ଖୋଳି ବୋଉ ମଂଜି ଯୋଡିକ ପୋତି ଦେଉଥିଲା ସେ ଗାତରେ ଫପ୍‌ସା କଳାମାଟିରେ । ବଡ ପିତ୍ତଳ ଢ଼ାଳରେ ମନ୍ଦାଏ ହବ ପାଣି ଢ଼ାଳି ଦେଉଥିଲା ତା ମଳାରେ । କେତେବେଳେ ସେ ମଂଜିଯୋଡିକ ପୋତୁଥିଲା ଆମେ ଦେଖୁନଥିଲୁ । ଟେର୍ ପାଉଥିଲୁ ବଗୁଲିଆ ଶିଶୁଗଛଟି ଆଖିମେଲାଇ ଏତେତେଣେ ଉତ୍ସୁକ ଆଖିରେ ଚାହିଁଲା ପରେ ।

ମଂଜି କଣିବାକୁ ପଡୁନଥିଲା ବଜାରରୁ । ଗତବର୍ଷର ମଂଜିକୁ ସାଇତି ରଖୁଥିଲା ବୋଉ । ଶିମଗଛର ପ୍ରଥମ ଫଳତକ ତୋଳୁନଥିଲା କେବେହେଲେ । ଆଠଦଶଟି ଛୁଇଁ ଛାଡିଦେଉଥିଲା ପାକଳ ହେବା ପାଇଁ । ଛୁଇଁତକ ପୂରା ଶୁଖିଗଲେ ତୋଳିଆଣି ଗୋଟିଏ ତାଳପତ୍ର ଟୋପିରେ ରଖି ଟୋପିଟି ଠେଲିଦେଉଥିଲା ସିଢ଼ିଘର କନ୍ଦିକି । ସେ ଟୋପି ଅଜସ୍ର ଅନାବନା ଜିନିଷ ଭିତରେ ପଡିକି ରହୁଥିଲା ସେଠି ସାରାବର୍ଷ । ବର୍ଷାଋତୁ ପାଖେଇ ଆସିଲେ ବୋଉର ମନେ ପଡିଯାଉଥିଲା ଶିମମଂଜି କଥା । ଟୋପିଟି ଆଡେଇ, ଛୁଇଁରୁ ମଂଜି ଛଡେଇ ସୁସ୍ଥସବଳ ମଂଜି କେତୋଟି ବାଛି ପାଣିରେ ବତୁରାଇ ଦେଉଥିଲା ରାତିରେ । ଆଉ ତା ପରଦିନ ସକାଳେ ତହିଁରୁ ଯୋଡିଏ ବାଛି ରୋପି ଦେଉଥିଲା ମାଟିରେ ।

କେଜାଣି କାହିଁକି ଶିମ ମଂଜି ଲଗାଇଲା ବେଳେ ବୋଉ ଲଗାଉଥିଲା ମାତ୍ର ଯୋଡିଏ । ଦୁଇରୁ ଅଧିକା ନୁହେଁ । ଆମେ କହୁଥିଲୁ ବୋଉ ! ଯଦି ଚାରା ନ ଗଜୁରିବ ? ଯଦି ଗୋଟିଏ ମଂଜି ଖରାପ ଥିବ ? ବେଶିକି ଲଗୋଉନୁ ? ବୋଉ ହସୁଥିଲା । କହୁଥିଲା- ଠିକ୍ ଗଜୁରିବ ସିଏ । ଏବଂ ସତକୁ ସତ ଦୁଇଟି ଯାକ ମଂଜି ଚମତ୍କାର ଅଙ୍କୁର ଯୋଡିଏ ଦେଇ ଦେଉଥିଲା ବିନା ଝଂଝାଳରେ । ମଂଜି ଦୁଇଟି ଥିଲା ଦୁଇଟି ଭିନ୍ନ ଭିନ୍ନ ଜାତି ଶିମର । ଗୋଟିକର ଫଳ ଥିଲା ଚେପ୍‌ଟା ଓ ଚଉଡା । ବର୍ଣ୍ଣ ସବୁଜ । ଆରଟିର ଫଳ ହେଉଥିଲା



Digitized by srujanika@gmail.com

ଲମ୍ବ ଓ ସରୁ । ଦେଖିବାକୁ ହାତ ଆଙ୍ଗୁଳି ଭଳିଆ, ଈଷତ୍ କଳାରଂଗ ମିଶା ।

ଗଛ ମୁଠୁଣିଏ ଉଚ୍ଚ ହେଲେ ବାରିରୁ ଶୁଖିଲା ଆମ୍ବଡାଳି ଦିଖଣ୍ଡ ଆଣି ତା ମୂଳରେ ରଖିଦେଉଥିଲା ବୋଉ । ସେ ତାହିରେ ଧାପେ ଧାପେ ଉଠି, ପାରଂଗମ ପାହାଡ ଚଢ଼ାଳିପରି ଗଛ ଦୁଇଟି ଚଢ଼ି ଯାଉଥିଲା ଆଜ୍‌ବେଷ୍ଟସ୍ ଛାତ ଉପରକୁ । ସକାଳର ସୁନେଲୀ ଆଲୋକ ଓ ମଧ୍ୟାହ୍ନର ରୂପେଲୀ ଖରା ଖାଇ କେଇଟା ଦିନରେ ସେ ପୁଷ୍ଟ ଗଛଯୋଡିକ ଲତେଇ ବ୍ୟାପି ଯାଉଥିଲେ ସାରା ଆଜ୍‌ବେଷ୍ଟସ୍ ଛାତ । ଧଣ୍ଡସାପ ମୁଣ୍ଡ ପରି ତେଜୀୟାନ୍ ଲକ୍‌ଲକ୍ ଅଗ । ଗତିଶୀଳ ନାଗ ପରି ଶକ୍ତ, ମୋଟା ଓ ମୋଡିମୋଡିକିଆ ମୂଳ ।

ପୌଷମାସ ପଶିଲାବେଳକୁ ଅଜସ୍ର ଫୁଲକଢ଼ରେ ଛାଇଯାଉଥିଲା ସେ ଗଛ । ସିଧାସଳଖ ଆକାଶଆଡ଼େ ଆଖିମେଲେଇ ମୃଦୁ ମୃଦୁ ହସୁଥିଲେ ସେ ଫୁଲର ମଂଜରୀସବୁ । ଗୋଟିଏ ଗଛର ଫୁଲର ରଂଗ ଥିଲା ଫିକା ବାଇଗଣୀ । ଅନ୍ୟଟିର ସାଦା । ଲାଗୁଥିଲା ଆଜ୍‌ବେଷ୍ଟସ୍ ଛାତଟି ସତେ ଅବା ବର୍ଣ୍ଣାଢ଼୍ୟ ଶାଢ଼ୀଟିଏ ଘୋଡିହୋଇପଡ଼ିଛି । କେବେ କେମିତି ଅତି କ୍ଷୁଦ୍ର କଳା କଳା ପୋକ ଲାଗିଯାଉଥିଲେ ପତ୍ର ଓ ଫୁଲରେ । ଢ଼ଙ୍କ ଦିଶୁଥିଲା ରୁଗ୍‌ଣ, ନିସ୍ତେଜ । ବାସୁକୁ ଛାତଉପରକୁ ଉଠାଇ ପାଉଁଶ ଛିଞ୍ଚା କରାଉଥିଲା ବୋଉ । ପୋକ ମରିଯାଉଥିଲେ । ଗଛଟି ହେଇଯାଉଥିଲା ପୁନର୍ବାର ପ୍ରାଣବନ୍ତ । ସକାଳେ ଶୋଇବା ଘରୁ ଉଠି ପିଣ୍ଡାରେ ଗୋଡ ଦେଲେଇ ଆଖିରେ ପଡୁଥିଲା ଯୌବନବତୀ ଗଛଟି । ବୁନ୍ଦା ବୁନ୍ଦା କାକରରେ ଗାଧେଇ ଦିଶୁଥିଲା ସଦ୍ୟସ୍ନାତା ଶ୍ୟାମା ବନ କୁଅଁରୀଟିଏ ଭଳି । ମନ ହେଇଯାଉଥିଲା ବେଜାୟ ଖୁସି ।

କେଇଟା ଦିନରେ ପେଛି ପେଛି ଫଳ ଲାଗିଯାଉଥିଲା ଗଛରେ । କଅଁଳ କଅଁଳ ଶିମ ତୋଳି ସୋରିଷବଟା ଦେଇ ବୋଉ କରୁଥିଲା ତରକାରୀ । କଖାରୁ, ବାଇଗଣ ଓ ପୁଆସାରୁ ମିଶେଇ । ପାଞ୍ଚଫୁଟଣ, ବଡି, ପିଆଜ ଛୁଙ୍କରେ ମହମହ ବାସୁଥିଲା ସେ ତରକାରୀ , ଶିମତକ ପାଟିକୁ ଲାଗୁଥିଲା ଛତୁପରି । ଶିମ ଦରପାକଳ ହେଲେ ବୋଉ କରୁଥିଲା ଡାଲ୍‌ମା ନ ହେଲେ ଭଜା । ବୟସ୍କ ଛୁଇଁଗୁଡିକରୁ ମଂଜି ବାହାରକରି ବୋଉ ଗିନେ ହବ ଟବକା, ମାଂସଳ ମଂଜି ପକାଇଦେଉଥିଲା ସନ୍ତୁଳାରେ । ପ୍ରତିଦିନ ଖାଇ ଖାଇ ସରୁନଥିଲା ସେ ଶିମ । ମାତ୍ର ଦୁଇଟି ଗଛ, ଫଳ ଦେଉଥିଲା କିନ୍ତୁ ଅପର୍ଯ୍ୟାପ୍ତ । ଅନେକ ଛୁଇଁ ଶୁଖିଯାଉଥିଲା ଗଛରେ । ଶୁଖିଲା ଛୁଇଁରୁ ମଂଜି ବାହାର କରି ସାଇତି ରଖୁଥିଲା ବୋଉ । ଶୀତଦିନ ସରିଗଲେ, କେବେ କେମିତି ଗିନେ ହବ ସେ ଶୁଖିଲା ମଂଜି ବତୁରେଇ ଦେଉଥିଲା ପାଣିରେ । ଦିନକ ପରେ ହାତରେ ଚୋଟ୍‌କି ମକଚିଦେଲେ ସେ ମଂଜିରୁ ଚୋପା ଛାଡିଯାଉଥିଲା । ଭିତରର ଦାନା ହେଇ ଯାଉଥିଲା ଦି' ଫାଳ । ସେଇ ଚୋପାଛଡା



Digitized by srujanika@gmail.com

ଦାନାକୁ ଚାଉଳ, ରସୁଣ ଓ ଜିରାବଟା ଗୋଳେଇ ଭାଜୁଥିଲା ବୋଉ । କାଠଚୁଲୀର ମନ୍ଦ ମନ୍ଦ ଜାଳରେ ବସି ସେ ଦାନା ହୋଇଯାଉଥିଲା ଲାଲ୍ ଓ ମୁସ୍‌ମୁସିଆ ।

ମୋ ହେତୁ ପାଇବାଦିନରୁ ପ୍ରତି ଶୀତଋତୁରେ ସେଡ୍‌ଘରଉପରେ ଶିମଲତା ମାଡିବାର ଦେଖୁଥିଲି । କେବେବି ଗୋଟିଏ ବର୍ଷ ବାଦ୍‌ପଡିଛି ବୋଲି ମନେପଡୁନି । ମୁଁ ସପ୍ତମ ଶ୍ରେଣୀରେ ପଢ଼ିଲାବେଳେ ବାପାଙ୍କର ବଦଳି ହେଇଗଲା ବଲାଙ୍ଗିର । ଯାବତୀୟ ଗୃହସାମଗ୍ରୀ ପ୍ୟାକ୍ କରିବା ଭିତରେ, ଶିମମଂଜି କେତୋଟି ପ୍ୟାକ୍ କରିବାକୁ ଭୁଲିନଥିଲା ବୋଉ । ଈଶ୍ୱର ଜାଣନ୍ତି ଏତେ ହୁଲୁସ୍ଥୁଲ୍ ଭିତରେ କେମିତି ତାର ମନେରହିଥିଲା ଶିମମଂଜି କଥା ।

ବଲାଙ୍ଗିର୍‌ରେ ଆମକୁ ମିଳିଥିବା କ୍ୱାର୍ଟରଟିର ସାରା ଅଗଣା ହୋଇଥିଲା ସିମେଣ୍ଟ ପଲସ୍ତରାରେ ଢ଼ଙ୍କା । ରୋଷେଇଘର ପଟକୁ ମାତ୍ର ଚିରୁଡାଏ ଖୋଲାଜମି । ବର୍ଷାଋତୁ ଆସିବ ଆସିବ ହେଲାବେଳକୁ ବୋଉ ପ୍ରତିବର୍ଷ ପରି ସେଇ ଜମିରେ ପୋତିଦେଲା ମଂଜି ଯୋଡିଏ । ଆମେ କହିଲୁ- ବୋଉ ! ଆମ କଟକଘର ମାଟି ଭାରି ସରସା । କଳା କଳା, ଇଏତ ଖାଲି ଗୋଡିମିଶା ନାଲିମାଟି । ଶିମ ଭଲ ଫଳିବନି । ବୋଉ ହସିଲା । କହିଲା- ଠିକ୍ ଫଳିବ । ତମେ ଦେଖୁଥା ।

ସତକୁ ସତ ଠିକ୍ ସମୟରେ ଅଙ୍କୁର ବାହାରି, ସେ ଗଛ ଛନ ଛନ ହୋଇ ମାଡିଗଲା ରୋଷେଇ ଘର ଛାତ ଉପରକୁ । ଛାତ ସାରା ପରିବ୍ୟାପ୍ତ ହେଇ ଘର ପଛକୁ ଓହଳାଇ ପକେଇଲା ତାର କେରି କେରି ନମନୀୟ ଡ଼ଙ୍କସବୁ । ଫଳ ଆସିଲା ପ୍ରଚୁର । ଆମ ରୋଷେଇ ଘର ପଛ ପଟକୁ ଥିଲା ଆଉ ଜଣେ ଅଧ୍ୟାପକଙ୍କର ଅଗଣା । ତାଙ୍କପଟକୁ ଝୁଲିପଡିଥିବା ଶିମଲତାର ଫଳ ଖାଇ ଖାଇ ସେମାନେ ବି ହେଇଗଲେ ବିଜାର୍ । ଗଛଟିର କେତୋଟି ଶାଖା ଭୂଇଁରେ ମାଡି ଚଢ଼ିଗଲା ଆମ ଅଗଣାର ଝୁଲନ୍ତ ଜବା ବୁଦାଟି ଉପରେ । କେଇଟା ଦିନରେ ଜବାଗଛଟିକୁ ପତ୍ରରେ ପତ୍ରରେ ଛାଆଣି କରିଦେଲା ସେ ଶିମ ଶାଖା । ଆଉ ସେ ଶାଖାର ପ୍ରତ୍ୟେକ ଗଣ୍ଠିରୁ ଓହଳି ଲାଗିଲେ ନତମୁଖୀ ଓ ନଧର ପେନ୍ଥି ପେନ୍ଥି ଶିମଫଳ ।

ମନେ ଅଛି- ମୋର ଶୈଶବକାଳରେ ସେ ଶିମର ପ୍ରାଚୁର୍ଯ୍ୟରେ ଆମେ ହନ୍ତ ସନ୍ତ ହେଇଯାଉଥିଲୁ । ପ୍ରତ୍ୟେକ ଦିନ କୁଲାଏ ହେବ ଛୁଇଁ । ଖାଇକି ସାରିବା ଥିଲା ମୁସ୍‌କିଲ୍ । ବଣ୍ଟା ହେଉଥିଲା ସାଇପଡିଶାରେ । ପ୍ରତ୍ୟହ ଶିମ ତରକାରୀ ଖାଇ ଆମେ ଶିମଗଛଟିକୁ ଭର୍ତ୍ସନା କରୁଥିଲୁ ପ୍ରଚୁର । ବିରକ୍ତ ହେଉଥିଲୁ ବୋଉ ଉପରେ । ତୁ ଖାଲି ସବୁଦିନ ଶିମ ତରକାରୀ ଖୁଆଇ ନାକେଦମ କରିଦେଲୁଣି ଆମକୁ । ଆମେ ଆଉ କାଲିଠୁ ଶିମତରକାରୀ ଖାଇବୁନି । ବୋଉ ହସି ହସି ଧମକାଉଥିଲା, ଠିକ୍ ଅଛି । ଆରବର୍ଷଠୁ ଆଉ ଶିମଗଛ



Digitized by srujanika@gmail.com

ଲଗେଇବିନି । ତମେ ସବୁ କିଣିକି କେତେ ଖାଇବ ମୁଁ ଦେଖିବି ।

ଅମେ ସବୁ ବଡ ହେଇଗଲା ପରେ, ସେ ଅପର୍ଯ୍ୟାପ୍ତ ଶିମ କିନ୍ତୁ ଖାଇବାକୁ ନିଅଣ୍ଟ ପଡିଲା । ପୁତ୍ରକନ୍ୟାମାନେ ନିଜ ନିଜ ସଂସାର ଗଢ଼ି ଅଲଗା ହେଇଗଲେ । ଭାଗ୍ୟବଶତଃ ଆମେ ପାଞ୍ଚଜଣ ଭାଇଭଉଣୀ ରହିଲୁ ପାଖରେ- କଟକ ଓ ଭୁବନେଶ୍ୱରରେ । ସଭିଙ୍କ ଘରକୁ ସାରା ଶୀତରତୁ ପୁଳା ପୁଳା ଶିମ ପଠାଇ ଲାଗିଲା ବୋଉ । କୁନି ଓ ଲୁସିଙ୍କର ଘର ଥିଲା କଟକରେ, ଆସି ମଝିରେ ମଝିରେ ଶିମ ନେଇ ଯାଉଥିଲେ । କିଣିଖିଆ ପାଟିକି ବାରିଶିମ ଲାଗୁଥିଲା ମଧୁର । ଭୁବନେଶ୍ୱରରେ ରହୁଥିବା ଆମେ ତିନି ଭାଇ ଭଉଣୀଙ୍କ ଭିତରୁ ଜଣେ କିଏ ନିଶ୍ଚିତରୂପେ ପ୍ରତି ସପ୍ତାହରେ ବାପାବୋଉଙ୍କୁ ଦେଖିବାକୁ ଘରକୁ ଯାଉଥିଲୁ । ଯେତେବେଳେ ଯିଏ ଯାଉଥିଲା, ଫେରିଲାବେଳକୁ ତା ହାତରେ ଅଲଗା ଅଲଗା ବନ୍ଧା ତିନୋଟି ଶିମ ପୁଟୁଳି ପଠାଉଥିଲା ବୋଉ । ଅନେକ ସମୟରେ ମୁଁ ରାଗିଯାଉଥିଲି- ମୁଁ ଆଉ ଶିମକେଇଟା ଦବାପାଇଁ ବନୁଘରକୁ କି ବେବୀଘରକୁ ଯାଇପାରିବିନି । ବୋଉର ମୁହଁ ଶୁଖିଯାଉଥିଲା । ବିଷଣ୍ଣ ଗଳାରେ କହୁଥିଲା- ତୁ ନ ଯାଇପାରିଲେ ତାଙ୍କୁ ଫୋନ୍ କରିଦେବୁ । ସେମାନେ ଆସି ଶିମ ନେଇଯିବେ । ଦିହିଁଙ୍କର ଗାଡି ଅଛି । କେତେ ବା ବାଟ ତୋ ଘର ।

- ତା ଛଡା ମୁଁ ବି ଏତେ ଶିମ ନେବିନି । ଆମେ ତ ଦିଜଣ ଜମ୍ମା ମଣିଷ, ଏତେ ଶିମ କଅଣ ହବ ? ଶିମରୁ ଅଧା କାଢ଼ି ରଖିଦେବାପାଇଁ ଉଦ୍ୟତ ହେଉ ହେଉ ମୁଁ କହୁଥିଲି । ବୋଉ ବସିବାଜାଗାରୁ ଉଠି ଆସି ମୋ ହାତ ଧରି ପକାଉଥିଲା- କାଢ଼ନା, କାଢ଼ନା । ମୋ ଧନଟା ପରା ! ତୋର ତ ଫ୍ରିଜ ଅଛି ରଖିଦେବୁ । ଏବେ କଷି ଅଛି, ଆରଥର ତୁ ଆସିଲାବେଳକୁ ପାକଳ ହେଇଯାଇଥିବ । ବିନୟ କେତେ ଭଲପାଏ ଶିମରାଇ ଖାଇବାକୁ । ରହ, ମୁଁ ଏ ମୁଣିରୁ କାଢ଼ି ଜରି ଥଳିରେ ଭର୍ତ୍ତି କରିଦେଉଛି । ସେଇ ଥଳି ସହିତ ଫ୍ରିଜ୍‌ରେ ରଖିଦେବୁ ଯେ ଶିମ ଆଉ ଶୁଖିବନି । ଅସ୍ତବ୍ୟସ୍ତ ହୋଇ ଘରସାରା ଖୋଜି ବଢ଼ ପଲିଥିନ ଥଳିଟିଏ ଆଣି ଶିମତକ ତହିଁରେ ପୂରେଇ ଥଳି ମୁହଁରେ ସୁତୁଲି ଟିଏ ବାନ୍ଧିବାରେ ଲାଗିଯାଉଥିଲା ବୋଉ ।

- ଓହୋ ! ଥାଉ ସିଏ । ମୁଁ ଘରେ ପହଞ୍ଚି ପଲିଥିନ୍‌ରେ ପୂରେଇ ଦେବିନି ? ବୋଉକୁ ତାର ଅଯଥା ବିବ୍ରତ ହେବାର ପ୍ରୟାସରୁ ନିବୃତ୍ତ କରାଇବାକୁ ପାଇ ମୁଁ କହୁଥିଲି ।

- ହଁ ! ମୁଁ ତତେ ଜାଣିନି ? ଯାହା ଅଳସୋଇ ତୁ ! ତୁ ପୁଣି ନେଇକି ଜରିରେ ବାନ୍ଧି ଫ୍ରିଜ୍‌ରେ ରଖିବୁ ! ତୋ ଫ୍ରିଜ୍ ଦେଖିନେଇଁ ମୁଁ ? ପରିବାସବୁ ସେମିତି ଖୋଲାମେଲା



Digitized by srujanika@gmail.com

ହେଇ ଏଠି ସେଠି ଗେଣ୍ଡା ହେଇଥିବ ଶୁଖିଲା, ଦରଶୁଖିଲା ହେଇ । ଘରକରଣା ବୁଦ୍ଧି ତୋର ଆଉ ଏଯାଏ ହେଲାନି । ବୋଉ ଜବାବ୍ ଦେଉଥିଲା ।

ଆମପାଇଁ ଶିମପୁଳୁଳି ବାନ୍ଧୁ ବାନ୍ଧୁ ବେଳେବେଳେ ଗୁଣୁ ଗୁଣୁ ହୋଇ ବୋଉ କହୁଥିଲା- ଆହା ! ବୁଲୁଟା ରହିଲା ଯାଇ ରାଉର୍କେଲାରେ । ଆରବର୍ଷ ଏଇଦିନେ ଆସିଥିଲା ଯେ ବାରି ନଡିଆ ସାଥିରେ ଶିମ ଗଣ୍ଡେ ବି ବାନ୍ଧି ଦେଇଥିଲି । ଏବର୍ଷ ତ ଆଉ ଆସିଲାନି । ଏତେବାଟକୁ ଶିମଗଣ୍ଡେ ନେଇ ଯିବ କିଏ ? ଆଉ କେତେବେଳେ ଅବା ମୁହଁ ଶୁଖାଇ କହୁଥିଲା- ଶିମତରକାରୀ ଖାଇଲା ବେଳେ ଖାଲି ପିଯୁ କଥା ମନେପଡୁଛି । କେଡ଼େ ଭଲପାଏ ଶିମ ସନ୍ତୁଳା ! ଗିନେ ତରକାରୀ ନଅଣ୍ଟ ହବ ତାକୁ । ଆମେରିକାରେ ଆଉ ଯାହା ମିଳୁଥିବ ପଛେ, ହେଲେ ଶିମ କଅଣ ମିଳୁଥିବ ? ହଇରେ ପୁଅ । ଆର ଥରକ ପିଯୁ ଫୋନ୍ କଲେ ପଚାରିବୁତ ସେଠି ଶିମ ମିଳୁଚି ନା ନାହିଁ ?

ବୋଉ କଥା ଶୁଣି ଘରେ ବାପାବୋଉଙ୍କ ପାଖେ ରହୁଥିବା ମୋ ଦରବୁଢ଼ା ଭାଇ ଟିପଣୀ କାଟୁଥିଲା- ତୁ ଗୋଟିଏ ବଦ୍ଧ ପାଗଳ । ବୁଝିଲୁ ବୋଉ ? ବୋଷ୍ଟନ୍‌ରେ ପିଯୁକୁ ଖାଇବା ଜିନିଷ ମିଳୁନି ଯେ ସିଏ ତୋ ଶିମ ତରକାରୀକି ଅନେଇଁ କି ରହିଛି ? କାହାକୁ କହିବୁନି । ଲୋକ ହସିବେ । ରାଗୀ ପୁଅର ଧମକ୍ ଶୁଣି ବୋଉ ଚୁପ୍ ହେଇଯାଉଥିଲା । ଛଳଛଳ ଆଖିରେ ବସିରହୁଥିଲା ଚୁପ୍‌ଚାପ୍ ଅନେକ ସମୟ ଧରି । ବୋଧହୁଏ ପରଦେଶୀ କୋଡପୋଛା ପୁତ୍ରଟିର କଥା ମନେପକେଇ । ବୋଧହୁଏ ତାକୁ ଶିମ ତରକାରୀ ଟିକିଏ ରାନ୍ଧି ଖୁଆଇ ପାରିଲାନି ବୋଲି ମନଦୁଃଖ କରି ।

ଏ ସବୁ କଥା ଅବଶ୍ୟ ଏବେ ଇତିହାସ । ବୋଉ ଆଉ ନାହିଁ ।

ଗତ ସପ୍ତାହରେ କୌଣସି ଗୋଟିଏ କାମରେ କଟକ ଯାଇଥିଲି । ଫେରନ୍ତାବାଟରେ ଘରେ ଅଟକିଥିଲି ଅଳ୍ପସମୟ ପାଇଁ । ବୋଉ ବିନା ଘର ଲାଗିଲା ଖାଁ ଖାଁ । ଆଜ୍‌ବେଷ୍ଟସ୍ ଛାତରେ କିନ୍ତୁ ବୋଉ ମୃତ୍ୟୁ ପୂର୍ବରୁ ଲଗାଇ ଯାଇଥିବା ଶିମଗଛର ଜମ୍‌ଜମାଟ୍ ଆସର ବସିଥିଲା । ଲତା ଭର୍ତ୍ତି ଅଜସ୍ର କଷି କଷି ଫଳ । ସେ ଗହଳ ଶିମଲତାର ଶ୍ୟାମଳ ପତ୍ର ଭିତରୁ ଉଙ୍କିମାରିଲା ଲୋଳ ଚର୍ମର ମମତାମୟ ମୁହଁଟିଏ । ସେ ମୁହଁ ସତେ ଅବା ଖୁସି ଖୁସି ସ୍ୱରରେ କହିଗଲା- ଆସିଚୁ ମା' ? ଭଲକଲୁ । କାଲି ଇ ତୋ କଥା ଭାବୁଥିଲି । ଗଛରେ ଶିମ ଲଦି ହୋଇଗଲାଣି ତ ? ଯିବୁରେ ବାସୁ । ଛାତରେ ଚଢ଼ି ଶିମ ଗଣ୍ଡେ ତୋଳିଦେଲୁ ଝିଅପେଇଁ, ଶୀଘ୍ର କର । ନହେଲେ ସିଏ ତରତର ହେଇକି ପଳେଇବ । ମନେ ମନେ ଭାବିଲି- ଏଇ ବୋଉ ହାତରେ ଶେଷ ଶିମ, ସ୍ନେହବୋଳା, ମମତା ବୋଳା ।



Digitized by srujanika@gmail.com

ଆରବର୍ଷକୁ ଆଉ ଖୋଜିଲେ ମିଳିବନି ।

ପିଣ୍ଡାଖଟରେ ଭାଇଭାଉଜ ବସିଥିଲେ । ଅନେକ ବର୍ଷ ପୂର୍ବରୁ ଭୁବନେଶ୍ୱରରେ ବାପା କିଣିଥିବା ଜମିଖଣ୍ଡିକ ବୋଉ ନାଁରେ ଥିବାରୁ ତାହା ବିକ୍ରି କରିବାରେ ଏବେ କିଭଳି ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି, ସେଇ ସଂପର୍କରେ ଆଲୋଚନା କରୁଥିଲେ ।

ମୁଁ ସେମାନଙ୍କୁ ଶୁଣେଇ ଶୁଣେଇ କହିଲି- ଇସ୍ ! କେତେ ଶିମ ହେଇଚି ! ଭାଇ ଆଲୋଚନା ସ୍ଥଗିତ ରଖି ମୁହୂର୍ତ୍ତକ ପାଇଁ ଆଜ୍‌ବେଷ୍ଟସ୍ ଛାତଆଡ଼େ ତୀର୍ଯ୍ୟକ୍‌ଦୃଷ୍ଟି ନିକ୍ଷେପ କରି କହିଲା- ସେଗୁଡା ଖାଇଲା ଭଳିଆ ହେଇନି ଏବେ । ନିହାତି କଷି ।

ମୁଁ ପୁଣି କହିଲି- ଏଇମିତିଆ କଷି ଶିମ ଇ ସୁଆଦ । ଏଇମିତିଆ ଶିମ ତ ବୋଉ ତୋଳିକି ଦେଉଥିଲା ଆମକୁ ।

ଭାଉଜ ଉଠି ଯାଉଯାଉ ନିସ୍ପୃହ ଭଙ୍ଗୀରେ କହିଲେ- ବାପୁ ତ ଏଇଲେ ବଜାର ଯିବ । କଅଣ ସବୁ ସୌଦାପତ୍ର ଆଣିବାର ଅଛି । କାହାର ବେଳ ଅଛି ଏଇଲେ ତମପାଇଁ ଶିମ ତୋଳିବାକୁ ?

ଭାଇଭାଉଜଙ୍କର ଆବେଗବିହୀନ ମନ୍ତବ୍ୟରେ ମୁଁ ହଠାତ୍ ନୀରବ ହେଇଗଲି । କେମିତି ଏକ ଅସହାୟବୋଧ ସତେ ଅବା ଗ୍ରାସ କଲା ମୋତେ । ମନେହେଲା, ମୋର ଶୈଶବ ଓ କୈଶୋରର ଅଜସ୍ର ଛବିଳ ତଥା ବାସ୍ନାବହ ଦିନ ବିତେଇଥିବା ମୋ ନିଜ ଘରେ ସତେ ଯେମିତି ଆଜି ମୁଁ ପର ହେଇଯାଇଛି । ହେଇଯାଇଛି, ବିନା ନିମନ୍ତ୍ରଣରେ ଅଚାନକ ଆସି ପହଞ୍ଚିଥିବା ଏକ ଅବାଂଛିତ ଦୂର ସଂପର୍କର ଅତିଥି ମାତ୍ର ।

(ଏପ୍ରିଲ, ୨୦୦୨)

❑❑❑



Digitized by srujanika@gmail.com

# ମୂଲ୍ୟବୋଧ

ନିଶିକାନ୍ତ ଆସି ପହଞ୍ଚିଥିଲା ବେଶ୍ ଡେରିରେ । ମଧ-ଜ୍ୟେଷ୍ଠର ଏକ ଝିମ୍‌ଧରା ଉତ୍ତପ୍ତ ମଧ୍ୟାହ୍ନରେ । ଆକାଶରୁ ତୁହାକୁ ତୁହା ନିଆଁ ବର୍ଷୁଛି । ରାସ୍ତାର ଜମାଟ୍ ବନ୍ଧା ପିଚୁ ତରଳି ତରଳି କୃଷ୍ଣବର୍ଣ୍ଣ ଲହୁଣୀର ରୂପ ନେବାକୁ ଆରମ୍ଭ କରିଛି ସେ ନିଆଁଧାସରେ । ଜନମାନବଶୂନ୍ୟ ନିଝୁମ୍ ଦ୍ୱିପ୍ରହର । ଘରୁ ପଦାକୁ ବାହାରିଲେ ଗରମ ବାଂଫର ଝାପ୍‌ଟା ଲାଗୁଛି ମୁହଁରେ ।

ନିଶିକାନ୍ତ ମୋର ଦୂର ସଂପର୍କର ଦିଅର । ଗାଁରେ ରହି ଜମିବାଡି ବୁଝାସୁଝା କରେ । ଆର୍ଥିକ ଅବସ୍ଥା ସେତେ ସ୍ୱଚ୍ଛଳ ନୁହେଁ । ଯାହା ରୋଜଗାର କରେ, ହୁଏତ ସେଥିରେ ସ୍ୱ ପରିବାରଟିର ଗୁଜୁରାଣ ସୁରୁଖୁରୁରେ ହେଇଯାଇପାରନ୍ତା । ସନ୍ତାନ ମାତ୍ର ଦୁଇଟି । କିନ୍ତୁ ପାଖରେଅପାରଗ ପିତାମାତା, ବିବାହଯୋଗ୍ୟା ଦୁଇଟି ଭଉଣୀ ଓ ବେକାର ସାନ ଭାଇ । ଯୌଥ ପରିବାରର ସମସ୍ତ ବୋଝ ତା ଉପରେ । ଏବଂ ସେ ଓଜନ୍‌ଦାର୍ ବୋଝର ପ୍ରକୋପରେ, ଚାଳିଶବର୍ଷ ନଟପୁଣୁ ତା ମୁଣ୍ଡର ମଧଭାଗ ଚନ୍ଦା ଓ ମୁହଁର ହନୁହାଡ ସୁସ୍ପଷ୍ଟ । ଗୋରା ରଂଗ ଖରାରେ ସିଝି ଧରିଛି ତାମ୍ରବର୍ଣ୍ଣ ।

ଶୁଣିଥିଲି ଏବେ କୁଆଡେ ଜମିବାଡି ତଦାରଖ୍ କାମସହିତ, ସାନ ସାନ କ୍ରଣ୍ଟାକ୍ଟରୀ କାମ କରୁଛି ନିଶିକାନ୍ତ । ବ୍ୟାଙ୍କରୁ ନେଇଥିବା ଋଣ ଟଙ୍କାରେ ଗାଡିଟିଏ କିଣି ଟାକ୍ସି ଚଲାଉଛି । ନିଶ୍ଚିତରୂପେ କିଛିଟା ଅଧିକ ଅର୍ଥାଗମର ଅଭିପ୍ରାୟରେ ।

ନିଶିକାନ୍ତକୁ ଅବେଳରେ ଦେଖି ମୁଁ ସାମାନ୍ୟ ବିରକ୍ତି ବୋଧ କଲି । ଏହାପୂର୍ବରୁ ଆମେ ଯେତେବେଳେ ଥରଟେ ଗାଁକୁ ଯାଇଥିଲୁ, ନିଶିକାନ୍ତ ଘରେ ଇ ବିଶ୍ରାମ ଓ ଖିଆପିଆ କରିଥିଲୁ । ସୌଜନ୍ୟ ଓ ସହୃଦୟତାରେ କୌଣସି ତ୍ରୁଟି ରଖିନଥିଲା ନିଶିକାନ୍ତ । ବରଂ ତାର ଆତିଥେୟତାର ଦୌରାତ୍ମ୍ୟରେ ଆମେ କିଛିଟା ଅସହଜ ବୋଧ କରିଥିଲୁ । ତେଣୁ ଏହା ଏକରକମ ଧରାବନ୍ଧା କଥା ଥିଲା ଯେ ନିଶିକାନ୍ତ ଆମରି ଘରେ ଇ ମଧ୍ୟାହ୍ନଭୋଜନ କରିବ । ଏବଂ ଏଇ ଅବେଳରେ ଅଚାନକ୍ ଆସି ପହଞ୍ଚିବା ଏଇ କୁଟୁମ୍ବଟିର ମଧ୍ୟାହ୍ନ ଭୋଜନର ଆୟୋଜନ କରିବା ମୋ ପାଇଁ ଥିଲା ବେଶ୍ କଷ୍ଟକର ବ୍ୟାପାର ।



Digitized by srujanika@gmail.com

ନିଶିକାନ୍ତ ସହିତ ମୋର ପରିଚୟ ପ୍ରାୟ ବର୍ଷକ ତଳେ । ସାରାଜୀବନ କଟିଥିଲା ଓଡ଼ିଶା ବାହାରେ । କେବେ କେମିତି ଛୁଟିରେ ଘରକୁ ଆସୁଥିଲି ସତ, ହେଲେ ନିଶିକାନ୍ତ ସହିତ ଆଳାପ ହେବାର କୌଣସି ସୁଯୋଗ କେବେ ମିଳିନଥିଲା । କାରଣ ସିଏ ରହୁଥିଲା ଗାଁରେ । ଏବଂ ଆମର ସ୍ୱଚ୍ଛ ରହଣି କାଳଭିତରେ ତା ସହିତ କୌଣସି ବନ୍ଧୁତ୍ୱ ବା ଅନ୍ତରଂଗତା ଗଢ଼ି ଉଠିବାର ପ୍ରଶ୍ନ ନ ଥିଲା ।

ନିଶିକାନ୍ତ ସହିତ ସଂପର୍କ ସ୍ଥାପିତ ହେଇଥିଲା ଅଚାନକ୍ ଏବଂ ଏକ ନିର୍ଦ୍ଦିଷ୍ଟ କାରଣରୁ । ବିନୟ ଚାକିରିରୁ ଅବସର ଗ୍ରହଣ କରିସାରିବାପରେ ଦିଲ୍ଲୀରୁ ଆସି ଆସ୍ଥାନ ଜମେଇଥିଲୁ ଭୁବନେଶ୍ୱରରେ ଏବଂ ଗୋଟିଏ ଇଂରାଜୀ ସମ୍ବାଦପତ୍ର ପାଇଁ ପ୍ରତି ବୁଧବାର ଦିନ ଗୋଟିଏ ଫିଚର୍ ଲେଖିବାର ଗୁରୁଦାୟିତ୍ୱଟି ଗ୍ରହଣ କରିଥିଲି । ଶୁଣିଥିଲି ଶାଶୁଘର ଗାଁ ଠାକୁରାଣୀଙ୍କ ପାଖରେ ପ୍ରତ୍ୟେକ ବର୍ଷ ବୈଶାଖପୂର୍ଣ୍ଣିମା ଦିନ ଜାକ୍‌ଜମକରେ ଝାମୁଯାତ୍ରା ହୁଏ । ସେ ଯାତ୍ରା ସମ୍ବନ୍ଧରେ କୌତୂହଳ ଓ ଉତ୍ସୁକତା ଥିଲା ମନରେ । ଯୋଜନା କରିଥିଲି ସେ ସଂପର୍କୀୟ ମୋ ନିଜସ୍ୱ ଅନୁଭୂତିକୁ ନେଇ ଲେଖାଟିଏ ପ୍ରସ୍ତୁତ କରିବି ଖବରକାଗଜରେ ଉଦ୍ଦିଷ୍ଟ ସେ ସ୍ତମ୍ଭଟି ପାଇଁ ।

ବୈଶାଖ ମାସ ପଶିବାର ବେଶ୍ କେଇଦିନ ଆଗରୁ ବିନୟଙ୍କୁ ଯୋଜନାଟି ସଂପର୍କରେ ଅବଗତ କରାଇଥିଲି । ବିନୟ କିନ୍ତୁ ସାମାନ୍ୟ କୁଣ୍ଠା ପ୍ରକାଶ କଲେ । କହିଲେ- ଯିବା ଯେ ! ହେଲେ ସାରାଦିନ ରହିବା ଯାଇ କେଉଁଠି ? ବାପା ତ ଅନେକ ବର୍ଷ ଆଗରୁ ଗାଁର ଜମିଜମା ବିକ୍ରୀ କରି ସହରରେ ଘର ତିଆରି କରି ଚିରସ୍ଥାୟୀ ହେଇଗଲେ । ଗାଁ ସହିତ ଆମର ଆଉ କୌଣସି ସଂପର୍କ ଇ ରହିଲାନି । ଆମକୁ ଏବେ ସେଠି ଚିହ୍ନିବ ବା କିଏ ? କଥାଟିର ସତ୍ୟାସତ୍ୟ ବୁଝିପାରି ମୁଁ ନିରବ ରହିଲି ।

କିଛି ସମୟପରେ ଅବଶ୍ୟ ବିନୟଙ୍କର ନିଶିକାନ୍ତ କଥା ମନେପଡିଥିଲା । ତାଙ୍କର ଦୂର ସଂପର୍କର କକେଇ ପୁଅ ଭାଇ- ଏକା କୁଟୁମ୍ବ । ମତେ କହିଲେ- ତୋର ମନେ ଅଛି ନା ! କେଇବର୍ଷ ତଳେ ବାପାଙ୍କର ଯେତେବେଳେ ବହୁତ ଦେହ ଖରାପ ହେଇଥିଲା, ମୁଁ ଦିଲ୍ଲୀରୁ ଏକା ଆସିଥିଲି ଘରକୁ । ସେତେବେଳେ ନିଶିକାନ୍ତ ସହିତ ଭେଟ ହେଇଥିଲା । କାହାଠୁ କେମିତି ଖବର ପାଇ ବାପାଙ୍କୁ ଦେଖିବାକୁ ଆସିଥିଲା । ତା ସହିତ ଗାଁକୁ ଯାଇ ବୁଲିଆସିବାକୁ ମତେ ବାରମ୍ବାର ଅନୁରୋଧ କରିଥିଲା ମଧ୍ୟ । ଅବଶ୍ୟ ସିଏ ବହୁବର୍ଷ ତଳର କଥା ।

ଚିଠିଟିଏ ଲେଖି ଦେଖ । ଯଦି କିଛି ଜବାବ୍ ଆସେ । ମୁଁ ଦ୍ୱିଧାଗ୍ରସ୍ତ ଭାବରେ ଉତ୍ତର ଦେଲି ଏବଂ ମୋର ସମସ୍ତ ଦ୍ୱିଧାକୁ ଅହେତୁକ ବୋଲି ପ୍ରମାଣ କରି ବିନୟଙ୍କ ଚିଠିର ତୁରନ୍ତ ଜବାବ ଆସିଥିଲା ନିଶିକାନ୍ତଠାରୁ ।



Digitized by srujanika@gmail.com

ଉଲ୍ଲାସରେ ଡଗମଗ୍ ହେଇ ଚିଠି ଲେଖିଥିଲା ନିଶିକାନ୍ତ । ଜଣାଇଥିଲା ଭାଇନା ଭାଉଜଙ୍କୁ ପାଖରେ ପାଇବା ତା ପାଇଁ ଭାରି ସୌଭାଗ୍ୟର କଥା । ସିଏ ବୈଶାଖପୂର୍ଣ୍ଣିମା ଦିନ ଆମ ପାଇଁ ଅପେକ୍ଷା କରି ରହିବ । ଗାଁରେ ଯେ କୌଣସି ବ୍ୟକ୍ତିଙ୍କୁ ନିଶିକାନ୍ତ ମିଶ୍ର ନାଁ କହିଲେ ସିଏ ଘର ଚିହ୍ନାଇଦେବେ । ଭୋଜନାଦିର ବ୍ୟବସ୍ଥା ତା ଘରେ । ଆମର ଯେପରି କୌଣସି ପ୍ରକାର ଅସୁବିଧା ନହେବ ସେଥିପାଇଁ ସିଏ ସଚେଷ୍ଟ ।

ନିଶିକାନ୍ତର ସୌଜନ୍ୟରୁ ଝାମୁଯାତ୍ରା ବେଶ୍ ଆରାମ୍‌ରେ ଦେଖା ହେଇଥିଲା ସେଥରକ । ନିଶିକାନ୍ତ ପ୍ରଚୁର୍ ଖାତିର୍ କରିଥିଲା ଆମର । କେଉଁଠୁ ଖୋଜି ଖୋଜି ବିନୟଙ୍କ ପାଇଁ ନେଇ ଆସିଥିଲା ବଡ ବଡ ଚୁଙ୍ଗୁଡି ମାଛ । ପତ୍ନୀ ରୋହିଣୀ ରାନ୍ଧିଥିଲା ଭଳି ଭଳି ପାୟସ ଓ ବ୍ୟଞ୍ଜନ । ପିଲାଙ୍କ ପତ୍ରରେ ନ ଦେଇ ଆମ ଥାଳିରେ ଢ଼ାଳିଦେଇଥିଲା ସରଭଗା ବସାଦହି ଓ ରସାବଳୀ । ଘରର ପରିବେଶ ଦେଖି ବୁଝିପାରୁଥିଲି । ଅବସ୍ଥା ସେତେ ସଂପନ୍ନ ନ ଥିଲା । କିନ୍ତୁ ଆତିଥେୟତାରେ ଊଣା କରିନଥିଲା ନିଶିକାନ୍ତ । ଆସିଲାବେଳେ ଜୁହାର ହେଇ କହିଥିଲା- ତମର ଉପଯୁକ୍ତ ଚର୍ଚ୍ଚା କରିପାରିଲିନି ଭାଉଜ, କ୍ଷମା କରିଦବ ।

ଏ ଘଟଣା ପ୍ରାୟ ବର୍ଷେ ତଳର । ନିଶିକାନ୍ତ ସହିତ ଆଉ ମଝିରେ ଯୋଗାଯୋଗ ହେଇନଥିଲା । ଦୀର୍ଘ ବ୍ୟବଧାନ ପରେ ନିଶିକାନ୍ତ ସହିତ ଇଏ ଥିଲା ମୋର ଦ୍ୱିତୀୟ ଦେଖା ଓ ମୋ ଗୃହାଙ୍ଗନରେ ଇଏ ଥିଲା ତାର ପ୍ରଥମ ପଦାର୍ପଣ ।

ନିଶିକାନ୍ତ ଅବଶ୍ୟ ତା ଆସିବାର କାରଣଟି ଆମକୁ ବତେଇଦେଲା କାଳ ବିଳମ୍ବ ନ କରି । କାହାଠାରୁ ଯେମିତି ଶୁଣିଛି ଯେ ୟା ଭିତରେ କଳିଙ୍ଗ ହସ୍‌ପିଟାଲ୍‌ରେ ବିନୟଙ୍କର ହାର୍ଟ ଅପରେଶନ୍ ହେଇଛି ବୋଲି । ତେଣୁ ଖବର କରିବାକୁ ଆସିଛି ତା ଭାଇନାଙ୍କ ସ୍ୱାସ୍ଥ୍ୟ ସଂପର୍କରେ ।

- ତମ ଭାଇନାଙ୍କର ଅପରେଶନ ହବାର ମାସେ ହେଇଗଲାଣି । ଭଲ ଅଛନ୍ତି ଏବେ, ମୁଁ କହିଲି ।

- କଅଣ କରିବି ଭାଉଜ ? ଆଗରୁ ଜାଣି ଇ ପାରିଲିନି । କାଲି ଆମ ଗାଁର ଗୋଟିଏ ପିଲା ଘରକୁ ଯାଇଛି ଛୁଟିରେ । ଏଇଠି ସେକ୍ରେଟେରିଏଟ୍‌ରେ କାମ କରେ । ତାରି ଠାରୁ ଖବର ପାଇଲି । ରୋହିଣୀ ଏକ ପ୍ରକାର ଜୋର୍‌କରି ପଠେଇଲା ଆଜି । କହିଲା, ଭାଉଜ ଏକୁଟିଆ ମଣିଷ, କଅଣ ସୁବିଧା ଅସୁବିଧା ଥିବ । ଯାଇକି ପଚାରିଆସ ।

- ନାଇଁ ଅସୁବିଧା କିଛି ନାହିଁ, ଈଶ୍ୱରଙ୍କ କୃପାରୁ ସବୁ ସୁରୁଖୁରୁରେ ହେଇଗଲା । ଖାଲି ଯାହା ବ୍ଲଡ୍ ପାଇଁ ଟିକିଏ ହଇରାଣ ହେଇଗଲି । ସାତ ବୋତଲ ବ୍ଲଡ ଦରକାର ପଡିଲା । ତମ ଭାଇନାଙ୍କ ବ୍ଲଡ୍ ଗ୍ରୁପ୍ ବି ପଜିଟିଭ୍ । ଜଣାଶୁଣା ଲୋକମାନଙ୍କ ଭିତରେ



Digitized by srujanika@gmail.com

ସେଇ ଗ୍ରୁପ୍‌ର ବ୍ଲଡ୍ ପାଇଲିନି । ଶେଷପର୍ଯ୍ୟନ୍ତ କାମ ଚଳିଗଲା ଅବଶ୍ୟ ।

- ଆହା ! ମତେ ଟିକିଏ ଅପରେଶନ ଆଗରୁ ଚିଠି ଲେଖିଦେଲନି ଭାଉଜ ? ମୋର ବି ବ୍ଲଡ୍‌ଗ୍ରୁପ୍ ବି ପଜିଟିଭ । ମୁଁ ଆସି ବ୍ଲଡ୍ ଦେଇଯାଇଥାଆନ୍ତି । କଥାଟି କହି ମନଦୁଃଖ କରି ବେଶ୍ ସଙ୍କୁଚିତ ଭଙ୍ଗୀରେ ବସି ରହିଲା ନିଶିକାନ୍ତ । ସତେ ଯେମିତି ବିନୟଙ୍କ ପାଇଁ ରକ୍ତଦାନ  ନ କରି ଏକ ଅକ୍ଷମଣୀୟ ଅପରାଧ କରିପକାଇଛି ।

- ତମେ ଆସିଲ କେମିତି ? ବସ୍‌ରେ ? ମୁଁ ପଚାରିଲି ।

- ନାଇଁ ଭାଉଜ । ଆମ ଗାଁର ପ୍ରଧାନବାବୁଙ୍କ ସ୍ତ୍ରୀଙ୍କ ଦେହ ଭାରି ଖରାପ । ମୋ ଟାକ୍ସିଟି ଭଡାକରି ସିଏ କଟକ ବଡ ଡାକ୍ତରଖାନା ଆସିଲେ । ଗାଡି ତ ଆସୁଥିଲା । ମୁଁ ସେଇଥିରେ ଚାଲିଆସିଲି । କଟକରେ ତାଙ୍କୁ ଛାଡିଦେଇ ଏଇ ଏବେ ଆସୁଛି ଭୁବନେଶ୍ୱର । ତମଘର ଠିକଣା ଜାଣିଥିଲି ସତ । ହେଲେ ଖୋଜି ପାଇବାରେ କିଛି ସମୟ ଲାଗିଗଲା । ବିନୀତ ଭଙ୍ଗୀରେ ନିଶିକାନ୍ତ ଜବାବ୍ ଦେଲା ।

ଘଡିକୁ ଚାହିଁଲି । ଗୋଟେ ବାଜିବାକୁ ଯାଉଛି । ବିନୟ ଠିକ୍ ଦେଢ଼ଟାରେ ଲଞ୍ଚ କରନ୍ତି । ମୋର ରନ୍ଧାବଢ଼ା ସରିଯାଇଛି । ଭାତଖିଆ ବେଳ, ଭଦ୍ରତା ଓ ସୌଜନ୍ୟ ଦୃଷ୍ଟିରୁ ନିଶିକାନ୍ତକୁ ଖାଇବାପାଇଁ ନିମନ୍ତ୍ରଣ ଜଣାଇବାଟା ଇ ଥିଲା ସ୍ୱାଭାବିକ୍ । କିନ୍ତୁ ଆମର ଟୁଆଁ ଟୁଇଁର ସଂସାର । ପିଲାମାନେ ବାହାରେ । ତରକାରୀପତ୍ର ଯାହା ରନ୍ଧାହେଇଛି ହୁଏତ ତିନିଜଣଙ୍କର କାମ ଚଳିଯିବ । କିନ୍ତୁ ନିଶିକାନ୍ତ ଗ୍ରାମୀଣ ଯୁବକ । ଆହାରର ପରିମାଣ ବେଶୀ । ଭାତ ନଅଣ୍ଟ ହବ । ଏବଂ ସେଇ ନଅଣ୍ଟ ଭାତକୁ ଅଧିକତର କରିବାପାଇଁ ଏଇ ଅସହ୍ୟ ଗରମରେ ଚୁଲୀରେ ହାଣ୍ଡିବସାଇ ଚାଉଳ ଫୁଟାଇବାର ଯେଉଁ ଅଧିକା ପରିଶ୍ରମଟିକକ ଦରକାର ତାହା କରିବା ପାଇଁ ମୁଁ ଥିଲି ଅନିଚ୍ଛୁକ ।

ତେଣୁ ସାମାନ୍ୟ ମିଥ୍ୟାବାଦନ କରିବାକୁ ବାଧ ହେଲି । କହିଲି - ନିଶିକାନ୍ତ, ଗଲାଦୁଇ ତିନିଦିନ ହେଲା ମତେ ଭାରି ଜ୍ୱର, ,ଆଜି ଟେମ୍ପରଚର୍ ଉତୁରିଛି । ରନ୍ଧାବଢ଼ା କରିପାରିନି । ତମ ଭାଇନା କ୍ଷୀର ପାଉଁରୁଟି ଖାଇବେ । ଏମ୍ତିରେ ବି ତାଙ୍କର ଖାଇବାରେ ଭାରି କଟକଣା । ତେଲ, ଲୁଣ, ମସଲା ସବୁ ମନା । ତେବେ ତମେ ତ କିଛି ଖାଇ ନଥିବ । ଯଦି ଘଣ୍ଟେ ଖଣ୍ଡେ ଅପେକ୍ଷା କରିବ, ଭାତ ତରକାରୀ କରିଦେବି ।

ମୁଁ ଜାଣିଥିଲି ମୋର ଏତାଦୃଶ ଉକ୍ତିର ଉତ୍ତରରେ ମତେ କଅଣ ଶୁଣିବାକୁ ହେବ ଏବଂ ଠିକ୍ ସେଇଆ ଶୁଣିଲି ମଧ୍ୟ । ନିଶିକାନ୍ତ ବିବ୍ରତ ହୋଇ କହିଉଠିଲା - ନାଇଁ ଭାଉଜ, ତମେ ଜମା ବ୍ୟସ୍ତ ହୁଅନା । ମୁଁ ବାହାରେ କେଉଁଠି ଖାଇନେବି । ଖାଲି ଭାଇନାଙ୍କୁ ଓ ତୁମକୁ ଦେଖିବାକୁ ମନହେଲା ବୋଲି ଆସିଥିଲି । ତମେ ବରଂ ଏଣିକି ମନେରଖ । କିଛି



Digitized by srujanika@gmail.com

ଦରକାର ହେଲେ ମତେ ପୋଷ୍ଟକାର୍ଡଟିଏ ପଠେଇଦବ । ମୁଁ ସାଙ୍ଗେ ସାଙ୍ଗେ ଆସି ପହଞ୍ଚିଯିବି । ଆମ ଗାଁ ପୋଷ୍ଟଅଫିସ୍‌ର ଫୋନ ନମ୍ବରଟି ଆରଥରକ ତୁମକୁ ଦେଇଥିଲି । କିଛି ଜରୁରୀ ପରିସ୍ଥିତିହେଲେ ସେଇଠିକି ଫୋନ୍ କରିଦବ । ମୁଁ ଖବର ପାଇଯିବି ।

ବେଡ୍‌ରୁମ୍‌କୁ ଆସି ବିନୟଙ୍କ ସହିତ ଦେଖାକରି ଓ ମତେ ଜୁହାର କରି ନିଶିକାନ୍ତ ଉଦ୍ୟତ ହେଲା ଯିବାକୁ । ଯିବା ପୂର୍ବରୁ ହାତରେ ଧରିଥିବା ମୁଣିରୁ ଗୋଟିଏ ସାନଟିଣ ଓ ଗୋଟିଏ ବୋତଲ କାଢ଼ି ସନ୍ତର୍ପଣରେ ରଖିଲା ଡାଇନିଂ ଟେବୁଲ ଉପରେ । କହିଲା- ଭାଉଜ, ରୋହିଣୀ ତମପାଇଁ ଆରିଷା ପିଠା ଆଉ ଆମ୍ବ ଆଚାର ପଠେଇଛି ।

ଆରିଷା ପିଠା ଦେଖି ଖୁସିହେଲି । ସେ ପିଠାଟି ମୋର ଭାରି ପ୍ରିୟ, ଭଦ୍ରତା ଖାତିରରେ କହିଲି- କାହିଁକି ଏତେ କଷ୍ଟ କରୁଥିଲା ରୋହିଣୀ ?

ନିଶିକାନ୍ତ କହିଲା - ଏଇ ସାମାନ୍ୟ ପିଠା କେଇଟା କରିବାରେ କଷ୍ଟ କଅଣ ? ବର୍ଷବର୍ଷ ଧରି ଏତେ ବଡ ପରିବାରକୁ ରାନ୍ଧିବାଢ଼ି ଖୁଆଉଛି ରୋହିଣୀ । କାମ କରିବା ତାର ଏକପ୍ରକାର ଅଭ୍ୟାସରେ ପଡିଗଲାଣି । ମୁହୂର୍ତ୍ତେ ବି ଚୁପ୍ ହେଇ ବସିପାରେନି ।

ନିଶିକାନ୍ତ ଘରୁ ବାହାରି ଦାଣ୍ଡପିଣ୍ଡାକୁ ଆସିଲା । ତାକୁ ବାଟେଇ ଦେବାପାଇଁ ମୁଁ ବି ତା ସହିତ ଆସିଲି ବାହାରକୁ । ପିଣ୍ଡାପାହାଚତଳ ପୋର୍ଟିକୋରେ ନିଶିକାନ୍ତର ଟ୍ୟାକ୍ସିଟି ରଖା ହେଇଥିଲା । ହେଲେ ଡ୍ରାଇଭର୍‌ଟିର ଚିହ୍ନ ବର୍ଣ୍ଣ ନଥିଲା ଆଖପାଖରେ ।

ନିଶିକାନ୍ତ ଦୁଇ ତିନିଥର ତା ନାମ ଧରି ଡାକି ଓ ତାଠାରୁ କୌଣସି ପ୍ରତ୍ୟୁତ୍ତର ନପାଇ ଶେଷ ପର୍ଯ୍ୟନ୍ତ ଗାଡିର ଦରଜାଟି ଖୋଲି ସଜୋରେ ହର୍ଣ୍ଣଟି ବଜାଇବାକୁ ଲାଗିଲା ।

ଡ୍ରାଇଭର୍‌ଟି ତଥାପି ଥିଲା ନିଖୋଜ୍ । କିନ୍ତୁ ହର୍ଣ୍ଣ ଶବ୍ଦ ଶୁଣି, ମୋ ଘର ପଛପଟ ସର୍ଭାଣ୍ଟସ୍ କ୍ୱାର୍ଟରରେ ରହୁଥିବା ମୋ ଚାକରାଣୀ ଗେଲୀ ଦ୍ରୁତଗତିରେ ପଦଚାଳନା କରି ଆସି ଠିଆହେଲା ଆମ ସାମ୍‌ନାରେ ।

- ଗେଲୀ, ତୁ ଡ୍ରାଇଭର୍‌କୁ ଦେଖିଛୁ କି ? ମୁଁ ପଚାରିଲି ।

- ତାହାରି କଥା କହିବାକୁ ଆସିଲି ମାଁ । ସିଏ ଆସୁଛି ଏଇ ସାଙ୍ଗେ ସାଙ୍ଗେ । ମୋ ଘରେ ଅଛି । ଗେଲୀ ଉତ୍ତର ଦେଲା ।

- ତୋ ଘରେ ଅଛି ? ତୋ ଘରେ କଅଣ କରୁଛି ? ନିଶିକାନ୍ତ ଯେ ଯିବାକୁ ବାହାରିଲେଣି ଇଆଡେ ? ସାମାନ୍ୟ ଉଷ୍ମା ପ୍ରଦର୍ଶନ କରି ମୁଁ କହିଲି ।

- ଏଇଲେ ଆସିଯିବ ମାଁ, ଭାତ ଖାଉଚି ତ । ତା ଖିଆ ସରିଗଲାଣି । ଏବେ ଇ ଆସିଯିବ ।



Digitized by srujanika@gmail.com

- ଭାତ ଖାଉଛି ? ତୋ ଘରେ ? ତୁ କଅଣ ତାକୁ ଆଗରୁ ଚିହ୍ନିଥିଲୁ କି ? ଆଶ୍ଚର୍ଯ୍ୟ ହୋଇ ମୁଁ ପଚାରିଲି ।

ଗେଲୀ କହିଲା - ନାଇଁ ମା ! ମୁଁ କାହିଁକି ତାକୁ ଚିହ୍ନିବି ? ବାବୁ ତମ ପାଖକୁ ଗଲେ ତ । ଡ୍ରାଇଭର ଆସିକି ମତେ ପିଇବାକୁ ମନ୍ଦେ ପାଣି ମାଗିଲା । କହିଲା ଗାଁ ଛାଡିଛି ସକାଳୁ । ଏଇ ଗରମରେ ତା ପ୍ରାଣ ବାହାରି ଗଲାଣି । ଆମ ଦି ଜଣଙ୍କ ପାଇଁ ପଖାଳ ବାଢୁଥିଲି । ତା ଭୋକିଲା ମୁହଁକୁ ଚାହିଁ ଏତେ କଷ୍ଟ ଲାଗିଲା ଯେ ମୋ ଭାଗ ଭାତତକ ତାକୁ ଦେଇଦେଇଛି । ସିଏ ଅବଶ୍ୟ ମନା କରୁଥିଲା । ହେଲେ ମୁଁ ଇ ଜୋର୍‌କରି ପିଢ଼ାପକେଇ ବସେଇଦେଲି । ମୁଁ ଚୂଡାମୁଢ଼ି ଯାହା ଦିଟା ଖାଇଦେବି । ରାତିକି ତ ଭାତ ରନ୍ଧାହବ । ଲୋକଟାର ହଂସା ଉଡିଯାଉଥିଲା ମା । ପାଟିରୁ ବଚନ ବାହାରୁ ନଥିଲା । ତୋରାଣୀ ଟୋପେ ତା ପେଟରେ ପଡିଲାରୁ ଏବେ ଟିକିଏ ସାଷ୍ଟାମ ହେଲାଣି ।

ମୁଁ ନିଶିକାନ୍ତର ମୁହଁକୁ ଚାହିଁଲି । ସଂପୂର୍ଣ୍ଣ ଅଭିବ୍ୟକ୍ତିଶୂନ୍ୟ ଭାବରେ ହାତରେ ମୁଣିଟି ଧରି ଏକ ନିରୀହ ଓ ସନ୍ତ୍ରସ୍ତ ଭଙ୍ଗୀରେ ଠିଆ ହେଇଥିଲା ନିଶିକାନ୍ତ । ମୁହଁ ଦିଶୁଥିଲା ନିଷ୍ପ୍ରଭ । କପାଳରୁ ଧାର ଧାର ଝାଳ ବୋହି ଆସି ଅଟକିଥିଲା ଭୂଲତା ପାଖରେ ।

ନିଶିକାନ୍ତ ମୁହଁ ଉଠାଇ ମିଷ୍ଟ ଓ ଅନ୍ତରଂଗ ସ୍ୱରରେ ମତେ କହିଲା - ଭାଉଜ, ଡ୍ରାଇଭର ଆସିଲେ ମୁଁ ଚାଲିଯିବି । ତମେ ମୋ ପାଇଁ ବ୍ୟସ୍ତ ହୁଅନା । ତମେ ବରଂ ଭିତରକୁ ପଳାଅ । ବାହାରେ ଯେଉଁ ଗରମ, ଖରାରେ ତମ ମୁହଁ ନାଲି ପଡିଗଲାଣି ।

ମୁଁ କିନ୍ତୁ ଏକପ୍ରକାର ଚଳତ୍‌ଶକ୍ତିରହିତ ହୋଇ ତଳକୁ ମୁହଁ ପୋତି ଠିଆ ହେଇ ରହିଲି । ନିଶିକାନ୍ତ କହିଥିଲା ମୋ ମୁହଁ ନାଲିପଡି ଯାଇଛି ବୋଲି । କିନ୍ତୁ ମୁଁ ଜାଣିଥିଲି, ମୋ ମୁହଁ ନାଲିପଡିନଥିଲା । ମୋ ମୁହଁ କଳାପଡିଯାଇଥିଲା । କଜଳକଳା ଗେଲୀ ମୁହଁଠାରୁ ବି ଅଧିକତର କଳା ।

(ନଭେମ୍ବର, ୨୦୦୨)

❑❑❑



Digitized by srujanika@gmail.com

# ପୁତ୍ର

ଅବିନାଶଙ୍କୁ ମୁଁ ଅହରହ ଚିନ୍ତାକୁଳ ଅବସ୍ଥାରେ ହିଁ ଦେଖୁଥିଲି । ଏବଂ ସେ ଚିନ୍ତାର ଫଳସ୍ୱରୂପ ତାଙ୍କର ଭ୍ରୂଲତା ଯୋଡ଼ିକ ସଦାସର୍ବଦା କୁଞ୍ଚିତ ଅବସ୍ଥାରେ ରହୁଥିଲା । ଗାଢ଼, ଲୋମଶ ଭ୍ରୂ ଯୋଡ଼ିକ ସେ କୁଞ୍ଚନ ହେତୁ ମଝିରେ ଯୋଖି ହୋଇଯାଇ ରୂପ ନେଉଥିଲା ଏକ ସରଳରେଖାର । ସେ କୁଞ୍ଚନ କପାଳରେ କ୍ରମାନ୍ୱୟରେ ଅନେକଗୁଡ଼ିଏ ସମାନ୍ତରାଳ ଗାର ସୃଷ୍ଟି କରୁଥିଲା ମଧ୍ୟ । ଏବଂ ତାଙ୍କ ମୁହଁର ଅଭିବ୍ୟକ୍ତିରୁ ଜଣା ପଡୁଥିଲା, ସତେ ଅବା ସମଗ୍ର ଆକାଶଟି ଛିଣ୍ଡିପଡି ଏବେ ଆଶ୍ରୟ ନେଇଛି ତାଙ୍କ ମସ୍ତକ ଉପରେ ।

ଅବିନାଶଙ୍କ ସହିତ ମୋର ଭେଟ କଳିଙ୍ଗ ହସ୍‌ପିଟାଲରେ । ବିନୟଙ୍କର ହାର୍ଟ ଅପରେସନ୍ ହୋଇଥିଲା । ଦୀର୍ଘ ସତରଦିନ ଜଗିକରି ରହିଥିଲି ସେଠି - ଆଇ.ସି.ୟୁର ବିଶ୍ରାମାଗାରରେ । ଅବିନାଶଙ୍କର ବାପା ମଧ୍ୟ ଦାଖଲ ହୋଇଥିଲେ ସେଇଠି । ଷ୍ଟ୍ରୋକ୍ ଯୋଗୁ, ମସ୍ତିଷ୍କକୁ ଯାଇଥିବା ରକ୍ତବାହୀ ନାଡ଼ିଟି ବନ୍ଦ ହୋଇଯିବା ଫଳରେ ତାଙ୍କ ମସ୍ତିଷ୍କଟି ରକ୍ତ ତଥା ଅମ୍ଳଜାନରହିତ ହୋଇ ସଂପୂର୍ଣ୍ଣ ରୂପେ ଅକାମୀ ହୋଇଯାଇଥିଲା । ରହିଥିଲା କୋମା ଅବସ୍ଥାରେ, ପୂରାପୂରି ନିସ୍ତେଜ ହୋଇ ।

ଅବିନାଶ ଆମେରିକାରୁ ଆସି ପହଞ୍ଚିଥିଲେ ସପ୍ତାହକ ପରେ । ସେଠାରେ ଥିବା ତାଙ୍କର ଅନ୍ୟଚାରିଜଣ ଭାଇ ଆସିପାରିନଥିଲେ । ଅବିନାଶ ଥିଲେ ଡାକ୍ତର । ଭାଇମାନେ ଯୁକ୍ତିବାଢ଼ିଥିଲେ - ପିତାଙ୍କର ଏଭଳି ଅବସ୍ଥାରେ ଡାକ୍ତରଟିଏ ପାଖରେ ରହିବାର ପ୍ରୟୋଜନ ଅଧିକ ।

ଅବିନାଶଙ୍କର ପିତାଙ୍କୁ ହସ୍‌ପିଟାଲ ଆଣିଥିଲେ ଚନ୍ଦ୍ରମଣି । ତାଙ୍କ ଘରର ବାରିପଟେ ଥିବା ଦୁଇବଖରା ଚାଳଛପର ଘରେ ବସତି ସ୍ଥାପନ କରିଥିବା ଚବିଶ ପଚିଶବର୍ଷର ଗ୍ରାମ୍ୟ ଯୁବକଟି । ଚନ୍ଦ୍ରମଣିଙ୍କଠାରୁ ହିଁ ପ୍ରଥମେ ଶୁଣିଥିଲି ଅବିନାଶଙ୍କ ପିତା ବଳଭଦ୍ରଙ୍କର କାହାଣୀ ।

ଆଇ.ସି.ୟୁ.ର ବିଶ୍ରାମାଗାରରେ ଲଗାତାର୍ ଦୁଇଦିନ ଯୁବକଟିକୁ ବିଷଣ୍ଣଚିତ୍ତରେ ବସି ରହିଥିବା ଦେଖି ଦିନେ ପଚାରିଲି - ତୁମର କିଏ ଅଛନ୍ତି ଏଠି ?



Digitized by srujanika@gmail.com

- ମୋର କେହି ନାହାନ୍ତି ଆଜ୍ଞା । ମୁଁ ଯାହାଙ୍କ ଘରେ ରହେ ସେଇ, ବୁଢ଼ା ହଠାତ୍ ବାଥ୍‌ରୁମ୍‌ରେ ଅଚେତ୍ ହୋଇ ପଡିଯିବାରୁ ତାଙ୍କୁ ଆଣି ହସପିଟାଲ୍‌ରେ ପକେଇଛି ।

- ତମ ଘର କେଉଁଠି ?

- ସାକ୍ଷୀଗୋପାଳ ।

- ଏତେ ବାଟରୁ ଆଣିଲ କେମିତି ?

- ଟ୍ୟାକ୍ସିରେ । ମୁଁ ଆଜ୍ଞା ପୁରୀର ଗୋଟିଏ ହୋଟେଲ୍‌ରେ କାମକରେ । ସାଧାରଣ ଚାକିରି । ତେବେ ବି ଟ୍ୟାକ୍ସି ଭଡାକରିକି ଆଣିଲି ବୁଢ଼ାଙ୍କୁ । ଏଭଳି ଅବସ୍ଥାରେ ଆଉ ପଇସାକୁ ଲୋଭ କଅଣ ?

- ତାଙ୍କ ନିଜର ଆଉ କେହି ନାହାନ୍ତି ?

- ଏଠି ଆଉ କେହି ନାହାନ୍ତି । ପାଞ୍ଚପୁଅ ଯାକ ଆମେରିକାରେ । ବୁଢ଼ାବୁଢ଼ୀଙ୍କ ଦେଖାଶୁଣା ମୁଁ ଇ କରେ । ବୁଢ଼ୀଙ୍କୁ ବର୍ଷେ ହେଲା ପାରାଲିସିସ୍ । ମୋ ସ୍ତ୍ରୀ ଜଗିକି ରହିଛି ତାଙ୍କୁ ଗାଁରେ ।

ଚନ୍ଦ୍ରମଣିର କଥାଶୁଣି ତାର ହୃଦୟବତ୍ତାରେ ମୁଗ୍ଧ ହୋଇଥିଲି । କଅଣ ବା ସମ୍ବଳ ତାର ? ଆର୍ଥିକ ଦୃଷ୍ଟିକୋଣରୁ ହୁଏତ ଦୁର୍ବଳ । କିନ୍ତୁ ମାନସିକ ସ୍ତରରେ ସିଏ ଯେ ଅତ୍ୟନ୍ତ ସଂପଦଶାଳୀ ଏହା ନିଃସନ୍ଦେହ । ବାର୍ତ୍ତାଳାପ ଭିତରେ ଚନ୍ଦ୍ରମଣିଠାରୁ ବୃଦ୍ଧ ବଳଭଦ୍ରଙ୍କର ପାରିବାରିକ ସମସ୍ତ ଖବରାଖବର ମଧ ପାଇଥିଲି । ଚନ୍ଦ୍ରମଣି ସ୍ୱତଃସ୍ଫୂର୍ତ୍ତ ହୋଇ କହିଥିଲା ।

ବଳଭଦ୍ରଙ୍କର କନ୍ୟା ସନ୍ତାନ ନାହିଁ । ପାଞ୍ଚଟି ପୁତ୍ର ସନ୍ତାନ । ସଭିଏଁ ବିଦ୍ୱାନ୍, ବିତ୍ତବାନ୍ ଓ ଆମେରିକାରେ ଅବସ୍ଥାପିତ । ବଳଭଦ୍ର ଥିଲେ ମଧବିତ୍ତ ସରକାରୀ ଚାକିରିଆ । କିନ୍ତୁ ପେଟରୁ କାଟି ପିଲାମାନଙ୍କୁ ପାଠପଢ଼ାରେ ଯୋଗ୍ୟ କରିଥିଲେ । ଈଶ୍ୱରଙ୍କ କୃପାରୁ ପୁତ୍ରମାନେ ଥିଲେ ଶ୍ରମଶୀଳ ଓ ବୁଦ୍ଧିମାନ୍ । ପ୍ରଥମ ପୁତ୍ରଟି ଆମେରିକା ଯିବାପରେ, ବଳଭଦ୍ରଙ୍କ ମୁଣ୍ଡରେ ଜିଦ୍ ଚଢ଼ିଥିଲା ବାକି ପୁତ୍ରମାନଙ୍କୁ ମଧ ବିଦେଶ ପଠାଇବେ, ନହେଲେ ଭବିଷ୍ୟତରେ ସେମାନଙ୍କ ମନରେ ହୁଏତ ଦୁଃଖ ହେଇପାରେ । ଭାଗ୍ୟଦେବୀ ପ୍ରସନ୍ନ ଥିଲେ । ପୁତ୍ରମାନେ ଗୋଟିକ ପରେ ଗୋଟିଏ ଚାଲିଲେ ବିଦେଶ । କାଳକ୍ରମେ ହେଇଗଲେ ସେଠାକାର ସ୍ଥାୟୀ ବାସିନ୍ଦା । ସଭିଏଁ ବର୍ତ୍ତମାନ ବିବାହିତ । ପୁତ୍ରକନ୍ୟା ସମେତ, ସଭିଙ୍କର ସୁଖ ଓ ସମୃଦ୍ଧିର ସଂସାର ।

- ପିଲାମାନେ ଆସନ୍ତି ? ଚନ୍ଦ୍ରମଣିଙ୍କୁ ପଚାରିଲି ।



Digitized by srujanika@gmail.com

- ହଁ ଆସନ୍ତି ମଝିନେ ମଝିରେ । ମତେ କହିଯାଆନ୍ତି ବାପାମାଆଙ୍କୁ ଦେଖିବାପାଇଁ, ମୁଁ ପାଖରେ ରହେତ । ନିଇତି ବସ୍‌ରେ ସାକ୍ଷୀଗୋପାଳରୁ ପୁରୀ ଯିବାଆସିବା କରେ ମୁଁ ।

- ପିଲାମାନଙ୍କୁ ଖବର ଦେଇଣି ନା ନାଇଁ ?

- ଦେଇ ଦେଇଛି ଆଜ୍ଞା । ସେମାନଙ୍କର ଜଣେ ସାଙ୍ଗ ଏଇଠି ଅଛନ୍ତି । ତାଙ୍କ ପାଖକୁ ପ୍ରଥମେ ଯାଇଥିଲି । ସିଏ ଇ ଟେଲିଫୋନରେ ଓ ଇମେଲରେ ପୁଅମାନଙ୍କୁ ଖବର ଦେଇଦେଇଛନ୍ତି । ପୁଅମାନେ ଫୋନ୍‌ରେ କହିବାରୁ ଏଠାରେ ଦାଖଲ ହବାର ଟଙ୍କା ବି ସେଇ ଦେଇଛନ୍ତି । ପୁଅମାନେ ଆସିଲେ ଶୁଝିଦେବେ ।

- ଏବେ ଭଦ୍ରଲୋକ କେମିତି ଅଛନ୍ତି ।

- ନାଇଁ ଆଜ୍ଞା, ପୂରାପୂରି ଅବସ୍ଥା ଖରାପ । ଆଜି ଡାକ୍ତର କହୁଥିଲେ କଅଣ ସବୁ ପରୀକ୍ଷାନିରୀକ୍ଷା କରିବେ । ମୁଁ ବା କେଉଁଠୁ ପଇସା ଆଣିବି ? ତାଙ୍କୁ କହିଛି ଦିନଟେ ଅପେକ୍ଷା କରିବାକୁ । ତାଙ୍କ ପିଲେ ଆସିଗଲେ ମୋର ଛୁଟି । ଆଜିକି ଚାରିଦିନ ହେଇଗଲା, କେହି ଆସିଲେନି ।

- ଆମେରିକା କଅଣ ପାଖ ବାଟ ? ଟିକେଟ କାଟି ଆସିବାକୁ ବି ସମୟ ଲାଗେ ।

- ତା ସତ ଅବଶ୍ୟ, ଆଉ ଦିନେ ଦିଦିନ କଥା । ପାଞ୍ଚଜଣଯାକ ଗୋଟିଗୋଟି ହେଇ ପହଞ୍ଚିଗଲେ ଜାଣ । ଯାହା ଟଙ୍କା ଲାଗିବ ପିଲେ ସାଙ୍ଗେ ସାଙ୍ଗେ ଗଣିଦେବେ । କେହି କାହାକୁ କମ୍ ନୁହେଁ । ଆପଣ ଦେଖିବେନି ଆଜ୍ଞା । ବୁଢ଼ାମଲେ କାଠ ଦରକାର ହବନି । ପିଲେ ନୋଟ୍‌ରେ ପୋଡିବେ ତାଙ୍କୁ । ଭାରି ଭାଗ୍ୟ ବୁଢ଼ାଙ୍କର । ଚନ୍ଦ୍ରମଣି ଆଖି ଗୋଲ ଗୋଲ କରି ପିଲାମାନଙ୍କର ସଂପଦ ସଂପର୍କରେ ମୋତେ ଅବଗତ କରାଇଦେଲା । ଏକଥା ମଧ ଜଣେଇଦେଲା ଯେ ବଳଭଦ୍ର ଯେଉଁ ନିଷ୍ଠାର ସହିତ ଏବଂ ଯେଉଁଭଳି ଭାବରେ ସ୍ୱାର୍ଥତ୍ୟାଗ କରି ପିଲାଙ୍କୁ ମଣିଷ କରିଛନ୍ତି, ଶେଷ ମୁହୂର୍ତ୍ତରେ ପିଲାମାନେ ତାହା ସୁଝାଇବେ ନିଶ୍ଚୟ । 'ଦେଖୁନାହାନ୍ତି, ଏତେ ବଡ ଚାକିରିଆ, ପିଲାଙ୍କ ପାଇଁ ଜୀବନରେ ସହରରେ ଘରଖଣ୍ଡେ ବି କରିପାରିଲେନି । ରହୁଛନ୍ତି ଯାଇକି ଗାଁରେ । ଭାରି ହିସାବୀ ଲୋକ । ତିରିଶବର୍ଷ ତଳର ହିସାବ ଖାତା ଏବେବି ଖୋଜିଲେ ପାଇବେ । ନିଜପାଇଁ ପଇସାଟିଏ ବି ଖର୍ଚ୍ଚ କରିବେନି । ସବୁ ଲୁଟେଇଛନ୍ତି ସେଇ ପିଲାଙ୍କ ପଛରେ । ପିଲେ ବି ତାଙ୍କ ମନଚାହିଁ ମଣିଷ ହୋଇଛନ୍ତି । ପାଞ୍ଚପାଞ୍ଚଟା ପୁଅ ଆମେରିକାରେ, କଣ କମ୍ କଥା ?' ଚନ୍ଦ୍ରମଣି ମତେ ବିଷଦ୍ ଭାବରେ ବୁଝାଇଦେଲା ।



Digitized by srujanika@gmail.com

ମୁଁ କିନ୍ତୁ ପିଲାମାନଙ୍କ ଐଶ୍ୱର୍ଯ୍ୟରେ ଯେତେ ମୁଗ୍ଧ ହେଉନଥିଲି, ତାଠାରୁ ବେଶୀ ମୁଗ୍ଧ ହେଉଥିଲି ଚନ୍ଦ୍ରମଣିର ହୃଦୟର ଐଶ୍ୱର୍ଯ୍ୟରେ । ଦିନ ଦିନଧରି ବଳଭଦ୍ରଙ୍କୁ ଜଗିକି ହସ୍‌ପିଟାଲ୍‌ରେ ପଡିଛି । ଅନିଦ୍ରାରେ ଆଖି ଲାଲ୍ । ଦେହରେ ପିନ୍ଧି ଆସିଥିବା ସେଇ ଯୋଡିଏ ସାର୍ଟପ୍ୟାଣ୍ଟ୍ । ଖିଆପିଆର ଠିକଣା ନାହିଁ । କ୍ଳାନ୍ତ ହେଇ ବିଶ୍ରାମକକ୍ଷର ସିମେଣ୍ଟ ଚଟାଣରେ ଅଜସ୍ରମଣିଷଙ୍କ ପାଦଧୂଳି ଭିତରେ ଆଖିବୁଜି ମଝିରେ ମଝିରେ ଶୋଇପଡେ ଘଣ୍ଟେ ଦିଘଣ୍ଟା । ବାକି ସମୟତକ ସତୃଷ୍ଣ ଦୃଷ୍ଟି ନେଇ ଚାହିଁ ରହିଥାଏ ଦରଜାଆଡେ । ପୁଅମାନେ ପହଞ୍ଚିଗଲେ ଅବା ।

ସପ୍ତମ ଦିନ । ହଠାତ ଜଣେ ମଧ୍ୟବୟସ୍କ ଭଦ୍ରଲୋକଙ୍କୁ ଦର୍‌ଜା ଦେଇ ଭିତରେ ପଶିବାର ଦେଖି ଚଟାଣରୁ ଉଠିପଡି ଅତ୍ୟନ୍ତ ସନ୍ତ୍ରସ୍ତ ଅବସ୍ଥାରେ ତାଙ୍କୁ ନମସ୍କାର କଲା ଚନ୍ଦ୍ରମଣି । ମୋ ସହିତ ପରିଚୟ କରାଇଦେଲା ମଧ୍ୟ । ବଳଭଦ୍ରଙ୍କର ପୁତ୍ରସନ୍ତାନମାନଙ୍କ ମଧ୍ୟରୁ ଜଣେ - ନାଁ ଅବିନାଶ ।

ଭଦ୍ରଲୋକ ଆସି ବସିଲେ ମୋ ପାଖରେ ଖାଲିପଡିଥିବା ଚୌକିଟିରେ । ଚନ୍ଦ୍ରମଣି ସହିତ ତାଙ୍କ କଥୋପକଥନରୁ ଯାହା ବୁଝିଲି, ବଳଭଦ୍ରଙ୍କର ଅନ୍ୟ ପୁଅମାନେ କେହି ଆସିପାରିବେନି ଏବଂ ଦଶଦିନ ଛୁଟି ନେଇ କେବଳ ଅବିନାଶ ହିଁ ଆସିଛନ୍ତି । ବିନମ୍ରଭାବରେ ଠିଆହୋଇ ବଳଭଦ୍ରଙ୍କର ସ୍ୱାସ୍ଥ୍ୟର ଖବରାଖବର ଦେଲା ଚନ୍ଦ୍ରମଣି । ଏକଥା ବି କହିଲା, ଯେହେତୁ ଅବିନାଶ ଆସି ପହଞ୍ଚିଗଲେଣି, ସିଏ ଏବେ ସାକ୍ଷୀଗୋପାଳ ଫେରିଯିବାକୁ ମନସ୍ଥ କରିଛି, କାରଣ ସେଠି ଘରେ ପକ୍ଷାଘାତଗ୍ରସ୍ତ ବୃଦ୍ଧା ଏକା । ଦ୍ୱିତୀୟରେ ଯଦିଓ ସିଏ ତା ହୋଟେଲ୍‌କୁ ଟେଲିଫୋନ୍ କରି ତା ଅସୁବିଧାର ଖବର ଦେଇଦେଇଛି, ତେବେ ବି ତାକୁ ଶୀଘ୍ର ଯାଇ ଚାକିରିରେ ଯୋଗଦେବାକୁ ପଡିବ ।

- ନା ନା, ତମେ ଆଜି ଯାଅନା । ମୁଁ ଭାରି ହାଲିଆ । ଏବେ ସାଙ୍ଗ ଘରକୁ ଯାଇ ଟିକିଏ ଫ୍ରେସ ହେଇ ଆଜି ରାତିଟା ଶୋଇପଡିଲେ ମୁଁ ଠିକ୍ ହୋଇଯିବି । ତମେ ବରଂ କାଲି ସକାଳୁ ଯାଅ । ମୁଁ ସକାଳୁ ସକାଳୁ ପହଞ୍ଚିଯିବି । ଅବିନାଶ ମୁରବିଆନା ଢଙ୍ଗରେ ଚନ୍ଦ୍ରମଣିକୁ ଉପଦେଶ ଦେଲେ ।

- ଆଜ୍ଞା ଡାକ୍ତରବାବୁ କଅଣ ସବୁ ପରୀକ୍ଷା କଥା କହୁଥିଲେ । ଚନ୍ଦ୍ରମଣି ଅଧୋବଦନ ହୋଇ ଜଣାଇଲା ।

- ତାଙ୍କୁ ଜଣେଇଦବ ମୁଁ ପହଞ୍ଚିଯାଇଛି ବୋଲି । ବାକି କଥାବାର୍ତ୍ତା ମୁଁ କାଲି ଆସି କରିନେବି । ଏତିକି କହି ଭଦ୍ରଲୋକ ତରତର ହୋଇ ବାହାରି ଚାଲିଗଲେ ବିଶ୍ରାମକକ୍ଷରୁ ।



Digitized by srujanika@gmail.com

- ଆଜ୍ଞା ମୁଁ ପୁଣି ଆଜି ଅଟକିଗଲି । ବୁଢ଼ାଙ୍କୁ ଛାଡି ଯିବି ବା କେମିତି ? ଯଦି ଭଲମନ୍ଦ କିଛି ହେଇଯାଏ ? ମୁହଁ ଶୁଖାଇ ଚନ୍ଦ୍ରମଣି ମୋତେ କହିଲା ।

- ଏତେ ତ କଲଣି ଚନ୍ଦ୍ରମଣି, ଆଉ ତ ରାତିଟାକର କଥା, ରହିଯାଅ ।

ଆପଣ ତ ମାଆ ଭଳିଆ । ଆପଣଙ୍କୁ କଅଣ ଲୁଚେଇବି ଆଜ୍ଞା । ହାତରେ ପଇସାପତ୍ର ବିଶେଷ କିଛି ନାହିଁ । ଖିଆପିଆ କରିବି କେମିତି ? ଦେଖୁଛନ୍ତି ତ ସାତଦିନ ହେଲା ପଡିଛି ଏଠି । ଗରିବ ଲୋକ, ଯାହା ପଇସାପତ୍ର ଆଣିଥିଲି ସରିଗଲାଣି । ଏଣେ ବୁଢ଼ାଙ୍କୁ ଏକୁଟିଆ ଛାଡିକି ପଳେଇବାକୁ ମନ ବି ବଳୁନି ।

- ଆମେରିକା ବାବୁଙ୍କୁ ତମ ଅସୁବିଧା କଥା କହିଲନି ? ମୁଁ ଚନ୍ଦ୍ରମଣିକୁ ପଚାରିଲି ।

- ମୋ ଅବସ୍ଥା କଥା ସିଏ ଜାଣନ୍ତି ଆଜ୍ଞା । ତେବେ କେତେ ହଇରାଣ ହେଇ ଏତେ ବାଟରୁ ଆସି ପହଞ୍ଚୁଛନ୍ତି । ବାପାଙ୍କ ପାଇଁ ମନ ବି ବିକଳ ହେଉଥିବ । ଏ ସମୟରେ ପଇସାପତ୍ର କଥା କହିବାଟା ଠିକ୍ ହେଇନଥାନ୍ତା । ଚନ୍ଦ୍ରମଣି ଜବାବ୍ ଦେଲା ।

ଚନ୍ଦ୍ରମଣିର ଜବାବ୍‌ରେ କିଛିସମୟ ଅବାକ୍ ହୋଇ ତା ମୁହଁକୁ ନିର୍ନିମେଷ ଭାବରେ ଚାହିଁ ରହିଲି । ଏଭଳି ଭଲମଣିଷଟିଏ ସଚରାଚର ଦେଖିବାକୁ ମିଳେନି ପୃଥିବୀରେ । କହିଲି- ଚନ୍ଦ୍ରମଣି ! ତୁମେ ମୋତେ ମାଆ ବୋଲି ସମ୍ବୋଧନ କରିଛ । ମୋ କଥା ରଖିବ ନିଶ୍ଚୟ, ଚାଲ ଆଜି ହସପିଟାଲ୍ କ୍ୟାଣ୍ଟିନ୍‌ରେ ସାଙ୍ଗ ହେଇ ଭାତ ଖାଇଆସିବା । ତମ ଭୋଜନର ଦାୟିତ୍ୱ ଆଜି ତମ ମାଆର ।

ଚନ୍ଦ୍ରମଣି କିନ୍ତୁ ମୋ ସହିତ କ୍ୟାଣ୍ଟିନ ଯିବାକୁ ଥିଲା ସଂପୂର୍ଣ୍ଣରୂପେ ନାମଙ୍ଗ । ତାର ତୀବ୍ର ପ୍ରତିବାଦ ସତ୍ତ୍ୱେ ଏକରକମ ଜୋର୍ ଜବରଦସ୍ତି କରି ତାକୁ ସାଥିରେ ନେଇ ଭାତମୁଠିଏ ଖୁଆଇଥିଲି । ପାକସ୍ଥଳୀରେ ଅନ୍ନମୁଠିଏ ପଡିଲାପରେ ଚନ୍ଦ୍ରମଣିର ଶ୍ରାନ୍ତ ମୁହଁ ଅନେକାଂଶରେ ଉଜ୍ଜ୍ୱଳ ଦିଶିଲା । ବିନୟର ଭଙ୍ଗୀରେ ମୋ ହାତଯୋଡିକ ଧରିପକେଇ କହିଲା- ମାଆ ! ଆପଣ ଏତେ ଭଲଲୋକ ମୁଁ ଜାଣିନଥିଲି । ମୁଁ କହିଲି, ଚନ୍ଦ୍ରମଣି, ଗୋଟିଏ ସାଦାମିଲ୍‌ର ଦାମ୍ ମାତ୍ର ଷୋଳଟଙ୍କା । ଆଉ ଷୋଳଟଙ୍କା ବଦଳରେ ଆଉ ଯାହା ହେଉପଛେ ଅନ୍ତତଃ ଭଲପଣିଆ କିଣାଯାଇପାରେନି ।

ତା' ପରଦିନ ସକାଳ ଆଠଟା ସୁଦ୍ଧା ଅବିନାଶ ଆସି ପହଞ୍ଚି ଯାଇଥିଲେ ହସ୍‌ପିଟାଲ୍‌ରେ । ବିଶ୍ରାମ ଓ ସ୍ନାନାନ୍ତେ ବେଶ୍ ସତେଜ ବି ଦିଶୁଥିଲେ । ବିଦାୟ ନେଇ ଚନ୍ଦ୍ରମଣି ସାକ୍ଷୀଗୋପାଳ ଫେରିଗଲା । ଅବିନାଶ ଅନୁରୋଧ କଲେ ମଝିରେ ମଝିରେ



Digitized by srujanika@gmail.com

ସୁବିଧା ଦେଖି ଆସିବା ପାଇଁ । ଚନ୍ଦ୍ରମଣି ମୁଣ୍ଡ ହଲେଇଲା- ସ୍ୱୀକୃତିର ଭଙ୍ଗୀରେ ।

ଆଇ.ସି.ୟୁ. ଭିତରକୁ ଏମିତିରେ ପରିଦର୍ଶକମାନଙ୍କୁ ଯିବାପାଇଁ ମନାଥିଲା । ଅବିନାଶ ନିଜେ ଥିଲେ ଡାକ୍ତର । ତେଣୁ ଭିତରକୁ ଯାଇ ଓ ବେଶ୍ କିଛି ସମୟ ଧରି ଡାକ୍ତରଙ୍କ ସହିତ ପରାମର୍ଶ କରି ଫେରିଆସିଲେ ଅଧଘଣ୍ଟାଏ ପରେ । ଫେରିଆସିଲାବେଳକୁ କିନ୍ତୁ ତାଙ୍କ ମୁହଁରେ ସତେଜପଣିଆ କିଛି ମାତ୍ରାରେ ମ୍ଲାନ ପଡିଯାଇଥିଲା ।

- କେମିତି ଅଛନ୍ତି ବାପା ? ପଚାରିଲି ।

- ନା, ସେଇଭଳି କୋମାଷ୍ଟେଜ୍ । ଡାକ୍ତର କହିଛନ୍ତି ଏଇଭଳି କେତେଦିନ ବା କେତେମାସ ପଡିରହିବେ ନିର୍ଦ୍ଦିଷ୍ଟ କରି କହିହବନି ।

- ଓହୋ ! ସେଇଥିପାଇଁ ଆପଣ ବିବ୍ରତ ବୋଧେ । ମୁହଁ ଶୁଖିଯାଇଛି ।

- ନା, ନା, ଠିକ୍ ସେଇଥିପାଇଁ ନୁହେଁ ଅବଶ୍ୟ । ମୁଁ ଜମା ଦଶଦିନ ଛୁଟି ନେଇକି ଆସିଛି । ଦଶଦିନ ଭିତରେ ଯଦି ଭଲ କି ମନ୍ଦ କିଛି ଜଣାନପଡେ ଏବଂ ବାପାଙ୍କର ଏଇଭଳି ଅବସ୍ଥା ରହେ, ମୋତେ ବାଧ ହୋଇ ଅନିର୍ଦ୍ଦିଷ୍ଟ କାଳପାଇଁ ଅଟକି ଯିବାକୁ ପଡିବ । କି ଅଖାଡୁଆ ପରିସ୍ଥିତି କହନ୍ତୁ ତ !

ଆପଣଙ୍କର ତ ଆହୁରି ଚାରିଭାଇ ଅଛନ୍ତି । ଜଣେ ଜଣେ ମାସେ ଲେଖାଏଁ ଛୁଟି ନେଇ ଆସିଲେ ତ ଦୀର୍ଘ ଚାରିମାସ ବିତିଯିବ । ମୁଁ କହିଲି ।

- ଓଃ ! ଆପଣ ଜାଣନ୍ତିନି । ଭାରି ସ୍ୱାର୍ଥପର ସେମାନେ । ପ୍ରଥମ ଦୁଇଦିନତ କିଏ ଆସିବ ବୋଲି ସଭିଙ୍କ ମୁଣ୍ଡରେ ବଜ୍ରପାତ । ଘନଘନ ଟେଲିଫୋନରେ ଆଲୋଚନା । କେହି ଆସିବାକୁ ରାଜି ନୁହନ୍ତି । ମୁଁ ଡାକ୍ତର ବୋଲି ମୋରି ଉପରେ କାମଟି ଲଦିଦେଲେ । କଅଣ ନା ମୁଁ କୁଆଡେ ଏ ଅବସ୍ଥାରେ ବାପାଙ୍କର ବେଶି ଭଲ ଦେଖାଶୁଣା କରିପାରିବି । ମୋ ସ୍ତ୍ରୀ ଠିକ୍ ଚିହ୍ନିଛି ସେମାନଙ୍କୁ । ମତେ ଫସେଇଦେଇ ସମସ୍ତେ ଏବେ ନିର୍ଦ୍ୱନ୍ଦ୍ୱରେ ବସିଛନ୍ତି । କଅଣ ଯେ କରିବି କିଛି ଜାଣିପାରୁନି । ଭୂଲତାକୁ କୁଞ୍ଚିତ କରି ଅବିନାଶ ଜବାବ୍ ଦେଲେ ।

ଏବଂ ସେଇଯେ ଭ୍ରୂକୁଞ୍ଚନର ଭଙ୍ଗୀ ଅବିନାଶ ଆପଣେଇ ନେଇଥିଲେ ତାହାର ତିଳେମାତ୍ର ପରିବର୍ତ୍ତନ ଆଉ କୌଣସି ଦିନ ହେଲାନି । ଥିଲେ ଶ୍ୟାମଳରଂଗର ବାଙ୍ଗରା ମଣିଷଟିଏ । ପିନ୍ଧୁଥିଲେ ଆମେରିକାନଙ୍କ ପରି ଜିନ୍‌ସ୍ପ୍ୟାଣ୍ଟ ଓ ସାମ୍ନାରେ ଛବିଥିବା ଢ଼ୋଲା ଟି ସାର୍ଟ । ସେ ସାର୍ଟର ହାତ କହୁଣୀତଳକୁ ବୋହି ଆସି ଲୟରେ ଛୁଉଁଥିଲା ଆଣ୍ଠୁକୁ ଏବଂ



Digitized by srujanika@gmail.com

ତାଙ୍କ ସଂପର୍କରେ ଯାହା ମୋତେ ସବୁଠୁ ମଜା ଲାଗୁଥିଲା ତାହା ହେଲା ତାଙ୍କର ଅନବରତ ଗତିଶୀଳତା । ଚୁପ୍ ହୋଇ ପାଞ୍ଚମିନିଟ ସେ କେଉଁଠାରେ ବସିପାରୁନଥିଲେ । ସଦାସର୍ବଦା ଚାଲୁଥିଲେ, କରିଡର୍‌ରୁ କରିଡର୍, ଏ ମହଲାରୁ ସେ ମହଲା କିମ୍ବା ହସପିଟାଲ୍ ସାମ୍ନା ରାସ୍ତାରେ ବା ଘାସ ଲନ୍‌ରେ । ହସ୍‌ପିଟାଲରେ ଧୂମପାନ ନିଷେଧ ଥିଲା । ତେଣୁ ଅନେକ ସମୟରେ ଗେଟ ବାହାରକୁ ଯାଇ ଲମ୍ବ ଲମ୍ବ ଆମେରିକାନ ସିଗ୍ରେଟମାନ ଘନଘନ ଟାଣୁଥିଲେ, ଯାହାକି ନିଶ୍ଚିତ ରୂପେ ତାଙ୍କର ମାନସିକ ବ୍ୟସ୍ତତା ତଥା ଚଞ୍ଚଳତାକୁ ଜାହିର କରୁଥିଲା । ଗେଟ୍ ବାହାରେ ଥିବା ଗୋଟିଏ ଝୋପ୍‌ଡିକୁ କେବେ କେମିତି ପାନ କିଣିବାକୁ ଯାଉଥିଲି । ସେଇଠି ଗୋଟଏ ସିମେଣ୍ଟ ତିଆରି କଲ୍‌ଭର୍ଟ ଉପରେ ବସି ଚିନ୍ତିତବଦନରେ ଅବିନାଶଙ୍କୁ ଧୂମପାନ କରିବା ଅବସ୍ଥାରେ ପ୍ରାୟ ଦେଖୁଥିଲି । ଅନ୍ଧାର ରାତିରେ ସିଗ୍ରେଟଟି ଜଳଜଳ କରୁଥିଲା ।

ମଝିରେ ମଝିରେ ଅବିନାଶ ଟୁକ୍‌ଡା ଟୁକ୍‌ଡା କଥାବାର୍ତ୍ତା କରୁଥିଲେ ମୋ ସହିତ ଏବଂ ତାଙ୍କ କଥାବାର୍ତ୍ତାର ବିଷୟବସ୍ତୁ ଥିଲା ସେଇ ଗୋଟିଏ - କିଭଳି ତାଙ୍କ ସ୍ତ୍ରୀ ତାଙ୍କୁ କାଲି ଟେଲିଫୋନ୍‌ରେ ଏକ ବୋକା ଲୋକ ବୋଲି ବର୍ଣ୍ଣନା କରିଛନ୍ତି, କିଭଳି ଭାଇମାନଙ୍କ କଥାରେ ପଡି ସିଏ ଏବେ ହଇରାଣ ହେଉଛନ୍ତି, କିଭଳି ଭାଇମାନେ କେହି ଥରେ ହେଲେବି ଟେଲିଫୋନ କରିନାହାନ୍ତି କିମ୍ବା ଆର୍ଥିକ ସାହାଯ୍ୟ କିଛି ଦେଉନାହାନ୍ତି, କିପରି ଦୁଇଟି କିଶୋରପୁତ୍ରଙ୍କୁ ନେଇ ତାଙ୍କର ପତ୍ନୀ ସେଠାରେ ଅସ୍ତବ୍ୟସ୍ତ ହୋଇ ଉଠିଲେଣି ଏବଂ ଏଇ ହସପିଟାଲରେ ଗୋଟିଏ ରୋଗୀର ଚିକିତ୍ସା କରିବା କିଭଳି ବ୍ୟୟସାପେକ୍ଷ ଇତ୍ୟାଦି ଇତ୍ୟାଦି ।

ସପ୍ତାହକ ପରେ । ଅତ୍ୟନ୍ତ ବିବ୍ରତ ଚିତ୍ତରେ ମନମରା ଭାବରେ କଲ୍‌ଭର୍ଟ ଉପରେ ବସି ସିଗ୍ରେଟ ଟାଣୁଥିବାର ଦେଖି ଅବିନାଶଙ୍କୁ ତାଙ୍କ ଉଦ୍‌ବିଗ୍ନତାର କାରଣ ପଚାରିଥିଲି । ଅବିନାଶ କହିଲେ ତାଙ୍କର ଛୁଟି ସରିବାକୁ ଆଉ ଜମା ଦୁଇଦିନ ରହିଲା । ପିତାଙ୍କର ଅବସ୍ଥା ପୂର୍ବପରି । ତାଙ୍କର କାର୍ଯ୍ୟପନ୍ଥା ସଂପର୍କରେ ସିଏ ଏକରକମ କିଂକର୍ତ୍ତବ୍ୟବିମୂଢ଼ ଅବସ୍ଥାରେ ପହଞ୍ଚିଛନ୍ତି ଏବଂ ଏଭଳି ଅକଥନୀୟ ଦୁର୍ଦ୍ଦଶାଗ୍ରସ୍ତ ସିଏ ଆଗରୁ କେବେ ହୋଇଛନ୍ତି ବୋଲି ତାଙ୍କର ମନେପଡୁନି ।

- ଏତେ ବିବ୍ରତ କାହିଁକି ହେଉଛନ୍ତି ? ସବୁ ସମସ୍ୟାର ସମାଧାନ ଅଛି ଏ ପୃଥିବୀରେ । ଏ ସମସ୍ୟାଟିର ବି କୌଣସି ପ୍ରକାରେ ସମାଧାନ ହେଇଯିବ । ମୁଁ ଅବିନାଶଙ୍କୁ ସାନ୍ତ୍ୱନା ଦେଇ କହିଲି ଏବଂ ଠିକ୍ ସେଇ ସମୟରେ ଦୂରରୁ ଚନ୍ଦ୍ରମଣିକୁ ଚାଲିଚାଲି ହସ୍‌ପିଟାଲ ଗେଟ୍ ଆଡକୁ ଆସୁଥିବାର ଦେଖିଲି ।



Digitized by srujanika@gmail.com

ଚନ୍ଦ୍ରମଣି ମୋତେ ଓ ଅବିନାଶଙ୍କୁ ନମସ୍କାର କରି ଜଣାଇଲା ଯେ ସାକ୍ଷୀଗୋପାଳରେ ବୃଦ୍ଧାଙ୍କ ଅବସ୍ଥା ସେତେ ଭଲ ନୁହେଁ, ତା ସ୍ତ୍ରୀ ରାନ୍ଧିବାଢ଼ି କୌଣସିପ୍ରକାରେ ତାଙ୍କୁ ସମ୍ଭାଳିଛି । ଏଠାରୁ ଯାଇ ଘରଧନ୍ଦା ତଥା ଚାକିରିରେ ବ୍ୟସ୍ତ ଥିବା ହେତୁ ଏଇ କେଇଦିନ ସିଏ ଆସିପାରିନଥିଲା । ତେବେ ବଳଭଦ୍ରଙ୍କ ପାଇଁ ମନ ବହୁତ ବିକଳ ହେବାରୁ କାଲି ଗୋଟିଏ ଦିନ ଛୁଟି ନେଇ ସିଏ ଚାଲି ଆସିଛି । ଆଜି ରାତିରେ ସିଏ ହସ୍‌ପିଟାଲରେ ରହିବ । ଅବିନାଶ ଓ ଚନ୍ଦ୍ରମଣିଙ୍କୁ ସେମାନଙ୍କର ପାରିବାରିକ ସମସ୍ୟା ସଂପର୍କରେ କଥାବାର୍ତ୍ତା କରୁଥିବାର ଦେଖି ମୁଁ ସେ ସ୍ଥାନ ଛାଡି ଛାଲିଆସିଲି ।

ତା' ପରଦିନ । ବିନୟଙ୍କର ଅବସ୍ଥାରେ ଯା ଭିତରେ ଅନେକଟା ଉନ୍ନତି ହୋଇଥିଲା । ଆଇ.ସି.ୟୁ. ସଂଲଗ୍ନ ଲମ୍ବ ପିଣ୍ଡାରେ ଚାଲବୁଲ୍ କରିବା ପାଇଁ ତଥା ଧୀରେ ଧୀରେ ସିଢ଼ି ଚଢ଼ିବାର ଅଭ୍ୟାସ କରିବା ପାଇଁ ଡାକ୍ତର ଉପଦେଶ ଦେଇଥିଲେ । ଏହାସହିତ ସାଧାରଣ ତେଲଲବଣ ବର୍ଜିତ ଖାଦ୍ୟ ଖାଇବାକୁ ଅନୁମତି ମଧ୍ୟ ଦେଇଥିଲେ । ବିନୟଙ୍କୁ କିନ୍ତୁ ହସ୍‌ପିଟାଲରୁ ମିଳୁଥିବା ଭୋଜନ ରୁଚିକର ମନେ ହେଉନଥିଲା । ମୁଁ ତେଣୁ ତାଙ୍କ ପାଇଁ ଘରେ ଖାଦ୍ୟପ୍ରସ୍ତୁତ କରି ନେଇଯିବାପାଇଁ ଘରକୁ ଆସିଥିଲି ।

ଦିନ ବାରଟାରେ ହସ୍‌ପିଟାଲରେ ପହଞ୍ଚିଲାବେଳକୁ, ଆଇ.ସି.ୟୁ.ର କାଚକବାଟ ସାମ୍‌ନାରେ ଉଭୟ ଚନ୍ଦ୍ରମଣି ଓ ଅବିନାଶଙ୍କୁ ଠିଆ ହୋଇଥିବାର ଦେଖିଲି । ମୋତେ ଦେଖି ଆଖିରୁ ଦିଧାର ଲୁହ ଗଡେଇ ଥରଥର ଗଳାରେ ଚନ୍ଦ୍ରମଣି କହିଲା, ମାଆ ବୁଢ଼ାବାବୁ ଚାଲିଗଲେ, ଏଇ ଅଧଘଣ୍ଟେ ହବ । ମୁଁ ତା ପାଖରେ ଠିଆ ହୋଇଥିବା ଅବିନାଶଙ୍କୁ ଚାହିଁଲି । ପ୍ରଥମଥର ପାଇଁ ତାଙ୍କ ମୁହଁଟି ସଂପୂର୍ଣ୍ଣରୂପେ ଚିନ୍ତାଶୂନ୍ୟ ଥିଲା । ଭ୍ରୂ ଦୁଇଟି ଆଉ କୁଞ୍ଚିତ ହୋଇ ରହିନଥିଲେ । ମନେ ହେଉଥିଲା ଏତେ ଦିନଧରି ତାଙ୍କ ମୁଣ୍ଡ ଉପରେ ଛିଣ୍ଡି ପଡିଥିବା ଆକାଶଟି ସୁରୁଖୁରୁରେ ଫେରିଯାଇଛି ସ୍ୱସ୍ଥାନକୁ ।

(ନଭେମ୍ବର, ୨୦୦୧)

❑❑❑



Digitized by srujanika@gmail.com

# ନିରାପତ୍ତା

ବିନୟ ରାତିରାତି କାନ୍ଧରେ ପକାଇ ଗୀତ ଗାଇ ଶୁଆଉଥିଲେ ତାକୁ । ତୋଫା, ଗୋଲାପି ଓ ଜହ୍ନମାମୁ ପରି ମୁହଁଟି ତାଙ୍କ ବେକପାଖରେ ଗୁଞ୍ଜିଦେଇ ଆରାମ୍‌ରେ ନିଦ ଯାଉଥିଲା ସିଏ । କ୍ଷୀର ନପିଇ ଅଝଟ ହେଲେ ବିନୟ କୋଳରେ ନେଇ ବଗିଚାରେ ବୁଲିବୁଲି ଦେଖେଇ ଦେଉଥିଲେ ବଣିଚଢ଼େଇ, କନିଅରଫୁଲ ଓ ଗୁଣ୍ଡୁଚିମୂଷା । ଢୁକ୍‌ଢୁକ୍ କ୍ଷୀର ପିଇ ଦେଉଥିଲା ସିଏ । ଶୀତଋତୁରେ ଥଣ୍ଡା ସର୍ଦ୍ଦିହୋଇ ନାକ ବନ୍ଦ ହୋଇଗଲେ ବିନୟଙ୍କ ଛାତିରେ ମୁହଁ ଘଷୁଥିଲା । ଷୋରିଷତେଲ, ରସୁଣ ଗରମ କରି ତା ଛାତିରେ ଉଷୁମ ତେଲ ମାଲିସ କରିଦେଉଥିଲେ ବିନୟ । ପ୍ରଶ୍ୱାସ ହୋଇଉଠୁଥିଲା ସ୍ୱାଭାବିକ୍ । ଅରୁଆଚାଉଳ ପରି ଦୁଇଟି ଚମତ୍କାର ଦୁଧଦାନ୍ତ ଦେଖାଇ ପିତାଙ୍କ ମୁହଁକୁ ଚାହିଁ କିର୍‌କିର୍ ହସିଉଠୁଥିଲା ସିଏ । ସବୁ ଶିଶୁମାନଙ୍କ ପରି ଶୈଶବରେ ଏକାନ୍ତ ଭାବରେ ନିର୍ଭରଶୀଳ ଥିଲା ଆମ ଦୁଇଜଣଙ୍କ ଉପରେ ।

ଥରେ ସାର୍ଟରୁ ଛିଣ୍ଡାଇ ସାନ ବୋତାମଟିଏ ପୂରେଇ ଦେଇଥିଲା ବାଁ ନାକପୁଡାରେ । ବୟସ ଥିଲା ପ୍ରାୟ ଦେଢ଼ବର୍ଷ । ତାର ଟୁକ୍‌ଡା ଟୁକ୍‌ଡା କଥାରୁ ସମସ୍ୟାଟି ବୁଝିପାରିଥିଲୁ ଆମେ । ବିନୟ ହସପିଟାଲ୍ ନେଇଯାଇଥିଲେ ଗାଡିରେ । ଡାକ୍ତର ଫୋର୍‌ସେପ୍‌ରେ କାଢ଼ିଦେଲେ ବୋତାମ୍‌ଟି । ବିଲ୍‌କୁଲ୍ ନିଡ଼ର ହୋଇ ବସିରହିଥିଲା ବିନୟଙ୍କ କୋଳରେ । କିଣ୍ଡରଗାର୍ଟନ୍‌ରେ ପଢ଼ିଲାସମୟରେ କୌଣସି ଏକ ସାଥିପିଲା ଥରେ ଗୋଟିଏ ଧାରୁଆଟିଣରେ ପାପୁଲିଟି କାଟିଦେଇଥିଲା ତାର । ଶିକ୍ଷୟିତ୍ରୀ ସ୍କୁଲ୍‌ରୁ ଘରକୁ ପଠାଇଦେଇଥିଲେ । ବିନୟ କୋଳକୁ ନେଇ କହିଥିଲେ, କିଛି ହବନି, ମୁଁ ଅଛି ପରା ! କାନ୍ଦ ବନ୍ଦ ହେଇଯାଇଥିଲା ତାର । ହସ୍‌ପିଟାଲ୍‌ରେ ହାତରେ ଷ୍ଟିଚ୍ ପଡିଲାବେଳେ ଜାବୁଡିକି କୁଣ୍ଢେଇଧରିଥିଲା ବିନୟଙ୍କୁ । ସର୍ବପ୍ରକାର ବିପଦଆପଦରେ ବରାଭୟ ଓ ନିରାପତ୍ତାର ଉତ୍ସ ତା ପାଇଁ ଥିଲେ ତାର ପିତା । ସର୍ବପ୍ରକାର କଷ୍ଟ ଓ ଯନ୍ତ୍ରଣାଭିତରେ ଅପରିସୀମ ସାହସ ଯୋଗେଇଦେଉଥିଲା ବାପର କୋଳ । ଭାବୁଥିଲା, ତାର ସମସ୍ତ ପ୍ରକାର ସମସ୍ୟାର ସରଳ ସମାଧାନ କେବଳ ପିତାମାତା ହିଁ କରିପାରନ୍ତି ।

ଧୀରେ ଧୀରେ ବୟସ ବଢ଼ିଲା । ଠୁକୁଠୁକୁ ପାଦରେ ଚାଲିବାକୁ ଆରମ୍ଭ କଲା ସିଏ । ଆଉ ସେତେବେଳେ କୌଣସି କାରଣରୁ ଡରିଗଲେ ତୀବ୍ରଗତିରେ ଛୁଟିଆସି ଜାବୁଡି



Digitized by srujanika@gmail.com

ଧରୁଥିଲା ବିନୟଙ୍କୁ, ତାଙ୍କର ଦୁଇ ଆଣ୍ଠୁପାଖରେ । ସିଏ ସାନଥିଲା ବେଳେ ଥରେ ଆସାମରୁ ଓଡିଶା ଆସିଥିଲି । ଜୀବନରେ ପ୍ରଥମ ଥର ପାଇଁ ଟ୍ରେନ୍ ଦେଖିଥିଲା ସେତିକିବେଳେ । ମନେ ଅଛି- କଟକ ରେଲ୍ୱେ ଷ୍ଟେସନ୍‌ରେ ଠିଆହୋଇ କ୍ଷିପ୍ରଗାମୀ ଟ୍ରେନ୍‌ଟିକୁ ଦେଖି ଅସମ୍ଭବ ଭାବରେ ଡରିଯାଇଥିଲା ସିଏ । ଦୌଡିଆସି ବିନୟଙ୍କ ଦୁଇଗୋଡକୁ ଜାବୁଡି ଧରି ଭୟରେ ଚିତ୍କାର କରି କାନ୍ଦି ଉଠିଥିଲା । ବିନୟ ତା ମୁଣ୍ଡରେ ହାତ ରଖିଥିଲେ । କହିଥିଲେ- ଡରୁଚୁ କାହିଁକି ବବି ? ମୁଁ ଅଛି ପରା ପାଖରେ ! କାନ୍ଦ ବନ୍ଦ କରି ଅବାକ୍ ଆଖିରେ ଟ୍ରେନ୍‌ଟିକୁ ଚାହିଁଥିଲା ତା ପରେ । ସତେ ଅବା ବୁଝିଥିଲା- ବାପ ପାଖରେ ଥିଲେ ପୃଥିବୀର କୌଣସି ବିପଦ ଛୁଇଁ ପାରେନି ତାକୁ ।

ତା ପରେ ହଠାତ୍ କେବେ ଦିନେ ବଡ ହେଇଗଲା- ଚାହୁଁ ଚାହୁଁ, ଆମ ଅଜାଣତରେ । ନାକପୁଡାରେ ବୋତାମ ପୂରେଇବା ବିପଦଜନକ ବୋଲି ଜାଣିଗଲା, ଜାଣି ବି ଗଲା ଟ୍ରେନ୍‌କୁ ଦେଖି ଭୟଭୀତ ହେବାର କୌଣସି କାରଣ ନାହିଁ । ନିଦ ଆସିବା ପାଇଁ ଆଉ ବାପର କୋଳ ଦରକାର ପଡିଲାନି । ଅଧରାତିଯାଏ ବହି ପଢ଼ି ପଢ଼ି ବେଶ୍ ଆରାମରେ ମନକୁ ମନ ଶୋଇପଡିବାକୁ ଶିଖିଗଲା ସିଏ । ନିଜର ଅନେକ ସମସ୍ୟା ନିଜେ ନିଜେ ସମାଧାନ କରିବାରେ ପାରଙ୍ଗମ ହୋଇଉଠିଲା ମଧ୍ୟ । ପ୍ରତିକଥାରେ ବାପ ପାଖକୁ ଦୌଡିକି ଆସିବା ଅପ୍ରୟୋଜନୀୟ ହେଇପଡିଥିଲା ତାପାଇଁ । କେତେବେଳେ କେମିତି ବିନୟ ତା ମୁଣ୍ଡ କି ଗାଲ ଆଉଁଷି ଦେଲେ ରାଗିଯାଉଥିଲା ସିଏ । 'କଅଣ କରୁଛ ? ମୁଁ କଅଣ ସାନ ପିଲା ହେଇଛି ?' କହି ତରତର ହୋଇ ଗମ୍ଭୀର ମୁହଁରେ ଚାଲିଯାଉଥିଲା ତା ପଢ଼ା ଘରକୁ ।

ସିଏ ଖୁବ୍ ସାନଟିଏ ଥିଲାବେଳେ, ସିଏ ଶୋଇଥିଲେ ବିନୟ ଫିସ୍ ଫିସ୍ କରି କଥାବାର୍ତ୍ତା କରୁଥିଲେ, ଚାଲୁଥିଲେ ଟିପେଇ ଟିପେଇ, ନିଃଶବ୍ଦରେ । କାଳେ ସିଏ ଉଠିପଡିବ ବୋଲି । ଇଞ୍ଜିନିୟରିଂ କଲେଜରୁ କେବେ କେମିତି ସିଏ ଛୁଟିରେ ଆସିଲେ ବିନୟ ଏବେ ବି ସେଇୟା କରୁଥିଲେ । ସିଏ ମାଟ୍ରିକ୍ ପରୀକ୍ଷା ଦେଲା ବେଳେ ପଢୁଥିଲା ଡେରି ରାତିଯାଏ । ବିନୟ ବି ଚିଆଁଇକି ରହୁଥିଲା ତା ସହିତ । ସିଏ ଶୋଇ ସାରିଲା ପରେ ଯାଇ ଦେଖି ଆସୁଥିଲେ, ଠିକ୍ ଭାବେ ମଶାରି ଗୁଞ୍ଜା ହେଇଛି ନା ନାଇଁ । ଆଖିରୁ ଚଷମା କଢ଼ା ହେଇଛି ନା ନାଇଁ, ଉଜ୍ଜ୍ୱଳ ବତୀଟି ଲିଭା ହୋଇ ସାନ ନୀଳ ବଲ୍‌ବ୍‌ଟି ଜଳୁଛି ନା ନାଇଁ । ଏବେ ବି ସିଏ ଘରେ ଥିଲେ ବିନୟ ଠିକ୍ ସେଇଆ କରୁଥିଲେ । କିନ୍ତୁ ଏବେ ପରିସ୍ଥିତି ସାମାନ୍ୟ ବଦଳି ଯାଇଥିଲା, ଏବେ ଏସବୁ କଲେ ପୁଅ ରାଗୁଥିଲା ।

ସେଦିନ ଘରେ କାମକରୁଥିବା ସ୍ତ୍ରୀଲୋକଟି ଅନୁପସ୍ଥିତ ଥିବାରୁ ମତେ କହିରଖିଥିଲା ସକାଳୁ, 'ମାମା, ତମେ ବାସନ ଧୋଇବନି, ରଖିଦେଇଥିବ । ମୁଁ ସଫା କରିଦେବି ।' ତାକୁ ଲୁଚେଇ କାମଟି ମୁଁ କରି ଦେଇଥିଲି । ଜାଣିପାରି ରାଗ ତମ୍ ତମ୍ ମୁହଁ କରି ତା



Digitized by srujanika@gmail.com

ଘରେ ଚୁପ୍‌ଚାପ୍ ବସି ବହି ପଢ଼ିବାକୁ ଲାଗିଲା । ସେଇଦିନ ରାତିରେ ସିଏ ଶୋଇବା ପୂର୍ବରୁ ବିନୟ ଯାଇ ତା ମଶାରିଟି ବାନ୍ଧିବା ବେଳେ ଅଚାନକ୍ ବହିପଢ଼ା ଛାଡି ମଶାରିଟି ଛଡେଇ ନେଲା ତାଙ୍କ ହାତରୁ । କହିଲା ତମେ ଯାଅ ଏଠୁ, ମଶାରି ବାନ୍ଧିବା ଦରକାର ନାହିଁ । କଥାଟି କହିଥିଲା ବେଶ ଜୋର୍‌ଗଳାରେ ।

ବିନୟ ଆସି ଗୁମ୍ ହୋଇ ବସିରହିଲେ ତାଙ୍କ ଖଟରେ । ସିଏ ବୋଧେ ବୁଝି ପାରିଲା ପିତାଙ୍କର ନିଃଶବ୍ଦ ଅଭିମାନକୁ । କିଛି ସମୟପରେ ଆସି ତାଙ୍କ ପାଖରେ ବସି କହିଲା- ପାପା, ତମେ ରାଗିଲ ବୋଧେ, ମୁଁ ଦୁଃଖିତ, କିନ୍ତୁ ତମକୁ ଗୋଟିଏ କଥା କହିବି, ଶୁଣିବ ? ବିନୟ ମୁହଁ ଉଠାଇ ଚାହିଁଲେ ।

- ଦେଖ, ଏ ଘରେ ଆମ ତିନିଜଣଙ୍କ ଭିତରେ, ବର୍ତ୍ତମାନ ସବୁଠୁ ସୁସ୍ଥସବଳ ଓ ଶକ୍ତିମାନ୍ ମୁଁ, ତେଣୁ ଘରର ସବୁକାମ ଏବେ ମୁଁ କରିବା କଥା । ତମେ କିମ୍ବା ମାମା ନୁହେଁ । ବିନୟ କିଛି ଜବାବ୍ ନଦେଇ ତଥାପି ଚୁପ୍ ଚାପ୍ ବସିରହିଲେ । ସିଏ ଅଳ୍ପ ହସି କହିଲା- ତମେ ଜାଣିଚ ନା ନାଇଁ ? ତମେ ଦୁଇଜଣ ଦୁଇଟି ଚମତ୍କାର ବାପା ମା । ଯେତେବେଳେ ତମର କରିବା କଥା ଥିଲା, ଅନେକ କିଛି କରିଛ ମୋ ପାଇଁ । ଏବଂ ମନେରଖ, ବେଶ୍ ଭଲଭାବରେ ହିଁ ମଣିଷ କରିଛ ମତେ । ତେବେ ଏଣିକି ମୁଁ ବଡ଼ ହେଇଯାଇଛି । ତମର ଏବେ ଛୁଟି । ସାନବଡ, ଯାହା କିଛି ଘରର କାମ, ଅନ୍ତତଃ ମତେ କରିବାକୁ ଦିଅ । ତମେ ଦ୍ଵି ଜଣ ଟିକିଏ ଆରାମ କଲେ ମତେ ଯେ ବହୁତ ଖୁସି ମିଳିବ ଏକଥା ବୁଝିପାରୁନ କେମିତି ?

ମୁଁ ବୁଝିଲି- ବିନୟ କିନ୍ତୁ ବୁଝିଲେନି । ଉଭୟ ଶାରୀରିକ ଓ ମାନସିକ ସ୍ତରରେ ଏବେ ବି ସିଏ ଖୋଜିବୁଲୁଥିଲେ ପୁତ୍ରର ସାନ୍ନିଧ । ଭାବୁଥିଲେ, ଏବେବି ହୁଏତ ଆସି ତାଙ୍କ ଛାତିରେ ମୁଣ୍ଡଗୁଞ୍ଜି ସିଏ ଶୋଇବ ଆଗପରି । ତାର ସୁଖଦୁଃଖ, ହର୍ଷଉଲ୍ଲାସ ଓ ଆଶାନିରାଶାର କଥା ଗୋଟି ଗୋଟି କରି ବଖାଣି ବସିବ ତାଙ୍କ ସାମନାରେ ଆଗପରି । ଥଣ୍ଡାସର୍ଦ୍ଦି ହୋଇ ନାକବନ୍ଦ ହୋଇଗଲେ ନିଜେ ଔଷଧ କିଣି ନଖାଇ ଦୌଡିକି ଆସି ଠିଆହେବ ତାଙ୍କ ସାମ୍‌ନାରେ- 'ପାପା ! କିଛି କର' ଭଙ୍ଗୀରେ । ଠିକ୍ ଯେମିତି ନାକରେ ବୋତାମ ପୂରାଇ ଦିନେ ଦୌଡିକି ଆସିଥିଲା । ବିନୟ ବୁଝିପାରୁନଥିଲେ ପୁଅ ବଡ ହେଇଯାଇଛି ବୋଲି । ବୁଝିପାରୁ ନ ଥିଲେ ସବୁ ପୁଅମାନେ ଦିନେ ଏମିତି ବଡ଼ ହେଇଯାଆନ୍ତି । ନିଜ ହାତରେ ପୋତିଥିବା ଚାରାଗଛଟି ଦିନେ କୁଣ୍ଢ ନ ପାଇବା ବିଶାଳ ମହୀରୁହରେ ପରିଣତ ହେଇଯାଏ । ଉପରକୁ ମୁଣ୍ଡଟେକି ଚାହିଁବାକୁ ହୁଏ ତାକୁ । ଆଉ ତା ଅଗକୁ ଆଖିପାଏନି । ତାର ଘଞ୍ଚ ପତ୍ର ଗହଳରେ କେତେ ବେଳେ ମର୍ମର ଧ୍ଵନି ହେଲା, ତାର ଶାଖା ପ୍ରଶାଖାରେ କେତେବେଳେ କଢ଼ ଧରିଲା, ଦୂରରୁ ଉଡି ଆସି ନହୁଲି



Digitized by srujanika@gmail.com

ହଳଦୀବସନ୍ତଟିଏ କେତେବେଳେ ବା ତା ଡାଳରେ ବସିଲା- ସେ ଖବର ସିଏ ଆଉ ଦିଏନି ପିତାମାତାଙ୍କୁ । ଟ୍ରେନ୍‌ଦେଖି, ଭୟବିହ୍ୱଳିତ ହୋଇ ଦୌଡି ଆସି ବାପ ଆଣ୍ଠୁକୁ କୁଣ୍ଢେଇ ପକାଇବାର ସମୟ ଦିନେ ପାର୍ ହୋଇ ଯାଏ ପୁଅର । କାରଣ ଏ ପୃଥିବୀର ଜମିରେ ଜବରଦସ୍ତ ଭାବରେ ଜମିକି ଠିଆ ହେବା ପାଇଁ ଶକ୍ତି ଆସିଯାଇଥାଏ ତା ନିଜ ଆଣ୍ଠୁରେ ।

ବିନୟଙ୍କୁ ମୁଁ ଏକଥାଟି ଯେତେ ବୁଝେଇଲେ ବି ସିଏ କେଜାଣି କାହିଁକି ଏ ଚରମ ସତ୍ୟଟି ଛପଲାଛି କରି ପାରନ୍ତିନି । ତାଙ୍କୁ ଲାଗେ- ପୁଅ ଯେମିତି ଧୀରେ ଧୀରେ ଦୂରେଇ ଯାଉଛି ତାଙ୍କଠୁ ।

ତା ପରେ ଦିନେ- ଗତ ବର୍ଷ ।

ସିଏ ଆସିଲା ଆମେରିକାରୁ- ଖରାଛୁଟିରେ ସପରିବାର । ସାଥିରେ ସଜତୋଳା ଲହୁଣୀରେ ତିଆରି ହେଲା ପରି ଦିଶୁଥିବା ତାର ଛଅମାସର ଶିଶୁପୁତ୍ରଟିକୁ ଧରି । ଆମେ କହିଥିଲୁ ଆଉକେଇ ମାସ ପରେ ଆସିବା ପାଇଁ । ଅନ୍ତତଃ ସୋନୁ ବର୍ଷକର ହେଇଗଲା ପରେ । କାରଣ ଆମକୁ ଅନେକ ବନ୍ଧୁ ଓ ପ୍ରତିବେଶୀ କହିଥିଲେ- ସେଠାରେ ଜଳବାୟୁ ତଥା ସ୍ୱଚ୍ଛ ଓ ପରିଚ୍ଛନ୍ନ ପରିବେଶରେ ଜନ୍ମ ହୋଇଥିବା ଶିଶୁମାନେ ହଠାତ୍ ଏଠାକୁ ଆସିଲେ ପ୍ରଦୂଷିତ ବାତାବରଣ ଯୋଗୁ ପ୍ରାୟତଃ ଡାଇରିଆ, ମ୍ୟାଲେରିଆ କିମ୍ୱା ଇନ୍‌ଫ୍ଲୁଏଞ୍ଜାର ଶିକାର ହୁଅନ୍ତି । ଏଠାକାର ବାକ୍‌ଟେରିଆ ଓ ଭାଇରସ୍ ସହଜରେ ଆକ୍ରମଣ କରି ବସନ୍ତି ସେମାନଙ୍କୁ । ଆମକୁ ଭୟ ଲାଗୁଥିଲା । ସିଏ କିନ୍ତୁ ମାନିଲାନି । ବିରାଟ ଗୋଟିଏ କାମ କରିପକେଇଥିଲା ଯା ଭିତରେ । ପ୍ରିୟ ପିତାମାତାଙ୍କୁ ଉପହାର ଦେଇଦେଇ ଥିଲା ଚମତ୍କାର ଦେବଶିଶୁଟିଏ । ଆମକୁ ଆଣି ନ ଦେଖାଇଲା ପର୍ଯ୍ୟନ୍ତ ମନ ମାନୁ ନ ଥିଲା ତାର ।

ଏବଂ ଆମର ଅହେତୁକ ଭୟକୁ ସତ୍ୟବୋଲି ପ୍ରମାଣିତ କରି, ଆସିବାର ଅଳ୍ପ କେଇଦିନ ଭିତରେ ଶିଶୁଟି ଅଚାନକ୍ ଅସୁସ୍ଥ ହୋଇ ପଡିଲା । ଦୀର୍ଘ ଯାତ୍ରା , ଭାରତବର୍ଷରେ ବିଭିନ୍ନ ବନ୍ଧୁକୁଟୁମ୍ୱମାନଙ୍କ ଘରକୁ ବାରମ୍ୱାର ଯାତ୍ରା, ଏଠାକାର ଖାଦ୍ୟ ଓ ପ୍ରଦୂଷିତ ପରିବେଶ, ଜଳବାୟୁର ଭିନ୍ନତା, ସବୁ ମିଶି କାହିଲା କରି ପକାଇଲା ଶିଶୁଟିକୁ ଏବଂ ହଠାତ୍ ଦିନେ ଶିଶୁଟିର ଜ୍ୱର ବଢ଼ିଗଲା ବହୁତ ବେଶି । ଏବଂ ଥର୍ମୋମିଟରରେ ଟେମ୍ପରେଚର ମାପିସାରିଲା ପରେ ତା ପିତା ହୋଇ ଉଠିଲା ଅତିମାତାରେ ଉଦ୍‌ବିଗ୍ନ ।

- ଏତେ ବ୍ୟସ୍ତ ହେବାର କଅଣ ଅଛି ? ଡାକ୍ତର ତ ଦେଖୁଛନ୍ତି । ସାନ ପିଲାମାନଙ୍କର ଏଇଭଳି ବେମାରି ମଝିରେ ମଝିରେ ହୁଏ । ତୋ ପିଲାଦିନେ ତୁ କମ୍ ହଇରାଣ କରିଚୁ ଆମକୁ ! ନିଜର ଉଦ୍‌ବିଗ୍ନତାକୁ ଆପ୍ରାଣ ଲୁଚାଇବାର ପ୍ରୟାସ କରି ମୁଁ ତାକୁ ପ୍ରବୋଧନା ଦେଲି । ଏବଂ ଏକଥା ମଧ୍ୟ ହୃଦୟଙ୍ଗମ କଲି ଯେ ମୋର ପ୍ରବୋଧନା କୌଣସି ପ୍ରକାର



Digitized by srujanika@gmail.com

ମାନସିକ ସ୍ଥିରତା ଆଣିଦେଲାନି ତାକୁ । ଆମେରିକାରେ ଥିଲାବେଳେ ସୋନୁର ଆଦୌ କୌଣସି ପ୍ରକାର ଦେହ ଖରାପ ହୋଇନଥିଲା । ଏହା ଥିଲା ତାର ପ୍ରଥମ ଶାରୀରିକ ଅସୁସ୍ଥତା । ସ୍ୱାଭାବିକ୍ ଯେ ଶିଶୁମାନଙ୍କର ବିଭିନ୍ନ ପ୍ରକାର ଅସୁସ୍ଥତା ସଂପର୍କରେ ଅନଭିଜ୍ଞ ତାର ଯୁବକ ପିତା ପାଇଁ ଏହା ଥିଲା ଏକ ଦୁଃଖଦ ଏବଂ ଭୟସଂକୁଳ ପରିସ୍ଥିତି ।

ଏବଂ ସେ ଭୟ ତାର ସ୍ପଷ୍ଟଭାବରେ ଜାହିର୍ ହେଇଯାଉଥିଲା ତା ମୁହଁରେ ଅଚାନକ୍ ଘୋଟି ଆସିଥିବା ଥାକଥାକ ବିଷଣ୍ଣ କଳା ବାଦଲ୍‌ରୁ । ଘୋର ବନସ୍ତରେ ଏକ ବାଟବଣା ବିଭ୍ରାନ୍ତ ପଥିକନ୍ୟାୟ, ସିଏ କେବଳ ଠିଆ ହୋଇ ରହିଲା ମୋ ସାମ୍‌ନାରେ- ନୀରବରେ, କିଂକର୍ତ୍ତବ୍ୟବିମୂଢ଼ ଭ ଙ୍ଗୀରେ ।

ଆମର ବାର୍ତ୍ତାଳାପରୁ ସୋନୁର ଜ୍ୱରର ଖବର ଶୁଣି ବିନୟ ଏତିକିବେଳେ ବାହାରି ଆସିଲେ ତାଙ୍କ ପ୍ରକୋଷ୍ଠରୁ ଏବଂ ମୋତେ ହତଚକିତ କରି ତଥା ମୋ ସାମ୍‌ନାରେ ଘଟିବାକୁ ଯାଉଥିବା ଦୃଶ୍ୟଟି ସମ୍ବନ୍ଧରେ କୌଣସି ପ୍ରାକ୍‌ସୂଚନା ନଦେଇ ହଠାତ୍ ସିଏ ବିଜୁଳି ବେଗରେ ଦୌଡିଗଲା ବିନୟଙ୍କ ପାଖକୁ ଏବଂ ତାଙ୍କ ଛାତିରେ ମୁଣ୍ଡଗୁଞ୍ଜି କଇଁ କଇଁ ହୋଇ କାନ୍ଦିବାକୁ ଲାଗିଲା, ଠିକ୍ ଶୈଶବର ସେଇ ଅସହାୟ ଭଙ୍ଗୀରେ, 'ପାପା କିଛି କର' ଭଙ୍ଗୀରେ । ଠିକ୍ ସେମିତି ଯେମିତିକି ପିଲାଦିନେ କୌଣସି କାରଣରୁ ଭୟପାଇଲେ ଦୌଡିଯାଇ ନିରାପତ୍ତା ଓ ବରାଭୟ ଖୋଜୁଥିଲା ବାପ ଛାତିରେ ମୁଣ୍ଡ ଗୁଞ୍ଜି, ବାପକୁ ଜାବୁଡି ଧରି । ବିଶ୍ୱାସ କରୁଥିଲା, ଯେ ପୃଥିବୀର ସମସ୍ତ ଆପଦବିପଦରୁ ରକ୍ଷା କରିବାର କୁହୁକ କବଚଟି କେବଳ ପିତାଙ୍କ ପାଖରେ ହିଁ ଥାଏ ।

ଦେଖିଲି- ଭାଗବାନ ଜାଣନ୍ତି କେତେବର୍ଷ ପରେ, ବିନୟ ପରମ ଆବେଗରେ ପୁତ୍ରକୁ ଆଶ୍ଳେଷି ଧରିଲେ ଛାତିଉପରେ । ଡାହାଣ ହାତରେ ପୁଅର ମୁଣ୍ଡ ଆଉଁଷି ଦେଉ ଦେଉ ଆବେଗ ମିଶ୍ରିତ ଗଳାରେ କହିଲେ 'ସାମାନ୍ୟ ଜର ଟିକଏ , ଡାକ୍ତର ଦେଖେଇ ଆଣି ବା ଚାଲ୍ । ସୋନୁ ଦିନକରେ ଭଲ ହେଇଯିବ । ଏତେ ବ୍ୟସ୍ତ କାହିଁକି ହେଉଚୁ ? ମୁଁ ପରା ଅଛି ପାଖରେ !'

ମୁଁ ସ୍ନିଗ୍ଧ ଆଖିରେ ଚାହିଁରହିଲି ଦୁଇଜଣଙ୍କୁ । ସିନେମାର ଫ୍ରିଜ୍‌ସଟ୍ ପରି ତିରିଶ ବର୍ଷ ତଳର ଗୋଟିଏ ଅଧାବିସ୍ମୃତ ଦୃଶ୍ୟପଟ ମୂର୍ତ୍ତିମନ୍ତ ହୋଇ ଠିଆହୋଇ ରହିଥିଲା ମୋ ଆଖି ସାମ୍‌ନାରେ । ବିନୟ, ତାଙ୍କର ପକ୍ୱକେଶ ଓ ପରିଣତ ବୟସ ସତ୍ତ୍ୱେ ମୋ ଆଖିରେ ଦିଶୁଥିଲେ ତିରିଶବର୍ଷର ଶକ୍ତସମର୍ଥ ଯୁବକଟିଏ ପରି ଆଉ ମୋର ଯୁବକପୁତ୍ରଟି ଦିଶୁଥିଲା ଅତୀତରେ ବାପଛାତିରେ ମୁଣ୍ଡଗୁଞ୍ଜି ନିରାପତ୍ତା ତଲାସ୍ କରୁଥିବା ସେଇ ଛଅମାସର ସୁକୁମାର ଶିଶୁଟି ପରି ।

(ଅକ୍ଟୋବର, ୨୦୦୧)

□□□



Digitized by srujanika@gmail.com

# ଦାରିଦ୍ର୍ୟ

ନାରଙ୍ଗକୁ ଦେଖୁଥିଲି ଶୈଶବରୁ । ଜ୍ଞାନ ହେବା ଦିନରୁ । ପ୍ରାୟ ଛଫୁଟ ପାଖାପାଖି ଲମ୍ବା ସୁପୁଷ୍ଟ, ବଳବାନ୍ ଚେହେରା । ଦୀର୍ଘବାହୁ । ପାପୁଲିଟିମାନ ସାନ ସାନ ପଦ୍ମପତ୍ର ପରି । ମୁହଁଟି ଥିଲା ମୁଠୁଣିଏ ଲମ୍ବା । ବଡ ବଡ ସଫେଦ୍ ମାର୍ବଲ୍ ଚିପ୍ସ ପରି ଦନ୍ତପଂକ୍ତି । ମହାବଳ ଥାବା ପରି ଘନତ୍ୱଭରା ପାଦ । ଗୋଟିଏ କଥାରେ ଥିଲା ପ୍ରକାଣ୍ଡ ଶାଳପ୍ରାଂଶୁ ମଣିଷଟିଏ ।

ନିର୍ଦ୍ଧନ ପରିବାରରେ ଜନ୍ମ । ଈଶ୍ୱର ଜାଣନ୍ତି ଜରାୟୁରେ ପୋଷଣ କଲାବେଳେ କେଉଁ ସୁଷମ ଖାଦ୍ୟର ପୁଷ୍ଟିସାର ତା ମା' ଯୋଗାଇଥିଲା ତାକୁ ।

ଥିଲା ମାମୁଁଘର ଗାଁର । ବୋଉକୁ ଡାକୁଥିଲା ମାଉସୀ ବୋଲି । ମଝିରେ ମଝିରେ କଟକବୁଲିବାକୁ ଇଚ୍ଛା ହେଲେ ପଳାଇ ଆସୁଥିଲା ଆମ ଘରକୁ । ଆଡମଇଳା ଧୋତିସାଥିରେ ବିବର୍ଣ୍ଣ ମାର୍କିନକନାର ଆଣ୍ଠୁ ହେଇଆସିଥିବା ହାଫ୍ସାର୍ଟଟି ପିନ୍ଧି । ଘରେ ପହଞ୍ଚି ସାଙ୍ଗେ ସାଙ୍ଗେ ଦେହରୁ ଜାମାଟି କାଢ଼ିଦେଇ ଶତଛିନ୍ନ ଗାମୁଛାଟିରେ ମୁହଁପୋଛି ଲାଗିଯାଉଥିଲା କାମରେ । ବାରିଓଳାଠାରୁ ଆରମ୍ଭ କରି ଅଳନ୍ଧୁଝଡା ପର୍ଯ୍ୟନ୍ତ । ନଡିଆ ତୋଳାରୁ ଆରମ୍ଭ କରି ନାଳିସଫା ପର୍ଯ୍ୟନ୍ତ - ସବୁକାମରେ ଥିଲା ପ୍ରବୀଣ । ତାର ଅପ୍ରତ୍ୟାଶିତ ଆଗମନକୁ କେହି କେବେ ପ୍ରଶ୍ନ କରିବାର ଦେଖିନି । ଇଏ ଯେମିତି ଏକ ଧରାବନ୍ଧା ଅଲିଖିତ ନିୟମ ଥିଲା । ମଝିରେ ମଝିରେ ନାରଙ୍ଗ ଆସିବ । କିଛି ଦିନ ଘରେ ରହିବ, କାମ କରିବ ଓ ଆଠ ଦଶ ଦିନ ପରେ ମନ ଭରିଗଲେ ଆପେ ଆପେ ଗାଁକୁ ଫେରିଯିବ ।

କାମ କରିବାର ମଜୁରି କେବେବି ମାଗୁନଥିଲା ନାରଙ୍ଗ । ମାଗୁଥିଲା କେବଳ ଗାଁରୁ ଯିବା ଆସିବାର ବସ୍ଖର୍ଚ୍ଚ । ତିନିଓଳି ତିନିକଂସା ଭାତ ଖାଉଥିଲା କିନ୍ତୁ- ଚୌକଷ କରି । ବ୍ୟଞ୍ଜନାଦି ପ୍ରତି ଥିଲା ଅନାଗ୍ରହୀ । ଉଲିପିଆଜ, ଆମ୍ବୁଲ ଓ ତୀବ୍ରସ୍ୱାଦର ପୁଞ୍ଜାଏ ଲଙ୍କାମରିଚ ହେଲେ ହେଲା । ଗାଁରୁ ବସ୍ତା ବସ୍ତା ଚାଉଳ ଓ ମୁଗଜାଇ ଆସୁଥିଲା । ନାରଙ୍ଗର ଭାତଖିଆ ତେଣୁ ବାଧୁନଥିଲା ।

ଥିଲା ମନ୍ଦବୁଦ୍ଧିର ମଣିଷଟିଏ । ବୋକା ବୋକା ଅସମଞ୍ଜସ କଥାବାର୍ତ୍ତା, ଟିକିଏ ଆଡ଼ପାଗଳା ଧରଣର । ତା' ର ମସ୍ତିଷ୍କ ବିକୃତିର କାହାଣୀଟି ବୋଉ ଥରେ ଆମ ଆଗରେ



Digitized by srujanika@gmail.com

କହିଥିଲା । ସତ କି ମିଛ ଜାଣେନି । କାହାଣୀଟି ଥିଲା ଏଇଭଳି ।

ପିଲାଦିନେ କୁଆଡେ ବେଶ୍ ତୀକ୍ଷ୍ଣ ମେଧା ଥିଲା ନାରଙ୍ଗର । ବୟଃସନ୍ଧି ହେଲାବେଳକୁ ଦେହରେ ଆସିଲା ଅସୁରର ବଳ । ମୂଲିଆ କାମ କରୁଥିଲା ଘରେ ଘରେ । ଗାଁରେ କିଏ ପଥର କୋଠା ତୋଳିଲେ ମୁଣ୍ଡରେ ପଥର ବୋହି ମିସ୍ତ୍ରୀଙ୍କୁ ଯୋଗାଣ ଦେବା ଥିଲା ତାର କାମ । ଥରଟେ ଠେକା ଉପରେ ଅତ୍ୟଧିକ ଓଜନର ଏକାଧିକ ପଥର ବୋହିନେବା ପରେ କୁଆଡେ ମୂର୍ଚ୍ଛା ହୋଇ ପଡିଯାଇଥିଲା ନାରଙ୍ଗ । କିଛି ସମୟ ପରେ ସାଷ୍ଟାଙ୍ଗ ହେଇଥିଲା ଅବଶ୍ୟ । କିନ୍ତୁ କେଇଦିନ ପର୍ଯ୍ୟନ୍ତ ମୁଣ୍ଡଭିତରେ ଓ ବେକ ମୁଣ୍ଡାରେ ଯନ୍ତ୍ରଣା ହେଉଥିବାର ଅଭିଯୋଗ କରିଥିଲା । କାଳକ୍ରମେ ସେ ଯନ୍ତ୍ରଣା ମଧ୍ୟ ଭଲ ହୋଇଗଲା । କିନ୍ତୁ ନାରଙ୍ଗର କଥାବାର୍ତ୍ତା ଓ ଜୀବନଚର୍ଯ୍ୟାରେ କିଛିଟା ଅପ୍ରାକୃତିକତାର ଲକ୍ଷଣ ଦେଖାଗଲା । ପ୍ରଚୁର ଶାରୀରିକ ଶକ୍ତିସତ୍ତ୍ୱେ ମଣିଷଟି ରହିଗଲା ଶିଶୁପରି ସରଳ ହେଇ । ଥିଲା ସଚ୍ଚୋଟ ଓ ପରୋପକାରୀ ମଣିଷଟିଏ - ଶତ୍ରୁହୀନ ଓ କ୍ରୋଧହୀନ । ତେଣୁ ବୋକା ଓ ବାୟା ବୋଲି ଗାଁରେ ପ୍ରଖ୍ୟାତ ହୋଇଉଠିଲେ ସୁଦ୍ଧା ଥିଲା ସଭିଙ୍କର ପ୍ରିୟ ।

ନାରଙ୍ଗକୁ ଅଠରବର୍ଷ ବେଳକୁ ତାକୁ ବାହା କରେଇ ଘରକୁ ବୋହୂ ନେଇ ଆସିଲା ତା ବାପା । ଦୁଇ ବର୍ଷପରେ କୁଡିଆ ଘରକୁ ଉଜ୍ଜ୍ୱଳକରି କନ୍ୟାରତ୍ନଟିଏ ବି ଆସିଲା । ନାରଙ୍ଗ କିନ୍ତୁ ସଂସାରର ଦାୟିତ୍ୱ ନେବାକୁ ଥିଲା ନାମଙ୍ଗ । ପତ୍ନୀ ଥିଲା ଚତୁରୀ । ଧାନକୁଟି, ବିଲବାଛି ଶିଶୁକନ୍ୟାଟିକୁ ମଣିଷ କରିବାରେ ଲାଗିଲା । ନାରଙ୍ଗ ମନ ହେଲେ କାମ କଲା, ନ ହେଲେ ନାହିଁ । ଘୂରିବୁଲିଲା ଏଣେ ତେଣେ ଏବଂ ତାର ସେଇ ଘୂରିବୁଲିବା ସ୍ଥାନଭିତରେ ଆମ ଘରଟି ଥିଲା ସାମିଲ୍ ।

କାଳକ୍ରମେ ଆମ ପରିବାରର ଏକ ଅବିଚ୍ଛେଦ୍ୟ ଅଙ୍ଗ ହେଇଉଠିଲା ନାରଙ୍ଗ । ଆମେ ସବୁ ଚାହୁଁ ଚାହୁଁ ବଡ଼ ହେଇଗଲୁ । ଘରେ ଗୋଟିକ ପରେ ଗୋଟିଏ ବାହାଘର, ବ୍ରତଘର । ଯେ କୌଣସି ଶୁଭ କାର୍ଯ୍ୟରେ ନାରଙ୍ଗ ନ ଆସିଲେ କାମ ଚଳିଲାନି । ଶକ୍ତିମାନ୍ ଶରୀର ନେଇ ଦଶଟା ମଣିଷର କାମ ଏକା କରୁଥିଲା ନାରଙ୍ଗ- ଖୁଣ୍ଟ ପୋତାଠାରୁ ଆରମ୍ଭ କରି ପଲାଉହଣ୍ଡା ଟେକିବା ପର୍ଯ୍ୟନ୍ତ ।

ମୋ ବାହାଘର ବେଳେ ଚିଠିପାଇ ସପ୍ତାହକ ଆଗରୁ ପହଞ୍ଚିଗଲା ନାରଙ୍ଗ ଏବଂ ନିଇତି ରାତିରେ, କ୍ଷୀର ଆଉଟା ସରିଲେ ବଡ଼ଗିନାରେ ଗିନେ ହବ ସରମିଶା ଉଷୁମ କ୍ଷୀର ମତେ ଜୋର୍ ଜବରଦସ୍ତି କରି ପିଆଇବା ଥିଲା ତାର ପ୍ରାତ୍ୟହିକ ରୁଟିନ୍ । ଗିନାଟି ମୋ ସାମ୍‌ନାରେ ରଖିଦେଇ କହୁଥିଲା,

- ନାନୀ ! ଯାହା କ୍ଷୀର ପିଇବୁ ଏବେ ପିଇଥା । ଆସାମ ଗଲେ ଆଉ କେଉଁ କ୍ଷୀର ପିଇ ପାରିବୁ ?



Digitized by srujanika@gmail.com

- କାହିଁକି ? ଆସାମ୍‌ରେ କଅଣ ଗାଈ ନାହାନ୍ତି ? କ୍ଷୀର ପିଉପିଉ ମୁଁ ପଚାରୁଥିଲି ।

- ଗାଈ କାହିଁକି ନଥିବେ ? ହେଲେ ଆସାମ ଯାକ ଭର୍ତ୍ତି ଖାଲି କଣ୍ଟାଗଛ । ଆଉ ସେ କଣ୍ଟାଗଛ ପତ୍ର ଖାଇକି ଗାଈମାନେ ଖାଲି ତୁଚ୍ଛା ପିତା କ୍ଷୀର ଦିଅନ୍ତି । ସେ ପିତା କ୍ଷୀର ପିଇବ କିଏ ? ତୁ କଅଣ ପିଇପାରିବୁ ?

ଆସାମ ସଂପର୍କରେ ତା ଜ୍ଞାନର ଗଭୀରତା ଦେଖି ବେଦମ୍ ହସିଥିଲି ସେତେବେଳେ ।

ବାହାଘର ପରେ ଜୀବନ କଟିଲା ଓଡିଶା ବାହାରେ । କେବେ କେମିତି ଘରକୁ ଆସୁଥିଲି । କିନ୍ତୁ ତା ଭିତରେ ନାରଙ୍ଗ ସହିତ କେବେ ଭେଟ ହେଇନଥିଲା । ଭେଟ ହେଲା ପ୍ରାୟ ତିରିଶବର୍ଷ ଉତାରେ, ବିନୟ ଅବସର ଗ୍ରହଣ କରି ଓଡିଶା ଫେରିବା ପରେ ।

ସାନଭାଇର ପୁଅ ବ୍ରତଘର ପାଇଁ ଗଲି କଟକ । ଚିରାଚରିତ ରୀତିରେ , ଖବର ପାଇ ନାରଙ୍ଗ ଆସି ପହଞ୍ଚିଗଲା ଘରେ । ଖରାରେ ସିଝି ଗୋରା ରଂଗ ମଳିନ ପଡିଛି । ଶରୀର କିନ୍ତୁ ପୂର୍ବପରି ଋଜୁ ଓ କଠିନ । ସିଧାସଳଖ ମେରୁଦଣ୍ଡ । ବଡବଡ ଖୋଜ ପକାଇ ସାରା ଅଗଣା ଓ ବାରି ଅବିଶ୍ରାନ୍ତ ଭାବରେ ଚାଲି, ଗଛଲତା ହାଣି ସଫା କରି ଲାଗିଲା ନାରଙ୍ଗ । ବାତ୍ୟାରେ ଉପୁଡି ପଡିଥିବା ନଡିଆ ଗଛଟିକୁ ଟାଙ୍ଗିଆରେ ଗଡ ଗଡକରି ହାଣି, ସେ ଜାଗା ଲିପିପୋଛି, ଖୁଣ୍ଟପୋତି, ତେରପାଲ୍ ବାନ୍ଧି ଚଟାପଟ୍ ଖନ୍ଦାଶାଳ ତିଆରି କରି ପକାଇଲା ସେ ଜାଗାରେ ! ଆସୁରିକ ଶକ୍ତିର ତିଳେ ବି ହ୍ରାସ ହେଇନି ଦେଖିଲି । ହିସାବ କଲି- ବୟସ ଷାଠିଏ ପାଖାପାଖି ହେବ ନିଶ୍ଚୟ ନାରଙ୍ଗର ।

ବ୍ରତ ଘର ସରିଗଲା । ବିଲେଇ ଡେଇଁ ନପାରିଲା ଭଳିଆ ଥାଳି ଥାଳି ଗରମଭାତ ଗୋଗ୍ରାସେ  ଗିଳି ସାତଦିନ ପର୍ଯ୍ୟନ୍ତ ଘରେ ବସିରହିଲା ନାରଙ୍ଗ । ଭାଇଦିନେ ରାଗିଯାଇ କହିଲା- ବ୍ରତ ଘର କାମତ ସରିଲାଣି । ନୂଆଲୁଗା ତ ପାଇଲୁ, ଗାଁକୁ ଯାଉନୁ କାହିଁକି ? ଏଠି ତୁଚ୍ଛାଟାରେ ବସିକି ଅନ୍ନ ଧ୍ୱଂସ କରି ଲାଗିଚୁ ଆମର ।

ନିରୁଦ୍‌ବେଗ ଓ ନିର୍ବିକାର ଭଙ୍ଗୀରେ ନାରଙ୍ଗ ଉତ୍ତର ଦେଲା- ଉପର ମଝିଘରେ ଯେ ଏତିକି ଚାଉଳ ବସ୍ତା ଥୁଆ ହେଇଚି, ତାକୁ ଖାଇବ କିଏ ? ଚାଉଳ ତକ ସରୁ, ମୁଁ ଯିବି ।

ମୋ ସାନ ଭଉଣୀ କହିଲା- ତୋ ପାଖେ ଯଦି ପଇସା ନାହିଁ, ତତେ ବାଟଖର୍ଚ୍ଚ ଦେଉଛି । ଗାଁକୁ ପଳା, ଭାଇନା ରାଗିଗଲାଣି ତୋ ଉପରେ ।

- ଦେ ତା ହେଲେ କୋଡିଏ ଟଙ୍କା ବସ୍ ଭଡା ।

ବୁଲୁ ତାକୁ ପଚିଶଟଙ୍କା ଦେଇଦେଲା । ଅଧିକ ପାଞ୍ଚଟଙ୍କା ତା ପାନ ଖାଇବ ବୋଲି । ପଚିଶ୍ ଟଙ୍କା ହାତରେ ଧରି ଆଉ ପଚିଶ୍‌ଟଙ୍କା ମାଗିଲା ନାରଙ୍ଗ ।



Digitized by srujanika@gmail.com

- ଆଉ ପଇସା କଅଣ କରିବୁ ? ବୁଲୁ ପଚାରିଲା

- ବାଃ ! ଦି ମାସ ଗଲେ ପୁଣି କଟକ ଆସିବିନି ? ସେତେବେଳର ବସ୍ ଖର୍ଚ୍ଚ ପୁଣି କେଉଁଠୁ ପାଇବି ? ତୁ ଏବେଠୁ ଦେଇଦେଇଥା । ଏଡେ ବଡ଼ ଡ଼ାକ୍ତର ହେଇଚୁ । ତୋର କଅଣ ପଇସା ନାହିଁ ? ନାରଙ୍ଗ ଉତ୍ତର ଦେଲା । ବୁଲୁ ଖିଲ୍‌ଖିଲ୍ ହସି ତାକୁ ଆଉ ପଚିଶଟଙ୍କା ଦେଇଦେଲା ଖୁସିରେ । ବ୍ରତ ଘରରେ ବିନା ମଜୁରିରେ ପ୍ରଚୁର କାମ କରିଥିଲା ବୋଲି ।

ନାରଙ୍ଗ କିନ୍ତୁ ପଚାଶ ଟଙ୍କା ନେବାପରେ ମଧ ଗାଁକୁ ଗଲାନି । ତା ପରଦିନ ମୁଁ କହିଲି- ବୁଲୁଠୁ ପଇସା ନେଲୁ ପରା ! କାଇଁ ଗାଁକୁ ଗଲୁନିତ !

- ରଇଥା, ଆଉ ଚାରିଦିନ ଗଲେ କୁନିନାନୀ ପୁଅର ବାହାଘର । ମୁଁ ଏକା ସାଥିରେ ବାହାଘର ଭୋଜି ଖାଇକି ଯିବି । ବାରି ଓଳାଉ ଓଳାଉ ବେଶ୍ ଅବିଚଳିତ ଭଙ୍ଗୀରେ ଉତ୍ତର ଦେଲା ନାରଙ୍ଗ ।

ମୋ ସାନଭଉଣୀ କୁନିର ପୁଅ ବାହାଘର ରିସେପ୍‌ସନ୍ ହେଇଥିଲା ହୋଟେଲ୍ ଆକବରୀରେ । ରିସେପ୍‌ସନ୍ ପୂର୍ବଦିନ ଧୋତି ଓ ଜାମା ସାବୁନ୍ ଦେଇ କାଚି ପକାଇଲା ନାରଙ୍ଗ । ସନ୍ଧ୍ୟାବେଳେ ଆମେ ହୋଟେଲକୁ ବାହାରିଲାବେଳେ ଧୋବଲୁଗା ପିନ୍ଧି ଓ ତେଲ ଛରଛର ସଫେଦ୍‌ବାଳକୁ ହାତରେ ବାରମ୍ବାର ସାଉଁଳି ସିଏ ବି ତିଆର୍ ହେଇଗଲା ଆମ ସାଥିରେ ଯିବାପାଇଁ । ତା ଆଗ୍ରହ ଦେଖି ତାକୁ ନେଇଗଲୁ ଆମ ସାଥିରେ ।

ରିସେପ୍‌ସନ୍ ଭୋଜିଟି ଅନୁଷ୍ଠିତ ହେଇଥିଲା ହୋଟେଲ ପଛପାଖେ ଥିବା ପ୍ରଶସ୍ତ ଲନ୍‌ରେ । ବିଦ୍ୟୁତାଲୋକର ରୋଷଣୀରେ ଝଲ୍‌ମଲ୍ କରୁଥିବା ପୂରାପୂରି ଆଧୁନିକ ଆଦବ୍‌କାୟଦାର ବଫେ ପାର୍ଟି । ସଫେଦସାର୍ଟ ଓ କଳା ବୋ' ଟାଇ ପିନ୍ଧା ସ୍ଫୂର୍ତ୍ତିଶୀଳ ପରଶୁଣି, କଣ୍ଟାଚାମଚର ଟୁଂ ଟାଂ ଶବ୍ଦ ଏବଂ କାପ୍‌ସିକମ୍ ଓ ଲେଟିସ୍‌ର ଟୁକ୍‌ଡାରେ ବର୍ଣ୍ଣମୟ ଦିଶୁଥିବା କୋଫତାକରି ଓ ଚିଲିଚିକେନ୍‌ର ଖୁଶ୍‌ବୁ, ସବୁ ମିଶି ଏକ ପ୍ରକାର ହତଭମ୍ଭ କରିଦେଲା ନାରଙ୍ଗକୁ । ଏତାଦୃଶ ସଂଭ୍ରାନ୍ତ ତଥା ଆଡମ୍ବରମୟ ପରିବେଶ ତା ପାଇଁ ଥିଲା ସଂପୂର୍ଣ୍ଣ ନୂତନ- ଏକ ରୂପକଥାର କାହାଣୀ ପରି । ନାରଙ୍ଗର ମୁଣ୍ଡ ବୁଲାଇଦେଲା । ଦେହ କମ୍ପିଲା ଠକ୍ ଠକ୍ ହେଇ । ଗୋଟିଏ ନିର୍ଜନ କଣରେ, ମୁଣ୍ଡକୁ ଦୁଇ ହାତରେ ଚିପି ଉପାସିଆ ପେଟରେ ନିର୍ଜୀବ ପ୍ରାୟ ବସିରହିଲା ପୂରା ତିନିଘଣ୍ଟା । ଗୋଟିଏ ପ୍ଲେଟ୍‌ରେ ଖାଦ୍ୟଦ୍ରବ୍ୟ ଆଣି ତା ସାମ୍‌ନାରେ ରଖିଲି ସତ, କିନ୍ତୁ ସିଏ କୌଣସି ମତେ ତାହା ଗଳାଧଃକରଣ କରିପାରିଲାନି ।

ଖାଦ୍ୟଦ୍ରବ୍ୟ ବଳିଥିଲା ପ୍ରଚୁର । ଘରକୁ ଫେରିଲାବେଳେ ଦୁଇଟି ପ୍ୟାକେଟ୍‌ରେ ଭୋଜ୍ୟବସ୍ତୁ ପ୍ୟାକ୍ କରି ନେଇ ଆସିଲୁ ନାରଙ୍ଗ ପାଇଁ । ଘରେ ପହଞ୍ଚି, ବେଶ୍ ତତ୍ପରତାର ସହ ତାର ବିରାଟକାୟ କଂସା ଥାଳିଟିରେ ଖାଦ୍ୟତକ ଅଜାଡି ମନ ଉଲ୍ଲାସରେ ସୁଡ଼ ସାଡ଼୍



Digitized by srujanika@gmail.com

ଖିଢକରି ଫ୍ରାଏଡ୍ ରାଇସ୍ ଓ ମଟର ପନିର୍‌କୁ ଗଳାଧଃକରଣ କରିଲାଗିଲା ନାରଙ୍ଗ । ମତ ବ୍ୟକ୍ତ କଲା- ଏସବୁ ଜିନିଷ ସିଏ ଆଗରୁ କେବେ ଚାଖିନଥିଲା ଏବଂ ଅମୃତର ସ୍ୱାଦ ବୋଧହୁଏ ଏଇଭଳି ହେଇଥିବ ।

ଇଏ ବିଗତ ବର୍ଷର ଘଟଣା ।

ଏବେ କେଇଦିନ ତଳେ ଅଚାନକ୍ ଭାଇଠାରୁ ଗୋଟିଏ ଫୋନ୍ ପାଇଲି । ନାରଙ୍ଗ କଟକ ଆସିଛି ଏବଂ ବର୍ତ୍ତମାନ ବାହାରିଛି ଭୁବନେଶ୍ୱର- ମୋ ପାଖରେ କେଇଦିନ ରହିବ ବୋଲି । ଭାଇକୁ କୁଆଡେ କହିଛି- ତମଘରେ ବସିକି ଭାତ ଖାଇଲାରୁ ସିନା ରାଗୁଛ, ମୁଁ ନାନୀଘରକୁ ଯାଉଚି, ସେଇଠି ଦି, ଚାରିଦିନ ରହିକି ଗାଁକୁ ଫେରିଯିବି । ନାନୀ ରାଗିବନି । ଭାଇନାଙ୍କର ବେଶି ପଇସା । ପୁଲିସିରେ ବଡ଼ ସାଇବ ଥିଲେ, ଭାରି ଧନୀଲୋକ । ଆରାମରେ ବସିକି ଖାଇବି ସେଇଠି ।

ମୁଁ ଭାଇ ଉପରେ ରାଗିଲି- ତୁ ଭଲକି ଜାଣୁ ଆମେ ଏଠି ଏକୁଟିଆ ମଣିଷ । ତମଘର ପରିତ ଆମର ଆଉ ପୂଜାରୀ ଚାକର ନାହାନ୍ତି । କୌଣସି ମତେ ଓଳିଏ ରାନ୍ଧିଲେ ଆର ଓଳିକୁ କ୍ଷୀର ପାଉଁରୁଟି ଖାଉଚୁ ଆମେ । ତାକୁ ତିନିଓଳି ଭାତ ରାନ୍ଧିକି ଦବ କିଏ ? ମୁଁ ପାରିବିନି ।

ଭାଇ କହିଲା- ଜାଣିଚୁ ତ କେମିତି ବାୟା ଲୋକ ସିଏ । ତାକୁ ବୁଝେଇବ କିଏ ? ତୋ ତିନିମହଲା କୋଠା ଦେଖି ଭାବିଛି ତୁ ଆମଭିତରେ ସବୁଠାରୁ ଧନୀ ବୋଲି- ଥରେ ଯାହା ତା ମୁଣ୍ଡକୁ ଜୁଟିଲା ସେଇଆ ଇ ସିଏ କରିବ । ତୁ କଅଣ ତାକୁ ଚିହ୍ନିନୁ ?

- କିନ୍ତୁ ସିଏ ମୋ ଘର ଦେଖିଲା କେମିତି ?

- ତୁ ଦିଲ୍ଲୀରେ ଥିଲାବେଳେ ଥରଟେ ମୁଁ ଗାଡିରେ ତାକୁ ଭୁବନେଶ୍ୱର ନେଇଯାଇଥିଲି । ସେତିକିବେଳେ ତୋ ଘର ଦେଖିଛି ସିଏ । କହୁଛି ମାଉସୀମା ମନ୍ଦିର ପାଖରେ । ମୁଁ ଚିହ୍ନିକି ଯାଇ ପାରିବି ।

ଭାଇ ଫୋନ୍ ରଖିଦେଲା ଏବଂ ବିବ୍ରତ ଚିତ୍ତରେ ମୁଁ ନାରଙ୍ଗର ଆଗମନକୁ ଅପେକ୍ଷା କରି ରହିଲି । ମୋର ଅସ୍ଥିରତା ଦେଖି ବିନୟ କହିଲେ- ବ୍ୟସ୍ତ କାହିଁକି ହେଉଚୁ ? ତାକୁ ପଇସା ଦେଇଦେଲେ ସିଏ ଯାଇ ମନ୍ଦିରରେ ପ୍ରସାଦ ଖାଇ ଆସିବ । ସିଏ ବି ଖୁସି, ତୋର ବି କାମ କମ୍ । ବିନୟଙ୍କ ପ୍ରସ୍ତାବଟି ସତରେ ଥିଲା ଚମତ୍କାର । ମୁଣ୍ଡରୁ ବିରାଟକାୟ ବୋଝ ଓହ୍ଲାଇଗଲା ମୋର ।

ନାରଙ୍ଗ ଆସି ପହଞ୍ଚିଲା ପ୍ରାୟ ଦିନବାରଟା ବେଳେ । ପହଞ୍ଚୁ ପହଞ୍ଚୁ କହିଲା-

- ନାନୀ, ମତେ ଭାତ ଦେ । ଭୋକ ଲାଗିଲାଣି ।



Digitized by srujanika@gmail.com

ମୁଁ କହିଲି- ଆମର ରନ୍ଧା ସରିଲାଣି । ତୁ ଆସିବୁ ବୋଲିତ ଜାଣିନଥିଲି । ତେଣୁ ତୋ ପାଇଁ ଭାତ ରାନ୍ଧିନି । ତା ଛଡା ଆମେ ଅରୁଆ ଖାଉ, ତୁ ଖାଇବୁ ଉଷୁନା ଭାତ । ଭାଇନାଙ୍କଠୁ ପଇସା ନେଇଯା, ପାଖରେ ଅନନ୍ତ ବାସୁଦେବ ମନ୍ଦିର , ସେଇଠି ମହାପ୍ରସାଦ ଖାଇନେବୁ ।

ବିନୟଙ୍କଠୁ ଟଙ୍କାନେଇ ମହାଆନନ୍ଦରେ ମନ୍ଦିରାଭିମୁଖୀ ହେଲା ନାରଙ୍ଗ । ଫେରିଆସିଲା ଘଣ୍ଟାକ ଭିତରେ, ଭୂରି-ଭୋଜନର ପ୍ରଶାନ୍ତି ମୁହଁରେ ବୋଳି ।

- କଅଣ ଖାଇଲୁ ? ପଚାରିଲି ।

- ଅନ୍ନ ଆଉ ଡାଲ୍‌ମା । ଦନ୍ତ ପଂକ୍ତି ସହାସ୍ୟ ମୁକୁଳିତ କରି ନାରଙ୍ଗ ଉତ୍ତର ଦେଲା ।

- ପେଟ ପୂରିଲା ?

- କୁଡୁଆଏ ଅନ୍ନ ଖାଇଚି, ପେଟ ପୂରିବନି ? ନାରଙ୍ଗ କହିଲା । ଭାବିଲି, ପୂରା କୁଡୁଆଏ ଅନ୍ନ କେବଳ ନାରଙ୍ଗ ହିଁ ଖାଇପାରେ ।

ମୁଁ ବିନୟଙ୍କ ପାଇଁ ଭାତ ବାଢୁଥିଲି । ପଟେ ରୁଟି, ସାମାନ୍ୟ ଭାତ, ଡାଲି, ସିଝା ତରକାରୀ, ଶାଗଭଜା ଓ ଦହି ।

ନାରଙ୍ଗ ପଚାରିଲା- ନାନୀ, କା ପାଇଁ ଭାତ ବାଢୁଚୁ ?

- କାହିଁକି ? ତୋ ଭାଇନାଙ୍କ ପାଇଁ ।

- ଏତିକି ଭାତ କଅଣ ଦେଉଚୁ ? ତୋର କଅଣ ଚାଉଳ ନାହିଁ ? ଆଉ ଦେଉନୁ ! ଆଉ ତରକାରୀ ପତ୍ର କାଇଁ ? ଇଏତ କଅଣ ଖାଲି ସିଝାଟିକିଏ ।

- ଏତିକି ଭାତ ତାଙ୍କର ବଳିବ, ବହୁତ କମ୍ ଖାଆନ୍ତି ସିଏ । ତା ଛଡା ତେଲ, ଲୁଣ ମସଲା - ଏସବୁ ତାଙ୍କୁ ମନା, ଏବେ ହାର୍ଟ ଅପରେସନ୍ ହେଇଚିତ ! ଖାଲି ସିଝା ତରକାରୀ ଖାଇବାକୁ ଡାକ୍ତର କହିଛନ୍ତି ।

- ଏତିକିରେ ସତରେ ପେଟ ପୂରିବ ଭାଇନାଙ୍କର ? ନାରଙ୍ଗ ଆଶ୍ଚର୍ଯ୍ୟ ହେଇ ପଚାରିଲା ।

- ଖାଇସାରିକି ଫଳ ଖାଇବେ ଯେ ! ସେଇଠି ପ୍ଲେଟ୍‌ରେ ଆପ୍‌ଲ ଓ ଅଙ୍ଗୁର ଅଛି ଦେଖୁନୁ !

- ଏଇ ଏତିକି ବକଟେ ଆପେଲ୍ ଆଉ ପୁଞ୍ଜେହେବ ଅଙ୍ଗୁର ? ଇଏତ ଗୋଟେ କଳକୁ ନିଅଣ୍ଟ ।

ମୁଁ ନାରଙ୍ଗକୁ କିଛି ନ କହି ଟ୍ରେରେ ନିଜ ପାଇଁ ଖାଦ୍ୟ ପରଶିବାକୁ ଲାଗିଲି । ସେ



Digitized by srujanika@gmail.com

ଖାଦ୍ୟର ପ୍ରକାର ଓ ପରିମାଣ ନାରଙ୍ଗକୁ ପୁନର୍ବାର ଚକିତ ଓ ଚିନ୍ତାଶୀଳ କଲା । କହିଲା- ନାନୀ, ତୁ କଅଣ ଖାଲି ରୁଟି ଦି ପଟ ନେଲୁ, ତରକାରୀ ବି ନେଲୁନି । ଟଙ୍କାଗୁରା କଅଣ କରିବୁ ? ମାଟି ତଳେ ପୋତିକି ରଖିବୁ ? ଭଲକି ଖାଉନୁ ?

ମୁଁ କହିଲି - ନାଇଁରେ, ମୋର ଡାଏବେଟିସ୍ ବେମାରି, ଭାତ ଖାଇବା ମନା, ତରକାରୀରେ ବି ଆଳୁ ପଡିଛି , ମୁଁ ଖାଇବିନି, ଖାଲି ଡାଲି ଓ ଦହି ଖାଇବି ।

ଲକ୍ଷ୍ୟ କଲି ପ୍ରଗଳ୍ଭ ନାରଙ୍ଗ କେଜାଣି କାହିଁକି ୟା ପରେ ହଠାତ୍ ଚୁପ୍ ହେଇଗଲା । ଡାଇନିଂ ରୁମ୍‌ରେ ଗୋଟିଏ କଣରେ ନୀରବରେ ବସି ଆମଦୁଇଜଣଙ୍କର ଖାଇବାକୁ ନିର୍ନିମେଷ ନୟନରେ ଚାହିଁ ରହିଲା । କପାଳଟି ଥିଲା କୁଞ୍ଚିତ । ସତେ ଅବା କୌଣସି ଏକ ଗମ୍ଭୀର ସମସ୍ୟାର ଅନୁଧ୍ୟାନ କରୁଛି ସିଏ ।

ଖାଇସାରି, ଡ଼ାଇନିଂ ଟେବୁଲ ଓ ରୋଷେଇଘର ପରିଷ୍କାର କରି ଆସି ଦେଖେ, ନାରଙ୍ଗ ଠିକ୍ ସେଇଭଳି ଏକ ନିର୍ବେଦ ଭଙ୍ଗୀରେ ଧ୍ୟାନମଗ୍ନ ଋଷିର ରୂପ ନେଇ ଘରକଣରେ ବସିରହିଛି । ମୁଁ ସଉପ ମସିଣାଟିଏ ତା ହାତକୁ ବଢ଼େଇ ଦେଇ କହିଲି- ନାରଙ୍ଗ, ଏବେ ଆମର ଶୋଇବାବେଳ । ଆମେ ଶୋଇବୁ । ତୁ ଏଇଠି ମସିଣାରେ ଗଡପଡ ହେଉଥା ।

ମୋ କଥା ଶୁଣି ନାରଙ୍ଗ ସ୍ୱପ୍ନୋତ୍‌ଥିତ ଭାବରେ ବସିବାସ୍ଥାନରୁ ହଠାତ୍ ଠିଆହୋଇ ପଡି ମତେ କହିଲା - ନାନୀ , ତୁ ମତେ ବସ୍‌ଭଡା ଦେଲୁ । ମୁଁ ଏବେ ଇ କଟକ ଯିବି । ଆଜି ରାତିଟା କଟକରେ ରହି କାଲି ଗାଁ କୁ ପଳେଇବି, ବହୁତ ଦିନ ହେଲା ଆସିଲିଣି ।

- କାହିଁକି ? ଅସୁବିଧା କଅଣ ହେଲା ତୋର ? ତୁ ପରା କହୁଥିଲୁ ଭାଇନା ଭାରି ଧନୀଲୋକ, ତାଂକ ଘରେ ଆରାମରେ ଦି ଚାରି ଦିନ ରହିକି ଆସିବି । ମୁଁ ହସିହସି ପଚାରିଲି ।

- ନାଇଁ, ତୁ ମତେ ପଇସା ଦେ । ମୁଁ ଏବେଇ ଯିବି । କୁନି ପିଲା ପରି ଜିଦ୍ କରିଲାଗିଲା ନାରଙ୍ଗ ଏବଂ ମୁଁ ଜାଣିଥିଲି, ଜିଦ୍‌ଖୋର ଆଡପାଗଳା ନାରଙ୍ଗକୁ କୌଣସି ପ୍ରକାର ତାର୍କିକ ବାର୍ତ୍ତାଳାପରେ ମନେଇ ନେବା ଥିଲା ମୋ କ୍ଷମତାରେ ବାହାରେ । ଅଗତ୍ୟା ବସ୍‌ଭଡାଠାରୁ କିଛିଟା ଅଧିକ ମୁଦ୍ରା ତା ହାତକୁ ବଢ଼େଇଦେଲି । ମତେ ଓ ବିନୟଙ୍କୁ ଜୁହାର ହେଇ ବଡ ବଡ ପାହୁଣ୍ଡ ପକାଇ କଟକ ଅଭିମୁଖେ ରୱାନା ହେଇଗଲା ସିଏ ।

ଇଏ ପ୍ରାୟ ଦୁଇ ମାସ ତଳର ଘଟଣା ।

କାଲି କଟକ ଯାଇଥିଲି । କଥାପ୍ରସଂଗରେ ଭାଇକି କହିଲି- କଅଣ ହେଲା କିରେ ? ନାରଙ୍ଗ ପରା ତତେ କହୁଥିଲା ଦି ଚାରିଦିନ ମୋ ଘରେ ରହିକି ଆସିବ ବୋଲି । ପଳେଇ ଆସିଲା କାହିଁକି ? ତତେ କିଛି କହୁଥିଲାକି ?

ଭାଇ କହିଲା- କାହିଁକି କହୁଚୁ ନାନୀ ? ଏଠି ପହଞ୍ଚି ଯାହା କହିଲା ସିଏ, ଶୁଣିକି



Digitized by srujanika@gmail.com

ଆମେ ହସିହସି ବେଦମ୍ । ତୁ ବି ଶୁଣିଲେ ହସିବୁ । ସହଜେତ ବାୟା, ଯାହା ତା ମୁଣ୍ଡରେ ପଶିଲା ଆଉ କଅଣ ?

- କାହିଁକି ? କଅଣ କହିଲା ନାରଙ୍ଗ ? ଉତ୍ସୁକତାର ସହ ଭାଇକି ପଚାରିଲି ଏବଂ ତାଠାରୁ ଶୁଣିଥିଲି ନାରଙ୍ଗ ଆମ ସଂପର୍କରେ ଦେଇଥିବା ମନ୍ତବ୍ୟର ବିଶଦ୍ ବିବରଣୀ ।

ନାରଙ୍ଗ କୁଆଡେ ଯାଇ କହିଥିଲା- ଭାବିଥିଲି ନାନୀଭାଇନା ଭାରି ସୁଖୀ, ଭାରି ବଡ଼ଲୋକ । ହେଲେ ଯାହା ଦେଖିଲି , ତାଙ୍କଠାରୁ ବଳି ଦୁଃଖୀ ଓ ଦରିଦ୍ର ଆଉ କେହି ନାହାନ୍ତି । ଭାଇନାଙ୍କର ଏତିକି ପଇସା । ହେଲେ ଖାଉଛନ୍ତି ଟଙ୍କିଏ ଭାତ । ତେଲ, ଘିଅ ସବୁ ମନା । ନାନୀ କହୁଥିଲା ତାଙ୍କର କୁଆଡେ ଛାତିଭିତରେ ରକ୍ତନାଡିରେ ଚାରିଜାଗାରେ ତାଳି ପଡିଛି । ନାନୀର ପୁଣି କଅଣ ବେମାରି ଯେ ସିଏ ଖାଲି ଦିପଟ ରୁଟି ଖାଇ ବଞ୍ଚିଛି । ମୁଁ ଦେଖୁଛି ସେମାନଙ୍କ ଅପେକ୍ଷା ମୁଁ ଢ଼େର୍ ସୁଖରେ ଅଛି । ଏବେ ବି ଜାଳକାଠ ଆଣିବାପାଇଁ ଆମ ଗାଁ ଯାତମୁଣ୍ଡିଆକୁ ଏକା ନିଃଶ୍ୱାସରେ ଚଢ଼ିଯାଏ ଓ ଓହ୍ଲାଇ ଆସେ । ଏକାଥରକେ କିଲେ ଚାଉଳର ଭାତ ଖାଇକି ହଜମ କରେ । ପଇସାର ମୂଲ୍ୟ ସେତିକି ବେଳେ ଯେତେବେଳେ ସିଏ କିଛି କାମରେ ଲାଗେ, ଜଣେ ତାକୁ ଖର୍ଚ୍ଚ କରେ । ନହେଲେ ତ ଆଲମାରୀ ସନ୍ଧିରେ ପଡିଥିବା ଗୋଡିପଥର ସହିତ ସିଏ ସମାନ । ସେ ପଇସା ଥିଲେ କେତେ ନଥିଲେ କେତେ ? ନାନୀଭାଇନାଙ୍କର ସବୁ ଥାଇକି ବି ସେମାନେ ଗରିବ । କିଛି କାମରେ ଲାଗୁନି ସେ ପଇସା । ମଣିଷର ଅସଲ ସଂପତ୍ତି ହେଲା ସୁସ୍ଥସବଳ ଶରୀର । ସେ ସମ୍ପତ୍ତି ମୋର ଅଛି । କିନ୍ତୁ ସେମାନଙ୍କର ନାହିଁ । ନାନୀଭାଇନା ତେଣୁ ମୋ ଠୁ ବି ଦରିଦ୍ର, ମୋଠୁ ବି ଦୁଃଖୀ । ମତେ କଅଣ ସାହାଯ୍ୟ କରିବେ ସେମାନେ ? ବରଂ ସେ ଦିଂ ଜଣଙ୍କୁ ଦେଖି ମତେ ଏତେ କଷ୍ଟ ଲାଗିଲା ଯେ ଚୁପ୍‌ଚାପ୍ ସେଠୁ ପଳେଇ ଆସିଲି ଶେଷ ପର୍ଯ୍ୟନ୍ତ ।

ନାରଙ୍ଗର ବକ୍ତବ୍ୟଟି ସଂକ୍ଷିପ୍ତରେ ଜଣାଇ ସାରି ଭାଇ କହିଲା- ବୁଝିଲୁ ନାନୀ । ଯାହା ମଜା ହେଇଚି ସେ ଦିନ ! ବୋକା ଆଉ କାହାକୁ କହନ୍ତି । ତା କଥାଶୁଣି ଆମେ ବଂଶଯାକ ସେ ଦିନ ହସି ହସି ନାକେଦମ୍ ହେଇଯାଇଚୁ । ଆଖିରୁ ପାଣି ବାହାରିପଡିଲା । ଗୋଲ୍ ଗୋଲ୍ ଆଖି କରି ଯେମିତି ଗୋଟିଏ ଗାମ୍ଭୀର୍ଯ୍ୟମୟ ବକ୍ତୃତା ସିଏ ଦେଉଥାଏ ନା ! କହୁ କହୁ ଭାଇ ଖିଲ୍‌ଖିଲ୍ ହେଇ ହସିଉଠିଲା । ବୋଧହୁଏ ନାରଙ୍ଗର ଗୋଲ୍ ଗୋଲ୍ ଆଖି ସହ ପ୍ରଦାନ କରିଥିବା ଗାମ୍ଭୀର୍ଯ୍ୟମୟ ବକ୍ତୃତାଟିକୁ ପୁଣିଥରେ ସ୍ମରଣ କରି ।

ମୁଁ କିନ୍ତୁ ଭାଇର ସେ ହସରେ ଯୋଗ ଦେଇପାରିଲିନି । ଏଯାବତ୍ ବୋକାବୋଲି ଭାବି ଆସିଥିବା ଲୋକଟି ହଠାତ୍ କେଜାଣି କାହିଁକି ବେଶ୍ ଚାଲାଖ ଓ ବୁଦ୍ଧିମାନ ବୋଲି ମନେ ହେଲା ମତେ ।

(ଅକ୍ଟୋବର, ୨୦୦୨)

□□□



Digitized by srujanika@gmail.com

# ବୋଉର ଶାଢ଼ୀ

ଦାଣ୍ଡ ଘର ଟପି ପିଣ୍ଡାରେ ପାଦ ଦେଲେଇ ଆଖିରେ ପଡୁଥିଲା ବୋଉର ଶାଢ଼ୀ । ପିଣ୍ଡା ତାରରେ ଶୁଖୁଥିଲା ତିନି ପ୍ରସ୍ତ ହୋଇ । ବିରାଟ ଲମ୍ବା ବରଣ୍ଡା । ଘରର ଏମୁଣ୍ଡରୁ ସେ ମୁଣ୍ଡ । ମଝିରେ ମଝିରେ ଚଉଖୁଣ୍ଟିଆ ମଜବୁତ ଖମ୍ବମାନ । ପାହାଚ ଜାଗାଟି ବାଦ୍ ଦେଇ ଏ ଖମ୍ବରୁ ସେ ଖମ୍ବ ତାର ଟଣା ହେଇଥିଲା ବରଣ୍ଡା ସାରା ।

ଅଗଣାରେ ବାଉଁଶବନ୍ଧା ହୋଇ ଲୁଗା ଶୁଖାଇବାର ବ୍ୟବସ୍ଥା ଥିଲା । ବ୍ୟବସ୍ଥା ଥିଲା ଛାତରେ ମଧ । ବୋଉ କିନ୍ତୁ ଲୁଗା ଶୁଖାଉଥିଲା ପିଣ୍ଡାରେ । ଶୋଇବାଘରେ ଓଦାଲୁଗା ବଦଳି ଆଣି ଟାଙ୍ଗିଦେଉଥିଲା ହାତପାଆନ୍ତାରେ ଥିବା ପିଣ୍ଡା ତାରରେ । ପଶ୍ଚିମମୁହାଁ ଘର, ଦି ପହର ଗଡିଲେ ସୂର୍ଯ୍ୟଙ୍କର ତେର୍ଛା ଉଷ୍ଣକିରଣ ଅଜାଡି ହେଇପଡୁଥିଲା ପିଣ୍ଡାଉପରେ । ଲୁଗାଟି ଶୁଖିଯାଉଥିଲା ଖଟ୍‌ଖଟ୍ ହୋଇ ।

ଏବଂ ଜ୍ଞାନ ହେଲାଦିନରୁ, ଭାତଖାଇ ସାରି ସେ ଲୁଗାରେ ହାତ ପୋଛୁଥିଲି । ତଉଲିଆଟିଏ କି ଗାମୁଛାଟିଏ ଚଟ୍‌କି ଖୋଜିଲେ ମିଳୁନଥିଲା । ଖୋଜୁ ବି ନ ଥିଲି, କାରଣ ବୋଉର ଶାଢ଼ୀଟି ମିଳୁଥିଲା ଠିକ୍ ହାତ ପାଖରେ । ସଂଜବେଳେ, ଠିକ୍ ଲୁଗା ପଛପଟେ ପଡିଥିବା ଖଟରେ ବସି ଦଳକଯାକ ବରାପିଆଜି ଖାଉଥିଲୁ । ହାତବଢେଇ ଜଣଜଣ କରି ହାତ ପୋଛୁଥିଲୁ ବୋଉ ଲୁଗାରେ- ତେଲ ଓ ହଳଦୀଦାଗରେ ତାକୁ ରଂଜିତ କରି ।

ବେଳେବେଳେ ବୋଉ ରାଗିଯାଉଥିଲା । କହୁଥିଲା, ତମ ବାପା କେଇହଳ ଶାଢୀ ମୋ ପାଇଁ କିଣେଇ ଦେଇଛନ୍ତି ଯେ ହାତ ପୋଛି ମୋ ଶାଢୀକୁ ନଷ୍ଟ କରୁଛ ? ମୋ ଭାଇ ପରିହାସ କଲା କଣ୍ଠରେ କହୁଥିଲା, ବାଃ ! ବାପା ତ ଯୁଆଡେ ଯାଆନ୍ତି ତୋ ପେଇଁ ଶାଢୀଟିଏ ନେଇକି ଆସନ୍ତି ।

- ହଁ, ହଁ, ତୋ ବାପା ଭାରି ଶାଢୀ କିଣେଇ ଦେଲା ବାଲା ! ଯା ଦେଖ୍ । ତାଙ୍କ ଆଣିଥିବା ଶାଢୀ ତାଙ୍କରି ଚୌକୀରେ ପଡିଛି । ମତେ ପୁଣି କିଣେଇଦେବେ ଶାଢୀ ? ଶାଢୀ ଦେବେ ତାଙ୍କ ମାଆଙ୍କୁ । ବୋଉ କେଉଁକାଳର ପୁରୁଣା କଥାକୁ ଉଖାରି ରାଗ ତମ ତମ ମୁହଁରେ ମନ୍ତବ୍ୟ କରୁଥିଲା । ବଖାଣି ବସୁଥିଲା, ତାର ନିଜସ୍ୱ ମଜେଦାର୍ ଢ଼ଙ୍ଗରେ,



Digitized by srujanika@gmail.com

ସାମାନ୍ୟ ରଂଗ ଚଢ଼େଇ ଦୂର ଅତୀତର ଦୁଇଟି ଚମତ୍କାର ବିସ୍ମୃତପ୍ରାୟ କାହାଣୀ ।

ପ୍ରଥମ କାହାଣୀଟି ଏଇପରି । ବାପା ନୂଆ ନୂଆ ଚାକିରି କଲାବେଳେ ଅଳ୍ପ କେଇମାସ ପାଇଁ କଟକରୁ ସମ୍ବଲପୁର ବଦଳି ହେଇ ଯାଇଥିଲେ । ଫେରିଲାବେଳେ ତରୁଣୀ ପତ୍ନୀଙ୍କ ପାଇଁ କିଣିଆଣିଥିଲେ ସମ୍ବଲପୁରୀ ଶାଢୀଟିଏ । ନୀଳରଂଗ । ଦେହଯାକ ତରାଫୁଟିଲା ପରି ବୁଟି । ଚଉଡା ଧଡିରେ ଓ ପଣତରେ ଅଜସ୍ର କୋଟିକମ । ଶାଢୀଟି କିନ୍ତୁ ପିନ୍ଧିବାପାଇଁ ଥିଲା ଅନୁପଯୁକ୍ତ । ଚାଦରପରି ଅସମ୍ଭବ ଚକମର ମୋଟା ଥିଲା । ଓଦା କରିଦେଲେ ଟେକିବା ପାଇଁ ଦୁଇଜଣ ଲୋକ ଦରକାର ପଡୁଥିଲେ । ବୋଉ ଶାଢୀଟି ପିନ୍ଧିନଥିଲା କିମ୍ବା ହୁଏତ ଚେଷ୍ଟା କରି ପିନ୍ଧିପାରିନଥିଲା । ଶେଷପର୍ଯ୍ୟନ୍ତ ସେ ଶାଢୀଟିକୁ ଚଉଖୁଣ୍ଟିଆ କରି ଚଉତି ବାପା ତାଙ୍କ ପଢ଼ାଚୌକୀରେ ପକାଇ ବସୁଥିଲେ । ବହଳ ଶାଢ଼ୀଟି କାମ ଦେଉଥିଲା ପତଳା ତୁଳାଗଦିର । ମୁଁ କଲେଜରେ ପଢିବାପର୍ଯ୍ୟନ୍ତ, ସେ ଶାଢ଼ୀଟି ବାପାଙ୍କ ଚୌକୀରେ ପଡିଥିବାର ଦେଖିଛି ।

ବୋଉ ବର୍ଣ୍ଣନା କରୁଥିବା ଦ୍ୱିତୀୟ କାହାଣୀଟି ସାମାନ୍ୟ କରୁଣ ରସାତ୍ମକ । ଚାକିରି ଆରମ୍ଭ କରି ବାପା ରହୁଥିଲେ କଟକରେ । କଲେଜଛକ ପାଖରେ ସାନ ଦୋମମହଲା କୋଠାଟିଏ ଭଡା । ଘରେ ଗାଁରୁ ଆସିଥିବା ଦୁଇଟି ଚାକର ପୂଜାରୀ । କକେଇ ପାଖରେ ରହି ପାଠ ପଢୁଥିଲେ । ଗାଁରୁ ବୁଢାବାପା, ବୁଢ଼ୀମା ଓ ଅନ୍ୟାନ୍ୟ ଭାଇଭଉଣୀ ତଥା ବନ୍ଧୁକୁଟୁମ୍ବମାନଙ୍କର ହର୍‌ଦମ୍ ଯାତାୟତ । ଶସ୍ତା ଯୁଗ । ବାପାଙ୍କର ଘରସଂସାର ଚଳିଯାଉଥିଲା ସୁରୁଖୁରୁରେ । ବଳକା ପୁଞ୍ଜି କିନ୍ତୁ ହାତରେ ରହୁନଥିଲା କିଛି ।

ଥରେ ବୁଢାବାପା କଟକ ଆସିଲାବେଳେ ବଶମ୍ବଦ ଓ ଅନୁଗତ ପୁତ୍ରଟିକୁ କଥାପ୍ରସଙ୍ଗରେ ପଚାରିଥିଲେ- ଟଙ୍କା ପଇସା କିଛି ସଂଚୟ ହେଲାଣି ନା ନାଇଁ ଏବଂ ସଂଚୟ-ଘର ଶୂନ୍ୟ ବୋଲି ବାପା ଜଣାଇଥିଲେ ।

- ଏତେ ପଇସା କଅଣ କରୁଚ ତା' ହେଲେ ? ପିତା ପାଲଟା ପ୍ରଶ୍ନ ପଚାରିଥିଲେ ।

- ଘରଭଡା, ତା' ଛଡା ଘରର ସବୁ ଜିନିଷ ତ କିଣିବାକୁ ହୁଏ ଏଠି । ଦେବେନ୍ଦ୍ରର ପଢ଼ାଖର୍ଚ୍ଚ ମଧ ଅଛି । ଏମାସରେ ଶାଢ଼ୀଟିଏ ବି କିଣିଛି । ବାପା ଉତ୍ତର ଦେଇଥିଲେ । ନବବିବାହିତା ପତ୍ନୀଙ୍କ ପାଇଁ ଶାଢ଼ୀଟିଏ କିଣିଛନ୍ତି ବୋଲି ନ କହି ଥିଲେ ମଧ ଚଳିଥାଆନ୍ତା । କିନ୍ତୁ ସତ୍ୟନିଷ୍ଠ, ସତ୍ୟବାଦୀ ଓ ସାଧୁବତ୍ ପୁତ୍ରଟି ପିତାଙ୍କ ଆଗରେ କୌଣସି କଥା ଲୁଚାଇ ରଖିବା ସମୀଚୀନ ମଣିନଥିଲେ ।

ପୁତ୍ରର ଉତ୍ତର ଶୁଣି ପିତା ଗମ୍ଭୀର ହୋଇଯାଇଥିଲେ । କହିଥିଲେ, କାହିଁକି ? ବୋହୂ ଯେତେବେଳେ ବାପଘରକୁ ଯାଉଛନ୍ତି କଅଣ ଲୁଗାପଟା ଆଣୁନାହାନ୍ତି କି ?

ବାପା ନୀରବ ରହିଥିଲେ ଏବଂ ତା' ପରଦିନ ବୁଢ଼ାବାପା ଗାଁକୁ ଗଲାବେଳେ କିଣିଥିବା



Digitized by srujanika@gmail.com

ନୂଆଶାଢ଼ୀଟି ତାଙ୍କ ହାତରେ ପଠାଇ ଦେଇଥିଲେ ବୁଢ଼ୀମାଙ୍କ ପାଇଁ ।

ଏବଂ ବୋଉ ଅଭିମାନ କରି ବି ତିନିବର୍ଷ ଆଉ ବାପାଙ୍କୁ ଶାଢ଼ୀପାଇଁ କହିଲାନି । ଅଜା ଦେଉଥିଲେ ବର୍ଷକୁ ଚାରିଖଣ୍ଡି ଶାଢ଼ୀ । ସେଇଆକୁ ପିନ୍ଧି ଚଳୁଥିଲା ଘରେ । ଇଏ ସବୁ ଅବଶ୍ୟ ଆଜିଠାରୁ ପଞ୍ଚାବନ ବର୍ଷ ଆଗର କଥା- ଏକପ୍ରକାର ଇତିହାସ କହିଲେ ଚଳେ ।

ସେଇ ବୋଉର ପୁଣି ଦିନ ଆସିଲା- ଆଲ୍‌ମାରୀ ଖୋଲିଦେଲେ ଗଳ୍‌ଗଳ୍ କରି ଶାଢ଼ୀ ଗଳିପଡିଲା ଆଲ୍‌ମାରୀରୁ । ଥାକଭର୍ତ୍ତି ଶାଢ଼ୀ । ଘରର ମାଲିକାଣୀ ହେଲା । ଟଙ୍କା ପଇସା ସବୁ ବାପା ବଢେଇ ଦେଉଥିଲେ ବୋଉ ହାତକୁ । ଘରଖର୍ଚ୍ଚରୁ ଟଙ୍କା ବଳିଲେ କେତେବେଳେ କେମିତି ନିଜପାଇଁ ଶାଢ଼ୀଖଣ୍ଡିଏ କିଣୁଥିଲା । ଧୀରେ ଧୀରେ ପୁଅ ଝିଅମାନେ ଯୋଗ୍ୟ ହେଲେ, ବଡ଼ ବଡ଼ ଚାକିରି ବି କଲେ । ସମର୍ଥ ବିତ୍ତବାନ୍ ଝିଅ ଜ୍ୱାଇଁ ସବୁ । ଝିଅମାନେ ସଭିଏଁ ଯିଏ ଯେତେବେଳେ ପାରିଲା ଶାଢ଼ୀ କିଣିଦେଲା ବୋଉକୁ । ଆମ୍ଭମାନଙ୍କୁ ଯେଉଁ ଶାଢ଼ୀ ଭଲ ଲାଗୁଥିଲା, ଥରେ ଦିଥର ପିନ୍ଧି ଦେଇ ଦେଉଥିଲୁ ବୋଉକୁ । ଶାଢ଼ୀର ସଂଖ୍ୟା କ୍ରମଶଃ ବଢି ଚାଲିଲା ବୋଉର । ଲୋଭ କରି କିନ୍ତୁ ଦିନେ ବି ଭଲ ଶାଢ଼ୀଟିଏ ପିନ୍ଧିବାର ବୋଉକୁ ଦେଖିଲିନି । ସବୁ ତାବିପକାଇ ସାଇତି ରଖିଲା ଆଲ୍‌ମାରୀ ଭିତରେ । ପିନ୍ଧିବ ନିହାତି ସାଧାରଣ କଣ୍ଟା ଶାଢ଼ୀଟିଏ, ନହେଲେ ବେଭାର ବଦଳରେ କୁଟୁମ୍ବଘର ବାହାଘର ବ୍ରତଘରରୁ ମିଳିଥିବା ତାଲୁ ଶାଢ଼ୀଟିଏ ।

ଯାହା ବା କଦବା କେମିତି ଭଲଶାଢ଼ୀଟିଏ ପିନ୍ଧୁଥିଲା, ଝିଅମାନେ ବାହାହେଇସାରିଲା ପରେ ତାହା ବି କମିଗଲା ଧୀରେ ଧୀରେ । ଜ୍ୱାଇଁମାନଙ୍କ ଆଗରେ ବେଶ ହେଇ ବାହାରିବାକୁ ତାକୁ କୁଆଡେ ଲାଜ ଲାଗୁଥିଲା । କେଉଁ ଜ୍ୱାଇଁ ଘରକୁ ଆସିବାର ଥିଲେ ସେ ଦିନ ସକାଳୁ ସକାଳୁ ମୋ ଭାଇ ତାକୁ ଚିଡ଼ାଇ ଥିଲା- ବୋଉଲୋ ! ଆଜି ବିନ ଭାଇନା ଆସିବେ । ଯା ଖୋଜିକି ପୁରୁଣା ରଂଗଉଠା ଶାଢ଼ୀଟିଏ ପିନ୍ଧିପକା । ବୋଉ ହସିଦେଉଥିଲା ଫିକ୍‌କରି ।

ବେଳେବେଳେ ପିଲାଦିନ କଥା ମନେପଡେ । କୁଣିଆ ମଇତ୍ରଙ୍କ ଘରକୁ କେତେବେଳେ କେମିତି ଗଲେ ଭଲଶାଢ଼ୀଟିଏ ପିନ୍ଧୁଥିଲା ବୋଉ । ମୁଣ୍ଡଉପରେ ଚଉଡା ଧଡିର ଓଢ଼ଣା, ବେକରେ ମଟର ମାଳ, କାନରେ ଚିକ୍‌ମିକ୍ ଧଳାପଥରବସା ଫୁଲ, ବାଁ ପଟେ ସୁନ୍ଦାକଟା ଈଷଦ୍ ପାତାପକା ବାଳ । ଭାରି କମନୀୟ ଦିଶୁଥିଲା ବୋଉ ମୁହଁଟି । ବୟସ ବଢ଼ିବା ସାଙ୍ଗେ ଦାମୀ ଶାଢ଼ୀ ପିନ୍ଧିବା ଅଭ୍ୟାସ କମିଗଲା ତାର । କିନ୍ତୁ ଶାଢ଼ୀପ୍ରତି ଲୋଭ କମିଲାନି । କୁଆଡ଼େ କେମିତି ଗଲେ ଭଲ ଶାଢ଼ୀଟିଏ ପିନ୍ଧିଥିଲେ ଆସି ପାଲ୍‌ଟିପକେଇ ଚଉତିକି ରଖି ଦେଉଥିଲା ଆଲ୍‌ମାରୀରେ । ଶାଢ଼ୀ ମଇଳା ହେଲେ ଧୋବାକୁ ଦେଉନଥିଲା । ନଷ୍ଟ ହୋଇଯିବ ବୋଲି, ନିଜ ହାତରେ କାଚି ମଣ୍ଡ ଦେଇ ସାଇତି ରଖୁଥିଲା । ମୁରୁଛି କରି ନ ପିନ୍ଧିଲେ ବି ଶାଢ଼ୀସଂଗ୍ରହ କରିବାର ସଉକ ତାର ରହିଗଲା ଶେଷ ପର୍ଯ୍ୟନ୍ତ ।



Digitized by srujanika@gmail.com

ଖୁଡୀ ତାଙ୍କ ନାତି ବ୍ରତଘରରେ ନୂଆ ପାଟଶାଢୀ ପିନ୍ଧିଥିଲେ । ତା ନାତି ବ୍ରତଘରରେ ତା ପାଇଁ ପାଟଶାଢୀ ହେଇନଥିଲା ବୋଲି ମନ ଉଣା ପଡିଯାଇଥିଲା ତାର ।

- ଦେଖିଲୁ ନା ! ଶଶୀ କେମିତି ପାଟଶାଢୀ ପିନ୍ଧିକି ଫର୍‌ର୍ ଫର୍‌ର୍ ହେଉଥିଲା ତା ନାତି ବ୍ରତଘର ଦିନ । ସିଏ ପିନ୍ଧିଲା ସମ୍ବଲପୁରୀ ସିଲ୍‌କି ଶାଢୀ ଆଉ ମୁଁ ଏଇ ନାଲିଧଡିଆ ବଙ୍ଗାଳୀ ଶାଢୀଟେ ପିନ୍ଧିକି ମୋ ନାତି ସାଙ୍ଗରେ ବସିଲି ବେଦୀରେ ! ଗୁଣୁଗୁଣୁ କରି ମୁହଁଶୁଖେଇ ଝିଅମାନଙ୍କ ଆଗରେ ଦୁଃଖ ବଖାଣିଲା । ବେବୀ ଯାଇ କିଣି ଆଣିଲା ମଠାରଂଗର ସମ୍ବଲପୁରୀ ଏକ ରଂଗାପାଟ । ସେଇ ଶାଢୀଟି ପିନ୍ଧିକି ଆସିଥିଲା ବେବୀର ଘର ପ୍ରତିଷ୍ଠାକୁ । ସଭିଙ୍କ ନଜର୍‌ରେ ପଡିଥିଲା ଶାଢୀଟି । 'ମୋ ଝିଅ କିଣେଇ ଦେଇଛି', ମୁର୍‌କି ହସି ଗର୍ବ କରି ଜଣେଇ ଦେଇଥିଲା ସମସ୍ତଙ୍କୁ ।

ତା' ପରେ ହଠାତ୍ ଦିନେ ଶାଢୀପିନ୍ଧା ବନ୍ଦ୍ ହେଇଗଲା ତାର । ଷ୍ଟ୍ରୋକ୍ ଯୋଗୁ ପାରାଲିସିସ୍ ହେଇଗଲା ଗୋଟିଏ ପଟର ଅଙ୍ଗ ପ୍ରତ୍ୟଙ୍ଗ । ପଡିରହିଲା ବିଛଣାରେ, ଅଚଳ ଶରୀର ନେଇ । ବିଛଣାରେ ଶାଢୀ ବଦଳାବଦଳି କରିବାରେ ଅସୁବିଧା । ଶାଢୀଟି ଦେହରେ ମୁଣ୍ଡରେ ସୁସଂଯତ ଭାବରେ ରଖିବାରେ ବି ବୋଉଥିଲା ଅସମର୍ଥ । ବୁଲୁ ରାଉର୍‌କେଲାରୁ ଆସିଲାବେଳେ କିଣିଆଣିଲା ଢିଲାଦେଖି ମାକ୍ସି । ବୋଉକୁ ପିନ୍ଧାଇ ଉପରେ ତା ପିନ୍ଧା ଶାଢୀଟିଏ ଘୋଡେଇ ଦେଲୁ ।

ପକ୍ଷାଘାତରେ ଆକ୍ରାନ୍ତ ହୋଇ, ପୃଥିବୀରେ ଅବଶିଷ୍ଟ ରହିଯାଇଥିବା ବାକି ଦିନ କେତୋଟି ଗଣୁଥିବା ଅବସ୍ଥାରେ ପଡି ମଧ୍ୟ ଶାଢୀର ମୋହରୁ ବୋଉ ପାର୍ ପାଇପାରିଲାନି । ସିଏ ଠିକ୍ ଶୋଇଥିବା ଖଟ ସାମ୍‌ନାରେ ଥିଲା ତା କଳାରଂଗର ଶାଢୀ ଆଲ୍‌ମାରୀଟି । ଆଲ୍‌ମାରୀ ଖୋଲି ତାକୁ ଘୋଡେଇ ଦବାପାଇଁ ଶାଢୀଟିଏ ଆମେ କାଢିକି ଆଣିଲାବେଳକୁ ଛଞ୍ଚାଣର ତୀକ୍ଷ୍ଣ ଦୃଷ୍ଟିନେଇ ଚାହିଁରହୁଥିଲା ଆମକୁ । ଆମେ ଭଲ ଶାଢୀଟିଏ କାଢ଼ି ଆଣୁଥିଲୁ । ଏତେ ଶାଢ଼ୀ ବୋଉର ! ଆଉ କେତେଟା ବା ଦିନ ! ଭୋଗ କରିଯାଇ ! ହେଲେ ବୋଉ ପାଟି କରୁଥିଲା । କହୁଥିଲା ଖନେଇ ଖନେଇ, ଅସ୍ପଷ୍ଟ ଭାବରେ- ରଖ୍ ମୋ ଶାଢୀ, ଯୋଉଠୁ କାଢିଚୁ ସେଇଠି ରଖ୍ । ଚଳତ୍ ଶକ୍ତି ଥିବା ହାତଟି ବଢ଼େଇ ଦେଖେଇ ଦେଉଥିଲା କେଉଁ ଶାଢୀଟି କାଢିବାକୁ ହେବ । କହିବା ବାହୁଲ୍ୟ ଯେ ପୁରୁଣା, ଅଧାଚିରା ଶାଢୀଟିଏ ଇ ଦେଖାଉଥିଲା ।

ଏବଂ ସେ ଆଲ୍‌ମାରୀ ଭର୍ତ୍ତି ରଂଗ ବେରଂଗୀ ଶାଢୀର ମୋହକୁ ତେଜି ହଠାତ୍ ଦିନେ ବୋଉ ଚାଲିଗଲା ସେ ପୁରକୁ । ପୁରୋହିତେ ତାଲିକା ବନେଇଦେଲେ । ବାପୁ ଯାଇ କିଣିଆଣିଲା ନୂଆଶାଢୀ- ଲାଲ୍ ଟକ୍‌ଟକ୍ ସମ୍ବଲପୁରୀ । ହଳଦୀ ବୋଳା ଡକ୍‌ଡକ୍ ଗୋରା ଦେହରେ ସେ ଶାଢୀ ଦାଉଦାଉ ଝଟ୍‌କିଲା । ଝଟ୍‌କିଲା ହାତରେ ଥିବା ମୁଠାମୁଠା



Digitized by srujanika@gmail.com

ନାଲିଚୂଡୀର ଝୁଲିଙ୍ଗ । ନବେ ବର୍ଷର ବାପା ନୂଆ ସିନ୍ଦୂର ପ୍ୟାକେଟ୍ ଖୋଲି ଥରଥର ହାତରେ ବୋଉର କାଶଶୁଭ୍ର ପାକେଳାବାଳ ଆଡେଇ ତାଂ ଲମ୍ବ ସରୁସୁନ୍ଥାରେ ସିନ୍ଦୂର ଭରିଦେଲେ ବହଳ କରି । ବାପାଙ୍କ ହାତ ଥରି କିଛି ସିନ୍ଦୂର ଗୁଣ୍ଡ ଝଡିପଡିଲା ସୁନ୍ଥା ପାଖରେ । ବାପା ତାକୁ ଲିପିଦେଲେ ବୋଉ କପାଳ ସାରା । ଶାଢ଼ୀର ରଂଗ, ଶଙ୍ଖାର ରଂଗ, ସିନ୍ଦୂରର ରଂଗ ଓ ବୋଉ ଛାତି ଉପରେ ଜମା ହେଇଥିବା ଲାଲ୍‌ଗୋଲାପର ରଂଗ- ସବୁ ମିଶି ଏକାକାର ହେଇଗଲା । ଲୋଭ ଥିଲା ଭଲଶାଢୀରେ, ରଂଗୀନ ଶାଢୀରେ । ଭଲ ରଂଗୀନ ଶାଢୀଟିଏ ପିନ୍ଧି ରାଜରାଣୀ ବେଶରେ ବୋଉ ଗଲା ସ୍ୱର୍ଗଦ୍ୱାର ।

ସୂର୍ଯ୍ୟ କିନ୍ତୁ ଯା ପରେ ବି ସବୁଦିନ ପରି ଉଇଁଲେ ଆଉ ଅସ୍ତଗଲେ । ବାରମ୍ବାର । ଦିନ ଗଡିଚାଲିଲା । ଏଗାର ଦିନ ବୋଉର ଶ୍ରାଦ୍ଧପାଇଁ ଥିଲା ବ୍ରାହ୍ମଣ ଭୋଜନର ଆୟୋଜନ । ରାତିରେ ମହାପ୍ରସାଦ ଖାଇସାରି ହାତଧୋଇ ପିଣ୍ଡାକୁ ଉଠିଲା ପରେ ସ୍ୱତଃ ପ୍ରବୃତ୍ତ ଭାବରେ ଆଖି ଖୋଜି ବୁଲିଲା ବୋଉ ଶାଢୀକୁ- ହାତ ପୋଛିବା ପାଇଁ । ପିଣ୍ଡା ତାରରେ କିନ୍ତୁ ବୋଉର ଶାଢୀ ଶୁଖୁନଥିଲା । ଆଉମଇଳା ବିବର୍ଣ୍ଣ ଶାଢୀଟି ବିନା ସାରା ପିଣ୍ଡା ଦିଶୁଥିଲା ଖାଁ ଖାଁ, ଶୂନ୍ୟ । ମନେହେଲା, ବୋଉ ନଥିଲେ ଅନେକ କିଛି ହରାଏ ମଣିଷ, ହାତ ପୋଛିବା ପାଇଁ ଶାଢୀଟିଏ ମଧ୍ୟ । । । । ।

କେଇମାସ ତଳେ ବବି ଆସିଥିଲା ଆମେରିକାରୁ । ତାର ପତ୍ନୀ ଓ ଶିଶୁ ପୁତ୍ର କନ୍ୟା ଦୁଇଟିଙ୍କୁ ନେଇ ।

ସିଏ ପହଞ୍ଚିଲା ଦିନ ରନ୍ଧାବଢ଼ା ସାରି ଭାତ ବାଢ଼ିବାକୁ ଗଲାବେଳକୁ ହଠାତ୍ କହିଉଠିଲା- ମାମା ! ତମେ ମାକ୍ସି କାହିଁକି ପିନ୍ଧିଛ ? ଯାଇକି ଶାଢୀ ପିନ୍ଧି ଆସନା !

ଘରର କାମଦାମ କରିବାରେ ସୁବିଧା ବୋଲି ମାକ୍ସିଟା ଗଳେଇ ଦେଇଚି, ମୁଁ କହିଲି ।

ନାଇଁ ନାଇଁ । ତମେ ଯାଅ ଆଗ ଶାଢୀ ବଦଳେଇ ଆସ, ବବି ଜିଦ୍ କଲା ।

କାହିଁକିରେ ? ମାକ୍ସି ପିନ୍ଧିଲେ ତୋର ଅସୁବିଧା କଅଣ ହେଉଛି ? ସ୍ମିତା ତ ପିନ୍ଧିଛି, ତାକୁ ତ କିଛି କହୁନୁ ! ମୁଁ ଜବାବ୍ ଦେଲି ।

ବାଃ ! ମୁଁ ଭାତ ଖାଇସାରି ହାତ ପୋଛିବି ଯେ ତମ ଲୁଗାକାନିରେ ! ବବି ମତେ ଠେଲି ଠେଲି ପଠେଇଦେଲା ବେଡ୍‌ରୁମ୍‌କୁ । ଶୋଇବାଘରେ ଶାଢୀ ବଦଳୁ ବଦଳୁ ହଠାତ୍ ମୋର ଆଖିପଡିଲା ଡ୍ରେସିଂଟେବୁଲର ଦର୍ପଣରେ ଏବଂ ଆଶ୍ଚର୍ଯ୍ୟର କଥା, ସେ ଦର୍ପଣ ଭିତରେ ମୋର ପ୍ରତିଚ୍ଛବି ନଥିଲା । ଥିଲା ବୋଉର ପ୍ରତିଛବି । ମୁଁ ବୋଉ ପାଲଟି ଯାଇଥିଲି ।

(ଡିସେମ୍ବର, ୨୦୦୧)

□□□



Digitized by srujanika@gmail.com

# ବିଶ୍ୱାସ

ଏମିତି ବି ବେଳେବେଳେ ହୁଏ ।

ଜଣେ ଶିକ୍ଷିତ, ସଚେତନ ଓ ପରିଣତ ବୟସର ମଣିଷ ବି ଗୋଟିଏ ମୂର୍ଖ, ନିର୍ବୋଧ ଓ ବାଳୁତ ବୟସର ସାନଛୁଆ ପରି ଗୋଟିଏ ନିର୍ଦ୍ଦିଷ୍ଟ ଟ୍ରେନ୍‌ର ଟିକେଟ୍ କାଟି ଅନ୍ୟ ଗୋଟିଏ ଭୁଲ୍ ଟ୍ରେନ୍‌ରେ ଚଢ଼େ ।

ଏମିତି ବି ବେଳେବେଳେ ହୁଏ ।

ଯେମିତିକି ଘଟିଥିଲା ମୋ ଜୀବନରେ । କେଇ ବର୍ଷ ତଳେ ।

ଯାଉଥିଲୁ ବାଲେଶ୍ୱର । ବିନୟ ଓ ମୁଁ ଉଭୟ । ଫେରନ୍ତା ଟିକେଟ୍ କଟା ହେଇଥିଲା ଧଉଳି ଏକ୍ସପ୍ରେସ୍‌ରେ । ନିର୍ଦ୍ଧାରିତ ଦିନ ଷ୍ଟେସନ୍‌ରେ ପହଞ୍ଚି ଖବର କଲୁ ଏନ୍‌କୋୟାରୀରେ । ଭଦ୍ର ବ୍ୟକ୍ତି ଜଣକ ମୋଟା କାଚର ଚଷମାବାଟେ ଅବଗତ କରାଇଦେଲେ- ଟ୍ରେନ୍ ପହଞ୍ଚୁଛି ଏଇ ପାଞ୍ଚ ମିନିଟ୍ ଭିତରେ, ଏକନମ୍ବର ପ୍ଲାଟ୍‌ଫର୍ମରେ ।

ତ୍ୱରାନ୍ୱିତ ଗତିରେ ଏକ ନମ୍ବର ପ୍ଲାଟ୍‌ଫର୍ମରେ ପହଞ୍ଚିଲୁ । ଦୂରରୁ ଟ୍ରେନ୍‌ଟିର ଧାବମାନ କଳାମୁହଁଟି ଦୃଷ୍ଟିଗୋଚର ହେଲା । ଟ୍ରେନ୍‌ଟି ସତ୍ୱର ଆସି ଅଟକିଲା ମଧ୍ୟ ପ୍ଲାଟ୍‌ଫର୍ମରେ । ଷ୍ଟେସନର ଯଥାରୀତି ହଟ୍ଟଗୋଳ ଭିତରେ, ଚାୟ୍ ଗ୍ରମ୍‌ବାଲା, ପେଡା ବାଲା , ଦହିବରାବାଲା ଓ କଦଳୀ ବାଲା ଆଦିଙ୍କୁ କହୁଣୀରେ ଠେଲି ଏ.ସି. କଂପାର୍ଟମେଣ୍ଟଟି ଖୋଜିବାକୁ ଲାଗିଲୁ । ' ବାତାନୁକୂଳିତ ବଗି ' ଲେଖାଥିବା କଂପାର୍ଟମେଣ୍ଟିରେ ଶେଷପର୍ଯ୍ୟନ୍ତ ଚଢ଼ିଗଲୁ ମଧ୍ୟ ।

ବଗି ଭିତରେ ପଶିଦେଖେ ତା ଭିତରେ ଶୟନୋପଯୋଗୀ ବେଶ୍ ଲମ୍ବା ଲମ୍ବା ବାର୍ଥ । ଧଉଳି ଏକ୍ସପ୍ରେସ୍‌ରେ ପୂର୍ବରୁ ଅନେକଥର ଯାତାୟତ କରିଛି । ତାର ଏ.ସି.କପାର୍ଟମେଣ୍ଟରେ କେବଳ ଚେୟାରର ବନ୍ଦୋବସ୍ତ ଥିବାର ଦେଖିଥିଲି । ଚେୟାର୍ ବଦଳରେ ବାର୍ଥଦେଖି କିଞ୍ଚିତ୍ ଆଶ୍ଚର୍ଯ୍ୟାନ୍ୱିତ ହେଲି ଓ ଏ ସଂପର୍କରେ ସନ୍ଦେହ ବିମୋଚନ କରିବା ପାଇଁ ବଗି ଭିତରେ ପଶି ଟି.ଟି. ଆଇଙ୍କୁ ଖୋଜିବାରେ ଲାଗିଲି । ବିନୟ ସୁଟ୍‌କେଶ୍‌ଟି ଧରି ଠିଆ ହେଇ ରହିଲେ ଦରଜା ପାଖରେ ।

ଆମକୁ ଷ୍ଟେସନ୍‌କୁ ଛାଡିବାକୁ ଆସିଥିଲେ ମୋ ଦିଅର ଶାନ୍ତନୁ । ଯା ଭିତରେ କୌଣସି



Digitized by srujanika@gmail.com

ଯାତ୍ରୀଙ୍କର କଥୋପକଥନରୁ ସିଏ ଜାଣିବାକୁ ପାଇଲେ ଯେ ଏ ଟ୍ରେନ୍‌ଟି ଗୌହାଟୀ-କୋଚିନ୍ ଏକ୍ସପ୍ରେସ୍ । ଆଠଘଣ୍ଟା ବିଳମ୍ବରେ ଆସି ପହଞ୍ଚିଛି । ସିଏ ତେଣୁ ବିବ୍ରତ ଚିତ୍ତରେ ଦୌଡ଼ି ଆସି ଦରଜା ପାଖରେ ଅପେକ୍ଷମାଣ ତାଙ୍କର ଜ୍ୟେଷ୍ଠଭ୍ରାତାଙ୍କୁ ସମ୍ବାଦଟି ଜଣାଇଥିଲେ ଓ ତୁରନ୍ତ ଓହ୍ଲାଇ ଆସିବାକୁ ନିର୍ଦ୍ଦେଶ ଦେଇଥିଲେ । ବିନୟ ଉଚ୍ଚସ୍ୱରରେ ଭୁଲ୍‌ଟ୍ରେନ୍‌ରେ ଚଢ଼ିଥିବାର ଖବରଟି ମତେ ଦେଲେ ସତ, କିନ୍ତୁ ବଗିଭିତରର ଭିଡ ଠେଲି ତତ୍‌କ୍ଷଣାତ୍ ବାହାରିଆସିବା ମୋ ପକ୍ଷରେ ଥିଲା ଅସମ୍ଭବ । ଫଳତଃ ମୁଁ ଆସି ଦରଜାପାଖରେ ପହଞ୍ଚିବା ପୂର୍ବରୁ ଟ୍ରେନ୍‌ଟି ଛାଡ଼ିଦେଲା । କହିବା ବାହୁଲ୍ୟ ଯେ ବିନୟ ଦରଜା ପାଖରେ ଠିଆ ହୋଇଥିବାରୁ ପ୍ଲାଟ୍‌ଫର୍ମକୁ ଓହ୍ଲାଇଯିବା ତାଙ୍କ ପାଇଁ ଥିଲା ଅପେକ୍ଷାକୃତ ସୁବିଧାଜନକ ।

ଜୀବନରେ ବହୁ ଅପ୍ରତ୍ୟାଶିତ ପରିସ୍ଥିତିର ସମ୍ମୁଖୀନ ହୋଇଛି । କିନ୍ତୁ ଏଭଳି ଏକ ନାଟକୀୟ ପରିସ୍ଥିତି ଥିଲା ମୋର କଳ୍ପନାର ସରହଦ୍‌ର ବାହାରେ । ଟିକେଟ୍ ଏବଂ ମନିପର୍ସ ଉଭୟ ବିନୟଙ୍କ ପାଖରେ । ଯେହେତୁ ଦିହେଁ ସାଥି ହୋଇ ଆସୁଥିଲୁ, ଅଲଗା କରି କିଛିଟଙ୍କା ନିଜ ପାଖରେ ରଖିବାରେ କିଛି ଯଥାର୍ଥତା ନଥିଲା । ବୁଝିପାରିଲି- ମୁଁ ଏବେ ଯାତ୍ରୀ ଗୋଟିଏ ଭୁଲ୍‌ଟ୍ରେନ୍‌ରେ । ନୂଆ କରି ଟିକେଟ୍ କାଟିବା କିମ୍ବା ଧାର୍ଯ୍ୟ ଫାଇନ୍ ପଇଠ କରିବା- ଉଭୟ ଥିଲା ମୋ ପକ୍ଷରେ ଅସମ୍ଭବ । ଅଧାରାସ୍ତାରେ ଟି.ଟି.ଆଇ ମତେ ଟ୍ରେନ୍‌ରୁ ଓହ୍ଲାଇଦେଲେ ଟେଲିଫୋନ୍‌ଟିଏ କରିବାପାଇଁ ବି ମୋ ପାଖରେ ପଇସା ନାହିଁ । ମୁଣ୍ଡ ହୋଇଗଲା ବିବାକ୍ ଫାଙ୍କା । ଟ୍ରେନ୍ ଛୁଟୁଛି ତୀବ୍ର ଗତିରେ । କେମିତି ଚେନ୍ ଟାଣନ୍ତି ବି ଜାଣେନି । ଅଗତ୍ୟା ଦରଜା ପାଖରେ ଠିଆହୋଇ ସାନଛୁଆଙ୍କ ପରି ଚିହୁଁରିଛାଡ଼ି ମୁଁ କାନ୍ଦିବାକୁ ଆରମ୍ଭ କଲି ।

ଭାରତୀୟ ଜନତା, ସିଏ ଦିଲ୍ଲୀ ହେଉ ବା ବାଲେଶ୍ୱର, ସର୍ବତ୍ର ସମଭାବରେ ସମ୍ବେଦନଶୀଳ । ମୋ ଚାରିପଟେ ବିଭିନ୍ନ ବୟସର, ବିଭିନ୍ନ ଯାତ୍ରୀମାନଙ୍କର ଛୋଟକାଟିଆ ଭିଡଟିଏ ତେଣୁ ତିଆରି ହୋଇଗଲା ଖୁବ୍ କମ୍ ସମୟ ଭିତରେ । ଏବଂ ଉତ୍ସୁକ ଜନତାର ପ୍ରଶ୍ନବାଣର ଦାଉରେ, ଟିକେଟ ଓ ଟଙ୍କା ସହ ମୋ ସ୍ୱାମୀ ପଛରେ ରହିଯାଇଥିବାର ତଥା ମୋର ଭୁଲ୍ ଟ୍ରେନ୍‌ରେ ଚଢ଼ିଯାଇଥିବାର କାହାଣୀଟି ମୁଁ ଅସମଞ୍ଜସ ଭାବରେ ପୁନଃ ପୁନଃ ଦୋହରାଇବାକୁ ଲାଗିଲି । ଟିକେଟ୍‌ଟି ମୋ ପାଖରେ ରଖିବା ଉଚିତ୍ ଥିଲା, କିଛି ଟଙ୍କା ନିଜପାଖରେ ନରଖିବାଟା ମୋର ଚରମ ବୋକାମି, ଚଳନ୍ତାଟ୍ରେନ୍‌ରୁ ପ୍ଲାଟ୍‌ଫର୍ମ ଉପରକୁ ମୋର ଡ଼େଇଁ ପଡ଼ିବା ଠିକ୍ ହୋଇଥାଆନ୍ତା ଆଦି ବିଭିନ୍ନ ପ୍ରକାରର ମନ୍ତବ୍ୟମାନ ସମବ୍ୟଥୀ ସାଥିମାନଙ୍କଠାରୁ ଶୁଣିବାକୁ ପାଇଲି ମଧ୍ୟ ।

ଏବଂ ଠିକ୍ ଏତିକିବେଳେ ଆସନ୍ନ ମୃତ୍ୟୁର ପରୱାନା ଧରି ସମ୍ମୁଖରେ ଆସି ଠିଆହେଲେ ସ୍ୱୟଂଯମଦୂତ । କଳାକୋଟ୍ ପରିହିତ ଗାମ୍ଭୀର୍ଯ୍ୟର ନିଦାରୁଣ ମୁଖାପିନ୍ଧା ମଧ୍ୟ



Digitized by srujanika@gmail.com

ବୟସ୍କ ଟି.ଟି.ଆଇ ଜଣକ । ତାଙ୍କୁ ଅଟକାଇ ସକୋହ କଣ୍ଠରେ ମୋର ବ୍ୟଥା ଓ ବିପତ୍ତିର ବିଶଦ୍ ବିବରଣୀ ତାଙ୍କୁ ଦେଇଲାଗିଲି । ସବୁଶୁଣି ସାରି ଯମଦୂତ ଇଂରାଜୀରେ ସ୍ୱମତାମତ ଜାହିର୍ କଲେ- ସରି ମାଡାମ୍ । ଯା ପରେ ଭଦ୍ରଖ ଷ୍ଟେସନ୍‌ରେ ଗାଡି ରହିବ । ସେଇଠି ଆମେ ଆପଣଙ୍କୁ ଓହ୍ଲାଇ ଦେବୁ । ବିନା ଟିକେଟ୍‌ରେ ତ ଆପଣ ଯାତ୍ରା କରିପାରିବେନି ଏ ଟ୍ରେନରେ । ବାକି ଆପଣଙ୍କ ସମସ୍ୟା ଆପଣଙ୍କର । ଟି.ଟି.ଆଇ ଜଣକ ଏତିକି କହି ବିଦାୟ ନେଲେ ଓ ମୋ ହୃଦୟର ସ୍ପନ୍ଦନ କ୍ରମଶଃ ଦ୍ରୁତତର ହେବାକୁ ଲାଗିଲା । ପ୍ରଥମଥର ପାଇଁ ମନେ ପଡିଲା ବିନୟଙ୍କର କଥା । ମୋର ଅବସ୍ଥା କଥା ଭାବି ସିଏ ଯେ କିଭଳି ବିବ୍ରତ ହେଉଥିବେ ସ୍ୱୟଂ ଈଶ୍ୱର ଜାଣନ୍ତି ।

କିଂକର୍ତ୍ତବ୍ୟବିମୂଢ ଅବସ୍ଥାରେ ଠିଆହେଇ ରହିଛି- ହଠାତ୍ ପାଖବଗିରୁ ଆସି ପହଞ୍ଚିଲେ ଆଉଜଣେ ଟି.ଟି.ଆଇ । ସପ୍ରତିଭ, ଶ୍ୟାମଳ ଚେହେରା । ଅପେକ୍ଷାକୃତ କମ୍ ବୟସ । ଦୌଡିଯାଇ ତାଂକ ସାମ୍‌ନାରେ ସେଇ ଏକା ଉପାଖ୍ୟାନ ଦୋହରାଇବାକୁ ଲାଗିଲି । ଏକଥା ମଧ୍ୟ କହିଲି- ମୋର ଭୁବନେଶ୍ୱର ଟେଲିଫୋନ୍ ନମ୍ବର ଓ ଠିକଣା ଆପଣଙ୍କୁ ଦେଇଯାଉଛି, ଟିକେଟ୍‌ଟଙ୍କା ଓ ଫାଇନ୍ ଆପଣ ସେଇଠୁ ସଂଗ୍ରହ କରିପାରିବେ । କିନ୍ତୁ ଦୟାକରି ମତେ ଅଧାରାସ୍ତାରେ ଓହ୍ଲାଇଦିଅନ୍ତୁନି । ମୋ ପାଖରେ ଗୋଟିଏ ବି ପଇସା ନାହିଁ ।

କଥାବାର୍ତ୍ତା କରୁଥିଲି ଇଂରାଜୀରେ । ହଠାତ୍ ଟି.ଟି.ଆଇ ଜଣକ ମତେ କହିଲେ- ମାଡାମ୍, ଆପଣ ବାଲେଶ୍ୱରରୁ ଭୁବନେଶ୍ୱର ଯାଉଛନ୍ତି । ତାହେଲେ ତ ଓଡିଆ ହେଇଥିବେ । ଇଂରାଜୀ କାହିଁକି କହୁଛନ୍ତି ? ମୁଁ ବି ଓଡିଶା ବାସୀ, ଓଡିଆରେ କହନ୍ତୁ ।

ଗୌହାଟୀ କୋଚିନ୍ ଏକ୍ସପ୍ରେସ୍‌ରେ ଓଡିଆ ଟି.ଟି.ଆଇ । ତହିଁରେ ପୁଣି କଣ୍ଠସ୍ୱରରେ ଏତେବେଶି ଅଯାଚିତ ସ୍ନେହ ଓ ଅନ୍ତରଂଗତା । ଉଦ୍‌ଗତ ଅଶ୍ରୁର ଧାର ସହସା ନିର୍ବାପିତ ହେଲା । ମନ ହେଇଗଲା ବେମାଲୁମ୍ ହାଲ୍‌କା । ରକ୍ତାକ୍ତ କ୍ଷତରେ ସତେ ଅବା ଶୀତଳ ମଲମ ଟିକିଏ ବୋଳିଦେଲା କିଏ ।

ମୁଁ କହିଲି- ଅନେକ ଯାତ୍ରୀ ମିଛ କହି ବିନାଟିକେଟ୍‌ରେ ଯାତ୍ରା କରନ୍ତି । ଆପଣ ମତେ ସେମିତି ଭାବୁନାହାନ୍ତି ତ ? ଆପଣ ମୋ କଥା ବିଶ୍ୱାସ କରୁଛନ୍ତି ତ ?

ଯୁବକ ଜଣକ କହିଲେ- ମାଡାମ୍, ଆପଣଙ୍କ କଥା ମୁଁ ସଂପୂର୍ଣ୍ଣରୂପେ ବିଶ୍ୱାସ କରୁଛି । ଆପଣ ଅଯଥା ଏ ସଂପର୍କରେ ଭାବି ବିବ୍ରତ ହେଉଛନ୍ତି । ଏଗାଡି ଭୁବନେଶ୍ୱର ଦେଇ ଯିବ । ମୁଁ ଆପଣଙ୍କୁ ଭୁବନେଶ୍ୱର ପର୍ଯ୍ୟନ୍ତ ନେଇଯିବି । ଚିନ୍ତିତ ହବାର କୌଣସି କାରଣ ନାହିଁ । ଦ୍ୱିତୀୟରେ ମୋ ନାଁ ବିକ୍ରମ । ମୁଁ ଆପଣଙ୍କଠୁ ଅନେକ ସାନ । ମତେ ବିକ୍ରମ ବୋଲି ଡାକିବେ । କିଛି ସମୟ ଅଟକି ବିକ୍ରମ ପୁନର୍ବାର କହିଲେ- ରହନ୍ତୁ, ମୁଁ ଦେଖେ, ଭିତରେ ଯଦି କେଉଁଠି ବର୍ଥ ଖାଲି ଅଛି, ଆପଣଙ୍କର ବସିବାର ବନ୍ଦୋବସ୍ତ କରିଦେବି ।



Digitized by srujanika@gmail.com

ଦୀର୍ଘ ଚାରିଘଣ୍ଟା ଠିଆହେଇ ଯିବାରେ ଆପଣଙ୍କର କଷ୍ଟ ହବ ।

ମୁଁ କହିଲି- ନା, ନା, ଆପଣ ମୋଟେ ସେଥିପାଇଁ ବ୍ୟସ୍ତ ହେବେନି, ପ୍ଲିଜ୍, ଦୟାକରି ମତେ ଯେ ଟ୍ରେନ୍‌ରୁ ଓହ୍ଲାଇ ଦେଇନାହାନ୍ତି ସେଇ ଯଥେଷ୍ଟ । ମୁଁ ଏଇଠି ଦରଜାପାଖରେ ଠିଆହେଇ ହେଇ ଚାଲିଯିବି । କିଛି ଅସୁବିଧା ହବନି ।

ବିକ୍ରମ କହିଲେ- ବାଃ ! ଆପଣ ଯେ ରେଲ୍‌ୱେ ବିଭାଗକୁ ପଇସା ଦେଇସାରିଛନ୍ତି । ବାଲେଶ୍ୱରରୁ ଭୁବନେଶ୍ୱର ପର୍ଯ୍ୟନ୍ତ । ଭୁଲ୍ ଏତିକି ଯେ ଟିକେଟ୍ ଆପଣଙ୍କ ସ୍ୱାମୀଙ୍କ ପାଖେ ରହିଯାଇଛି । ତେବେ ଆମ ବିଭାଗକୁ ଠକି ତ ନାହାନ୍ତି ! ବସିବାର ଅଧିକାର ନିଶ୍ଚିତ ରୂପେ ଆପଣଙ୍କର ଅଛି ।

ବିକ୍ରମ ତରତର ହେଇ କାଚକବାଟ ଠେଲି ବଗି ଭିତରକୁ ଗଲେ ଓ ପ୍ରାୟ ପାଞ୍ଚମିନିଟ୍ ପରେ ଆସି ମତେ ସାଥିରେ ନେଇ ଯିବା ଆସିବା କରିବା ରାସ୍ତା କଡରେ ଖାଲିଥିବା ଗୋଟିଏ ସିଟ୍‌ରେ ବସାଇ ଦେଲେ । କିଛି ସମୟପରେ ଗୋଟିଏ ସାନ ପ୍ଲାଷ୍ଟିକ୍ ଗ୍ଲାସ୍‌ରେ ଗ୍ଲାସେ ଚା' ଆଣି ମୋ ହାତକୁ ବଢାଇ ଦେଇ କହିଲେ -

- ଆପଣତ କହୁଥିଲେ ପଇସାପତ୍ର ବି ଆପଣଙ୍କ ପାଖରେ ନାହିଁ, ନିଅନ୍ତୁ । ଏବେ ଟିକିଏ ଆରାମ କରି ବସି ଚା' ପିଅନ୍ତୁ । ମୁଁ ଡିଉଟିରେ ଯାଉଛି । ଭୁବନେଶ୍ୱରରେ ଗାଡି ରହିବା ପୂର୍ବରୁ ଆସି ପହଞ୍ଚିଯିବି । ଆପଣ ବିବ୍ରତ ହେବେନି ।

ବିକ୍ରମଙ୍କ ହାତରୁ ଚା' ଗ୍ଲାସ୍‌ଟି ନେଇ ଧନ୍ୟବାଦ ବୋଲି କହିବାକୁ ଚେଷ୍ଟା କଲି । କିନ୍ତୁ କହିପାରିଲିନି । ବାକ୍‌ରୁଦ୍ଧ ହେଲା କୃତଜ୍ଞତାରେ ।

ଭୁବନେଶ୍ୱର ପର୍ଯ୍ୟନ୍ତ ଚାରିଘଣ୍ଟା ସମୟ ଯା ପରେ ଅବଶ୍ୟ ବେଶ୍ ଚମତ୍କାର ଭାବରେ କଟିଥିଲା । ମୋ ପାଖରେ ପାଞ୍ଚୋଟି ଯାକ ବାର୍ଥ ଅଧିକାର କରିଥିଲେ ଗୋଟିଏ ଆସାମୀ ପରିବାର - ବୟୋଜ୍ୟେଷ୍ଠ ମହିଳା ଦୁଇଜଣ, ଜଣେ ଯୁବକ ଓ କିଶୋରୀ କନ୍ୟା ଯୋଡିଏ । ସେମାନଙ୍କୁ ଆସାମୀ ଭାଷାରେ କଥା କହୁଥିବାର ଶୁଣି ମୁଁ ସେମାନଙ୍କୁ ସେମାନଙ୍କ ଭାଷାରେ ଇ ପଚାରିଲି- ଆପୁନାଲୋକେ କୋଟ୍‌ପରା ଆହିଆସେ ? କୋଲଇ ଯାବ ? (ଆପଣମାନେ କେଉଁଠୁ ଆସୁଛନ୍ତି ? କୁଆଡେ ଯିବେ ?) ଜଣେ ଓଡିଆ ମହିଳାଙ୍କ ମୁହଁରୁ ତ୍ରୁଟିହୀନ ଆସାମିଜ୍ ଶୁଣି ପରିବାରଟି ବେଶ୍ ଅବାକ୍ ହେଲେ । ଖୁସି ହେଲେ ମଧ । ଠିକ୍ ସେମିତି ଖୁସି ଯେମିତିକି କେରଳ ଭ୍ରମଣକାଳରେ ଜଣେ ଖାଣ୍ଟି ମଲୟାଲମ୍ ଭାଷାଭାଷୀ ଆମ ସହିତ ବିଶୁଦ୍ଧ ଓଡିଆରେ କଥା କହିଲେ ଆମକୁ ଲାଗିବ । ସେମାନଙ୍କୁ ଜଣାଇଲି ଯେ ମୁଁ ଆସାମରେ ଦୀର୍ଘ ଦଶବର୍ଷକାଳ ଥିଲି ଏବଂ ସେ ପ୍ରଦେଶର ଭାଷାଟି ଅନେକାଂଶରେ ମୋର ମାତୃଭାଷା ସଦୃଶ । କଥାପ୍ରସଂଗରେ ପରିବାରଟିର ପରିଚୟ ପାଇଲି ମଧ ।



Digitized by srujanika@gmail.com

ଯୁବକଟିର ନାଁ ପ୍ରଦୀପ । ରେଲ୍‌ୱେ ବିଭାଗରେ ଇଞ୍ଜିନିୟର୍ । ମା, ପିଇସୀ ତଥା ଦୁଇଭଉଣୀଙ୍କୁ ସାଥିରେ ନେଇ ଯାଉଛନ୍ତି ଚେନ୍ନାଇ ଭ୍ରମଣ ପାଇଁ । ନିଜ ଘର ଗୌହାଟୀ ।

ପ୍ରଦୀପ ପଚାରିଲେ- ଆପଣଙ୍କୁ ବାହାରେ ଠିଆ ହେଇ କାନ୍ଦୁଥିବାର ଦେଖିଲି ଯେ ! କଅଣ ହେଇଚି ? ପ୍ରଦୀପର ପରିବାର ସାମ୍‌ନାରେ ପୁନର୍ବାର ନିଜର ବୋକାମିର କାହାଣୀଟି ବଖାଣିବାକୁ ପଡିଲା । ସେଥିରେ ଲାଭ ହେଲା ଅବଶ୍ୟ । ପ୍ରଦୀପର ମା' ସାଥିରେ ଆଣିଥିବା ବିରାଟକାୟ ବେତଝୁଡିଟି ଖୋଲି କାଢ଼ି ଆଣିଲେ ପ୍ରଚୁର ପରିମାଣରେ କେକ୍, ଚେନାଚୂର୍ ଓ ମିଠା । କିଛି ପାଚିଲା କଦଳୀ ଏବଂ କମଳା ମଧ । କହିଲେ ଆପଣତ କହୁଛନ୍ତି ପର୍ସ ରହିଗଲା ଆପଣଙ୍କ ସ୍ୱାମୀଙ୍କ ପାଖରେ, ନିଅନ୍ତୁ କିଛି ଜଳଖିଆ ହେଲେ ପେଟରେ ପଡୁ । ଭୋକ ଲାଗୁଥିବ ନିଶ୍ଚୟ ।

ମୁଁ କହିଲି- ଏତେ ବେଶି ତ ମୁଁ ଖାଇପାରିବିନି । ଭଦ୍ରମହିଳା କିନ୍ତୁ କଥା ଶୁଣିଲେନି । ବଳେଇ ବଳେଇ ଖୁଆଇ ଲାଗିଲେ । କହିଲେ- ଘରେ ପହଞ୍ଚୁ ପହଞ୍ଚୁ ଅନେକ ଡେରି ହବ ଆପଣଙ୍କର । ସାମାନ୍ୟ ଜଳଖିଆ ଖାଇ ନିଅନ୍ତୁ । ଆମପାଇଁ ଯଥେଷ୍ଟ ଅଛି । ସେଥିପାଇଁ ଆପଣ ବ୍ୟସ୍ତ ହେବେନି । କେକ୍, ବିସ୍କୁଟ ଖାଉ ଖାଉ ମନେହେଲା ଏ ପୃଥିବୀରେ ମଣିଷ ପ୍ରତି ମଣିଷର ବିଶ୍ୱାସ ଓ ଭରସା ଏବେ ବି ଲୋପ ପାଇନି ତା ହେଲେ ।

କିଛି ସମୟପରେ, ଆସାମିଜ୍ ପରିବାରଟି ପାଇଁ ମତେ ଜଣେ ସ୍ୱପ୍ରଦେଶବାସୀଙ୍କର ଅସନ୍ତୋଷର କାରଣ ହେବାକୁ ପଡିଥିଲା ଅବଶ୍ୟ ।

ଗୋଟିଏ ଓଡିଆ ଫେରିବାଲା ଜଗନ୍ନାଥ ମହାପ୍ରଭୁଙ୍କର ମାଟି ତିଆରି ସାନସାନ ପ୍ରତିକୃତି କେତୋଟି ଧରି କଂପାର୍ଟମେଣ୍ଟରେ ବୁଲି ବୁଲି ବିକ୍ରୀ କରୁଥିଲା । ଗୋଟିକର ଦାମ୍ ପଚିଶଟଙ୍କା । ଆସାମୀ ପରିବାରଟି ଦୁଇଟି ମୂର୍ତ୍ତି କିଣିବାପାଇଁ ଇଚ୍ଛାପ୍ରକାଶ କଲେ ଓ ଏହାର ସଠିକ୍ ଦାମ୍ କେତେ ହେବ ବୋଲି ମତେ ଜିଜ୍ଞାସା କରିଥିଲେ । କିଛିଦିନ ପୂର୍ବରୁ ପୁରୀ ଭ୍ରମଣକାଳରେ, ବେଳାଭୂଇଁରେ ପ୍ରଦର୍ଶିତ ହେଉଥିବା ଦୋକାନରୁ ମୁଁ ତାହା ଦଶଟଙ୍କା ଦେଇ କିଣିଥିଲି ଓ ତାହା ଆସାମିଜ୍ ପରିବାରଟିକୁ ଜଣାଇଥିଲି । ଏବଂ ମୋ କଥା ଶୁଣି ସେମାନେ ସେଇ ହିସାବରେ ଇ ଟଂକା ପଇଠ କରିଥିଲେ । ସ୍ୱାଭାବିକ୍ ଭାବରେ, ପଚାଶ ଟଙ୍କା ପରିବର୍ତ୍ତେ କୋଡିଏ ଟଙ୍କା ପାଇଥିବା ହେତୁ, ଫେରିବାଲାଟି ମୋ ଉପରେ ବେଶ୍ ରୋଷାନ୍ୱିତ ହେଇଥିଲା ଏବଂ ଅଗ୍ନିବର୍ଷୀ ଦୃଷ୍ଟି ସହିତ ଅନେକଗୁଡିଏ ଭର୍ତ୍ସନାତ୍ମକ ଶବ୍ଦ ମୋ ପ୍ରତି ନିକ୍ଷେପ କରିଥିଲା ।

ହସଖୁସି ଓ ଗପସପରେ ସମୟ ବିତିଗଲା ଶୀଘ୍ର ଏବଂ ବିକ୍ରମ ଯଥାସମୟରେ ଆସି ପହଞ୍ଚିଗଲେ ମୋ ପାଖରେ । ମୋର ଉଦ୍‌ବିଗ୍ନତାର କିନ୍ତୁ ଅନ୍ତ ହେଇନଥିଲା । ମୁଁ କହିଲି - ବିକ୍ରମ ! ଆପଣ ସିନା ମତେ ବିନା ଟିକେଟ୍‌ରେ ନେଇ ଆସିଲେ । କିନ୍ତୁ ମୁଁ



Digitized by srujanika@gmail.com

ଗେଟ୍‌ବାହାରକୁ ଯିବି କେମିତି ? ସେଠି ଯେ ଟିକେଟ୍ ଦେଖାଇବାକୁ ପଡିବ । ବିକ୍ରମ ଅତ୍ୟନ୍ତ ସହଜ ଭାବରେ କହିଲେ- ଚାଲନ୍ତୁ, ଆପଣଙ୍କୁ ମୁଁ ଗେଟ୍ ପାଖରେ ପହଞ୍ଚେଇ ଦେଇ ଆସିବି । ଗାଡି ତ ଏକନମ୍ବର ପ୍ଲାଟ୍‌ଫର୍ମରେ ଲାଗିଛି । ଚେକ୍‌ଗେଟ୍‌ଟି ବେଶ୍ ପାଖ । ମୁଁ ଫେରି ଆସିବି ସାଙ୍ଗେ ସାଙ୍ଗେ । ଟ୍ରେନ୍ କିଛି ସମୟ ରହିବ ଏଠି । ବିକ୍ରମ ଓ ମୁଁ ଏକାସାଥିରେ ତଳକୁ ଓହ୍ଲାଇଗଲୁ ।

ଏବଂ ଆଶ୍ଚର୍ଯ୍ୟର କଥା- ପ୍ଲାଟ୍‌ଫର୍ମରେ ପାଦଦେଇ, ମୋ ସାନ ଭାଇ ବନ୍ଟୁକୁ ଏ.ସି.କମ୍ପାର୍ଟମେଣ୍ଟ ଆଡକୁ ଦୂରରୁ ଚାଲି ଚାଲି ଆସୁଥିବାର ଦେଖିଲି । ପ୍ଲାର୍ଟଫର୍ମରେ ତାର ଅଚାନକ୍ ଉପସ୍ଥିତି ମତେ କିଛିଟା ଅବାକ୍ କଲା ମଧ୍ୟ ।

- ହେଇ ଯେ ! ମୋ ସାନଭାଇ । କିନ୍ତୁ ସିଏ ହଠାତ୍ ଏଠି କେମିତି ? ମୁଁ ବିକ୍ରମଙ୍କ ସାମ୍ନାରେ ମୋର ବିସ୍ମୟ ପ୍ରକାଶ କଲି । ବନ୍ଟୁ ପାଖରେ ପହଞ୍ଚିବା ପରେ ବିକ୍ରମଙ୍କ ସହିତ ତାର ପରିଚୟ ମଧ୍ୟ କରାଇଦେଲି । ବନ୍ଟୁ ଅବଶ୍ୟ କାଳବିଳମ୍ବ ନକରି ଷ୍ଟେସନ୍‌ରେ ତାର ଉପସ୍ଥିତ ରହିବାର ପ୍ରଚ୍ଛଦପଟର କାହାଣୀଟି ସଂକ୍ଷେପରେ ବିକ୍ରମଙ୍କୁ ବୁଝାଇଦେଲା । ଜଣାଇଲା ଯେ ବାଲେଶ୍ୱରରେ ମୋ ଟ୍ରେନ୍‌ଟି ଛାଡିବାପରେ ପରେ ଧଉଳି ଏକ୍ସପ୍ରେସ୍ ଆସି ପହଞ୍ଚିଲା ଓ ବିନୟ ସେଥିରେ ଆସୁଛନ୍ତି । ଟ୍ରେନ୍‌ରେ ଚଢ଼ିବା ପୂର୍ବରୁ ଆମକୁ ଛାଡିବାପାଇଁ ଆସିଥିବା ତାଙ୍କ ସାନଭାଇଙ୍କୁ, ଘରେ ପହଞ୍ଚି ବନ୍ଟୁକୁ ମୋର ଗୌହାଟୀ କୋଚିନ୍ ଏକ୍ସପ୍ରେସ୍‌ର ଟିକେଟ୍ ବିହୀନ ଯାତ୍ରା ସଂପର୍କରେ ଅବଗତ କରାଇଦେବା ପାଇଁ ବିନୟ କହିଥିଲେ । ତାଙ୍କର ନିର୍ଦ୍ଦେଶ କ୍ରମେ ଟିକେଟ୍‌ର ଟଙ୍କା ଧରି ବନ୍ଟୁ ନିର୍ଦ୍ଦିଷ୍ଟ ଟ୍ରେନ୍‌ଟି ପାଖରେ ହାଜର୍ ହେଇଛି ।

ବନ୍ଟୁ ପକେଟ୍‌ରୁ ନୋଟ୍ ବିଡାଟି କାଢ଼ି ବିକ୍ରମଙ୍କୁ ପଚାରିଲା- ନାନୀର ଟିକେଟ୍ ବାବଦ୍ କେତେ ଟଙ୍କା ଆପଣଙ୍କୁ ଦେବି କୁହନ୍ତୁତ ! ବିକ୍ରମ କିନ୍ତୁ ତା କଥାପ୍ରତି କର୍ଣ୍ଣପାତ ନକରି ଦୂରରେ ଠିଆ ହେଇଥିବା ପାନବାଲାଟିକୁ ଡାକି ତା ଠାରୁ ତିନୋଟି ମିଠା ପାନ କିଣିଲେ ଓ ନିଜେ ଗୋଟିଏ ଖାଇ, ଆମ ଦୁଇଜଣଙ୍କ ହାତକୁ ଗୋଟିଏ ଲେଖାଏଁ ବଢ଼ାଇଦେଲେ । ବନ୍ଟୁ ପଇସା ଦେବାପୂର୍ବରୁ ନିଜେ ପଇସା ଦେଇଦେଲେ ମଧ୍ୟ । ମତେ ଚାହିଁ କହିଲେ - ଚାଲନ୍ତୁ, ଆପଣଙ୍କୁ ଗେଟ୍ ପାଖରେ ପହଞ୍ଚାଇ ଦିଏ । ବିନାଟିକେଟ୍‌ରେ ତ ଆପଣ ଯିବାକୁ ଭୟ କରୁଛନ୍ତି । ବନ୍ଟୁ କହିଲା- ଧଉଳି ଠିକ୍ ଯା ପରେ ପରେ ଆସୁଛି । ଆମେ ଦଶପନ୍ଦର ମିନିଟ୍ ପ୍ଲାଟ୍‌ଫର୍ମରେ ଅପେକ୍ଷା କରିଯାଉନ୍ତୁ । ଭାଇନା ପହଞ୍ଚିଯିବେ, ତାଙ୍କ ପାଖେ ତ ନାନୀର ଟିକେଟ୍ ଅଛି । ଏକା ସାଥିରେ ଆମେ ବାହାରିଯିବୁ । କିଛି ଅସୁବିଧା ହବନି ।

ବିକ୍ରମ କହିଲେ- ଆରେ ସତେ ତ ! ଏକଥାଟି ମୋ ମନକୁ ଆସିନଥିଲା । ସେଇ ଠିକ୍ ହବ ।



Digitized by srujanika@gmail.com

ଟ୍ରେନ୍ ହ୍ୱିସ୍‌ଲ୍ ମାରିଲା । ମୁଁ ବିକ୍ରମଙ୍କୁ କହିଲି- ବିକ୍ରମ ! ଦେଖିଲେତ ! ମୁଁ ଭୁଲ୍ ଟ୍ରେନ୍‌ରେ ଉଠିଯିବାର ଯେଉଁ କାହାଣୀଟି ଆପଣଙ୍କୁ କହିଥିଲି, ମୋ ଭାଇ ମଧ୍ୟ ଠିକ୍ ସେଇ ଏକା କାହାଣୀ ଆପଣଙ୍କ ଆଗରେ ଦୋହରାଇଲା । ଏଥରକ ଆପଣଙ୍କର ନିଶ୍ଚୟ ବିଶ୍ୱାସ ହେଉଥିବ ଯେ ଆପଣଙ୍କୁ ମୁଁ ସତକଥା କହିଥିଲି ।

ବିକ୍ରମ କହିଲେ- ମାଡାମ୍ ! ଆପଣଙ୍କ କଥାକୁ ମୁଁ ସପୂର୍ଣ୍ଣ ରୂପେ ବିଶ୍ୱାସ କରିିଥିଲି । ଆପଣଙ୍କୁ ବିଶ୍ୱାସ କରୁଛି ବୋଲି ଟ୍ରେନ୍‌ରେ ଆପଣଙ୍କୁ କହିଥିଲି ମଧ୍ୟ । କିନ୍ତୁ ଜଣାପଡୁଛି ଆପଣ ମୋର ସେଇ ବକ୍ତବ୍ୟଟିରେ ପୂରାପୂରି ବିଶ୍ୱାସ କରିପାରି ନଥିଲେ । ଆପଣଙ୍କ ମନରେ ତଥାପି କିଛିଟା ଦ୍ୱିଧା ରହିଯାଇଛି ଏପର୍ଯ୍ୟନ୍ତ । ମୁହୂର୍ତ୍ତେ ନୀରବ ରହି ପୁର୍ନବାର ବିକ୍ରମ କହିଲେ- ମୁଁ ଆପଣଙ୍କଠାରୁ ଅନେକ ସାନ, ଉପଦେଶ ଦେବାର ଆସ୍ପର୍ଦ୍ଧା ରଖେନି । ତେବେବି କହିଯାଉଛି, ମଣିଷକୁ ବିଶ୍ୱାସ କରିବେ । ଦେଶ ଦେଶ ଭିତରେ, ଗୋଷ୍ଠୀ ଗୋଷ୍ଠୀ ଭିତରେ ଏବଂ ବିଶେଷ କରି ମଣିଷ ମଣିଷ ଭିତରେ, କେଉଁଠି କାଁ ଭାଁ ଏଇ ବିଶ୍ୱାସ ଟିକକ ଅଛି ବୋଲି ତ ଏ ପୃଥିବୀ ତିଷ୍ଠି ରହିଛି ଆଜି ପର୍ଯ୍ୟନ୍ତ । ଆପଣ ଭାବନ୍ତୁ ତ ! ଆପଣଙ୍କ କଥାକୁ ବିଶ୍ୱାସ ନ କରିଥିଲେ, କି ଦୁରାବସ୍ଥାରେ ପଡିଥାଆନ୍ତେ ଆପଣ ! ହୁଏତ ଦୁଇଟି ଲୋକ ମତେ ମିଛ କହି ବିନାଟିକେଟ୍‌ରେ ଟ୍ରେନ୍‌ରେ ଚଢ଼ିଯାଇପାରନ୍ତି, କିନ୍ତୁ ତୃତୀୟ ଲୋକଟି ଯେ ମିଛ କହିବ, ଏଭଳି ଭାବିବାର କୌଣସି କାରଣ ନାହିଁ । ହୁଏତ ତୃତୀୟ ଲୋକଟି ସତକଥା ଇ କହିବ । ଦୁଇଜଣଙ୍କ ଦ୍ୱାରା ପ୍ରତାରିତ ହେଇଥିବାର ସେ ଗ୍ଲାନି, ତୃତୀୟ ଲୋକଟିକୁ ସାହାଯ୍ୟ କରିପାରିଥିବାର ଆନନ୍ଦର ପ୍ଲାବନରେ କାହିଁ କେଉଁଠି ଲୁଚି ଛପିଯାଏ ମୋ ପାଇଁ ।

ବିକ୍ରମ ମତେ ନମସ୍କାର କରି, ମନ୍ଥର ଗତିରେ ସଦ୍ୟ ଚାଲିବାକୁ ଆରମ୍ଭ କରିଥିବା ଟ୍ରେନ୍‌ଟିରେ ଅକ୍ଳେଶରେ ଉଠିଗଲେ । ଦୁଆର ମୁହଁରେ ଠିଆହେଇ ଅଦୃଶ୍ୟ ହେବା ପର୍ଯ୍ୟନ୍ତ ମୃଦୁହସି ହାତ ହଲାଇଲାଗିଲେ ଆମକୁ ଚାହିଁ ଚାହିଁ । ମୁଁ ମନେମନେ କହିଲି- ବିକ୍ରମ ! ତୁମକୁ ଧନ୍ୟବାଦ୍ । ବାଲେଶ୍ୱରରୁ ଭୁବନେଶ୍ୱର ବିନା ଟିକେଟ୍‌ରେ ମତେ ନେଇ ଆସିବାଲାଗି ନୁହେଁ । ମୋର ଏଇ ପରିଣତ ବୟସରେ, ମଣିଷ ଉପରୁ ଆସ୍ଥା ଓ ବିଶ୍ୱାସ ନ ତୁଟାଇବା ପାଇଁ, ମୋ ହାତଧରି ମତେ ଖଡି ପାଠ ଶିଖାଇ ଦେଇଯିବା ଲାଗି । ଅଜସ୍ର ଧନ୍ୟବାଦ ତୁମକୁ ।

(ଅକ୍ଟୋବର, ୨୦୦୨)

❑❑❑



Digitized by srujanika@gmail.com

# ଜନ୍ମ

ବାବୁର ଭାରି ମନଦୁଃଖ ମୁଁ ତାକୁ କେବେ କିଛି ମାଗେନି ବୋଲି । ଏଇଥିପାଇଁ ତାର ତୀବ୍ର ଅଭିମାନ ମଧ୍ୟ ମୋ ଉପରେ ।

ମୁଁ ଅବଶ୍ୟ ତାକୁ କେବେ କିଛି ନ ମାଗୁଥିବାର ଏକ ଯଥାର୍ଥ କାରଣ ଅଛି । ମତେ ଯେମିତି ଲାଗେ ମୋର ଅନ୍ୟଥା ବୁଦ୍ଧିମାନ୍ ପୁତ୍ରଟି ସାଂସାରିକ ବୁଦ୍ଧିବୃତ୍ତିରେ ଟିକିଏ ଅନାଡ଼ି । କଅଣ କହିଲେ କଅଣ କିଣି ଆଣେ । ଆମେ ପତିପତ୍ନୀ ଦୁହେଁ ଏ ସଂପର୍କରେ ଏକମତ ଯେ ଆମର ପ୍ରିୟତମ ସନ୍ତାନଟି କେବଳ ପାଠ ଏବଂ ବହି ବ୍ୟତୀତ ଅନ୍ୟ କିଛି ବୁଝେନି ।

ଅନେକ ବର୍ଷ ଆଗର କଥା । ସେତେବେଳେ ଆମେ ଥିଲୁ ଆସାମରେ । ଥରଟେ ଅର୍ଡର୍ଲିର ହାତଧରି ମୋର ବାଳୁତ ପୁତ୍ରଟି ଯାଇଥିଲା ଆମ ବାରିକୁ ଲାଗି ବସୁଥିବା ରବିବାର ହାଟକୁ । ଅର୍ଡର୍ଲି ସୁଶୀଲ୍ ଯାଇଥିଲା ମାଛପାଇଁ । ସିଏ ଜିଦ୍ କରି ଯାଇଥିଲା ତା ସାଥିରେ, ଦଶଟଂକିଆ ନୋଟ୍‌ଟି ମୁଠା ଭିତରେ ଜାବୁଡ଼ି ଧରି । କିଛି ସମୟ ପରେ ଅର୍ଡର୍ଲି ସାଥିରେ ଫେରିଆସିଲା ମଧ୍ୟ । ହାତରେ କିନ୍ତୁ ମାଛ ପୁଡ଼ିଆ ନଥିଲା । ଥିଲା ବଡ଼ମାପର ତାଳପତ୍ର ପଙ୍ଖାଟିଏ । ବଡ ବଡ ଆଖି ଡୋଳା ନଚାଇ କହିଲା, ମାମା ! ମାଛ ବହୁତ ଦାମ୍ । ତେଣୁ ମୁଁ ମାଛ ବଦଳରେ ପଙ୍ଖା ନେଇ ଆସିଛି । ସୁଶୀଲ୍ ଠାରୁ ଶୁଣିଥିଲି, ସିଏ ଯେତେ ବୁଝାଇଥିଲେ ସୁଦ୍ଧା ବାବୁ ଜିଦ୍‌କରି ପଙ୍ଖାଟି କିଣିଥିଲା । ମାଛବାଲାଠାରୁ ମାଛର ଦାମ୍ ଶୁଣିଲା ପରେ କେମିତି କେଜାଣି ତା ମୁଣ୍ଡ ଭିତରେ ଧାରଣା ହେଇଥିଲା ଯେ ମାଛ ଏକ ମହାର୍ଘ୍ୟ ବସ୍ତୁ । ଯଦିଓ ବୟସ ସେତେବେଳେ ଥିଲା ତାର ଜନ୍ମାରୁ ପାଞ୍ଚବର୍ଷ ଏବଂ ଅର୍ଥନୀତିର ଘୋର ପେଞ୍ଚ ବୁଝିପାରିଲା ଅବସ୍ଥାରେ ତାର ଅପରିଣତ ମସ୍ତିଷ ପହଞ୍ଚି ନଥିଲା ଆଦୌ ।

ସେଇ ଯେ ମାଛ କିଣିବାକୁ ଯାଇ ପଙ୍ଖା ନେଇ ଆସିଥିଲା, ସେ ସ୍ୱଭାବ ଆଉ କୌଣସି ଦିନ ବଦଳିଲାନି । ପିଲାନୀରେ ଇଞ୍ଜିନିୟରିଂ ପଢ଼ିଲାବେଳେ ଥରେ କହିଥିଲି ମୋ ପାଇଁ ଗୋଟିଏ ରାଜସ୍ଥାନୀ ଟାଇ ଆଣ୍ଡ ଡାଇ ଶାଢ଼ୀ ଆଣିଦେବା ପାଇଁ । ପିଲାନୀ ଥିଲା ରାଜସ୍ଥାନରେ । ସ୍ଥାନୀୟ କାରିଗରମାନେ ଚମତ୍କାର ବାନ୍ଧନୀ ଶାଢ଼ୀ ବିକ୍ରୀ କରୁଥିଲେ । ପାଉଥିବା ଏନ୍. ଟି. ଏସ. ସ୍କଲାରସିପ୍ ପଇସାରୁ ଛୁଟିରେ ଆସିଲାବେଳେ କିଣି ଆଣିଲା ମୋ ପାଇଁ ଅତି ସରାଗରେ ଶାଢୀଟିଏ । ବହୁତ ଖୋଜି ଖୋଜି ପସନ୍ଦ ମୁତାବକ୍ ଶାଢୀଟିଏ



Digitized by srujanika@gmail.com

ପାଇଲା ବୋଲି ବାହାଦୂରୀ ବି କାଢ଼ିଲା । ନାଲିରଂଗର ଟେରିକଟ୍ ଶାର୍ଟଟି ପ୍ୟାକେଟ୍‌ରୁ ଖୋଲିପକାଇ ମେଲେଇ ଧରିଲା ମୋ ସାମ୍‌ନାରେ । ଦେଖତ ମାମା ! ବଢ଼ିଆ ହେଇନି ? କି ଚମତ୍କାର ଡିଜାଇନ୍‌ର କାମ ହେଇଚି ତା ଦେହସାରା ! ତାକୁ ଖୁସି କରିବା ପାଇଁ ଶାର୍ଟଟିର ପ୍ରଶଂସା କରିଥିଲି । କିନ୍ତୁ ଦିନକପାଇଁ ବି ତାକୁ ପିନ୍ଧିପାରିନଥିଲି । କାରଣ ଶାର୍ଟଟି ଚଉଡାରେ ଥିଲା ନିହାତି ସାନ । ଆସୁଥିଲା ମାତ୍ର ବକ୍ଷ ଗଣ୍ଠି ଯାଏ । କାଟି କାଟି ଅନେକଗୁଡିଏ ବ୍ଲାଉଜ୍ ଓ ଗୋଟିଏ ମାକ୍ସିସିଲେଇ କରିଥିଲି ଶେଷ ପର୍ଯ୍ୟନ୍ତ ।

ଆଇ.ଆଇ.ଟି.ରେ ଏମ୍. ଟେକ୍ କଲାବେଳେ ଥରେ ଆସିଥିଲା ଭୁବନେଶ୍ୱର । ଦିନେ ସନ୍ଧ୍ୟାବେଳେ ମତେ ବେଶ୍ ଭୋକ ଲାଗିଲା । ଘରେ ବିଶେଷ କିଛି ଶୁଖିଲା ଜଳଖିଆ ନଥିଲା । ଦୌଡିଯାଇ ବଜାରରୁ ନେଇ ଆସିଲା ଦୁଇକେଜି ହବ ଭୁଜିୟା- ନରମ ଓ ଗମରାଗନ୍ଧର । ଦୋକାନୀ ପୁରୁଣା ଜିନିଷ ଗତେଇ ଦେଇଥିଲା । ଆଉଦିନେ ମିଠା ଆଣିବାକୁ ଯାଇ କିଣି ଆଣିଲା ପ୍ୟାକେଟ୍ ଭର୍ତ୍ତି ଟାଣ ଟାଣ ପୁରୁଣା ବେସନର ବରଫି-ପୂରା ପୂରି ବିସ୍ୱାଦ । ସ୍ୱାଭାବିକ ଭାବରେ ତେଣୁ ତାକୁ କେବେ କିଛି ଜିନିଷ ଆଣିବାକୁ କହୁନଥିଲି । ଗାର୍ହସ୍ଥ୍ୟ ଧର୍ମ ଯେ ଭବିଷ୍ୟତରେ ସଫଳତାର ସହ ସଂପାଦନ ସିଏ କରିବ, ସେ ସଂପର୍କରେ ସନ୍ଦିହାନ ହେଉଥିଲି ମଧ୍ୟ ।

ତେବେ ଗୋଟିଏ ଜିନିଷ ସିଏ ବେଶ୍ ଭଲଭାବରେ ଦରଦାମ୍ କରି କିଣି ପାରୁଥିଲା- ବହି । ବହି ନିଶା ଥିଲା ପ୍ରବଳ ଏବଂ କିଣିବାରେ ଥିଲା ବେଶ୍ ପାରଂଗମ ।

ଦିଲ୍ଲୀରେ ଥିଲାବେଳେ ସ୍କୁଲରେ ପାଠ ପଢୁଥିଲା । ପ୍ରତ୍ୟେକ ରବିବାର ଜିଦ୍ କରୁଥିଲା ଦରିଆଗଞ୍ଜ ଯିବାପାଇଁ । ଦରିଆଗଞ୍ଜ ଫୁଟ୍‌ପାଥରେ ରବିବାର ଦିନ ପସରାମେଲାଇ ସେକେଣ୍ଡହ୍ୟାଣ୍ଡ ବହିବିକାଳିମାନେ ବସୁଥିଲେ । ପୁରୁଣା ବହି ସବୁ ମିଳୁଥିଲା ପାଞ୍ଚଦଶଟଂକାରେ । ଘଣ୍ଟା ଘଣ୍ଟା ବିତାଇ ପାରୁଥିଲା ସେଠି । ଖୋଜି ଖୋଜି ମୂଲ କରି ଶସ୍ତାରେ କିଣୁଥିଲା ଭଲ ଭଲ ବହିସବୁ- ଦର୍ଶନଠାରୁ ଆରମ୍ଭ କରି ପଦାର୍ଥ ବିଜ୍ଞାନ ପର୍ଯ୍ୟନ୍ତ । ଅମୂଲ୍ୟ ରତ୍ନପରି ସେ ବହି ସବୁ ଦୁଇହାତରେ ଜାବୁଡି ଧରି ଝଲମଲ୍ ମୁହଁରେ ଫେରି ଆସୁଥିଲା ଘରକୁ ।

ଦିଲ୍ଲୀରେ ଆମଘର ପାଖରେ ଥିଲା ପ୍ରଗତି ମଇଦାନ୍ । ମଝିରେ ମଝିରେ ଦିଲ୍ଲୀ ପୁସ୍ତକ ମେଳା ଓ ବିଶ୍ୱ ବହି ମେଳା ବସୁଥିଲା ସେଠି । ଷ୍ଟଲ୍‌ମାନଙ୍କ ମଝିରେ ଖାଲି ପଡିଥିବା ଜାଗାରେ କିମ୍ବା ଖୋଲା ଘାସ ଉପରେ ପୁରୁଣା ବହି ସବୁ ଠୁଳ କରି ବିକୁଥିଲେ ସାନ ସାନ ବେପାରୀ । ଟଂକେ ଦୁଇଟଙ୍କା ଦାମ୍ । ବେଶୀ ଭାଗ ବହିଥିଲା ବେକାର । ଭଲବହିଟିଏ ତହିଁରୁ ବାଛିବା ଥିଲା ବେଶ୍ କଷ୍ଟସାପେକ୍ଷ ଏବଂ ସମୟ ସାପେକ୍ଷ । ତାର କିନ୍ତୁ ଥିଲା ଅସୀମ ଧୈର୍ଯ୍ୟ । ସେ ପ୍ରକାଣ୍ଡକାୟ ବହିସ୍ତୂପ ସାମ୍‌ନାରେ ଚକା ପକାଇ ବସି ପାଗଳଙ୍କ ପରି ଅଣ୍ଟାଳି କେଉଁ କନ୍ଦିରୁ ବାହାର କରି ଆଣୁଥିଲା ମଲାଟଛିଡା ସୁଖପାଠ୍ୟ ବହି ସବୁ ।



Digitized by srujanika@gmail.com

ସ୍ଥଳବିଶେଷରେ ଦୁର୍ମୂଲ୍ୟ ମଧ୍ୟ । ଅପର୍ଯ୍ୟାପ୍ତ ସମୟ ବିତାଇ ପାରୁଥିଲା ସେଠି । ଦ୍ୱିପହର ମଉଳି ସଂଜ ହେଉଥିଲା । ସଂଜବଢ଼ି ହେଉଥିଲା ରାତି । ବହିମେଳା ସରିବାର ନିର୍ଦ୍ଧାରିତ ସମୟ ରାତି ଆଠଟା ଯାଏ ପରମ ଆନନ୍ଦରେ ବହି ଖୋଜି ଲାଗୁଥିଲା ସେଠି । ଘରକୁ ଆସି ଦୁଇଟି ଲେଖାଏଁ ବହି ଆମହାତକୁ ବଢାଇ ଦେଇ କହୁଥିଲା । ପାପା ! ତମକୁ ଏଇ ଦିଟା ବହି ଭଲ ଲାଗିବ । ଆଉ ମାମା ! ଜେରାଲ୍ଡ ଡରେଲ୍ଙ୍କର ଏହି ଦିଟା ବହି ତମପାଇଁ । ପଶୁପକ୍ଷୀ ଓ ଜୀବଜନ୍ତୁଙ୍କ ସଂପର୍କରେ ଲେଖା ଜେରାଲ୍ଡ ଡରେଲ୍ ଓ ଜେମ୍ସ୍ ହାରିଅଟ୍ଙ୍କ ଚମତ୍କାର ବହି ସବୁ ପଢ଼ିବା ସିଏ ଇ ଶିଖାଇଥିଲା ମୋତେ । ଶିଖାଇଥିଲା ସାଇନ୍ସ ଫିକ୍ସନ୍ ପଢ଼ିବା, ଶିଖାଇଥିଲା ଶେର୍‌ଲକ୍ ହୋମ୍ସଙ୍କ ଲେଖାସବୁ ଉପଭୋଗ କରିବା । ତାର ଖରିଦ୍‌ଦାରୀ ଆରମ୍ଭ ହେଉଥିଲା ବହିଠାରେ, ଶେଷ ମଧ୍ୟ ହେଉଥିଲା ବହିଠାରେ । ବାକି ଜିନିଷ କିଣିଲାବେଳେ ପ୍ରମାଣ ଦେଉଥିଲା ନିଜ ଅପଟୁତାର ।

ଏମ୍. ଟେକ୍. ପରେ ବୃତ୍ତି ପାଇ ଆମେରିକା ଗଲା ପି.ଏଚ୍.ଡି କରିବା ପାଇଁ । ପାଠ ପଢ଼ିବା ଭିତରେ ଥରେ ଆସିଥିଲା ଘରକୁ । ବୃତ୍ତି ପଇସାରୁ ସଂଚୟ କରି ଅନେକ ସାନ ସାନ ଉପହାର କିଣି ଆଣିଥିଲା ଆମପାଇଁ । ଅର୍ଦ୍ଧେକ ଜିନିଷ ତହିଁରୁ ଥିଲା ଆମପାଇଁ ଅଦରକାରୀ । ଯେମିତିକି ବିନୟଙ୍କ ପାଇଁ ଆଣିଥିବା ଟୋପିଲଗା ସ୍ନୋ ଜାକେଟ୍‌ଟି, ଭୁବନେଶ୍ୱରର ସ୍ୱଳ୍ପ ଶୀତରେ ତାର ପ୍ରୟୋଜନୀୟତା ନ ଥିଲା । ସେଇଭଳି ଅପ୍ରୟୋଜନୀୟ ଥିଲା ମୋ ପାଇଁ ଆଣିଥିବା ଷ୍ଟକିଙ୍ଗ୍ସ, ଫାନ୍ସି ଚପ୍ପଲ ଓ ଲିପଷ୍ଟିକ୍ ନେଲ୍‌ପଲିସ୍‌ର ସେଟ୍ । ଅଧାଜିନିଷ ବନ୍ଧୁବାନ୍ଧବଙ୍କୁ ବାଣ୍ଟିଥିଲୁ ।

କାଳକ୍ରମେ ପି.ଏଚ୍.ଡି ସରିଗଲା ତାର । ସେଠାର ଏକ ଉନ୍ନତମାନର ବିଶ୍ୱବିଦ୍ୟାଳୟରେ ହେଇଗଲା ଅଧ୍ୟାପକ । ପୁତ୍ରବଧୂ ସ୍ମିତା ମଧ୍ୟ ସେଠାରେ ଏମ୍. ଏସ୍. କରି ଉକ୍ତ ବିଶ୍ୱବିଦ୍ୟାଳୟରେ କଂପ୍ୟୁଟର ଗ୍ରାଫିକ୍ସ ବିଭାଗରେ ଚାକିରି ପାଇଲା । ଏକଦା ମାଛ ବଦଳରେ ପଙ୍ଖା କିଣିଥିବା ମୋର ସେଇ ଅବୋଧ ପୁତ୍ରଟି ସାଂସାରିକ ଅର୍ଥରେ ହେଇଗଲା ସମର୍ଥ ଓ ବିତ୍ତବାନ । ରୋଜଗାର ଅନେକ ଡ଼ଲାର । ନିଜର ଘର, ଦୁଇ ଦୁଇଟି ଗାଡି । ବେଶ୍ ସ୍ୱଚ୍ଛଳ ଅବସ୍ଥା ।

ଚାକିରି କରିବାର ବର୍ଷକ ପରେ ଦିନେ ଫୋନ୍‌ରେ କହିଲା- ମାମା ! ତମେ ଜୀବନରେ ମୋତେ କେବେ କିଛି ମାଗିନ । ଏବେ ତ ମୁଁ ଉପାର୍ଜନକ୍ଷମ, ପଇସାର ଅଭାବ ନାହିଁ । ତମର କଅଣ ଦରକାର କୁହ ।

- ନାଇଁରେ, ମୋର କିଛି ଦରକାର ନାହିଁ । ତମେ ଦୁଇଜଣ ବରଂ ସୁବିଧା ଦେଖି ଥରେ ଆସି ବୁଲିଯାଅ । ମୁଁ କହିଲି ।

- ଆମେ ଯାଉ ଯାଉ ଆହୁରି ବର୍ଷେ । ତେବେ ମୋର ଗୋଟିଏ ସାଙ୍ଗ ଇଣ୍ଡିଆ ଯାଉଛି । ଯାହା କହିବ ତା ହାତରେ ପଠେଇ ଦେବି । ନହେଲେ ଭାବିଚିନ୍ତି ଯଦି ପରେ



Digitized by srujanika@gmail.com

କହିବ, ଗଲାବେଳେ ମୁଁ ସାଥିରେ ନେଇଯିବି । ଯାହା ମାଗିବ ତାହା ଦେଇପାରିବି ଏବେ ।

- ଯାହା ମାଗିବି ତାହା ଦେବୁ ? ମୁଁ ହସିହସି ପଚାରିଲି ।

- ନିଶ୍ଚୟ । ତମେ ମାଗିକି ଦେଖ ତ ଥରେ !

- ଆକାଶରୁ ଜହ୍ନ ତୋଳିକି ଆଣି ଦେଇପାରିବୁ ମତେ ? ମୁଁ ପରିହାସ ମିଶ୍ରିତ ଗଳାରେ କହିଲି । ବାବୁ ରାଗିଲା । କହିଲା- ମୁଁ ଜାଣିଥିଲି ପରା ! ତମେ କେବେହେଲେ ସିଧାସଳଖ ଜବାବ୍ ଦବନି ।

ଦୁଇବର୍ଷ ପରେ କାଲି ରାତିରେ ବାବୁ ଆସି ପହଞ୍ଚିଛି ଘରେ- ସପରିବାର ! ବିନୟ ଏୟାର୍ ପୋର୍ଟ ଯାଇଥିଲେ ତାକୁ ଆଣିବାପାଇଁ । ମୋର ଘରକାମ ସରିନଥିଲା । ଏତେ ଦିନ ପରେ ପୁଅ ମୋର ଆସୁଥିଲା । ତା ମନପସନ୍ଦ ତରକାରୀ, ପାୟସ ରାନ୍ଧୁଥିଲି । ରନ୍ଧାବଢ଼ା କାମରେ ବ୍ୟସ୍ତ ରହି ମୁଁ ଘରେ ରହିଗଲି । ଏୟାରପୋର୍ଟ ଯାଇ ପାରିଲିନି ।

ଘରେ ପହଞ୍ଚି,ଚାଇନାକଣ୍ଢେଇ ସଦୃଶ ଦିଶୁଥିବା ତା ଶିଶୁ କନ୍ୟାଟିକୁ ମୋ କୋଳକୁ ବଢ଼େଇ ଦେଇ ବାବୁ କହିଲା- ମାମା ! ତମେ ବର୍ଷକତଳେ ମତେ ଗୋଟେ ଜିନିଷ ମାଗିଥିଲ ମନେ ଅଛି ?

- ତତେ ପୁଣି କେବେ କଅଣ ମାଗିଲି ? କାଇଁ ମନେପଡୁନିତ ! ମୁଁ ଉତ୍ତର ଦେଲି

- ବାଃ ! ଫୋନ୍‌ରେ କହିନଥିଲ ମତେ ? ଭୁଲିଗଲଣି ?

- କାଇଁ କିଛି ତ ସେମିତି କହିଥିବାର ମନେପଡୁନି ମୋର । ଭାବି ଭାବି ଉତ୍ତର ଦେଲି ।

- ମାମା ! ତମେ ବି ! ଆକାଶରୁ ଜହ୍ନ ତୋଳି ଆଣିଦେବା ପାଇଁ କହିନଥିଲ ମତେ ?

- ସିଏ ତ ଏମ୍ତି ମଜାରେ କହିଥିଲି ।

- ତମେ ସିନା ମଜାରେ କହିଥିଲ । ମୁଁ କିନ୍ତୁ ସତକୁ ସତ ଆକାଶର ଜହ୍ନ ତୋଳିକି ଆଣିଦେଇଛି ତମପାଇଁ । ବାବୁ ଚମତ୍କାର ହସ ହସି ତାର ଶିଶୁକନ୍ୟାଟିକୁ ତର୍ଜନୀ ନିର୍ଦ୍ଦେଶ କରି ଦେଖାଇଦେଲା ।

ମୋ କୋଳରେ ବସିଥିବା ସଜଳହୁଣୀ ବର୍ଣ୍ଣର ମୋର ସୁଡୌଲ ପୌତ୍ରୀର ମୁହଁଟିକୁ ଚାହିଁଲି । ସମୟ ବୁଝି, ଗଜୁରି ଆସୁଥିବା ଦୁଧ ଦାନ୍ତ ଦୁଇଟି ଦେଖାଇ ଭାରି ମନଲୋଭା ହସଟିଏ ହସିଦେଲା ସିଏ । ତାର ତୋରା ଗାଲ ମଝିରେ ଭଉଁରୀ ଖେଳିଉଠିଲା, ଠିକ୍ ତା ଜେଜେମା ପରି ।

ଦେଖିଲି, ସତକୁ ସତ ମୋ ଘରକୁ ହାଲୋଳ କରି, ଆକାଶର ଜହ୍ନ ଓହ୍ଲାଇ ଆସିଥିଲା ମୋ କୋଳକୁ ।

(ନଭେମ୍ବର, ୨୦୦୧)

❑❑❑



Digitized by srujanika@gmail.com

# ଆମେରିକାନ୍ ପୁତ୍ରଟି ପାଇଁ

ଯୁଗ ଯୁଗ ଧରି ଅନିନ୍ଦିତ ରୂପଲାବଣ୍ୟର ଅଧିକାରୀ ରୂପେ ପ୍ରସିଦ୍ଧି ଲାଭ କରିଥିବା ଗ୍ରୀକ୍ ଦେବତା ଆପୋଲୋଙ୍କର ଚେହେରା କିପରି ହେଇଥିବ, ତାହା ମୁଁ ସନ୍‌କୁ ଦେଖି କିଛି ପରିମାଣରେ ଅନ୍ଦାଜ୍ କରି ପାରିଥିଲି । ସୌନ୍ଦର୍ଯ୍ୟ ଓ ମାଧୁର୍ଯ୍ୟର ଏକ ଆନୁପାତିକ ସମ୍ମିଶ୍ରଣ ଥିଲା ତା ଚେହେରାରେ ।

କ୍ଷୀର ସର ପରି ତ୍ୱକ୍‌ର ବର୍ଣ୍ଣ । ଛ ଫୁଟ୍ ଲମ୍ବା ସ୍ୱାସ୍ଥ୍ୟବାନ୍, ସୌଷ୍ଠବମୟ ଚେହେରା । ନୀଳ ଆଖି ଓ ସୁନେଲୀ କେଶ । ହସିଦେଲେ ଈଷତ୍ ଗୋଲାପି ଓଠ ଫାଙ୍କରୁ ସତେ ଅବା ବୁନ୍ଦାବୁନ୍ଦା ମହୁ ଝରି ପଡୁଥିଲା- ଟୁପ୍‌ଟୁପ୍ ହେଇ । ସ୍ୱଭାବ ଏତେ ବେଶୀ ନମ୍ର ଓ ଏତେ ବେଶୀ ଧୀର ଯେ ତାକୁ ଦେଖିସାରିଲା ପରେ, ସାଧାରଣ ଆମେରିକୀୟ ଯୁବପୀଢ଼ି ପ୍ରତି ମୋ ମନରେ ଦାନାବାନ୍ଧିଥିବା ଧାରଣା - ଯେ ସେମାନେ ସ୍ୱାଭାବିକ୍ ଭାବରେ ବେଶ୍ ଉଦ୍ଧତ ଓ ଅବାଧ - ସଂପୂର୍ଣ୍ଣ ରୂପେ ପରିବର୍ତ୍ତିତ ହୋଇଥିଲା ।

ପଚିଶ୍ ବର୍ଷର ସନ୍ ଫାର୍ମର ଥିଲା ମିସିଗାନ୍ ଷ୍ଟେଟ୍ ୟୁନିଭର୍ସିଟିର କଲେଜ ଅଫ୍ ଏଜୁକେସନରେ ପି.ଏଚ୍.ଡି କରୁଥିବା ଅନିନ୍ଦ୍ୟକାନ୍ତି ଯୁବକ । ଗବେଷଣା କରୁଥିଲା ମୋ ଅଧ୍ୟାପକ ପୁତ୍ରର ଦିଗ୍‌ଦର୍ଶନରେ । ତେଣୁ ଘରକୁ ଆସୁଥିଲା ପ୍ରାୟ ପ୍ରତ୍ୟେକ ଦିନ । ଆମେରିକାରେ ଅଧ୍ୟାପକମାନଙ୍କୁ ନାଁ ଧରି ଡାକିବାର ଚଳଣୀ ଅନୁଯାୟୀ ମୋ ପୁଅ ବବିକୁ ସମ୍ବୋଧନ କରୁଥିଲା ପୁଣ୍ୟ ବୋଲି ।

ପ୍ରତ୍ୟହ ସନ୍ଧ୍ୟାରେ ଘରକୁ ଆସି, ସନ୍ ପ୍ରଥମେ ପ୍ରବେଶଦ୍ୱାର ପାଖରେ ରଖା ହେଇଥିବା ଷ୍ଟାଣ୍ଡ ଉପରେ ତା ଧବ୍ ଧବ୍ ସାଦା କାନ୍‌ଭାସ୍ ଜୋତା ଦୁଇଟି ଖୋଲି ରଖୁଥିଲା ଓ ସିଧା ସିଢ଼ି ଚଢ଼ି ଯାଉଥିଲା ଉପର ମହଲାକୁ । ସେଠାରେ ତିନିବର୍ଷର ପୌତ୍ର ସୋନୁର ଫୁଟେ ଉଞ୍ଚର ଖଟରେ ଚିତ୍ ହେଇ ଶୋଇ ଆରାମ କରୁଥିଲା କିଛି ସମୟ । ତାପରେ ତଳକୁ ଓହ୍ଲାଇ ଆସି, ତଳେ କାର୍ପେଟ୍ ଉପରେ ବସି ଟି.ଭି ଦେଖୁଥିଲା । କିନ୍ତୁ ନିରବଚ୍ଛିନ୍ନ ଭାବରେ ଟି.ଭି. ଦେଖିବା କେବେ ବି ସମ୍ଭବ ହେଇପାରୁ ନଥିଲା ତା ପାଇଁ । କାରଣ



Digitized by srujanika@gmail.com

ସୋନୁ ତା କାନ୍ଧରେ ଚଢ଼ି ଓ ପିଠିରେ ଆଉଜି ତାକୁ ବାଧ୍ୟ କରୁଥିଲା ତା ସହିତ ଖେଳିବାପାଇଁ । ଟି.ଭି. ଚାଲୁଥିଲା ତା ବାଟରେ । ସନ୍ ଖେଳୁଥିଲା ସୋନୁ ସହିତ । ଖେଳି ଖେଳି ମନ ଭରିଗଲେ, ଝୁଲାରେ ଶୋଇଥିବା ଛ ମାସର ମାନୁର ତୁଲ୍‌ତୁଲ୍ ଗାଲକୁ ଚିପି ତା ସହିତ କିଛି ସମୟ କଥା କହୁଥିଲା ସନ୍ ।

ପିଲାମାନଙ୍କ ସହିତ ଖେଳ ସରିଗଲା ପରେ, ବେସ୍‌ମେଣ୍ଟରେ ଥିବା ବବିର ଅଫିସ୍ ରୁମ୍‌କୁ ଯାଇ ବବି ସହିତ ପଢ଼ାଶୁଣା ଆଲୋଚନା କରୁଥିଲା । କଂପ୍ୟୁଟରରେ କିଛି କାମ କରୁଥିଲା ମଧ୍ୟ । ଶେଷକୁ ବିରାଟକାୟ ମଗ୍‌ରେ ମଗେ କ୍ରିମର୍‌ମିଶା କଫି ପିଇ ବିଦାୟ ନେଉଥିଲା ରାତି ନଅଟାରେ । କଦବା କେମିତି ଡିନ୍‌ର ଖାଇଯାଉଥିଲା ଘରେ ।

ସନ୍‌ର ଏଇ ନିୟମାନୁବର୍ତ୍ତିତାରେ ପରିବର୍ତ୍ତନ ଆସିଥିଲା ମୁଁ ଆମେରିକା ଗଲା ପରେ । ପ୍ରଥମ ଦିନ ମତେ ଦେଖି ଭୁଲିଗଲା ଉପର ମହଲାକୁ ଯିବାପାଇଁ । ମୋ ପାଖରେ ବସି ଗପ କରିଲାଗିଲା ମୋ ସହିତ, ଅଜସ୍ର ପ୍ରଶ୍ନ ପଚାରିଲା ଭାରତବର୍ଷ ସଂପର୍କରେ । ମତେ ବତେଇଲା ତା ପାଠ ପଢ଼ା କଥା ଓ ତା ପରିବାରର ସଦସ୍ୟମାନଙ୍କ କଥା । ଅନେକ ରାତିରେ ଯେତେବେଳେ ଫେରିଯିବାକୁ ଉଦ୍ୟତ ହେଲା, ମୁଁ ତା ମୁଣ୍ଡ ଆଉଁଷି ଆଶୀର୍ବାଦ କଲି । ସନ୍ ଅବାକ୍ ଆଖିରେ ଚାହିଁଲା ମତେ ।

ପରଦିନ ବବି ୟୁନିଭର୍ସିଟିରୁ ଫେରି ମତେ କହିଲା- ମାମା ! ସନ୍ ତମକୁ ଭେଟି ଭାରି ଖୁସି ହେଇଛି । ଆଜି ମତେ କହୁଥିଲା, ତୁମକୁ ନ ଦେଖିଥିଲେ କୁଆଡେ ଭାରତବର୍ଷର ମା' ମାନଙ୍କ ସଂପର୍କରେ ତାର ବହୁତ କଥା ଅଜଣା ରହିଯାଇଥାଆନ୍ତା । ମତେ କହୁଥିଲା, ପୁଣ୍ୟ ! ତୁମ ମା' ଭାରି ସ୍ନେହଶୀଳା ।

ସେ ଦିନ ସନ୍ଧ୍ୟାବେଳେ ନିତ୍ୟନୈମିତ୍ତିକ ରୁଟିନ୍ ଅନୁଯାୟୀ ସନ୍ ଆସି ପହଞ୍ଚିଲା ଘରେ । ପ୍ରାରମ୍ଭିକ ବାର୍ତ୍ତାଳାପ ପରେ ହଠାତ୍ ଲାଜ ଲାଜ କରି କହିଲା- ମୁଁ ଆପଣଙ୍କୁ ମା' ବୋଲି ଡାକିପାରେ ? ଆପଣ ଆପତ୍ତି କରିବେନି ତ ?

ମୁଁ କହିଲି- ତମେମାନେ ତ ମା' କୁ ମମ୍ ବା ମମି ବୋଲି ଡାକିବାରେ ଅଭ୍ୟସ୍ତ ।

- ମୁଁ କିନ୍ତୁ ଆପଣଙ୍କୁ ମା' ବୋଲି ଡାକିବି । ପୂରାପୂରି ଭାରତୀୟ ରୀତିରେ ।

- ତୁ ମା' ବୋଲି ଡାକିଲେ ମୁଁ ନିଶ୍ଚିତ ରୂପେ ଖୁସିହେବି । ମୁଁ ଉତ୍ତରଦେଲି ।

ସନ୍ ସେଇଦିନଠୁ, ମୋର କନିଷ୍ଠ ପୁତ୍ରର ଭୂମିକାଟି ବେଶ୍ ସଚ୍ଚୋଟ ଭାବରେ ପାଳନ କରିବାକୁ ଲାଗିଲା । ବାର୍ତ୍ତାଳାପ ପ୍ରସଂଗରେ ତାହାରି ଠାରୁ ଇ ଶୁଣିଲି । ତାର ଜନ୍ମ ନାବ୍ରାସ୍କା ସହରରେ । ସେ ସହରଟିର ନାଁ ଏବେ ଆଇଡାହୋ । ସାରା ଆମେରିକାରେ

Digitized by srujanika@gmail.com

କୁଆଡେ ଆଇଡାହୋ ଆଳୁଚାଷ ପାଇଁ ପ୍ରସିଦ୍ଧ । ସେଠି ଗୋଟିଏ ଅପରୂପା ନଦୀ ଅଛି- ସ୍ନେକ୍ । ଆଇଡାହୋ କୁଆଡେ ଭାରି ପଥୁରିଆ ଜାଗା ଥିଲା ଆଗେ । କଂକରିଳ ଓ ଅନୁର୍ବର । ସାନ ସାନ ଧୂସର ପାହାଡରେ ଭର୍ତ୍ତି । ଜନସଂଖ୍ୟା ବୃଦ୍ଧି ପାଇଲା ପରେ ସେଠାକାର ଅଧିବାସୀ ମାନେ କୁଆଡେ ଗୋଟିଏ ଗୋଟିଏ ନିର୍ଦ୍ଦିଷ୍ଟ ଇଲାକାକୁ ପୋଷ୍ୟରୂପେ ଗ୍ରହଣ କରି, ତହିଁରେ ବୃକ୍ଷଲତା ଓ ଦୁବଘାସ ରୋପଣ କରିବାକୁ ଆରମ୍ଭ କରିଥିଲେ । କାଳକ୍ରମେ ନଗରୀଟି ଶ୍ୟାମଶ୍ରୀମଣ୍ଡିତ ହେବାକୁ ଆରମ୍ଭ କରିଥିଲା । ବର୍ତ୍ତମାନ କୁଆଡେ ତାହା ପାଦପ ଓ ମାଳଞ୍ଚଘେରା ଏକ ସୁଶ୍ରୀ ସବୁଜ ନଗରୀ ।

- ତୋ ବାପାଙ୍କ ନାଁ କଅଣ ? କଅଣ କରନ୍ତି ସିଏ ? ସନ୍‌କୁ ପଚାରିଲି ।

-ମୋ ବାପାଙ୍କ ନାଁ ଡ଼େଭିଡ୍ । ଡ଼େଭିଡ୍ ଫାର୍ମର । ସିଏ  ଚର୍ଚ୍ଚରେ ପାଦ୍ରୀ କାମ କରନ୍ତି । ଖାଲି ସମୟରେ ଅର୍ଥୋପାର୍ଜନ ପାଇଁ ଟ୍ରକ୍‌ରେ ଲଦି ଜିନିଷ ବୁହନ୍ତି ମଧ୍ୟ । ମୋ ମା'  ସାରନ୍ ମଧ୍ୟ କାମ କରନ୍ତି ସେଇ ଚର୍ଚ୍ଚରେ । ପ୍ରାର୍ଥନା ସମୟରେ ପିଆନୋ ବଜାଇ ଗୀତ ଗାଆନ୍ତି ସେଠି ।

- ଆଉ ତୋ ଭଉଣୀ ?

- ଭଉଣୀ ଡନ୍ ମୋ ଠାରୁ ଦୁଇବର୍ଷ ସାନ । ବାହା ହୋଇଯାଇଛି । ତା ସ୍ୱାମୀ ମାର୍କ ଗୋଟିଏ ସ୍କୁଲ୍‌ରେ ବିଜ୍ଞାନଶିକ୍ଷକ । ଡନ୍ ମଝିରେ ମଝିରେ କ୍ରିସ୍‌ଚିଆନ୍ କ୍ୟାମ୍ପମାନଙ୍କରେ କାମ କରେ ।

- କ୍ରିସ୍‌ଚିଆନ୍ କ୍ୟାମ୍ପ ମାନେ ?

- ଖରାଛୁଟିରେ ସ୍କୁଲପିଲାମାନେ କ୍ୟାମ୍ପ କରି ବିଭିନ୍ନ ସ୍ଥାନକୁ ବୁଲିବାକୁ ଯାଆନ୍ତି । ସେତେବେଳେ ଡନ୍ ସେଇ ସବୁ କ୍ୟାମ୍ପର କାର୍ଯ୍ୟଭାର ସମ୍ଭାଳିଥାଏ ।

- ତତେ ଏଠି ଏକା ଲାଗେନି ? ଘର ଛାଡି ରହିଚୁ ।

- ଏକା ଏକା ରହିବାର ଅଭ୍ୟାସ ହେଇଗଲାଣି, ପ୍ରଥମେ ପଢୁଥିଲି ମିସୌରୀରେ । ଏଠିକି ଏବେ ଦୁଇବର୍ଷ ହେଲା ଆସିଛି । ତେବେ ଏଠି ମିସୌରୀ ଅପେକ୍ଷା କମ୍ ଏକାକୀତ୍ୱ ଅନୁଭବ ହେଉଛି ମତେ । ପ୍ରଥମତଃ ପୁଣ୍ୟ ଓ ସ୍ମିତା ମତେ ଏକରକମ୍ ପରିବାରର ସଦସ୍ୟ ରୂପେ ଗ୍ରହଣ କରିନେଇଛନ୍ତି । ଦ୍ୱିତୀୟରେ ମୋର ଗୋଟିଏ ପୋଷ୍ୟ ସାନଭାଇ ବି ଅଛି ।

- ପୋଷ୍ୟ ସାନ ଭାଇ ? ମୁଁ ଆଶ୍ଚର୍ଯ୍ୟ ଆଖିରେ ଚାହିଁଲି ସନ୍‌କୁ ।

- ହଁ ମା' ! ଆମର ଏଠି ଗୋଟିଏ ଚମତ୍କାର ବ୍ୟବସ୍ଥା ଅଛି । ଚର୍ଚ୍ଚ ତରଫରୁ



Digitized by srujanika@gmail.com

ଗୋଟିଏ ଦୁଃସ୍ଥ ପରିବାର କିମ୍ବା ପିଲାସହିତ କୁଟୁମ୍ବିତା କରିବାର । ମୁଁ ଗୋଟିଏ କିଶୋର ବାଳକର ବଡଭାଇ ହେଇଛି । ଭାରି ଗରିବ ସେମାନେ । ପିଲାଟିର ପିତା ମୃତ । ଚାରୋଟି ଛୁଆଙ୍କୁ ନେଇ ତା ମା' ଭାରି ଦୁଃଖରେ ଦିନ କାଟନ୍ତି । ମୁଁ ମଝିରେ ମଝିରେ ତାଙ୍କ ଘରକୁ ଯାଏ । ସେ ପିଲାଟିକୁ ସାଥିରେ ଧରି ଫୁଟ୍‌ବଲ୍ ଖେଳିବାକୁ କିମ୍ବା ବରଫରେ ସ୍କେଟିଂ କରିବାକୁ ନେଇଯାଏ । ଚକୋଲେଟ୍ କିଣିଦିଏ । ପିଲାଟି ଭାରି ଭଲପାଏ ମତେ ।

- ମତେ ତାଙ୍କ ଘରକୁ ନେଇଯିବୁ ?

- ନାଇଁ ମା' ! ତମକୁ ନେଲେ ହୁଏତ ତା ମା'ଙ୍କୁ ଖରାପ ଲାଗିବ । ସେମାନେ ଭାରି ଦରିଦ୍ର । ଭାବିବେ ବୋଧହୁଏ ସେମାନଙ୍କର ଦୁଃସ୍ଥ ଓ ବିପନ୍ନ ଅବସ୍ଥା ଦେଖାଇବା ପାଇଁ ମୁଁ ତୁମକୁ ନେଇଯାଇଛି । ଯେତେହେଲେ ତମେ ବିଦେଶୀ ତ !

- ମୁଁ କିନ୍ତୁ ଗୋଟିଏ ଆମେରିକାନ୍ ପରିବାର ସହିତ କିଛି ସମୟ ବିତାଇବାକୁ ଚାହୁଁଥିଲି ।

- ଓ ! ଏଇ କଥା । ମୁଁ ତମକୁ ମୋ ଢେଙ୍କେବାପା ଓ ଢେଙ୍କେମା'ଙ୍କ ଘରକୁ ନେଇଯିବି । ଜିମ୍ ଓ ଜୟସ୍ ଫାର୍ମର ଏଇଠି ପାଖରେ ରହନ୍ତି । ତମକୁ ଦେଖିଲେ ଭାରି ଖୁସିହେବେ ସେମାନେ ।

ସନ୍ ତା କଥା ଅନୁସାରେ ଜେମ୍‌ସ୍ ଓ ଜଏସ୍‌ଙ୍କ ଘରକୁ ମତେ ନେଇଯାଇଥିଲା ସାଥିରେ । ପୂରା ଗୋଟିଏ ଦିନ ବିତାଇଥିଲି ସେମାନଙ୍କ ସହିତ ।

ଫେରନ୍ତା ବାଟରେ ସନ୍ କହିଲା- ମା' ! ମୋ ଘରଟି ଏଇଠି ପାଖରେ । ଗୋଟିଏ ସାନଘର ଭଡା ନେଇ ମୁଁ ରହେ ।

- ଚାଲ୍ ତା ହେଲେ ତୋ ଘର ଦେଇ ଯିବା, ମୁଁ କହିଲି । ସନ୍ କିନ୍ତୁ ସେତେବେଳେ ତା ଘରକୁ ମତେ ନେବାପାଇଁ ଥିଲା ସଂପୂର୍ଣ୍ଣରୂପେ ନାମଙ୍ଗ । କହିଲା, ଜମ୍ମା ନୁହେଁ, ବ୍ୟାଚେଲର୍‌ର ଘର । ଯାହା ଅପରିଚ୍ଛନ୍ନ ଓ ଅସଜଡା ହେଇ ପଡିଥିବ !

ମୁଁ କହିଲି - ପଡିଥାଉନା ! ମୁଁ ତ ଆଉ କୁଣିଆ ନୁହେଁ, ବରଂ ମତେ ନେଇଚାଲ୍, ମୁଁ ତୋ ଘର ସଜାଡି ଦେବି । ସନ୍ କିନ୍ତୁ କୌଣସି ମତେ ରାଜି ହେଲାନି ମତେ ନେବାପାଇଁ । କହିଲା- ମା' ! କାଲି ସନ୍ଧ୍ୟାରେ ତିଆର୍ ହେଇ ରହିଥିବ । ୟୁନିଭର୍ସିଟିରୁ ଫେରିଲାବେଳକୁ ମୁଁ ତମକୁ ସାଥିରେ ନେଇ ଆସିବି ।

ତା କଥା ଅନୁସାରେ ପରଦିନ ଗୋଧୂଳି ବେଳାରେ ତା ଘରକୁ ମତେ ନେଇ ଯାଇଥିଲା



Digitized by srujanika@gmail.com

ସନ୍, ଉତ୍ସାହର ଆତିଶଯ୍ୟରେ ତୀବ୍ର ବେଗରେ ଗାଡିଚଳାଇ । ମୁଁ କହିଲି- ଗାଡି କେବେ କିଣିଲୁ ? ତୁ ତ ବୃତ୍ତିଟଂକାରେ ପାଠପଢୁଚୁ, ଏତେ ଟଂକା ପାଇଲୁ କେଉଁଠୁ ?

ସନ୍ କହିଲା- ଏଇ ପଣ୍ଟିଆକ୍ ଗାଡିଟି ସେକେଣ୍ଡ ହାଣ୍ଡ ମାଁ । ଅଠରଶହ ଡଲାର ଦେଇ କିଣିଛି । ପଇସା ତକ ବାପାଙ୍କଠୁ ଧାର ଆଣିଛି । ରୋଜଗାର କଲେ ଫେରାଇଦେବି ।

ଅଧଘଣ୍ଟାଏ ପରେ ସନ୍‌ର ସୁଦୃଶ୍ୟ ପଣ୍ଟିଆକ୍‌ଟି ଯାଇ ଠିଆହେଲା ଏକ ବିରାଟ ଘାସ ପଡିଆ ପାଖରେ । ପଡିଆ ଚାରିପଟେ ବୃତ୍ତାକାରରେ ସାନ ସାନ ତିନିମହଲା କୋଠାଘର ସବୁ । ତନ୍ମଧ୍ୟରୁ ଦୁଇମହଲାରେ ଥିବା ଗୋଟିଏ ଘରର ଚାବି ଖୋଲି ସନ୍ କହିଲା- ୱେଲ୍‌କମ୍ ହୋମ୍ ।

ଘରଟି ଅତ୍ୟନ୍ତ ପରିଷ୍କାର । ବୁଝିପାରିଲି ମୁଁ ଆସିବି ବୋଲି ସନ୍ ଘରଟିକୁ ସୁସଂଯତ ଓ ନିର୍ମଳ କରିବା ପାଇଁ ଅନେକ ପରିଶ୍ରମ କରିଛି । ସନ୍ ମତେ ବୁଲେଇ ବୁଲେଇ ତା ଘର ଦେଖାଇବାକୁ ଲାଗିଲା । ଡ୍ରଇଂରୁମ ଓ ଦୁଇଟି ସାନ ସାନ ବେଡରୁମ୍ । ସାଥିରେ କିଚେନ୍ ଓ ବାଥ୍‌ରୁମ୍ । ଡ୍ରଇଂରୁମ୍‌ରେ ନରମ ସୋଫା । ଥାକରେ ଅନେକଗୁଡିଏ ଫ୍ରେମବନ୍ଧା ରଂଗିନ ଫୋଟୋଗ୍ରାଫ୍ । ସନ୍ ଗୋଟି ଗୋଟି କରି ଚିହ୍ନା କରାଇଦେଲା- ତା ପିତାମାତା, ଭଉଣୀ ଡନ୍ ଓ ତା ପତି ମାର୍କ । ଗୋଟିଏ ବେଡରୁମ୍‌ରେ ସ୍ପ୍ରିଂଦିଆ ବହଳ ଗଦିର ଖଟ । ଲୁଗାପଟା ରଖିବା ପାଇଁ ଆଲ୍‌ମାରୀ । ଅପର ବେଡ୍‌ରୁମ୍‌ଟିରେ ଖେଳକସ୍‌ରତ୍‌ର ସରଞ୍ଜାମ ଭର୍ତ୍ତି । ବୁଝି ପାରିଲି ସନ୍ ଏଇ ବଖରାଟି ତାର ଜିମ୍ ହିସାବରେ ବ୍ୟବହାର କରେ ।

ଘର ସାମ୍‌ନାରେ ଥିବା ସାନ ବାଲ୍‌କୋନିଟିରେ ଚାରୋଟି ବେତଚୌକୀ । ଚୌକୀରେ ବସି ଲାନ୍‌ସିଂ ନଗରୀର ବିଦ୍ୟୁତାଲୋକରେ ଝଲ୍‌ମଲ୍ କରୁଥିବା ସ୍ୱର୍ଗୀୟ ଶୋଭା ନିରୀକ୍ଷଣ କରିବାକୁ ଲାଗିଲି । ଫ୍ରିଜ୍ ଖୋଲି ସନ୍ ଶୀତଳ କମଳାଲେମ୍ବୁ ରସ ଆଣି ରଖିଲା ସାମ୍‌ନାରେ । ଜୁସ୍ ପିଉ ପିଉ ପଚାରିଲି- ଅନେକ ଜିନିଷ ତ ରଖିଚୁ ଘରେ, ଯାକୁ ସବୁ କିଣିଲୁ କେମିତି ? ସ୍କଲାର୍‌ସିପ୍ ଟଙ୍କାରେ ?

ସନ୍ କହିଲା, ନାଇଁ ମାଁ ! ଏଘରେ ଯାହା ସବୁ ଦେଖୁଚ ସବୁ ଗ୍ୟାରେଜ୍ ସେଲ୍‌ରୁ କିଣା । ଏଇ ଚାରୋଟି ଚୌକୀ ଓ ଟେବ୍‌ଲ୍‌ଟି ମାତ୍ର ଦଶ ଡଲାର୍ । ଆଉ ସେଇ ବିରାଟ ମିଉଜିକ୍ ସିଷ୍ଟମ୍‌ଟି ପାଞ୍ଚ ଡଲାର୍ ।

- ଏତେ ଶସ୍ତା ? ଗ୍ୟାରେଜ ସେଲ୍ ଜିନିଷଟି କଅଣ ମତେ ଟିକିଏ ବୁଝେଇଦେଲୁ, ମୁଁ କହିଲି । ସନ୍ କହିଲା- ଆମେରିକାନ୍‌ମାନେ ବହୁତ ବେଶି ଘରକରଣା ଜିନିଷ କିଣନ୍ତି । ହର୍‌ଦମ୍ ନୂଆ ନୂଆ କିସମ୍‌ର ଜିନିଷ ଆସୁଛି ବଜାର୍‌କୁ । ଦରଦାମ୍ ବି ଶସ୍ତା । ଫଳତଃ



Digitized by srujanika@gmail.com

କେଇଟା ବର୍ଷରେ ଅନେକ ପୁରୁଣା ଜିନିଷ ଜମିଯାଏ ଘରେ । ତାକୁ ଲୋକେ ଫିଙ୍ଗିବେ ବା କେଉଁଠି ? ଗୋଟିଏ ଜାଗା ଛାଡି ଅନ୍ୟଜାଗାକୁ ଯିବା ସମୟରେ ମଧ୍ୟ ଜିନିଷପତ୍ର ବୋହି ନେଇଯିବାର ଖର୍ଚ୍ଚ ଅପେକ୍ଷା ନୂଆ ଜିନିଷ କିଣିବା ଅପେକ୍ଷାକୃତ ଶସ୍ତା ହେଇପଡେ । ଲୋକମାନେ ତେଣୁ ମଝିରେ ମଝିରେ ଗ୍ୟାରେଜ୍ ସେଲ୍ କରି ଜିନିଷ ବିକ୍ରି କରିଦିଅନ୍ତି । କେହି କେହି ଚର୍ଚ୍ଚକୁ ଦାନ କରିଦିଅନ୍ତି ମଧ୍ୟ । ଚର୍ଚ୍ଚ ତାହା ଦୁଃସ୍ଥ ଲୋକମାନଙ୍କ ଭିତରେ ବାଣ୍ଟିଦିଏ । ଗ୍ୟାରେଜ ସେଲ୍‌ରେ ଚମତ୍କାର ଜିନିଷ ସବୁ- କଂପ୍ୟୁଟର ଠାରୁ ଆରମ୍ଭ କରି କଣ୍ଟା ଚାମଚ ପର୍ଯ୍ୟନ୍ତ, ଖଟପଲଙ୍କଠାରୁ ଆରମ୍ଭ କରି ଇଲେକ୍‌ଟ୍ରିକ୍ ଇସ୍ତ୍ରୀ ପର୍ଯ୍ୟନ୍ତ, ସବୁ ମିଳେ । ବିଶ୍ୱବିଦ୍ୟାଳୟର ଛାତ୍ରମାନେ ପ୍ରାୟତଃ ଗ୍ୟାରେଜସେଲ୍‌ରୁ ଜିନିଷ କିଣନ୍ତି । ସେକେଣ୍ଡ୍‌ହ୍ୟାଣ୍ଡ ଅବଶ୍ୟ- କିନ୍ତୁ ସବୁ ଭଲ, ନୂଆ ଭଳିଆଁ ।

- ଆହା ! ମୁଁ ଟିକିଏ ଗ୍ୟାରେଜ୍ ସେଲ୍ ଦେଖନ୍ତି ! ମତେ ଗୋଟିଏ ଗ୍ୟାରେଜ୍ ସେଲ୍‌କୁ ନେଇ ଯାଇପାରିବୁ ? ମୁଁ ସନ୍‌କୁ କହିଲି ତା ପରଦିନଠାରୁ କ୍ରମାଗତ ଖବରକାଗଜର ବିଜ୍ଞାପନ ଖୋଜି ଖୋଜି ପରିବର୍ତ୍ତୀ ରବିବାର ଦିନ ମତେ ଗୋଟିଏ ଗ୍ୟାରେଜ୍ ସେଲ୍‌କୁ ନେଇଗଲା ସନ୍ ।

ନଭେମ୍ବରର ଏକ ମିଠା, ନରମ୍ ସକାଳେ ଗାଡି ଚଲେଇ ପହଞ୍ଚିଲୁ ଯାଇ ନଗରର ମଧ୍ୟବର୍ତ୍ତୀ ଇଲାକା ଗ୍ଲେନ୍‌ଉଡ୍‌ର ଏକ ସୁଦୃଶ୍ୟ ଘର ସାମ୍‌ନାରେ । ଘର କଡରେ ଥିବା ଗ୍ୟାରେଜ୍‌ରେ ଓ ସାମ୍‌ନା ଘାସ ଲନ୍‌ରେ ସ୍ତୂପୀକୃତ କରା ଯାବତୀୟ ଗୃହସ୍ଥଳୀର ସରଞ୍ଜାମ- ଇସ୍ତ୍ରୀ, ମିକ୍ସି, ବିଭିନ୍ନ ପ୍ରକାରର ଜୋତା, ଲେସ୍‌ପର୍ଦ୍ଦା, ସ୍ୱେଟର୍, ଜାକେଟ୍, ଖେଳଣା, ବହି, ଟ୍ରାଇସାଇକ୍‌ଲ, ପ୍ରାମ୍, କାସାରୋଲ୍, ରକିଙ୍ଗ୍ ଚେୟାର୍, ଡିନର୍ ସେଟ୍, ବିଭିନ୍ନ ଘର ସଜେଇବା ଜିନିଷ- ଗୋଟିଏ କଥାରେ ଏଭଳି ଜିନିଷ ନାହିଁ ଯାହା କି ସେଠି ନମିଳିବ, ପ୍ରତ୍ୟେକଟି ଜିନିଷ ଉପରେ ଦାମ୍ ଲେଖା । ଜଣେ ଦିଜଣ କରି ଭଦ୍ରବ୍ୟକ୍ତି ଓ ମହିଳା ଆସି ନିଜ ପସନ୍ଦ ମୁତାବକ୍ ଜିନିଷ ବାଛି ନେଇଯାଉଛନ୍ତି ।

ସ୍ତୂପୀକୃତ ଅଜସ୍ର ସ୍ୱେଟର ଭିତରୁ ସନ୍ ଗୋଟିଏ ପୂରାହାତ କଫିରଂଗର ସ୍ୱେଟର ବାଛି ପିନ୍ଧି ପକାଇଲା ସାଙ୍ଗେ ସାଙ୍ଗେ । ଦାମ୍ ମାତ୍ର ପଚିଶ୍ ଶିଲିଂ । ସନ୍ ପଇସା ଦେଲାବେଳେ ମୁଁ କହିଲି- ଥାଉ, ଡଲାର୍‌ର ଚାରିଭାଗରୁ ଭାଗେ ଦାମ୍, ଆମ ହିସାବରେ ଚାରଣା ମାତ୍ର । ମୁଁ ଦେଇଦେଉଛି ।

ଘରର ମାଲିକ ଏବଂ ତାଙ୍କର ପତ୍ନୀ ଉଦ୍‌ଫୁଲ୍ଲତାର ସହିତ ବସିବା ପାଇଁ ଚୌକୀଟିଏ ଅର୍ପଣକଲେ ମତେ । ବତେଇଲେ ସେମାନଙ୍କର ନାଁ- ଯଥାକ୍ରମେ ରନ୍ ଏବଂ ବନି । ପରିଚୟ କରାଇଦେଲେ ପାଖରେ ଖେଳୁଥିବା କିଶୋରୀ କନ୍ୟା ସାମନ୍ଥା ଏବଂ ଷ୍ଟିଫାନି ତଥା ଶିଶୁପୁତ୍ର



Digitized by srujanika@gmail.com

ମାଥିଉ ଏବଂ ମାର୍କ ସହିତ । କହିଲେ ତାଙ୍କ ପରିବାରର ଅନ୍ୟ ଏକ ସଦସ୍ୟ- ତାଙ୍କ ପ୍ରିୟ ମାର୍ଜାର ଷ୍ଟର୍ମି ଏବେ ଅନୁପସ୍ଥିତ ।

ବାର୍ତ୍ତାଳାପରୁ ଜାଣିଲି ରନ୍ ଏକ ଚର୍ଚ୍ଚରେ ପାଦ୍ରୀ କାମ କରନ୍ତି । ପିଲାମାନଙ୍କୁ ନେଇ ପ୍ରତିବର୍ଷ ଗୋଟିଏ ନୂଆଜାଗାକୁ ବୁଲିଯିବାରେ ତାଙ୍କର ଭାରି ସଉକ୍ । ଭବିଷ୍ୟତରେ ଭାରତବର୍ଷ ଆସିବାର ମଧ୍ୟ ଯୋଜନା ଅଛି ।

ମୁଁ କହିଲି- ଏତେ ଶସ୍ତାରେ ଜିନିଷ ସବୁ ବିକ୍ରୀ କରୁଛନ୍ତି । ଏହାତ ଏକରକମ ମାଗଣା ବିତରଣ କଲାଭଳିଆ, କଅଣ ବା ପଇସା ମିଳୁଥିବ ଏଥିରୁ ?

ରନ୍ କହିଲେ- ଆପଣଙ୍କ କଥା ଠିକ୍ । ତେବେ ପଇସା ପାଇଁ ନୁହେଁ, ଘରର ଜଞ୍ଜାଳ କମ୍ କରିବାପାଇଁ ଏଇ ଗ୍ୟାରେଜ୍ ସେଲ୍ । ଘରେ ଧୀରେ ଧୀରେ ଜିନିଷ ଜମି ଯାଉଛି । ଏତେ ଜିନିଷ କରିବୁ ବା କଅଣ ? ଫିଙ୍ଗିବୁ କେଉଁଠି ? ଏଠିତ ରାସ୍ତା ଘାଟରେ ଆବର୍ଜନା ଫିଙ୍ଗି ହବନି । କେଇମାସ ତଳେ ନୂଆ ସୋଫାଟିଏ କିଣିଲୁ । ପୁରୁଣା ସୋଫାଟିକୁ ଗାଡିରେ ନେଇ ଆବର୍ଜନା ରଖିବା ପାଇଁ ଉଦ୍ଦିଷ୍ଟ ସ୍ଥାନଟିରେ ରଖି ଦେଇ ଆସିଲୁ । ପରଦିନ ଗାଡି ଆସି ଉଠେଇ ନେଇଥିବ । କଫି ପିଇ ରନ୍ ଏବଂ ବନିଙ୍କଠାରୁ ବିଦାୟ ନେଇ ଆସୁ ଆସୁ ବେଶ୍ ବିଳମ୍ବ ହେଲା ସେଦିନ ।

ଫେରନ୍ତା ରାସ୍ତାରେ ସନ୍ କହିଲା- ମା ! ଚାଲ ୟୁନିଭର୍ସିଟି ବାଟ ଦେଇ ଯିବା । ତମେ ବୋଧେ ଜାଣିନ । ମିସିଗାନ୍ ଷ୍ଟେଟ୍ ୟୁନିଭର୍ସିଟି ଭିତର ଦେଇ ନଈଟିଏ ବହିଯାଇଛି- ୟୁନିଭର୍ସିଟି କ୍ୟାମ୍ପସ୍‌ଟି ଏଇ ନଈଦ୍ୱାର ଦୁଇଭାଗରେ ବିଭାଜିତ । ପାର୍ ହେବା ପାଇଁ ଅନେକଗୁଡିଏ ପୋଲ ଅଛି । ନଈଘାଟରେ ଅଜସ୍ର ବତକ । ସନ୍ତରଣମଗ୍ନ ସେ ସବୁ ବତକ ଦେଖିଲେ ଭାରି ଖୁସି ଲାଗିବ ତମକୁ । ଚାଲ ତମକୁ ବୁଲେଇ ଆଣିବି ।

-ଠିକ୍ ଅଛି, ଚାଲ୍ । ଆଜି ତ ଛୁଟି ଦିନ । ତୋର କାମ ବି ଏମ୍ତି କମ୍- ମୁଁ କହିଲି ।

ନଈକୂଳେ ଗାଡି ରଖି ପଥର ବନ୍ଧା ଘାଟ ଆଡେ ମୁହାଁଇଲା ସନ୍ । ସାଥିରେ ମୁଁ । ଦେଖିଲି- କେନାଲ୍ ପରି ଅପ୍ରଶସ୍ତ ଓ ଅଗଭୀର ନଦୀଟିଏ । ଦୁଇକୂଳେ ଅଜସ୍ର ଗଛଲତା । ସେ ନୂଆଁଣିଆ ଗଛମାନଙ୍କର ଛାଇପଡି ସେ ନଦୀର ପାଣି ଦିଶୁଛି କଳାମିଶା ନୀଳ । କଳକଳ ନାଦରେ ରୂପାରଂଗୀ ଫୁଆରା ଛୁଟାଇ ସେ ଜଳପ୍ରପାତରୁ ପାଣି ଖସିପଡୁଛି ତଳକୁ । ନଈ ମଝିରେ ବିରାଟକାୟ ଶିଳାଖଣ୍ଡମାନ ରଖି ସୃଷ୍ଟି କରାହେଇଛି ଏକ କୁନି କୃତ୍ରିମ ଜଳପ୍ରପାତ ଏବଂ ସେ ଜଳପ୍ରପାତରୁ କିଛି ଦୂରରେ, ଅପେକ୍ଷାକୃତ ଅଚଞ୍ଚଳ ସ୍ରୋତରେ ସନ୍ତରଣରତ ସହସ୍ରାଧିକ ବତକ । ତୁଠପାଖର ଭ୍ରମଣକାରୀମାନେ ସାଥିରେ



Digitized by srujanika@gmail.com

ନେଇଥିବା ପାଉଁରୁଟିକୁ ଖଣ୍ଡ ଖଣ୍ଡ କରି ପାଣିକୁ ପକାଉଛନ୍ତି । ଏବଂ ସେ ବତକମାନେ, ପାରଂଗମ ବୁଡାଳି ପରି ପାଣିଭିତରେ ଟୁପ୍ କରି ବୁଡିଯାଇ ପହଞ୍ଚି ଯାଉଛନ୍ତି ସେ ରୁଟିଟୁକଡା ପାଖରେ । ଥଣ୍ଟରେ ଧରି ସେ ରୁଟିକୁ ଚର୍ବଣ କରିଲାଗିଛନ୍ତି ମହାଆନନ୍ଦରେ । ମୁଗ୍ଧ ଆଖିରେ ସେ ଦୃଶ୍ୟ ଉପଭୋଗ କରିବାକୁ ଲାଗିଲି । ଭାରି ସ୍ୱପ୍ନିଳ, ଭାରି ମଧୁମୟ ଥିଲା ସେ କେତୋଟି ମୁହୂର୍ତ୍ତ । ସନ୍ ତା କ୍ୟାମେରାଟି ଜଣେ ଭ୍ରମଣାର୍ଥୀଙ୍କୁ ଦେଇ ତାଙ୍କୁ ଅନୁରୋଧ କଲା ଆମଦୁଇଜଣଙ୍କର ଗୋଟିଏ ଫଟୋ ଉଠାଇ ଦେବାପାଇଁ । ନଦୀକୁ ପଛ କରି ଆସି ଠିଆ ହେଲା ମୋ ପାଖରେ ମୋ ହାତ ଧରି ।

ଫେରିଆସିଲା ବେଳକୁ କଲେଜ ଅଫ୍ ଏଜୁକେସନ୍ ସାମ୍ନାରେ ଦେଖାହେଲା ହସ୍‌କୁରୀ ଝିଅ ଲିସା ସହିତ । ସନ୍ ପରିଚୟ କରାଇଦେଲା- ଇଏ ଲିସା, ନିଉୟର୍କର । ଏଠି ହଷ୍ଟେଲ୍‌ରେ ରହି ପି.ଏଚ୍.ଡି କରୁଛି । ମୋ ଆଡକୁ ତର୍ଜନୀ ବଡାଇ କହିଲା- ଲିସା, ଇଏ ଆମ ଅଧ୍ୟାପକ ପୁଣ୍ୟଙ୍କର ମା' । ଲିସା କହିଲା, ରିଏଲି ? ହ୍ୱାଟ୍ ଏ ପ୍ଲେଜାଣ୍ଟ ସର୍‌ପ୍ରାଇଜ୍ ! କଲେଜ୍ ସାମ୍ନା ପାଇନ୍ ଗଛତଳ ବେଞ୍ଚରେ ବସି ଅନେକ ଗପ କଲା ଲିସା । ଲିସା ଗୋଡରେ ରୂପାମୁଦି ପିନ୍ଧିଥିଲା । ମୁଁ କହିଲି- ତୁ ଏ ମୁଦି କେଉଁଠୁ ପାଇଲୁ ? ଇଏତ ଆମ ଭାରତବର୍ଷର ଗହଣା ।

ଲିସା କହିଲା- ମୋର ଗୋଟିଏ ପଞ୍ଜାବୀ ସାଙ୍ଗ ଅଛି, ସପ୍‌ନା । ସିଏ ମୋ ପାଇଁ ଇଣ୍ଡିଆରୁ ଆଣିଦେଇଛି । କିଛିସମୟ ଅଟକି ମୃଦୁ ହସି କହିଲା- ମୁଁ କିନ୍ତୁ ବହୁତ ଭାରତୀୟ ଶବ୍ଦ ଜାଣେ । ସପ୍ନାଠାରୁ ଶିଖିଛି ।

- କଅଣ ସବୁ ଶବ୍ଦ ଜାଣିଚୁ କହିଲୁ ! ମୁଁ ପଚାରିଲି । ମୁଖସ୍ଥ କଲାପରି ଲିସା ପଟ୍‌ପଟ୍ କହିଗଲା- ବେଟା, ଚଲୋ, ଠିକ୍ ହୈ, ଜୀ ହାଁ । ମୁଁ ତା ପିଠି ଥାପୁଡାଇ କହିଲି- ବାଃ, ଏଇତ ! ଭାରତୀୟ ଭାଷା ଉପରେ ବେଶ୍ ଜ୍ଞାନ ଅଛି ତୋର ।

ଲିସାଠୁ ବିଦାୟ ନେଇ ଘରେ ଆସି ପହଞ୍ଚିଲାବେଳକୁ ଦି ପ୍ରହର । ସ୍ମିତାର ରନ୍ଧାବଢ଼ା ସରିଥିଲା । ମୁଁ ସନ୍‌କୁ କହିଲି- ଆଜି ଆମଘରେ ପୂରାପୂରି ଭାରତୀୟ ଖାଦ୍ୟ । ଏଇଠି ଲଞ୍ଚ୍ କରିଦେଇକି ଯା । ସନ୍ ଆରାମ୍‌ରେ ଡାଇନିଂଟେବ୍‌ଲ ପାଖେ ଚୌକୀଟିଏ ଆବୋରି ବସିପଡିଲା ଆମ ସାଥିରେ ।

ଭାତ ଓ ଡାଲି ସ୍ୱାଦିଷ୍ଟ ଲାଗିଲା ତାକୁ । ପାମ୍ପଡ୍ ଭଜାଟି କେମିତି ଖାଆନ୍ତି ଜାଣି ପାରିଲାନି ଏବଂ ଚାମଚରେ ଟିକିଏ କଞ୍ଚାଲଙ୍କା ମିଶା ଧନିଆଚଟଣୀ ଖାଇ ଧାର ଧାର ଲୁହ ଗଡାଇ ଲାଗିଲା ଆଖିରୁ ।



Digitized by srujanika@gmail.com

ଆସିଲା ଆଗଦିନ ସନ୍ କହିଲା- ମାଁ ! ତମେ ଚାଲିଯାଉଛ । ତମକଥା ଭାରି ମନେପଡିବ ମୋର, ତମ ସାଥିରେ ପୁଣି କେବେ ଦେଖାହବ କିଏ ଜାଣେ ?

ମୁଁ କହିଲି- ଦେଖା କାହିଁକି ହବନି ? ତୁ ବାହା ହେଇ ସାରିଲେ ତୋ ସ୍ତ୍ରୀକୁ ନେଇ ମୋ ପାଖକୁ ଆସିବୁନି କି ?

ମୋ କଥା ଶୁଣି ସନ୍ କିଛି ସମୟ ନୀରବ ହେଇକି ବସିରହିଲା । ତା ପରେ ବିଷଣ୍ଣ କଣ୍ଠରେ କହିଲା- ମାଁ ! ମୁଁ ଏବେ ପାଠ ପଢୁଛି । କେତୋଟି ଟଂକା ମାତ୍ର ବୃତ୍ତିପାଏ । ମୋର ବେଶି ପଇସା ନାହିଁ । ଆଶୀର୍ବାଦ କର ଯେମିତି ମୁଁ ବି ଦିନେ ପୁଣ୍ୟ ପରି ଅଧ୍ୟାପକ ହୁଏ । ପୁଣ୍ୟପରି ଟଂକା ରୋଜଗାର କରେ । ତମେ ଜାଣ ମାଁ , ମୋର ଭବିଷ୍ୟତରେ ପଇସା ହେଲେ ପ୍ରଥମ କଥା ମୁଁ କଅଣ କରିବି ? ମୁଁ ଭୁବନେଶ୍ୱର ଆସିବି ତମ ସାଥିରେ ଦେଖା କରିବାକୁ । ତମ କହିବା ଅନୁସାରେ ମୋ ସ୍ତ୍ରୀକୁ ସାଥିରେ ଧରି । ମୁଁ କହିଲି- ନିଶ୍ଚୟ ଆସିବୁ । ମୁଁ ଦୁବ, ଅରୁଆଚାଉଳ ଓ ବରକୋଳି ପତ୍ର ପକାଇ ବନ୍ଦାପନା କରିକି ବରଣ କରିବି ତତେ ଓ ମୋ ପୁତ୍ରବଧୂକୁ ।

ସନ୍ କହିଲା- କଅଣ କରିବ ମାଁ ?

ମୁଁ କହିଲି- ଥାଉ, ତୁ ଏବେ ବୁଝିପାରିବୁନି । ଆସିଲେ ଜାଣିବୁ ।

(ଅକ୍ଟୋବର, ୨୦୦୨)

□□□



Digitized by srujanika@gmail.com

# ପରଦେଶୀ ବନ୍ଧୁ ମୋର

ବବ୍‌ଙ୍କର ଦୁର୍ଘଟଣାଟି ଘଟିଥିଲା ଉଣିଶ ଶହ ଅଠାନବେ ମସିହା ମାର୍ଚ୍ଚ ମାସ ସତର ତାରିଖ ଦିନ- ଏକ ମେଘମେଦୁର ସନ୍ଧ୍ୟାରେ । ଦୁଇ ତିନିଦିନ ହେଲା ଝିପିଝିପି ବର୍ଷା ଲାଗିରହିଥିଲା ଏବଂ ସେଇ ଶୀତପ୍ରଦ ସାୟାହ୍ନରେ ଜମିଉପରେ ଜମା ହୋଇ ରହିଥିବା ବର୍ଷାପାଣି ଜମାଟ ବାନ୍ଧି ଧୀରେ ଧୀରେ ବରଫ ହେବାକୁ ଆରମ୍ଭ କରିଥିଲା ।

ଛଅଷଠି ବର୍ଷୀୟ ବବ୍ ତାଙ୍କର ପୋଷ୍ୟ ଘୋଡାମାନଙ୍କୁ ଖାଦ୍ୟ ଦେବାପାଇଁ ଘରୁ ବାହାରିଥିଲେ । ଘରଟି ଥିଲା ଗୋଟିଏ ଟିଲାଉପରେ । ଟିଲାରୁ ଗଡାଣିଆ ହୋଇ ବ୍ୟାପି ରହିଥିଲା ତାଙ୍କର ମାଇଲ୍ ମାଇଲ୍ ଚାଷ ଜମି ଓ ଫଳବଗିଚା । ଫାର୍ମ ଭିତରେ ଗାଡି ଯାଇ ପାରିଲା ଭଳିଆ ରାସ୍ତା । ଘରଠାରୁ ସାମାନ୍ୟ ଦୂରରେ, ଉଚ୍ଚ କାଠବାଡ଼ ସେପଟେ ଅଶ୍ୱମାନଙ୍କର ବାସସ୍ଥଳୀ ଓ ଚାରଣଭୂମି । ଘୋଡାମାନଙ୍କ ପାଇଁ ଖଳାବାରିରେ ବନ୍ଧା ହୋଇ ରଖାହୋଇଥିବା ବିରାଟକାୟ ନଡାବିଡାରୁ ଗୋଟିଏ ଆଣିବାପାଇଁ ଟ୍ରାକ୍ଟର ବାହାର କରିଥିଲେ ବବ୍ । ନଡାବିଡା ତଳୁ ଉଠାଇ ଟ୍ରାକ୍ଟରରେ ରଖିବା ପାଇଁ ସ୍ୱୟଂଚାଳିତ ଫର୍କ ଟ୍ରାକ୍ଟର ଦେହରେ ଖଞ୍ଜା ହୋଇଥିଲା ।

ଏବଂ ସେଇ ନଡାବିଡାଟି ଉଠାଇଲା ବେଳେ ଘଟିଲା ଦୁର୍ଘଟଣାଟି । କର୍ଦ୍ଦମାକ୍ତ ଜମିଉପରେ ଟ୍ରାକ୍ଟରର ଚକ ଘୁଷୁରି ଚଳମାନ ଟ୍ରାକ୍ଟରଟି ଯାଇ ପିଟି ହୋଇଥିଲା ରାସ୍ତା କଡରେ ପଡି ଥିବା ଏକ ବିରାଟକାୟ ଶିଳାଖଣ୍ଡରେ । ଟ୍ରାକ୍‌ଟରଟି ମୁହୂର୍ତ୍ତକରେ ହୋଇଯାଇଥିଲା ଚୂର୍ଣ୍ଣ ବିଚୂର୍ଣ୍ଣ ।

ବବ୍‌ଙ୍କର ଜ୍ଞାନ ହେଲା ବେଳକୁ ସିଏ ଟ୍ରାକ୍ଟରରୁ ଖସି ମାଟିରେ ପଡିରହିଥିଲେ । ମୁଣ୍ଡ ଫାଟି ଯାଇଥିଲା- ନାକରୁ ଓ ପାଟିରୁ ପ୍ରଚୁର ରକ୍ତ କ୍ଷରଣ ହେଉଥିଲା । ଶରୀର ଥିଲା ଯନ୍ତ୍ରଣାମୟ ଓ ଅସାଡ । ଅତ୍ୟନ୍ତ କ୍ଷୀଣ ସ୍ୱରରେ ହେଲପ୍ ହେଲପ୍ ବୋଲି ଦୁଇଥର ଚିତ୍କାର କରିଥିଲେ । କିନ୍ତୁ ସେ ଆର୍ତ୍ତନାଦ ଘର ପର୍ଯ୍ୟନ୍ତ ପହଞ୍ଚି ପାରିନଥିଲା । କେବଳ ତାଙ୍କର ପୋଷ୍ୟ ଘୋଡାମାନେ ସେ ଶବ୍ଦଶୁଣି ଅଧୀର ଚିତ୍ତରେ କାଠବାଡ ସେପଟେ



Digitized by srujanika@gmail.com

ବ୍ୟତିବ୍ୟସ୍ତ ହୋଇ ଦୌଡିବାକୁ ଲାଗିଲେ- ସେମାନେ ଖୁରାର ଆଘାତରେ ଚାରଣ ଭୂଇଁକୁ ଆଉ ଟିକିଏ କର୍ଦ୍ଦମାକ୍ତ କରି ।

ତାଙ୍କ ଦେହର ପ୍ରତ୍ୟେକ ଆଉନ୍ସ ଶକ୍ତିକୁ ଏକାଠି କରି ଏବଂ ପେଟରେ ଘୁଷୁରି ଘୁଷୁରି ଘର ଆଡକୁ ଆସିଥିବା ରାସ୍ତାର କିଛି ଅଂଶ ବବ୍ ଅତିକ୍ରାନ୍ତ କରିଥିଲେ ଓ ତା ପରେ ଈଶ୍ୱରଙ୍କ ହାତରେ ନିଜକୁ ସମର୍ପଣ କରି ମୃତବତ୍ ପଡିରହିଲେ ମାଟିରେ ।

ଆଶ୍ଚର୍ଯ୍ୟର କଥା- ଠିକ୍ ଏତିକି ବେଳେ ତାଙ୍କର ତେର ବର୍ଷର ପୌତ୍ର ରବର୍ଟ, ପଡିଶାଘର ସାଥି ଜୋରଷ୍ଟ ସାଥିରେ ଭିଡିଓ ଗେମ ଖେଳିବାକୁ ଯିବ ବୋଲି ମନସ୍ଥ କରି ଘର ବାହାରକୁ ଆସିଥିଲା ଏବଂ ସନ୍ଧ୍ୟାର ନିଃଶବ୍ଦତା ଭେଦ କରି ଦୂରରୁ ଭାସିଆସୁଥିବା ବବ୍‌ଙ୍କର କ୍ଷୀଣ କଣ୍ଠସ୍ୱର ଶୁଣିବାକୁ ପାଇଥିଲା । ଆମ୍ବୁଲାନ୍ସ ଡକାଇ ବବ୍‌କୁ ହସ୍‌ପିଟାଲ୍ ଆଣିଲା ବେଳକୁ ତାଙ୍କର ଚେହେରା ହୋଇଉଠିଥିଲା ଭୟଙ୍କର ଓ ବିକୃତ । ମୁହଁଟି ଆକାରରେ ହୋଇଯାଇଥିଲା ବଡ ମାପର ଫୁଟ୍‌ବଲ୍ ପରି । ବାମପଟ ଛାତିଟି ଅପର୍ଯ୍ୟାପ୍ତ ପରିମାଣରେ ଫୁଲି, ଡାହାଣପଟ ଛାତିଠାରୁ ହୋଇଯାଇଥିଲା ଚାଖଣ୍ଡେ ଉଞ୍ଚ । ଡାକ୍ତର ମାନେ କହିଥିଲେ ବବ୍‌ଙ୍କର ସବୁତକ ପଞ୍ଜରାହାଡ ତଥା ମେରୁଦଣ୍ଡର କିଛି ହାଡ ବର୍ତ୍ତମାନ ଭଗ୍ନ ଅବସ୍ଥାରେ । ପଞ୍ଜରାର ହାଡମାନ ବାମପଟ ଫୁସ୍‌ଫୁସକୁ କଣାକରି ତା ଭିତରେ ପଶିରହିଛନ୍ତି । ସାରା ଶରୀରର ମାଂସ ପେଶୀ ଓ ରକ୍ତନାଡୀ ଏଠି ସେଠି ଦୀର୍ଣ୍ଣବିଦୀର୍ଣ୍ଣ । ବିଶେଷଜ୍ଞମାନଙ୍କ ମତରେ ବଞ୍ଚିବାର ଆଶା ଥିଲା ବହୁତ କମ୍ ।

କିନ୍ତୁ ଡାକ୍ତରମାନଙ୍କର ତଥା ବନ୍ଧୁକୁଟୁମ୍ବଙ୍କର ସମସ୍ତ କଳନାକୁ ଭୁଲ୍ ପ୍ରମାଣ କରି ବବ୍ ବଞ୍ଚିଉଠିଲେ ଏବଂ ବର୍ତ୍ତମାନ ଏକ ସୁସ୍ଥ ଓ ସାଧାରଣ ଜୀବନ ଯାପନ କରୁଥିଲେ ।

କାହାଣୀଟି ବବ୍ ହସ୍‌ପିଟାଲ୍‌ରେ ବସି ଶୁଣାଇଥିଲେ ମୋତେ- ମୋ ସହିତ ଆଳାପ ହେବା ପରେ ପରେ । ହସପିଟାଲରେ ବବ୍ ନିଜେ ହିଁ ଆସି ଅଯାଚିତ ଭାବରେ ଆଳାପ ଆରମ୍ଭ କରିଥିଲେ ମୋ ସହିତ ।

ଆଇ.ସି.ୟୁ.ର ବିଶ୍ରାମକକ୍ଷରେ ଚୁପ୍‌ଚାପ୍ ବସିରହିଥିଲି । ହଠାତ୍ ଦେଖିଲି ସାମ୍ନା ସୋଫାରୁ ଉଠି ଜଣେ ଭଦ୍ରଲୋକ ଅତ୍ୟନ୍ତ ଅମାୟିକ ହସ ହସି, ଆସି ଠିଆ ହେଲେ ମୋ ସାମ୍ନାରେ । ସାଧାରଣ ଆମେରିକାନ୍‌ଙ୍କ ତୁଳନାରେ ଉଚ୍ଚତା ଥିଲା କମ୍ । ଲମ୍ବ ମୁହଁ, ଉଜ୍ଜ୍ୱଳ ଦାନ୍ତ, ଚେହେରାରେ ସୁପୁରୁଷ- ଦେଖିବାକୁ ଅନେକଟା ଚିତ୍ରତାରକା ଗ୍ରେଗରି ପେକ୍‌ଙ୍କ ପରି । କରମର୍ଦ୍ଦନ କରିବାପାଇଁ ହାତ ପ୍ରସାରି କହିଲେ, ହାଇ, ଆଇଆମ୍ ବବ୍ । ମୁଁ କହିଲି ମୁଁ କାନନ, ଭାରତୀୟ ।

- ଅନେକ ସମୟ ହେଲା ଦେଖୁଛି ବେଶ୍ ବିଷଣ୍ଣ ଚିତ୍ତରେ ନୀରବରେ ବସି ରହିଚ



Digitized by srujanika@gmail.com

ଏଠି । କିଏ ଅଛନ୍ତି ତମର ଆଇ.ସି.ୟୁରେ ? ବବ୍ ପଚାରିଲେ ।

- ମୋ ସ୍ୱାମୀ, ବିନୟ । ପୁଅ ପାଖକୁ ବୁଲିବାକୁ ଆସିଥିଲୁ । ଅଚାନକ୍ ବେଶ୍ ସାଂଘାତିକ ଭାବରେ ମୋ ସ୍ୱାମୀ ଅସୁସ୍ଥ ହୋଇ ପଡିଛନ୍ତି ।

ବବ୍ ମୋ ପାଖରେ ବସିଲେ ସୋଫାରେ । ବିନୟଙ୍କ ସ୍ୱାସ୍ଥ୍ୟ ସଂପର୍କରେ ପୁଙ୍ଖାନୁପୁଙ୍ଖ ଖବର କରି ସାନ୍ତ୍ୱନାମୟ ଭଙ୍ଗୀରେ ମୋତେ କହିଲେ, ତୁମେ ଏତେ ବିବ୍ରତ ହୁଅନା । ଭଗବାନଙ୍କ ଉପରେ ଆସ୍ଥା ରଖ । ଦୁଇବର୍ଷ ପୂର୍ବରୁ ଏଇ ସ୍ୱାରୋ ହସ୍‌ପିଟାଲ୍‌ର ଆଇ. ସି.ୟୁରେ ମୁଁ ନବଜନ୍ମ ଲାଭ କରିଥିଲି । ତୁମ ସ୍ୱାମୀ ବି ଭଲ ହୋଇଯିବେ ନିଶ୍ଚୟ । ଏବଂ ତା ପରେ ପରେ ଇ ଶୁଣାଇଥିଲେ ମୋତେ ତାଙ୍କର ଦୁର୍ଘଟଣାର କାହାଣୀ ।

-ଆପଣଙ୍କ କାହାଣୀଟି ନିଶ୍ଚିତରୂପେ ମୋର ମନୋବଳ ବଢ଼ାଇବାରେ ସହାୟକ ହୋଇଛି । ବବ୍‌ଙ୍କୁ ମୁଁ କହିଲି

- ଆଚ୍ଛା ଆପଣଙ୍କ ସ୍ୱାମୀଙ୍କ ନାଁଟି ଗୋଟିଏ କାଗଜରେ ଲେଖିଦିଅନ୍ତୁ ତ ! ମୁଁ ଆଜି ରାତିରେ ତାଙ୍କ ପାଇଁ ପ୍ରାର୍ଥନା କରିବି । କେବଳ ମୁଁ ନୁହେଁ , ଆମ ପ୍ରେୟାରଚେନ୍‌ର ସଭିଏଁ ମିଶି ପ୍ରାର୍ଥନା କରିବୁ ତାଙ୍କ ପାଇଁ । ମୁଁ ତ ଭାବେ ମୁଁ ଲୋକମାନଙ୍କର ଏଇ ପ୍ରେୟାର ଫଳରେ ଇ ସୁସ୍ଥ ହେଇଗଲି । ତମେ ହୁଏତ ବିଶ୍ୱାସ କରିବନି । ହସ୍‌ପିଟାଲରେ ପଡିବାର ତୃତୀୟଦିନ । ହଠାତ୍ ମୋର ଚେତା ଫେରିଆସିଲା ଓ ଆଖି ଖୋଲିଗଲା । ମୋତେ ଲାଗିଲା ଯେମିତି ଏକ ତରଳ ଉଷ୍ଣସ୍ରୋତ ଖେଳିଯାଉଛି ମୋ ଶରୀର ସାରା, ହାଡସବୁ ଯୋଖି ହେଇ ଆସୁଛି ଧୀରେ ଧୀରେ । ଭରି ଆସୁଛି ଦେହର କ୍ଷତ । ସତେ ଯେମିତି ଏକ ନୂତନ ଜୀବନର ଉନ୍ମେଷ ଘଟୁଛି ମୋ ଭିତରେ । ଠିକ୍ ସେଇଦିନଠୁ ଇ ମୋ ଅବସ୍ଥାର ଉନ୍ନତି ଘଟିବାକୁ ଲାଗିଲା । ପରେ ମୁଁ ମୋ ଝିଅଠାରୁ ଶୁଣିଥିଲି ଠିକ୍ ସେତିକି ବେଳେ ପ୍ରେୟାର୍ ଚେନ୍‌ରେ ସଭିଏଁ ମିଶି ମୋ ପାଇଁ ପ୍ରାର୍ଥନା କରୁଥିଲେ ।

-କିନ୍ତୁ ଏ ପ୍ରେୟାର୍ ଚେନ୍ ଜିନିଷଟି କଅଣ ମୁଁ ଠିକ୍ ବୁଝିପାରିଲିନି । ମୁଁ ବବ୍‌ଙ୍କୁ କହିଲି ।

ସାରା ଆମେରିକା ଆମର ପ୍ରେୟାର୍ ଚେନ୍‌ଦ୍ୱାରା ସଂଯୁକ୍ତ । ଆଜି ରାତିରେ ମୋ ପରିବାରର ସଦସ୍ୟବର୍ଗ ଆପଣଙ୍କ ସ୍ୱାମୀଙ୍କ ପାଇଁ ଘଣ୍ଟାଏ ପ୍ରାର୍ଥନା କରିବୁ । ତା' ପରେ ଅନ୍ୟଗୋଟିଏ ସହରକୁ ଫୋନ କରି ସେଠାର ସଦସ୍ୟମାନଙ୍କୁ ଜଣାଇଦେଲେ ଠିକ୍ ଆମ ପରେପରେ ସେମାନେ ପ୍ରାର୍ଥନା କରିବେ । ତାଙ୍କ ପରେପରେ ଟେଲିଫୋନ ବାର୍ତ୍ତା ପାଇ ଅନ୍ୟ ଏକ ସହରର ସଦସ୍ୟମାନେ ତିଆର ହେଇଯିବେ ପ୍ରାର୍ଥନା ପାଇଁ । ଏହିଭଳି ଅନବରତ ପ୍ରାର୍ଥନା ସଭା ଚାଲୁରହିଥିବ ଦେଶସାରା । ଆପଣଙ୍କ ସ୍ୱାମୀ ସଂପୂର୍ଣ୍ଣ ସୁସ୍ଥ ହେବାପର୍ଯ୍ୟନ୍ତ ।



Digitized by srujanika@gmail.com

-ବବ୍‌ଙ୍କ କଥାରେ ମୁଁ ନିର୍ବାକ୍ ହୋଇ ଅନାଇଁ ରହିଲି ତାଙ୍କୁ । ମୁହଁ ଖୋଲି କିଛିକଥା କହିବା ଦରକାର ନଥିଲା । ମୋ ଆଖିଲୁହ ହିଁ ବୁଝାଇଦେଲା ତାଙ୍କ ପ୍ରତି ମୋର କୃତଜ୍ଞତା ।

ବବ୍ ମୃଦୁହସି ମୋ ପିଠିରେ ହାତରଖି କହିଲେ- କାନ୍ଦନା । ଭଗବାନଙ୍କର ଦୟା ଅସୀମ । ତୁମ ସାଥିରେ ମୋର ଆଜି ଦେଖାହେବାଟା ଭବିତବ୍ୟ ହିଁ ଥିଲା ବୋଧହୁଏ । ନହେଲେ ମୋର ବନ୍ଧୁଙ୍କର ହାର୍ଟଅପରେସନ୍ ଏବେ ହିଁ କାହିଁକି ଏଇ ହସପିଟାଲ୍‌ରେ ହେଇଥାଆନ୍ତା । ଆଉ ଆଜି ହିଁ ବା କାହିଁକି ତାଙ୍କୁ ଦେଖିବାକୁ ମୁଁ ଆସିଥାଆନ୍ତି ? ମୋ ଘର ଏଠୁ ବେଶ୍ ଦୂର । ପ୍ରାୟ ଘଣ୍ଟାକର ବାଟ । ତେବେ ବି ତୁମକୁ ଦେଖିବାକୁ ମୁଁ ସବୁଦିନ ଆସିବି ।

ଏବଂ ସତକୁ ସତ ତା ପରଦିନ ବବ୍ ଆସିଥିଲେ ହସପିଟାଲ, ପତ୍ନୀ ଆଗ୍‌ନିସ୍‌ଙ୍କୁ ସାଥିରେ ଧରି । ଆଗ୍‌ନିସ ଥିଲେ ରୀତିମତ ରୂପସୀ । ସାନସାନକଟା ସୁନେଲୀବାଳ, ଲାଲଟକ୍‌ଟକ୍ ଟି-ସାର୍ଟ ଗୋରା ଦେହରେ ଝଟକୁ ଥିଲା ଅଗ୍ନି ସ୍ଫୁଲିଙ୍ଗ ପରି । ବସ୍ତୁତଃ ବିନୟ ହସପିଟାଲରେ ଥିବା ସମୟରେ ପ୍ରାୟ ପ୍ରତ୍ୟେକଦିନ ବବ୍ ଆସୁଥିଲେ ମୋ ସହିତ ଦେଖା କରିବା ପାଇଁ । ସାଥିରେ ଆଗ୍‌ନିସ୍ କିମ୍ବା ବିବାହିତା କନ୍ୟା କାଥିକୁ ନେଇ । ଥିଲେ ଦିଲ୍‌ଖୋଲା ପ୍ରାଣୋଚ୍ଛଳ ମଣିଷଟିଏ । ଅନେକ ସମୟ ଧରି ଗପସପ କରି ଫେରିଯାଉଥିଲେ ଘରକୁ । ବିନୟ ହସପିଟାଲ୍‌ରୁ ଛାଡ ପାଇବା ଦିନ ତାଙ୍କ ସହିତ ଦେଖା କରିଥିଲେ ଓ କୁନି ଡାଇରୀଟିରେ ମୋ ପୁଅର ଘରଠିକଣା ଓ ଟେଲିଫୋନ ନମ୍ବର ଟିପି ନେଇଯାଇଥିଲେ । ତାଙ୍କର ଟେଲିଫୋନ ନମ୍ବରଟି ମୋତେ ଦେଇ ବାରମ୍ବାର ଅନୁରୋଧ କରିଥିଲେ ଫୋନ କରି ବିନୟଙ୍କ ସ୍ୱାସ୍ଥ୍ୟର ଖବର ଦେବାପାଇଁ ତାଙ୍କୁ ।

ଘରକୁ ଆସିବା ପରେ ମୁଁ ବବ୍‌ଙ୍କୁ ଫୋନ କରିବାକୁ ପାଶୋରି ଯାଇଥିଲି । ବବ୍ କିନ୍ତୁ ଭୁଲି ନଥିଲେ । ବାରମ୍ବାର ଫୋନ କରି ନିମନ୍ତ୍ରଣ ଜଣାଉଥିଲେ ତାଙ୍କ ଘରକୁ ଯିବାପାଇଁ- ସପରିବାର । ପୁଅ, ବୋହୂ ଓ ନାତି, ନାତୁଣୀକୁ ମଧ୍ୟ ନେଇଆସିବେ । ଆଗ୍‌ନିସ୍ ତାଗିଦା ଦେଉଥିଲେ ସଦାସର୍ବଦା ।

ଭାରତ ଫେରିଆସିବାର କେଇଦିନ ଆଗରୁ ବବ୍‌ଙ୍କ ଘରକୁ ଯାଇଥିଲି । ସାଥିରେ ବବି, ସ୍ମିତା ଏବଂ ଚାରିବର୍ଷର ସୋହମ୍ ତଥା ଛଅମାସର ଶ୍ରେୟାକୁ ନେଇ । ବବି ତା ଗାଡି ଚଲାଇ ନେଇଯାଇଥିଲା ମୋତେ ।

ସହରଠାରୁ ବେଶ୍ ଦୂରରେ ଥିଲା ବବ୍‌ଙ୍କର ଫାର୍ମହାଉସ୍ । ଚାରିପଟେ ଅଫୁରନ୍ତ ଖୋଲାଜମି । ମଝିରେ ପରିଚ୍ଛନ୍ନ କାଠଘରଟିଏ । ବବ୍, ଆଗନିସ୍ ଓ କାଥି ବାହାରିଆସିଲେ ଘରୁ ଗାଡି ଦେଖି । ଚମତ୍କାର ହସ ହସି ଅଭ୍ୟର୍ଥନା କଲେ ସଭିଙ୍କୁ । ଘରକୁ ପଶିଲାବେଳକୁ କୁଣ୍ଡଳୀକୃତ ହୋଇ ଦରଜାପାଖରେ ଶୋଇଥିଲା ପାଉଁଶ ରଂଗର ମାର୍ଜାର ଶାବକଟିଏ ।



Digitized by srujanika@gmail.com

ଇଏ ଜେଜେ, ଆମଘରର ସର୍ବକନିଷ୍ଠ ସଦସ୍ୟ । ତାକୁ ସ୍ନେହରେ କୋଳକୁ ଉଠାଇ ନେଉ ନେଉ କାଥି କହିଲା । କବାଟ ଖୋଲିଦେଲା ପରେ ଲାଞ୍ଜ ହଲାଇ ଅଭିନନ୍ଦନ ଜଣାଇଲା କୁଚ୍‌କୁଚ୍ କଳା କଣ୍ଢେଇ ପରି କୁକୁରଟିଏ । ଇଏ ସେବା, ଡି ସାଥିରେ ଆସିଛି- ବବ୍ କହିଲେ । ପୃଥୁଳାଙ୍ଗୀ, ମିଷ୍ଟଭାଷିଣୀ ଡିଙ୍କ ସହିତ ଚିହ୍ନା କରାଇଦେଲେ ମଧ । ଡି ଆଗନିସ୍‌ଙ୍କ ଭଉଣୀ । ପାଞ୍ଚଟି ସନ୍ତାନର ଜନନୀ । ଫ୍ଲୋରିଡାରେ ଜ୍ୟେଷ୍ଠପୁତ୍ର ସହିତ ରହନ୍ତି । ଏବେ ଲାନ୍‌ସିଂ ବୁଲିଆସିଛନ୍ତି ।

ପ୍ରଚୁର ଖାଦ୍ୟପେୟର ବ୍ୟବସ୍ଥା କରିଥିଲେ ଆଗ୍‌ନିସ୍ । ପତଳା ପତଳା କଟାହେଇଥିବା ଟର୍କି ମାଂସର ଟୁକ୍‌ଡା, ପାସ୍ତା, ସାଣ୍ଡଉଇଚ୍, ବର୍ଗର, ପ୍ରିଜେଲ୍‌ସ, ଫ୍ରେଞ୍ଚଫ୍ରାଇ, କର୍ଣ୍ଣଚିପ୍‌ସ ଏବଂ ପ୍ରଚୁର ପରିମାଣରେ ସ୍ୱାଦିଷ୍ଟ ଓ ସୁମିଷ୍ଟ ଫଳମାନ- ହନିଡିଉ, ଚେରୀ, ପିଚ୍ ଓ ପାଇନଆପ୍ଲ ।

-ଆମେ ଯେ ଏବେ ସାଙ୍ଗେ ସାଙ୍ଗେ ଲଞ୍ଚ୍ କରି ଆସିଛୁ, ମୁଁ କହିଲି । ଆଗ୍‌ନିସ୍ କିନ୍ତୁ ମୋ କଥା ନମାନି ପ୍ଲେଟ୍‌ରେ ଭୋଜ୍ୟବସ୍ତୁ ଢ଼ାଳିବାକୁ ଲାଗିଲେ । ଅଳ୍ପହସି ମୁଁ କହିଲି - ମନେରଖିବେ, ମୁଁ ଶାକାହାରୀ । ଖାଇସାରି ଫଳରସ ପିଉପିଉ ଗପସପ ହେଲା । ଜାଣିପାରିଲି ବବ୍‌ଙ୍କର ଦୁଇକନ୍ୟା, କାଥି ଓ କାରୋଲ । କାଥି ବିବାହିତା, ଦୁଇଟି ସନ୍ତାନର ଜନନୀ- ପୁତ୍ର ରବର୍ଟ ଓ କନ୍ୟା କ୍ରିସ୍‌ଟିନା । ପିତାଙ୍କ ଘରର ତଳମହଲା ବେସ୍‌ମେଣ୍ଟରେ ରହେ । କାରୋଲ ଅବିବାହିତା, ଚାକିରି କରି ଅନ୍ୟତ୍ର ରହେ । ତାର ଅବଶ୍ୟ ଗୋଟିଏ ବୟଫ୍ରେଣ୍ଡ ଅଛି ।

ଜଳପାନ ପର୍ବ ସରିବାପରେ ବବ୍ ନିମନ୍ତ୍ରଣ କଲେ ତାଙ୍କର ଫାର୍ମ ବୁଲି ଦେଖିବା ପାଇଁ । ଘର ପଛପାଖରେ ଏକର ଏକର ପରିବ୍ୟାପ୍ତ ଜମି- ଗହମ ଓ ମକାଚାଷ ହୁଏ । ବିରାଟ ଆପ୍‌ଲ ବଗିଚା । ମାଛଚାଷ ପାଇଁ ପୋଖରୀ । ଘୋଡାଶାଳ ଓ କୁକୁଡା ଫାର୍ମ । ଫାର୍ମ ଭିତରେ ଗାଡି ଯାଇପାରିଲା ଭଳିଆ ବେଶ୍ ପ୍ରଶସ୍ତ ରାସ୍ତା । ସେ ପ୍ରଶସ୍ତ ରାସ୍ତା ଦେଇ ଶୀତଦିନିଆ ସୁନେଲୀ ଅପରାହ୍ନରେ ଗପ କରିକରି ଆଗପଛ ହେଇ ଆଗେଇ ଚାଲିଲୁ ଆମେ ।

-ଆପଣଙ୍କ ଫାର୍ମଟି ଅନେକ ବଡ । ଏତେବାଟ ମୁଁ ଚାଲିପାରିବିନି । ମୁଁ ବବ୍‌ଙ୍କୁ କହିଲି ।

-ଆମେ ଖାଲି ପୋଖରୀ ପର୍ଯ୍ୟନ୍ତ ଯାଇ ଫେରିଆସିବା । ସୋହମ୍ ମାଛ ଦେଖିଲେ ଖୁସିହେବ । ବବ୍ କହିଲେ ।

ଘରୁ ଫାର୍ମ ପର୍ଯ୍ୟନ୍ତ ଗଡାଣିଆ ଢ଼ାଲୁ ରାସ୍ତା । କିଛି ଦୂର ଆସିବା ପରେ ଖଳାବାରି



Digitized by srujanika@gmail.com

ପାଖରେ ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନ ଦେଖାଇଦେଇ ଆଗ୍ନିସ୍ କହିଲେ- ବବ୍‌ର ଏଇଠି ଆକ୍‌ସିଡେଣ୍ଟ ହୋଇଥିଲା ।

ବବ୍ କହିଲେ - ସେ ଦୁର୍ଘଟଣାରୁ ମୁଁ ରକ୍ଷା ପାଇବା ଏଭଳି ଏକ ଆଶ୍ଚର୍ଯ୍ୟ ଘଟଣା ଯେ ଏବେ ଗୋଟିଏ ଟି.ଭି. କମ୍ପାନୀ ଆସି ସେତେବେଳର ଦୃଶ୍ୟସବୁ ପୁନର୍ଗଠନ କରି ଗୋଟିଏ ଅଧଘଣ୍ଟିଆ ଫିଲ୍ମ ବନେଇଛି । ଆସନ୍ତା ସପ୍ତାହରେ ବ୍ରଡକାଷ୍ଟ ହେବ ।

-ଦୃଶ୍ୟ ପୁନର୍ଗଠନ ମାନେ ? ମୁଁ ପଚାରିଲି ।

-ମାନେ ଫୁଆରାରେ ନକଲି ବର୍ଷା ତିଆରି କରି, ପାଣି ଢ଼ାଳି ଜମିକୁ ପ୍ରଚୁର ପରିମାଣରେ କର୍ଦ୍ଦମାକ୍ତ କରି ଓ ଚୂର୍ଣ୍ଣବିଚୂର୍ଣ୍ଣ ଟ୍ରାକ୍ଟରଟିଏ ଆଣି ପୂରାପୂରି ଭାବରେ ସେଦିନର ସମସ୍ତ ଘଟଣା ଓ ଦୃଶ୍ୟ ତିଆରି କରିବାକୁ ପଡିଥିଲା ।

-ଆଉ ଆପଣ ?

-ମୋତେ ମଧ ନକଲି ରକ୍ତରେ ରଂଜିତ ହୋଇ ପେଟରେ ଘୁଷୁରି ଘୁଷୁରି କିଛିବାଟ ଆସିବାକୁ ପଡିଥିଲା । ବବ୍ ହସିହସି ଜବାବ୍ ଦେଲେ ।

-କାର୍ଯ୍ୟକ୍ରମଟି କେଉଁ ଚାନେଲ୍‌ରେ କେଉଁଦିନ ପ୍ରସାରିତ ହେବ ମୋତେ ମନେପକେଇଦେବ ତ ! ମୁଁ ନିଶ୍ଚୟ ଦେଖିବି ପ୍ରୋଗ୍ରାମଟିକୁ । ମୁଁ କହିଲି ।

ଚାଲୁଚାଲୁ ହଠାତ୍ ରାସ୍ତାର ବାମପଟ ଚାରଣଭୂଇଁରେ ଅନେକଗୁଡିଏ ସୁପୁଷ୍ଟ ବାଦାମୀରଙ୍ଗର ଘୋଡା ଚରୁଥିବାର ଦେଖିଲି । ବବ୍‌କୁ ଦେଖି ଗୋଟିଏ ଘୋଡା ଦ୍ରୁତଗତିରେ ଆସି କାଷ୍ଠଫଳକରେ ନିର୍ମିତ ଉଞ୍ଚବାଡର ଫାଟ ଦେଇ ମୁହଁଟି ବଢ଼େଇ ଦେଲା । ବବ୍ ତା ମୁଣ୍ଡକୁ ଆଉଁଷି ଦେଲେ । ରାସ୍ତାର ଅପରପାର୍ଶ୍ୱରେ ଥିବା ଆପଲଗଛରୁ ଟୁକ୍‌ଟାକ୍ ଦୁଇଟି ଆପଲ ତୋଳି ନିଜ ପାପୁଲିରେ ରଖି କାଥି ବଢେଇ ଦେଲା ଅଶ୍ୱଟି ଆଡେ ଏବଂ ତାହା ମୁହଁରେ ଉଠାଇ ନେଇ ସିଏ ମନ ଖୁସିରେ ଚର୍ବଣ କରିବାକୁ ଲାଗିଲା । କାଥି କହିଲା, ତମେମାନେ ଟିକିଏ ଅପେକ୍ଷା କର । ମୁଁ କୁକୁଡାମାନଙ୍କୁ ଦାନା ଖୁଆଇ ଆସେ । ବେଶି ସମୟ ଲାଗିବନି । କୁକୁଡା ଫାର୍ମଟି ଥିଲା ପାଖରେ ।

-ଆପଣଙ୍କ ଘୋଡାମାନେ ଭାରି ବଶମ୍ୱଦ ତ ! ମୁଁ କହିଲି ବବ୍‌କୁ । ବବ୍ ହସିଲେ, କହିଲେ ଏ ଘୋଡାସବୁ ହର୍ସରେସ୍‌ରେ ଭାଗ ନିଅନ୍ତି । ଆପଣ ବୋଧେ ଜାଣନ୍ତିନି, କାଥି ଗୋଟିଏ ହର୍ସ ଟ୍ରେନର୍ । ଘୋଡାମାନେ ଭାରି ମାନନ୍ତି ତା କଥା ।

କାଥି ଫେରିଆସିଲା ଅଳ୍ପ ସମୟ ଭିତରେ ଓ ଏକାଠି ହୋଇ ଆମ୍ଭେମାନେ ପୁନର୍ବାର ଆଗେଇ ଚାଲିଲୁ ସର୍ପିଳ ଗଡାଣିଆ ରାସ୍ତାରେ । ରାସ୍ତାର ଦୁଇକଡେ ଅଜସ୍ର ସାନବଡ



Digitized by srujanika@gmail.com

ଗଛ । ଫଲ୍ ଆସୁଥିବା ଯୋଗୁ ପ୍ରତ୍ୟେକ ଗଛର ପତ୍ରମାନଙ୍କରେ ଇନ୍ଦ୍ରଧନୁଷୀ ରଂଗ । ଆଖିର ତାରାରେ ସେ ରଂଗବତୀ ତରୁବୀଥିଙ୍କର ରୂପମାଧୁରୀ ଶୋଷାଡି ନେଉ ନେଉ ଭାବିଲି- ଜୀବନରେ ଅନେକ କିଛି କଳ୍ପନା କରିଥିଲି । କିନ୍ତୁ ତୁ ଏଭଳି ଗୋଟିଏ ସ୍ନେହସିକ୍ତ ଓ ସୁଷମାମୟ ଅପରାହ୍ନର କଥା ସ୍ୱପ୍ନରେ ବି ଭାବିନଥିଲି କେବେ । ଜୀବନ କି ଅଦ୍‌ଭୂତ ସତେ ।

ବବ୍ କହିଲେ, ଏଇ ଯେ ଆମେ ଆସିଗଲେ । ତାଙ୍କ କଥାରେ ସ୍ୱପ୍ନଭଂଗ ହେଲା । ସାମ୍‌ନାକୁ ଚାହିଁଲି । ରାସ୍ତାର ବାମପଟେ ମଧ୍ୟମ ଧରଣର ସରସୀଟିଏ । ସ୍ୱଚ୍ଛ ନୀଳଜଳ । ଘାଟ ପାଖରେ ସାନ ନୌକାଟିଏ ବନ୍ଧା । ପୁଷ୍କରିଣୀର ଗୋଟିଏ ପଟେ ବେଶ୍ ଉଚ୍ଚକାଠ ତିଆରି ମଞ୍ଚାଟିଏ, ଯାହା ଉପରୁ ପୋଖରୀକୁ ଲମ୍ଫ ପ୍ରଦାନ କରିହେବ । ବୁଝିପାରିଲି- ବବ୍‌ଙ୍କର ପରିବାର ମଝିରେ ମଝିରେ ନୌକାବିହାର ଓ ସନ୍ତରଣ ପାଇଁ ପୁଷ୍କରିଣୀକୁ ଆସନ୍ତି ନିଶ୍ଚୟ । ପୁଷ୍କରିଣୀଟିର ଯାହା କିନ୍ତୁ ମୋତେ ବିସ୍ମିତ କଲା ତାହା ହେଲା ତାହାର ମତ୍ସ୍ୟସଂପଦ । ସାରା ଜଳଭଣ୍ଡାରରେ ଯତ୍ରତତ୍ର ମନ୍ଦା ମନ୍ଦା କୁନିକୁନି ମାଛ ପହଁରୁଥିଲେ । ଆଞ୍ଜୁଳାଏ ପାଣି ଉଠାଇ ଆଣିଲେ ଆଞ୍ଜୁଳାଏ ମାଛ ଉଠି ଆସିବେ ପରା ! ଏବଂ ଆଶ୍ଚର୍ଯ୍ୟର କଥା- ତଟଦେଶରେ ଆମ୍ଭମାନଙ୍କର ବାର୍ତ୍ତାଳାପ ଶବ୍ଦଶୁଣି ଅଜସ୍ର ବଡ ବଡ ମାଛ କୂଳପାଖକୁ ପହଁରି ଆସି ଜଳପଉନ ପର୍ଯ୍ୟନ୍ତ ମୁହଁ ଟେକି ଉତ୍ସୁକ ଗୋଲ୍‌ଗୋଲ୍ ଆଖିରେ ଆମକୁ ଚାହିଁ ରହିଲେ । ବବ୍ ସାଥିରେ ଆଣିଥିବା ପାଉଁରୁଟି ସବୁ ସାନସାନ ଟୁକ୍‌ଡା କରି ଆମେ ସେମାନଙ୍କ ଆଡକୁ ଫିଙ୍ଗିବାକୁ ଲାଗିଲୁ । ଅତ୍ୟନ୍ତ ନିପୁଣତାର ସହିତ, ଫୁଟ୍‌ବଲ୍ ଖେଳାଳୀଟିଏ ଶୂନ୍ୟରୁ ଫୁଟ୍‌ବଲ୍‌ଟିଏ ଅଟକାଇଲା ଭଳିଆ, ପାଉଁରୁଟି ଖଣ୍ଡ ସବୁ ଶୂନ୍ୟରୁ ଧରି ଓ ପାଣିରେ ସନ୍ତରି ସନ୍ତରି ସେମାନେ ତାହା ଖାଇବାକୁ ଲାଗିଲେ । ଆଗ୍‌ନିସ୍ କହିଲେ- ଏ ମାଛସବୁ ବବ୍‌କୁ ଦେଖିଲେ ଇ ତାଙ୍କ ପାଖାପାଖି ଆସି ଜମା ହୋଇଯାଆନ୍ତି । ବବ୍ ପ୍ରତିଦିନ ପାଉଁରୁଟି ଖାଇବାକୁ ଦିଅନ୍ତି ତ ! ବବ୍ କହିଲେ- ମାଛ ଧରିବା ମୋର ସଉକ୍ । ଅନେକ ସମୟରେ ମୁଁ ଏଠି ବନ୍‌ଶୀକଣ୍ଟା ପକାଇ ମାଛ ଧରେ । ବେଶ୍ ବଡ ବଡ ମାଛ । ଚମତ୍କାର ବେକ୍ କରେ ଆଗ୍‌ନିସ୍ ।

ଠିକ୍ ଏତିକିବେଳେ ଏକ ବିରାଟକାୟ ଭ୍ୟାନ୍ ନେଇ ଷୋଳସତର ବର୍ଷର ଝିଅଟିଏ ଆସି ପହଞ୍ଚିଲା ପୋଖରୀକୂଳେ । କଳାରଂଗର ଚେକ୍ ଚେକ୍ ସାର୍ଟ ଓ ଫୁଲପ୍ୟାଣ୍ଟ ପିନ୍ଧା, କପାଳରେ ବନ୍ଧା ଏକ ଚଉଡା ଧଳାରଂଗର ପଟି । ବବ୍ ଚିହ୍ନା କରାଇଦେଲେ, ନାତୁଣୀ କ୍ରିସ୍‌ଟିନା ।

କ୍ରିସ୍‌ଟିନା କହିଲା, ସିଏ ହର୍ସରେସ୍ ଦେଖିବାକୁ ଯାଇଥିଲା । ଏବେ ଘରକୁ ଫେରି ତା ଭାଇଠାରୁ ଆମ୍ଭେମାନେ ଫାର୍ମ ଭିତରକୁ ଆସିଥିବା କଥାଶୁଣି ଗାଡି ନେଇ ଆସିଛି



Digitized by srujanika@gmail.com

ଆମ୍ଭମାନଙ୍କୁ ଫେରାଇ ନେଇ ଯିବାପାଇଁ । ତାର ଭୟ- ଏତେ ବାଟ ଚାଲିକି ଯିବାପାଇଁ ହୁଏତ ଅତିଥିମାନଙ୍କୁ କଷ୍ଟ ହେଇପାରେ । ମୁଁ କହିଲି- କ୍ରିସ୍‌ଟିନା, ତୁମେ ଗାଡି ଫେରେଇ ନିଅ । ଏଇ ଶୀତୁଳିଆ ଅଳସ ଗୋଧୂଳିରେ ସଭିଏଁ ମିଶି ଏକାଠି ଚାଲିବା ବେଶ୍ ଲାଗୁଛି ।

ଫେରି ଆସିଲାବେଳକୁ ଦେଖିଲି ବବ୍‌ଙ୍କର ବାରିପଟେ ବିରାଟକାୟ କଖାରୁ ଗଛଟିଏ ଲତାପତ୍ର ମେଲାଇ ଚକାମାଡି ବସିରହିଛି ନରମ ଘାସର ଶେଜରେ । ପତ୍ରଟିମାନ କୁଲାପରି, ମୋଟା ମୋଟା ଡଙ୍କ । ଆଉ ଡଙ୍କର ପ୍ରତିଟି ଗଣ୍ଠିରେ ସାନ ସାନ କଖାରୁଟି ମାନ । ଗୋଟିଏ ଗଛରେ ଏତେ କଖାରୁ ଫଳିବା ଆଗରୁ କେବେ ଦେଖିନଥିଲି ।

ଆରେ, ଆପଣଙ୍କ ଦେଶରେ ଏ ଗଛଟି ହୁଏ ନା କଅଣ ? ଆମେ ଯାର ଫଳକୁ ତରକାରୀ କରି ଖାଉ । ବବ୍‌କୁ କହିଲି ।

ତାହେଲେ ଆପଣ କିଛି ସ୍କ୍ୱାସ୍ ନେଇଯାଆନ୍ତୁ ସାଥିରେ । ଆମେ ଏହାକୁ ପାଇ କରି ଖାଉ । ବବ୍ କହିଲେ, ବୁଝିପାରିଲି କଖାରୁକୁ ବବ୍ ସ୍କ୍ୱାସ୍ କହୁଛନ୍ତି ବୋଲି । ବବ୍ ତରତର ହେଇ ଘରୁ ଗୋଟିଏ ଛୁରୀ ଓ ଗୋଟିଏ ବଡ ଥଳି ଆଣି କଖାରୁ ସବୁ ଡେମ୍ଫରୁ କାଟି ବ୍ୟାଗ୍‌ରେ ଭର୍ତ୍ତି କରିବାକୁ ଲାଗିଲେ ।

ଏତେ ଗୁଡାଏ କଅଣ ହେବ ? ମୁଁ ବବ୍‌କୁ କହିଲି ।

ନେଇ ଯାଆନ୍ତୁ ନା, ଇଏ ତ ଅନେକ ଦିନ ଧରି ତାଜା ରହେ । ବବ୍ କଖାରୁ ଭର୍ତ୍ତି ବ୍ୟାଗ୍‌ଟି ନେଇ ଆମ ଗାଡିରେ ରଖି ଦେଇ ଆସିଲେ ।

ଆମ କଥାମଝିରେ ହଠାତ୍ ଗୋଟିଏ ସାନ ଖୋଲା ଭ୍ୟାନ୍‌ରେ ଅନେକଗୁଡିଏ ଜାଳେଣୀ କାଠଧରି ଯୁବକଟିଏ ଆସି ପହଞ୍ଚିଲା । ବବ୍ ପରିଚୟ କରାଇଦେଲେ । ରିକ୍, ତାଙ୍କର ପଡୋଶୀ ।

କିନ୍ତୁ ଏତେ କାଠ କଅଣ ହବ ? ମୁଁ ପଚାରିଲି ।

ବାଃ ! ରାତିରେ ଯେ ବୋନ୍‌ଫାୟାର ହବ । ତୁମେମାନେ ଆମଘରକୁ ଆସିଥିବା ଖୁସିରେ । ନିଆଁଡାଳି ଚାରିପଟେ ବସି ନିଆଁର ତାତି ନେଉ ନେଉ ସଭିଏଁ ମିଶି ଡିନର ଖାଇବା - ବବ୍ କହିଲେ ।

ମୁଁ କହିଲି- ବବ୍ ମୋତେ କ୍ଷମା କରିବେ । ବିନୟଙ୍କୁ ଏକା ଛାଡିକି ଆସିଛୁ । ଆପଣ ତ ଜାଣନ୍ତି ତାଙ୍କ ଅସୁସ୍ଥତାର କଥା । ସଂଜ ହେବାକୁ ବସିଲାଣି । ମୁଁ ଏବେ ଫେରିଯିବାକୁ ଚାହେଁ । ଆପଣ ଓ ଆଗ୍‌ନିସ ମନଦୁଃଖ କରିବେନି ।

ବବ୍ କହିଲେ- ମନଦୁଃଖ ତ ହବ ନିଶ୍ଚୟ । ତେବେ ମୁଁ ତୁମକୁ ବାଧ କରିବିନି ।



Digitized by srujanika@gmail.com

କାରଣ ବିନୟ ସତରେ ସେଠି ଏକୁଟିଆ ଅଛନ୍ତି । ତେବେ ମୁଁ ଭାବିଥିଲି ହୁଏତ ଡିନର୍ ଖାଇକି ଯିବ ବୋଲି ତମେମାନେ ।

ଆଉ ଦିନେ କେବେ, ମୁଁ ବବ୍‌ଙ୍କୁ କହିଲି ।

ଠିକ୍ ଅଛି । ମୁଁ ତାହେଲେ ସୋହମ୍‌କୁ ଟିକିଏ ଟ୍ରାକ୍ଟରରେ ବସେଇ ବୁଲେଇଦିଏ । ସିଏ ଖୁସିହେବ ନିଶ୍ଚୟ । ଘରପାଖରେ ରଖାହେଇଥିବା ଟ୍ରାକ୍ଟରଟିରେ ସୋହମ୍‌କୁ ବସାଇ ଗୋଧୂଳିର ପ୍ରାୟାନ୍ଧକାର ଭିତରେ ଘର ଚାରିପଟେ ବୃତ୍ତାକାରରେ ବବ୍ ଟ୍ରାକ୍ଟର ଚଳାଇବାକୁ ଲାଗିଲେ ଓ ସୋହମ୍ ତାଳିମାରି ଖିଲ୍‌ଖିଲ୍ ହୋଇ ହସିବାକୁ ଲାଗିଲା ।

ଆଗ୍‌ନିସ୍‌ଙ୍କ ଡାକରାରେ ଘରକୁ ଗଲୁ ଚାହା ପର୍ବ ପାଇଁ । ଆଗ୍‌ନିସଙ୍କୁ ଚାହା ପିଉପିଉ କହିଲି, ଆପଣମାନଙ୍କର କିଛି ଫଟୋ ମତେ ଦେଇପାରିବେ କି ? ଆପଣମାନଙ୍କ ଉପରେ କିଛି ଲେଖିବି ବୋଲି ଭାବୁଛି ଭାରତବର୍ଷ ଫେରିଗଲେ ।

ଆଗ୍‌ନିସ୍ ଓ ବବ୍ ବେଶ୍ ଆଗ୍ରହ ସହକାରେ ଆଲ୍‌ମାରୀ ଖୋଲି ସେମାନଙ୍କର ଅନେକଗୁଡିଏ ଫଟୋ କାଢ଼ି ମତେ ଦେଲେ । ନାତୁଣୀ କ୍ରିସ୍‌ଟିନା ସହିତ ଉଠାଇଥିବା ଫଟୋଟି ଦେଖାଇ ବବ୍ କହିଲେ କାନନ- ଦେଖ ତ, କିସ୍‌ଟିନା କି ସୁନ୍ଦର ଦିଶୁଛି । ଏଇ ଡ୍ରେସଟି କିନ୍ତୁ ତାର ପ୍ରମ୍ ଡ୍ରେସ୍ ।

ପ୍ରମ୍ ଡ୍ରେସ୍ ଶବ୍ଦଟି ମୋ ପାଇଁ ନୂଆ ଥିଲା ଏବଂ ବବ୍‌ଙ୍କୁ ସେ ସଂପର୍କରେ ପ୍ରଶ୍ନ ପଚାରି ବୁଝିଥିଲି । ବବ୍ କହିଥିଲେ ଯେ ହାଇସ୍କୁଲର ପାଠ ସରିଲାପରେ ପୁଅଝିଅମାନଙ୍କର ଗୋଟିଏ ପାର୍ଟି ହୁଏ । ସେଦିନ ପିଲାମାନେ ନୂଆ ଡିଜାଇନର ମନପସନ୍ଦ ଡ୍ରେସ୍ ପିନ୍ଧି ପ୍ରଥମଥର ପାଇଁ ନିଜ ନିଜର ବୟଫ୍ରେଣ୍ଡ କିମ୍ବା ଗାର୍ଲଫ୍ରେଣ୍ଡଙ୍କୁ ସାଥିରେ ନେଇ ନାଚ ଓ ମଉଜମସ୍ତି କରିବାର ସ୍ୱାଧୀନତା ପାଇଥାଆନ୍ତି । ଏକରକମ୍ ସାମାଜିକ ସ୍ୱୀକୃତି ଦିଆଯାଏ- ସନ୍ତାନ ବଡ ହୋଇଗଲା ବୋଲି । ଫଟୋଟି ମନଲଗାଇ ଦେଖିଲି । ହାତକଟା ଓ ବଳାଗଣ୍ଠି ପର୍ଯ୍ୟନ୍ତ ଲମ୍ବିଥିବା ଝଲ୍‌ମଲ୍ ପୋଷାକଟିରେ କ୍ରିସ୍‌ଟିନା ସତରେ ଭାରି ମୋହମୟୀ ମନେହେଉଥିଲା ।

ମୁଁ ମୃଦୁହସି ପରିହାସ ମିଶ୍ରିତ ଗଳାରେ ଆଗ୍‌ନିସ୍‌ଙ୍କୁ କହିଲି- ଆପଣ କିନ୍ତୁ ଏଇ ଅନିନ୍ଦ୍ୟକାନ୍ତି ବୟଫ୍ରେଣ୍ଡଟିକୁ କେଉଁଠି ପ୍ରଥମେ ଭେଟିଥିଲେ କହିଲେନି ତ ? ଲଜ୍ଜାର ଅରୁଣିମା କପୋଳରେ ଫୁଟାଇ ଆଗ୍‌ନିସ୍ କହିଲେ, ଭାରି ମଜାର ଘଟଣା ସିଏ । ମୁଁ ସେତେବେଳେ କିଶୋରୀ । ସାଥିମାନେ ଜବରଦସ୍ତ ଗୋଟିଏ ଡାନ୍‌ସ ପାର୍ଟିକୁ ନେଇ ଯାଇଥିଲେ । କାହାକୁ ଚିହ୍ନେନି, ଚୁପ୍‌ଚାପ୍ ଗୋଟିଏ କଣରେ ବସି ରହିଥିଲି । ହଠାତ୍ ଦେଖିଲି ସାମ୍‌ନାରେ ବବ୍ ଠିଆ ହେଇ ମୋତେ ତାଙ୍କର ନାଚର ସଙ୍ଗୀ ହେବାପାଇଁ ଅନୁରୋଧ କରୁଛନ୍ତି ।



Digitized by srujanika@gmail.com

ସେତେବେଳେ ବବ୍ ଏକ୍ଦମ ତର୍ତାଜା ଯୁବକ । ମୁଁ ତାଙ୍କ ସହିତ ନାଚିବା ପାଇଁ ରାଜି ହୋଇଗଲି । ଆରେ ବାସ୍ । କି ନାଚ ଥିଲା ସିଏ, ଆଉ କି ଚମତ୍କାର ପଲ୍କା ନାଚୁଥିଲେ ବବ୍ । ପୁରୁଷ ବବ୍ଙ୍କର ସେ ଦୁର୍ଦ୍ଦାନ୍ତ ନାଚ ମୋତେ ଅଧଘଣ୍ଟାରେ ହାଲିଆ କରିଦେଲା ଆଉ ସାଙ୍ଗେ ସାଙ୍ଗେ ମୋତେ ତାଙ୍କ ପ୍ରେମରେ ପକାଇଦେଲା ମଧ୍ୟ । ସେ ପ୍ରେମ ଏବେ ବି ଜାରି ରହିଛି । ବବ୍ ପତ୍ନୀଙ୍କ କଥାରେ ହସି ହସି ଟିପଣୀ କାଟିଲେ ।

ବାହାରେ ଧୂଆଁଳିଆ ଶୀତରାତି ଘନେଇ ଆସୁଥିଲା । ବବି, ସ୍ମିତା ଓ ମୁଁ ଗୋଟିଏ ଚମତ୍କାର ଦିନପାଇଁ ବବ୍ ଓ ଆଗ୍ନେସ୍ଙ୍କୁ ଧନ୍ୟବାଦ୍ ଦେଇ ବାହାରକୁ ଆସିଲୁ । ବିଦାୟ ଜଣାଇବାକୁ ଆମ ସାଥିରେ ଗେଟ୍ ପର୍ଯ୍ୟନ୍ତ ଆସିଲେ ବବ୍, ଆଗ୍ନେସ୍, ଡି ଓ କାଥି । ବବ୍ ତରବର ହୋଇ ଘରଭିତରକୁ ଯାଇ ତାଙ୍କ ଦୁର୍ଘଟଣା ଉପରେ କାଥି ଲେଖିଥିବା 'କ୍ରସ୍ଡ' ଶୀର୍ଷକ ବହିଟି ଆଣି ମୋ ହାତରେ ଦେଇ କହିଲେ, ଏଇଟା ପଢ଼ିବାକୁ ଭୁଲିବନି । ଧନ୍ୟବାଦ ଦେଇ ବହିଟି ଗ୍ରହଣ କଲି ।

ଘରପାଖ ଘାସଜମିରେ କିଛି ଜାଳେଣୀ କାଠ ଏକତ୍ରିତ କରି ରିକ୍ ତହିଁରେ ଅଗ୍ନିସଂଯୋଗ କରୁଥିଲେ । ବବ୍ ଓ ଆଗ୍ନେସ୍ ମୋ ସହିତ ବିଦାୟକାଳୀନ କରମର୍ଦ୍ଦନ କଲେ । ସାମାନ୍ୟ ଦୂରରେ ଜଳୁଥିବା ଅଗ୍ନିଶିଖାର ଉତ୍ତାପ ଅପେକ୍ଷା ମୋ ଦେହକୁ ପ୍ରସରି ଆସୁଥିବା ସେମାନଙ୍କ ହୃଦୟର ଉତ୍ତାପ ଯେମିତି ବେଶୀ ଘନିଷ୍ଠ ଭାବରେ ଅନୁଭବ କଲି ମୁଁ ।

ଘରେ ପହଞ୍ଚି ବବ୍ ଉପହାର ଦେଇଥିବା ବହିଟି ଖୋଲି ଦେଖେ ତାର ପ୍ରଥମ ପୃଷ୍ଠାରେ ଇ କିଛି ବାର୍ତ୍ତା ଲେଖିଛନ୍ତି ବବ୍ । ପଢ଼ିଲି, ବବ୍ ଲେଖିଥିଲେ- କାନନକୁ, ପ୍ରଚୁର ଭଲପାଇବା ସହିତ । ତା ତଳେ ଲେଖିଥିଲେ, ଈଶ୍ୱର ତୁମର ମଙ୍ଗଳ କରନ୍ତୁ । ଇତି, ତୁମର ବନ୍ଧୁ ବବ୍ ପିଟର୍ସନ୍ ।

(ଅଗଷ୍ଟ, ୨୦୦୧)

❑❑❑



Digitized by srujanika@gmail.com

# ପାର୍କ

ପାର୍କଟି ଥିଲା ଠିକ୍ ଘର ପଛପଟେ । ଘରର ବାରିପଟେ କାଠତିଆରି ପାଚେରୀ । ପାଚେରୀ ଡେଇଁଲେ ଇ ପାର୍କ । ସ୍ଥାନ ଆମେରିକାର ମିସିଗାନ ପ୍ରଦେଶର ରାଜଧାନୀ ଲାନ୍‌ସିଂ ନଗରୀର ଏକ ଛବିପ୍ରତିମ, ସୁଷମାମୟ ଇଲାକା-ବୃକ୍ ହାଭେନ୍ ଲେନ୍ ।

ସେତେବେଳେ ଫଲ୍‌ର ଋତୁ ଥିଲା । ପାର୍କର ପରିସରରେ ଥିବା ବଡ ବଡ ଗଛମାନଙ୍କର ପତ୍ରସବୁ ହଳଦିଆ, ବାଇଗଣୀ ଓ ନାରଙ୍ଗୀ ରଂଗ ଧରିଆସୁଥିଲା । କୋଟିକମ କରା ତିନିକୋଣୀ ମାପ୍‌ଲ ପତ୍ରଗୁଡିକ ହେଇ ଆସୁଥିଲା ଗାଢ଼ ଗୋଲାପି । ଚଉଦିଗରେ ଅପର୍ଯ୍ୟାପ୍ତ ପରିମାଣରେ ପ୍ରକୃତିର ବର୍ଣ୍ଣୋଜ୍ଜ୍ୱଳ ସମାରୋହ । ପ୍ରକୃତି ସତେ ଯେମିତି ପ୍ରତିଟି ବୃକ୍ଷରେ ରଂଗିନ୍ ସ୍ୟାହିରେ ରଚନା କରିଥିଲା କବିତା ।

ସାରା ପାର୍କଟି ଥିଲା ଅତିମାତ୍ରାରେ ପରିଚ୍ଛନ୍ନ । ଶୁଖିଲା ପତ୍ରଟିଏ ବି ନଜର୍‌ରେ ପଡୁ ନଥିଲା କେଉଁଠି । ସରକାରୀ ଦପ୍ତରର କର୍ମଚାରୀମାନେ ଆସି ପ୍ରତ୍ୟେକ ସପ୍ତାହରେ ବ୍ଲୋଅର ଚଳାଇ ଶୁଖିଲା ପତ୍ର ହଟେଇ ନେଉଥିଲେ ଓ ବଡ ଟ୍ରାକ୍ଟର ପରି ଗାଡିଟିଏ ଚଳାଇ ଦୁବ ଘାସର ଶେଜକୁ କାଟି ବରାବର କରୁଥିଲେ । ପାର୍କର ଏ ମୁଣ୍ଡରୁ ସେ ମୁଣ୍ଡଯାଏ ମନେ ହେଉଥିଲା ସତେ ଯେମିତି ସବୁଜରଂଗର ପାରସ୍ୟ ଗାଲିଚାଟିଏ ଯତ୍ନସହକାରେ ବିଛେଇ ଦିଆହେଇଛି । ମଝିରେ ମଝିରେ ସାନ ସାନ ଘଞ୍ଚ ଫୁଲଗଛର ବୁଦା । ବିଦ୍ୟୁତ୍‌ଚାଳିତ କରତରେ କଟାହୋଇ ସେମାନେ ରୂପ ନେଇଥିଲେ ଗୋଲକର କିମ୍ବା ଗମ୍ବୁଜର ।

ପାର୍କ ମଝିରେ ପିଲାମାନେ ଖେଳିବାପାଇଁ ଅନେକଗୁଡିଏ ଲୁହାଜଂଜିରର ଦୋଳି । ଉପରୁ ତଳକୁ ଖସିବାପାଇଁ ରଂଗିନ୍ ପ୍ଲାଷ୍ଟିକର ସୁଡଙ୍ଗ । ବିଭିନ୍ନ ପ୍ରକାର ଖେଳ, କସରତ୍‌ର ଉପକରଣ । କଣ୍ଢେଇପରି ଦିଶୁଥିବା ଗୋଲାପି ତ୍ୱକ୍‌ର ଶିଶୁମାନେ ଅପରାହ୍ନରେ ପାର୍କରେ ଆସି ଝୁଲା ଝୁଲୁଥିଲେ । ଦଉଡି ଧରି ତେର୍‌ଛା କାଠପଟାରେ ପାହାଡ଼ ଚଢ଼ିବା ଅଭ୍ୟାସ କରୁଥିଲେ । ତିନିବର୍ଷର ପୌତ୍ର ସୋନୁ ପ୍ରତ୍ୟହ ମୋ ହାତଧରି ନେଇଯାଉଥିଲା ମତେ ସେ ଖେଳିବାସ୍ଥାନକୁ । ଶିଖାଉଥିଲା ମତେ ବିଭିନ୍ନ ଖେଳକସ୍‌ରତ୍‌ର କାରସାଦି । ପାଇନ୍‌ଗଛରୁ ଝଡିପଡ଼ିଥିବା ଶୁଖିଲା ପାଇନ୍ କୋନ୍ ସବୁ ଖୋଜି ଖୋଜି ଏକାଠି କରୁଥିଲା ମୋ ପାଇଁ । କାଠ ତିଆରି କୁନି, କୁନି କମକୂଟକରା ଫୁଲ ପରି ଦିଶୁଥିଲା ସେ ସବୁ



Digitized by srujanika@gmail.com

ପାଇନ୍ ଫଳ ।

ଆମ ଘରର ପଶ୍ଚିମ ପଟେ ଠିକ୍ ପାର୍କକୁ ଲାଗି କରିଥିଲା ବେକିର ଘର । ବେକି ଥିଲା ତରୁଣୀ- ରୂପରେ ଅନନ୍ୟା । ସୁନେଲୀ କେଶ, ଧଳାମାର୍ବଲ ପରି ଦିଶୁଥିବା ମେଦବର୍ଜିତ ଗଜୁଶରୀର । ସଦାସର୍ବଦା ଗେଞ୍ଜି କିମ୍ବା ଟିସାର୍ଟ ତଥା ଧୋବଫରଫର ହାଫ୍ ପ୍ୟାଣ୍ଟଟିଏ ପିନ୍ଧୁଥିଲା ବେକି । ପାର୍କରେ ବୁଲୁ ବୁଲୁ ଅନେକ ଗପ କରୁଥିଲା ମୋ ସହିତ ।

ବେକି ଥିଲା ମିସିଗାନ ଷ୍ଟେଟ୍ ୟୁନିଭର୍ସିଟିରେ ଏଜୁକେସନ୍ ବିଭାଗର ସ୍ନାତକୋତ୍ତର ଛାତ୍ରୀ । ପ୍ରାୟ ବର୍ଷକ ତଳେ ସ୍ୱାମୀ ସନ୍ ସହିତ ଦେଖା । ତତ୍ ପଶ୍ଚାତ୍ ପ୍ରେମ ଓ ବିବାହ । ସନ୍ ଥିଲା ପ୍ରକାଣ୍ଡ ମଣିଷଟିଏ, ସୁପୁଷ୍ଟ ଓ ସ୍ୱାସ୍ଥ୍ୟବାନ୍ । କାମ କରୁଥିଲା ପ୍ରଖ୍ୟାତ ଲୁସାଣ୍ଟ କମ୍ପାନୀରେ । ଘରେ ରହିବା ସମୟରୁ ଅନେକାଂଶ ସମୟ ବିତାଉଥିଲା ପାର୍କରେ ଚାଲି ଚାଲି ଓ ହାତରେ ଧରିଥିବା ମୋବାଇଲ୍ ଫୋନ୍‌ଟିରେ କଥା କହିକହି । ସଉକ୍ ଥିଲା ତାର ସମୁଦ୍ରରେ ନୌକାଚାଳନା କରିବା । ଛୁଟିଦିନମାନଙ୍କରେ ତା ଗ୍ୟାରେଜରେ ରଖାହୋଇଥିବା ଡୁଲି ଡଙ୍ଗାଟି କାର୍ ପଛରେ ବାନ୍ଧି ଗାଡି ଚଲାଇ ଯାଉଥିଲା ନିକଟତମ ସୁବୃହତ ମିସିଗାନ ହ୍ରଦରେ ୟଚିଙ୍ଗ୍ ପାଇଁ ।

ପାର୍କକୁ ଲାଗିକରି ଥିବା ବେକିର ବାରିପଟ ଉପବନଟି ଥିଲା ଭାରିସୁନ୍ଦର । ପାଚେରୀ ପାଖରେ ଥିବା କୋଳିଗଛଟି ନଇଁ ପଡୁଥିଲା ଅଜସ୍ର ନାଲି ଟୁକ୍‌ଟୁକ୍ ଚେରୀଫଳ ସଦୃଶ ପ୍ରତୀୟମାନ ହେଉଥିବା ପକ୍ୱକୋଳିର ଭାରରେ । ସେ କୋଳିଗଛର ଡାଳରେ ବନ୍ଧା ହେଇଥିଲା ଗୋଟିଏ ଜାପାନୀ କାଗଜ ତିଆରି ଲଣ୍ଠନ୍ ଓ ଗୋଟିଏ ପବନ ଘଣ୍ଟି । ମୃଦୁପବନର ଧକ୍‌କାରେ ସେ ଘଣ୍ଟି ଗୀଟାର୍ ପରି ଟୁଂଟାଂ ସ୍ୱର ତୋଳି ବାଜି ଲାଗିଥିଲା ଅନବରତ । ଲନ୍‌ର ଗୋଟିଏ ପଟେ ଥିଲା କୃତ୍ରିମ ଝରଣାଟିଏ । ଝରଣାଠାରୁ ବେଶ୍ କିଛି ଦୂରରେ ରଖାହେଇଥିଲା ମାଂସ ପୋଡି ବର୍ବିକିଉ କରି ଖାଇବା ପାଇଁ ଉଦ୍ଦିଷ୍ଟ ବିରାଟକାୟ ଲୁହା ଚୁଲୀଟି । ଚୁଲୀର ବିପରୀତ ଦିଗରେ, ଗୋଟିଏ କାଠବାକ୍ସ ଭିତରେ ରହୁଥିଲା ବେକିର ପୋଷା କୁକୁର- ସେଲିଞ୍ଜର୍ । ସେଲିଞ୍ଜର୍ ବେକରେ ଶିକୁଳି ବାନ୍ଧି ତାକୁ ଅନେକ ସମୟରେ ପାର୍କକୁ ବୁଲାଇବାକୁ ନେଇଯାଉଥିଲା ବେକି । ଥରେ ଏଇ ସାନ୍ଧ୍ୟ ଭ୍ରମଣ ସମୟରେ ମତେ ଦେଖି କହିଥିଲା ଯେ ସେମାନେ ଏଇ ଦୁଇଦିନ ଭିତରେ ସେଲିଞ୍ଜର୍ ସହିତ ଡିସ୍‌ନିଲାଣ୍ଡ ବୁଲିବାକୁ ଯିବେ । ଏକଥା ମଧ୍ୟ ଜଣାଇଥିଲା ଯେ ଡିସ୍‌ନିଲାଣ୍ଡକୁ ଏହା ତାଙ୍କର ତୃତୀୟ ଯାତ୍ରା । ଡିସ୍‌ନିଲାଣ୍ଡର ଚଉଦିଗରେ କୁଆଡେ ବାରଟି ଅତ୍ୟାଧୁନିକ ହୋଟେଲ । ତନ୍ମଧ୍ୟରୁ ଗୋଟିକରେ ସେମାନେ ରହିବାପାଇଁ ଆଗତୁରା ବଖରା ରିଜର୍ଭ କରାହେଇଛି । ଫେରନ୍ତା ବାଟରେ ସନ୍‌ର ମା' ସହିତ ସେମାନେ ଦେଖା କରିଆସିବେ । କାରଣ ପ୍ରିୟ ସେଲିଞ୍ଜର୍‌କୁ



Digitized by srujanika@gmail.com

ସନ୍ର ମା ଏ ପର୍ଯ୍ୟନ୍ତ ଭେଟିନାହାନ୍ତି ।

- ତୁମ ବାପାମାଙ୍କ ପାଖକୁ ଯିବନି ? ମୁଁ ପଚାରିଲି ।

- ମୋ ବାପା ମାଙ୍କର ବିବାହ ବିଚ୍ଛେଦ ଘଟିଛି । ଅଲଗା ଅଲଗା ଜାଗାରେ ରହନ୍ତି । ଏଥରକ ଯିବାପାଇଁ ବେଳ ହବନି । ବେକି ଉତର ଦେଲା ।

ପ୍ରତ୍ୟହ ଅପରାହ୍ନରେ ସାନ ସାନ ପିଲାମାନେ ଆସି ସକର୍ ଓ ଟେନିସ୍ ଖେଳୁଥିଲେ ପାର୍କରେ ଏବଂ ଆମର ଠିକ୍ ପୂର୍ବପଟରେ ଥିବା ପଡୋଶୀ ଭଦ୍ରମହିଳା ଜଣକ ନିୟମିତ ରୂପେ ତାଙ୍କର ଶିଶୁପୁତ୍ର ଦୁଇଟିଙ୍କ ସହତ କ୍ରିକେଟ୍ ଖେଳୁଥିଲେ ସେଠି । ଭଦ୍ରମହିଳାଙ୍କର ଧୈର୍ଯ୍ୟ ଥିଲା ଅସୀମ । ଘଣ୍ଟା ଘଣ୍ଟା ଦୌଡି ଦୌଡି ଖେଳ ଖେଳୁଥିଲେ ଶିଶୁପୁତ୍ର ଦୁଇଟିଙ୍କ ସହିତ । କନିଷ୍ଠ ପୁତ୍ରଟି ଥିଲା ପ୍ରାୟ ଦୁଇବର୍ଷର । ତୁଳାକଣ୍ଢେଇ ପରି ଠୁକୁଠୁକୁ ଚାଲୁଥିବା ଦୁଧସାଦା ଛୁଆଟିଏ । ବଲ୍‌ପଛେ ଗୋଡାଇଲା ବେଳେ ବାରମ୍ବାର ଝୁଣ୍ଟିପଡୁଥିଲା ଘାସ ଶେଜରେ ।

ଦିନେ ମୋର ତିନିବର୍ଷର ପୌତ୍ରଟି ମୋ ସହିତ ସେମାନଙ୍କର ଖେଳ ଦେଖିବା ସମୟରେ ଭଦ୍ର ମହିଳାଙ୍କ ସ୍ୱାମୀ ତାଙ୍କ ଘର ପିଣ୍ଡାରୁ କିଛି ସମୟ ଧରି ଆମକୁ ଲକ୍ଷ୍ୟ କରୁଥିବାର ଦେଖିଲି । ତା ପରେ ଭଦ୍ରବ୍ୟକ୍ତି ଜଣକ ଚାଲି ଚାଲି ମୋ ପାଖକୁ ଆସି ନିଜର ପରିଚୟ ଦେଇ କହିଲେ- ହାଇ, ଆଇ ଆମ୍ ବେନ୍ । ପୁଲିସ ବିଭାଗରେ ଚାକିରି କରେ ଓ ଆପଣଙ୍କ ପଡୋଶୀ ।

ମୁଁ କହିଲି- ମୁଁ କାନନ, ଇଣ୍ଡିଆରୁ ଆସିଛି, ପୁଅ ପାଖକୁ । ଆଉ ଇଏ ମୋ ପୌତ୍ର, ସୋହମ୍ । ଭଦ୍ର ବ୍ୟକ୍ତି ଜଣକ କହିଲେ- ମୁଁ ସୋହମ୍‌କୁ ଦେଖି ଇ ଆସିଲି ଆପଣଙ୍କ ପାଖକୁ । ଅନେକଦିନ ଧରି ଲକ୍ଷ୍ୟ କରୁଛି ସୋହମ୍ ତାର କ୍ରିକେଟ ବ୍ୟାଟ୍‌ଟି ଧରି ଏକା ଏକା ଖେଳୁଛି ଏଠି । ତା ବୟସର ପିଲାବି କେହି ଆସୁନାହାନ୍ତି ପାର୍କକୁ । ଆପଣଙ୍କର ଯଦି କିଛି ଆପତ୍ତି ନଥାଏ, ମୁଁ ତାକୁ ସାଙ୍ଗରେ ନେଇ ଯାଉଛି । ମୋ ପିଲାମାନଙ୍କ ସହିତ ସିଏ କ୍ରିକେଟ୍ ଖେଳିବ । ସେମାନେ ପ୍ରାୟ ତାର ସମବୟସୀ ।

ଭଦ୍ରବ୍ୟକ୍ତିଙ୍କର ସୌଜନ୍ୟରେ ମୁଗ୍ଧ ହେଇଥିଲି ।

ଥରଟେ ପାର୍କରେ ତିନୋଟି ନିଗ୍ରୋ ଭାଇ ଭଉଣୀଙ୍କ ସହିତ ଆଳାପ ହେଇଥିଲା । ଲୋଲା, କେନି ଓ କେଭିନ୍ । ପିଲାମାନେ ଦୋଳି ଝୁଲୁଝୁଲୁ ଅନେକ ଗପ କଲେ ମୋ ସହିତ । ପଚାରିଲେ ଭାରତବର୍ଷ ସଂପର୍କରେ ଅଜସ୍ର ପ୍ରଶ୍ନ । ବଡଝିଅ ଲୋଲାଠାରୁ ଜାଣିଲି- ସେମାନଙ୍କ ଘର ନାଇଜେରିଆ । ସେମାନଙ୍କର ପିତା ଏଠାରେ ମିସିଗାନ୍ ଷ୍ଟେଟ୍



Digitized by srujanika@gmail.com

ୟୁନିଭର୍ସିଟରେ ଜର୍ଣ୍ଣାଲିଜିମ୍‌ରେ ପ୍ରଫେସର । ମା'  ଏଠାକାର ସୁପ୍ରସିଦ୍ଧ ଇଙ୍ଗାମ୍ ହସ୍‌ପିଟାଲ୍‌ରେ ନର୍ସ ।

ଲୋଲାର କେଶସଜ୍ଜା ଥିଲା ଅଦ୍‌ଭୂତ । ମଥା ଭର୍ତ୍ତି ଆମ କାଣୀଆଙ୍ଗୁଠିର ଏକ ଚତୁର୍ଥାଂଶ ମୋଟାର ଅଜସ୍ର କୁନି କୁନି ବେଣୀ । ସରୁ ଦଉଡି ପରି ଦିଶୁଥିବା ସେ ପ୍ରତିଟି ବେଣୀ ଅଗରେ ରିବନ୍‌ର ଫୁଲ ।

ମୁଁ ପଚାରିଲି- ଏବେଣୀ କିଏ ବାନ୍ଧିଦେଇଛି ?

ଲୋଲା କହିଲା - ମୋ ମା'  ।

- ପ୍ରତ୍ୟେକ ଦିନ ଏତେ ପରିଶ୍ରମ କରନ୍ତି ତମ ମା'  ?

- ନା ନା ! ପ୍ରତ୍ୟେକ ଦିନ ନୁହେଁ । ଥରେ ବେଣୀ ବାନ୍ଧିଦେଲେ ତାହା ମାସକ ପର୍ଯ୍ୟନ୍ତ ରହେ । ଏଇତକ ବେଣୀ ବାନ୍ଧିବାକୁ ମା' କୁ ଚାରି ପାଞ୍ଚ ଘଣ୍ଟା ଲାଗିଯାଏ । ସବୁଦିନ କଅଣ କରିହବ ?

କିଶୋରୀ ଲୋଲା ତା ସାଥିରେ ଆସିଥିବା ଶ୍ୱେତବର୍ଣ୍ଣା ଝିଅଟି ସହିତ ପରିଚୟ କରାଇଦେଲା- ଇଏ ମୋ ସାଂଗ ସାରା । ମୁଁ କହିଲି, ଇଏତ କିନ୍ତୁ ପୂରା ଆମେରିକାନ୍ ପରି ଦିଶୁନି । ଲୋଲା କହିଲା - ଠିକ୍ ଧରିଛନ୍ତି । ତା ମା'  ଆମେରିକାନ୍ । ବାପା ଇରାନୀୟାନ୍ । ତା ଚେହେରା ସିଏ ବେଶୀଭାଗ ତା ପିତାଙ୍କଠାରୁ ପାଇଛି । ସଂଜ ହେଇ ଆସୁଥିଲା । ପିଲାମାନେ ମୋ ଠାରୁ ବିଦାୟ ନେଇ ପାଖରେ ରଖା ହେଇଥିବା ଟୟଟା ଗାଡିଆଡେ ମୁହାଁଇଲେ । ଲୋଲା ବସିଲା ଡ୍ରାଇଭର୍ ସିଟ୍‌ରେ । ଆମେରିକାରେ ଅଠର ବର୍ଷ ହେଇ ଯିବା ପରେ ପୁଅଝିଅମାନଙ୍କର ନିଜସ୍ୱ ଗାଡିଟିଏ ହେବା ହେଉଛି ଏକ ସାଧାରଣ ବ୍ୟାପାର । ଆମ ଦେଶର ସାଇକଲ୍ ବା ସ୍କୁଟର ରଖିବା ପରି ।

ଏଇ ପାର୍କରେ ଥରଟେ ଦେଖାହେଇଥିଲା ନାନ୍‌ସୀ ସହିତ । ସୋନୁ ଦୋଳି ଝୁଲୁଥିଲା । ମୁଁ ବସି ରହିଥିଲି ନିକଟସ୍ଥ ପାଇନ୍ ଗଛ ତଳେ ପଡିଥିବା କାଠ ବେଞ୍ଚଟିରେ । କିଛି ସମୟପରେ ଗୋଟିଏ ଚାରିପାଞ୍ଚବର୍ଷର ବାଳକ ସହିତ ଝିଅଟିଏ ଆସି ପହଞ୍ଚିଲା ସେଠି । ଖର୍ବକାୟ , ଚାପାନାକ ଓ ତୀର୍ଯ୍ୟକ୍ ସରୁ ସରୁ ଆଖି । ପୁଅ ପିଲା ପରି କଟା ସାନ ସାନ ମେଞ୍ଚାଏ କଳା କୁବ୍ କୁବ୍ ବାଳ । ସେ ବାଳରୁ କେରାଏ ପଡିଛି ଗୋରା କପାଳ ଉପରେ । ପିନ୍ଧିଛି କଳାରଂଗର ଟି ସାର୍ଟ ଓ କଳା ହାଫ୍‌ପ୍ୟାଣ୍ଟ । ବାଳକଟିକୁ ଖେଳିବାକୁ ଛାଡିଦେଇ ମୋ ପାଖରେ ଆସି ବସିଲା ଝିଅଟି । କିଛି ସମୟପରେ ମୃଦୁହସି ଭଙ୍ଗା ଭଙ୍ଗା ଇଂରାଜୀରେ ମତେ କହିଲା- ମୁଁ ନାନ୍‌ସୀ । ମୋ ଘର ଫିଲିପାଇନସ୍ । ଆପଣ କେଉଁ ଦେଶର ?



Digitized by srujanika@gmail.com

ମୁଁ କହିଲି- ମୁଁ କାନନ । ଘର ଭାରତବର୍ଷ । ଏଠା ବିଶ୍ୱବିଦ୍ୟାଳୟରେ ପୁଅ ଅଧ୍ୟାପକ । ତା ପାଖକୁ ବୁଲିଆସିଛି ।

ଝିଅଟି ଏଥରକ ଅନେକଟା ସ୍ୱଚ୍ଛନ୍ଦ ବୋଧ କଲା । ଅନେକ ଗପ କଲା ମୋ ସହିତ । ପାର୍କଟିର ସ୍ନିଗ୍ଧ ଶୀତଳ ଶାନ୍ତଶ୍ରୀକୁ ବିଳପିତ କରି କଥା ପ୍ରସଂଗରେ କହିଲା ତା ତରୁଣୀ ଜୀବନର କରୁଣ କହାଣୀ ।

ଫିଲିପାଇନ୍‌ସର ଗୋଟିଏ ଗାଁରେ ଜନ୍ମ । ବିବାହ ହୁଏ ୧୦ର ବର୍ଷ ବୟସରେ । ପରେ ପରେ ଦୁଇଟି ପୁତ୍ରକନ୍ୟାଙ୍କର ଜନ୍ମ ଓ ତା ପରେ ବିବାହବିଚ୍ଛେଦ । କୈଶୋରାବସ୍ଥାରେ ଖୁବ୍ ବେଶି ପାଠପଢ଼ିବାର ସୁଯୋଗ ପାଇନଥିଲା ନାନ୍‌ସୀ । ଶିଶୁଦୁଇଟିଙ୍କ ସହ ନିଜର ଭରଣପୋଷଣ କରିବା ହେଇଉଠିଲା ଗମ୍ଭୀର ସମସ୍ୟା । ଭାଗ୍ୟକୁ ତାର ପରିଚିତା ଫିଲିପାଇନ୍‌ସ୍‌ର ଜଣେ ଭଦ୍ରମହିଳାଙ୍କର ଗୋଟିଏ ପରିଚାରିକାର ଦରକାର ପଡିଲା । ଭଦ୍ରମହିଳା ବିବାହ କରିଛନ୍ତି ଆମେରିକାରେ କାର୍ଯ୍ୟରତ ଜଣେ ମାଲୟସିଆନ୍ ଭଦ୍ର ଲୋକଙ୍କୁ । ନିଜେ ବି ଚାକିରି କରନ୍ତି । ଶିଶୁପୁତ୍ର କ୍ରିସ୍‌ଟୋଫର୍‌ର ଯତ୍ନନେବା ପାଇଁ ମଣିଷଟିଏ ଦରକାର । ଛୁଟିରେ ଆମେରିକାରୁ ଘରକୁ ଗଲାବେଳେ ଭଦ୍ରମହିଳା ଚେଷ୍ଟାକରି ନାନ୍‌ସୀକୁ ନେଇ ଆସିଛନ୍ତି ଆମେରିକା । ନାନ୍‌ସୀ ସନ୍ତାନ ଦୁଇଟିଙ୍କୁ ଛାଡି ଆସିଛି ତା ମା' ପାଖରେ । ପ୍ରତି ମାସରେ ଦରମାତକ ପଠେଇଦିଏ ମା' ପାଖକୁ । ଏଠି କ୍ରିସ୍‌ଟୋଫର୍‌କୁ ସମ୍ଭାଳେ, ଓ ତତ୍‌ସହିତ ଘରବି ସମ୍ଭାଳେ । ରନ୍ଧାବଢ଼ା କାର୍ଯ୍ୟଟି ମଧ୍ୟ ତା ଉପରେ ନ୍ୟସ୍ତ ।

- ପିଲାଙ୍କ କଥା ମନେପଡ଼େନି ? ପଚାରିଲି ।

ମୋ କଥାଶୁଣି ନାନ୍‌ସୀ ଲୁହ ଛଳଛଳ ଆଖିରେ ନୀରବ ହୋଇ ବସିରହିଲା କିଛି ସମୟ । ତା ପରେ ବାଷ୍ପରୁଦ୍ଧ କଣ୍ଠରେ କହିଲା- ଉପାୟ କଅଣ ? ମୁଁ ଯେ ଦରିଦ୍ର ଓ ହତଭାଗିନୀ । ମୁଁ ନାନ୍‌ସୀକୁ ସାନ୍ତ୍ୱନା ଦେଇ କହିଲି- ବ୍ୟସ୍ତ ହୁଅନା, ପିଲାମାନେ ତ ମା' ପାଖରେ ଅଛନ୍ତି । ଭଲରେ ଥିବେ । ଡଲାର୍‌ତ ପଠାଉଛ ନିୟମିତ । ଅନ୍ତତଃ ସେମାନଙ୍କର ଆର୍ଥିକ ଦୁରାବସ୍ଥା ତ ଦୂର ହେଇଗଲା ।

ନାନ୍‌ସୀ କହିଲା- ତା ଅବଶ୍ୟ । ଏବଂ ତା ପରେ ମୋ ଭାନିଟିବ୍ୟାଗରୁ କାଢ଼ି ମତେ ଖଣ୍ଡିଏ ପାନ ଖାଉଥିବାର ଦେଖି ମତେ ପଚାରିଲା- ଆପଣ କଅଣ ପାନ୍ ଖାଉଛନ୍ତି ?

ମୁଁ କହିଲି- ଆରେ ! ତମେ କେମିତି ଜାଣିଲ ଯାକୁ ପାନ କହନ୍ତି ବୋଲି । ମୁଁ ପାନ ଖାଏ ମଝିରେ ମଝିରେ । କିଛି ପତ୍ର ଆଣିଥିଲି ସାଥିରେ । ଅନେକଦିନ ଆଗରୁ ସରିଯାଇଛି । କାଲି ପୁଅ ଡେଟ୍ରଏଟ୍ ଯାଇଥିଲା । ସେଠୁ ଇଣ୍ଡିଆନ୍ ଷ୍ଟୋର୍‌ରୁ ପାନଗୁଆ ଆଣିଦେଇଛି ।



Digitized by srujanika@gmail.com

ଏଠି ତ ମିଳେନି ।

ନାନ୍‌ସୀ କହିଲା ମୋର ଏଠି ଜଣେ ଆମେରିକାନ୍ ଭଦ୍ରମହିଳାଙ୍କ ସହିତ ପରିଚୟ ଅଛି । ସିଏ ବୁଲିବାପାଇଁ ଆରବର୍ଷ ଇଣ୍ଡିଆ ଯାଇଥିଲେ । ଫେରିଆସି କହୁଥିଲେ ସେଠାରେ ଲୋକମାନେ ବହୁତ ପାନ୍ ଖାଆନ୍ତି । ଗୋଟିଏ ଲତାର ସବୁଜପତ୍ର- ଭିତରେ ଲାଇମ୍ ପଲସ୍ତରା ଲଗାଇ ଖାଇବାକୁ ପଡେ । ପାଟି ଏକ୍‌ଦମ୍ ଲାଲ୍ ହେଇଯାଏ ।

- ଆଉ କଅଣ ସବୁ କହୁଥିଲେ ତୁମ ପରିଚିତା ଭଦ୍ରମହିଳା ?

- କହୁଥିଲେ ଇଣ୍ଡିଆରେ ସମସ୍ତେ ଡାଲ୍ ଖାଆନ୍ତି । ରାଇସ୍ ସାଥିରେ । ମୁଁ ଗୋଟିଏ ରେସିପି ବହି ପଢ଼ି ଡାଲ୍ ବନେଇବା ଶିଖିଯାଇଛି କିନ୍ତୁ ।

ନାନ୍‌ସୀର କଥା ଅଧା ରହିଗଲା । କ୍ରିସ୍‌ଟୋଫର୍ ଆସି ତା କୋଳରେ ଚଢ଼ି ଘରକୁ ଫେରିଯିବା ଲାଗି ଅଳି କରି ଲାଗିଲା । ମୋ ଠାରୁ ବିଦାୟ ନେଇ କ୍ରିସ୍‌ଟୋଫର୍‌ର ହାତଧରି ଆସନ୍ନ ସନ୍ଧ୍ୟାର ଫିକା ଫିକା ଅନ୍ଧକାର ଭିତରେ ପାର୍କର ଘାସ ଜମି ଛାଡି ପିଚୁରାସ୍ତା ଆଡେ ମୁହାଁଇଲା ନାନ୍‌ସୀ । ଆମେରିକାବାସୀ ଦୁଃଖିନୀ ଫିଲିପିନୋ ଝିଅଟିର ଫେରନ୍ତାବାଟକୁ ଚାହିଁ ଛାତି ଭିତରେ କେଉଁଠି କେମିତି କଷ୍ଟ ହେଲା ଟିକିଏ ।

ଏଇ ପାର୍କରେ ସାନ୍ଧ୍ୟଭ୍ରମଣ କଲାବେଳେ ଆଳାପ ହେଇଥିଲା ଶ୍ରୀ ଓ ଶ୍ରୀମତୀ ନାହର୍‌ଙ୍କ ସହିତ । ଭାରତୀୟ, ବାସସ୍ଥାନ କଲିକତା, ଆମେରିକା ଯାଇଥିଲେ ପୁତ୍ରର ବିଭାଘର ନିମନ୍ତେ । ପୁତ୍ର ରାଜେଶ ଏଠାକାର ଇଂଘାମ୍ ହସ୍‌ପିଟାଲ୍‌ରେ ଡାକ୍ତର । ଏହା ପୂର୍ବରୁ ଥିଲା ନିଉୟର୍କରେ । ସେଇଠି ଆମେରିକାରେ ଜନ୍ମିତ ତଥା ପ୍ରତିପାଳିତ ମନୀଷା ନାମ୍ନୀ ଗୁଜୁରାଟୀ ଝିଅଟି ସହିତ ପ୍ରେମ । ଝିଅଟିର ପିତାମାତାଙ୍କର ଗୃହସ୍ଥଳୀ ନିଉୟର୍କରେ ଏବଂ ବିବାହ ସଂପନ୍ନ ହେଲା ସେଇଠି । ଶ୍ରୀ ଓ ଶ୍ରୀମତୀ ନାହର ଯାଇଥିଲେ ବିବାହରେ ଯୋଗଦାନ କରିବାପାଇଁ । ବାହାଘର ପରେ ମୟାମିରେ ଥିବା ଭଉଣୀଘରେ କିଛିଦିନ କଟାଇ ଆସିଛନ୍ତି । ଆସନ୍ତା ସପ୍ତାହରେ ଫେରିଯିବେ କଲିକତା ।

ଶ୍ରୀ ନାହର ସସ୍ନେହ ଡାକିନେଲେ ପାର୍କରେ ଶେଷ ମୁଣ୍ଡରେ ଥିବା ତାଙ୍କ ପୁତ୍ରର ଘରଟିକୁ । ରାଜେଶ ଘରେ ନଥିଲେ । ସଂପୂର୍ଣ୍ଣ ଆମେରିକାନ ଉଚ୍ଚାରଣରେ ଇଂରାଜୀ କହୁଥିବା ପୁତ୍ରବଧୂ ମନୀଷା ଅଭ୍ୟର୍ଥନା କରି ଫଳରସର ଗ୍ଲାସ ଆଣି ରଖିଲା ଡ୍ରଇଂରୁମ୍‌ର ଟେବ୍‌ଲଉପରେ । ଫଳରସ ଶେଷ ନକରୁଣୁ ଘରେ ପଦାର୍ପଣ କଲେ ଆଉ ଗୋଟିଏ ଭାରତୀୟ ଦଂପତି ।

ଶ୍ରୀ ନାହର ପରିଚୟ କରାଇଦେଲେ- ଶ୍ରୀ ଓ ଶ୍ରୀମତୀ ବର୍ମା । ତାଙ୍କର ପଡୋଶୀ ।



Digitized by srujanika@gmail.com

ଶ୍ରୀ ବର୍ମା ଆଲ୍‌ହାବାଦ୍‌ର ଆଇ.ଏ.ଏସ. ଅଫିସର୍ । ଅବସର ଗ୍ରହଣ ପରେ ଉଭୟ ପତିପତ୍ନୀ ଏଠାରେ ରହନ୍ତି- କନ୍ୟା ପାଖରେ ।

ଶ୍ରୀଯୁକ୍ତବର୍ମାଙ୍କଠାରୁ କଥା ପ୍ରସଙ୍ଗରେ ଶୁଣିଥିଲେ ତାଙ୍କ କନ୍ୟାଟିର ବେଦନାଦାୟକ କାହାଣୀ ।

- ଆମେ ଜାଣିପାରିଲୁନି । ଝିଅଟିକୁ ଦୂରରେ ବାହା କରେଇଦେଲୁ । ଜାମାତାଟି ଗୋଟିଏ ସଇତାନ୍ । ଚରିତ୍ରର ଦୋଷ ଅନେକ । ଝିଅକୁ ଶେଷପର୍ଯ୍ୟନ୍ତ ଡାଇଭୋର୍ସ କରିଦେଲା । ଶିଶୁକନ୍ୟାଟିକୁ ଧରି ଝିଅ ଏଠି ଏକା । ଚାକିରି କରି ଚଳୁଛି । ଏକମାତ୍ର ଅଲ୍ୟଳ ଝିଅ ଆମର । ମନ ମାନିଲାନି । ଆସି ତା ପାଖରେ ରହିଛୁ ।

- ନିଜ ଦେଶ ଛାଡି, ସଂପୂର୍ଣ୍ଣ ଗୋଟିଏ ନୂଆ ପରିବେଶରେ ଚିରସ୍ଥାୟୀ ହୋଇ ରହିଯିବାରେ କିଛି ଅସୁବିଧା ହେଉନି ? ପଚାରିଲି ।

- ଅସୁବିଧା କାହିଁକି ହବ ? ତାଜା ପବନ, ପରିଚ୍ଛନ୍ନ ବାତାବରଣ, ପ୍ରଦୂଷଣ ବିଲ୍‌କୁଲ୍ ନାହିଁ । ସୁଲଭ ମୂଲ୍ୟରେ ପୁଷ୍ଟିକର ଖାଦ୍ୟ । ଜଣେ ସାଧାରଣ ମଣିଷ ଜୀବନରେ ଯାହା କିଛି ପାଇବାର ସ୍ୱପ୍ନ ଦେଖେ, ସେ ସବୁ ତ ବଡ଼ ସହଜରେ ମିଳିଯାଏ ଏଠି । ଶ୍ରୀ ବର୍ମା ଉତ୍ତର ଦେଲେ ।

- ତେବେ ସମୟ କେମିତି କଟୁଛି ଆପଣଙ୍କର ?

- ମୁଁ ସବୁଦିନ ଅପରାହ୍ନରେ ସ୍କୁଲ୍‌ପିଲାଙ୍କ ପାଇଁ ଉଦ୍ଦିଷ୍ଟ ଗୋଟିଏ ସେଣ୍ଟର୍‌ରେ ସ୍ୱେଚ୍ଛାସେବୀ ଭାବରେ କାମ କରେ ।

- କି ସେଣ୍ଟର୍ କହିଲେ ଠିକ୍ ବୁଝିପାରିଲିନି ।

ଶ୍ରୀ ବର୍ମା କହିଲେ- ଓଃ ! ଆପଣ ଜାଣନ୍ତିନିକି ? ଏଠି ବାର ବର୍ଷ ନହେବା ପର୍ଯ୍ୟନ୍ତ, ପିଲାମାନଙ୍କୁ ଘରେ ଏକୁଟିଆ ଛାଡିବା ଦଣ୍ଡନୀୟ ଅପରାଧ । ଆପଣତ ଦେଖୁଥିବେ ଅନେଶ୍ୱତ ପ୍ରତିଶତ ପିତା ମାତା ଏଠି ଚାକିରି କରନ୍ତି । ଫେରନ୍ତି ଯାଇ ସେଇ ସନ୍ଧ୍ୟାରେ । ସ୍କୁଲ ଛୁଟି ହେଇଯାଏ ତିନିଟା ଭିତରେ । ପିତାମାତାଙ୍କ ଅନୁପସ୍ଥିତିରେ ସାନ ସାନ ପିଲାମାନେ ଘରେ ଆସି ସନ୍ଧ୍ୟା ପର୍ଯ୍ୟନ୍ତ ଏକା ରହିବେ କେମିତି ?

- ତା' ଅବଶ୍ୟ ଯାହା କହିଲେ । ଆମ ଦେଶ ପରି ଘରେ ପରିଚାରକ କିମ୍ବା ପରିଚାରିକାଟିଏ ରଖିବାର ପରଂପରା ତ ଏଠି ଆଦୌନାହିଁ । ଲୋକମାନେ ସବୁକାମ ନିଜେ କରନ୍ତି । ଅବଶ୍ୟ ଲୁଗାକଚାଠାରୁ ଆରମ୍ଭ କରି ବାସନମଜା ପର୍ଯ୍ୟନ୍ତ ସବୁ କାମ



Digitized by srujanika@gmail.com

ମେସିନ୍‌ରେ ଇ ହୁଏ । ମୁଁ କହିଲି ।

ଶ୍ରୀ ବର୍ମା କହିଲେ- ଆପଣ ଠିକ୍ କହିଛନ୍ତି । ସ୍ୱାମୀ, ସ୍ତ୍ରୀ ବ୍ୟତୀତ ଘରେ ଅନ୍ୟ ଲୋକ କେହି ନଥାନ୍ତି । ବଡ ଭାଇ ଭଉଣୀ ଥିଲେ ଅବଶ୍ୟ ଅଲଗା କଥା । କିନ୍ତୁ କେହି ନଥିଲେ ସାନ ଛୁଆଟିଏ ଘର ତାଲା ଖୋଲି ଏକା ଏକା ରହିବ ବା କେମିତି ? ସେଇଥିପାଇଁ ଏଇ ସବୁ ସେଣ୍ଟର ଖୋଲାହେଇଛି । ସ୍କୁଲଛୁଟି ପରେ ସେମାନଙ୍କର ରକ୍ଷଣାବେକ୍ଷଣ ଏଇଠାରେ ଇ ହୁଏ । ଦେଖାଶୁଣା କରିବାକୁ ଲୋକ ଅଛନ୍ତି । ସନ୍ଧ୍ୟାବେଳେ ପିତାମାତାମାନେ କାମରୁ ଫେରିବା ସମୟରେ ଗାଡିରେ ନେଇ ଆସନ୍ତି ସ୍ୱ ସ୍ୱ ସନ୍ତାନମାନଙ୍କୁ ।

- ତେବେ ଆପଣ ସେଠି ସ୍ୱେଚ୍ଛାସେବୀ ହେଲେ କେମିତି ?

- ସେଥିରେ କଅଣ ଅଛି ? ଯେ କୌଣସି ଲୋକ ଚାହିଁଲେ ଭଲେଣ୍ଟିୟର ହେଇ କାମ କରି ପାରିବ । ଆପଣ ବି । ମତେ ତ ସେଠି ଯାଇ ପିଲାଙ୍କ ଗହଣରେ ହସିଖେଳି କିଛି ସମୟ ବିତାଇବା ପାଇଁ ଭାରି ଖୁସି ଲାଗେ ।

ବର୍ମା ଦଂପତ୍ତି ଓ ନାହର ଦଂପତ୍ତିଙ୍କ ସହିତ ଗପ କରୁକରୁ ସନ୍ଧ୍ୟା ଘନେଇ ଆସିଲା ବାହାରେ । ମୁଁ ଘରକୁ ଫେରିବାକୁ ଉଦ୍ୟତ ହେଲି । ମତେ ବାଟେଇ ଦେବାକୁ ଆସି ଶ୍ରୀ ନାହର କହିଲେ- ଲକ୍ଷ୍ୟ କରିଛନ୍ତି ? ଅକ୍ଟୋବର ମାସରେ ଏଠି ସଂଜ ହେଉଛି ଯାଇ ରାତି ଆଠଟାରେ ।

ମୁଁ କହିଲି- ବିଲ୍‌କୁଲ । ଆମ ଭାରତବର୍ଷରେ ଆଠଟାମାନେ ଘଡିଏ ରାତି ।

ପାର୍କ ପର୍ଯ୍ୟନ୍ତ ମୋ ସହିତ ଆସି ଶ୍ରୀ ନାହର ଓ ଶ୍ରୀ ବର୍ମା ଫେରିଗଲେ ସ୍ୱ ବାସସ୍ଥଳୀକୁ । ପାର୍କଟି ନିଶୂନ୍ ଥିଲା । ଖେଳସାରି ପିଲାମାନେ ସବୁ ଫେରିଯାଇଥିଲେ ଯା ଭିତରେ ନିଜ ନିଜ ଘରକୁ । ନିସ୍ତବ୍ଧ ପରିବେଶରେ କିଛି କଣ୍ଠସ୍ୱର ଶୁଣି ଡାହାଣକୁ ମୋଡି ଚାହିଁଲି । ଦୁଇଟି ଆମେରିକାନ୍ ଯୁବକଯୁବତୀ ଅଣ୍ଟାରେ ହାତଦେଇ କିଛିଦୂରରେ ପଦଚାଳନା କରୁଥିଲେ ପାର୍କରେ ଘାସ ଜମିରେ ।

ଦୁଇଜଣଯାକଙ୍କର ପିନ୍ଧା ଫୁଲପ୍ୟାଣ୍ଟ ଦୁଇଟି ବେଶ୍ ଢ଼ୋଲା । ପାଇଜାମା ପରି । ଦୁଇଜଣଙ୍କର ପରିଧାନ ଢ଼ୋଲା ଟି ସାର୍ଟ । ଯୁବକଟିର ଟି ସାର୍ଟର ପୂରା ସାମ୍‌ନା ପଟ ଭର୍ତ୍ତି ଏକ ନବୋଦିତ ସୂର୍ଯ୍ୟର ଛବିରେ । କିନ୍ତୁ ଯାହା ମୋର ଉତ୍ସୁକ ଦୃଷ୍ଟି ଆକର୍ଷଣ କଲା, ତାହା ହେଲା ସେମାନଙ୍କର କେଶ ସଜ୍ଜା ।

ଦୁହିଙ୍କର କେଶଥିଲା ମାତ୍ର ଅଧଇଞ୍ଚ ଲମ୍ବା । ଏବଂ ଝିଅଟିର ମୁଣ୍ଡ ମଝିରେ, ଠିକ୍ ଯେଉଁଠି ସୁନ୍ଥାହୁଏ- ଠିକ୍ ସେଇଠି କପାଳଠାରୁ ବେକମୂଣ୍ଡ ପର୍ଯ୍ୟନ୍ତ, ପ୍ରାୟ ଚାରିଇଞ୍ଚ



Digitized by srujanika@gmail.com

ଚଉଡାର ବାଳକୁ ରଂଗ ଦିଆହୋଇ କରାଯାଇଥିଲା ବିବାହ୍ ସାଦା । ଲାଗୁଥିଲା ଯେମିତି ଚଉଡା ଧଳାରଂଗର ଗାରଟିଏ ସଯତ୍ନେ ଟଣାହେଇଛି ମୁଣ୍ଡମଝିରେ । ପୁଅଟିର ମୁଣ୍ଡରେ ଥିଲା ତଦ୍ରୂପ ତିନୋଟି ଧଳାଗାର ।

ପୁଅଝିଅ ଯୋଡିକ ମତେ ଦେଖି ହାତହଲାଇ କହିଲେ- ହାଇ !

ଘର ପାଖ ହେଇଯାଇଥିଲା । ଗେଟ୍ ଖୋଲିବା ପୂର୍ବରୁ ମୁଁ ଆଉଥରେ ଫେରି ପଛକୁ ଚାହିଁଲି । ପୁଅଝିଅ ଯୋଡିକ ପରସ୍ପର ଅଣ୍ଟାରେ ହାତଛନ୍ଦି ଛିଡାହେଇ ମତେ ପୁନର୍ବାର ହାତ ହଲେଇଲେ । ହାତ ହଲେଇଲା ଗୋଲାପି ମାପଲ୍ ଗଛର ନଇଁ ପଡିଥିବା ନହକା ଡାଳଟି ମଧ । ବୋଧହୁଏ ବୁଝିପାରିଥିଲା, ମୋ ପ୍ରିୟ ପାର୍କଟିରେ ସିଏ ମୋର ଶେଷସନ୍ଧ୍ୟା ଥିଲା ବୋଲି । ତା' ପରଦିନ ମୁଁ ଭାରତ ଫେରିଆସୁଥିଲି ।

(ଅକ୍ଟୋବର, ୨୦୦୨)

❑❑❑



Digitized by srujanika@gmail.com

# ଦୁଇଟି କିଶୋରୀ କନ୍ୟା

ହାତେ ଲମ୍ବର ଓଢ଼ଣା ଟାଣି, ଅଣ୍ଟା ପାଖରୁ ଭୂଇଁ ସହିତ ସମାନ୍ତରାଳ ହୋଇ ନଇଁ ନଇଁ ଏବଂ ନାଲି ଟୁକ୍‌ଟୁକ୍ ଅଳତାରଂଗା ଲକ୍ଷ୍ମୀପାଦରେ ମଲ ରୁଣୁଝୁଣୁ କରି, ସବାରୀରୁ ଓହ୍ଲାଇ ନୂଆବୋହୂଟି ଘରେ ପଶିଥିଲା । ଏରୁଣ୍ଡିବନ୍ଧ ପାଖରେ ଦୂର୍ବା, ଅକ୍ଷତ ଓ ଦୀପଶିଖାରେ ବନ୍ଦାପନା କରି ଶାଶୁ ବରଣ କରିଥିଲେ । କୁଣିଆ, ମଇତ୍ର ଘରେ ହାଉଯାଉ । ବୋହୂଟିକୁ ନେଇ ବସେଇ ଦିଆହେଲା ଅପେକ୍ଷାକୃତ ନିରୋଳା, କଣିକିଆ ହେଇରହିଥିବା ଆଟୁଘରଟିରେ । ବିଲ୍‌କୁଲ୍ ଅଜଣା ପରିବେଶରେ ତଥା ଶାଶୁଘରର ହଟଗୋଳ ଭିତରେ ନୂଆବୋହୂଟି ବସିରହିଲା ସେଠି । ମନେପଡିଲା ସଦ୍ୟ ଛାଡିଆସିଥିବା ବାପଘରର ସଖୀ, ସହଚରୀ, ଆମ୍ବତୋଟା, ନଈକୂଳ ଓ ମା'ର ସସ୍ନେହ ଡାକ । ରହି ରହି ଛାତିଭିତରେ ବହିଗଲା ଦୁଃଖ ଓ ଶୋକର କୁଳୁକୁଳୁ ଝରଣାଟିଏ ।

ହଠାତ୍ ଜଣକର ପଦଶବ୍ଦରେ ଚମକି ପଡିଲା କିଶୋରୀ ବୋହୂଟି । ଦୀର୍ଘ ଅବଗୁଣ୍ଠନ ହେତୁ ଦେଖି ହେଉନଥିଲା ଆଗନ୍ତୁକାଙ୍କୁ । ତରତର ଚାଲି ଓ ଘୁଙ୍ଗୁରଲଗା ପାଉଁଜି ଶବ୍ଦରୁ ବୁଝାପଡୁଥିଲା କମ୍ ବୟସର ଝିଅଟିଏ ବୋଲି । ପାଖରେ ଆସି ବସିଲା ଝିଅଟି ଏବଂ ନୂଆବୋହୂଟିକୁ ହତଚକିତ କରି ତା ଓଢ଼ଣା ଭିତରେ ରେଶ୍‌ମୀ ଚୁଡିପିନ୍ଧା ଡାହାଣ ହାତଟି ଗଳେଇ ଦେଇ ଦରାଣ୍ଡି ଲାଗିଲା ତା ନାକପୁଡା, କାନର ଲତି ଓ ବେକର ଚାରିପାଖ । ଏବଂ ଏସବୁ ସ୍ଥାନ ଭଲକି ପରଖି ସାରିଲାପରେ ଘରୁ ବାହାରି ଯାଉ ଯାଉ ବେଶ୍ ଉଚ୍ଚସ୍ୱରରେ ଜାହିର୍ କରିଗଲା ତା ମନ୍ତବ୍ୟ- ଆଲୋ ମା' ! ତା ବାପଘର ତାକୁ କିଛି ଦେଇନାହାନ୍ତି ଲୋ ? ନୋଥ, ଗୁଣା କି ଦଣ୍ଡି କିଛି ନାହିଁ, ଖାଲି ନାକଫୁଲ ଯୋଡେ । କାନରେ ତୁଚ୍ଛା କାନପାଶା ହଳେ, ଗୋଟେ ହେଲେ ଫାଶିଆ କି ମଲ୍ଲିକଢ଼ି ନାହିଁ । ବେକରେ ଗୋପ କେରାଏ ଆଉ ହରଡଫାଳିଆ ମାଳଟେ । ମହୂରମାଳ, ବେଲପତ୍ରୀ ମାଳ କି ଷୋରିଷିଆ କଣ୍ଠି କିଛି ନାହିଁ ।

ବୋହୂଟି ଦୁଃଖ ଓ ଅପମାନରେ ଛଟପଟ ହେଇଉଠିଲା । ସିଏ ଜାଣିଥିଲା, ଜମିଦାର ଶ୍ୱଶୁରଙ୍କ ତୁଳନାରେ ତାର ମହିମାଧର୍ମାବଲମ୍ବୀ ପିତା ଧନସଂପଦରେ ଥିଲେ ଅପେକ୍ଷାକୃତ



Digitized by srujanika@gmail.com

ନିସ୍ତବ୍ଧ । ତା ବୋଲି ଘରେ ପଶୁ ପଶୁ ଏଇଭଳି ଅଭ୍ୟର୍ଥନା ! ବୋହୂଟିର ଆଖିରେ ଢଳେଇ ଆସିଲା ଲୁହ ।

କିଛି ସମୟ ପରେ ପୁଣି ଥରେ ତରତର ହେଇ ସେଇ ଝିଅଟି ପଶିଲା ପ୍ରକୋଷ୍ଠ ଭିତରକୁ । ଆସି ନୂଆ ବୋହୂଟି ସାମ୍ନାରେ ରଖିଲା ଫନ୍ଦଥିବା ପ୍ରକାଣ୍ଡକାୟ କଂସାଥାଳିଟିଏ । ଥାଳି ଉପରେ ତିନି ଚାରୋଟି ଗିନା । ଥାଳିରେ ଖେଚେଡିଭାତ ଓ ଭଳି ଭଳି ଆରିଷା, ମଣ୍ଡା, କାକରା । ଗିନାମାନଙ୍କରେ କ୍ଷୀରି ଓ ବ୍ୟଞ୍ଜନ । ଓଢ଼ଣାଫାଙ୍କରେ ଖାଦ୍ୟଦ୍ରବ୍ୟତକ ଦେଖିନେଲା ନୂଆବୋହୂଟି । ନାକରେ ଆସି ବାଜିଲା କୋରାନଡିଆ ଓ ଗୁଆ ଘିଅର ମହମହ ବାସ୍ନା । ଘର ଛାଡିଥିଲା ନୂଆବୋହୂଟି କାଇଁ କେଉଁ ସକାଳେ । ସାରାଦିନ ଅଭୁକ୍ତ । ବୋହୂଟିକୁ ଭୋକ ଲାଗୁଥିଲା ବେଶ୍ । ଅଧୀରଚିତ୍ତରେ ଭୋଜନର ନିମନ୍ତ୍ରଣକୁ ଅପେକ୍ଷା କରି ବସିରହିଲା ସିଏ ।

ଝିଅଟି ବିନା ଉପକ୍ରମଣିକାରେ ହଠାତ୍ କହିଉଠିଲା- ଆଲୋ ଭାଉଜ ! କ୍ଷୀରିପିଠା ଆଣିଛି ତୋ ପେଇଁ । ଖାଇବୁ ? ଏ ପ୍ରଶ୍ନର ଉତ୍ତରରେ ଚଟ୍‌କି ହଁ ବୋଲି କହି ବ୍ୟଗ୍ରତାର ସହ ଖାଦ୍ୟଦ୍ରବ୍ୟତକ ଗଳାଧଃକରଣ କରିବାକୁ ଉଦ୍ୟତ ହେବାଟା ଲଜ୍ଜାଜନକ ବୋଲି ମନେହେଲା ବୋହୂଟିର । ନାସ୍ତିସୂଚକ ଭଙ୍ଗୀରେ ସିଏ ମୁଣ୍ଡ ହଲେଇଲା ଏ ପଟରୁ ସେପଟ । ଆଶା କରିଥିଲା ହୁଏତ ନଣନ୍ଦ କହିବ- ଦିନଯାକ ଖାଇନୁ । ଭୋକ ଲାଗୁଥିବ ନିଶ୍ଚେ । ଖାଇବୁନି କାହିଁକି ? ଆଶା କରିଥିଲା ହୁଏତ ନଣନ୍ଦ କାକରା ପିଠାଟିଏ କ୍ଷୀରିରେ ବୁଡେଇ ଆଣି ମୁହଁରେ ଗୁଞ୍ଜିଦବ ବୋଲି । ହୁଏତ କହିବ- ଏକୁଟିଆ ଖାଇବାକୁ ଲାଜ ଲାଗୁଚିକି ? ଆଁ ତାହେଲେ ସାଙ୍ଗ ହେଇ ଖାଇବା । ନଣନ୍ଦଟି କିନ୍ତୁ ଏସବୁ କିଛି କଲାନି । ନୂଆବୋହୂଟିର ନାସ୍ତିସୂଚକ ମୁଣ୍ଡହଲା ଦେଖି ପାଟିକରି କହିଉଠିଲା- ଆଲୋ ମାଁ ! ତୁ କହିଥିଲୁ ଭାଉଜକୁ ଖାଇବାକୁ ଦବାପାଇଁ, କ୍ଷୀରିପିଠା ଆଣିଥିଲି ଯେ ସିଏ ହେଇଟି ଖାଇବାକୁ ମନାକରୁଛି । କେବଳ ଏତିକି କହିଲା ତାହା ନୁହେଁ, ଥାଳିଟି ବୋହୂ ସାମ୍ନାରୁ ଉଠାଇନେଇ କ୍ଷିପ୍ରଗତିରେ କକ୍ଷରୁ ବାହାରି ଚାଲିଗଲା ମଧ୍ୟ । ଆଉ କ୍ଷୁଧା, ମନସ୍ତାପ ତଥା ଅଭିମାନର ମିଶାମିଶି ଅନୁଭୂତିରେ ନୂଆବୋହୂଟିର ଆଖିରୁ ନିଗିଡି ଆସିଲା ତୁହାକୁ ତୁହା ଶ୍ରାବଣର ପ୍ଲାବନ । ପଣତକାନି ଓଦା ହେଇଗଲା ସେ ଶ୍ରାବଣୀ ଝରରେ ।

ଏଇଥିଲା ମୋ ବୋଉ ଏବଂ ତା ନଣନ୍ଦ ତଥା ଆମ ପିଇସୀ କୁନ୍ତଳା ନାନୀଙ୍କର ପ୍ରଥମ ଭେଟାଭେଟିର ମଙ୍ଗଳାଚରଣ । କେତେଥର ଯେ ଏ ଗପଟି ଆମେ ବୋଉଠୁ ଶୁଣିଛୁ ତାର ଇୟତ୍ତା ନାହିଁ । ବୋଉ ଗପଟି ବାରମ୍ବାର ଆମକୁ କହିବ ଆଉ ଇତିହାସ ହେଇଯାଇଥିବା ଷାଠିଏ ବର୍ଷ ତଳର ତା ପୁଆଣିଘରର ସ୍ମୃତିକୁ ପୁଣିଥରେ ମନଭିତରେ ତାଜା ଓ ଜୀବନ୍ତ କରି ଖିଲ୍ ଖିଲ୍ ହୋଇ ହସିଉଠିବ ।



Digitized by srujanika@gmail.com

ପରିଚୟର ପ୍ରଥମ ପର୍ବରେ ସାମାନ୍ୟ ବିଶୃଙ୍ଖଳା ଦେଖାଦେଇଥିଲେ ସୁଦ୍ଧା, ପରେ ପରେ ସମବୟସୀ ନଣନ୍ଦଭାଉଜ ଯୋଡିକ ପରସ୍ପର ସହିତ କିନ୍ତୁ ବେଶ୍ ଅନ୍ତରଂଗ ହେଇ ଉଠିଥିଲେ । ବନ୍ଧୁତ୍ୱ ହେଇଉଠିଥିଲା ପ୍ରଗାଢ଼, କାରଣ ଘରେ ଥିବା ବାକି ଚାରିଜଣ ପରିବାରର ସଦସ୍ୟ- ଶ୍ୱାଶୁ. ଶ୍ୱଶୁର, ଦେଢ଼ଶୁର ଓ ବଡ ଯା, ସଭିଏଁ ଥିଲେ ବୟୋଜ୍ୟେଷ୍ଠ ଓ ସମ୍ମାନାସ୍ପଦ । ନା ସେମାନଙ୍କ ସାମ୍ନାକୁ ବୋଉ ବାହାରି ପାରୁଥିଲା ନା ସେମାନଙ୍କ ସହିତ କରିପାରୁଥିଲା ବାର୍ତ୍ତାଳାପ । ଗପସପ, ସୁଖଦୁଃଖ ସବୁ ହେଉଥିଲା ତନ୍ୱୀ, ପ୍ରିୟଦର୍ଶିନୀ ଓ ହସ୍‌କୁରୀ କିଶୋରୀ ନଣନ୍ଦଟି ସହିତ ।

ବାପା ଚାକିରି କରୁଥିଲେ କଟକରେ । ପୁଆଣିଘରର ଅଳ୍ପ କେଇଦିନ ପରେ ଫେରିଆସିଲେ ନିଜ କର୍ମସ୍ଥଳକୁ । ତତ୍କାଳୀନ ସାମାଜିକ ଚଳଣୀ ଅନୁଯାୟୀ, ବୋଉକୁ କିଛିଦିନ ଶାଶୁଘରେ ରହି ବୋହୂପଣିଆ କରିବାକୁ ପଡିଥିଲା । ଶାଶୁଶ୍ୱଶୁରଙ୍କ ପଦସେବା କରିବାପାଇଁ ବୋଉ ରହିଗଲା ଗାଁରେ ।

କେଇମାସ ଉତାରୁ, ଯେତେବେଳେ ବୁଢ଼ାବାପା, ବୁଢ଼ୀମା , ନବବଧୂଟିକୁ ଆଣି ପୁତ୍ରହାତରେ ସମର୍ପି ଯିବାପାଇଁ ମନସ୍ଥ କଲେ; ଭାଉଜ ସାଥିରେ ଆସିଲା ସହଚରୀ ନଣନ୍ଦଟି ମଧ । ରାସ୍ତାରେ ଭାଉଜ ସାଥିରେ ଗପସପ କରିବ ଓ ତା ଭଲମନ୍ଦ ବୁଝିବ ବୋଲି । କାରଣ ବୋହୂଟି ସେ ପର୍ଯ୍ୟନ୍ତ ଶାଶୁଶ୍ୱଶୁରଙ୍କ ସହିତ ବାକ୍ୟ ବିନିମୟ କରିନଥିଲା ।

ଗାଁଟି ଥିଲା ନିପଟ ମଫସଲରେ । ବସ୍ ଚଳାଚଳ ହେଉନଥିଲା ସେଠିକି । ବୁଢ଼ାବାପା ଠିକ୍ କଲେ- ମୁଣ୍ଡିଆ କଡେ କଡେ ଗହୀର ବାଟ ଦେଇ ଶଗଡଗାଡିରେ ଆସିବେ ଖୋର୍ଦ୍ଧା ପର୍ଯ୍ୟନ୍ତ ଏବଂ ସେଠାରୁ ଟ୍ରେନ୍ ଧରି କଟକ । ସଜିଲ୍ ହେଲା ଟାଟ ଶଗଡ ।

ଟାଟ ଭିତରେ ସାମ୍ନା ଆଡକୁ ଶାଶୁଶ୍ୱଶୁର । ପଛପଟକୁ ହାତେ ଓଢ଼ଣାଟାଣି ବୋଉ । ପାଖରେ ନଣନ୍ଦ । ଗହୀର ରାସ୍ତା ପାରହେଇ ଆସିଲା । ଶଗଡ ଚାଲିଲା ନାଳିଗୋଡିମିଶା ଆବଡା ଖାବଡା ଓ ଅଣ ଓସାରିଆ କଚାସଡକଟିରେ । ଏଇ ସଡକ ରାସ୍ତାରେ ଜରାଜୀର୍ଣ୍ଣ ବସ୍‌ଟିଏ ଚାଲୁଥିଲା ସେତେବେଳେ- ରାସ୍ତା ଦି ପଟର ଗାଁମାନଙ୍କୁ ଖୋର୍ଦ୍ଧା ସହିତ ସଂଯୁକ୍ତ କରି । ବୁଢ଼ାବାପା ଠିକ୍ କରିଥିଲେ ବସ୍ ନ ଧରି ସେଇ ଶଗଡରେ ଇ ଚାଲିଯିବେ ଖୋର୍ଦ୍ଧା । କେତେ ବା ଆଉ ବାଟ ! ଖୋର୍ଦ୍ଧାରେ ପହଞ୍ଚାଇ ଦେଇ ଶଗଡ଼ିଆ ଫେରିଆସିବ ଗାଁକୁ ।

ଦ୍ୱିପ୍ରହର ହେବାକୁ ବସିଥିଲା । ରୌଦ୍ରଦଗ୍ଧ ମଧାହ୍ନ । କଚାରାସ୍ତା କଡେ କଡେ ବାଉଁଶ, କଣ୍ଟେଇ କୋଳି ଓ ବରକୋଳିର ବୁଦା । ମଝିରେ ମଝିରେ ନାଁ ନଜଣା ଗଛର ପତଳା ଅରଣ୍ୟ । ଛାଇ ଛାଇଆ ଜାଗାଟିଏ ଦେଖି ଗାଡି ଅଟକାଇବାକୁ କହିଲେ ବୁଢ଼ାବାପା । ସମଝଦାର ମଣିଷ । ଝିଅବୋହୂ ହୁଏତ ପଦାକୁ ଯିବା ଦରକାର କରୁଥିବେ । ପଥଶ୍ରାନ୍ତ ବଳଦମାନେ ବି ସାଥିରେ ଆଣିଥିବା ପାଲବିଡାରେ ମୁହଁ ଲଗାଇବେ । ସାଥିରେ ଆଣିଥିବା



Digitized by srujanika@gmail.com

ହୁଡୁୟ ଓ ମୁଆଁ ଦେଇ ନିଜର ଜଳପାନ ବି ହେବ । ସବୁ ଆଡକୁ ସୁବିଧା ।

ଶଗଡଗାଡି ଅଟକିଲା । ଶଗଡିଆ ପଘା ଖୋଲି ହୁଗୁଳେଇ ଦେଲା ବଳଦ ଯୋଡିକ । ଗୋଟିଏ ବଳଦ ଥିଲା ତହିଁରୁ ଭାରି ସୁଧାର । ନୀରବରେ ଠିଆହୋଇ ଚର୍ବଣ କରିଲାଗିଲା ନଡାବିଡାଟି । ଅନ୍ୟ ବଳଦଟି କିନ୍ତୁ କେଜାଣି କାହିଁକି ହୁରୁଡି ପଳେଇଲା ପାଖରେ ଥିବା ଜଙ୍ଗଲ ଭିତରକୁ- ଶଗଡିଆର ଇଃ ଚୁ ଚୁ ଶବ୍ଦକୁ ପୂରା ପୂରି ଉପେକ୍ଷା କରି । ଶଗଡିଆଟି ବିବ୍ରତ ହୋଇ ବଳଦଟିର ନାଁ ଧରି ବାରମ୍ବାର ଡାକି ଲାଗିଲା- ଆ ବଇଷମ ଆ । ବଳଦଟି କିନ୍ତୁ ପ୍ରତ୍ୟାବର୍ତ୍ତନର କୌଣସି ଲକ୍ଷଣ ପ୍ରଦର୍ଶନ ନକରି କିଛି ଦୂରରେ ଥିବା ବଣୁଆ ଗଛ ସନ୍ଧିରେ ଠିଆ ହୋଇ ରହିଲା ସ୍ଥାଣୁବତ୍ ।

ଥରେ ଦୁଇଥର ଶଗଡିଆର ଏଇଭଳି ଡାକ ଶୁଣିଲା ପରେ, ଶାଶୁଶ୍ୱଶୁରଙ୍କ ଠାରୁ ସାମାନ୍ୟ ଦୂରରେ କଡିକିଆ ହୋଇ ଠିଆହୋଇଥିବା ବୋଉ ହସିଉଠିଲା କୁରୁକୁରୁ ହୋଇ । ନଣନ୍ଦ ପଚାରିଲେ- ଆଲୋ ଭାଉଜ, ଏତେ ହସୁଚୁ କାହିଁକି ? ବୋଉ ଚୁପିଚୁପି ନଣନ୍ଦ କାନରେ କହିଲା, ତା ନାଆଁ ତ ବଇଷ୍ଣବ । ସିଏ ଆଉ ଫେରିବ କଅଣ ? ସିଧାସଳଖ ଗଲାଣି ବଣ ଭିତରକୁ । ଏଥରକ ନଣନ୍ଦ ଭାଉଜ ଦିହେଁ ହସିଲେ କୁରୁକୁରୁ ହୋଇ ।

ଶଗଡିଆ ପାଞ୍ଚଣ ଓ ପଘା ଧରି ଯେତେ ନେହୁରା ହେଲେବି ବୈଷ୍ଣବ କିନ୍ତୁ ଆଉ ଆସିଲାନି ଶଗଡ ପାଖକୁ । ନିସ୍ପୃହ, ଋଷିସୁଲଭ ଭଙ୍ଗୀ ନେଇ ଠିଆହେଇ ରହିଲା ଜଙ୍ଗଲ ଭିତରେ । ଅଗତ୍ୟା ବୁଢ଼ାବାପାଙ୍କୁ ଶଗଡ ଗାଡିରେ ଖୋର୍ଦ୍ଧା ଆସିବା କାର୍ଯ୍ୟକ୍ରମଟି ବାତିଲ୍ କରିବାକୁ ପଡିଲା । ଦୈବାତ୍ ସେତିକି ବେଳକୁ ନାଲି ଗୋଡିରାସ୍ତା ଉପରେ ଅଟକିଲା ଖୋର୍ଦ୍ଧାଗାମୀ ବସ୍‌ଟି, କେତୋଟି ଅପେକ୍ଷାରତ ଗ୍ରାମୀଣ ମଣିଷଙ୍କୁ ଉଠାଇବା ପାଇଁ । ବୁଢ଼ାବାପା ମଧ ଶଗଡଛାଡି ସପରିବାର ଉଠିପଡିଲେ ସେଇ ବସ୍‌ରେ । ବୈଷ୍ଣବକୁ କୌଣସିମତେ ସ୍ତୋକବାକ୍ୟରେ ଆପ୍ଳୁତ କରି, ଶଗଡ ଧରି ଗାଁକୁ ଫେରିଯିବାପାଇଁ ଶଗଡିଆକୁ ଆଦେଶ ଦେଇଗଲେ ଯିବାପୂର୍ବରୁ ।

ବସ୍ ଭିତରେ ସାମ୍ନା ଯୋଡିଏ ସିଟ୍‌ରେ ବସିଲେ ବୋଉ ଓ ବୁଢ଼ୀମା । ପଛସିଟ୍‌ରେ କୁନ୍ତଳା ନାନୀ ଓ ବୁଢ଼ାବାପା । ବୋଉ ପାଖରେ ଥିବା ତୃତୀୟ ସିଟ୍‌ରେ ବସିଥିଲା ମାରୱାଡି ଘରର ନୂଆବୋହୂଟିଏ । ତା ସାଥିରେ ଥିବା ମୁରବୀ ବସିଥିଲେ ଅନ୍ୟତ୍ର । ମାରୱାଡି ବୋହୂଟି ବାପଘରୁ ଯାଉଥିଲା ଶାଶୁଘରକୁ । ସାରାବାଟ ନିରବଚ୍ଛିନ୍ନ ଭାବରେ କୁଁ କୁଁ ସ୍ୱରରେ ଓଢ଼ଣା ଆଢୁଆଳରେ କାନ୍ଦି ଲାଗିଥିଲା । ପଛ ସିଟ୍‌ରେ ବସିଥିବା ବୁଢ଼ାବାପାଙ୍କୁ ତାହା ବୋଉର କ୍ରନ୍ଦନ ବୋଲି ପ୍ରତୀତ ହୋଇଥିଲା ଏବଂ ସିଏ ବେଶ୍ ବିବ୍ରତ ହୋଇ ପଡିଥିଲେ । କଟକରେ ପହଞ୍ଚି ବୁଢ଼ୀମା'ଙ୍କୁ କହିଥିଲେ- ପିଲାଟି ଆଜି ସାରାରାସ୍ତା ବସ୍‌ରେ କାନ୍ଦି କାନ୍ଦି ଆସିଛି । ବୋଧହୁଏ ନୂଆଜାଗାକୁ ଆସିବା ହେତୁ ତାକୁ ଡର ମାଡୁଛି । ତାକୁ ଟିକିଏ



Digitized by srujanika@gmail.com

ବୁଝାସୁଝା କରେଇ ଦିଅ ।

ବୁଢ଼ୀମା  ଉତ୍ତର ଦେଇଥିଲେ- ସିଏ କାହିଁକି କାନ୍ଦିବ ମ ? କାନ୍ଦୁଥିଲା ତା ପାଖରେ ବସିଥିବା ସେଇ ମାରଓ୍ୱାଡିଘରର ବୋହୂ । ସିଏ ତ ବୈଷ୍ଣବ ହୁରୁଡିଗଲା ବେଳଠୁ ସେଇକଥା ଭାବି କୁର୍ କୁର୍ ହେଇ ହସିଲାଗିଛି । କଥାଟି ଶୁଣି ବୁଢ଼ାବାପା ସ୍ୱସ୍ତି ଲାଭ କରିଥିଲେ ।

ଏ କାହାଣୀ ଆଜିଠାରୁ ପ୍ରାୟ ଷାଠିଏ ବର୍ଷ ତଳର  ।

ଚାରିବର୍ଷ ତଳେ, ଥରେ ବୋଉ ଆସିଥିଲା ମୋ ଘରକୁ । କଥା ପ୍ରସଙ୍ଗରେ କହିଲି କୁନ୍ତଳାନାନୀ ଗାଁରୁ ଆସି ଏବେ ଭୁବନେଶ୍ୱରରେ ଅଛନ୍ତି ବୋଲି, ତାଙ୍କ ପୁଅ ପାଖେ । ବୋଉ ଜିଦ୍ ଧରିଲା କୁନ୍ତଳାନାନୀଙ୍କ ପାଖକୁ ଯିବ ବୋଲି । ଅନେକ ବର୍ଷ ନଣନ୍ଦ ଭାଉଜଙ୍କର ଭେଟ ହେଇନଥିଲା । ସ୍ୱ ସ୍ୱ  ଜଞ୍ଜାଳରେ ଦିହେଁ ଥିଲେ ଆକ୍ରାନ୍ତ ।

ବୋଉକୁ ସାଥିରେ ଧରି ଯାଇଥିଲି କୁନ୍ତଳା ନାନୀଙ୍କ ପାଖକୁ । ଏବଂ ସେ ଦିନ ଦେଖିଥିଲି ନଣନ୍ଦ ଭାଉଜଙ୍କର ସେ ମିଳନ ମାଧୁରୀର ଦେଦୀପ୍ୟମାନ ରୂପ ଲେଖା ।

ଦେଖାହେଲା ମାତ୍ରକେ ଦୁହେଁ ଦୁହିଁଙ୍କୁ କୁଣ୍ଢାଇ ପକାଇ କାନ୍ଦିଲାଗିଲେ ଅନେକ ସମୟ ଧରି । କୁନ୍ତଳାନାନୀ ଅଚାନକ୍ ବୋଉକୁ ଏତେ ବେଶି ବୁଢ଼ୀ ହେଇଯାଇଥିବାର ଦେଖି ଏବଂ ବୋଉ, କୁନ୍ତଳାନାନୀଙ୍କର ଆଭୂଷଣବିହୀନ କୋରା ଲୁଗା ପିନ୍ଧା ବୈଧବ୍ୟର ରୂପକୁ ଦେଖି । ବୋଉର ପ୍ରିୟ ଓ ସୁରସିକ ନଣନ୍ଦେଇ ଜଣଙ୍କର ସ୍ୱର୍ଗବାସ ହେଇଯାଇଥିଲା ଯା ଭିତରେ ।

ଆଖିପୋଛି ଖଟ ଉପରେ ବସି କୁନ୍ତଳାନାନୀ ବୋଉପାଇଁ ପାନଭାଙ୍ଗି ବସିଲେ । ମଝିରେ ମଝିରେ ନଣନ୍ଦ ଭାଉଜ ଦୁହିଁଙ୍କର ଟୁକ୍‌ଡା ଟୁକ୍‌ଡା କଥା । ଇତିହାସ ହେଇ ଆସୁଥିବା ପିଲାବେଳର ଦୁର୍ଲଭ ସ୍ମୃତିମାନଙ୍କର ରୋମନ୍ଥନ । ମୁଁ କିହଲି- ନାନୀ, ବୋଉ ବାହା ହେଇ ଆସିଲାବେଳର କଥା ସବୁ ତମର ମନେ ଅଛି ?

- ମଲା ! ମନେ ନାଇଁ ପୁଣି ? ଭାଉଜ ଏବକୁ ଏମିତି ମୋଟାସୋଟା ହେଇଛି ସିନା । ସେତେବେଳେ କିନ୍ତୁ ଥିଲା ବାଉଁଶକଣି ପରି ନହକା । ପବନରେ ଦୋହଲୁଥିଲା । ଟକ୍‌ଟକ୍ ଗୋରା ହେଇକି ଏଡିକି ବକଟେ ଛୁଆ । ହେଇଟି ! ଦେଖିଲୁ ଝିଅ, ତା ହାତର ଚୁଡି ମାପ ଥିଲା ଏଡିକିଟି ମାନ । ଗୋଲାକାର ଚୁଡିଟିର ମାପ ନିଜ ବଙ୍କିମ ଆଙ୍ଗୁଠିରେ ଦେଖେଇ ଦେଲେ କୁନ୍ତଳାନାନୀ । କହିଲେ- ଭାରି ହସ୍‌କୁରୀ ଥିଲା ସେତେବେଳେ । ଟିକିଏ ଟିକିଏ କଥାରେ କୁର୍‌କୁର୍ ହେଇ ହସୁଥିବ ।

ତା' ପରେ ବୋଉ ଆଡକୁ ମୁହଁ ବୁଲାଇ କହିଲେ- ଭାଉଜ ! ତୋର ମନେଅଛି ନା । ଆମେ ଯେବେ ଏକାଠି ପ୍ରଥମଥର କଟକ ଆସୁଥିଲେ, କଷରାବଳଦଟା କେମିତି ହୁରୁଡିକି



Digitized by srujanika@gmail.com

ଜଙ୍ଗଲ ଆଡେ ପଳେଇଲା । ଶଗଡିଆଟା ତାକୁ ଯେତେବେଳେ ଡାକିଲା ଆଇ ବଇଷମ ଆ, ତୁ କହିଲୁ ସିଏ ତ ବୈଷ୍ଣବ, ଆଉ ଆସିବ କଅଣ ? ପଳେଇଲାଣି ଏକାଥରକେ ବଣକୁ । ତୋର ମନେ ଅଛି ନା ? ଏତିକି କହୁକହୁ କୁନ୍ତଳାନାନୀ ହସିବାକୁ ଆରମ୍ଭ କଲେ । ବେଶ୍ ଅସମ୍ଭାଳ ହୋଇ । ସେ ହସର ଉଦ୍ଦାମତାରେ ସିଏ ଗୁଆକାତିରେ କାଟୁଥିବା ସୋରା ସୋରା ଗୁଆ ତାଙ୍କ ହାତରୁ ଖସି ବିଞ୍ଚି ହେଇ ପଡିଲା ବିଛଣାଚାଦର ସାରା । ସେ ହସ ଅଚିରେ ସଂକ୍ରମିତ ହେଲା ବୋଉ ପାଖକୁ । କୁନ୍ତଳାନାନୀଙ୍କ ହସ ସହିତ ତାଳଦେଇ ସିଏ ବି ହସି ହସି ଗଡିପଡିଲା ଖଟ ଉପରେ । ତୁହାକୁ ତୁହା ପଲାଶି ଆସୁଥିବା ସେ ହସର ଜୁଆରରେ ଦିହିଙ୍କ ଆଖିକଣରେ ଜକେଇ ଆସିଲା ଅଶ୍ରୁବିନ୍ଦୁ । ତେବେ ବି ସେ ହସ ବନ୍ଦ ହେଲାନି ।

ମୁଗ୍ଧ ଆଖିରେ ମୁଁ ସେ ଦୃଶ୍ୟ ଉପଭୋଗ କରି ଲାଗିଲି । ଆଶ୍ଚର୍ଯ୍ୟ କଥା, ଉଭର ସତୁରିରେ ପାଦ ଦେଇଥିବା ଦୁଇଟି ଲୋଳଚର୍ମ ଓ ପକ୍ୱକେଶୀ ବୃଦ୍ଧାଙ୍କର ମୁଖମଣ୍ଡଳର ଶିଥିଳ ମାଂସପେଶୀ ଭେଦ କରି ସହସା ମୋ ଆଖି ଆଗରେ ଫୁଟି ଉଠିଲା ଛାଇ ଛାଇଆ ଜଙ୍ଗଲୀ ରାସ୍ତାକଡରେ, ତାଟଶଗଡ ଭିତରେ ବସି କୁର୍‌କୁର୍ ହେଇ ହସି ପରସ୍ପର ଉପରକୁ ଢଳିପଡୁଥିବା ଦୁଇଟି ତେରଚଉଦବର୍ଷ କିଶୋରୀକନ୍ୟାଙ୍କର ଜୀବନ୍ତ ଜଳଛବି ।

(ଜାନୁୟାରୀ, ୨୦୦୨)

❑❑❑



Digitized by srujanika@gmail.com

# ଗୋଟିଏ ସାନ ପୃଥିବୀର କାହାଣୀ

ଟବିନ୍ ଜନ୍ମ ହେଇଥିଲା ଏକ ରୁଗ୍ଣ ଓ ତ୍ରୁଟିପୂର୍ଣ୍ଣ ହୃଦୟ ନେଇ । ଦୁଇଥର ହାର୍ଟ ଅପରେସନ୍ ହେଇଥିଲା ତାର । ପ୍ରଥମଥର ଛମାସ ବୟସରେ ଏବଂ ଦ୍ୱିତୀୟଥର ସାଢ଼େ ତିନିବର୍ଷ ବେଳେ । ଡାକ୍ତରମାନେ ମନ୍ତବ୍ୟକ୍ତ କରିଥିଲେ, ଟବିନ୍‌କୁ କୋଡ଼ିଏ ବର୍ଷ ପାଖାପାଖି ହେଲାବେଳକୁ ତା ଅବସ୍ଥାରେ କିଛିଟା ଉନ୍ନତି ପରିଲକ୍ଷିତ ହେବାର ସମ୍ଭାବନା ଅଛି । ସେତିକିବେଳକୁ ତା ହାର୍ଟରେ ଗୋଟିଏ କୃତ୍ରିମ ଭାଲ୍‌ଭ୍ ଖଞ୍ଜିବାକୁ ଚେଷ୍ଟା କରିବେ ସେମାନେ ।

ଉଣିଶଶହ ତେୟାଅଣି ମସିହା ନଭେମ୍ବର ସତର ତାରିଖ । ବାହାରେ ସେଦିନ ପ୍ରବଳ ଝଡ ବର୍ଷା । ତେଣୁ ଟବିନ୍ ଓ ତାର ସହପାଠୀମାନଙ୍କର ଫିଜିକାଲ୍ ଏଜୁକେସନ କ୍ଲାସଟି ହେଇଥିଲା ସ୍କୁଲର ଗୋଟିଏ ପ୍ରଶସ୍ତ ବଖରା ଭିତରେ । ଆସେମ୍ବ୍ଲିହଲ୍ ଭିତରେ ପିଲେସବୁ ତାଳି ମାରି ମାରି ବୃତ୍ତାକାରରେ ଦୌଡୁଥିଲେ । ଟବିନ୍ ଦୌଡୁଥିଲା ସାରା ବ୍ରାଉନ ପଛରେ । ହଠାତ୍ ଟବିନ୍ ସଂଜ୍ଞାହୀନ ହେଇ ଗଡିପଡିଲା ତଳେ । ସମୟ ଥିଲା ଅପରାହ୍ନ ଦୁଇଟା । ଉପସ୍ଥିତ ଥିବା ଶିକ୍ଷକ ଜଣକ ଟବିନ୍‌ର ଛାତିକୁ ଚିପିଧରି କୃତ୍ରିମ ଶ୍ୱାସପ୍ରଶ୍ୱାସ ଦେବାକୁ ଚେଷ୍ଟା କଲେ । ଆମ୍ବୁଲାନ୍‌ସ ଡକାହୋଇ ଆସିଲା ସଙ୍ଗେସଙ୍ଗେ । ତାପରେ ଦୀର୍ଘ ତିନିଘଣ୍ଟା ଧରି ଡାକ୍ତରମାନଙ୍କର ଅକ୍ଲାନ୍ତ ପ୍ରୟାସ । ମୁଁ ହସ୍‌ପିଟାଲ ପହଞ୍ଚିଲା ପୂର୍ବରୁ ସୁସାନ୍ ପହଞ୍ଚିସାରିଥିଲା ସେଠି । ଅଫିସରେ ଟବିନ୍‌ର ଅସୁସ୍ଥତା ସଂପର୍କରେ ଫୋନ ପାଇ ସ୍କୁଲକୁ ଚାଲିଆସିଥିଲା ତତ୍‌କ୍ଷଣାତ । ଆମ୍ବୁଲାନ୍‌ସରେ ବି ଟବିନ ପାଖେ ପାଖେ ଥିଲା ସିଏ ।

ସୁସାନ୍ ଓ ମୁଁ ଯେତେବେଳେ ଶେଷଥର ପାଇଁ ହସ୍‌ପିଟାଲ୍‌ର ଆଇ.ସି.ୟୁ. ଭିତରକୁ ଯାଉ, ତିନିଜଣ ଡାକ୍ତର ଘେରି ରହିଥିଲେ ଟବିନ୍‌କୁ । ଏବଂ ତିନିଜଣ ଯାକ କାନ୍ଦୁଥିଲେ, ବେଶ ଅଧୈର୍ଯ୍ୟ ଭାବରେ । ମୁଁ ମୋ ମୃତ ପୁତ୍ରର ଆଖି ଦୁଇଟିକୁ ଚାହିଁ କହିଲି- ଗୁଡ୍‌ବାୟ, ଆଉ ତାପରେ ଟବିନର ଛାତି ଉପରେ ଥିବା ଡାକ୍ତରଙ୍କ ହାତ ଉପରେ ହାତ ରଖି ମୃଦୁସ୍ୱରରେ ଉଚ୍ଚାରଣ କଲି- ସବୁ କିଛି ଶେଷ ହେଇଯାଇଛି, ସବୁକିଛି ।



Digitized by srujanika@gmail.com

ଆମେରିକାର ଓରିଗନ୍ ସହରରୁ ମୋ ପାଖକୁ ଲିଖିତ ଡନ୍‌ବାରେଟଙ୍କ ଚିଠିର ଇଏ ଥିଲା କିୟଦଂଶ । ଜଣାଇଥିଲେ- ପୁତ୍ରର ମୃତ୍ୟୁବେଳକୁ ତାର ବୟସ ଥିଲା ସାତବର୍ଷ । ପାଠପଢୁଥିଲା ଦ୍ୱିତୀୟ ଶ୍ରେଣୀରେ । ବଞ୍ଚିଥିଲେ ଏଇ ଦୁଇହଜାର ମସିହା ନଭେମ୍ବରରେ ତାକୁ ଚବିଶ ବର୍ଷ ହେଇଥାନ୍ତା ।

ଚିଠିଟି ପଢ଼ି ଲୁହ ସମ୍ବରଣ କରିପାରିନଥିଲି । ଭାବିଲି, କିଏ ବା ମୁଁ ଡନ୍‌ଙ୍କର ? କାହିଁକି ବା ସିଏ ତାଙ୍କ ଜୀବନରେ ସବୁଠୁ ଦୁଃଖଦ, ସବୁଠୁ ଯନ୍ତ୍ରଣାମୟ ଘଟଣାଟିର କଥା ମତେ ଜଣେଇ ଦେଇଗଲେ ଏଭଳି ଅଯାଚିତ ଭାବରେ. କାହିଁକି ? ଏତେ ବେଶି ଆପଣାର ବୋଲି ଡନ୍ କାହିଁକି ବା ଗ୍ରହଣ କରିନେଲେ ମତେ ?

ଡନ୍ ବ୍ୟାରେଟ୍‌ଙ୍କ ସହିତ ଦେଖା ଏରୋପ୍ଲେନ ଭିତରେ । କେ.ଏଲ.ଏମ. ଫ୍ଲାଇଟରେ ଆମ୍‌ଷ୍ଟରଡାମ୍ ଠାରୁ କଲିକତା ଆସିବା ବାଟରେ । ମାସଥିଲା ଅକ୍ଟୋବର ମସିହା ଏକହଜାର ଅନେଶ୍ୱତ ।

ଆମେ ବୋଷ୍ଟନରୁ ଆମ୍‌ଷ୍ଟରଡାମ୍ ଆସିବା ପ୍ଲେନଟିରେ ଆମକୁ ସିଟ୍ ମିଳିଥିଲା ବିଲ୍‌କୁଲ ସାମ୍‌ନାରେ । ଆମ ଆଗରେ ଅନ୍ୟ କୌଣସି ଚୌକିର ଧାଡି ନଥିଲା । ଗୋଡ ଲମ୍ବାଇ ବସିବାଲାଗି ବେଶ୍ ଖୋଲାମେଲା ଜାଗା । ଯାତ୍ରା ଥିଲା ବେଶ୍ ଆରାମପ୍ରଦ ।

ଆମ୍‌ଷ୍ଟରଡାମ୍‌ରୁ ଚଢ଼ିଥିବା ବିରାଟକାୟ ପ୍ଲେନଟିରେ ସିଟ୍ କିନ୍ତୁ ପଡିଥିଲା ଠିକ୍ ମଝିରେ । ତିନିଜଣିଆ ଧାଡିରେ ଝରକା ପାଖରେ ବିନୟ, ତାଙ୍କ ପାଖରେ ମୁଁ ଓ ମୋ ପାଖରେ ଜଣେ ଆମେରିକାନ୍ ପ୍ରୌଢ଼ । ସୁପୁଷ୍ଟ ଏବଂ ଦୀର୍ଘକାୟ । ଏତେବେଶୀ ଦୀର୍ଘକାୟ ଯେ ସିଟ୍‌ରେ ଗୋଡ ମୋଡିବସିବାରେ ବେଶ୍ ଅସୁବିଧା ବୋଧ ହେଇଥିଲା ତାଙ୍କୁ । ବାରମ୍ବାର ଉଠି, ପ୍ଲେନମଝିରେ ଥିବା ଲମ୍ବଗଳି ପରି ଜାଗାଟିରେ ଧୀରେ ଧୀରେ ପଦଚାରଣା କରୁଥିଲେ ଓ ତାପରେ ଆସି ସିଟ୍‌ରେ ଚୁପ୍‌ଚାପ୍ ବସିରହୁଥିଲେ କିଛିସମୟ ପାଇଁ ।

ପ୍ଲେନ୍ ଉଡୁଥିଲା ତୀବ୍ର ବେଗରେ । ଏୟାରହୋଷ୍ଟେସ ଆଣି ମଧ୍ୟାହ୍ନ ଭୋଜନ ପରଶି ଦେଇଗଲେ ସଭିଙ୍କୁ । କିନ୍ତୁ ଭଦ୍ରବ୍ୟକ୍ତିଙ୍କୁ ଖାଦ୍ୟର ଟ୍ରେଟି ନଦେଇ, ତାଙ୍କୁ କେଉଁ ଧରଣ ଖାଦ୍ୟ ସୁହାଇବ ବୋଲି ବିମାନସେବିକା ଜଣକ ପଚାରୁଥିବାର ଦେଖି ବୁଝି ପାରିଲି, ଭଦ୍ରବ୍ୟକ୍ତିଙ୍କର ନିଶ୍ଚିତରୂପେ ଖାଦ୍ୟପଦାର୍ଥ ଉପରେ କଟକଣା ଅଛି ଓ ତାହା ସିଏ ଟିକେଟ କାଟିଲାବେଳେ ଫର୍ମରେ ଉଲ୍ଲେଖ କରି ଜଣାଇ ଦେଇଛନ୍ତି । ଭଦ୍ରବ୍ୟକ୍ତି କିନ୍ତୁ ଖାଦ୍ୟ ଖାଇବା ପାଇଁ ପୂରା ମନା କରିଦେଲେ । ମଗେଇଲେ କିଛି ସ୍ୟାଣ୍ଡଉଇଚ୍, ଜୁସ୍ ଓ ଫଳ ।

ମୁଁ କହିଲି- ଆପଣ କିଛି ଖାଇଲେନି ଯେ, ପ୍ଲେନ୍‌ଯାତ୍ରା କିନ୍ତୁ ଦୀର୍ଘ ଆଠଘଣ୍ଟାର । ଭଦ୍ରବ୍ୟକ୍ତି ମତେ ଅନାଇଁ ମୃଦୁହସି କହିଲେ- ଆପଣଙ୍କ ଉଦ୍‌ବିଗ୍ନତା ପାଇଁ ଧନ୍ୟବାଦ ।



Digitized by srujanika@gmail.com

କିନ୍ତୁ ମୋର ଏବେଏବେ ବେଶ୍ ବଡ ଧରଣର ବାଇପାଶ୍ ସର୍ଜରୀ ହେଇଛି । ସ୍ନେହସାରଯୁକ୍ତ ଖାଦ୍ୟ ଏବଂ ଲବଣ ମନା । ଫଳ ଏବଂ ଫଳରସରେ ବେଶ୍ କାମ ଚଳିଯିବ ମୋର । କିଛି ଅସୁବିଧା ହେବନି ।

ଦୀର୍ଘ ସମୟ ଧରି ନୀରବ ହୋଇ ବସିଥିବାର କ୍ଳାନ୍ତିର ଅପନୋଦନ ପାଇଁ ଭଦ୍ରବ୍ୟକ୍ତି ଏହାପରେ ବେଶ୍ ଆଗ୍ରହର ସହିତ ଗପ ଯୋଡିଦେଲେ ଆମ ସହିତ । ବିନୟଙ୍କ ଆଡେ ହାତ ବଢ଼ାଇ କହିଲେ- ମୁଁ ଡନ୍ ବାରେଟ୍, ଆମେରିକାନ । ଘର ପୋର୍ଟଲାଣ୍ଡର ଓରିଗନ୍ ସହରରେ । ବିନୟ କରମର୍ଦ୍ଦନ କରି ସ୍ୱପରିଚୟ ପ୍ରଦାନ କଲେ । ଚିହ୍ନା କରେଇଦେଲେ ବି ମୋ ସହିତ । କହିଲେ- ଆମେ ଭାରତୀୟ । ଆମେରିକା ଯାଇଥିଲୁ ପୁଅ ପାଖକୁ । ମୁଁ କହିଲି- ମିଷ୍ଟର ବାରେଟ୍, ଆପଣ ଇଣ୍ଡିଆ କାହିଁକି ଆସିଛନ୍ତି ? ଯିବେ ବା କେଉଁଠିକି ? ଡନ୍ କହିଲେ- ମୁଁ ଦିଲ୍ଲୀରେ ଓହ୍ଲାଇଯିବି, ସେଠୁ ଯିବି ବମ୍ବେ, ମୋ କମ୍ପାନୀର କିଛି କାମ ଅଛି ସେଠି । କିଛି ସମୟ ଅଟକି ପୁନର୍ବାର କହିଲେ- ଭାରତବର୍ଷକୁ ଇଏ ମୋର ପ୍ରଥମ ଯାତ୍ରା । ଉପଭୋଗ୍ୟ ହେବ ନିଶ୍ଚୟ । ଆଚ୍ଛା କୁହନ୍ତୁ ତ ! ବମ୍ବେ କେମିତିକା ଜାଗା ? କେମିତି ଲାଗିବ ମୋତେ ।

ମୁଁ କହିଲି ଆପଣ ଆମେରିକାରୁ ଅସିଛନ୍ତି ତ ! ଆପଣଙ୍କୁ ଏଠି ସବୁଠୁ ଆଚମ୍ବିତ ଲାଗିବ ମଣିଷମାନଙ୍କର ହଟ୍ଟଗୋଳ । ଭାରତବର୍ଷର ଯେକୌଣସି ସହରରେ ଯାହା ସର୍ବପ୍ରଥମେ ଆପଣଙ୍କ ଆଖିରେ ପଡିବ, ତାହାହେଲା ମଣିଷମାନଙ୍କର ମେଳା । ରାସ୍ତାଘାଟ, ହାଟବଜାର ସବୁଠି ଅଜସ୍ର ମଣିଷ । ଆମେରିକାରେ ଏତେ ମାସ ହେଲା ରହିଆସିଲୁ । କିନ୍ତୁ ମଣିଷଙ୍କ ଭିଡ ଦେଖିଲିନି କେଉଁଠି । ବଡବଡ ସହର । ସବୁଆଡେ କିନ୍ତୁ ଫାଙ୍କା ଫାଙ୍କା, ନିରୋଳା । ଦୋକାନମାନଙ୍କର କିଣାବିକା ସବୁ ସ୍ୱୟଂଚାଳିତ କାଚକବାଟ ଭିତରେ । ଆଉ ରାସ୍ତା ସାରା ଅଜସ୍ର ଦ୍ରୁତଗାମୀ ଗାଡିମାନଙ୍କର ନିରବଚ୍ଛିନ୍ନ ପ୍ରବହମାନ ସ୍ରୋତ । ମଣିଷଟିଏ ସହଜରେ ଦେଖିବାକୁ ମିଳେନି ।

ଡନ୍ କହିଲେ- ତାହେଲେ ଆପଣ ମୋ ସହର ଓରିଗନ୍ ଦେଖିଲେ ଆଶ୍ଚର୍ଯ୍ୟ ହୋଇଯିବେ । ମାଇଲ୍ ମାଇଲ୍ ଅତିକ୍ରମ କଲେ ଯାଇ ବାସଗୃହଟିଏ ନଜରରେ ପଡେ । ପ୍ରଚୁର ଜାଗା, କିନ୍ତୁ ମଣିଷ ନାହାନ୍ତି, ଜନସଂଖ୍ୟା କମ୍ ତ ! ସେଇ ତୁଳନାରେ ଭାରତବର୍ଷ ଯେ ବେଶ୍ ଜନବହୁଳ ଦେଶ ତାହା ମୁଁ ଜାଣେ ।

ପ୍ଲେନ୍ ଆମର ଅବିରତ ଛୁଟି ଚାଲିଥିଲା ଆକାଶର ମେଘଶୃଙ୍ଖଳାର ଯଥେଷ୍ଟ ଉପରେ । ଉପରେ ସ୍ୱଚ୍ଛ ବେଦାଗ୍ ନୀଳଆକାଶ । ଲାଗୁଥିଲା କିଏ ଯେମିତି ବିରାଟକାୟ ନୀଳରଂଗର ଗୋଟିଏ ପିଆଲା ନେଇ ଢ଼ାଙ୍କିରଖିଛି ଆମକୁ । ସେ ନୀଳପିଆଲା ଭ୍ରମ ଦେଇଥିଲା ଦିଗନ୍ତବ୍ୟାପୀ ନୀଳସାଗରର । ମୁଁ କଫି ପିଉପିଉ ଝରକାବାଟେ ଡନ୍ଙ୍କ ଦୃଷ୍ଟି



Digitized by srujanika@gmail.com

ବାହାରକୁ ଆକର୍ଷଣ କରି କହିଲି- ଦେଖନ୍ତୁ ତ ! ଲାଗୁଛି ସତେ ଯେମିତି ସମୁଦ୍ରଟି ତଳୁ ଉଠି ଆମ ମୁଣ୍ଡଉପରକୁ ଚାଲି ଆସିଛି ।

ଡନ୍ ଈଷତ୍ ହସି କହିଲେ- ଆପଣ ବସିବସି ପ୍ରକୃତିର ରୂପଶୋଭା ଦେଖୁଛନ୍ତି ? ମୁଁ କିନ୍ତୁ ଭାବୁଛି ମଣିଷମାନଙ୍କ କଥା । ମତେ ଲାଗୁଛି ପୃଥିବୀର ସାନଗାଁଟିଏ ଯେମିତି ଉଡି ଉଡି ଚାଲିଛି ଏବେ ମହାଶୂନ୍ୟରେ । କିଏ ଭାରତୀୟ, କିଏ ଆମେରିକାନ୍, କିଏ ବା ଚାଇନିଜ୍ । କିନ୍ତୁ ଏଇ ମହାକାଶ ଯାନ ଭିତରେ ସଭିଙ୍କର ସମସ୍ୟା ଏକ, ଲକ୍ଷ୍ୟସ୍ଥଳ ଏକ । ଏଠି ଜାତିଭେଦ ନାହିଁ, ତ୍ୱକ୍‌ର ବର୍ଣ୍ଣ ବା ଦେଶର ସୀମା ନେଇ ବାଦବିବାଦ ନାହିଁ । ସଭିଏଁ ଗୋଟିଏ ଡୋରରେ ବନ୍ଧା, ଗୋଟିଏ ଗାଁର ବାସିନ୍ଦା ।

ଡନ୍‌ଙ୍କ ମନ୍ତବ୍ୟରେ କବିତା ଓ ଆବେଗର ଛଟା ଥିଲା । ମୁଁ କହିଲି- ଆପଣ ଭାରି ମାନବବାଦୀ ମୁଁ ଦେଖୁଛି ।

ସାରା ରାସ୍ତା ବିନୟଙ୍କ ସହିତ ଟୁକ୍‌ତା ଟୁକ୍‌ତା କଥା ହେଲେ ଡନ୍ । ମୁଁ ଇଂରାଜୀରେ ଫିଚର ଲେଖେ ଶୁଣି ମୋର କିଛି ଲେଖା ତାଙ୍କୁ ପଠାଇବାକୁ ଅନୁରୋଧ କଲେ । ତାଙ୍କର ନାଁ ଓ ଠିକଣା ଥିବା କାର୍ଡଟି ପକେଟରୁ କାଢ଼ି ଆମକୁ ଦେଇ, ଗୋଟିଏ ଟୁକ୍‌ତା କାଗଜରେ ଆମ ଠିକଣାଟି ଟିପିନେଲେ ମଧ । ଅନ୍ତରଂଗତାର ସହିତ କରମର୍ଦ୍ଦନ କରି ଓ ସୁମଧୁର ହସହସି ଓହ୍ଲାଇଗଲେ ଦିଲ୍ଲୀରେ ।

ସିଫଲ୍ ଏୟାରପୋର୍ଟରୁ ଇନ୍ଦିରାଗାନ୍ଧୀ ଏୟାରପୋର୍ଟ ପର୍ଯ୍ୟନ୍ତ ମାତ୍ର କେଇଘଣ୍ଟାର ସହଯାତ୍ରୀ । ଡନ୍ ଯେ ସତକୁ ସତ ତାଙ୍କର ଜଂଜାଳମୟ ଯାତ୍ରା ସତ୍ତ୍ୱେ ଆମ ଠିକଣାଟିକୁ ସାଇତି ରଖିଥିବେ, ତାହା ଭୁଲ୍‌ରେ ବି ଭାବିନଥିଲି । କିନ୍ତୁ ଭୁବନେଶ୍ୱର ପହଞ୍ଚିବାର କେଇଦିନ ପରେ ହଠାତ୍ ଚିଠିଟିଏ ପାଇଲି ତାଙ୍କଠୁ । ବସ୍ନେରୁ ଓରିଗନ୍ ଫେରିଯାଇ ଲେଖିଥିଲେ । ଲେଖିଥିଲେ- ପ୍ରିୟ ବିନୟ ଓ କାନନ, ଆମ୍‌ଷ୍ଟରଡାମରୁ ଦିଲ୍ଲୀ- ଏଇ ପ୍ଲେନ୍‌ଯାତ୍ରା ସମୟରେ ତୁମ ଦୁଇଜଣଙ୍କଠୁ ପାଇଥିବା ସାନିଧ ଭାରି ମନୋରମ ଥିଲା, ଥିଲା ଭାରି ପ୍ରିୟଙ୍କର । ସେଇ କଥା ଜଣେଇବା ପାଇଁ ଏଇ ଚିଠି ଲେଖା । ସତରେ, ହଜାର ହଜାର ମାଇଲ ବ୍ୟବଧାନ ସତ୍ତ୍ୱେ, ଜଣେ ମଣିଷ ତାର ସ୍ନେହ, ସହାନୁଭୂତି ଦେଇ ଆଜି ବି ଆଉଜଣକୁ ଛୁଇଁ ଯିବାରେ ସକ୍ଷମ ହୁଏ । ସକ୍ଷମ ହୁଏ ତା ମନରେ ଛାପ ଛାଡିଯିବାରେ । ପୃଥିବୀଟା ସତେ ଯେମିତି ଏତେ କୁନିଟିଏ ହେଇଯାଏ ମୁହୂର୍ତ୍ତକ ପାଇଁ ।

ଡନ୍‌ଙ୍କର ଚିଠିର ଉତ୍ତର ଦେଇଥିଲି କାଳବିଳମ୍ବ ନକରି । ମୋ ଲେଖା ପଢ଼ିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ ଡନ୍ । ଉଣିଶଶହ ସତାନବେ ଓ ଅଠାନବେ ମସିହାରେ ଲଗାତାର ପ୍ରତି ବୁଧବାର ଗୋଟିଏ ଲେଖାଏଁ ଇଂରାଜୀ ଫିଚର ଲେଖୁଥିଲି ସନ୍‌ଟାଇମସ୍ ପାଇଁ । ତହିଁରୁ କେତୋଟି ଲେଖାର ନକଲ ମଧ ପଠାଇଦେଇଥିଲି ଚିଠି ସହିତ ।



Digitized by srujanika@gmail.com

ଲେଖାତକ ପଢ଼ି ଡନ୍ ଭାରି ଖୁସି ହେଇଥିଲେ । ଉତ୍ତର ଦେଇଥିଲେ- ପ୍ରିୟ କାନନ, କି ଏକ ଚମକପ୍ରଦ ଅନୁଭୂତି ! ଆଜି ଘରେ ପହଞ୍ଚିଲାବେଳକୁ ସୁସାନ୍ କହିଲା ତମେ ଚିଠି ଦେଇଛ, କି ସୌଭାଗ୍ୟ ।

ବେଶ୍ ଲମ୍ବା ଚିଠି ଲେଖିଥିଲେ ଡନ୍ । ତାଙ୍କର ଓ ପତ୍ନୀ ସୁସାନ୍ଙ୍କର ଏକତ୍ର ଉଠାଇଥିବା ଦୁଇଟି ହାସ୍ୟମୁଖର ଫଟୋଗ୍ରାଫ୍ ବି ପଠାଇଥିଲେ । ଲେଖିଥିଲେ ଅଭିଧାନ ପ୍ରଣେତା ବିଦ୍ୱାନ ପିତା ଇଉଜିନ୍ ତଥା ଅବସରପ୍ରାପ୍ତ ନର୍ସ ମାତା ଫ୍ରାନ୍‌ସିସ୍‌ଙ୍କ କଥା । ଲେଖିଥିଲେ କନ୍ୟା ଏରିନ୍, ଜାମାତା ଟିମୋଥି ଏବଂ ପୌତ୍ରପୌତ୍ରୀ ଡାଇଲାନ୍ ଓ ହାନ୍ନାଙ୍କ କଥା ମଧ୍ୟ ।

ଏବଂ ତତ୍ ସହିତ କନିଷ୍ଠପୁତ୍ର ଟିମୋଥିର କାରୁଣ୍ୟମୟ ଅକାଳମୃତ୍ୟୁର କଥା ।

ଡନ୍‌ଙ୍କ ଶୋକବିହ୍ୱଳ ଚିଠିଟି ପଢି ନିର୍ବାକ ହେଇ ବସି ରହିଲି କିଛି ସମୟ ପର୍ଯ୍ୟନ୍ତ । ଭାବିଲି- ତାଙ୍କ ଜୀବନର ସବୁଠୁ ମର୍ମାନ୍ତିକ, ସବୁଠୁ ଯନ୍ତ୍ରଣାମୟ ଏଘଟଣାଟି କାହିଁକି ଏତେ ଅକପଟ ଭାବରେ ବଖାଣିଗଲେ ଡନ୍ ମୋ ଆଗରେ ? ତାଙ୍କର ଏକାନ୍ତ ନିଜସ୍ୱ ଏ ଦୁଃଖଦ ଅନୁଭୂତିଟି କାହିଁକି ବାଣ୍ଟିନେଲେ ମୋ ସହିତ ? କାହିଁକି ? କିଏ ବା ମୁଁ ତାଙ୍କର ?

ମନେପଡିଲା ଡନ୍‌ଙ୍କର ପ୍ରଥମ ଚିଠିଟିର କଥା । ଡନ୍ ଲେଖିଥିଲେ- ହଜାର ହଜାର ମାଇଲ ଦୂରରେ ଥାଇ ସୁଦ୍ଧା ମଣିଷ ଆଜି ବି ତା ସ୍ନେହ, ସହାନୁଭୂତିର ପ୍ରାବଲ୍ୟରେ ଆଉଜଣକୁ ଛୁଇଁ ଯାଏ କେବେ କେମିତି । ଏତେ ବଡ ପୃଥିବୀଟା ଛୋଟ ହେଇ ଆସେ ମୁହୂର୍ତ୍ତକ ପାଇଁ, ଭାରି ଛୋଟ । ଏତେ ବେଶୀ ଛୋଟ ଯେ ଜଣେ ଭାରତୀୟ ଓ ଜଣେ ଆମେରିକାନ୍ ହାତବଢ଼େଇ ପରସ୍ପରକୁ ସ୍ପର୍ଶ କରିପାରନ୍ତି ଅକ୍ଳେଶରେ ।

(ଅକ୍ଟୋବର, ୨୦୦୨)

❑❑❑



Digitized by srujanika@gmail.com

# ଗୋଟିଏ ପୁଅ ଏବଂ ଗୋଟିଏ ଝିଅ ସମ୍ପର୍କରେ

## ପ୍ରଥମ ଦୃଶ୍ୟ

ସବୁଦିନ ପରି ପରସ୍ପରର ହାତ ଧରି ସେମାନେ ଘୂରିବୁଲୁଥିଲେ । ଉଦ୍ଦେଶ୍ୟହୀନ ଭାବରେ । ପାର୍କର ମୁଲାୟମ ସବୁଜରଂଗା ଜମିରେ । ଶାରଦ ସକାଳର ସଦ୍ୟଫୁଟା ଶିଉଳି ଫୁଲ ପରି ଭାରି ନିର୍ମଳ, ଭାରି ପବିତ୍ର ଥିଲା ସେମାନଙ୍କର ମୁହଁ । ଏକ ବ୍ୟାଖ୍ୟାହୀନ ଅନୁଭୂତିର ଶାନ୍ତ, ସ୍ନିଗ୍ଧ ଆମେଜରେ, ସତେଜ ଓ ପ୍ରାଣବନ୍ତ ଥିଲା ସେମାନଙ୍କର ମିଜାଜ୍ । ବିସ୍ତୀର୍ଣ୍ଣ ଉପବନଟି ଆଚ୍ଛନ୍ନ ଥିଲା ସୁନେଲୀ ଅପରାହ୍ନର ମ୍ଳାନ ଛାୟାରେ । ପବନ ଥିଲା ବନସ୍ପତିର ଶବ୍ଦ, ଗନ୍ଧ ଓ ସ୍ପର୍ଶରେ ଉତଳା ।

ପାର୍କର ଏଠି ସେଠି କିଛି ଛୁଟିପ୍ରେମୀ ମଣିଷମାନଙ୍କର ପାତଳା ଭିଡ । ଆୟାମାନଙ୍କ ସହିତ ଆସିଥିବା କୁନିକୁନି ଶିଶୁମାନଙ୍କର ଅହେତୁକ କଳରବ । ଚିକ୍କଣ ସିମେଣ୍ଟ ବେଞ୍ଚମାନଙ୍କରେ କତିପୟ ବୃଦ୍ଧ ଓ ବୃଦ୍ଧାମାନଙ୍କର କ୍ଳାନ୍ତ, ନୀରବ ଉପସ୍ଥିତି ।

ସେମାନେ ଦୁଇଜଣ କିନ୍ତୁ ଏସବୁ ପ୍ରତି ଥିଲେ ଉଦାସୀନ ଓ ଅମନଯୋଗୀ । ଟୁକ୍‌ଡା ଟୁକ୍‌ଡା କଥା ହେଉଥିଲେ ନିଜ ନିଜ ଭିତରେ । ମଝିରେ ମଝିରେ ହସୁଥିଲେ ଖିଲଖିଲ ହୋଇ । ବସ୍ତୁତଃ ନିଜସ୍ୱଜଗତର ଏକ ଚିତ୍ରିଳ ପରିବେଶରେ ସେମାନେ ଥିଲେ ସଂପୂର୍ଣ୍ଣରୂପେ ନିମଗ୍ନ ।

ଚାଲୁଚାଲୁ ହଠାତ୍ ଝିଅଟିର ନଜର ପଡିଲା ଅଦୂରରେ ଥିବା ସାନ ସରସୀଟି ଉପରେ । ଝିଅଟି ଦୌଡିଯାଇ ବସିଲା ତା ପଥରବନ୍ଧା ଘାଟ ଉପରେ ଥିବା ବୃହଦାକାର ଦେବଦାରୁକୁ ଆଉଜି । ଜଳାଶୟର ଅପର ଦିଗରେ ଅନେକଗୁଡିଏ ପକ୍ଷୀ ଧାନ ଶିଷା ସଦୃଶ ପ୍ରତୀୟମାନ ହେଉଥିବା ଲମ୍ବଲମ୍ବ ଘାସ ଭିତରେ ପଦଚାଳନା କରୁଥିଲେ । ମଝିରେ ମଝିରେ ସ୍ଥିର, ଶିକାରୀ ସୁଲଭ ଦୃଷ୍ଟି ନେଇ ଚାହିଁ ରହୁଥିଲେ ଝିଲ୍‌ର ନୀଳପାଣିକୁ ।

ଝିଅଟି ତାଳିମାରି କହିଲା- ଦେଖ, ଦେଖ, କେତେ ମାଛରଙ୍କା ।

ପୁଅଟି ହସିଲା- କହିଲା, ଯାଃ, ଏଗୁଡା ମାଛରଙ୍କା ନୁହନ୍ତି, ଶଙ୍ଖଚିଲ ।

ଏଗୁଡା ମାଛରଙ୍କା, ମାଛ ଖାଇବାକୁ ବସିଛନ୍ତି ।

ଏଗୁଡା ଶଙ୍ଖଚିଲ । ଶଙ୍ଖଚିଲ ବି ମାଛଖାଏ ।

ମୋଟେ ନୁହେଁ, ଏଗୁଡା ମାଛରଙ୍କା । ମୁଁ ଜାଣେ, ଝିଅଟି ଗମ୍ଭୀର ହେଇ କହିଲା ।



Digitized by srujanika@gmail.com

ତମେ କିଛି ଜାଣନି, ତମେ ଗୋଟିଏ ବୋକା ଝିଅ । ବୋକା, ବୋକା, ବୋକା । ଝିଅଟି ଆଡକୁ ତର୍ଜନୀ ନିର୍ଦ୍ଦେଶ କରି ପୁଅଟି ପରିହାସ କଲା ।

ଝିଅଟିର ଏଥରକ ଥିଲା ରୁଷ୍ଟ ହେବାର ପାଳି । ଝିଅଟିର ସ୍ୱଭାବ ଇ ଥିଲା ଏଇଭଳି । ସାମାନ୍ୟ କଥାରେ ତୀବ୍ର ପ୍ରତିବାଦ କରି ଭିତ୍ତିହୀନ ଅଭିମାନ କରିବାର ପ୍ରବଣତା । ନିଜ ମନରେ ଦାନା ବାନ୍ଧିଥିବା ଧାରଣାକୁ କେବେ ବି ପରିବର୍ତ୍ତିତ ହେବା ପାଇଁ ସୁଯୋଗ ଦେଉନଥିଲା ସିଏ ।

ତା ପୂର୍ବଦିନ ବି ଏଇଭଳି ଗୋଟିଏ ସାନଘଟଣାରୁ ରାଗିଯାଇ ଅନେକ ସମୟ ଧରି କଥା ନକହି ଚୁପ୍‌ଚାପ୍ ବସି ରହିଥିଲା ସିଏ ।

ସେଦିନ ଝିଅଟି ଘରୁ ଆସିଲାବେଳେ ସାଥିରେ ଆଣିଥିଲା ତା ନିଜହାତ ଅଙ୍କା ସାନ ପେଣ୍ଟିଙ୍ଗଟିଏ । ତା ସ୍କର୍ଟ ପକେଟ୍‌ରେ ଚାରିପ୍ରସ୍ତ ହେଇ ସାଇତା ହେଇଥିବା ସେ ପେଣ୍ଟିଙ୍ଗଟି କାଢ଼ି ପୁଅଟିକୁ ଦେଖାଇଥିଲା ସିଏ । ଛବିଟି ଥିଲା ପାର୍କର ଘାସଜମିର ମୌସୁମୀଫୁଲର କିଆରୀକୁ ପ୍ରଚ୍ଛଦପଟରେ ରଖି ଗୋଟିଏ ପୁଅ ଏବଂ ଗୋଟିଏ ଝିଅ ଆକାଶର ଧାବମାନ ବିହଙ୍ଗମଟିକୁ ନିର୍ନିମେଷ ନୟନରେ ଚାହିଁ ରହିଥିବାର ଦୃଶ୍ୟ । ତଳେ ସୁସ୍ପଷ୍ଟ ହସ୍ତାକ୍ଷରରେ ଲେଖା ହେଇଥିଲା ସେମାନଙ୍କର ନାମ- ଲିଲି ଓ ଦୀପକ୍ ।

ପୁଅଟି କହିଥିଲା- ନିହାତି ବାଜେ । ମୋ ମୁହଁ ଜମା ଏମିତି ନୁହେଁ । ଏ ଛବିର ନାକଟି ଠିକ୍ ତୋତାପକ୍ଷୀର ନାକ ପରି ହେଇଛି । ମୁଁ କଅଣ ସେମିତି ? ବାସ୍ତବିକ୍ ପୁଅଟିର ଚେହେରା ସହିତ କୌଣସି ସାମଞ୍ଜସ୍ୟ ନଥିଲା ସେ ଛବିଅଙ୍କା ମୁହଁର । ଚିତ୍ରଟି ଥିଲା ନିହାତି ଅପଟୁ ହାତର ସୃଷ୍ଟି ।

ଝିଅଟି କିନ୍ତୁ ପୁଅଟିର ଏତାଦୃଶ ମନ୍ତବ୍ୟ ତୀବ୍ରଭାବରେ ପ୍ରତିବାଦ କରିଥିଲା ଓ ରାଗି ଯାଇଥିଲା । କାଗଜଟି ଚିରିଦେଇ ଟୁକ୍‌ଡା ଟୁକ୍‌ଡା କରି ତାକୁ ଉଡେଇ ଦେଇଥିଲା ଦୂରାଗତ ପବନ ଢେଉରେ । ଧଳା କାଗଜର ବିକ୍ଷିପ୍ତାଂଶ ସବୁ ଡେଣାମେଲା ସାଦା ପ୍ରଜାପତି ପରି କିଛି ସମୟ ଉଡି ଶେଷପର୍ଯ୍ୟନ୍ତ ଆଶ୍ରୟ ନେଇଥିଲେ ଦୁବଘାସର ଶେଜରେ । ପୁଅଟି ଇତସ୍ତତଃ ହେଇ ପଡିଥିବା ସେ କାଗଜର ଟୁକ୍‌ଡା ସବୁ ତଳୁ ଗୋଟେଇ ଲାଗିଥିଲା ଅନେକ ସମୟ ଧରି ।

ଆଜି ବି ସେଇଭଳି ଉଦ୍ଧତ ଓ ଅନମନୀୟ ଭଙ୍ଗୀରେ ଝିଅଟି ବସିରହିଥିଲା ଲନ୍ ଉପରେ । ପୁଅଟି ଆଡକୁ ପଛକରି । ଏବଂ ପୁଅଟି କିଂକର୍ତ୍ତବ୍ୟବିମୂଢ଼ ହେଇ ଝିଅଟିର ଅଭିମାନ ଭାଙ୍ଗିବାର କାର୍ଯ୍ୟପନ୍ଥା ସଂପର୍କରେ ଭାବିବାକୁ ଲାଗିଲା ।

ହଠାତ୍ ତାର ମନେପଡିଲା ଫୁଲ୍‌ପ୍ୟାଣ୍ଟ ପକେଟରେ ପୂରେଇ ଆଣିଥିବା ପିଚୁଳିଟିର କଥା । ଜାଣିଥିଲା ସେ ଫଳଟି ଭାରି ପ୍ରିୟ ଥିଲା ବୋଲି ଝିଅଟିର । ବିଶେଷତଃ ପୁଅଟିର ବାରିରେ ଥିବା ସେ ଅଲଗା କିସମ୍‌ର ପିଚୁଳିଟି । ଲମ୍ବାଳିଆ, ପତଳାଚୋପା ତଳେ ମାଖନ୍



Digitized by srujanika@gmail.com

ପରି ଧଳା ଶସ ଏବଂ ଭିତରାଂଶ ପୂରାପୂରି ଗୋଲାପି । ସକାଳପହରୁ ଗଛର ନୁଆଁଣିଆ ନହକା ଡାଳରୁ ପିଚ୍ଛୁଳିଟିଏ ତୋଳି ପୁଅଟି ସାଇତି ରଖିଥିଲା ଝିଅଟି ପାଇଁ ।

ଅନେକ ସମୟ ଧରି ଝିଅଟିର ନୀରବତାରେ ନିସ୍ତବ୍ଧ ହୋଇ ବସିସାରିଲା ପରେ ପୁଅଟି ସନ୍ତର୍ପଣରେ ଯାଇ ଚୁପ୍ କରି ପିଚ୍ଛୁଳିଟି ପକେଇଦେଲା ଝିଅଟିର କୋଳରେ । ଝିଅଟି ଚମ୍‌କି ପଡି ପିଚ୍ଛୁଳିଟିକୁ ଚାହିଁଲା ଓ ରାଗଭୁଲି ଉଚ୍ଛ୍ୱସିତ କଣ୍ଠରେ କହିଉଠିଲା- ଇସ୍, ପିଚ୍ଛୁଳି ? ମୋ ପାଇଁ ?

ପୁଅଟି କିଛି ନକହି ଲାଜକୁଳା ହସ ହସିଲା ।

ଝିଅଟି ଦରପାଚିଲା ନରମ ପିଚ୍ଛୁଳିଟିରେ ତାର ମୂନିଆ ଦାନ୍ତ ବସେଇ ଦେଇ କହିଲା- ଥାଙ୍କ ୟୁ ।

## ଦ୍ୱିତୀୟ ଦୃଶ୍ୟ

ପୁଅଟି ଏକା ଏକା ଘୂରି ବୁଲୁଥିଲା । ଉଦ୍ଦେଶ୍ୟହୀନ ଭାବରେ । ପାର୍କର ମୁଲାୟମ ସବୁଜରଂଗା ଜମିରେ ।

ଅଜସ୍ର ବୈଚିତ୍ର୍ୟମୟ ଫୁଲର ଐଶ୍ୱର୍ଯ୍ୟରେ ଶୋଭାବନ ଥିଲା ଉପବନ । ବାତାବରଣ ଥିଲା ନୀଡବାହୁଡା ପକ୍ଷୀମାନଙ୍କର ମେଦୁର କଣ୍ଠର କାକଳିରେ ମୁଖରିତ । ଅସ୍ତୋଦ୍ୟୋତ ସୂର୍ଯ୍ୟର ବେଦନାରଂଗା ଆଲୋକରଶ୍ମିରେ ଗଛଲତା ଦିଶୁଥିଲେ ଅପାର୍ଥିବ ।

ପୁଅଟିକୁ କିନ୍ତୁ ଏସବୁ କିଛି ବି ଖୁସି କରିପାରୁନଥିଲା । ଏକାକୀତ୍ୱର ବହଳ ବିଷଣ୍ଣତାର ଛାପ ଥିଲା ତା ମୁହଁରେ । ଶିଉଳିଫୁଲ ପରି ଶୁଭ୍ର ମୁହଁଟି ଦିଶୁଥିଲା ତେଜହୀନ ।

ହଠାତ୍ ତାର ନଜର୍‌ରେ ପଡିଲା ପାର୍କ ମଧ୍ୟସ୍ଥିତ ଜଳାଶୟ ଧାରରେ ବସିଥିବା ଶଙ୍ଖଚିଲଟି ଉପରେ । ପୁଅଟି ନଇଁପଡି ନିର୍ନିମେଷ ନୟନରେ ଅନାଇଁ ରହିଲା ତାକୁ । ହଠାତ୍ ଯେମିତି ଶଙ୍ଖଚିଲଟି ରୂପ ପାଲ୍‌ଟି ଦୀର୍ଘଚଞ୍ଚୁବିଶିଷ୍ଟ ମାଛରଙ୍କାଟିଏ ହେଇଗଲା ତା ସାମ୍‌ନାରେ ।

ପୁଅଟି ଯାପରେ ଅନ୍ୟମନସ୍କ ଭାବରେ ଯାଇ ଦୋଳିରେ ବସି ତା ପ୍ୟାଣ୍ଟ ପକେଟ୍‌ରୁ ତା ନିଜଅଙ୍କା ଛବିଟିଏ ବାହାର କଲା ଯତ୍ନ ସହ । ହ୍ରଦପାଣିକୁ ଚାହିଁ ଅଳସଭଙ୍ଗୀରେ ବସିଥିବା ଗୋଟିଏ ସ୍କର୍ଟପିନ୍ଧା ଝିଅର ଛବି । ତଳେ ବଡବଡ ଅକ୍ଷରରେ ଲେଖା- ବୋକା ଲିଲି । କିଛିସମୟ ଧରି ଛବିଟିକୁ ନିରୀକ୍ଷଣ କରି ଲାଗିଲା ପୁଅଟି ।

ତାପରେ ଟୁକ୍‌ଡା ଟୁକ୍‌ଡା କରି ତାକୁ ଉଡେଇଦେଲା ଥିରି ଥିରି ପବନର ଢେଉରେ । ଅଜସ୍ର ଡେଣାମେଲା ସାଦା ପ୍ରଜାପତି ପରି, ଶୂନ୍ୟରେ ଏକ ଅଜ୍ୟାମିତିକ ନକ୍ସା ତିଆରି କରି ସେ କାଗଜ ସବୁ ଇତସ୍ତତଃ ଉଡି ବୁଲିଲେ କିଛି ସମୟ ଧରି ।

ପୁଅଟିର ନରମ, ଗେହ୍ଲା ମନଟି ହଠାତ୍ କେମିତି ନିସ୍ତେଜ ହେଇ ପଡିଲା । ସୁନା



Digitized by srujanika@gmail.com

ଝଲମଲ ଅପରାହ୍ନଟି ମନେହେଲା ଭାରି ଅସୁଖୀ, ଭାରି ରୁଗ୍ଣ ।

ପୁଅଟି ମନମାରି କିଛି ସମୟ ଧରି ବସିରହିଲା ଲୁହାଜଂଜିର ଲଗା ଦୋଳିର ପିଢ଼ାରେ । ଆଜି ମଧ୍ୟ ପକେଟରେ ବୋହି ବୋହି ଆଣିଥିଲା ଦରପାଚିଲା ପିଜୁଳିଟିଏ । ପିଜୁଳିଟି କାଢ଼ି ଅନ୍ୟମନସ୍କ ଭାବରେ ଖାଇବାକୁ ଲାଗିଲା ସିଏ । ମାତ୍ର ତାହା ମନେହେଲା ବିସ୍ୱାଦ । ଫଳଟି ତଳେ ପକାଇଦେଇ ଫୁଟବଲ୍ ପରି ତାକୁ ପାଦରେ ସଜୋର ଆଘାତ କଲା ସିଏ ।

ସନ୍ଧ୍ୟା ଘନେଇ ଆସୁଥିଲା । ପୁଅଟି ନିଃସଙ୍ଗ ହୋଇ ତଥାପି ବସିରହିଥିଲା ଦୋଳିରେ ।

## ତୃତୀୟ ଦୃଶ୍ୟ

ପୁଅଟିର ମା' ତାଙ୍କ ପ୍ରିୟବାନ୍ଧବୀଙ୍କଠାରୁ ସଦ୍ୟ ଆସି ପହଞ୍ଚିଥିବା ପୋଷ୍ଟକାର୍ଡଟି ଧରି ମନଯୋଗ ସହକାରେ ପଢୁଥିଲେ । ରାଜେଶ୍ୱରୀ ଲେଖିଥିଲେ-

ପ୍ରିୟ ଇନ୍ଦୁ,

ଏଠାକୁ ବଦଳି ହେଇ ଆସିବା ପରେ ଇଏ ତୁମକୁ ମୋର ପ୍ରଥମ ଚିଠି । ଘର ଏଯାଏ ଭଲଭାବେ ସଜଡା ହେଇନି । ଖାଲି ଏଠା ଠିକଣା ଜଣାଇବାପାଇଁ ତରବରରେ ଏ ଚିଠି ଲେଖୁଛି । ପରେ ଲମ୍ବା ଚିଠି ଲେଖିବି ।

ଘର ପାଖରେ ଥିବା ଗୋଟିଏ ସାନ ଇଂରାଜୀ ମିଡିୟମ୍ ସ୍କୁଲରେ ଆଜି ଲିଲିର ନାଁ ଲେଖା ହୋଇଛି- ଦ୍ୱିତୀୟ ଶ୍ରେଣୀରେ । ବର୍ଷର ଅଧାଅଧି ହେଇଯାଇଥିବାରୁ ବଡ ସ୍କୁଲରେ ଆଡ୍‌ମିସନ ମିଳିଲାନି । ଆରବର୍ଷକୁ ମିଳିଯିବାର ଆଶା ।

ଲିଲି ସବୁବେଳେ ଦୀପକ୍‌କୁ ମନେପକାଏ । ତାର ଏଠି ଏପର୍ଯ୍ୟନ୍ତ କେହି ନୂଆ ସାଙ୍ଗ ହେଇନାହାନ୍ତି । ସବୁବେଳେ କହୁଛି- ଏଠି ପାର୍କ ନାହିଁ, ଦୀପକ୍ ନାହିଁ, ଏଜାଗା ଭଲ ନୁହେଁ, ଚାଲ୍ ଆମ ପୁରୁଣା ସହରକୁ ଫେରିଯିବା ।

କାଲି ତ ବେଶ୍ ଜିଦ୍ ଧରି କାନ୍ଦିଲା- ପିଜୁଳି ଖାଇବା ପାଇଁ । ତୁମ ବାରିଗଛ ପିଜୁଳି ଯେ ଭାରି ପ୍ରିୟ ଥିଲା ତାର । ତା' ଛଡା ଯେମିତିଆ ଜିଦ୍‌ଖୋର ପିଲା ତ ତମେ ତ ଜାଣ ।

ପରଚିଠିରେ ବାକି ସବୁ ଖବର ଲେଖିବି । ତଳେ ଠିକଣା ରହିଲା, ଚିଠିଦେବ । ଦୀପକ୍‌କୁ ଆଶୀର୍ବାଦ । ତମେ ମୋର ସ୍ନେହ ନେବ । ଇତି

ତୁମର

ରାଜେଶ୍ୱରୀ ।

(ଏପ୍ରିଲ, ୨୦୦୩)

❑❑❑



Digitized by srujanika@gmail.com

# ଶୈଶବ

ପିଜୁଳି ଗଛଟିରେ ଫଳ ଆସିଗଲା ବେଶ୍ ଶୀଘ୍ର ।

ବିଗତବର୍ଷ ଯେତେବେଳେ ବିନୟ ଗଛଟିକୁ ନର୍ସରୀରୁ କିଣିକି ଆଣିଥିଲେ, ସେତେବେଳେ ବି ବନ୍‌ସାଇପରି ଦିଶୁଥିବା ମୁଠୁଣିଏ ଉଚ୍ଚର ଶିଶୁଗଛଟିରେ ପିଜୁଳିଟିଏ ଫଳିଥିଲା । କମକୂଟକରା ବଡ ମାଟିକୁଣ୍ଡରେ ଦୁଇଟି ପୁଷ୍ଟଡାଳ ବିଶିଷ୍ଟ ପୁଷ୍ଟ ସବଳ ଗଛଟିଏ । ତହିଁରୁ ଗୋଟିଏ ଡାଳ ନଇଁପଡିଥିଲା କେନ୍ଦୁକୋଳି ଆକାରର ଗୋଟିଏ ସବୁଜ ଓ ପେଲବ ଫଳର ଭାରରେ

-ଇସ୍ ! ଏତେ କୁନିଗଛରେ ପିଜୁଳି ! ଆଶ୍ଚର୍ଯ୍ୟ ହେଇ ମନ୍ତବ୍ୟ କରିଥିଲି ।

-ଏଇଟା କଲମି ଗଛ । ମାଳି କହିଛି ମାଟିରେ ଲଗେଇଦେଲେ ବର୍ଷକରେ ଫଳ ଫଳିବ । ସେଇଥି ପାଇଁ ଦାମ୍ ବେଶି । ବିନୟ ଉତ୍ତର ଦେଲେ ।

- କେତେ ଟଙ୍କା ?

- ପଚାଶ ଟଙ୍କା ।

- ପଚାଶ ଟଙ୍କା ? ପଚାଶଟଙ୍କା ଦେଇ ପିଜୁଳିଗଛଟେ ଆଣିଲ ?

- ରାଗ୍‌ନା, ରାଗ୍‌ନା । ଏଇଟା ତୋର ଆସନ୍ତା ଜନ୍ମଦିନ ପାଇଁ ଉପହାର । ବିନୟ ସ୍ମିତହସି କହିଲେ ।

- ଆଗେ ଜନ୍ମଦିନରେ ସୁନାମୁଦି କି ଶାଢ଼ୀ ଦେଉଥିଲ । ଏବେ ବୁଢୀ ହେଇଗଲିଣି ତ ! ପଚାଶ ଟଙ୍କାରେ କାମ ଚଳେଇ ଦେଉଛ । କୁଣ୍ଡର ଦରଶୁଖିଲା ମାଟିରେ ପାଣି ଛିଞ୍ଚୁ ଛିଞ୍ଚୁ ମୁଁ ପରିହାସ କରି କହିଲି ।

- ଇଏ ଯେମିତି ସେମିତି ଗଛ ନୁହେଁ । ତୋର ସେଇ ଶୈଶବର ଗଛ ।

- ଶୈଶବର ଗଛ ?



Digitized by srujanika@gmail.com

- ସେଇ ଯେ ତୋ ପିଲାଦିନେ ତମ ପଡିଶାଘରେ ଥିବା ପିଚ୍ଛୁଳିଗଛ କଥା କହୁଥିଲୁ । ଭିତରଟି ନାଲି ଟୁକ୍ ଟୁକ୍ । ଇଏ ସେଇଗଛ । ଭାରି କଷ୍ଟରେ ଯୋଗାଡ କରିଛି । ବିନୟ ଜବାବ୍ ଦେଲେ ଓ ହଠାତ୍ ସମୟର ପର୍ଦ୍ଦାରେ ଧୂଳିଅଳନ୍ଧୁ ଜମି ଫିକା ଫିକା ରଂଗ ଧରିଥିବା ଶୈଶବର କେତୋଟି ମୋହମୟ ସ୍ମୃତି ଜାଗରୂକ ହେଇ ଉଠିଲା ମନରେ । ସତେ ଅବା ଘ୍ରାଣ ପାଇଲି ଦୂର ଦୂରାନ୍ତରରୁ ଭାସି ଆସୁଥିବା ଗୋଟି ସୁସ୍ୱାଦୁ, ସୁମିଷ୍ଟ ଫଳର ଭାରୁ ମିଠାଳିଆ ବାସ୍ନା । ନାକ ପୁଡା ଫୁଲି ଫୁଲି ଉଠିଲା ସେ ବାସ୍ନାରେ ।

ପିଲାଦିନେ, ଆମ ବାରିପଟ ପଡିଶାଘରେ ଥିଲା ସେ ଗଛଟି, ଆମ ତାରବାଡଠାରୁ ସାମାନ୍ୟ ଦୂରରେ । ବେଶ୍ ବୟୋବୃଦ୍ଧ ଗଛଟିଏ । ଆବୁ ଆବୁଆ ଦେହ । ସେ ଦେହରୁ ପରସ୍ତ ପରସ୍ତ ବକଳ ଛାଡୁଥିଲା ପ୍ରତିବର୍ଷ । ବୟସ୍କ ଗଛଟି ଥିଲା ରଜୁ ଏବଂ ଦୀର୍ଘକାୟ । ବଗିଚାର ଆମ୍ବ, ଜାମୁ, ପଣସ ଭିତରେ ଖୁନ୍ଦି ହେଇ ପ୍ରସାରିତ ହେବାର ସୁଯୋଗ ପାଇନଥିଲା । ଖରା ଖୋଜି ଖୋଜି ଶାଖା ବିସ୍ତାର କରିଥିଲା ଉପରକୁ । ବର୍ଷାଦିନେ ଫଳ ଆସୁଥିଲା କିନ୍ତୁ ପ୍ରଚୁର । ଆଉ ସେ ଫଳ ରୂପ ଓ ରଂଗରେ ଥିଲା ଅନୁପମ ।

ଆମଘରେ ମଧ ଦୁଇଟି ପିଚ୍ଛୁଳିଗଛ ଥିଲା । ତନ୍ମଧ୍ୟରୁ ଗୋଟିଏ ଗଛ ଝଡରେ ନଇଁ ପଡି ବଢ଼ିଥିଲା ଏକପ୍ରକାର ମାଟି ସହିତ ସମାନ୍ତରାଳ ହେଇ । ଉପରେ ସିଆର ଥିବା ଟେନିସ୍ ବଲ୍ ଆକାରର ବେଶ୍ ଗୋଲ୍‌ଗାଲ୍ ପିଚ୍ଛୁଳି । ଖଟା ମିଠା ସ୍ୱାଦ । ସାନବୟସରେ ଟୁକ୍ ଟାକ୍ ଫଳତୋଳି ଖାଇବାପାଇଁ ବି ଗଛଟି ଥିଲା ସୁବିଧାଜନକ । ଆମେ କିନ୍ତୁ ସେ ପିଚ୍ଛୁଳି ପ୍ରତି ଥିଲୁ ଅନାଗ୍ରହୀ । ଅନେକ ପିଚ୍ଛୁଳି ପାଚି ମାଟିରେ ପଡି ସଢ଼ିଯାଉଥିଲା । ଆମର ଲୋଭ ଥିଲା ପଡିଶାଘରର ସେ ପିଚ୍ଛୁଳି ପ୍ରତି ।

ତାର କାରଣ ଅବଶ୍ୟ ଥିଲା । ସେ ପିଚ୍ଛୁଳିଟିର ଭିତରାଂଶଟି ଥିଲା ଗୋଲାପି । ଫଳଟି ଆକାରରେ ଥିଲା ଈଷତ୍ ଲମ୍ବାଳିଆ । ଅନେକାଂଶରେ କୁନି ପପେୟାଟିଏ ପରି । ସବୁଜ ଚିକ୍କଣ ଚୋପାତଳେ ପ୍ରାୟ ଅଧଇଞ୍ଚ ବହଳର, ମାଂସଳ ଧଳା ଅଂଶ । ଆଉ ଭିତରେ ସ୍ୱଚ୍ଛମଞ୍ଜି ଥିବା ସୁମିଷ୍ଟ ଶସ । ପାଚିଗଲେ ସେ ଶସ ହେଇଯାଉଥିଲା ପୂରାପୂରି ଗୋଲାପି । ଠିକ୍ ଶୀତ ସକାଳେ ଫୁଟା ଗୋଲାପକଢ଼ିର ପାଖୁଡା ପରି । ଲୋଭାତୁର ପିଲାଳିଆ ଆଖିରେ ସେ ଫଳଟି ମନେ ହେଉଥିଲା ଅସାଧାରଣ । ଦରଖିଆ ପିଚ୍ଛୁଳିଟିକୁ ନିରେଖି ଚାହିଁଲେ ମନେ ହେଉଥିଲା ସତେ ଅବା ପାପୁଲିରେ ସବୁଜ, ଧଳା ଓ ଗୋଲାପି ରଂଗ ମିଶା ଟୁକୁଡାଏ ଇନ୍ଦ୍ରଧନୁ ।

ଗଛରୁ ଖସି, ଶୁଆଖିଆ, ଦରସଢ଼ା ପିଚ୍ଛୁଳି କେବେ କେମିତି ତାରବାଡ ଫାଙ୍କ ଦେଇ ଗଡିଆସୁଥିଲା ଆମପଟକୁ । ତାକୁ ଇ ଗୋଟେଇ ମହାଆନନ୍ଦରେ ଖାଉଥିଲୁ । ବାକି ସାରା ବର୍ଷାଋତୁ, ସଦ୍ୟତୋଳା ଫଳଟିଏ ଖାଇବାପାଇଁ ସତୃଷ୍ଣ ନୟନରେ ଚାହିଁ ରହୁଥିଲୁ



Digitized by srujanika@gmail.com

ଗଛଟି ଆଡେ ।

ମୃତ ପଡୋଶୀଙ୍କର ଦୁଇଜଣ ଯାକ ପୁତ୍ର ଥିଲେ ସହର ବାହାରେ କର୍ମରତ । ବାରିଘର ଦେଖାଶୁଣା କରିବାପାଇଁ ତେଣୁ ବଗିଚାରେ ଥିବା ଦୁଇ ବଖରା ଆଉଟ୍‌ହାଉସ୍ ଘରେ ଗୋଟିଏ ଜଗୁଆଳି ପରିବାର ମୁତୟନ କରିଥିଲେ । ଜଗୁଆଳିଥିଲେ ମଧ୍ୟବୟସ୍କ ପତିପତ୍ନୀ ଯୋଡିଏ । ଲମ୍ବ ଗାଲମୁଛା ଓ ଝାଡୁମାର୍କା ନିଶ ରଖି ଥିବା ରୁକ୍ଷ, କଳା ମଣିଷଟି ଉଭୟ ରୂପରେ ଓ ଗୁଣରେ ଆମକୁ ସ୍ୱୟଂ ମହିଷାସୁର ସଦୃଶ ମନେହେଉଥିଲା, ଏବଂ ତାର ସ୍ଥୂଳକାୟା, କଳହପ୍ରିୟା ପତ୍ନୀଟି ମନେହେଉଥିଲା ପୂତନା । ବଗିଚାର ଅନ୍ୟାନ୍ୟ ଫଳ ସମେତ, ପିଜୁଳିଗଛର ସମସ୍ତ ଫଳ ତୋଳି ଦିହେଁ ନିୟମିତ ବଜାରରେ ବିକ୍ରୀ କରୁଥିଲେ । ଠିକ୍ ପିଜୁଳିଗଛ ତଳେଇ ଥିଲା ସେମାନଙ୍କର ବସତି । ସେମାନଙ୍କ ଆଖିରେ ଧୂଳିଦେଇ, ଗଛରୁ ଫଳଟିଏ ତୋଳି ଆଣିବା ଆମପାଇଁ ଥିଲା ଦୁରୂହ ବ୍ୟାପାର । ସ୍ୱଭାବତଃ, ସେତେବେଳେ ଲୋକ ଦୁଇଟିକୁ ପୃଥିବୀର ନିଷ୍ଠୁରତମ ମଣିଷ ବୋଲି ମନେହେଉଥିଲା ।

ମନେ ଅଛି- ଏକ ନିଃଶବ୍ଦ ଦ୍ୱିପ୍ରହରରେ, ଥରଟେ କୌଣସିମତେ ତାରବାଡ ଟପି ସେ ପଟକୁ ଯାଇ, ଗଛକୁ ଆଉଜା ହେଇ ରଖାହେଇଥିବା ନଗିର ସହାୟତାରେ ଦୁଇଟି ଈଷତ୍‌ପକ୍ୱ ପିଜୁଳି ତୋଳିବାରେ ସକ୍ଷମ ହେଇଥିଲି । କାମଟି ଥିଲା ବେଶ୍ ଆୟାସ ପ୍ରସୂତ । ଉଲ୍ଲାସମନରେ ପିଜୁଳି ଦୁଇଟି ଅଣ୍ଟିରେ ରଖି ଦୌଡି ପଳେଇ ଆସିବାକୁ ବସିଛି, ଲୋକଟି ଦିବାନିଦ୍ରାରୁ ଉଠି ବାହାରିଆସିଲା ପିଣ୍ଡାକୁ । କୁମ୍ଭାଟୁଆ ଆଖି ସଦୃଶ ପ୍ରତୀୟମାନ ହେଉଥିବା ଲାଲ୍‌ଟହଟହ ଡୋଳାକୁ ଆଉ ଟିକିଏ ରକ୍ତରଂଜିତ କରି, କେବଳ ଯେ ସଭର୍ତ୍ସନା ପିଜୁଳି ଯୋଡିକ ମୋଠାରୁ ଛଡେଇ ନେଇଥିଲା ତାହା ନୁହେଁ, ସନ୍ଧ୍ୟାବେଳେ ଘରକୁ ଆସି ଈଷତ୍ ଅତିଶୟୋକ୍ତି ସହିତ ବୋଉ ସାମ୍ନାରେ ମୋର ପିଜୁଳି ଚୋରିର ସବିଶେଷ ଧାରାବିବରଣୀ ମଧ୍ୟ ପ୍ରଦାନ କରିଥିଲା । ଏବଂ ବୋଉଠାରୁ ବେଶ୍ ଜବରଦସ୍ତ କାନମୋଡା ଖାଇ ଭବିଷ୍ୟତରେ ଆଉ କେବେ ପିଜୁଳି ତୋଳି ଆଣିବାକୁ ସାହସ କରିପାରିନଥିଲି ।

କିନ୍ତୁ ସେ ପିଜୁଳିପ୍ରତି ଶୈଶବରେ ଥିବା ସେ ମୋହ, ଚିରସ୍ଥାୟୀ ହେଇ ରହିଗଲା ମନଭିତରେ ।

ବର୍ଷାଋତୁ ଆସିବ ଆସିବ ହେଲେ ଅପର୍ଯ୍ୟାପ୍ତ ପିଜୁଳିର ଢେର ଲାଗିଯାଉଥିଲା ଭୁବନେଶ୍ୱର ବଜାରରେ । ଶସ୍ତା ଫଳ, କେବେ କେମିତି କିଣିକି ଆଣୁଥିଲି । କିନ୍ତୁ ସେ ଗୋଲାପି ପିଜୁଳି କେବେ ବି ପଡୁନଥିଲା ଆଖିରେ । ଦିଲ୍ଲୀର ଲମ୍ବା ରହଣିକାଳରେ ଘରକୁ ଆତଯାତ କରୁଥିଲି ଉତ୍କଳ ଏକ୍ସପ୍ରେସ୍‌ରେ । ଯାତ୍ରାପଥରେ, ଆଲ୍‌ହାବାଦ ଓ ମୋଗଲସରାଇ ଷ୍ଟେସନରେ ଝୁଡି ଝୁଡି ପାଚିଲା ପିଜୁଳି ବିକ୍ରୀ ହେଉଥିବାର ଦେଖୁଥିଲି । ଫଳବାଲାମାନଙ୍କୁ ହାକି ପଚାରୁଥିଲି - ଯା ଭିତରଟା କଅଣ ଲାଲ୍ ?



Digitized by srujanika@gmail.com

- ଅମୃତ୍ କହିଁ ଲାଲ୍ ହୋତା ହୈ ବହନ୍‌ଜୀ ? କୈସା ସବାଲ୍ କରତୀ ହୋ ? ଅନେକ ସମୟରେ ହସି ହସି ଓ ଅନେକ ସମୟରେ ବିରକ୍ତ ହେଇ ଫଳବାଲାମାନେ ଜବାବ୍ ଦେଉଥିଲେ ।

କଥା ପ୍ରସଂଗରେ କେବେଥର ବିନୟଙ୍କୁ ଶୈଶବର ସେ ଗୋଲାପି ପିଜୁଳି ଉପାଖ୍ୟାନ କଥା କହିଥିଲି । ବିନୟ ଅବସରଗ୍ରହଣ ଉତାରୁ ଭୁବନେଶ୍ୱର ଆସି ବାରିପଟେ ଫଳଗଛ ସବୁ ରୋପଣ କଲାବେଳେ ! ଆମେ ପ୍ରଥମେ ଏଠାରେ ପହଞ୍ଚିଲାବେଳକୁ ଧୂ ଧୂ ମରୁପ୍ରାନ୍ତର ଭିତରେ ଧଳା ଭୂତ ପରି ଠିଆ ହେଇଥିଲା ଆମଘରଟି । ଚାରିପଟେ ଟାଙ୍ଗିପଥର ଓ ଧୂଳିମିଶା ନାଲିଗୋଡି । ଅନେକ ପରିଶ୍ରମ କରି ଗଛ ଲଗାଇଥିଲେ ବିନୟ । କାଳିସୀ ଲାଗିଲା ପରି ସାରା ବଗିଚା ଗାତ ଖୋଳି ନର୍ସରୀରେ ମିଳୁଥିବା ସର୍ବପ୍ରକାର କଲମି ଫଳଗଛ ଆଣି ରୋପଣ କରିଥିଲେ । ଏବଂ ସେତିକିବେଳେ ଇ ତାଙ୍କୁ କହିଥିଲି ମୋ ସ୍ୱପ୍ନର ସେଇ ରଂଗିନ୍ ପିଜୁଳି କଥା । ବୁଝିପାରିଲି- ଆଜି ସେ ଗଛଟି ପାଇ ମୋ ପାଇଁ ଉପହାର ରୂପେ ତାହା କିଣି ଆଣିଛନ୍ତି ବିନୟ ।

ଗଛଟିକୁ ସ୍ନେହରେ ଆଉଁଷି ଦେଇ ପଚାରିଲି- ଏଗଛ ପାଇଲ କେଉଁଠୁ ?

- ନର୍ସରୀର ମାଳିକୁ ସବୁବେଳେ ଏଇ ଗଛ କଥା କହେ ତ ? ସେଇ କେଉଁଠୁ ଖୋଜିକି ଆଣିଦେଲା । କହିଛି ଆରବର୍ଷକୁ ଫଳ ଆସିବ । ଏଥିରେ ଯେଉଁ କୁନି ଦରପାକଳ ପିଜୁଳିଟି ଅଛି ପାଚିଗଲେ ଖାଇ ଦେଖିବୁତ ! ତୋର ପିଲାଦିନର ପିଜୁଳି ନା ନାଇଁ ।

ବାରି କଡକୁ ବିରାଟକାୟ ଗର୍ତ୍ତଟିଏ କରି, ସାରଦେଇ, ସଯତ୍ନେ ରୋପଣ କରିଥିଲି ଗଛଟିକୁ । ଗଛରେ ଫଳିଥିବା ଏକମାତ୍ର ପିଜୁଳିଟି ସୂର୍ଯ୍ୟସ୍ନାତ ହେଇ ପାଚିଗଲା କେଇଦିନରେ । ଖାଇ ଦେଖିଲି, ଶୈଶବର ସେଇ ରଂଗିନ ପିଜୁଳି । ସିଝା ଅଣ୍ଡା ଭିତରର କେଶର ପରି ସଫେଦ୍ ବହିରାଂଶ ତଳେ ଗାଢ଼ ଗୋଲାପି ରଂଗର ମଞ୍ଜିମିଶା ଶସ । ଚେନାଏ ଶୈଶବ ଯେମିତି ଧରାଦେଲା ହାତପାଆନ୍ତାରେ ।

ପରବର୍ଷ ଫୁଲ ଧରିଲା ଅଣ୍ଟେ ଉଚ୍ଚର ଗଛଟିରେ । ସରୁ ସରୁ ପାଖୁଡାର ଧୋବ ଫର ଫର ଫୁଲ । ଫୁଲ ମଉଳି ପିଜୁଳିକଷି ବି ହୋଇଗଲା ହାତଗଣତି କେତୋଟି । ଆଉ ସେ କଷିକଷି ଫଳସବୁ ନହକା ଡାଳରେ ଝୁଲି ଦୋଳି ଖେଳି ଲାଗିଲେ ପବନରେ । ଏବଂ ଠିକ୍ ଏତିକିବେଳକୁ ସେ ପିଜୁଳି ଲାଗି ଆରମ୍ଭ ହେଇଗଲା ମୋର ମୁଣ୍ଡବ୍ୟଥା ।

ମୁଣ୍ଡବ୍ୟଥା ହେଇଥିଲା ପାଖଘରେ ସଦ୍ୟ ଭଡା ରହିଥିବା ଭଦ୍ରଲୋକଙ୍କର ଦୁଷ୍ଟ ଶିରୋମଣି କନ୍ୟାରତ୍ନଟି ପାଇଁ ।

ଆମ ପଡିଶାଘରଟି ଅଧା ତିଆରି ହେଇ ପଡିରହିଥିଲା ବିଗତ କେଇବର୍ଷ ଧରି ।



Digitized by srujanika@gmail.com

ଖରା ଛୁଟିରେ କର୍ମସ୍ଥଳୀ କଲିକତାରୁ କେତୋଟି ଦିନପାଇଁ ଆସି, ମାତ୍ର ଦୁଇଟି ବଖରା ସଂପୂର୍ଣ୍ଣ କରି, ତାହା ଭଡା ଲଗେଇଦେଲେ ମାଲିକ୍ । ସ୍ୱୟଂ ଫେରିଗଲେ କଲିକତା ଅଳ୍ପଦିନପରେ । ଏବଂ ଅର୍ଦ୍ଧ ସମାପ୍ତ ସାନଘରଟିରେ ବସତି ସ୍ଥାପନ କଲେ ଗୋଟିଏ ଅଳ୍ପବୟସ୍କ ଦମ୍ପତି । ସାଥିରେ ତାଙ୍କର ଆଠନଅବର୍ଷର କନ୍ୟାରତ୍ନଟିକୁ ଧରି । ଭଦ୍ରଲୋକ ଥିଲେ ପାଖ ହାଇସ୍କୁଲରେ ଶିକ୍ଷକ ଓ ଅତିମାତ୍ରାରେ ସଜ୍ଜନ । ପତ୍ନୀ ତତୋଽଧିକ ଶାନ୍ତ ଓ ନିରୀହ ସ୍ୱଭାବର । ଝିଅଟି ଥିଲା କିନ୍ତୁ ଅସମ୍ଭବ ରକମର ଦୁଷ୍ଟ ଓ ଦୂରନ୍ତ । ମୁହୂର୍ତ୍ତଟିଏ ଘରେ ରହିବା ତା ପାଇଁ ଥିଲା କଷ୍ଟକର । ସାରା ଖରାବେଳ ଘୂରିବୁଲୁଥିଲା ଏଠି ସେଠି । ଏବଂ ସର୍ବୋପରି ଆମ ବଗିଚାଟି ପ୍ରତି ତାର ଥିଲା ତୀବ୍ର ଆକର୍ଷଣ ।

ଆମ ବାରିଚାରିପଟ ପାଚିରୀଟି ଥିଲା ଅନୁଚ୍ଚ । ଆବଡଖାବଡା ପଥରରେ ପାଦଦେଇ, ଅକ୍ଲେଶରେ ପାଚିରୀଟପି ଝିଅଟି ପଳେଇ ଆସୁଥିଲା ଆମ ବଗିଚାକୁ । ଏବଂ ଆମର ଦିବାନିଦ୍ରାର ସୁଯୋଗ ନେଇ ବଗିଚାର ଫଳତକ ଚୋରି କରି ଖାଉଥିଲା ଅନବରତ । ସିଏ ପେଛି ପେଛି ଜାମୁରୋଳ ହେଉ ବା ହେଉ କଷି କଷି ଲମ୍ବ ଡେମ୍ଫିର ଗୁରୁଡି ଆମ୍ବ- ଝିଅଟିର ଦୟାରୁ କିଛିବି ରହୁନଥିଲା ବଗିଚାରେ । ଅପରିପକ୍ୱ ଦରପାଚିଲା ଫଳସବୁ ଅଚିରେ ହେଇଯାଉଥିଲେ ଗାୟବ୍ । ଥରଟେ ଆମ ପାଚିରୀ ପାଖରେ ଉଠିଥିବା ସାନ ପପେୟା ଗଛଟିରେ ଚଢ଼ି ଦରପାଚିଲା ପପେୟାଟିଏ ତୋଳୁଥିବାର ତାହାକୁ ଦେଖିଥିଲି ଓ ଚିତ୍କାର କରି ଧମକ୍ ଦେଇଥିଲି । ଝିଅଟି କିନ୍ତୁ ପପେୟା ସହିତ ଯେପରି କ୍ଷିପ୍ରଭାବରେ ଗଛରୁ ଓହ୍ଲାଇଆସି ଓ ପାଚିରୀ ଉପରେ ଗୋଡଦେଇ, ତାଙ୍କପଟ ଘାସ ଜମିକୁ ଟୁପ୍ କରି ଡିଆଁ ମାରି ଅଦୃଶ୍ୟ ହେଇଥିଲା, ତାହା ଥିଲା ରୀତିମତ୍ ଅବିଶ୍ୱସନୀୟ । ବୁଝିପାରିଲି- ବାନରଠାରୁ ବି ଝିଅଟି ପାରଂଗମ ଥିଲା ଗଛଚଢ଼ାରେ ।

ତାର ଫଳଚୋରିରେ ଅତିଷ୍ଠ ହୋଇ ଅନେକଥର ତାର ପିତାମାତାଙ୍କୁ ଏସଂପର୍କରେ ଅବଗତ କରାଇଦେବାପାଇଁ ବିନୟଙ୍କୁ ତାଗିଦା ଦେଉଥିଲି । ବିନୟ କିନ୍ତୁ କଥାଟି ହସି ଉଡେଇ ଦେଉଥିଲେ । କହୁଥିଲେ- ଆହା ! ସିଏତ ନିହାତି ସାନପିଲା ! ସବୁ ସାନପିଲେ ଏଇଆ କରନ୍ତି । ମୁଁ ବି ପିଲାଦିନେ ଫୋପଡ ମାରି ପଡିଶାଘର ଆମ୍ବଗଛରୁ କେତେ ଆମ୍ବ ଝଡେଇକି ଖାଇଛି । ଏଇଟା କଅଣ ଯାଇ ତା ବାପାମାଙ୍କୁ କହିବା କଥା ?

- ସାମ୍ନା ବଗିଚାରୁ ସକାଳେ ଲୋକମାନେ ଆସି ଫୁଲଚୋରି କଲାବେଳେ ତମେ କେମିତି ରାଗିକି ଅଗ୍ନିବାଣ ହେଇଯାଉଚ ?

- ଆରେ ସିଏ ସବୁ ହେଲେ ବିଦ୍ୟାବୁଦ୍ଧିଥିବା ଶିକ୍ଷିତ ସଚେତନ ନାଗରିକ । ସକାଳୁ ସକାଳୁ ଆଙ୍କୁଡି ଧରି ଅନ୍ୟଘରୁ ଫୁଲ ଚୋରି କରିବାର ଅସମୀଚୀନତା ବୁଝିବାର ବୟସ ସେମାନଙ୍କର ହେଲାଣି । ସେମାନେ ତ ଆଉ ଅବୋଧ ସାନଛୁଆ ନୁହନ୍ତି !

Digitized by srujanika@gmail.com

- ଠିକ୍ ଅଛି । ତମେ ଯଦି ନ କହିବ, ମୁଁ ଇ ଯାଇ ଦିନେ କହିଆସିବି । ଏବର୍ଷ ପ୍ରଥମ କରି ସପେଟା ଆସିଥିଲା ଗଛରେ । ସେ ଦରପାଚିଲା ସପେଟା ତକ ନେଇ ଯାଇଛି କେତେବେଳେ । ଆତଗଛରେ ଗୋଟିଏ ବି ଆତ ନାହିଁ । ଆମ ଗଛ ଆତ କେତେ ମିଠା ତ ତମେ ଜାଣ ! ଭଗବାନ ଜାଣନ୍ତି କେତେବେଳେ ଆସିକି ଚୁପ୍‌କି ଚୋରି କରି ନେଇ ପଳାଇଛି ! ରାଗ ଗରଗର ହେଇ ମୁଁ ଜବାବ୍‌ଦେଲି ଏବଂ ଝିଅଟିକୁ ହାତେ ହାତେ ଧରି ତାର ଦଣ୍ଡବିଧାନ କରିବାପାଇଁ ସେଇ ମୁହୂର୍ତ୍ତରେ ସ୍ଥିରନିଶ୍ଚୟ ହେଲି ମଧ ।

ଗଛରେ ପିଜୁଳି ସବୁ ଦରପାଚିଲା ହେଇ ଆସିଥିଲା । ଜାଣିଥିଲି ଯାରି ଭିତରେ ଇ ପିଜୁଳି ନେବାପାଇଁ କେବେ ଦିନେ ଆସିବ ଝିଅଟି । ଲକ୍ଷ୍ୟ କରୁଥିଲି- ଝିଅଟି ଅନ୍ୟଦିନ ମାନଙ୍କରେ ସ୍କୁଲ୍ ଯାଉଥିଲା । ଆମ ବଗିଚାକୁ ଆସୁଥିଲା ମୁଖ୍ୟତଃ ରବିବାର ଦିନ, ତା ବି କେବଳ ଖରାବେଳେ, ଆମର ଦିବାନିଦ୍ରାର ସୁଯୋଗ ନେଇ ।

ପରରବିବାର ଦିନ ତେଣୁ ମଧାହ୍ନଭୋଜନ ପରେ ଶୋଇବାକୁ ନଯାଇ ଏବଂ ଝର୍କାର ପର୍ଦ୍ଦା ସାମାନ୍ୟ ଫାଙ୍କ କରି ଅପେକ୍ଷା କରି ବସିରହିଲି ଝିଅଟିକୁ । ମୋ ଅନୁମାନ ଠିକ୍ ଥିଲା । ଠିକ୍ ଦୁଇଟା ପାଖାପାଖି ପାଚିରୀଚଢ଼ି ଶବ୍ଦହୀନ ଭାବରେ ଓ ଅତି ସନ୍ତର୍ପଣରେ ଆମ ବଗିଚାରେ ପ୍ରବେଶକଲା ଝିଅଟି । ଚଞ୍ଚଳ ଦୃଷ୍ଟିରେ ଏପଟ ସେପଟ ଚାହିଁ ଓ ତାକୁ କେହି ନ ଦେଖୁଥିବା ସଂପର୍କରେ ନିଶ୍ଚିନ୍ତ ହୋଇ ଟୁକ୍‌ଟାକ୍ ଦରପାଚିଲା ପିଜୁଳି ଦୁଇଟି ତୋଳିନେଲା ସିଏ । ପିଜୁଳି ଦୁଇଟି ଫ୍ରକ୍ ଅଣ୍ଟିରେ ପୂରାଇ ପାଚିରୀ ଚଢ଼ି ଠିକ୍ ପଳେଇବାକୁ ସିଏ ଉଦ୍ୟତ ହେଉଛି, ମୁଁ ଛପି ଛପି ଯାଇ ଜାବୁଡି ଧରିଲି ତାକୁ ତା ଅଣ୍ଟା ପାଖରେ ।

ଝିଅଟିର କଟଟିକୁ ଶକ୍ତଭାବରେ ମୁଁ ମୋ ହାତମୁଠା ଭିତରେ ବନ୍ଦୀ କରି ଓ ମନର ସମସ୍ତ ପୁଞ୍ଜୀଭୂତ କ୍ରୋଧକୁ ଗଳାର ତୀକ୍ଷ୍ଣତା ମାଧମରେ ପରିପ୍ରକାଶ କରି ମୁଁ କହିଲି - ଚୋରଣୀ କେଉଁଠିକାର ! ଚାଲ ଘରକୁ । ଏବେଇ ପୋଲିସ୍‌କୁ ଫୋନ୍ କରି ଡକେଇ ପଠାଉଛି । ଚୋରି କରିବାର ମଜା ତତେ ଚଖେଇବି ଏତେ ଦିନକେ ।

ସ୍ୱାଭାବିକ୍ ଭାବରେ ପୋଲିସକୁ ଡକେଇ ପଠେଇବା କଥାଟି ମୁଁ କେବଳ ଝିଅଟିକୁ ଡରେଇବା ଉଦ୍ଦେଶ୍ୟରେ କହିଥିଲି । କିନ୍ତୁ ଦେଖିଲି ମୋ କଥା ଶୁଣି ଝିଅଟି ଭୟରେ ଠକ୍ ଠକ୍ କରି କଂପିବାକୁ ଆରମ୍ଭ କଲା । ହୁଏତ ତାର ଶିଶୁ ସୁଲଭ ସାରଲ୍ୟରେ ବିଶ୍ୱାସ ଇ କରିବସିଲା ଯେ ପୋଲିସ୍ ସତରେ ତାକୁ ବାନ୍ଧି ଥାନାକୁ ନେଇଯିବ । ଥରେ ଦୁଇଥର ଅସମଞ୍ଜସ ଭାବରେ 'ଭୁଲ୍ ହେଇଗଲା' ବୋଲି କହିବାକୁ ଚେଷ୍ଟା କରି ଅସଫଳ ହେଲା ଝିଅଟି । ଭୟଗ୍ରସ୍ତ ଗଳାରୁ ସ୍ୱର ଇ ନିର୍ଗତ ହେଲାନି ତାର । କଜଳ ନେସି ହେଇଯାଇଥିବା ବଡ ବଡ ଡୋଳାରେ ଲୁହ ଭର୍ତ୍ତି କରି ଝିଅଟି କେବଳ ବିନୀତ ଓ ଅନୁନୟ ପୂର୍ଣ୍ଣ ଚାହାଣୀରେ ମତେ ଚାହିଁ ଠିଆ ହେଇ ରହିଲା ମୋ ସାମ୍‌ନାରେ ।



Digitized by srujanika@gmail.com

ଏବଂ ଆଶ୍ଚର୍ଯ୍ୟ କଥା- ମୋ ସାମ୍ନାରେ ଠିଆ ହେଇଥିବା ସେହ ଡବଲ୍‌ବେଣୀ ବାନ୍ଧିଥିବା ଶୀର୍ଣ୍ଣ, ଶ୍ୟାମଳୀ ଝିଅଟି ସ୍ଥାନରେ ଆଜିଠୁ ଅର୍ଦ୍ଧଶତାବ୍ଦୀ ପୂର୍ବର ବାବୁରିବାଳ ରଖିଥିବା ପୁଚ୍‌କିଗାଲୀ ମୋଟିମାଟି ଗୋଟିଏ ଝିଅର  ଛବି ମୁଁ ଦେଖିବାକୁପାଇଲି । ସେଇ ଝିଅଟି, ଯିଏକି ତାରବାଡ ଟପି ଏଇଭଳି ଏକ ନିର୍ଜନ ମଧ୍ୟାହ୍ନରେ ଏକଦା ଦୁଇଟି ଗୋଲାପି ପିଜୁଳି ପଡିଶା ଘର ଗଛରୁ ତୋଳିକି ଆଣିବାକୁ ଚେଷ୍ଟା କରିଥିଲା ଏବଂ ଅଚାନକ୍ ଏକ ନିର୍ଦ୍ଦୟ ଚୌକିଦାର ହାତରେ ଧରାପଡିଥିଲା ।

ଝିଅଟିର କଚଟି ଚାରିପଟେ ଘେରି ରହିଥିବା ମୋର ଶକ୍ତ ହାତମୁଠା ଆପେ ଆପେ ଶିଥିଳ ହେବାକୁ ଆରମ୍ଭ କଲା । ତଳୁ ପିଜୁଳି ଯୋଡିକ ଉଠାଇ ମୁଁ ଝିଅଟି ହାତକୁ ବଢ଼େଇ ଦେଇ କହିଲି- ଯା ପଳା, ଆଜି ଦିନକ ଛାଡିଦେଲି ତତେ, ଆଉ କେବେ ଚୋରି କରିବୁନି ।

(ଏପ୍ରିଲ, ୨୦୦୩)

❑❑❑



Digitized by srujanika@gmail.com

# ନନ୍ଦନକାନନ

ରାଧା ଓ କୃଷ୍ଣ ଭୁବନେଶ୍ୱର ଆସି ନନ୍ଦନକାନନ ନଦେଖି ଫେରିଯିବା ପରେ ଇ ବିନୟଙ୍କ ସହିତ ଭୂସ୍ୱର୍ଗ କାଶ୍ମୀର ପରିଭ୍ରମଣ କରିପାରିନଥିବାର ଅନମନୀୟ କ୍ଷୋଭଟିକୁ ମୁଁ ଦମନ କରିବାରେ ସମର୍ଥ ହେଇଥିଲି । ପୂର୍ଣ୍ଣମାତ୍ରାରେ, ବିଭାଘରର ପ୍ରାୟ ପଇଁତିରିଶ ବର୍ଷପରେ ।

ନୂଆକରି ବିବାହିତ ଜୀବନ ଆରମ୍ଭ କଲାବେଳେ କେଉଁ ଏକ ଆବେଗପ୍ରବଣ ମୁହୂର୍ତ୍ତରେ ବିନୟ ମତେ କଥା ଦେଇଥିଲେ- ଯେତେ ଶୀଘ୍ର ପାରନ୍ତି କାଶ୍ମୀର ବୁଲେଇ ଆଣିବେ ବୋଲି । ଅଙ୍ଗୀକାରବଦ୍ଧ ହୋଇଥିଲେ ସୁଦ୍ଧା ସେ ଅଙ୍ଗୀକାର ଶେଷପର୍ଯ୍ୟନ୍ତ ସିଏ ପୂରଣ କରିପାରିନଥିଲେ । କାରଣ ଅବଶ୍ୟ ସେମିତି କିଛି ନଥିଲା । ଅର୍ଥନୈତିକ ସମସ୍ୟାତ ଆଦୌ ନୁହେଁ । ଅଫିସରୁ ଦଶପନ୍ଦରଦିନ ଛୁଟି ମିଳିବା ବି ଏଭଳି କିଛି ଅସାଧ କର୍ମ ନଥିଲା । ତେବେ ବି ନେଇ ପାରିନଥିଲେ । ବସ୍ତୁତଃ ଆମର ସେଇ ଚାପଲ୍ୟଭରା ଦୁର୍ଲଭ ଦିନଗୁଡିକ କଟିଥିଲା ତାଙ୍କର କର୍ମସ୍ଥଳୀରେ । ଆସାମର ଏକ ଅନାମଧେୟ ତନ୍ଦ୍ରାଳୁ ସହରରେ ।

ଅବସରଗ୍ରହଣ କରି ଭୁବନେଶ୍ୱର ଆସିଲାପରେ, ଅନେକଥର ମୋର ବାନ୍ଧବହୀନ ଏକାକୀ ଜୀବନର ବିଷଣ୍ଣତା ଲକ୍ଷ୍ୟ କରି ବିନୟ କହୁଥିଲେ- ଟଙ୍କା ତ ଅଛି, ମୁଁ ଟିକେଟ୍ କାଟିଦେଉଛି । କିଛିଦିନ ପୁଅପାଖକୁ ଆମେରିକା ଯାଇ ବୁଲିଆ । ମୁଁ ମାସେ ଦି' ମାସ ଚଳେଇନେବି କୌଣସିମତେ ।

ପୁରୁଣାକଥାର ଖିଅ ଧରି ମୁଁ କହୁଥିଲି- ଛାଡ, ଛାଡ । ତମ ଟଙ୍କା କଥା ଆଉ କୁହନା ମତେ । ବାହାଘର ପରେ କାଶ୍ମୀର ବୁଲେଇନବ ବୋଲି କହି ସୁଦ୍ଧା ଟଙ୍କା ଖର୍ଚ୍ଚ ହେଇଯିବାର ଭୟରେ ଶେଷପର୍ଯ୍ୟନ୍ତ ନେଲନି ମତେ । ଭୁଲିଗଲଣି ସେକଥା ?

- ସିଏ କଅଣ ଟଙ୍କା ଖର୍ଚ୍ଚ ହେଇଯିବାର ଭୟରେ ? ଯିବା ଯିବା କହି ଏମିତି ଇ ଯାଇହେଲାନି । କାହିଁକି ? ଆସାମର ସେଇ ଛୋଟ ସହରଟିରେ କଅଣ ଆମେ କିଛି ଖରାପ ଥିଲେ ? ବିନୟ ଟୀପଣୀ କାଟୁଥିଲେ ।



Digitized by srujanika@gmail.com

ମୁଁ ଉତ୍ତର ଦେଉଥିଲି- ଖରାପ ନୁହଁ ଆଉ କଅଣ ଭଲ ? ତୁମକୁ ସେତେବେଳେ କ୍ୱାର୍ଟର ମିଳିନଥାଏ । ଅଫିସର୍ସ ମେସ୍‌ର ବଖରେ ଘରେ ବସତି । କେଉଁଠି ଭୂସ୍ୱର୍ଗ କାଶ୍ମୀର ଆଉ କେଉଁଠି ଡେରଗାଓଁର ପୋଲିସ ମେସ୍‌ର ଚାରିନମ୍ବର ବଖରା ।

- ତେବେ ସୁଦ୍ଧା ବହୁତ ଖୁସି ଥିଲେ ଆମେ ସେଠି । ସେ ଖୁସି ପରେ ବହୁତ ବଡ ବଡ ବଙ୍ଗଲୋରେ ରହି ସୁଦ୍ଧା ଆମକୁ ମିଳିନି । ବିନୟ ଖବରକାଗଜ ପଢୁପଢୁ ଜବାବ ଦେଉଥିଲେ ।

- ଥାଉ, ଥାଉ । ଏ ବୟସରେ ଆଉ ସେ ପୁରୁଣା କଥାର ଢେର ଟାଣି ଲାଭ କଅଣ ? ତା' ଛଡା କଥାରେ ତୁମକୁ ପାରିବ ବା କିଏ ? ଏ ଆଲୋଚନାରେ ପୂର୍ଣ୍ଣଚ୍ଛେଦ ପକାଇ ହସିହସି ମୁଁ ମନ୍ତବ୍ୟ କରୁଥିଲି । ମନ୍ତବ୍ୟଟି ହସି ହସି କରୁଥିଲି ସତ; କିନ୍ତୁ ବିବାହିତ ଜୀବନର ପ୍ରାରମ୍ଭରେ ବିନୟଙ୍କୁ ସାଥିରେ ଧରି କାଶ୍ମୀର ଭ୍ରମଣ କରିପାରିନଥିବା ଅନୁଶୋଚନା ମନର କେଉଁ ଏକ ଅଜ୍ଞାତ ତିମିରାଚ୍ଛନ୍ନ କୋଣରେ ଅଭିମାନ କରି ଗୁମୁରି ମାରୁଥିଲା କିଛି ସମୟ ଧରି ।

ସେ ଅନୁଶୋଚନା ନିଶ୍ଚିହ୍ନ ହେଇଥିଲା କେବଳ ରାଧା ଓ କୃଷ୍ଣଙ୍କର ନନ୍ଦନକାନନ ଦେଖିନପାରିବାର ଘଟଣାଟିର ଚାକ୍ଷୁଷ ଅନୁଧାନ କରି ସାରିବା ପରେ ।

ରାଧାର ପିତା କଣ୍ଢ ଥିଲା ଆମ ପୈତୃକ ସଂପତ୍ତି ସଂଲଗ୍ନ କେଇମାଣ ଉର୍ବରା ଜମିର ଭାଗଚାଷୀ । ବର୍ଷରେ ଅନେକଥର କଟକ ଆସେ ବାପାଙ୍କ ପାଖକୁ । ଜମିଜମା ସଂକ୍ରାନ୍ତୀୟ ବିଭିନ୍ନ ସମସ୍ୟା ନେଇ । ଆସିଲାବେଳେ ବଡବଡ ଅଖାମୁଣିରେ ଭର୍ତ୍ତିକରି ନେଇଆସେ ଅରୁଆଚାଉଳ ଓ ମୁଗଜାଇ । କେବେ କେମିତି କ୍ଷେତରୁ ଅମଳ ହେଇଥିବା ମକା, ଚଣା, ଛଚିନ୍ଦ୍ରା ଓ ବିଲାତିବାଇଗଣ । ଗ୍ରାମ୍ୟ କୃଷକ । ସ୍ୱଭାବରେ କିନ୍ତୁ ବିନୀତ, ଭଦ୍ର ଓ ସଂଯତ ।

ବିଗତ ବର୍ଷ କଟକ ଗଲାବେଳେ କଣ୍ଢ ସହିତ ଦେଖା । ମତେ ଦେଖି ଇ ଯୋଡ ହସ୍ତରେ କଣ୍ଢ କରି ବସିଥିଲା ନିବେଦନଟି । ପାଦପାଖରେ ଚଟାଣରେ ବସି କହିଲା- ନାନୀ, ଯଦି ସାହସ ଦବ, ତମକୁ ଗୋଟିଏ କଥା କହିବି ।

- କି କଥା ? କହୁନୁ । ମୁଁ ପାନ ଭାଙ୍ଗୁଭାଙ୍ଗୁ ଉତ୍ତର ଦେଲି ।

- ଯାଭିତରେ ବଡଝିଅଟିକୁ ବାହା କରେଇଛି । ରାଧାକୁ ତ ପିଲାବେଳେ ଦେଖିଛ ତମେ ।

- ଆରେ ସିଏ ତ ନିହାତ କୁନି ଝିଅଟେ । ଏତେ ଶୀଘ୍ର ବାହା କରେଇଦେଲୁ ? ମୁଁ କହିଲି ।



Digitized by srujanika@gmail.com

- ଏଇ ମଗୁଶିରରେ ଚଉଦ ପୂରି ପନ୍ଦର ଚାଲିଲା । ଗରିବ ଘର । ତା ତଳକୁ ଆହୁରି ଯୋଡ଼ିଏ ଝିଅ ଅଛନ୍ତି । ପ୍ରସ୍ତାବ ଆପେଆପେ ଆସିଲା । ମନା କରିପାରିଲିନି । ସମୁଦି ମୋର ଥିଲାବାଲା ଲୋକ । ଭଲ ଜମିବାଡି ଅଛି । ତାଙ୍କର ଗୋଟିଏ ପୁଅ ତ । ସେଇଥି ପାଇଁ ବେଇଗି ବାହା କରିଦେଲେ । ଜ୍ୱାଇଁଙ୍କୁ ଜନ୍ମାରୁ କୋଡିଏ ବର୍ଷ । ନାଁ କୃଷ୍ଣ ।

- ଆରେ ବାଃ । ରାଧାକୁ କୃଷ୍ଣ । ନାଁରେ ତ ପୂରା ରାଜଯୋଟକ । ତେବେ ତୁ କଅଣ ଗୋଟିଏ କଥା କହିବୁ ବୋଲି କହୁଥିଲୁ ନା । ମୁଁ କଣ୍ଟକୁ ମନେ ପକାଇଦେଲି ।

କଣ୍ଟ କହିଲା- ଏଇ ରାଧା କଥା ନାନୀ । ତାର ଭାରି ଇଚ୍ଛା ଟିକିଏ ଭୁବନେଶ୍ୱର ଆସି ନନ୍ଦନକାନନ ଦେଖିବ । ଆରମାସରେ ଜ୍ୱାଇଁ ଡାକରା କରିବି । ସେତିକିବେଳେ ଜ୍ୱାଇଁ ଆସିଲେ ଦି' ଦିନ ପାଇଁ ଦିହିଙ୍କ ଯାକଙ୍କୁ ପଠେଇଦେବି ଭୁବନେଶ୍ୱର । ତମର ତ ବାରିରେ ବଖରାଏ ଆଉଟ୍‌ହାଉସ୍ ଘର ଖାଲି ପଡିଛି ବୋଲି କହୁଥିଲ । ତମର ଯଦି ଅସୁବିଧା ନହୁଏ ପିଲେ ଯୋଡେଦିନ ସେଇଠି ରହିଯାଆନ୍ତେ ।

- ଘର ଅବଶ୍ୟ ଖାଲି ପଡିଛି । ବିଜୁଳିବତୀ ବି ଲାଗିଛି । ଘରର ବଳକା ଖଟ, ଟେବୁଲ, ଚୌକୀ ବି ରଖା ହେଇଛି ସେଇଘରେ । ଚଳିବାରେ କିଛି ଅସୁବିଧା ହବନି । ତେବେ ଘରଟା ବହୁତ ଦିନ ହେଲା ବନ୍ଦ ଅଛି ତ । ଅପରିଷ୍କାର ହେଇଥିବ ।

- ଝିଅ ମୋର ଭାରି କାମିକା ନାନୀ । ଘର ଝାଡି ପୋଛି ନିଜେ ସଫା କରିନବ । ଆଉ ତାଙ୍କ ଖିଆପିଆ ନେଇ ତମେ ଜମା ବ୍ୟସ୍ତ ହବନି । ତମେ ଏକୁଟିଆ ମଣିଷ । ସେ ସବୁ ଜଂଜାଳକୁ ପାରିବନି । ତମ ଘରକୁ ଅନନ୍ତ ବାସୁଦେବ ମନ୍ଦିର ପାଖ । ସେମାନେ ସେଇଠି ଯାଇ ପ୍ରସାଦ ଖାଇଆସିବେ, କଣ୍ଟ କହିଲା । .

କଣ୍ଟର ପ୍ରସ୍ତାବରେ ନାମଙ୍ଗ ହେବାର କୌଣସି କାରଣ ନଥିଲା ଏବଂ ତହିଁରେ ମୁଁ ମୋର ସ୍ୱୀକୃତି ପ୍ରଦାନ କରିଥିଲି । କଣ୍ଟ କୃତ୍ୟକୃତ୍ୟ ହେଇ ଗଦ୍‌ଗଦ୍ ଗଳାରେ କହିଲା- ଈଶ୍ୱର ତମର ମଙ୍ଗଳ କରନ୍ତୁ ନାନୀ । ଗରିବ ଲୋକ । ଝିଅ ଯାଇ ଭୁବନେଶ୍ୱର ଭଳିଆ ଜାଗାରେ କେଉଁଠି ରହିଥାଆନ୍ତା କହିଲ । ତମରି କୃପାରୁ ତାର ନନ୍ଦନକାନନ ଦେଖା ହୋଇଯିବ ଅନ୍ତତଃ । ତମ ଘର ତ ମୁଁ ଦେଖିଛି । ଜ୍ୱାଇଁଙ୍କି ଠିକଣା ବତେଇଦେବି । ଆରମାସ ଆଡକୁ ଦିହେଁଯାକ ଯାଇ ଭୁବନେଶ୍ୱର ବୁଲିଆସିବେ ।

ରାଧା ଓ କୃଷ୍ଣ ଦିହେଁ ଆସି ଭୁବନେଶ୍ୱର ପହଞ୍ଚିଥିଲେ ଏହାର କିଛିଦିନ ପରେ । ଦିନେ ଅପରାହ୍ଣରେ କଲିଂବେଲ ବାଜିଲା । ଦରଜା ଖୋଲି ଦେଖେ ସାମ୍‌ନାରେ ଦଣ୍ଡାୟମାନ ସଲ୍ଲଜ ଓ ଅପ୍ରାପ୍ତବୟସ୍କ ଦମ୍ପତିଟିଏ । କୈଶୋରର କୋମଳତା ଓ କମନୀୟତା ଏବେ ବି ବିଦାୟ ନେଇନି ଦୁହିଁଙ୍କ ଚେହେରାରୁ । ଆଉମଇଲା ସାର୍ଟପ୍ୟାଣ୍ଟ ପିନ୍ଧିଥିବା କୁଞ୍ଚିତକେଶ ।



Digitized by srujanika@gmail.com

ତରୁଣଟିର ହାତରେ ସାନଟିଣ ସୁଟ୍‌କେଶ୍‌ଟିଏ । ପାଖରେ ସରୁ ଓଢ଼ଣା ଟାଣି ସତରଞ୍ଜିରେ ବନ୍ଧା ହୋଇଥିବା ବିଛଣାର ପୁଟୁଳିଟି ଛାତି ପାଖରେ ଜାକିଧରି ବିନମ୍ର ଭଙ୍ଗୀରେ ଠିଆ ହୋଇଛି ତାର ଚଞ୍ଚଳାକ୍ଷୀ କିଶୋରୀ ବଧୂଟି । ଝିଅଟିର କଜଳବୋଳା ଡବ୍‌ଡବ୍ ଡୋଳାରେ ଆଶଙ୍କା ଓ ଉତ୍ସୁକତାର ଛାପ । ନାକରେ ସୋରିଷ ଆକାରର ସୁନାଡିମ୍ବ । କପାଳରେ ମୋତିଲଗା ଟିକ୍‌ଲି । ଦୁହିଁଙ୍କ ଚେହେରାରେ ଯେମିତି ସବୁଜ ଧାନକ୍ଷେତର ଅକଳୁଷିତ ସତେଜାଭା ଉଙ୍କି ମାରୁଛି ରହିରହି ।

ଝିଅଟି ଭୀରୁ କଣ୍ଠରେ ପରିଚୟ ଦେଲା ନିଜର- କୃଷ୍ଣର କନ୍ୟା ରାଧା ବୋଲି ।

- ହଁ, ହଁ, କୃଷ୍ଣ କହୁଥିଲା ତମ ଦି' ଜଣଙ୍କ କଥା । ତୋର କୁଆଡେ ଭାରି ଇଚ୍ଛା ନନ୍ଦନକାନନ ଦେଖିବାକୁ ପରା ! ମୁଁ ରାଧା ଆଡକୁ ଅନାଇଁ କହିଲି । ରାଧା ମୃଦୁ ହସି ଅନୁଚ୍ଚ ସ୍ୱରରେ କହିଲା- ହଁ ନାନୀ । ଭାରି ଇଚ୍ଛା । ସେଇଥିପାଇଁ ତ ଆସିଲି ଭୁବନେଶ୍ୱର ।

ରାଧା ଓ କୃଷ୍ଣଙ୍କୁ ଚାହା ଜଳପାନ ଖୁଆଇ ସାରି ବଗିଚାରେ ଥିବା ଆଜବେଷ୍ଟସ୍ ଘରଟି ତାଲା ଖୋଲି ଦେଖାଇଦେଲି । ପାଖରେ ଥିବା ଟିଉବ୍‌ୱେଲ ଏବଂ ଗାଧୁଆଘରଟି ମଧ୍ୟ । ତାଲାଚାବି କୃଷ୍ଣ ହାତକୁ ଦେଇ କହିଲି- ଯେତେବେଳେ ବାହାରକୁ ଯିବ, ଘରେ ତାଲା ଦେଇଦବ ।

ରାଧା ସତରେ ଥିଲା କର୍ମନିପୁଣା । ମୋଠାରୁ ଝାଡୁ ଓ ବାଲ୍‌ଟି ନେଇ୍ ଘରଟିକୁ ଧୁଆଧୋଇ କରି ପରିଷ୍କାର କରି ପକାଇଲା ତତ୍‌କ୍ଷଣାତ । ସେମାନଙ୍କୁ ଆରାମ କରିବାକୁ କହି ତଥା କିଛି ଅସୁବିଧା ହେଲେ ମତେ ଜଣାଇବାକୁ ନିର୍ଦ୍ଦେଶ କରି ମୁଁ ଉଦ୍ୟତ ହେଲି ଘରକୁ ଆସିବାକୁ । ଠିକ୍ ଆସିବା ପୂର୍ବରୁ ମତେ କୃଷ୍ଣ ପଚାରିଲା- ନାନୀ, ଏଠୁ ନନ୍ଦନକାନନ କେମିତି ଯିବାକୁ ହୁଏ ? ଆମେ ତ ବାଟ ଜାଣିନୁ । ରାଧା କହୁଛି କାଲି ଯାଇ ନନ୍ଦନକାନନ ଦେଖି ଆସିବା । ପଅରଦିନ ଏଇ ଭୁବନେଶ୍ୱର ଭିତରେ ଯାହା ଟିକିଏ ବୁଲାବୁଲି । ତା' ପରଦିନ ଯେମିତି ହେଲେ ଗାଆଁକୁ ଫେରିଯିବାକୁ ହବ । ବାପା କହିଛନ୍ତି ଦି' ଦିନରେ ଫେରି ଆସିବାକୁ । ନଗଲେ ବ୍ୟସ୍ତ ହେବେ ସିଆଡେ ।

ମୁଁ କହିଲି - ଏଠୁ ନନ୍ଦନକାନନ ଯିବାରେ କିଛି ଅସୁବିଧା ନାହିଁ । ତୁ କଳ୍ପନାଛକ ଦେଖିଛୁତ ? ଏଇଠି ପାଖରେ, ମେନ୍‌ରୋଡ ଧରି ସିଧା ଅଳ୍ପବାଟ ଗଲେ ।

କଳ୍ପନାଛକ ଜାଣିଛି ନାନୀ । ଆରବର୍ଷ ଅଶୋକାଷ୍ଟମୀକୁ ଗାଁ ଲୋକଙ୍କ ସାଥିରେ ଭୁବନେଶ୍ୱର ଆସିଥିଲି । ଏପଟର ରାସ୍ତାଘାଟ କିଛି କିଛି ଜଣା ଅଛି ମତେ । କୃଷ୍ଣ କହିଲା ।

- ଆଉ ତାହେଲେ ଅସୁବିଧା କଅଣ ? କଳ୍ପନାଛକ ଉପରେ ଇ ବସ୍‌ଷ୍ଟାଣ୍ଡ । କଳିଙ୍ଗ ଅଶୋକ ହୋଟେଲ ପାଖରେ । ନନ୍ଦନକାନନକୁ ଅନବରତ ବସ୍ ଯାଉଛି ସେଇଠୁ । ଯାହାକୁ



Digitized by srujanika@gmail.com

ପଚାରିଲେ ବି ସିଏ ବତେଇଦବ । କୃଷ୍ଣକୁ ନନ୍ଦନକାନନ ରାସ୍ତା .ସଂପର୍କରେ ସବିଶେଷ ସୂଚନା ଦେଇ ମୁଁ ଲେଉଟି ଆସିଲି ଘରକୁ ।

ପରଦିନ ସକାଳେ ଦେଖିଲି ସ୍ନାନାନ୍ତେ ପରିଚ୍ଛନ୍ନ ଲୁଗାପଟା ପିନ୍ଧି ବାହାରକୁ ଯିବାପାଇଁ ଉଦ୍ୟତ ହେଉଛନ୍ତି ରାଧା ଓ କୃଷ୍ଣ । ମତେ ଦେଖି ଜଣାଇଲେ ଯେ ସେମାନେ ଏବେ ଅନନ୍ତ ବାସୁଦେବ ମନ୍ଦିର ଯାଉଛନ୍ତି । ସେଠି ପ୍ରସାଦ ସେବନ କରି ସିଧା ଚାଲିଯିବେ କନ୍ଧନାଛକ । ଏବଂ ସେଠାରୁ ବସ୍ ଧରି ନନ୍ଦନକାନନ । ନିରେଖି ଚାହିଁଲି । ସଜଫୁଟା କଇଁଫୁଲ ପରି ଭାରି ପ୍ରାଣବନ୍ତ, ଭାରି ଉତ୍‌ଫୁଲ୍ଲ ଦିଶୁଥିଲା ରାଧାର ପାନପତ୍ର ଛାଞ୍ଚର ସଫାଗୋରା ମୁହଁଟି । ଭାବିଲି, ତା ସ୍ୱପ୍ନର ନନ୍ଦନକାନନ ଦେଖିବାକୁ ସୁଯୋଗ ପାଉଥିବାର ଖୁସିରେ ନିଶ୍ଚୟ ।

ଅପରାହ୍ନରେ ବାରିପଟ ଫଳଗଛରେ ପାଣିଦେବା ପାଇଁ ଯାଇ ଦେଖେ, ଆଉଟ୍‌ହାଉସ୍ ଘରର ଦରଜା ଭିତରେ ପାଖରୁ ବନ୍ଦ । ବୁଝି ପାରିଲି ରାଧା ଓ କୃଷ୍ଣ ନନ୍ଦନକାନନ ଦେଖି ଯା ଭିତରେ ଫେରି ଆସିଛନ୍ତି ହୁଏତ । କିଛି ସମୟ ପାଇଁ ବିଛଣାରେ ଗଡି କ୍ଲାନ୍ତି ଅପନୋଦନର ଚେଷ୍ଟା କରୁଛନ୍ତି ଏବେ ।

ମୋର ଭାବନାକୁ ପ୍ରତିହତ କରି ଠିକ୍ ଏତିକିବେଳକୁ କୃଷ୍ଣ ଦରଜା ଖୋଲି ବାହାରକୁ ଆସିଲା । ହୁଏତ ମୋର ଟିଉବ୍‌ୱେଲ ମାରିବାର ଶବ୍ଦ ବ୍ୟାଘାତ ଘଟାଇଥିଲା ତା ନିଦ୍ରାରେ । ପଚାରିଲି- କିରେ କୃଷ୍ଣ । ରାଧାକୁ କେମିତି ଲାଗିଲା ନନ୍ଦନକାନନ ? କେତେବେଳେ ଫେରିଲ ତମେ ସବୁ ?

କୃଷ୍ଣ କିନ୍ତୁ ମୋ ପ୍ରଶ୍ନର ଉତ୍ତର ନଦେଇ କିଛି ସମୟ ପାଇଁ ନିମ୍ନଗାମୀ ଦୃଷ୍ଟି ନେଇ ନୀରବରେ ଠିଆ ହେଇ ରହିଲା । ତାପରେ ଈଷତ୍ ଦ୍ୱିଧା ତଥା ସଙ୍କୋଚ ମିଶ୍ରିତ ଗଳାରେ କହିଲା- ଆଜି ଆଉ ନନ୍ଦନକାନନ ଯାଇ ହେଲାନି ନାନୀ । ଖାଇସାରିଲା ପରେ ରାଧା କହିଲା, ପେଟେ ଖାଇଦେଇଛି, ଆଉ ଚାଲିପାରିବିନି । କିଛି ସମୟ ଆରାମ କରିବୁ ବୋଲି ଘରକୁ ଚାଲିଆସିଲୁ । ଆଉ ,ତା' ପରେ ବାହାରିବୁ ବାହାରିବୁ କହି ଡେରିହୋଇଗଲା ।

ଦେଖନା ! ତୁଚ୍ଛାଟାକୁ ଗୋଟେ ଦିନ ବରବାଦ୍ କଲ । ଆଉ ତ ଗୋଟେ ଦିନ ରହିଲା । କାଲିକି ଯେମିତି ହେଲେ ଯାଇ ଦେଖି ଆସିବ । କଣ୍ଣ କହୁଥିଲା ନନ୍ଦନକାନନ ଦେଖିବ ବୋଲି କୁଆଡେ ରାଧା ରାତି  ଶୋଉ ନଥିଲା । ଦେଖି ନପାରିଲେ ଅବଶୋଷ ରହିଯିବ ତା' ମନରେ ।

କୃଷ୍ଣ କହିଲା - ଠିକ୍ କହୁଛ ନାନୀ । କାଲି ଯେମିତି ହେଲେ ଯିବୁ । ଏତେବାଟ ଆସିଲୁ ଯେ ଖାସ୍ ସେଇଥିପାଇଁ ।

ମୁଁ କହିଲି - କାଲି କିନ୍ତୁ ମୁଁ ଘରେ ରହିବିନି । ମୋ ଭଉଣୀର ଝିଅର ଜନ୍ମଦିନ । ମୁଁ



Digitized by srujanika@gmail.com

ସକାଳୁ ଚାଲିଯିବି ଶହୀଦନଗର । ଖିଆପିଆ ସାରି ଫେରିବି ରାତିକି । ଭାଇନା ଘରେ ରହିବେ । ତମେମାନେ ବାହାରକୁ ଗଲାବେଳେ ତାଙ୍କୁ କହିଦେଇକି ଯିବ । ମୋ କଥା ଶୁଣି ଅସ୍ତିସୂଚକ ମୁଣ୍ଡ ହଲେଇଲା କୃଷ୍ଣ ।

ତା' ପରଦିନ ମୋର ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ମୁଁ ମୋ ସାନ ଭଉଣୀ ଘରକୁ ଚାଲିଗଲି ସକାଳୁ ଉଠି । ଘରକୁ ଲେଉଟିଲି ପ୍ରାୟ ରାତି ଦଶଟାରେ । ଝରକାବାଟେ ଚାହିଁ ଦେଖିଲି, ଆଉଟ୍‌ହାଉସ୍ ଘରର କବାଟ ଭିତରୁ ବନ୍ଦ । ବୁଝିପାରିଲି ରାଧା ଓ କୃଷ୍ଣ ଦିହେଁ ଗଭୀର ନିଦ୍ରାମଗ୍ନ । ଭାବିଲି, ଆହା ! ନନ୍ଦନକାନନ ତ ମସ୍ତବଡ ପରିସର । ବୁଲିବୁଲି ରାଧା ଥକିଯାଇଥିବ ନିଶ୍ଚୟ । ଖୁସି ବି ଲାଗିଲା କଣ୍ଟକୁ ଦେଇଥିବା ବଚନ ମୁଁ ରକ୍ଷା କରି ପାରିଛି ଭାବି ।  ତା ଝିଅକୁ ନନ୍ଦନକାନନ ଦେଖେଇ ଦେବାରେ ସହାୟକ ହୋଇପାରିଛି ଭାବି ।

ଟିଫିନ୍ କାରିୟର୍ ଖୋଲି ସାଥିରେ ଆଣିଥିବା ଭୋଜ୍ୟବସ୍ତୁ ବିନୟଙ୍କୁ ପରଶୁ ପରଶୁ ମୁଁ ତାଙ୍କୁ ପଚାରିଲି - ରାଧାକୃଷ୍ଣ କେତେବେଳକୁ ଫେରିଲେ ଆଜି ?

- ଫେରିଲେ ମାନେ ? ସେମାନଙ୍କର କୁଆଡେ ଯିବାର କଥା ଥିଲା ନା କଅଣ ?

- ସେମାନେ ଆଜି ନନ୍ଦନକାନନ ଯିବା କଥା ଥିଲା । ତାଙ୍କୁ କହିଥିଲି ଯିବା ଆଗରୁ ତମକୁ ଜଣେଇକି ଯିବାପାଇଁ । ତମକୁ କିଛି କହିନାହାନ୍ତି ?

- ନାଇଁ ମତେ କିଛି କହିନାହାନ୍ତି ତ । ସେମାନେ ଆଉ ଗଲେ କେତେବେଳେ ? ମୁଁ ତ ଯେତେବେଳେ ଝରକା ଫାଙ୍କରେ ଚାହିଁଛି, ତାଙ୍କ ଘରର କବାଟ ଭିତରୁ ବନ୍ଦ ଥିବାର ଦେଖିଛି । ବାହାରକୁ ଯାଇଥିଲେ ତ କଡାରେ ତାଲା ଝୁଲୁଥାଆନ୍ତା । ଚକୋଲେଟ୍ କେକ୍‌ରୁ ଟୁକୁଡାଏ କାଟି ମୁହଁରେ ପୂରାଉ ପୂରାଉ ଅନ୍ୟମନସ୍କ ଭାବରେ ଜବାବ ଦେଲେ ବିନୟ ।

ମୁଁ କିନ୍ତୁ ବିନୟଙ୍କ କଥାକୁ ବିଶ୍ୱାସ କରିପାରିଲିନି । କେବଳ ନନ୍ଦନକାନନ ଦେଖିବା ପାଇଁ ଇ ଭୁବନେଶ୍ୱର ଆସିଥିଲେ ରାଧାକୃଷ୍ଣ । ଦୁଇଦିନ ତୁଚ୍ଛାଟାରେ ଘରେ ବସି ନନ୍ଦନକାନନ ନଦେଖି ସେମାନେ ଫେରିଯିବେ ବା କାହିଁକି ? ସେମାନଙ୍କର ଏଭଳି କ୍ରିୟାକଳାପର ଯୁକ୍ତିଯୁକ୍ତ କାରଣ ବା କଅଣ ହେଇପାରେ ? ମନେହେଲା ବିନୟ ହୁଏତ ସଠିକ୍ ଭାବରେ ଜାଣନ୍ତିନି ସେମାନଙ୍କର ବୁଲିଯିବାର କଥାଟି ।

ପରଦିନ ସକାଳ ସାତଟାରେ ମୁଁ ବାରଣ୍ଡାରେ ବସି ଚାହା ପିଉଛି । ଉଭୟ ରାଧା ଓ କୃଷ୍ଣ ବିଛଣାର ପୁଟୁଳି ତଥା ଟିଣ ସୁଟକେଶ ସମେତ ଆସି ହାଜର ହେଲେ ମୋ ସାମ୍‌ନାରେ । ବୁଝିପାରିଲି, ସେମାନଙ୍କର ଫେରନ୍ତା ଯାତ୍ରାର ସମୟ ଉପଗତ ।

ଶ୍ରଦ୍ଧାର ସହ ମୋର ଚରଣ ସ୍ପର୍ଶ କରି ଦୁହେଁ ଜୁହାର ହେଲେ ମତେ । ମୋ ହାତକୁ



Digitized by srujanika@gmail.com

ତାଲା ଚାବି ବଢ଼ାଇ ଦେଉଦେଉ ରାଧା ବିନୀତ କଣ୍ଠରେ କହିଲା- ନାନୀ, ଆମ ଗାଁ ବସ ଆଠଟାରେ ଛାଡ଼ିବ । ଆମେ ବାହାରିଲୁ । ତୁମକୁ ହଇରାଣ କରିଗଲୁ ବହୁତ । ମନରେ ଧରିବନି । ଆରଜନ୍ମରେ ତମ ବାରିରେ ଶାଗପଟାଳି ହେଇ ତମ ଋଣ ସୁଝିବୁ ।

ଗତ ରାତ୍ରିରେ ବିନୟ କରିଥିବା ମନ୍ତବ୍ୟକୁ ସ୍ମରଣ କରି ମୁଁ ସାମାନ୍ୟ ସନ୍ଦିଗ୍ଧ ଗଳାରେ ପଚାରିଲି - ତମେ ଦିଁ ଜଣ କାଲି ନନ୍ଦନକାନନ ଗଲ ନା ନାହିଁ ? ତମ ଭାଇନା କହୁଛନ୍ତି କୁଆଡେ ସାରାଦିନ ଧରି  ତମେମାନେ  କାଲି ଘରୁ ବାହାରିନ । ସତରେ ଯାଇନ ନନ୍ଦନକାନନ ?  ନା ତମ ଭାଇନା ଭୁଲ କହୁଛନ୍ତି ?

ଉଭୟ ରାଧା ଏବଂ କୃଷ୍ଣ କେହି ହେଲେବି ମୋ ପ୍ରଶ୍ନର ଉତ୍ତର ତତ୍‌କ୍ଷଣାତ ଦେଲେନି । ଫଳସ୍ୱରୂପ ମୁଁ ପ୍ରଶ୍ନଟି ପୁନର୍ବାର ଦୋହରାଇବାକୁ ବାଧ ହେଲି । ଏବଂ ଏଥରକ ଅନୁଚ୍ଚ ସ୍ୱରରେ ତଥା ସଙ୍କୋଚର ଭଙ୍ଗୀରେ ଦୋଦୋପାଞ୍ଚ ହେଇ ଜବାବ୍ ଦେଲା କୃଷ୍ଣ । କହିଲା- ନାନୀ, ଭାଇନା ଠିକ୍ କହୁଛନ୍ତି । କାଲି ବି ନନ୍ଦନକାନନ ଯିବା ହେଇ ପାରିଲାନି ଆମର ।

ବିସ୍ମୟର ଆତିଶଯ୍ୟରେ ଡୋଳା ବିସ୍ତାରିତ କରି ମୁଁ କହିଲି- ଯାଇନ ? କାଲି ବି ଯିବା ହେଇପାରିଲାନି ତମର ? ଆଶ୍ଚର୍ଯ୍ୟ ପିଲା ତ ତମେ ଦୁହେଁ ! ଏତେ ପଇସା ଖର୍ଚ୍ଚ କରି ଏତେବାଟରୁ ଆସିଲ ଖାସ୍ ନନ୍ଦନକାନନ ଦେଖିବା ପାଇଁ । ଅଥଚ ନନ୍ଦନକାନନ ନଯାଇ ତୁଚ୍ଛାଟାରେ ଦୁଇଦୁଇଟା ଦିନ ସେ ବଖରାଏ ଅନ୍ଧାରୁଆ ଘରେ ବସି କଟେଇ ଦେଲ ? ବୋକା ଆଉ କାହାକୁ କହନ୍ତି !

କଥା ମଝିରେ ସାମାନ୍ୟ ଅଟକି, ମୋର ଏଇ କ୍ଷୁଦ୍ର ଭାଷଣଟି ସହିତ ଅନ୍ୟ କେତୋଟି ବାକ୍ୟ ସଂଯୋଜନା କରି ତାହାକୁ ଅଳ୍ପବହୁତ ଦୀର୍ଘତର କରିବାକୁ ମୁଁ ଉଦ୍ୟତ ହେଉଥିଲି । ଉଦ୍ୟତ ହେଉଥିଲି ରାଧାକୃଷ୍ଣ ଉଭୟଙ୍କୁ ସଚେତନ କରିଦେବା ପାଇଁ ଯେ ନନ୍ଦନକାନନ ନଯାଇ ଘର ଭିତରେ ଦୁଇଜଣ ଯାକ ବେକାର୍‌ଟାରେ ବସିରହିବା କେବଳ ଯେ ସମୟର ଅପଚୟ ସାବ୍ୟସ୍ତ କରୁଥିଲା ତାହା ନୁହେଁ, ଦୁହିଁଙ୍କର ନିର୍ବୋଧତାକୁ ସନ୍ଦେହବିହୀନ ଭାବରେ ଜାହିର୍ କରୁଥିଲା ମଧ ।

କିନ୍ତୁ ମୁଁ ଏସବୁ କିଛି ବି କରିପାରିଲିନି । କାରଣ ମୋ ଦୃଷ୍ଟି ଅଚାନକ ରାଧାର ମୁଖମଣ୍ଡଳ ଉପରେ ନ୍ୟସ୍ତ ହେଲା ଏବଂ ତାର ସୁଡୌଲ କପୋଳ ଉପରେ ଖେଳିବୁଲୁଥିବା ତୃପ୍ତିମୟ ଲଜ୍ଜାର କମନୀୟ କାରୁକାର୍ଯ୍ୟ ହଠାତ୍ ଯେମିତି ଏକ ଅନାବିଷ୍କୃତ ସୁଡଙ୍ଗର ବାଟ ଖୋଲିଦେଲା ମୋ ପାଇଁ । ହଠାତ୍ ଯେମିତି ପୂର୍ବାପର ସଙ୍ଗତି ସହ ସରଳାର୍ଥ କରି ବୁଝେଇ ଦେଲା ଏକ ଅବୋଧ୍ୟ କବିତାର ଅନ୍ତିମ ପଂକ୍ତିସମୂହ । ମୁଁ ବୁଝିପାରିଲି,  ନିର୍ବୋଧ ରାଧା ନୁହେଁ, ନିର୍ବୋଧ ମୁଁ । ବୁଝି ପାରିଲି ଯେ ରାଧା ଓ କୃଷ୍ଣ ଦୁହେଁ ମିଶି କ୍ରମାଗତ ଦୁଇଦିନ ଧରି ସ୍ୱର୍ଗର ନନ୍ଦନକାନନ ରଚନା କରିଗଲେ ମୋ ବଗିଚାରେ ଥିବା ଗୋଟିଏ ଦରଭଙ୍ଗା.



Digitized by srujanika@gmail.com

ନିବୁଜ କୋଠରୀ ଭିତରେ । ସେ ନନ୍ଦନକାନନରେ ପହଞ୍ଚିବା ପାଇଁ ଟିକେଟ୍ କାଟି ବସ୍‌ଯାତ୍ରା କରିବା ଦରକାର ନଥିଲା । ସେ ନନ୍ଦନକାନନ ଥିଲା ହାତପାଆନ୍ତାରେ । ପ୍ରୀତିର ପାର୍ବଣରେ ଏବଂ ପରମ ବିଶ୍ୱାସର ସହିତ ପରସ୍ପର ଭିତରେ ନିମଗ୍ନ ହେବାରେ । ବୁଝିପାରିଲି, ନିର୍ବୋଧ ରାଧା ନୁହେଁ, ନିର୍ବୋଧ ମୁଁ ।

ମୋର ମନେହେଲା, ରାଧା ଓ କୃଷ୍ଣ ସତେ ଯେମିତି ମୋ ହାତଧରି ଟାଣି ଟାଣି ମତେ ନେଇଯାଉଛନ୍ତି ଫିକାଫିକା ରଂଗ ଧରି ଆସିଥିବା ମୋର ପଇଁତିରିଶ ବର୍ଷ ତଳର ଅତୀତକୁ, ଆସାମ ପ୍ରଦେଶର ଏକ ଅନାମଧେୟ ତନ୍ଦ୍ରାଳୁ ସହରକୁ । ଆଖି ଆଗରେ ସତେ ଅବା ମୁଁ ଦେଖିବାକୁ ପାଇଲି ସେଇ ଅନାମଧେୟ ତନ୍ଦ୍ରାଳୁ ସହରର ଅଫିସର୍ସ ମେସ୍‌ର ବଖରାଏ ଘରେ ନୂଆ କରି ସଂସାର ପାତିଥିବା ଏକ ସୁକୁମାର ଦମ୍ପତିଙ୍କର ଛାୟାଚିତ୍ରକୁ ।

ବୁଝିପାରିଲି- ଯଦିଓ ଡେରିରେ, ଯେ ଅଫିସର୍ସ ମେସ୍‌ର ସେଇ ବଖରାଏ ଘର ଭିତରକୁ କେବେ ଦିନେ ସ୍ୱର୍ଗ ଓହ୍ଲେଇ ଆସିଥିଲା ଥିରି ଥିରି ପାଦରେ । ଏବଂ ସେ ସ୍ୱର୍ଗର ସୁଷମା, ଭୂସ୍ୱର୍ଗ କାଶ୍ମୀରର ସୁଷମା ଅନୁପାତରେ ଥିଲା ଯଥେଷ୍ଟ ବେଶି ।

(ଏପ୍ରିଲ, ୨୦୦୩)

❑❑❑



Digitized by srujanika@gmail.com



କାନନ ମିଶ୍ର ସାମ୍ପ୍ରତିକ ଓଡ଼ିଆ ସାହିତ୍ୟରେ ଏକ ଜଣା ଶୁଣା ନାଁ । କବିତା, କ୍ଷୁଦ୍ର ଗଳ୍ପ, ଫିଚର, ସ୍ମୃତିଲେଖା ତଥା ଶିଶୁ ସାହିତ୍ୟ-ସାହିତ୍ୟର ପ୍ରାୟ ସମସ୍ତ ବିଭାଗ ତାଙ୍କ ଲେଖନୀ ଚାଳନାରେ ଋଦ୍ଧିମନ୍ତ । ତାଙ୍କ ଗଦ୍ୟ ରଚନାରେ ତାଙ୍କର ସ୍ୱକୀୟତାର ଛାପ ସହଜରେ ବାରି ହୋଇପଡେ । ବ୍ୟକ୍ତିଗତ ଜୀବନର ସାନ ସାନ ଘଟଣା ସବୁ ରୂପ ପାଲଟାଇ କାହାଣୀ ହୋଇଯାଆନ୍ତି ତାଙ୍କ ଲେଖନୀର ସ୍ପର୍ଶରେ ।

ଜନ୍ମ ସ୍ଥାନ : କଟକ

ପିତା : ୰ଡ଼ କୁଞ୍ଜବିହାରୀ ତ୍ରିପାଠୀ

ମାତା : ୰ ଶ୍ରୀମତୀ ସୁରେଖା ତ୍ରିପାଠୀ

ଶିକ୍ଷାଗତ ଯୋଗ୍ୟତା : ଏମ.ଏ. (ଇଂରାଜୀ),
ଏମ୍.ଏ. (ଓଡ଼ିଆ), ଏମ୍.ଲିଟ୍ (ତୁଳନାତ୍ମକ ସାହିତ୍ୟ)

ପୁରସ୍କାର : ଆଗାମୀ ଶତାବ୍ଦୀ, ପ୍ରଜାତନ୍ତ୍ର ପ୍ରଚାର ସମିତି, ଫକୀରମୋହନ ସାହିତ୍ୟ ପରିଷଦ, ସୁଧନ୍ୟା ତଥା ପ୍ରତିଭାସିକ୍ତ ଦ୍ୱାରା ସମ୍ମାନିତ ଓ ପୁରସ୍କୃତ ।

ରଚନାବଳୀ

ଓଡ଼ିଆ :

ବହିମେଳାରୁ ବୟ ଫ୍ରେଣ୍ଡ ପର୍ଯ୍ୟନ୍ତ - ଗଳ୍ପ ସଙ୍କଳନ
ଅଧାଲେଖା ଦସ୍ତାବିଜ - ଗଳ୍ପ ସଙ୍କଳନ
ଗପ ସପ - ଫିଚର ସଙ୍କଳନ
ତୀର୍ଥ - କବିତା ସଙ୍କଳନ
କାଗଜ ଡଙ୍ଗା - ଶିଶୁ କବିତା ସଙ୍କଳନ
ଟୁପୁରୁ ଟୁପୁରୁ ବରଷେ ପାଣି - ଶିଶୁ କବିତା ସଙ୍କଳନ
ହୀରା ମୋତି ମାଣିକ - ଶିଶୁ କବିତା ସଙ୍କଳନ
କାଇଁଚ ମାଳି - ଶିଶୁ କବିତା ସଙ୍କଳନ
ନବ ସାକ୍ଷରଙ୍କ ପାଇଁ କବିତା
ଓଡ଼ିଆ ପଦ୍ୟ ମହାକାବ୍ୟର କ୍ରମବିକାଶ - ସମାଲୋଚନା ଗ୍ରନ୍ଥ

ଇଂରାଜୀ : Tryst with life- A collection of memories

ବିଦ୍ୟାଭାରତୀ

Digitized by srujanika@gmail.com